RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in


# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI




କିଆରାଙ୍କ 'ଟକ୍ସିକ୍' ଲୁକ୍
▶ପୃଷ୍ଠା ୧୧ ଦେଖନ୍ତୁ...

♦VOLUME- 43 ♦ISSUE-180 ♦FRIDAY ♦26 DECEMBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୮୦ ♦ଶୁକ୍ରବାର ♦୨୬ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦

# ଓଡ଼ିଶାକୁ କମିଲା କେନ୍ଦ୍ରୀୟ ଅନୁଦାନ

## ୭ ଯୋଜନାରେ ଅନୁଦାନ ହ୍ରାସ; ମନ୍ଥର ହେବ ଗ୍ରାମୀଣ ବିକାଶ

■ ଭୁବନେଶ୍ୱର, ୨୫।୧୨ (ସମିସ): ଡବଲ ଇଞ୍ଜିନ ସରକାରରେ ଓଡ଼ିଶାରେ ବିକାଶର ଗତି ଡବଲ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲା ବିଜେପି। ମାତ୍ର କ୍ଷମତାକୁ ଆସିବାର ବର୍ଷକ ମଧ୍ୟରେ ଏହି ପ୍ରତିଶ୍ରୁତି ଓ ବାସ୍ତବତା ମଧ୍ୟରେ ଅନେକ ଫରକ ଜଳଜଳ ଦିଶୁଛି। କେନ୍ଦ୍ର ସରକାର ୭ଟି ଯୋଜନାରେ ଓଡ଼ିଶାକୁ ମିଳୁଥିବା ଅର୍ଥ ହ୍ରାସ ପରେ ଏବେ ଓଡ଼ିଶାବାସୀଙ୍କ ମନରେ ଅସନ୍ତୋଷ ଦାନା ବାନ୍ଧିବା ଆରମ୍ଭ କରିଛି। ସବୁ ଯୋଜନାଗୁଡ଼ିକ ଗ୍ରାମ୍ୟ ଉନ୍ନୟନ ସହ ସଂପୃକ୍ତ ଥିବାବେଳେ ଏହା ରାଜ୍ୟର ଗ୍ରାମ୍ୟ ଭିତ୍ତିଭୂମି ବିକାଶ ଉପରେ ବ୍ୟାପକ ପ୍ରଭାବ ପକାଇବା ନେଇ ଆଶଙ୍କା ସୃଷ୍ଟି ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ଏହି ୮ଟି ଯୋଜନା ମଧ୍ୟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମଜିଏନଆରଇଜିଏସ), ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ), ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା, ଦୀନ୍‌ଦୟାଲ ଅନ୍ତ୍ୟୋଦୟ ଯୋଜନା-ଜାତୀୟ ଗ୍ରାମୀଣ ଜୀବିକା

### 'ଆବାସ'ରେ କଟିଲା ୩୪୮୫ କୋଟି ଟଙ୍କା

### ଗ୍ରାମୀଣ କର୍ମନିଯୁକ୍ତିରେ କମିଲା ୧୧୪୨ କୋଟି

ମିଶନ, ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା, ଜାତୀୟସାମାଜିକ ସହାୟତା କାର୍ଯ୍ୟକ୍ରମ ଏବଂ ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା(୨.୦) ସାମିଲ ରହିଛି। ଏମଜିଏନଆରଇଜିଏସ ୨୦୨୩-୨୪ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ଓଡ଼ିଶାକୁ ୪୯୦୬ କୋଟି ଟଙ୍କା ପ୍ରଦାନ କରିଥିଲେ। ମାତ୍ର ୨୦୨୪-୨୮ ବର୍ଷରେ କେନ୍ଦ୍ର ସରକାର ପ୍ରାୟ ୧୧୪୨ କୋଟି ଟଙ୍କା ହ୍ରାସ କରି ୩୭୬୩ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଏବେ 'ମନରେଗା' ଉଚ୍ଛେଦ କରାଯାଇ ଭିବି ଜି ରାମ ଜି ଯୋଜନା ଆରମ୍ଭ ହେବା ପରେ ରାଜ୍ୟ ସରକାରଙ୍କ ଉପରେ ଅଧିକ ବୋଝ ବଢ଼ିଛି।

ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ୨୦୨୩-୨୪ରେ କେନ୍ଦ୍ର ସରକାର ୪୩୧୦ କୋଟି ଟଙ୍କା ମଞ୍ଜୁର କରିଥିଲେ। ମାତ୍ର ୨୦୨୪-୨୫ରେ ଏଥିରେ ୩୪୮୫ କୋଟି ଟଙ୍କା କାଟିଦେଲେ। ଗତ ଆର୍ଥିକ ବର୍ଷରେ କେନ୍ଦ୍ର ଏ ଯୋଜନା ବାବଦରେ ଓଡ଼ିଶାକୁ ମାତ୍ର ୮୨୫ କୋଟି ଟଙ୍କା ଦେଇଥିବା ବେଳେ ଏଥିଯୋଗୁଁ ରାଜ୍ୟର କଚ୍ଚାଘରକୁ ପକ୍କାଘରରେ ପରିଣତ ଯୋଜନା ମନ୍ଥର ହୋଇ ଯାଇଛି। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ୨୦୨୩-୨୪ରେ ୧୨୬୨ କୋଟି ଟଙ୍କା ଓଡ଼ିଶାକୁ ମିଳିଥିଲା। ୨୦୨୪-୨୫ ମସିହାରେ ଏଥିରେ ମଧ୍ୟ ଅର୍ଥ ହ୍ରାସ କରି କେନ୍ଦ୍ର ସରକାର ମାତ୍ର ୭୧୨ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଅନ୍ୟ ଯୋଜନା ମଧ୍ୟରେ ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାରେ ଓଡ଼ିଶାକୁ ଗତ ଆର୍ଥିକ ବର୍ଷରେ ଟଙ୍କାଟିଏ ମଧ୍ୟ ଦିଆଯାଇନଥିବା ବେଳେ ▶ପୃଷ୍ଠା-୭

# ଏନ୍‌କାଉଣ୍ଟର୍‌ରେ ୬ ନକ୍ସଲ ମୃତ



### ସେଣ୍ଟ୍ରାଲ କମିଟି ମେମ୍ବର ଗଣେଶ ମୃତ

### କମ୍ବିଂ ଅପରେସନ ଜୋରଦାର

■ ଫୁଲବାଣୀ/ବାଲିଗୁଡ଼ା/ତୁମୁଡ଼ିବନ୍ଧ, ୨୫।୧୨ (ସମିସ): କନ୍ଧମାଳ ଜିଲ୍ଲାରେ ପୁଲିସ୍ ଏନ୍‌କାଉଣ୍ଟର୍‌ରେ ୬ ମାଓବାଦୀ ନିହତ ହୋଇଛନ୍ତି। ଚକାପାଦ ଥାନା ଚାହାଲି ପଞ୍ଚାୟତର ରମ୍ଭା ଫରେଷ୍ଟ ରେଞ୍ଜ ଗସମା ଜଙ୍ଗଲରେ ୪ ନକ୍ସଲଙ୍କ ମୃତ୍ୟୁ ହୋଇଥିବା ବେଳେ ବେଲଘର ଥାନା ଅଞ୍ଚଳରେ ୨ ମାଓବାଦୀ ନିହତ ହୋଇଛନ୍ତି। ମୃତ ମାଓବାଦୀଙ୍କ ମଧ୍ୟରେ ସେଣ୍ଟ୍ରାଲ କମିଟି ମେମ୍ବର ଗଣେଶ ଉଇକେ ଥିବା ସୂଚନା ମିଳିଛି। ବାକିମାନଙ୍କର ପରିଚୟ ଜଣାପଡ଼ିନାହିଁ। ଗୁଇନ୍ଦା ସୂଚନା ଆଧାରରେ ସୁରକ୍ଷା ବାହିନୀ ପକ୍ଷରୁ ▶ପୃଷ୍ଠା-୭

## ଶାହାଙ୍କ ପ୍ରଶଂସା

■ ନୂଆଦିଲ୍ଲୀ, ୨୫।୧୨ (ଏଜେନ୍ସି): ଓଡ଼ିଶାର କନ୍ଧମାଳ ଜିଲ୍ଲା ଜଙ୍ଗଲରେ ମାଓବାଦୀ କେନ୍ଦ୍ରୀୟ କମିଟିର ସଦସ୍ୟ ଗଣେଶ ଓଇକେଙ୍କ ସମେତ ୬ ଜଣ ମାଓବାଦୀ ଏନ୍‌କାଉଣ୍ଟରରେ ମୃତ୍ୟୁବରଣ କରିବା ପରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏକ୍ସରେ ପୋଷ୍ଟ କରି ନିଜର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏହା 'ନକ୍ସଲ ମୁକ୍ତ ଭାରତ' ଅଭିଯାନ ପାଇଁ ଏକ ବଡ଼ ମାଇଲଖୁଣ୍ଟ ସଦୃଶ ହୋଇଛି। ଏଥିସହ ଓଡ଼ିଶା ମାଓବାଦୀଙ୍କ କବଳରୁ ମୁକ୍ତ ହେବାର ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଅର୍ଥାତ ଓଡ଼ିଶା ଖୁବ୍‌ଶୀଘ୍ର ମାଓମୁକ୍ତ ହେବ ବୋଲି ସେ ଉଲ୍ଲେଖ କରିଛନ୍ତି। ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଆମେ ଦେଶରୁ ମାଓବାଦକୁ ସମ୍ପୂର୍ଣ୍ଣ ଭାବେ ଶେଷ କରିବାକୁ ବଦ୍ଧ ପରିକର ବୋଲି ସେ କହିଛନ୍ତି। ଗଣେଶଙ୍କ ଉପରେ ୧.୧ କୋଟି ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା ଓ ସେ ଓଡ଼ିଶା ସଂଗଠନର ମୁଖ୍ୟ ଥିଲେ।


## ଢାବା ଭିତରେ ପଶିଗଲା ବାଇକ୍; ଦୁଇ ମୃତ

■ ଯୋରନ୍ଦା, ୨୫।୧୨ (ସମିସ): ଯୋରନ୍ଦା-ଢେଙ୍କାନାଳ ରାସ୍ତାର ଗଁଦିଆ ଥାନା କାଙ୍କଲୁଣ୍ଡା ସତସଙ୍ଗ କେନ୍ଦ୍ର ନିକଟରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକଦ୍ୱୟ ହେଲେ, ବିରିଖୁଣ୍ଟି ଗ୍ରାମର ଗୌରାଙ୍ଗ ଦେହୁରୀଙ୍କ ପୁଅ ଅମର ଦେହୁରୀ (୩୮), ମହାପଦା ଗ୍ରାମର କାମାକ୍ଷା ଦେହୁରୀଙ୍କ ପୁଅ ସିପୁ ଦେହୁରୀ(୨୦)। ଗୁରୁତର ଆହତ ଯୁବକ ହେଲେ ବିରିଖୁଣ୍ଟି ଗ୍ରାମର ନରହରି ଦେହୁରୀଙ୍କ ପୁଅ ସମୟ ଦେହୁରୀ(୨୫)।

ସୂଚନାନୁଯାୟୀ, ୩ଜଣଯାକ ଏକ ବାଇକ୍‌ରେ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଦେଖିବାକୁ ଯୋରନ୍ଦା ଯାଇଥିଲେ। ଖେଳ ଦେଖି ଫେରିବା ବେଳକୁ ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱରେ ଥିବା ଏକ ଢାବା ଭିତରକୁ ପଶିଯାଇଥିଲା। ଘଟଣାସ୍ଥଳରେ ଅମର ଓ ସିପୁଙ୍କ ମୃତ୍ୟୁ ହୋଇଥିବା ବେଳେ ସମୟ ଗୁରୁତର ଆହତ ହୋଇଥିଲେ। ଯୋରନ୍ଦା ପୁଲିସ ▶ପୃଷ୍ଠା-୭

## ଆଜି ବିଜେଡି ପାଳିବ ପ୍ରତିଷ୍ଠା ଦିବସ

### ଶଙ୍ଖ ଭବନରେ କର୍ମୀ ଓ ନେତାଙ୍କୁ ଗୁରୁମନ୍ତ୍ର ଦେବେ ନବୀନ



■ ଭୁବନେଶ୍ୱର, ୨୫।୧୨ (ସମିସ): ଆସନ୍ତାକାଲି ବିଜେଡି ପାଳିବ ୨୯ତମ ପ୍ରତିଷ୍ଠା ଦିବସ। ଦଳୀୟ ମୁଖ୍ୟାଳୟ ଶଙ୍ଖ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଯୋଗଦେବେ। ସେହିପରି ରାଜ୍ୟର ସବୁ ବିଧାନସଭା କ୍ଷେତ୍ରରେ ମଧ୍ୟ ଦଳ ପକ୍ଷରୁ ପ୍ରତିଷ୍ଠା ଦିବସ ପାଳନ ହେବ ବୋଲି ସୂଚନା ମିଳିଛି। ଗତ ଶନିବାର ଦିନ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଏହି ମର୍ମରେ ଦଳୀୟ ନେତା ଓ କର୍ମୀଙ୍କୁ ପରାମର୍ଶ ଦେଇଛନ୍ତି।

ଦଳୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଡିସେମ୍ବର ୨୬ ତାରିଖରେ ୨୯ତମ ପ୍ରତିଷ୍ଠା ଦିବସ ପାଳନ ଓଡ଼ିଶା ଓ ଓଡ଼ିଶାବାସୀଙ୍କ ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ଏକ ଦାୟିତ୍ୱ ସମ୍ପନ୍ନ ବିରୋଧୀ ଦଳ ଭାବେ ଓଡ଼ିଶା ବିକାଶର ଆଭିମୁଖ୍ୟକୁ ଆଗେଇନେବା ସହିତ ବିଭିନ୍ନ ଜନସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଗୁଡ଼ିକରେ ଜନସାଧାରଣଙ୍କୁ ସଚେତନ କରେଇବା ଓ ଓଡିଶାର ତଥା ଲୋକଙ୍କର ସ୍ୱାର୍ଥକୁ ନେଇ ସ୍ୱର ଉତ୍ତୋଳନ କରିବ। ଦରଦାମ ବୃଦ୍ଧି, ମହିଳା ନିର୍ଯାତନା, ଯୁବଛାତ୍ରଙ୍କ ପ୍ରତି ବିମୁଖତା, ଆଦିବାସୀ, ଦଳିତ ଓ ପଛୁଆବର୍ଗ ପ୍ରତି ଅବିଚାର, ଆଇନଶୃଙ୍ଖଳା ସ୍ଥିତିର ଅବନତି, ଆର୍ଥିକ କୁପରିଚାଳନା, ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ବିଭିନ୍ନ ପ୍ରସଙ୍ଗ ତଥା ପୋଲାଭରମ ▶ପୃଷ୍ଠା-୭

## ବାଂଲାଦେଶରେ ପୁଣି ଜଣେ ହିନ୍ଦୁ ଯୁବକଙ୍କୁ ହତ୍ୟା

■ ଢାକା, ୨୫।୧୨ (ଏଜେନ୍ସି): କାମଚଳା ପ୍ରଧାନମନ୍ତ୍ରୀ ମହମ୍ମଦ ୟୁନୁସଙ୍କ ସରକାରରେ ସଂଖ୍ୟାଲଘୁ ହିନ୍ଦୁଙ୍କ ପାଇଁ ବାଂଲାଦେଶ ଯେମିତି ନର୍କ ପାଲଟି ଯାଇଛି। ଏବେ ଆଉ ଜଣେ ହିନ୍ଦୁ ଯୁବକଙ୍କୁ ବାଂଲାଦେଶରେ ପିଟି ପିଟି ହତ୍ୟା କରାଯାଇଥିବାର ଖବର ମିଳିଛି। ଗତରାତି ପ୍ରାୟ ୧୧ଟାରେ ରାଜବାଡୀ ଜିଲ୍ଲା ହୋସେନଡାଙ୍ଗା ଗ୍ରାମରେ ଏହି ଜଘନ୍ୟ ହତ୍ୟାକାଣ୍ଡ ଘଟିଥିଲା। ମୃତକ ଯୁବକଙ୍କର ନାମ ଅମୃତ ମଣ୍ଡଳ ଓରଫ ସମ୍ରାଟ (୨୯)। ଏହା ପୂର୍ବରୁ ଗତ ୧୮ ତାରିଖରେ ଦୀପୁଙ୍କୁ ପିଟି ପିଟି ହତ୍ୟା ପରେ ଜାଳି ଦିଆ ଯାଇଥିଲା। ଏହାକୁ ନେଇ ଭାରତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ଆଉ ଜଣେ ହିନ୍ଦୁ ଯୁବକଙ୍କୁ ହତ୍ୟା ଘଟଣା ପରିସ୍ଥିତିକୁ ଆହୁରି ଜଟିଳ କରିପକାଇଛି।

ପୁଲିସ ସୂଚନା ଅନୁଯାୟୀ, ଜୋର ଜବରଦସ୍ତି ବଟି ଆଦାୟ କରୁଥିଲେ ଅମୃତ। ଏଥିପାଇଁ ତାଙ୍କୁ ଗ୍ରାମବାସୀ ପିଟି ପିଟି ହତ୍ୟା କରିଛନ୍ତି। ସେ ବିତାଡ଼ିତ ପ୍ରଧାନମନ୍ତ୍ରୀ ହସିନାଙ୍କ ସମର୍ଥକ ଥିଲେ ବୋଲି କୁହାଯାଉଛି। ଏହି ମାମଲାରେ ଅମୃତଙ୍କ ସହଯୋଗୀକୁ ଗିରଫ କରାଯାଇଛି। ତା' ନିକଟରୁ ଦୁଇଟି ବନ୍ଧୁକ ଜବତ କରାଯାଇଛି। ପୁଲିସ ଏସଏସପି କହିଛନ୍ତି ଯେ ସମ୍ରାଟ ବିରୋଧରେ ପାଙ୍ଗସା ଥାନାରେ ୨ଟି ମାମଲା ରହିଥିଲା। ଏଥିରେ ହତ୍ୟା ମାମଲା ସାମିଲ ରହିଛି। ରିପୋର୍ଟ ଅନୁଯାୟୀ, ସମ୍ରାଟ ଏକ ଗ୍ୟାଙ୍ଗ ଚଳାଇ ଥିଲେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ସେ ଦୀର୍ଘ ଦିନ ହେଲା ବଟି ଆଦାୟ ଏବଂ ଅନ୍ୟ ଆପରାଧିକ ▶ପୃଷ୍ଠା-୭






## ବୁଡ଼ାଜାହାଜରୁ କେ-୪ ବାଲିଷ୍ଟିକ୍ ଉତ୍କ୍ଷେପଣ

■ ନୂଆଦିଲ୍ଲୀ, ୨୫।୧୨(ଏଜେନ୍ସି): ପରମାଣୁ ଯୁଦ୍ଧାସ୍ତ୍ର ବହନ କରିପାରୁଥିବା ବାଲିଷ୍ଟିକ କ୍ଷେପଣାସ୍ତ୍ରର ଆଜି ପରୀକ୍ଷା କରିଛି ଭାରତ। ବଙ୍ଗୋପସାଗର ବିଶାଖାପାଟଣା ଉପକୂଳରେ ଅବସ୍ଥାପିତ ପରମାଣୁ ଶକ୍ତିସଂପନ୍ନ ବୁଡାଜାହାଜ ଆଇଏନ୍‌ଏସ୍ ଅରିଘାଟରୁ ଏହାର ପରୀକ୍ଷା କରାଯାଇଛି। ପରୀକ୍ଷାରେ ଆଜି



### ୩୫୦୦ କିମି ପର୍ଯ୍ୟନ୍ତ ଲକ୍ଷ୍ୟଭେଦ

### ୨ ଟନର ପରମାଣୁ ଅସ୍ତ୍ର ବହନ କ୍ଷମତା

ସଫଳତା ହାସଲ କରିଥିବା ଏହି କେ-୪ ବାଲିଷ୍ଟିକ କ୍ଷେପଣାସ୍ତ୍ର ୩୫୦୦ କିଲୋମିଟର ▶ପୃଷ୍ଠା-୭

## କାର୍ ଉପରେ ଚଢ଼ିଗଲା ବସ୍: ୯ ମୃତ

■ ଚେନ୍ନଇ, ୨୫।୧୨(ଏଜେନ୍ସି): ତାମିଲନାଡୁର କୁଡାଲୋର ଜିଲ୍ଲାରେ ବୁଧବାର ରାତିରେ ଏକ ସଡ଼କ ଦୁର୍ଘଟଣାରେ ୯ ଜଣ ଲୋକ ପ୍ରାଣ ହରାଇଛନ୍ତି। ତୀରୁଚିରାପଲ୍ଲୀରୁ ଚେନ୍ନାଇ ଯାଉଥିବା ଏକ ରାଜ୍ୟ ପରିବହନ ବସ୍‌ର ଟାୟାର ଫାଟିଯାଇଥିଲା। ଫଳରେ ବସ୍‌ଟି ନିୟନ୍ତ୍ରଣ ହରାଇ ଡିଭାଇଡର ଉପରେ ଚଢ଼ିଯିବା ସହ ବିପରୀତ ଲେନ୍‌କୁ ଚାଲିଯାଇଥିଲା ଓ ସମ୍ମାରୁ ଆସୁଥିବା ଦୁଇଟି କାର୍ ଉପରେ ଚଢ଼ିଯାଇଥିଲା। ଦୁଇଟି ଯାକ କାର୍ ବସ୍ ତଳେ ଫସିଯାଇଥିଲା ଓ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯାଇଥିଲା। ଦୁର୍ଘଟଣାରେ ଦୁଇଟି କାର୍‌ରେ ବସିଥିବା ୭ ଜଣ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ। ଅନ୍ୟ ଦୁଇଜଣ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ମୃତକଙ୍କ ମଧ୍ୟରେ ୫ ପୁରୁଷ ଓ ୪ ମହିଳା ଅଛନ୍ତି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିଥିଲେ। ଆହତଙ୍କୁ ତିରୁଚିରାପଲ୍ଲୀ ଓ ପେରାମ୍ବାଲୁର ସରକାରୀ ▶ପୃଷ୍ଠା-୭

## ଜଳିଗଲା ବସ୍: ୧୦ ଯାତ୍ରୀ ଜୀବନ୍ତ ଦଗ୍ଧ

■ ଚିତ୍ରଦୂର୍ଗା, ୨୫।୧୨(ଏଜେନ୍ସି): କର୍ଣ୍ଣାଟକର ଚିତ୍ରଦୁର୍ଗାରେ ବୁଧବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୧୦ ଜଣ ପ୍ରାଣ ହରାଇଚନ୍ତି। ବେଙ୍ଗାଲୁରୁରୁ ଗୋକର୍ଣ୍ଣ ଯାଉଥିବା ଏକ ସ୍ଲିପର ବସ୍‌କୁ ଟ୍ରକ୍ ଧକ୍କା ଦେବାରୁ ଏଥିରେ ନିଆଁ ଲାଗିଯାଇଥିଲା। ତେବେ କେତେକ ଗଣମାଧ୍ୟମ ରିପୋର୍ଟ ଅନୁସାରେ ମୃତ୍ୟୁ ସଂଖ୍ୟା ୧୨ ଓ ୧୭ ବୋଲି ଦର୍ଶାଯାଇଛି। ବସ୍‌ରେ ୩୦ରୁ ଊର୍ଦ୍ଧ୍ୱ ଲୋକ ଯାତ୍ରା କରୁଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ ରାତି ୨ଟା ୩୦ରେ ଦ୍ରୁତଗତିରେ ଆସୁଥିବା ଏକ କନଟେନର ଟ୍ରକ୍ ଡିଭାଇଡର ଭାଙ୍ଗିବା ସହ ତାକୁ ଅତିକ୍ରମ କରି ବିପରୀତ ଦିଗରୁ ଆସୁଥିବା ଏକ ଘରୋଇ ବସ୍‌କୁ ଧକ୍କା ଦେଇଥିଲା। ବସ୍‌ରେ ନିଆଁ ଲାଗିଯାଇଥିଲା। ସେତେବେଳେ ଯାତ୍ରୀମାନେ ଶୋଇଥିଲେ। ଫଳରେ ଯାତ୍ରୀମାନେ ନିଜକୁ ରକ୍ଷା କରିବାର ସୁଯୋଗ ପାଇ ନଥିଲେ। ବସ୍ ଡ୍ରାଇଭର ଓ କ୍ଲିନର ଦୁର୍ଘଟଣା ସମୟରେ ଡେଇଁ ପଡ଼ି ଜୀବନ ବଞ୍ଚାଇବାକୁ ସକ୍ଷମ ହୋଇଛନ୍ତି। କିନ୍ତୁ ଟ୍ରକ୍‌ର ଡ୍ରାଇଭର ଓ କ୍ଲିନର ଦୁର୍ଘଟଣାସ୍ଥଳରେ ମୃତ୍ୟୁବରଣ ▶ପୃଷ୍ଠା-୭

### ନାବାଳିକାକୁ ଦୁଷ୍କର୍ମ ଓ ହତ୍ୟାର ପ୍ରତିବାଦ

## ଚାନ୍ଦବାଲି ବନ୍ଦ ସ୍ୱତଃସ୍ଫୂର୍ତ୍ତ

■ ଭଦ୍ରକ, ୨୫।୧୨ (ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ଏନ୍‌ଏସି ଅଞ୍ଚଳରେ ଜଣେ ଦିବ୍ୟାଙ୍ଗ ନାବାଳିକା ଛାତ୍ରୀଙ୍କୁ ଦୁଷ୍କର୍ମ ପରେ ହତ୍ୟା ଘଟଣାକୁ ନେଇ ପୂରା ରାଜ୍ୟ ଉଠୁଛୁ ପଡୁଛି। ଏହାକୁ ନେଇ ରାଜ୍ୟବ୍ୟାପୀ ସବୁମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ଆଜି ବିଜେଡି, କଂଗ୍ରେସ, ସିପିଆଇ(ଏମ୍) ଓ ସିପିଆଇ ପକ୍ଷରୁ ଚାନ୍ଦବାଲି ବନ୍ଦ କରାଯାଇଥିଲା।



ବିଜେଡି ବିଧାୟକ ବ୍ୟୋମକେଶ ରାୟଙ୍କ ନେତୃତ୍ୱରେ ବିଜେଡି କର୍ମୀମାନେ ଶାନ୍ତିପୂର୍ଣ୍ଣ ଭାବେ ଚାନ୍ଦବାଲି ବଜାର ବନ୍ଦ କରାଇଥିଲେ। ଚାନ୍ଦବାଲି ଏନ୍‌ଏସି ଅଧ୍ୟକ୍ଷା ଶାନ୍ତିଲତା ସେଠୀ, ଦ୍ୱିଜବର ରାଉତ, ବିଶ୍ୱକେଶରୀ ମହାନ୍ତି, ପ୍ରିନ୍ସ ରାକେଶ ନାୟକ, ଜିତେନ୍ଦ୍ର ବିଶ୍ୱାଳ, ପ୍ରତାପ ଧଳଙ୍କ ସମେତ ବିଜେଡି କର୍ମୀମାନେ ଟାୟାର୍ ଜାଳି ରାସ୍ତାରେ ବସିବା ସହ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ନାରାବାଜି କରିଥିଲେ। ସେହିପରି କଂଗ୍ରେସ ପକ୍ଷରୁ ଦିଗମ୍ବର ଦାସଙ୍କ ନେତୃତ୍ୱରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ବନ୍ଦକୁ ସାଧାରଣଲୋକ ସ୍ୱତଃସ୍ଫୂର୍ତ୍ତ ଭାବେ ସମର୍ଥନ ଜଣାଇଥିବା ଦେଖାଯାଇଥିଲା। ▶ପୃଷ୍ଠା-୭

# ଖଡ଼ିଆଲ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଖାଦ୍ୟ ମେଳା

**ନୂଆପଡ଼ା, ୨୫।୧୨(ସମିସ):** ଖଡ଼ିଆଲ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ସାଂସ୍କୃତିକ ସପ୍ତାହ ମଧ୍ୟରେ ଛାତ୍ରଛାତ୍ରୀଙ୍କର ବିଭିନ୍ନ ପ୍ରତିଭା ପ୍ରତିଯୋଗିତା କାର୍ଯ୍ୟକ୍ରମ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ବକ୍ତୃତା, ରଚନା, ଚିତ୍ରାଙ୍କନ, ସାଜସଜ୍ଜା, ଝୋଟି, ରଙ୍ଗୋଲି, ଅପ୍ରସ୍ତୁତ ଭାଷଣ, ବିଷୟ ଭିତ୍ତିକ ନାଟକ, କବିତା ଲିଖନ, ବାଦ୍ୟ ଯନ୍ତ୍ର ପ୍ରତିଯୋଗିତା, ସଙ୍ଗୀତ ପ୍ରତିଯୋଗିତା, ଲୋକ ନୃତ୍ୟ ପରିବେଷଣ, ବ୍ୟାଡ ମିଣ୍ଟନ, ଚେସ ଇତ୍ୟାଦି ସହ ଭାରତୀୟ ସଂସ୍କୃତିସମ୍ପନ୍ନ ଖାଦ୍ୟ ପରିବେଷଣ ପ୍ରତିଯୋଗିତା ହୋଇଥିଲା। ଉକ୍ତ ପ୍ରତିଯୋଗିତାରେ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ନିଜ ନିଜର ଖାଦ୍ୟ ସାମଗ୍ରୀକୁ ଖୁବ ଆଗ୍ରହର ସହକାରେ ପ୍ରଦର୍ଶିତ କରିବା ସହ ବିକ୍ରି ମଧ୍ୟ କରିଥିଲେ।ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ସମେତ ପ୍ରାଧ୍ୟାପକ ଡ଼. ତରୁଣ କୁମାର ପ୍ରଧାନ, ଯୁକ୍ତ ଦୁଇ ଅଧ୍ୟକ୍ଷ ଡ଼. ରଣବୀର ସିଂହ, ଅଧ୍ୟାପକ ସୁନୀଲ କୁମାର ପାଢ଼ୀ, ଅଧ୍ୟାପିକା ଡ଼ ଗୀତାଶ୍ରୀ ପ୍ରିୟମ୍ବଦା, ଅଧ୍ୟାପିକା ରାଜଲକ୍ଷ୍ମୀ ରଥ, ଅଧ୍ୟାପିକା ସାଗରିକା ପଣ୍ଡା, ଅଧ୍ୟାପିକା ବିୟୁଟି ଅଗ୍ରୱାଲ, ଶାରୀରିକ ଶିକ୍ଷା ଅଧ୍ୟାପକ ଡ଼ ସରୋଜ କୁମାର ପଣ୍ଡା ଅଧ୍ୟାପକ ହରିହର ବେଶରା, ଅଧ୍ୟାପକ ରମାକାନ୍ତ ସିଂ ସାହାଣୀ, ଅଧ୍ୟାପକ ସୂର୍ଯ୍ୟକାନ୍ତ ଠାକୁର, ଆଧ୍ୟାପିକା ପ୍ରଣତି ପଣ୍ଡା, ଅଧ୍ୟାପିକା ସଂତୋଷି ଶର୍ମା, ଅଧ୍ୟାପିକା ଶିଲା ତ୍ରିବେଦୀ, ଅଧ୍ୟାପିକା ପାୟଲ ପ୍ରଧାନ, ଅଧ୍ୟାପିକା ଚର୍ଚ୍ଚିକା ରାଣୀ ବେହେରା, ଅଧ୍ୟାପକ ଅଭିଷେକ ରଥ, ଶ୍ରୀ ପ୍ରେମାନନ୍ଦ ମେହେର, ଅକ୍ଷୟ ଦାଶ, ଆଶୁତୋଷ ଯୋଶୀ, ଶ୍ରୀ ଧ୍ରୁବ ପାତ୍ର, ରୀତା ବାରିକଙ୍କ ସହ ଅତିଥି ବିଚାରପତି ଭାବରେ ଯଥା ଧରମେସ ନୃତ୍ୟ ଅନୁଷ୍ଠାନର ଅଧ୍ୟକ୍ଷ ଧର୍ମେସ ମେହେର, ଅଧ୍ୟାପିକା ମିନା ଗୁଜୁରାତି, ସୁଶ୍ରୀ ଆଦ୍ୟାଶା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ପରିଶେଷରେ ସମାଜର ପରିସ୍ଥିତିକୁ ନେଇ ଖୁବ ଚମତ୍କାର ନାଟକ ପରିବେଷଣ ପ୍ରତିଯୋଗିତା ହୋଇଥିଲା। ଶେଷରେ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



## ସ୍ମାରକୀ ଜାତୀୟ ନାଟକ ମହୋତ୍ସବ ଉଦ୍‌ଯାପିତ

# ମଞ୍ଚସ୍ଥ ହେଲା ନାଟକ 'ପଥଝଡ'







**ଭବାନୀପାଟଣା, ୨୫।୧୨(ସମିସ)**

ସ୍ମାରକୀ ନାଟ୍ୟ ସଂସ୍ଥା' ତରଫରୁ ସ୍ଥାନୀୟ ଟାଉନ୍ ହଲ୍‌ରେ ନାଟ୍ୟରଶ୍ମି ପ୍ରଫୁଲ୍ଲ ରଥ ସ୍ମାରକୀ ଜାତୀୟ ନାଟକ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ କାର୍ଯ୍ୟକ୍ରମର ଅତିଥି ଭାବେ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ବରିଷ୍ଠ ନାଟ୍ୟକାର ଉମେଶ ଚନ୍ଦ୍ର ଶତପଥୀ, ଶିକ୍ଷାବିତ୍ ଅଜୟ ମିଶ୍ର, ସଭାପତି ଲେଖକ କଳା ପରିଷଦ ଉମେଶ ଚନ୍ଦ୍ର ପଣ୍ଡା, ସଭାପତି କଳାହାଣ୍ଡି କଳାକାର ସଂଘ ପଦ୍ମନାଭ କୁମାର, ସଭାପତି ପ୍ରତିଭା ଅନୁଷ୍ଠାନ ଧ୍ୟାନାନନ୍ଦ ପଣ୍ଡା, ସଭାପତି ମହାବୀର ସାଂସ୍କୃତିକ ଅନୁଷ୍ଠାନ ଶାନ୍ତନୁ ବେହେରା ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିଲେ ସ୍ମାରକୀ ନାଟ୍ୟ ସଂସ୍ଥାର ସଭାପତି ପ୍ରବୋଧ ରଥ। ପ୍ରତାପ ପଣ୍ଡା ମନ୍ତ୍ରପାଠ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଥିଲା ନାଟକ 'ପଥଝଡ'। ଡକ୍ଟର ଏସ୍‌ଏମ୍ ଆଝାର ଆଲାମଙ୍କ ଦ୍ୱାରା ହିନ୍ଦୀ ଭାଷାରେ ରୂପାନ୍ତରିତ ଲିଟିଲ୍ ଥେପସିନ୍, କଲିକତା ଦ୍ୱାରା ପରିବେଷିତ ଏହି ନାଟକ 'ପଥଝଡ', ଟେନେସି ୱିଲିୟମ୍ସଙ୍କ 'ଦି ଗ୍ଲାସ୍ ମେନାଜେରି' ଉପରେ ଆଧାରିତ। ସମଗ୍ର ନାଟକଟି ପ୍ରତିଛବି ବନାମ ବାସ୍ତବତାର ସନ୍ଦେଶ ଦେଇଛି। ଏହି ନାଟକର ସୀମା, ଜାତି, ସଂସ୍କୃତି, ସ୍ଥାନକୁ କାଟି ଆମକୁ ଏହି ବିଶ୍ୱର ଅଗଣିତ ମଧ୍ୟବିତ୍ତ ପରିବାର ସହିତ ମୁହାଁମୁହିଁ କରାଇଛି। ଏହି ନାଟକକୁ ନିର୍ଦ୍ଦେଶନା ଦେଇଥିଲେ ଡକ୍ଟର ଏସ୍‌ଏମ୍ ଆଝାର ଆଲାମ।ଏଥିରେ ଉମା ଝୁନଝୁନୱାଲା, ଶୁଭଙ୍କର ସିଟ୍, ଗୁଞ୍ଜନ ଆଜହାର, ଏମ୍‌ଡି ଆସିଫ୍ ଅନସାରୀ ପ୍ରମୁଖ ଅଭିନୟ କରିଥିଲେ। ଏହି ନାଟକରେ ସଙ୍ଗୀତ ନିର୍ଦ୍ଦେଶନା ସବ୍ୟସାଚୀ ପଲ୍ ଦେଇଥିବା ବେଳେ ପୋଷାକ ଓ ମଞ୍ଚ ସଜ୍ଜାରେ ହୀନା ପରବିଜ୍ ସହାୟତା କରିଥିଲେ। ଆଲୋକ ପରିଚାଳନା କରିଥିଲେ ଜଏଦୀପ ରୟ। ନାଟକଟି ବେଶ୍ ହୃଦୟସ୍ପର୍ଶୀ ହେବାସହ କଳାକାରଙ୍କ ଅଭିନୟ ଶେଷଯାଏଁ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଟାଉନ ହଲରେ ଅଗଣିତ ଦର୍ଶକଙ୍କ ଭିଡ ଏବଂ ଅଜସ୍ର କରତାଳି କଳାକାରଙ୍କୁ ଆହୁରି ଉତ୍ସାହିତ କରିଥିଲା। ଆଜିର କାର୍ଯ୍ୟକ୍ରମରେ ଯୁବ ମଞ୍ଚ ଉପସ୍ଥାପକ ଆଶୁତୋଷ ପୁରୋହିତ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ପ୍ରଭାସ ଚନ୍ଦ୍ର ମିଶ୍ର, ଶୁଭେନ୍ଦୁ ମହାପାତ୍ର, ଦେବୀ ପ୍ରସାଦ ରଥ, ବିରଞ୍ଚି ନାରାୟଣ ମୁଣ୍ଡ, ଅବିନାଶ ଅଗସ୍ତି, ସୌରଭ ମହାପାତ୍ର, ଆଶୁତୋଷ ପୁରୋହିତ, ଆଲୋକ କୁମାର ସାହୁ, ଶୁଭମ ବେହେରା, ଶିବଶକ୍ତି ପୁରୋହିତ, ଅମରେନ୍ଦ୍ର ମହାନ୍ତି, ମଧୁର ଦୀପ, ଆର୍ଯ୍ୟା ନାୟକ, ଲିପ୍ସା ମହାରଣା, ଲିପ୍ସାରାଣୀ ବାରିକ, ସୁଶୀଲ ଆଚାର୍ଯ୍ୟ, ଗୋପିଧର ନାୟର, ରାଜେଶ ଦାଶ, ହେମନ୍ତ ଦଣ୍ଡସେନା ପ୍ରମୁଖ ସହାୟତା କରିଥିଲେ।

# ବଡ଼ ପହିଲପାର କପ୍ ଉଦ୍‌ଘାଟିତ



**ଧର୍ମଗଡ଼, ୨୫।୧୨(ସମିସ):** ଧର୍ମଗଡ଼ ବ୍ଲକ ଟିପିଗୁଡା ପଞ୍ଚାୟତ ଗତାଗୁଡା ସ୍ଥିତ କେନାଲ ଛକ ଖେଳପଡ଼ିଆରେ ବଡ଼ ପହିଲପାର କ୍ରିକେଟ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି।ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରେମଲାଲ ନାଏକ ମୁଖ୍ୟଅତିଥି, ସମ୍ମାନିତ ଅତିଥିଭାବେ ଟିପିଗୁଡା ସମିତି ସଭ୍ୟା ପ୍ରତିନିଧି ଚନ୍ଦ୍ର ବାଗ, ଘେନୁପ୍ରସାଦ ନାଏକ, ଡମ୍ବରୁ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଉଦଘାଟନୀ ମ୍ୟାଚ୍ ଲିମସେର ଓ ଖମାରହଳଦୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା, ଖମାରହଳଦୀ ଦଳ ଟସଜିତି ପ୍ରଥମେ ବ୍ୟାଟିଂର ନିଷ୍ପତି ନେଇ ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ହରାଇ ୧୨୨ ରନ କରିଥିଲା। ଜବାବରେ ଲିମସେର ଦଳ ୮ ଓଭରରେ ୪ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହକରି ବିଜୟୀ ହୋଇଥିଲା। ଦଶରଥ ନିଆଲ ଓ ମନୋଜ ତାଣ୍ଡି ଖେଳ ପରିଚାଳନା କରିଥିବାବେଳେ ଛାୟାକନ୍ତ ମାଝୀ ଧାରାବିବରଣୀ, ଭାରତ ଭୂଷଣ ନିହାର ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ। ଆୟୋଜକ କମିଟିର ଚିତ୍ତରଞ୍ଜନ ଭୋଇ, ସୁବୁଦ୍ଧି ନାଏକ, ପିଣ୍ଟୁ ନାଏକ, ରୁମାନ ନାଏକ, ଦିଲୀପ ନାଏକ, ଦୀନବନ୍ଧୁ ତାଣ୍ଡି, ବଣ୍ଟି ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ମହିଳା ନେତ୍ରୀ ପ୍ରଶିକ୍ଷଣ

**ମ.ରାମପୁର, ୨୫।୧୨ (ସମିସ):** ଗତ ଡିସେମ୍ବର୨୨ରୁ୨୪ରିଖ ପର୍ଯ୍ୟନ୍ତ ସେବାଜଗତ ରଙ୍ଗାପଦର ପ୍ରଶିକ୍ଷଣ କେନ୍ଦ୍ରରେ ଏଫଇଏସ ଭୁବନେଶ୍ୱର ସହାୟତାରେ ମହିଳାଙ୍କୁ ନେଇ ଗୋଷ୍ଠି ଜଙ୍ଗଲ ସମ୍ବଳ ପରିଚାଳନା ଲାଗି ଜିଲ୍ଲାସ୍ତରୀୟ ମହିଳାନେତ୍ରୀଙ୍କୁ ନେଇ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ନର୍ଲା, ଗୋଲାମୁଣ୍ଡା, କରଲାମୁଣ୍ଡା ଓ ମ.ରାମପୁର ବ୍ଲକରୁ ୫୦ଜଣ ମହିଳାନେତ୍ରୀ ଅଂଶ ଗ୍ରହଣ କରିଥିଲେ। ତାଲିମର ମୁଖ୍ୟ ଉଦ୍ଦେଶ୍ୟ ଗ୍ରାମ ସଭା ଓ ଗୋଷ୍ଠି ଜଙ୍ଗଲ ସମ୍ବଳ ପରିଚାଳନା କମିଟିର ସଦସ୍ୟଙ୍କ ମଧ୍ୟରୁ ମହିଳାନେତ୍ରୀଙ୍କୁ ବାଛି ସେମାନଙ୍କୁ ଜଙ୍ଗଲ ସମ୍ବଳ ପରିଚାଳନା ଯୋଜନା ଓ କାର୍ଯ୍ୟକାରିତା ନିମନ୍ତେ ନେତୃତ୍ୱ ନେବା ପାଇଁ ସଶକ୍ତ କରିବା। କାର୍ଯ୍ୟକ୍ରମକୁ ତାଲିମଦାତା ହିସାବରେ ପ୍ରବୀଣ ଦିଗଲ, ଅମିତ କୁମାର ସାହୁ ଓ ଯାଗ୍ୟସେନୀ ଭୋଇ ପରିଚାଳନା କରିଥିଲେ। ସେବାଜଗତ ଅନୁଷ୍ଠାନର ସାଥିମାନେ ସହଯୋଗ କରିଥିଲେ।

# ମୋଟେର ଜୋନ୍‌ସ୍ତରୀୟ ଯାଦବ ସମ୍ମିଳନୀ

**କୋକସରା, ୨୫।୧୨(ସମିସ):** କୋକସରା ବ୍ଲକ ଡାଲଗୁମା ହାଇସ୍କୁଲ ପରିସରରେ ମୋଟେର ଜୋନ୍‌ସ୍ତରୀୟ ଯାଦବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୋଟେର ଜୋନ୍ ଯାଦବ ସମିତି ସଭାପତି ଲିଙ୍ଗରାଜ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ବ୍ଲକ ଯାଦବ ମହାସଭାର ସଭାପତି ଦ୍ୱାରିକାନାଥ ବାଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ବ୍ଲକ ଯାଦବ ମହାସଭାର ସମ୍ପାଦକ ବିଦ୍ୟାଧର ଗହୀର, କୋଷାଧ୍ୟକ୍ଷ ଗଣେଶ୍ୱର ପୁଞ୍ଜି, କାର୍ଯ୍ୟକାରୀ ସଭାପତି ସୁଦର୍ଶନ ବେହେରା, ମୋଟେର ଜୋନ ସମ୍ପାଦକ ମନିଜର ପୋଡ଼, କର୍ମଚାରୀ ସଂଘ ସଭାପତି ପ୍ରେମଲାଲ ଗୋପାଳ, କର୍ମଚାରୀ ସମ୍ପାଦକ ଭାଗବତ କଟା, ବ୍ଲକ ଉପସଭାପତି ଜନ୍ମେଜୟ ଯାଦବ, ଆମପାଣି ଜୋନ ଉପସଭାପତି ଆନନ୍ଦ ଗୋପାଳ, ସମ୍ପାଦକ ଲଛମନ ନାଏକ, କୋକସରା ଜୋନ ସମ୍ପାଦକ ଯୁଗଳ ହଂସ ସମେତ ୭ଟି ଆଞ୍ଚଳିକ ସଭାପତି ପ୍ରଭାତ ଚଣ୍ଡି, ଲୋକନାଥ ଚଣ୍ଡି, ଅଚ୍ୟୁତ ନାଏକ, ଟିକେଶ୍ୱର ରାଉତ, ସୁରେଶ ନାଗ, ଗଣେଶ ରାଉତ, ଗରିବ ଚନ୍ଦ୍ର ଲହଜଲ ପ୍ରମୁଖ ଯୋଗଦେଇ ଥିଲେ।ବ୍ଲକ ଯାଦବ ମହାସଭାର ସଭାପତି ଶ୍ରୀବାଗ ସାମାଜିକ ସମ୍ବିଧାନ ବିଷୟରେଆଲୋକପାତ କରିବା ସହ ସମସ୍ତେ ସମାଜର ସମ୍ବିଧାନ ମାନିବାକୁ ଆହ୍ୱାନ ଦେଇଥିଲେ।ବାଲ୍ୟ ବିବାହ, ଯୌତୁକ ପ୍ରଥା, ଭାର ପ୍ରଥା, ବର୍ଣ୍ଣ ବ୍ୟବସ୍ଥା, ମଦ୍ୟପାନ କୁ ବିରୋଧ କରାଯିବା ସହ କୁଣ୍ଡାବୋରି, ବିବାହ ଓ ବିଭିନ୍ନ କାର୍ଯ୍ୟ ଉପରେ ତିଆରି ହୋଇଥିବା ସମାଜିକ ନିୟମାବଳୀକୁ ଉପସ୍ଥାପନା କରିଥିଲେ। ଶିକ୍ଷା, ସଂସ୍କୃତି, ରାଜନୈତିକ, ଅର୍ଥନୈତିକ, ସାମଜର ମୌଳିକ ଅଧିକାର, ନ୍ୟାର୍ଯ୍ୟ ଦାବି ଗୁଡିକ ପାଇବା ନେଇ ଏକତ୍ରିତ ହେବାକୁ ଆହ୍ୱାନ ଦେଇଥିଲେ। ୭ଟି ଆଞ୍ଚଳିକ ସଭାପତି, ଭାତଗୁପର କର୍ମକର୍ତ୍ତା ସମେତ ଉପସ୍ଥିତ ଯାଦବପ୍ରେମୀ ସାମାଜିକ ସମ୍ବିଧାନକୁ ମାନିବା ପାଇ ଶପଥଗ୍ରହଣ କରିଥିଲେ।କାର୍ଯ୍ୟକ୍ରମକୁ ପଦ୍ମବନ ବେମାଲ ମଞ୍ଚ ସଂଯୋଜନା କରିଥିବା ବେଳେ ବ୍ଲକ ଯାଦବ ମହାସଭାର ପୂର୍ବତନ ସମ୍ପାଦକ ଅଲେଖ ଗୋପାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ପିଏମ୍ ଯୁବା ମେଣ୍ଟରସିପ୍ ୩.୦ ପାଇଁ ପଲ୍ଲବୀ ରାଉତ ମନୋନୀତ

**ଭବାନୀପାଟଣା, ୨୫।୧୨(ସମିସ)** ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଓ ନୂଆଦିଲ୍ଲୀ ନ୍ୟାସନାଲ ବୁକ୍ସ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ପିଏମ୍ ଯୁବା ୩.୦ ଚଳିତ ବର୍ଷ ପାଇଁ ଇଂରାଜୀ ସାହିତ୍ୟରେ କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ସନ୍ୟାସୀକୁଣ୍ଡାମାଲ ଗ୍ରାମର ଯୁବ ଲେଖିକା



ପଲ୍ଲବୀ ରାଉତ ମନୋନୀତ ହୋଇଛନ୍ତି। ନୂଆଦିଲ୍ଲୀ ସ୍ଥିତ ଜବାହରଲାଲ ନେହେରୁ ବିଶ୍?ବିଦ୍ୟାଳୟ (ଜେଏନୟୁ) ରେ ସେ ଇଂରାଜୀ ସାହିତ୍ୟରେ ସ୍ନାତକୋତ୍ତର ଡିଗ୍ରୀ ଲାଭ କରିବା ସହିତ ପୂର୍ବରୁ ଭବାନୀପାଟଣା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରୁ ଇଂରାଜୀ ସାହିତ୍ୟରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ପଲ୍ଲବୀ ରାଉତ ସିପିଇଟି ୨୦୨୨ ଇଂରାଜୀ ବିଭାଗରେ ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ବର୍ତ୍ତମାନ ସେ ୟୁଜିସି ଏନଇଟି ଜେ ଆର ଏଫ ଡିସେମ୍ବର ୨୦୨୪ ଏବଂ ଗେଟ ୨୦୨୫ରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ପଲ୍ଲବୀ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମାନରେ ଇଂରାଜୀ ସାହିତ୍ୟ, ଲୋକସାହିତ୍ୟ ତଥା ଲୋକସଂକୃତିରେ ସନ୍ଦର୍ଭ ପାଠ କରି ବହୁ ପ୍ରଶଂସିତ ହୋଇଛନ୍ତି। କବୀ, ଗବେଷିକା ଡ. ଯାଜ୍ଞସେନୀ ପ୍ରଧାନୀ ଓ ମକରଧ୍ୱଜ ରାଉତଙ୍କ ସୁପୁତ୍ରୀ ପଲ୍ଲବୀ ପରିବାର ବର୍ତ୍ତମାନ ଭବାନୀପାଟଣା ସହର ସ୍ଥିତ ନକଟିଗୁଡ଼ାରେ ବସବାସ କରୁଛନ୍ତି।

# ଏନ୍‌ଏସିସ୍ତରୀୟ କଳାହାଣ୍ଡି ଉତ୍ସବ ପାଇଁ ପ୍ରସ୍ତୁତି

**କେସିଙ୍ଗା, ୨୫।୧୨(ସମିସ)**ଁକଳାହାଣ୍ଡି ଜିଲ୍ଲାର କଳା ସଂସ୍କୃତି ଓ ଐତିହ୍ୟର ମୁକସାକ୍ଷୀ କଳାହାଣ୍ଡି ଉତ୍ସବ ପାଇଁ କଳାହାଣ୍ଡି ଜିଲ୍ଲାର ପ୍ରତ୍ୟେକବ୍ଲକ ସମେତ ଏନ୍‌ଏସିରେ ପ୍ରସ୍ତୁତି ବୈଠକ ସରିଯାଇଛି ।ସେହିକ୍ରମରେ କେସିଙ୍ଗା ଏନ୍‌ଏସିରେ ମଧ୍ୟ ପ୍ରଥମ ପ୍ରସ୍ତୁତି ବୈଠକ ଅଞ୍ଚଳର ବୁଦ୍ଧିଜିବୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ଉପସ୍ଥିତିରେ ସ୍ଥାନୀୟ ଏନ୍‌ଏସି ସଦଭାବନା ଗୃହରେ ହୋଇଥିଲା। ନଗରପାଳ ନୃପ ରାଜ ଯାଦବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ କଳାହାଣ୍ଡି ଉତ୍ସବର ତାରିଖ ଓ ରୂପରେଖ ଚୂଡାନ୍ତ କରାଯାଇଥିଲା। ପ୍ରତି ବର୍ଷ କେସିଙ୍ଗା ରେ ବ୍ଲକସ୍ତରୀୟ ଉତ୍ସବ ଗୋଟିଏ ଦିନ ଓ ଏନ୍‌ଏସିସ୍ତରୀୟ କଳାହାଣ୍ଡି ଉତ୍ସବ ଗୋଟିଏ ଦିନ ଅନୁଷ୍ଠିତ ହେଉଥିଲା କିନ୍ତୁ ଚଳିତ ବର୍ଷ ଦୁଇଦିନ ଧରି କଳାହାଣ୍ଡି ଉତ୍ସବ ସ୍ଥାନୀୟ ବିଦ୍ୟାପୀଠ ଖେଳପଡ଼ିଆରେ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ତଦ ଅନୁଯାୟୀ ଜାନୁୟାରୀ ୧୦ ଓ ୧୧ ତାରିଖ ଉତ୍ସବ ପାଳନ ହେବ ।୧୦ ତାରିଖ ଦିନ ସ୍ଥାନୀୟ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ଓ ଅଞ୍ଚଳର ପ୍ରତିଭାଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଥିବା ବେଳେ ୧୧ ତାରିଖ ଦିନ ଓଲିଉଡ ତଥା ସମ୍ବଲପୁରୀ ଗାୟିକା ଅର୍ଚ୍ଚନା ପାଢ଼ୀ ଉତ୍ସବ ଯୋଗଦେଇ ନିଜର ପ୍ରତିଭା ଦେଖାଇବେ। ବୈଠକରେ କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ, ସହରର ବୁଦ୍ଧିଜିବୀ ବି ଚନ୍ଦ୍ରଶେଖର ଆଚାରୀଙ୍କ ସହ ସମସ୍ତ ୱାର୍ଡ କାଉନସିଲର ମୋହନ ସାହୁ, ଶ୍ରୀନିବାସ ପଟ୍ଟନାୟକ, ଗଦାଧର ସିଂଦେଓ ଏବଂ ଏନ୍‌ଏସି କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ।

# ଏକଦିବସୀୟ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ



**କର୍ଲାମୁଣ୍ଡା, ୨୫।୧୨(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡା ସରକାରୀ ଉଚବିଦ୍ୟାଳୟ ପଡ଼ିଆରେ ରିଷିଡା ବ୍ୟାଡ଼ମିଣ୍ଟନ ଆସୋସିଏସନ ପକ୍ଷରୁ ତୃତୀୟ ବ୍ୟାଡ଼ମିଣ୍ଟନ ରାତ୍ରିକାଳୀନ ବ୍ୟାଡ଼ମିଣ୍ଟନ(ଡବଲ) ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ନର୍ଲା, ମରାମପୁର, ତୁଷରା, ନୁନମାଠ, କନ୍ତେସିର, କଣ୍ଟାମାଲ, ଖୋଲେନ, ରିଷିଡା, ବଡ଼ମାଲ ଅଞ୍ଚଳରୁ୨୦ଟି ଟିମ ଅଂଶଗ୍ରହଣ କରିଥିଲେ।ଏଥିରେ ନର୍ଲାର ବବଲୁ ଓ ଅନୁ ଚମ୍ପିୟାନ ହୋଇଥିବା ବେଳେ ନୁନମାଠର ସଚିନ ଓ ଚିଣ୍ଟୁ ରନର୍ସଅପ ହୋଇଥିଲେ। ଅଥିତି ଭାବରେ ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି, ରିଷିଡା ଫାଣ୍ଡିଅଧିକାରୀ ମନୁଆ ବିଡ଼ିକା, ସ୍ଥାନୀୟ ସରପଞ୍ଚ ସେବତୀ ରଣା, ଗ୍ରାମଉନ୍ନୟନ କମିଟି ସମ୍ପାଦକ ପ୍ରେମାନନ୍ଦ ପାତ୍ର, ବୀରେନ ଜୈନ ଯୋଗ ଦେଇଥିଲେ। ଆୟୋଜକ କମିଟି ସଭାପତି ସୁନୀଲ କେଡ଼ିଆ, ସମ୍ପାଦକ ପ୍ରତୀକ କେଡ଼ିଆ ମଞ୍ଚାସିନ ଥିଲେ। କମିଟିର ଦେବେନ୍ଦ୍ର ଲେଙ୍କା, ନାଗେଶ ସାହୁ, ଅଜିତ ସାହୁ, କୁନା ନାଏକ, ରେଶବ କେଡ଼ିଆ, ଚନ୍ଦନ ସରାଫ, ଚିନ୍ମୟ ଶବର, ଆୟୁଷ କେଡ଼ିଆ, ଅନନ୍ତ ସେନାପତି, ବବଲୁ ସାହୁ, ଡିଲୁ ବେହେରା, ପପୁନ ରଣା, ବନ୍ଦିଶ ସାହୁ, ସଲିମଶେଖର ରଣା ଶୁଭ୍ରାଂଶୁ ଶୁଭ୍ରଜିତ ସେଲମା ସହଯୋଗ କରିଥିଲେ।

## ବୁଢ଼ାରଜା କ୍ରିକେଟ କପ୍ ସିଜନ-୭

# ଗଞ୍ଜାମକୁ ହରାଇ ରାଜସ୍ଥାନ ବିଜୟୀ

**ସିନାପାଲି, ୨୫।୧୨(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସିଙ୍ଘଝରସ୍ଥିତ ବୁଢ଼ାରଜା ମିନି ଷ୍ଟାଡିୟମରେ ଚାଲିଥିବା ବୁଢ଼ାରଜା କ୍ରିକେଟ କପ୍ ସିଜନ-୭ଗୁରୁବାର ୧୩ ଦିବସରେ ପହଞ୍ଚିଥିବା ବେଳେ ଆଜିର ମ୍ୟାଚ୍‌ରେ ଗଞ୍ଜାମ ଏକାଦଶ କୁ ୮ ୱିକେଟ ରେ ହରାଇ ରାଜସ୍ଥାନ ଏକାଦଶ ବିଜୟୀ ହୋଇଛି। ଆଜିର ମ୍ୟାଚ୍‌ରେ ରାଜସ୍ଥାନ ଏକାଦଶ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇ ଗଞ୍ଜାମକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଗଞ୍ଜାମ ଏକାଦଶ ୧୬.୨ ଓଭରରେ ସମସ୍ତ ୱିକେଟ ହରାଇ ୧୦୫ ରନ ସଂଗ୍ରହ କରିଥିଲା।ଜବାବରେ ରାଜସ୍ଥାନଏକାଦଶ ୭.୫ଓଭରରେ ୨ ୱିକେଟରେ ୧୦୬ ରନ ସଂଗ୍ରହ କରି ବିଜୟ ଲାଭ କରିଥିଲା। ଆଜିର ମ୍ୟାଚ୍‌ରେ ରାଜସ୍ଥାନ ଏକାଦଶର ଆଫଜଲ ୪ ଓଭରରେ ୪ ୱିକେଟ ଦାଖଲ କରି ମେନ୍ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ମୁଖ୍ୟ ଅତିଥି ଭାବରେ କେନ୍ଦୁମୁଣ୍ଡା ସରପଞ୍ଚ ମଦନ ଦଣ୍ଡସେନା, ସମ୍ମାନିତ ଅତିଥି ଭାବରେ ସିନାପାଲି ବ୍ଲକ ଉନ୍ନୟନ



ମୁଖ୍ୟ କିରାଣୀ ଜାକିର ମହମ୍ମଦ, ରମେଶ ଦୁବେ, ଦାଦୁ ଖାନ, ପ୍ରେମ ସିଂ ମାଝି, ଗରୀ ଶଙ୍କର ମାଝି, ସମ୍ପାଦକ ପ୍ରେମଚାନ୍ଦ ବୈଠାରୁ, କୋଷାଧ୍ୟକ୍ଷ କ୍ଷୀରୋଦ ଚନ୍ଦ୍ର ବୈଠାରୁ, ଭୂତେଶ୍ୱର ବୈଠାରୁ, ଭୁବନେ ବୈଠାରୁ, ରାମ ବିଶି ପ୍ରମୁଖ ଯୋଗଦାନ କରି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅମ୍ପାୟାର ଭାବରେ ରୋହିତ ଦୀପ ଓ ବିଭୁ ସାହୁ କାର୍ଯ୍ୟ ତୁଲାଇ ଥିବା ବେଳେ ମ୍ୟାଚ ରେଫରୀ ଭାବରେ ସଞ୍ଜୟ କୁମାର ବୈଠାରୁ ରହିଥିଲେ। ଉଦ୍‌ଘୋଶକ ଭାବରେ ପ୍ରକାଶ ପାତ୍ର, ବିଜୁ ସେଠୀ, ଧନଞ୍ଜୟ ମଲ୍ଲିକ, ପ୍ରହ୍ଲାଦ ଭୋଇ ରହିଥିବା ବେଳେ ସ୍କୋର ର ଭାବରେ ଶାନ୍ତନୁ ବୈଠାରୁ, ପ୍ରକାଶ ମାଝି, ପ୍ରଦୀପ ନାୟକ, ଓ ଅନଲାଇନ ସ୍କୋର ର ଭାବରେ ଆକାଶ ବୈଠାରୁ ରହିଥିଲେ। ଆସନ୍ତାକାଲି(ଶୁକ୍ରବାର) ଦ୍ୱିତୀୟ କ୍ୱାଟର ଫାଇନାଲ ମ୍ୟାଚ୍ କଣ୍ଟାବାଞ୍ଜି ଏକାଦଶ ସହିତ ରାଜସ୍ଥାନର ମୁକାବିଲା ହେବ।ଏହି ଦୁଇ ଦଳ ମଧ୍ୟରୁ ବିଜେତା ଦଳ ଫାଇନାଲକୁ ପ୍ରବେଶ କରି ସୁନ୍ଦରଗଡ଼ ଏକାଦଶ ସହିତ ଫାଇନାଲ ମୁକାବିଲା ହେବ।

# ଜିଲ୍ଲାସ୍ତରୀୟ ସୁଶାସନ ଦିବସ ଓ ବାଜପେୟୀ ଜୟନ୍ତୀ

**ଭବାନୀପାଟଣା, ୨୫।୧୨(ସମିସ)**

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ତଥା ଜିଲ୍ଲାସ୍ତରୀୟ ସୁଶାନ ଦିବସ କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସଭା ଗୃହରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦର ୱାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ





ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସାଂସଦ କଳାହାଣ୍ଡି ମାଳବିକା ଦେବୀ, ସମ୍ମାନିତ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ି, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିନେଶ କୁମାର କହଁର, ଜୟ ଶଙ୍କର ନାୟକ, ବକ୍ତା ଭାବେ ଡକ୍ଟର ଉମେଶ ଚନ୍ଦ୍ର ଶତପଥି ଯୋଗଦେଇ ଅଟଳ ବିହାରୀ ବାଜପେୟୀ ଙ୍କ ଫଟୋ ଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ମୁଖ୍ୟ ଅତିଥି ମାଳବିକା ଦେବୀ ଅଟଳ ବିହାରୀ ବାଜପେୟୀ ଙ୍କ ସ୍ମୃତି ଚାରଣ କରି ସୁଶାସନ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ।କାର୍ଯ୍ୟକ୍ରମ ଉପଲକ୍ଷେ ବିଦ୍ୟାଳୟ ମହାବିଦ୍ୟାଳୟସ୍ତରରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରଶଂଶା ପତ୍ର ପ୍ରଦାନ କରାଯାଇଥିଲା। ସଭା କାର୍ଯ୍ୟକ୍ରମ ପରେ ବାଜପେୟୀଙ୍କ ଆଦର୍ଶ ଜୀବନୀ ସମ୍ପର୍କରେ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ପରିଚାଳନା କରିଥିଲେ। କବିତା ପାଠ କାର୍ଯ୍ୟକ୍ରମକୁ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ପ୍ରାପ୍ତ ଗାଳ୍ପିକ ଦିଲେଶ୍ୱର ରଣା ପରିଚାଳନା କରିଥିଲେ। ସୁଧୀର ରଞ୍ଜନ ଧାଙ୍ଗଡ଼ମାଝୀ ସହଯୋଗ କରିଥିଲେ। ଶେଷରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ନିଆଲ ଧନ୍ୟବାଦ ଅର୍ପଣ କରିଥିଲେ।

**ନୂଆପଡ଼ା:** ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜିଲ୍ଲା ସ୍ତରୀୟ ଜନ୍ମ ଜୟନ୍ତୀ ତଥା ସୁଶାସନ ଦିବସ ନୂଆପଡ଼ା ଜିଲ୍ଲା ସୂଚନା ଏବଂ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ସଦଭାବନା ଗୃହରେ ଅନୁଷ୍ଠିତ ହୋଇଯାଇଛି।ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ ସିଂ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ସୁର୍ମି ସୋରେନ, ନୂଆପଡ଼ା ଜିଲ୍ଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ କ୍ଷମାନିଧି ଭୋଇ, ବରିଷ୍ଠ ଆଇନଜୀବୀ ପ୍ରସନ୍ନ କୁମାର ପାଢ଼ୀ, ବିଶିଷ୍ଟ ଶିକ୍ଷାବିତ କ୍ଷୀରୋଦ ନିବାସ ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଧନେଶ୍ୱର ସେଠୀ ପ୍ରମୁଖ ଯୋଗଦେଇ ଅଟଳ ବିହାରୀ ବାଜପେୟୀଙ୍କ ଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଅଭିଭାଷଣରେ ଜିଲ୍ଲାପାଳ ଆମ ପରବର୍ତ୍ତି ପିଢ଼ି ବାଜପେୟୀଙ୍କ ଜୀବନୀରୁ ବହୁ ଶିକ୍ଷାଲାଭ କରିବାର ଅଛି। ଆରକ୍ଷୀ ଅଧିକ୍ଷକ ଶ୍ରୀ ସିଂହ କହିଛନ୍ତି, ବାଜପେୟୀ ଥିଲେ ଜଣେ ପ୍ରକୃତ ରାଷ୍ଟ୍ର ନେତା। ବିଶିଷ୍ଟ କବି ଏବଂ ଶିକ୍ଷକ କିଶୋର ପ୍ରଧାନଙ୍କ ସଂଯୋଜନା ବହୁ କବି ଏବଂ କବୟତ୍ରୀ ବାଜପେୟୀଙ୍କ ଜୀବନୀ ଉପରେ କବିତା ପଠନ କରିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ମହରା, ଜିଲ୍ଲା ଅବକାରୀ ଅଧିକ୍ଷକ ସଂଘମିତ୍ରା ପ୍ରଧାନ, ଉପଖଣ୍ଡ ସୂଚନା ଏବଂ ଲୋକସମ୍ପର୍କ ଅଧିକାରୀ ରମାକାନ୍ତ ବିଶ୍ୱାସ ଏବଂ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଗଣ ମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼ାଇ ସମାରୋହକୁ ପରିଚାଳନା କରିଥିଲେ।

# ଜାତୀୟ ଉପଭୋକ୍ତା ଦିବସ



**ନୂଆପଡ଼ା, ୨୫।୧୨ (ସମିସ):** ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ବୈଧ ମାପ ଓ ଓଜନ ବିଭାଗ ଜିଲ୍ଲା ନୂଆପଡ଼ା, ସ୍ୱେଚ୍ଛାସେବୀ ସଂଗଠନ ପରଦା ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଜାତୀୟ ଉପଭୋକ୍ତା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଥଣ୍ଡୁରାମ ନାଏକ ଏସିଏସଓ ନୂଆପଡ଼ା ସମ୍ମାନିତ ଅତିଥି, ପୃଥ୍ୱୀରାଜ ହାଁସଦା ଜିଲ୍ଲା ବୈଧ ମାପ ଓ ଓଜନ ଅଧିକାରୀ, ଖାଉଟି ଅଦାଲତ କୋର୍ଟର ପରମାନନ୍ଦ ହଂସ, ରମାକାନ୍ତ ବିଶି ଏସଡିଆଇପିଆରଓ, ମୁଖ୍ୟବକ୍ତା ଭାବେ ନାରାୟଣ ପ୍ରତାପ ଯୋଶୀ ଆଇନଜୀବୀ ନୂଆପଡ଼ା ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ରୁଦ୍ର ଚରଣ ପଟ୍ଟନାୟକ ଅଧ୍ୟକ୍ଷ ପରଦା ନୂଆପଡ଼ା ଅତିଥି ପରିଚୟ ପ୍ରଦାନ କରି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଥଣ୍ଡୁରାମ ନାଏକ ନୂଆପଡ଼ା ଜିଲ୍ଲାର ରାସନକାର୍ଡଧାରୀ ମାନେ ଠକାମିରେ ନପଡ଼ି ସଠିକ ପରିମାଣରେ ଓଜନ ମାପକରି ଚାଉଳ ନେବବୋଲି କହିଥିଲେ। ପରମାନନ୍ଦ ହଂସ ସମସ୍ତ ଉପଭୋକ୍ତାମାନେ ଡିଜିଟାଲ ମାଧ୍ୟମରେ ନ୍ୟାୟ ଏବଂ ଶୀଘ୍ର ଅଭିଯୋଗ ନିବାରଣ କିପରି ନିଜ ଘରେ ରହି ଅନଲାଇନରେ କରି ପାରିବେ ମାର୍ଗ ଦର୍ଶନ କରିଥିଲେ। ପୃଥ୍ୱୀରାଜ ହାଁସଦା ଜାତୀୟ ଉପଭୋକ୍ତା ଦିବସ ଉପଲକ୍ଷେ ସମସ୍ତ ଉପଭୋକ୍ତା ଓଜନ ବଟକରା, ପେଟ୍ରୋଲ ପମ୍ପରେ କିପରି ଠକାମୀ ଶିକାର ନ ହେବେ ସେ ଉପରେ ଧ୍ୟାନ ଦେବାକୁ କହିଥିଲେ।କାର୍ଯ୍ୟକ୍ରମକୁ ଉମାଶଙ୍କର ପଟେଲ ରାଜେଶ ସାହୁ, ମାଧବ ଦାସ, ଭିଭୀଷଣ ପୋଡ଼, ତୁଳସୀ ମାଝୀ, ଶଙ୍କର ବିଶ୍ୱାଳ, ମାନବି ଉଜିର ସହଯୋଗ କରିଥିଲେ। ଶେଷରେ ବେଦରାମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଓସ୍ତାଲି ଡ୍ୟାମ୍‌ର ନିମ୍ନମାନର କାମ

## କାମ ସମ୍ପୂର୍ଣ୍ଣ ପୂର୍ବରୁ ପୋତି ହୋଇଗଲା ପୋଲ



**ବେଲପଡ଼ା, ୨୫ ।୧୨(ସମିସ):** ବଲାଙ୍ଗୀର ଜିଲ୍ଲା ବେଲପଡ଼ା ବ୍ଲକ ଜଳିଆ ଗାଁରେ ଥିବା ଓସ୍ତାଲି ଡ୍ୟାମ୍‌ର ଉନ୍ନତି ନାଁରେ ନିମ୍ନମାନର କାମ ହେଉଛି । ଡ୍ୟାମ ତଳେ ତିଆରି ହେଉଥିବା ପୋଲ ନିର୍ମାଣରେ ବ୍ୟାପକ ଦୁର୍ନୀତି ହେଉଛି। ପୋଲ ନିର୍ମାଣ ଶେଷ ପୂର୍ବରୁ ମାଟିରେ ପୋତି ହୋଇଗଲାଣି । ଏମିତିରେ ଅପର ପାର୍ଶ୍ୱର ପାଣି କେମିତି ଯାତାୟାତ କରିବ ସେନେଇ ଦ୍ୱନ୍ଦ୍ୱ ଦେଖାଦେଇଛି। ଏନେଇ ଗାଁ ଲୋକ ବାରମ୍ବାର ସମ୍ପୃକ୍ତ ଠିକାଦାରଙ୍କୁ ଅଭିଯୋଗ କରୁଛନ୍ତି; ସେ କିନ୍ତୁ ନିଜ ମର୍ଜିରେ କାମ କରୁଛନ୍ତି । ଗତ ବର୍ଷରୁ ଏହି କାମ ଆରମ୍ଭ ହୋଇଛି; ହେଲେ ମନ୍ଥର ଗତିରେ କାମ ହେଉଛି । ଏଣୁ ଗାଁ ଲୋକ ଅସନ୍ତୋଷ ପ୍ରକାଶ କରିଛନ୍ତି । ଡ୍ୟାମ୍ ତଳେ ଯାଇଥିବା ରାସ୍ତାରେ ଏକ ପୋଲ ନିର୍ମାଣ ହେଉଛି। ଡ୍ୟାମ୍‌ର ଆଡିବନ୍ଧରୁ ନିର୍ଗତ ପାଣି ଯିବା ପାଇଁ ପୋଲ ନିର୍ମାଣ ହେଉଛି । ତାହା କିନ୍ତୁ ଅତ୍ୟନ୍ତ ନିମ୍ନମାନର ହୋଇଛି । କିଛି ମାସ ହେବ କାମ ଆରମ୍ଭ ହୋଇଛି। ବର୍ତ୍ତମାନ ପୋଲ ପାର୍ଶ୍ୱରେ ଗାର୍ଡୱାଲ ନିର୍ମାଣ ଚାଲିଛି; କିନ୍ତୁ ନିମ୍ନମାନର କାମ ଯୋଗୁଁ ପୋଲ ମାଟିରେ ପୋତି ହେବାକୁ ବସିଲାଣି।

### ପୋଲ ନିର୍ମାଣ ବେଳେ ଫାଟିଲା ପାଇପ୍

# ୭ ଦିନ ହେଲା ୬ ଗାଁକୁ ପାଣି ବନ୍ଦ

**ଶଗଡ଼ା, ୨୫ ।୧୨(ସମିସ)**

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବିଳାସପୁର ପଞ୍ଚାୟତ ରାକ୍ଷସ କୁଟି, ଟୀଲାଟିଙ୍ଗା, ଦାମପାଲୀ, କିରିକିଚିପାଲି ଓ ଗୁଡଭେଲି ପଦର ପଞ୍ଚାୟତର ପୁରୁଣା ପାଣି ଓ ସିଲେଟପଡ଼ା ଗ୍ରାମବାସୀ ୭ଦିନ ହେଲା ପାନୀୟ ଜଳରୁ ବଞ୍ଚିତ ହୋଇଛନ୍ତି । ୬ ଖଣ୍ଡ ଗାଁକୁ ସଂଯୋଗ ଦିଆ ଯାଇଥିବା ମେଗା ପାନୀୟ ଜଳ ପ୍ରକଳ୍ପର ପାଣି ପାଇପ୍ ଫାଟି ଯାଇଛି । ଏଣୁ ଗ୍ରାମବାସୀ ପାନୀୟ ଜଳ ପାଉ ନ ଥିବା କହିଛନ୍ତି । ପାଇପ ମରାମତି ପାଇଁ ଅନେକ ଥର ଅଭିଯୋଗ କହିଥିଲେ ମଧ୍ୟ କେହି ଧ୍ୟାନ ଦେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

ବିଳାସପୁରଠାରୁ ଦାମପାଲି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଚାଲୁଛି । ଜଡ଼ାମୁଣ୍ଡା ନାଳ ନିକଟରେ ଥିବା ପୋଲ ନୂତନ ଭାବରେ ନିର୍ମାଣ ହେବ। ଏଥିପାଇଁ ଠିକାଦାର ଜେସିବି ସାହାଯ୍ୟରେ ମାଟି ଖୋଳିବା ସମୟରେ ଗ୍ରାମକୁ ଯାଇଥିବା ମେଗା ପାଣି ପାଇପ୍ ଫାଟି ଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହା ଫଳରେ ସମସ୍ତ ୭ଖଣ୍ଡ ଗ୍ରାମବାସୀ ପାଣି ପାଉ ନାହାନ୍ତି। ଠିକାଦାରଙ୍କ ଖମାଖିଆଲି କାମ ଯୋଗୁଁ ଲୋକେ ପାନୀୟ ଜଳ ଭଳି ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ସମସ୍ତ ଗ୍ରାମର ପାଖାପାଖି ୧୫୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ପାନୀୟ ଜଳ ଯୋଗାଣ ବନ୍ଦ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମରେ ଥିବା ନଳକୂପରେ ବିଶୁଦ୍ଧ ପାଣି ବାହାରୁ ନ ଥିବାରୁ ଲୋକେ କିଡ଼ନୀ ଭଳି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହୋଇଛି । ୭ଦିନ ପୂର୍ବରୁ ଏହି ପାଇପ୍ ଫାଟି ଥିବା ବେଳେ ଆଜି ପର୍ଯ୍ୟନ୍ତ ଠିକାଦାର ନିଜ ମନମାନି ଚଳାଉଛନ୍ତି। ବିଭାଗ ମଧ୍ୟ ଏଥିରେ ଆଦୌ ଦୃଷ୍ଟି ଦେଉନି । ଏଣୁ ଅସନ୍ତୋଷ ପ୍ରକାଶ ପାଇଛି।

## ବାସନ୍ତୀ ସାହୁଙ୍କ ପରଲୋକ

**ବୀରମହାରାଜପୁର, ୨୫ ।୧୨ (ସମିସ):** ବୀରମହାରାଜପୁର ବ୍ଲକ ଅଧୀନ ବହଳପଦର ପଞ୍ଚାୟତ ଅମରପାଲି ଗାଁ ରେ ଗ୍ରାମର ଗୌଡିଆ ବିମ୍ବାଧର ସାହୁଙ୍କ



ମା'ବାସନ୍ତୀ ସାହୁଙ୍କ ପରଲୋକ ଘଟିଛି। ବାର୍ଦ୍ଧକ୍ୟଜନିତ ରୋଗରେ ସେ ପୀଡ଼ିତ ଥିଲେ। ମୃତ୍ୟୁବେଳକୁ ତାଙ୍କୁ ୯୫ ବର୍ଷ ହୋଇଥିଲା । ଗୁରୁବାର ସକାଳୁ ବୁର୍ଲା ଚେକ୍‌ଅପ୍ କରିବା ପାଇଁ ବାହାରୁ ଥିବା ସମୟରେ ହଠାତ ଖଟରେ ଶୋଇପଡ଼ିବା କ୍ଷଣି ତାଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁ ସମୟରେ ତାଙ୍କ ଏକମାତ୍ର ପୁଅ ବିମ୍ବାଧର ସାହୁ, ଏକମାତ୍ର ନାତି ନିହାର ରଞ୍ଜନ ସାହୁ, ପୁତ୍ରବଧୂ ରାନୀ ସାହୁ, ନାତୁଣୀ ନୀତୁ ସାହୁ ଉପସ୍ଥିତ ଥିଲେ। ପୁଅ ବିମ୍ବାଧର ସାହୁ ମୁଖାଗ୍ନି ଦେଇଥିଲେ। ବାସନ୍ତୀ ସାହୁଙ୍କ ମୃତ୍ୟୁଖବର ପ୍ରସାରିତ ହେଲାପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ଗାୟତ୍ରୀ ମହାଯଜ୍ଞ ପାଇଁ କଳସ ଯାତ୍ରା

**ବୌଦ୍ଧ, ୨୫ ।୧୨(ସମିସ):** ବୌଦ୍ଧ ମାଉଳସିଙ୍ଗା ହାଇସ୍କୁଲ ସାମ୍ନା ବୁଟୁପାଲିରେ ଶାନ୍ତିକୁଞ୍ଜ ହରିଦ୍ୱାର ଏବଂ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ବୌଦ୍ଧ ଜିଲ୍ଲା ତରଫରୁ ୨୫ରୁ ୨୮ ତାରିଖ ପର୍ଯ୍ୟନ୍ତ ରାଷ୍ଟ୍ର ସମୃଦ୍ଧି ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଆରମ୍ଭ ହୋଇଛି । ପ୍ରଥମ ଦିନରେ ୩୦୮ ମହିଳାଙ୍କୁ ନେଇ ଏକ ବିରାଟ କଳସ ଯାତ୍ରା ମହାନଦୀ ଆଳତି ଘାଟରୁ ବାହାରିଥିଲା । ଏହା ସହର ପରିକ୍ରମା କରି ଯଜ୍ଞ ପଡ଼ିଆରେ ପହଞ୍ଚିଥିଲା । ଯଜ୍ଞ କମିଟିର ମୁଖ୍ୟ ସଂଯୋଜକ ଡ. ପ୍ରବୀର ଦାସଙ୍କ ନେତୃତ୍ୱରେ ଏହି କଳସଯାତ୍ରାକୁ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ବାଘଗୁଡା ଛକରେ ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ସ୍ୱାଗତ କରିଥିଲେ। ହୃଦାନନ୍ଦ ମେହେର, ପ୍ୟାରୀମୋହନ ଶତପଥୀ, ପ୍ରମୋଦ ଚାନ୍ଦ, ମୁରାରିଲାଲ ଅଗ୍ରୱାଲ, ନବୀନ ଶତପଥୀ, ଗୀତାଞ୍ଜଳି ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ । ପୋଡାପୋଡ଼ା ଓ ବୁଟୁପାଲିର କୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ । ବହୁ ଶିଶୁ ଦୁର୍ଗା, ସରସ୍ୱତୀ, କାଳୀ, କୃଷ୍ଣ, ବଳରାମ ବେଶରେ ପରିକ୍ରମା କରିଥିଲେ । କଳସ ଧରି ମହିଳାମାନଙ୍କୁ ଶାନ୍ତିକୁଞ୍ଜ ହରିଦ୍ୱାରରୁ ଆସିଥିବା ଋଷିପୁତ୍ରମାନେ ପୂଜନ କରି ଆଳତି କରିଥିଲେ । ଶୁକ୍ରବାରଠାରୁ ଯଜ୍ଞ ଅନୁଷ୍ଠିତ ହେବ ।

## ଜୀବନ ବିକାଶରେ ଶିକ୍ଷା ବିକାଶ ଆଲୋଚନାଚକ୍ର

**ମନମୁଣ୍ଡା, ୨୫ ।୧୨ (ସମିସ):** ଦହ୍ୟାସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସତ୍ୟଶିଖାରର ୨୫ତମ ଶିକ୍ଷା ବିକାଶ ଆଲୋଚନାଚକ୍ର ଅନୁଷ୍ଠାନର ନିର୍ଦ୍ଦେଶକ ଝସକେତନ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆଲୋଚନାଚକ୍ରରେ ଇଞ୍ଜିନିୟର ଡ. ସଞ୍ଜୟ ପଣ୍ଡା ଯୋଗଦେଇ ଶୁଭାରମ୍ଭ କରିଥିଲେ। ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ ଅଫ ଏଡୁକେସନାଲ ପ୍ଲାନିଂ ଏଣ୍ଡ ଆଡମିନିଷ୍ଟ୍ରେସନ (ଦିଲ୍ଲୀ)ର ପିଏଚ୍‌ଡି ଛାତ୍ର ପବିତ୍ର ଶାହା, କଣ୍ଟାମାଳ ପଞ୍ଚାୟତ ମହାବିଦ୍ୟାଳୟର ଅଧ୍ୟାପକ ଡା. ଦେବଦାସ ମହାପାତ୍ର, ସୋନପୁର କଲେଜର ଓଡ଼ିଆ ଅଧ୍ୟାପିକା ଡ. ଇତିଶ୍ରୀ ଦାଶ, ଶିଶୁ ମଙ୍ଗଳ ସମିତି ସଦସ୍ୟ ରାଜୀବ ନାଏକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶିକ୍ଷକ କରୁଣାକର ଘାଣ୍ଟୁଆଲ, ସତ୍ୟଶିଖାର ସଭାପତି ଗିରୀଶ କର୍ଣ୍ଣ, ଆଇନ ପରାମର୍ଶଦାତା ଭାଗ୍ୟରଥି ମଲିକ, ସିଆର୍‌ସିସି ଶରତ ପ୍ରଧାନ, ସମ୍ବଲପୁର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସରକାରୀ ମହାବିଦ୍ୟାଳୟର ଆସୋସିଏଟ ପ୍ରଫେସର ବୁଦ୍ଧୁରାମ ମେହେର, ଜୀବନ ବିକାଶ ହାୟର ସେକେଣ୍ଡାରି ସ୍କୁଲର ଅଧ୍ୟକ୍ଷ ମଧୁସୂଦନ ବାରିକ, ଅଧ୍ୟାପକ ରଞ୍ଜନ ନାଏକ, ଧନଞ୍ଜୟ ଖମାରି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଶ୍ବ ଚରଣ ସାହୁ, ଶିକ୍ଷୟିତ୍ରୀ ଶାନ୍ତିଲତା ଖମାରୀ, ଶିକ୍ଷକ ସଦାଶିବ ଝାଙ୍କର ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଆଶିଷ ଘିଭେଲା ସହଯୋଗ କରିଥିଲେ । ସୀତାକାନ୍ତ ସିଂହ ସଂଯୋଜନା କରିଥିଲେ ।

## ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗଙ୍କୁ କମ୍ବଳ ବଣ୍ଟନ

**ବୌଦ୍ଧ, ୨୫ ।୧୨(ସମିସ):** ବୌଦ୍ଧ ବ୍ଲକ ମୁଣ୍ଡାପଡ଼ା ପଞ୍ଚାୟତ କନ୍ଧଧୂମାଲ ବୃଦ୍ଧାଶ୍ରମରେ କାର୍ଡ ପକ୍ଷରୁ ବୃଦ୍ଧବୃଦ୍ଧା ଓ ଦିବ୍ୟାଙ୍ଗଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଏଥିରେ ବୌଦ୍ଧ ଆରଟିଓ ସୁଷମା ସାହୁ, କଣ୍ଟାମାଳର ପ୍ରେମଚାନ୍ଦ ସାହୁ ଯୋଗଦେଇ କମ୍ବଳ ବଣ୍ଟନ କରିଥିଲେ। କାର୍ଡର କୋଷାଧ୍ୟକ୍ଷ ବିଘ୍ନରାଜ ପ୍ରଧାନ, ପୂର୍ବତନ କୋଷାଧ୍ୟକ୍ଷ ପ୍ରମୋଦ ପ୍ରଧାନ, କିରଟି ପ୍ରଧାନ, ତପନ ପ୍ରଧାନ, ଧନେଶ୍ୱର ପ୍ରଧାନ, ସତ୍ୟ ମହାକୁଡ଼, ସତ୍ୟଶ୍ରୀ ପୋଡ଼ ପ୍ରମୁଖ ସହଯୋଗ କରିଥିଲେ।

## ଅଟଳବିହାରୀ ବାଜପେୟୀଙ୍କ ଜୟନ୍ତୀ ପାଳିତ

**ତରଭା, ୨୫ ।୧୨(ସମିସ):** ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ ତମ ଜୟନ୍ତୀ ଓ ଜିଲ୍ଲାସ୍ତରୀୟ ସୁଶାସନ ଦିବସ ସୁବର୍ଣ୍ଣପୁର




ଅତିରିକ୍ତ ଜିଲ୍ଲାପାଳ ସାଧାରଣ ଅଞ୍ଜଳିନା ପ୍ରଧାନଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଜିଲ୍ଲାପାଳ ଡ଼ ନୃପରାଜ ସାହୁ, ସମ୍ମାନିତ ଅତିଥିଭାବେ ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ରାଜେନ୍ଦ୍ର ମାଝୀ ଓ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ବିଶିଷ୍ଟ ଶିକ୍ଷାବିତ୍ ଜ୍ୟୋତିରଞ୍ଜନ ବହିଦାର ଯୋଗଦାନ କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅର୍ଜୁନ ମାଝୀ ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମଚାରୀ ବୃନ୍ଦ, ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଅନୁଷ୍ଠାନର ପ୍ରତିନିଧି, ବୁଦ୍ଧିଜୀବୀ, ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀ, ମିଶନଶକ୍ତି ବିଭାଗ ଅଧୀନ ବିଭିନ୍ନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା, ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରିତି ସୁନା ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଏମ୍‌ଜିଏମ୍ ସ୍ପିରିଟରେ ଶ୍ରମିକ ଗୁରୁତର

**ବୌଦ୍ଧ, ୨୫ ।୧୨(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ତହସିଲ ଅଧୀନ ବିରନରସିଂପୁର ପଞ୍ଚାୟତର କରଡ଼ି ଗାଁ ନିକଟ ଏମଜିଏମ୍ କମ୍ପାନୀର ଅଘଟଣ ଘଟିଛି। ନିର୍ମାଣ କାର୍ଯ୍ୟ ସମୟରେ ଉପରୁ ପଡ଼ି ଦିନେଶ ଯାଦବ ନାମକ ଜଣେ ଅଣ ଓଡ଼ିଆ ଶ୍ରମିକ ଗୁରୁତର ହୋଇଛନ୍ତି। ତାଙ୍କ ମୁଣ୍ଡରେ ହେଲମେଟ, ସୁରକ୍ଷା ବେଲ୍ଟ କିମ୍ବା ଅନ୍ୟ କୌଣସି ସୁରକ୍ଷା ଉପକରଣ ନ ଥିଲା । ରକ୍ତାକ୍ତ ଅବସ୍ଥାରେ କମ୍ପାନୀ କର୍ତ୍ତୃପକ୍ଷ ତାଙ୍କୁ ତୁରନ୍ତ ବୌଦ୍ଧ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି ।

## ବେକରେ ଓଢ଼ଣୀ ଦେଇ ଯୁବତୀଙ୍କ ଆତ୍ମହତ୍ୟା

**ତରଭା, ୨୫ ।୧୨(ସମିସ):** ତରଭା ବନ୍ଧପଡ଼ା ନିବାସୀ ଦିଲ୍ଲୀପ ମହଲାଙ୍କ ଝିଅ ସସ୍ମିତା (୨୮) କୌଣସି କାରଣରୁ ନିଜ ବେକରେ ଓଢଣୀ ଲଗାଇ ଆତ୍ମହତ୍ୟା କରିଥିବା ବାପା ଦିଲ୍ଲୀପ ତରଭା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସସ୍ମିତାକୁ ଝୁଲୁଥିବା ଦେଖି ପରିବାର ଲୋକେତାକୁ ତରଭା ଡାକ୍ତରଖାନାକୁ ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏ ସମ୍ପର୍କରେ ତରଭା ପୁଲିସ ଖବରପାଇ ଶବ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି ଓ ଏସ୍‌ଆଇ ସୁଧୀର କୁମାର ଜେନା ତଦନ୍ତ ଦାୟିତ୍ୱ ନେଇଥିବା ଜଣାଯାଇଛି ।

## ଚୋରାଚାଲାଣ ବେଳେ ଶାଗୁଆନ ଗଛ ସହ ଟ୍ରାକ୍ଟର ଜବତ

**ତରଭା, ୨୫ ।୧୨(ସମିସ):** ବାରପାହାଡ଼ ଜଙ୍ଗଲରୁ ଚୋରାଚାଲାଣ ହେଉଥିବା ଖବର ପାଇ ନାରାୟଣପୁର ବନ ବିଭାଗ ଶାଗୁଆନ ଗଛ ସହ ଗୋଟିଏ ଟ୍ରାକ୍ଟର ଜବତ କରିଛି । ଡ୍ରାଇଭର ଫେରାର ମାରିଛି । ତରଭା ବ୍ଲକ ମେଣ୍ଡା ନିକଟ କନ୍ଧପାଲି ଜଙ୍ଗଲ ନିକଟରୁ ବନ ବିଭାଗ ଏହା ଜବତ କରିଛି । ଜବତ ଗାଡ଼ି ସୋନପୁର ବନ ବିଭାଗ କାର୍ଯ୍ୟାଳୟକୁ ନିଆଯାଇଛି । ସମ୍ପର୍କରେ ନାରାୟଣପୁର ଫରେଷ୍ଟର ଭକ୍ତବନ୍ଧୁ ପଟ୍ଟନାୟକଙ୍କୁ ପଚାରିବାରୁ ୩ଟି ଶାଗୁଆନ ଗଣ୍ଡି ଜବତ କରାଯାଇଛି । ଏହାର ମୂଲ୍ୟ ଆନୁମାନିକ ୪୦/୫୦ ହଜାର ଟଙ୍କା ହେବ ବୋଲି କହିଛନ୍ତି ।

## ପୁରୁଣାକଟକ ବ୍ୟବସାୟୀ ସଂଘର ନୂତନ କର୍ମକର୍ତ୍ତା

**ହରଭଙ୍ଗା, ୨୫ ।୧୨(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ପୁରୁଣାକଟକ ବ୍ୟବସାୟୀ ସଂଘର ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଛି । ସଂଘର ବାର୍ଷିକ ବୈଠକ ମଣିପୁରଠାରେ ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ସଦସ୍ୟ ସୁକାନ୍ତ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ । ସଭାପତି ଭାବେ ଅବିନାଶ ସାହୁ, ସମ୍ପାଦକ ଭାବେ ସନ୍ତୋଷ ପ୍ରଧାନ (ଥୁଲୁ), କୋଷାଧ୍ୟକ୍ଷ ଭାବେ ସତ୍ୟନାରାୟଣ ଡାଗଙ୍କୁ ଚୟନ କରାଯାଇଛି । ସେହିପରି ଉପଦେଷ୍ଟା ମଣ୍ଡଳୀରେ ରମେଶ ପ୍ରଧାନ, ମନୋଜ ପାଢ଼ୀ, ସତୀଶ ବେହେରା, ସୁକାନ୍ତ ପଟ୍ଟନାୟକ ଓ ତୁଷାର ସାହୁଙ୍କୁ ମନୋନୀତ କରାଯାଇଥିଲା ।

## ଖୁଣ୍ଟବନ୍ଧ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା

**ବୌଦ୍ଧ, ୨୫ ।୧୨(ସମିସ):** ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ପରିସରରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ଟୁନି ମହାନନ୍ଦିଆ ଅଧ୍ୟକ୍ଷତା କରିଥିବାବେଳେ ପିଇଓ ହିମାଂଶୁ ଶେଖର ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ । ନାଏବ ସରପଞ୍ଚ ସମୀର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ୱାର୍ଡସଭ୍ୟ ବିଶ୍ୱାମିତ୍ର ବାରିକ, ଅକ୍ଷୟ ଗାଇଗୌରିଆ, ସନ୍ତୋଷ ଅମାତ ପ୍ରମୁଖ ଉପସ୍ଥିତ ଥିଲେ ।

## ଜୟନ୍ତୀରେ ବାଜପେୟୀଙ୍କ ଗୁଣଗାନ

**ବୌଦ୍ଧ, ୨୫ ।୧୨(ସମିସ):** ବୌଦ୍ଧ ଜିଲ୍ଲା ସଂଗ୍ରହାଳୟ ପରିସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସୁଶାସନ ଦିବସ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିଭୂତି ଭୂଷଣ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ସରୋଜ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ତହସିଲଦାର ଅନିତା ସାହୁ, ଅତିରିକ୍ତ ତହସିଲଦାର କୁମୁଦ ଚନ୍ଦ୍ର ଦଳବେହେରା, ଅବସରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ ଶ୍ୟାମସୁନ୍ଦର ମହାପାତ୍ର, ପ୍ରତାପ ରଥ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କବିତା ପାଠୋତ୍ସବରେ ଅତିଥି ଭାବେ ସାହିତ୍ୟିକ ରମେଶ ପ୍ରସାଦ ମେହେର, ସତ୍ୟଜିତ ପଣ୍ଡା, ଶ୍ୟାମସୁନ୍ଦର ମହାପାତ୍ର, ମଞ୍ଜୁପ୍ରଭା ପଟ୍ଟନାୟକ, ପ୍ରତାପ ରଥ, ଶଙ୍କର ପ୍ରସାଦ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଅଭିନବ ପଟ୍ଟନାୟକ ସଂଯୋଜନା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ପ୍ରତିଯୋଗିତାରେ ସାହିତ୍ୟିକ ଚିତ୍ତରଞ୍ଜନ ଦାଶ, ରମେଶ ପ୍ରସାଦ ମେହେର, ହୃଦାନନ୍ଦ ପ୍ରଧାନ, ପ୍ରତାପ ରଥ, ସତ୍ୟଜିତ ପଣ୍ଡା, ପ୍ରଧାନ ଶିକ୍ଷକ ପ୍ରଦୀପ ମହାନ୍ତି, ଶିକ୍ଷକ ସ୍ୱସ୍ତିକା ବିଶି, ବିଭୁତି ପୃଷ୍ଟି, ସ୍ୱରୂପ ପଟ୍ଟନାୟକ, ଚତୁର୍ଭୁଜ କର, ବୀର ପ୍ରତାପ ସିଂହ ଉପସ୍ଥିତ ଥିଲେ। ମେଣ୍ଡିମାଲ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ପ୍ରମୋଦ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ । କୁନି କଳାକାର ବଦ୍ରୀନାଥ ସାହୁ କୌତୁକ ବେଶ ପୋଷାକ ପ୍ରତିଯୋଗିତାରେ ପ୍ରଥମ ହୋଇଥିଲେ। ସେଣ୍ଟ ଜାଭିଅର ସ୍କୁଲର ଛାତ୍ର ଆର୍ଯ୍ୟ ନାରାୟଣ ଦେବ କବିତା ପାଠ କରିଥିଲେ । ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର ବିଭାନ ମିଶ୍ର ଏବଂ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀ ଶ୍ରେୟଂଶି ସାହୁ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଅକ୍ଷୟ ମହାକୁଡ଼, ସୋମନାଥ ବାରିକ, ପିଙ୍କି ବେହେରା, ଜିତେନ୍ଦ୍ର ମହାନ୍ତି, ବୀରକିଶୋର କର୍ମୀ, ଅମରେଶ ପାଣିଗ୍ରାହୀ, ବାବୁଲାଲ ନାୟକ, ଜୟଦେବ ବେହେରା, ସଚ୍ଚିନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

**କଣ୍ଟାମାଳ:** ବାଉଁଶୁଣୀ ତୁଳସୀ କଲ୍ୟାଣ ମଣ୍ଡପରେ ଭାରତ ରତ୍ନ ଅଟଳବିହାରୀ ବାଜପେୟୀଙ୍କ ୧୦୧ତମ ଜୟନ୍ତୀ ପାଳିତ ହୋଇଛି । କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ବରିଷ୍ଠ ବିଜେପି ନେତା ମାଗୁଣି ଗାଇଗରିଆ, ବିପ୍ର ଚରଣ ମହାନ୍ତି, ମନୋରଞ୍ଜନ ଦାସ, ପିନାକଧର ରଣା, ଯୀଶୁ ପ୍ରଧାନ, ବନମାଳୀ ରଣା, ଚିତ୍ତରଞ୍ଜନ ପାତ୍ର, ଶ୍ରୀକାନ୍ତ ଭୋଇ, ଶୁଭ୍ରାଂଶୁ ଡାଙ୍ଗ, ଗୋପୀନାଥ କହଁର, ସୁଧୀର ସାହୁ, ଚଞ୍ଚଳ ରଣା, କେଦାର ସାହୁ, ରାମଚନ୍ଦ୍ର ତାଣ୍ଡି, ଠାକୁର ନାୟକ, ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଜିଲ୍ଲା ପରିଷଦ ସଦସ୍ୟ ରାକେଶ ତ୍ରିପାଠି, ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ଅଟଳ ପ୍ରଧାନ, ପୂର୍ବତନ ଜିଲ୍ଲା ସଭାପତି ବିପ୍ର ଚରଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରେମାନନ୍ଦ ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ । ସୁଶାନ୍ତ ବାଘ ସଂଯୋଜନା କରିଥିଲେ ।

## ପଲଶାଗୋରା ଶିଶୁମନ୍ଦିରର ବନ ବିହାର କାର୍ଯ୍ୟକ୍ରମ

**ପଲଶାଗୋରା, ୨୫ ।୧୨ (ସମିସ):** କଣ୍ଟାମାଳ ନିକଟସ୍ଥ ବନ୍ଧପାଲି ଗ୍ରାମର ଶ୍ରୀରାମ ମନ୍ଦିର ନିକଟରେ ପଲଶାଗୋରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବନ ବିହାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସନ୍ତୋଷ ବିଶି, ବିଦ୍ୟାଳୟର ସଭାପତି ଲୋକନାଥ ପାଢ଼ୀ, ଉପସଭାପତି କମ୍ବୁସେନ ସାହୁ, ସମ୍ପାଦକ ସୁରେନ୍ଦ୍ର ପ୍ରଧାନ, ଯୁଗ୍ମ ସମ୍ପାଦକ ଅଜିତ ଗିରି, କୋଷାଧ୍ୟକ୍ଷ ଲକ୍ଷ୍ମୀଧର ସାହୁ, ସଦସ୍ୟା ପଦ୍ମିନୀ ମିଶ୍ର ଓ ଶ୍ରାବଣୀ ସେଠୀ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ହେମନ୍ତ ପୁଟେଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ଆଚାର୍ଯ୍ୟ ଶ୍ରୀପତି ଦୀପ ଧନ୍ୟବାଦ ଦେଇଥିଲେ।

## ମହଦା ପେକ୍ସ ଶୁଭାରମ୍ଭ



**ବିନିକା, ୨୫ ।୧୨(ସମିସ):** ମହଦା ସେବା ସମବାୟ ସମିତିରେ ଧାନ କିଣା ଶୁଭାରମ୍ଭ ହୋଇଛି। ବିନିକା ବିଡ଼ିଓ ଶରତ ବାଘ ଓ କୁହିବାହାଲ ସରପଞ୍ଚ ସୁଦାମ ପ୍ରଧାନ ଅତିଥି ଭାବେ ଉପସ୍ଥିତ ରହି ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ଚାଷୀ ଅଜିତ ପଧାନଙ୍କ ୩୮କୁଇଣ୍ଟାଲ, ତପିସା ପଧାନଙ୍କ ୪୭କୁଇଣ୍ଟାଲ, ବିଶେଶ୍ୱର ଗୁରୁଙ୍କ ୧୭କୁଇଣ୍ଟାଲ, ସୁରେଶ ଷାଣ୍ଢଙ୍କ ୧୭କୁଇଣ୍ଟାଲ୍, ସେବକି ଭୋଇଙ୍କ ୭୫କୁଇଣ୍ଟାଲ, ଘୁସା ପଧାନଙ୍କ ୩୨କୁଇଣ୍ଟାଲ, କବିରାଜ ମହାକୁରଙ୍କ ୨୬କୁଇଣ୍ଟାଲ ଧାନ କ୍ରୟ କରାଯାଇଛି ।

## ବାଂଲାଦେଶରେ ହିନ୍ଦୁଙ୍କୁ ନିର୍ଯାତନା ବିରୋଧରେ ବିକ୍ଷୋଭ




**ଡୁଙ୍ଗୁରିପାଲି, ୨୫ ।୧୨ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲିରେ ଆଜି ତୁଳସୀ ପୂଜନ ଦିବସ ଅବସରରେ ଜିଲ୍ଲା ସଂଯୋଜକ ପ୍ରଫୁଲ୍ଲ ବାରିକଙ୍କ ଆବହକରେ ହିନ୍ଦୁ ଜାଗରଣ ମଞ୍ଚ ଓ ବଜରଙ୍ଗ ଦଳର ମିଳିତ ଆନୁକୂଲ୍ୟରେ ବାଂଲାଦେଶରେ ହିନ୍ଦୁ ଯୁବକ ଦିପୁ ଚନ୍ଦ୍ର ଦାସଙ୍କୁ ନୃଶଂଶ ଭାବେ ହତ୍ୟା କରି ଜାଳିବା ଏବଂ ହିନ୍ଦୁମାନଙ୍କ ଧାର୍ମିକସ୍ଥଳରେ ଭଙ୍ଗାରୁଜା ଘଟଣାକୁ ନିନ୍ଦାକରି ହିନ୍ଦୁ ଜାଗରଣ ମଞ୍ଚ ଏବଂ ବଜରଙ୍ଗ ଦଳ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପ୍ରତିବାଦ ସମୟରେ ବିକ୍ଷୋଭକାରୀ ବାଂଲାଦେଶର ବିରୋଧକରି ନାରାବାଜୀ ଦଇ କୁଶପୁତ୍ତଳିକା। ପତାଞ୍ଜଳି ଯୋଗ ସମିତିର ପବିତ୍ର ସାହୁ, ବଜରଙ୍ଗ ଦଳର ସଦସ୍ୟ ଅନୀମେଶ ସରାଫ, ସୁବ୍ରତ ପଧାନ, ସରୋଜ ପଧାନ, ଯଦୁମଣି କୁଦେଇ, ସୁନିଲ ବେହେରା, ହିନ୍ଦୁ ଜାଗରଣ ମଞ୍ଚ ମହିଳା ଶାଖାର କଳ୍ପନା ଶିକା, ନିଆଳି ମେହେର, ପଦ୍ମିନୀ ମେହେର, ସୁନନ୍ଦା ବହିଦାର, ରିଙ୍କି ଠେଲା, ସପନ ଶିକା, ମୁକେଶ ଭୋଇ, ସୁଶିଲ ଠେଲା, ଦେବରାଜ ବାଗ, ଯୁଧିଷ୍ଠିର ନାହାକ, ସୋହନ ସାହୁ, ଅତୋଷ ବରୁଡ଼ି, ଅଭି ବେହେରା, ସୀମାଞ୍ଚଳ ସାମଲ, ଭାବେଶ ଅଗ୍ରୱାଲ, ଯାମିନି ଭୁଏ, ଟୁନା ଗୁରୁ, ଗଣେଶ, ଇଶ୍ମିଥ, ତପନ, ପ୍ରଭାତ ପ୍ରମୁଖ ସାମଲ ହୋଇଥିଲେ ।

### ସର୍ବଭାରତୀୟ ଲୁତୁରପଙ୍କ କ୍ରିକେଟ କପ୍

# ସେମିରେ ବେଙ୍ଗାଲୁରୁ ଏକାଦଶ କର୍ଣ୍ଣାଟକ

**ବୀରମହାରାଜପୁର, ୨୫ ।୧୨(ସମିସ)**



ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅଧୀନ ଲୁତୁରପଙ୍କ ହାଇସ୍କୁଲ ପଡ଼ିଆରେ ଜେଜେସିସି ଆନୁକୂଲ୍ୟରେ ହେଉଥିବା ୨୯ତମ ସର୍ବଭାରତୀୟ ଜୟ ଜଗନ୍ନାଥ ଲୁତୁରପଙ୍କ କ୍ରିକେଟ କପ୍‌ର ପଞ୍ଚମ ଦିବସରେ ବକାରୋ ଚ୍ୟାଲେଞ୍ଜର ଝାଡ଼ଖଣ୍ଡକୁ ହରାଇ ବେଙ୍ଗାଲୁରୁ ଏକାଦଶ କର୍ଣ୍ଣାଟକ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍ ଟି ଟି-୨୦, ଟି-୧୦ ଓ ସୁପର -୨ ଓଭର ବିଶିଷ୍ଟ ଫର୍ମାଟରେ ଖେଳାଯାଇଥିଲା । ପ୍ରଥମ ଫର୍ମାଟରେ ବକାରୋ ଚ୍ୟାଲେଞ୍ଜର ଝାଡ଼ଖଣ୍ଡ ବ୍ୟାଟିଂ କରି ୧୯.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୩୪ ରନ୍ କରିଥିଲେ । ଦଳର ଜିସାନ ହାସମି ୪୮ ରନ୍, ଅଖିଳ ଯାଦବ ୨୯ ରନ୍ କରିଥିଲେ। ବିପକ୍ଷ ଓମକାର ମହାନ୍ତି, ରାଗା ଶିବ କୁମାର, ଇନିତ କୁମାର ଓ ନୀତିଶ ୱାଣିକିଆଲା ପ୍ରତ୍ୟେକ ୨ ଟି ଲେଖାଏଁ ଉଇକେଟ ନେଇଥିଲେ। ଜବାବରେ କର୍ଣ୍ଣାଟକ ୧୫.୨ ଓଭରରେ ସମସ୍ତ ଉଇକେଟ ହରାଇ ୯୬ ରନ କରିଥିଲେ । ଦଳର ବିନୟ ମାସକି ୩୫ ଓ ଅଭିଷେକ ଏସକେ ୨୯ ରନ କରିଥିଲେ । ଝାଡ଼ଖଣ୍ଡର ଆଶିଷ ଯାଦବ ଓ ପବନ କୁମାର ପ୍ରତ୍ୟେକ ୩ ଟି ଲେଖାଏଁ ଉଇକେଟ ନେଇଥିଲେ । ଟି-୧୦ ଫର୍ମାଟରେ ଝାଡ଼ଖଣ୍ଡ ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୬୪ ରନ କରିଥିଲା । ଦଳର ମଙ୍ଗଳମ ଦ୍ୱିବେଦୀ ୧୪ ରନ୍ କରିଥିଲେ । ବିପକ୍ଷ କର୍ଣ୍ଣାଟକ ଓମକାର ମହାନ୍ତି, ରୁପକ ସାହୁ ଓ ନୀତିଶ ୱାଣିକିଆଲା ପ୍ରତ୍ୟେକ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଜବାବରେ କର୍ଣ୍ଣାଟକ ୪.୩ ଓଭରରେ କୌଣସି ଉଇକେଟେ ନ ହରାଇ ୬୫ ରନ୍ କରିଥିଲା। ଦଳର ଅଭିଷେକ ଏସ୍‌କେ ୧୫ ଟି ବଲରୁ ୪୦ ରନ୍ କରିଥିଲେ। ଉଭୟ ଦଳ ଗୋଟିଏ ଲେଖାଏଁ ଫର୍ମାଟରେ ବିଜୟୀ ହେବାରୁ ସୁପର -୨ ଖେଳାଯାଇଥିଲା। ଏଥିରେ ବାକରୋ ଚ୍ୟାଲେଞ୍ଜର ଝାଡ଼ଖଣ୍ଡ ୭ ରନ କରିଥିବା ବେଳେ କର୍ଣ୍ଣାଟକ ୮ ରନ୍ କରି ବିଜୟୀ ହୋଇଥିଲା। ଫଳରେ କର୍ଣ୍ଣାଟକ ପୁଲ - ବିରୁ ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ପୀତାମ୍ବର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ.ନୃପରଜ ସାହୁ ମୁଖ୍ୟ ଅତିଥି ଏବଂ ବୀରମହାରାଜପୁର ବରିଷ୍ଠ ନାଗରିକ ସଂଗଠନର ସଭାପତି ଡ.ପ୍ରଫୁଲ୍ଲ କୁମାର ରଥ, ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟକୁମାର ନନ୍ଦ, ବ୍ୟବସାୟୀ କୁଶ କୁମାର ସାହୁ, ସଞ୍ଜୟ ବଡ଼ପଣ୍ଡା, ଆକାଶ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଏହି ଅବସର ରେ ଶାଶ୍ୱତ ସୌମ୍ୟକାନ୍ତ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହିତ କର୍ଣ୍ଣାଟକର ଅଭିଷେକ ଏସ୍‌କେଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ମ୍ୟାଚ୍‌କୁ ଓସିଏ ମାନ୍ୟତାପ୍ରାପ୍ତ ଆମ୍ପାୟାର ବିଶ୍ୱଜିତ ପୁରୋହିତ ଓ ପୃଥ୍ୱୀରାଜ ମିଶ୍ର ପରିଚାଳନା କରିଥିବାବେଳେ ମାନସ ରଞ୍ଜନ ମହାକୁର ସ୍କୋରିଂ, ଚମାରୁ ମହାକୁର ଅନ୍‌ଲାଇନ ସ୍କୋରିଂ ଏବଂ ମ୍ୟାକ୍ ମିଲନ ମହାକୁର ଓ ଆଶିଷ ଦେଓ ଧାରାବିବରଣୀ ପ୍ରଦାନ କରିଥିଲେ ।

# ଦେବ ନିମନ୍ତ୍ରଣରୁ ଆରମ୍ଭ ହେଲା 'ଦୁଲଦୁଲି'ର ପ୍ରସ୍ତୁତି



ଝାରସୁଗୁଡ଼ା,୨୫।୧୨(ସମିସ): ଝାରସୁଗୁଡ଼ା ଜିଲ୍ଲାର ସୁନାମଧନ୍ୟ ସାଂସ୍କୃତିକ ମହୋତ୍ସବ 'ଦୁଲଦୁଲି ୨୦୨୬'ର ସଫଳ ଆୟୋଜନ ନିମନ୍ତେ ଗୁରୁବାର ପରମ୍ପରା ଅନୁଯାୟୀ ଜିଲ୍ଲାର ଅଧିଷ୍ଠାତ୍ରୀ ଓ ପ୍ରମୁଖ ଦେବଦେବୀଙ୍କ ପୀଠରେ ପ୍ରଥମ

**ମନ୍ଦିର ମନ୍ଦିର ବୁଲି ଜିଲ୍ଲା ପ୍ରଶାସନ ପକ୍ଷରୁ ନିମନ୍ତ୍ରଣ**

ନିମନ୍ତ୍ରଣ ପତ୍ର ଅର୍ପଣ କରାଯାଇଛି। ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ଓ ବିଶିଷ୍ଟ ବ୍ୟକ୍ତିବିଶେଷ ମାନେ ମିଳିତ ଭାବେ ଝାଡେଶ୍ୱର ମନ୍ଦିର, ମାଁ କନକ ଦୁର୍ଗା ମନ୍ଦିର, ମାଁ ସିଦ୍ଧେଶ୍ୱରୀ ଏବଂ ମାଁ ରାମଚଣ୍ଡୀ ମନ୍ଦିରକୁ ଯାଇ ଶ୍ରଦ୍ଧାର ସହ ପ୍ରଥମ ନିମନ୍ତ୍ରଣ ପତ୍ର ଅର୍ପଣ କରି ଆଶୀର୍ବାଦ ଭିକ୍ଷା କରିଛନ୍ତି। ଏହି ଶୁଭ କାର୍ଯ୍ୟରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜ ବନ୍ଧୁ ଭୋଇ ଏବଂ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ। ସେମାନଙ୍କ ସହିତ ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ (ପ୍ରଶାସନ), ଜିଲ୍ଲା ସଂସ୍କୃତି ଅଧିକାରୀ, ଝାରସୁଗୁଡ଼ା ପୌରପାଳିକାର ନିର୍ବାହୀ ଅଧିକାରୀ ଏବଂ ବିଶିଷ୍ଟ ସମାଜସେବୀ ତାପସରଞ୍ଜନ ଚୌଧୁରୀ ମଧ୍ୟ ଯୋଗ ଦେଇଥିଲେ। ସ୍ଥାନୀୟ ଲୋକକଳା ଓ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ 'ଦୁଲଦୁଲି' କାର୍ଯ୍ୟକ୍ରମ ଏକ ପ୍ରମୁଖ ମାଧ୍ୟମ ବୋଲି ଜିଲ୍ଲା ପ୍ରଶାସନ ପ୍ରକାଶ କରିଛି। ଦେବଦେବୀଙ୍କ ପାଖରେ କାର୍ଡ ଲାଗି ହେବା ପରେ ଏହି ସାଂସ୍କୃତିକ ମହୋତ୍ସବ ପାଇଁ ପ୍ରସ୍ତୁତି ପର୍ବ ଜୋରଦାର ହୋଇଛି।

# ନିଆଁରେ ପୋଡ଼ି ଦମ୍ପତି ଗୁରୁତର

କୋଲାବିରା,୨୫।୧୨(ସମିସ): କୋଲାବିରା ଛକ ସ୍ଥିତ ଶକୁନ୍ତଳା ହୋଟେଲର ମାଲିକ ଦମ୍ପତି ଗୁରୁବାର ଭୋରରୁ ଗ୍ୟାସ ଜାଳିବାକୁ ଯାଇ ନିଆଁରେ ପୋଡି ଉଭୟେ ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କୁ ଗୁରୁତର ଅବସ୍ଥାରେ ରାଉରକେଲା ଆଇଜିଏଚରେ ଭର୍ତ୍ତି କରାଯାଇଛି। ଜିଲ୍ଲାର ଜଣାଶୁଣା ହୋଟେଲ ତଥା ଟ୍ରାନ୍ସପୋର୍ଟ ବ୍ୟବସାୟୀ ସୁରେନ୍ଦ୍ର ଟଣକାର(୬୭) ଏବଂ ତାଙ୍କ ପତ୍ନୀ ପୁଷ୍ପାଞ୍ଜଳି (୬୦) ସକାଳୁ ଉଠି ନିତ୍ୟକର୍ମ ପାଇଁ ପାଣି ଗରମ କରିବାକୁ ରୋଷେଇ ଘରକୁ ଯାଇଥିଲେ। ଗ୍ୟାସ ଚୂଲା ଜାଳିବାକୁ ନିଆଁ ଲଗାଇବା ମାତ୍ରେ କୋଠରୀ ଭିତରେ ଥିବା ଗ୍ୟାସ ଯୋଗୁ ନିଆଁ ଲାଗି ଯାଇଥିଲା। ପ୍ରଥମେ ପୁଷ୍ପାଞ୍ଜଳିଙ୍କ ଦେହରେ ନିଆଁ ଲାଗିଥିଲା। ତାଙ୍କ ଚିତ୍କାର ଶୁଣି ସ୍ୱାମୀ ସୁରେନ୍ଦ୍ର ପୁଷ୍ପାଞ୍ଜଳିଙ୍କୁ ରକ୍ଷା କରିବାକୁ ରୋଷେଇ ଘର ଭିତରକୁ ଦୌଡି ଆସିଥିଲେ। ଫଳରେ ତାଙ୍କ ଦେହରେ ମଧ୍ୟ ନିଆଁ ଲାଗି ଯାଇଥିଲା। ଗ୍ୟାସ ଯୋଗୁ ନିଆଁର ପ୍ରକୋପ ଏତେ ଅଧିକ ଥିଲା ଯେ ଉଭୟେ ବାହାରକୁ ବାହାରି ନ ପାରି ନିଆଁରେ ପୋଡି ଗୁରୁତର ହୋଇଥିଲେ। ପରିବାର ତଥା ଆଖପାଖ ଲୋକେ ପ୍ରଚଣ୍ଡ ସବ୍ଦ ସାଙ୍ଗକୁ ଆର୍ତ୍ତ ଚିତ୍କାର ଶୁଣିଥିଲେ। ସେମାନଙ୍କୁ ନିଆଁ ଲାଗିଥିବା କୋଠରୀ ଭିତରୁ ଉଦ୍ଧାର କରିବା ସହିତ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ମାତ୍ର ଅବସ୍ଥା ସଙ୍କଟାପନ୍ନ ଥିବାରୁ ଉଭୟଙ୍କୁ ସେଠାରୁ ରାଉରକେଲା ସ୍ଥାନାନ୍ତର କରାଯାଇଥିଲା। ଉଭୟେ ବର୍ତ୍ତମାନ ଗୁରୁତର ଅବସ୍ଥାରେ ଆଇଜିଏଚରେ ଚିକିତ୍ସାଧିନ ଅଛନ୍ତି। ଗ୍ୟାସ ସିଲିଣ୍ଡରରୁ କୌଣସି ପ୍ରକାରେ ଗ୍ୟାସ ଲିକ ହୋଇ କୋଠରୀ ମଧ୍ୟରେ ଭରି ଯାଇଥିଲା ଏବଂ ନିଆଁ ସଂଯୋଗ କରିବା ମାତ୍ରେ ଏହି ଦୁର୍ଘଟଣା ହୋଇଥିବା ଅନୁମାନ କରାଯାଇଛି।

# ଜିଲ୍ଲାସ୍ତରୀୟ ସୁଶାସନ ଦିବସ

ଝାରସୁଗୁଡ଼ା,୨୫।୧୨(ସମିସ)





ଝାରସୁଗୁଡ଼ା ଜିଲ୍ଲାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ ତମ ଜନ୍ମ ଜୟନ୍ତୀ ତଥା 'ଜିଲ୍ଲାସ୍ତରୀୟ ସୁଶାସନ ଦିବସ ୨୦୨୫' ପାଳିତ ହୋଇଯାଇଛି। ଝାରସୁଗୁଡ଼ା ଯାନ୍ତ୍ରିକ ବିଦ୍ୟାଳୟରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେ ବାଜପେୟୀଙ୍କ ଦୂରଦର୍ଶୀ ନେତୃତ୍ୱ ଏବଂ ସୁଶାସନ କ୍ଷେତ୍ରରେ ତାଙ୍କ ଅବଦାନ ଉପରେ ଆଲୋକପାତ

**ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜୟନ୍ତୀ**

କରିଥିଲେ। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଟହାଲୁ ସାହୁ, ବସନ୍ତ ନାଥ, ବାଲଗୋବିନ୍ଦ ମିଶ୍ର ଏବଂ ଝାରସୁଗୁଡ଼ା ଓକିଲ ସଂଘର ସଭାପତି ତ୍ରିନାଥ ଗୁଆଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପିଏମ୍ଶ୍ରୀ ପୁରୁଣା ବସ୍ତି ସ୍କୁଲର ଛାତ୍ରୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ ନୃତ୍ୟ ପରିବେଷଣ କରାଯାଇଥିଲା। ଏହା ସହିତ ବିଭିନ୍ନ ସାଂସ୍କୃତିକ ଦଳ ପକ୍ଷରୁ ସ୍ଥାନୀୟ ଲୋକକଳା ଓ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯାଇଥିଲା। ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ବିଜେତାଙ୍କୁ, ଜିଲ୍ଲାର ପ୍ରାଥମିକ ସ୍ତରରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା କୃତୀ ପ୍ରାଥମିକ ଛାତ୍ରଛାତ୍ରୀ, ବକ୍ତୃତା ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ହୋଇଥିବା ହାଇସ୍କୁଲ ଛାତ୍ରଛାତ୍ରୀ, ଜିଲ୍ଲାର ବିଭିନ୍ନ କଲେଜରୁ ଅଂଶଗ୍ରହଣ କରିଥିବା ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ସାଂସଦ ଶ୍ରୀ ପୁରୋହିତ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଜିଲ୍ଲାର ସମ୍ମାନାସ୍ପଦ କବି ଓ କବୟିତ୍ରୀଙ୍କ ଦ୍ୱାରା ବାଜପେୟୀଙ୍କ ଜୀବନୀ ଉପରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିସହ 'ସୁଶାସନ' ଉପରେ ଏକ ଆଲୋଚନାଚକ୍ର ହୋଇଥିଲା। କାର୍ଯ୍ୟକ୍ରମଟି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ, ଝାରସୁଗୁଡ଼ା ଦ୍ୱାରା ପରିଚାଳିତ ହୋଇଥିଲା। ସଭାରେ ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମଚାରୀ, ବିଭିନ୍ନ ଅନୁଷ୍ଠାନ ପ୍ରତିନିଧି ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

**ଦେବଗଡ଼:** ସ୍ଥାନୀୟ ସଂସ୍କୃତି ଭବନରେ ଜିଲ୍ଲାସ୍ତରୀୟ ସୁଶାସନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର ସାହୁ, ବରଣ୍ୟ ଅତିଥି ଭାବେ ଉପ ଜିଲ୍ଲାପାଳ ପରକ୍ଷିତ ସାହୁ, ଭାରପ୍ରାପ୍ତ ପୌରପରିଷଦ ଅଧ୍ୟକ୍ଷ ପ୍ରଜିତ୍ ଭୋଜ, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି, ସୁଧୀର କପରଦାର, ବିଜେପି ସଭାପତି ଅରୁଣ ସାହୁ, ବିଧାୟକଙ୍କ ପ୍ରତିନିଧି ଚନ୍ଦ୍ର ଶେଖର ଭୁକ୍ତା, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ ମଞ୍ଚାସୀନ ଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସୁଶାସନ ଦିବସ ଉପଲକ୍ଷେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ପ୍ରାଥମିକ ଓ ମାଧ୍ୟମିକ ସ୍ତରରେ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା କନିଷ୍ଠ ବିଭାଗର କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରୀ ପ୍ରୀୟାଂଶି ନାୟକ ପ୍ରଥମ, ଛାତ୍ର ଅନିକେତ ରାଜଗୁରୁ ଓ ଆରାଧ୍ୟା ଶତପଥୀ ଯୁଗ୍ମ ଭାବେ ଦ୍ୱିତୀୟ, ଚିନ୍ମୟ ବିଦ୍ୟାଳୟର ଛାତ୍ରୀ ପ୍ରତ୍ୟୁଷାରାଣୀ ମିଶ୍ର, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବିଜୟଲକ୍ଷ୍ମୀ ପ୍ରଧାନ ଓ ଜିଜ୍ଞାସା ଦେବ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବରିଷ୍ଠ ବିଭାଗର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ କବିତା ଦାସ ପ୍ରଥମ, ଏକଲବ୍ୟ ବିଦ୍ୟାଳୟର ଅନିତା ପ୍ରଧାନ ଓ ଛାତ୍ର ସମର ବେହେରା ଯୁଗ୍ମ ଭାବେ ଦ୍ୱିତୀୟ, ମନ୍ଦାକିନୀ ବିଦ୍ୟାଳୟର ଛାତ୍ରୀ ଖୁସି ଦାସ, ଏକଲବ୍ୟ ବିଦ୍ୟାଳୟର ନାମିତା କିଷାନ ଓ ମିନତି ସାମାନ୍ତ ତୃତୀୟ ସ୍ଥାନ, ଅନିଶ ବେହେରା ଓ ମିନିଶା ନାୟକ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ଓଡିଶୀ ନୃତ୍ୟରେ ଡ୍ରିମ୍ ଡାନ୍ସ ଗ୍ରୁପର ନିଶାଲି ପାଢ଼ୀ, ଗୀତା ଭୋଇ, ଆରାଧ୍ୟା ଶତପଥୀ, ପ୍ରିୟାଂଶି ନାୟକଙ୍କୁ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ବିଚାରକ ଭାବେ ଚିତ୍ରକର ଜନ୍ମାଜୟ ନାୟକ, ପ୍ରଦୀପ ପାତ୍ର କାର୍ଯ୍ୟ ତୁଲାଇଥିଲେ। ବୈଠକରେ ନାଟ୍ୟକାର ମର୍କେଣ୍ଡସ୍ୱର ଶତପଥୀ, ବରିଷ୍ଠ ନାଗରିକ ପ୍ରଫୁଲ୍ଲ ମହାପାତ୍ର, ସାମ୍ବାଦିକ ମିତ୍ରଭାନୁ ମହାପାତ୍ର, ବରିଷ୍ଠ ନାଗରିକ ଅଶୋକ ମିଶ୍ର, ସ୍ୱେଚ୍ଛାସେବୀ ଡିଲେଶ୍ୱର୍ ପ୍ରଧାନ, ଛାତ୍ରଛାତ୍ରୀ, ଅଧ୍ୟାପକ, ବରିଷ୍ଠ ନାଗରିକ, ସାମ୍ବାଦିକ, କବି ଓ ସ୍ୱୟଂ ସହାୟକ ଗୋଷ୍ଠୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ସଂଯୋଜନା କରିଥିଲେ।

## ସୁଶାସନ ଦିବସରେ ରୋଗୀଙ୍କୁ ଫଳ ବଣ୍ଟନ

ଦେବଗଡ଼: ଦେବଗଡ଼ ଜିଲ୍ଲା ବିଜେପି ପକ୍ଷରୁ ପୂର୍ବତନ ବିଧାୟକ ସୁବାଷ ଚନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱରେ ରାଷ୍ଟ୍ରନାୟକ, ଭାରତରତ୍ନ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସମସ୍ତ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଛି। ପୂର୍ବରୁ ପୂର୍ବତନ ବିଧାୟକଙ୍କ ବାସଭବନରେ ତୁଳସୀ ପୂଜନ କାର୍ଯ୍ୟକ୍ରମ କରାଯାଇଥିଲା। ବହୁ କାର୍ଯ୍ୟକର୍ତ୍ତାଙ୍କ ସମେତ ନଗର ସଭାପତି ରାଜେନ୍ଦ୍ର ଆଚାର୍ଯ୍ୟ, ୧୦ ନଂ ୱାର୍ଡ କାଉନସିଲର ଇତିଶ୍ରୀ ମିଶ୍ର, ୧୦ ନଂ ୱାର୍ଡ କାଉନସିଲର ସରୋଜିନୀ ମୁଣ୍ଡା, ଜିଲ୍ଲା ଓକିଲ ସଙ୍ଘ ସଭାପତି ସଚିକାନ୍ତ ଦାଶ, ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ସରୋଜ ପାଢ଼ୀ, ଅରୁଣ ଟାଲୀ ଓ ଦେବାଶିଷ କର ପ୍ରମୁଖ ଉପସ୍ଥିତ ଥିଲେ।

# ଦେଶୀ ବନ୍ଧୁକ ଜବତ, ଶିକାରୀ ଗିରଫ

ଦେବଗଡ଼/ରିଆମାଳ,୨୫।୧୨(ସମିସ): ରିଆମାଳ ଥାନା ଆଡସ୍ ପଞ୍ଚାୟତ ଅଧୀନ ଅନ୍ଧାରିଖୋଳ ଗାଁରୁ ପୁଲିସ ଏକ ବେଆଇନ ଦେଶୀ ବନ୍ଧୁକ ଜବତ କରିବା ସହ ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଜଣକ ଅନ୍ଧାରିଖୋଳ ଗାଁର ଭୀମ କିଷାନ (୬୫) ବୋଲି ଜଣାପଡ଼ିଛି। ଅନ୍ଧାରିଖୋଳ ଗାଁର ନିକଟସ୍ଥ ଜଙ୍ଗଲରେ ଶିକାର ଚାଲିଥିବା ନେଇ ବିଶେଷ ସୂତ୍ରରୁ ପୁଲିସ ଖବର ପାଇ ପାଟ୍ରୋଲିଂ କରୁଥିଲା। ପୁଲିସ ଚଢ଼ଉ ସମୟରେ ଜଙ୍ଗଲରୁ ଭୀମଙ୍କୁ କାବୁ କରିବା ସହ ତା ନିକଟରୁ ଦେଶୀ ବନ୍ଧୁକ ମିଳିଥିଲା। ଜନ୍ତୁ ଶିକାର ଉଦ୍ଦେଶ୍ୟରେ ସେ ଏହି ଦେଶୀ ବନ୍ଧୁକ ବ୍ୟବହାର କରୁଥିବା ପୁଲିସ ନିକଟରେ ପ୍ରକାଶ କରିଥିଲା। ବନ୍ଧୁକର କୌଣସି କାଗଜପତ୍ର ନଥିବା ମଧ୍ୟ ସେ ସ୍ୱୀକାର କରଥିଲା। ରିଆମାଳ ଥାନା ପୁଲିସ ଦେଶୀ ବନ୍ଧୁକ ଜବତ କରିବା ସହ ଏକ ମାମଲା ରୁଜୁ କରିଛି। ଭୀମକୁ ଗିରଫ କରି କୋର୍ଟଚାଲାଣ କରାଯାଇଛି।

# ଅର୍ଡା ଆଶ୍ରମ ସ୍କୁଲର ପଞ୍ଚମ ବାର୍ଷିକ ବନ୍ଧୁମିଳନ

ଝାରସୁଗୁଡ଼ା/କିର୍ମିରା,୨୫।୧୨(ସମିସ): ଝାରସୁଗୁଡ଼ା ଜିଲ୍ଲା କିର୍ମିରା ବ୍ଲକ୍ ଅଧୀନ କାଦୋବାହାଲ ଗାଁ 'ଭୁବନେସା ଫାର୍ମ' ହାଉସ ଠାରେ ୧୯୭୭ ମାଟ୍ରିକ ବ୍ୟାଚର ଅର୍ଡା ଆଶ୍ରମ ସ୍କୁଲର ପଞ୍ଚମ ବାର୍ଷିକ ବନ୍ଧୁମିଳନ ଉତ୍ସବ ଶ୍ରୀ କେଶବ ଚନ୍ଦ୍ର ନାଏକଙ୍କ ଆବାହକତ୍ୱରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଶୋଭନ ମେମୋରିଆଲ ପଞ୍ଚାୟତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଯୁଧିଷ୍ଠୀର ପଟେଲଙ୍କର ସଭାପତିତ୍ୱରେ ଅନୁଷ୍ଠିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ସହପାଠୀମାନେ ବିଗତ ଦିନର ସ୍ମୃତିଚାରଣ କରିଥିଲେ। ଭୁବନେଶ୍ୱର ସା, ଅମିୟ ନାଏକ, ଗୌରୀଶଙ୍କର ପଟେଲ, ଅଶୋକ ନାଏକ, ଡୋଳାରାମ ବେହେରା, ରବିଚରଣ ରୋହିଦାସ, ସୁରେନ୍ଦ୍ର କିଷାନ, କୈଳାସ ଚନ୍ଦ୍ର ବେହେରା, ମୂରଲୀଧର ଉର୍ମାଲ, ମଙ୍ଗଳବେହେରା, ସଂକୀର୍ତ୍ତନ ବୁଢ଼ୁଲା, ବେଣୁଧର ସା, ମିତ୍ରଭାନୁ ସା, ଉପେନ୍ଦ୍ର କାଲୋ, ଯୁଗଲ କିଶୋର କେଶରୀ, ପ୍ରେମାନନ୍ଦ ପଟେଲ, ମିନିକି ସା, ଶ୍ୟାମ ସୁନ୍ଦର କଂସରାଲୀ, ଟେକଚାନ୍ଦ ହଲୁଆ ପ୍ରମୁଖ ପୁରାତନ ଛାତ୍ରମାନେ ଅଂଶଗ୍ରହଣ କରିଥିଲେ।

# ଭୋଗରାପାଲି କ୍ରିକେଟ; ସମାସିଂହା ଚାମ୍ପିଅନ



କୋଲାବିରା,୨୫।୧୨(ସମିସ): କୋଲାବିରା ବ୍ଲକ୍ ସମାସିଂହା ପଞ୍ଚାୟତ ଭୋଗରାପାଲି ଖେଳ ପଡିଆରେ ଚଳିତ ମାସ ୨୧ ତାରିଖରୁ ଆରମ୍ଭ ହୋଇଥିବା ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୨୦୨୫-୨୬ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୋଟ ୧୬ଟି ଦଳ ଭାଗ ନେଇଥିଲେ। ସମାସିଂହା ଓ ଓଏମପି ଲାଇନ୍ ଝାରସୁଗୁଡ଼ା ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ସମାସିଂହା ବିଜୟୀ ହୋଇ ଚାମ୍ପିଅନ ହୋଇଛି। ସମାସିଂହା ପ୍ରଥମେ ବ୍ୟାଟିଂ କରି ୯ ଓଭରରେ ୫ ୱିକେଟ ବିନିମୟରେ ୧୨୯ ରନ କରିଥିଲା। ଏହାର ଜବାବରେ ଓଏମ୍ପି ଦଳ ୧୦୦ରନ କରିବାକୁ ସକ୍ଷମ ହୋଇଥିଲା। ସମାସିଂହାର ଅଙ୍କିତ ମ୍ୟାନ୍ ଅଫ ଦି ମ୍ୟାଚ, ସୋମ ବେଷ୍ଟ ବୋଲର, ଓଏମପିର ସୁନିଲ ବେଷ୍ଟ କିପର ଓ ବେଷ୍ଟ ବ୍ୟାଟ୍ସ ମ୍ୟାନ୍ ଭାବେ ପୁରସ୍କୃତ ହୋଇଥିଲେ। ଏହାସହ ସମାସିଂହାର ସୋମଙ୍କୁ ମ୍ୟାନ୍ ଅଫ ଦି ସିରିଜ ଭାବେ ଏକ ସାଇକଲ ଦେଇ ଗାଁର ମହିଳା ମାନେ ପୁରସ୍କୃତ କରିଥିଲେ। ମ୍ୟାଚ୍‌ରେ ପ୍ରମୋଦ ପଟେଲ ଓ ଗଣେଶ ଖଡିଆ ଆମ୍ପାୟାର ଭାବେ ରହିଥିଲେ। ମନୋଜ କିଷାନ ଓ କେଦାରନାଥ ପଟେଲ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଡିଜେ ଶିବା ଯୋଗୀ ଧାରା ବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଯୁବନେତା ଦୁର୍ଗେଶ ମହାନ୍ତି ମୁଖ୍ୟ ଅତିଥି ଓ ପୂର୍ବତନ ସରପଞ୍ଚ ତୁଲାରାମ ସେନାପତି ମୁଖ୍ୟବକ୍ତା ଭାବେ ଯୋଗଦେଇ ଚାମ୍ପିଅନ ଦଳକୁ ଟ୍ରଫି ସହ ନଗଦ ୫୦ ହଜାର ଟଙ୍କା ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୩୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଏଥିରେ ସୋଡାମାଳ ସରପଞ୍ଚ ଚନ୍ଦନ ପଟ୍ଟନାୟକ, ସମାଜସେବୀ ଅସିତ ବହିଦାର, ଲକ୍ଷ୍ମଣ ରୋହିଦାସ, କୈଳାସ ସେନାପତି, ବିରଞ୍ଚି ପଟେଲ, ଚନ୍ଦ୍ରଶେଖର ପଟେଲ, କ୍ରୀଡାପ୍ରେମୀ ରମେଶ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ଭୋଗରାପାଲି କ୍ରିକେଟ ଟିମର ସଭାପତି ପ୍ରମୋଦ ପଟେଲ, ସମ୍ପାଦକ କେଦାରନାଥ ପଟେଲ, କୋଷାଧ୍ୟକ୍ଷ ଜ୍ଞାନେନ୍ଦ୍ର ବୁଦୁଲା, ସହ କୋଷାଧ୍ୟକ୍ଷ ଝଙ୍କାର ପଶାୟତ, ମ୍ୟାଚ୍ ସଂଯୋଜକ କ୍ଷୀରୋଦ କିଷାନ, ଦେବେନ୍ଦ୍ର ବଲୁଆ, ଶୁଭମ ପଟେଲ ପ୍ରମୁଖଙ୍କ ସହ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।

# ଝାରସୁଗୁଡ଼ା ବିମାନବନ୍ଦରରେ ବିମାନ ଚଳାଚଳ ପରାମର୍ଶଦାତା କମିଟିର ବୈଠକ

ଝାରସୁଗୁଡ଼ା,୨୫।୧୨(ସମିସ): ଝାରସୁଗୁଡ଼ା ସ୍ଥିତ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରର ବିକାଶ ପାଇଁ ଗୁରୁବାର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ବରଗଡ଼ ସାଂସଦ ପ୍ରଦୀପ ପୁରୋହିତଙ୍କ ଅଧ୍ୟକ୍ଷତାରେ ୨୦୨୫ ବର୍ଷ ପାଇଁ 'ବିମାନବନ୍ଦର ପରାମର୍ଶଦାତା କମିଟି' (ଏଏସି)ର ଏହି ବୈଠକ ହୋଇଥିଲା। ବୈଠକର ପୂର୍ବ କାର୍ଯ୍ୟର ଗୁଡ଼ିକର ସମୀକ୍ଷା କରାଯାଇଥିଲା। ବିମାନବନ୍ଦରର ଭିତ୍ତିଭୂମି, ଯାତ୍ରୀଙ୍କ ସୁରକ୍ଷା ଏବଂ ସିକ୍ୟୁରିଟି ବ୍ୟବସ୍ଥାକୁ ଆହୁରି ମଜବୁତ କରିବାକୁ ରୋଡମ୍ୟାପ୍ ପ୍ରସ୍ତୁତ କରିବା, ଯାତ୍ରୀମାନଙ୍କୁ ବିଶ୍ୱସ୍ତରୀୟ ସେବା ଯୋଗାଇବା ପାଇଁ ନୂତନ ପଦକ୍ଷେପ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଆଞ୍ଚଳିକ ସଂଯୋଗୀକରଣ ମାଧ୍ୟମରେ ଆଞ୍ଚଳିକ ଯୋଗାଯୋଗ ବୃଦ୍ଧି କରି ସାମାଜିକ ଓ ଅର୍ଥନୈତିକ ବିକାଶରେ ସହାୟକ ହେବାକୁ ସାଂସଦ ଶ୍ରୀ ପୁରୋହିତ ଗୁରୁତ୍ୱାରୋପ କରିଥିଲେ। ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଏବଂ ପ୍ରଶାସନିକ ଅଧିକାରୀମାନେ ବିମାନବନ୍ଦରର କାର୍ଯ୍ୟଧାରାକୁ ଅଧିକ ସରଳ ଓ ଦକ୍ଷ କରିବା ପାଇଁ ସମସ୍ତ ଷ୍ଟେକହୋଲ୍ଡରଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି କାମ କରିବାକୁ ପରାମର୍ଶ ଦେଇଛନ୍ତି। ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରକୁ ଏକ ଆଧୁନିକ ଓ ପରିବେଶ ଅନୁକୂଳ ବିମାନବନ୍ଦର ଭାବେ ଗଢ଼ି ତୋଳିବା ସହ ଯାତ୍ରୀଙ୍କୁ ସୁରକ୍ଷିତ ଏବଂ ଉନ୍ନତ ସେବା ପ୍ରଦାନ କରିବାକୁ ସଙ୍କଳ୍ପ ନିଆଯାଇଛି। ବୈଠକରେ ବରଗଡ଼ ସାଂସଦ ତଥା କମିଟି ଅଧ୍ୟକ୍ଷ ପ୍ରଦୀପ ପୁରୋହିତ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ସମ୍ବଲପୁର ଆଇଜି, ଝାରସୁଗୁଡ଼ା ଜିଲ୍ଲାପାଳ, ଏସପି ଏବଂ ଝାରସୁଗୁଡ଼ା ବିମାନବନ୍ଦର ନିର୍ଦ୍ଦେଶକ ଏବଂ ପରାମର୍ଶଦାତା କମିଟି ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ଫର୍ଟିସ୍ କେମିକାଲ୍ସ ଓ ସିଏସ୍ଆଇଆର୍-ସିଆର୍ଆର୍ଆଇ ମଧ୍ୟରେ ଗର୍ତ୍ତ ମରାମତି ଚୁକ୍ତି

କୋଲାବିରା,୨୫।୧୨(ସମିସ): କୋଲାବିରା ବ୍ଲକ୍ ରଘୁନାଥପାଲି ପଞ୍ଚାୟତ ଅଧୀନ କପାଗୁଡା ସ୍ଥିତ ଫର୍ଟିସ୍ କେମିକାଲ୍ସ ପ୍ରାଇଭେଟ୍ ଲିମିଟେଡ୍ ସିଏସ୍ଆଇଆର - ସେଣ୍ଟ୍ରାଲ୍ ରୋଡ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ (ସିଏସ୍ଆଇଆର୍-ସିଆର୍ଆର୍ଆଇ) ସହିତ ଏକ ଆଧୁନିକ 'ଦୁଇ ପ୍ୟାକ୍ ଅନସାଇଟ୍ ପାଥହୋଲ୍ ଫିଲିଂ ମିକ୍ସ' ପ୍ରଯୁକ୍ତି ପାଇଁ ଲାଇସେନ୍ସିଂ ଚୁକ୍ତି ସ୍ୱାକ୍ଷର କରିଛି। ଏହି ଚୁକ୍ତି ନୂଆଦିଲ୍ଲୀ ସିଏସ୍ଆଇଆର ସାଇନ୍ସ ସେଣ୍ଟରରେ ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ସିଏସ୍ଆଇଆରର ମହାନିର୍ଦ୍ଦେଶକ ଏବଂ ଡିଏସ୍ଆଇଆରର ସଚିବ ଡ.ଏନ୍ କଲାଇସେଲଭି, ସିଏସ୍ଆଇଆର୍-ସିଆର୍ଆର୍ଆଇର ନିର୍ଦ୍ଦେଶକ ପ୍ରଫେସର ମନୋରଞ୍ଜନ ପରିଡା ଏବଂ ସିନିଅର୍ ପ୍ରିନ୍ସିପାଲ୍ ସାଇଣ୍ଟିଷ୍ଟ ଡ.ସିକ୍ଷା ସ୍ୱରୂପା କର ପ୍ରମୁଖ ଉପସ୍ଥିତ ଥିଲେ। ଏହି ପେଟେଣ୍ଟ ପ୍ରାପ୍ତ, ଇମଲ୍‌ସନ୍-ଭିତ୍ତିକ ଏବଂ ସଲଭେଣ୍ଟ ମୁକ୍ତ କୋଲ୍ଡ ମିକ୍ସ ପ୍ରଯୁକ୍ତି ଦ୍ୱାରା ଦ୍ରୁତ, ଦୀର୍ଘସ୍ଥାୟୀ ଓ ପରିବେଶ ବନ୍ଧୁ ଭାବେ ରାସ୍ତାର ଗର୍ତ୍ତ ମରାମତି ସମ୍ଭବ ହୁଏ। ପାରମ୍ପରିକ ହଟ୍ ମିକ୍ସ ପ୍ରଣାଳୀ ତୁଳନାରେ ଏହା ପ୍ରଦୂଷଣକୁ ଅନେକ ହ୍ରାସ କରେ। ଏହି ଚୁକ୍ତି ଅନୁସାରେ, ଫର୍ଟିସ୍ କେମିକାଲ୍ସକୁ ସମଗ୍ର ଭାରତରେ ଏହି ପ୍ରଯୁକ୍ତି ଉତ୍ପାଦନ ଏବଂ ବିପଣନ ପାଇଁ ବିଶେଷ ଅଧିକାର ଦିଆଯାଇଛି। ଫର୍ଟିସ୍ କେମିକାଲ୍ସ ଓଡ଼ିଶାର ଭୁବନେଶ୍ୱରରେ ଆୟୋଜିତ ୮୪ତମ ଭାରତୀୟ ରୋଡ୍ସ କଂଗ୍ରେସ୍ (ଆଇଆର୍‌ସି) ବାର୍ଷିକ ସତ୍ରରେ ମଧ୍ୟ ଅଂଶଗ୍ରହଣ କରିଥିଲା। ଏଥିରେ କେନ୍ଦ୍ର ସଡକ ପରିବହନ ଓ ରାଜପଥ ମନ୍ତ୍ରୀ ନିତିନ୍ ଗଡକରୀ ଉପସ୍ଥିତ ଥିଲେ। ସେ ଓଡ଼ିଶା ପାଇଁ ୧ ହଜାର କୋଟି ମୂଲ୍ୟର ସଡକ ପ୍ରକଳ୍ପ ଘୋଷଣା କରିଥିଲେ। ଏହି ଚୁକ୍ତି ଦ୍ୱାରା ସୁସ୍ଥାୟୀ, ଅଳ୍ପ ଖର୍ଚ୍ଚର ରାସ୍ତା ରକ୍ଷା ହେବା ସହ ଖରାପ ରାସ୍ତା ମରାମତି ସମସ୍ୟାର ସରଳ ସମାଧାନ ପ୍ରଚାର ପାଇବ ବୋଲି ଆଶା କରାଯାଉଛି। ଯାହା ଦେଶବ୍ୟାପୀ ଭାବେ ଅଧିକ ସୁରକ୍ଷିତ ଓ ଦୀର୍ଘସ୍ଥାୟୀ ସଡକ ପୂର୍ବାଧାର ଗଢ଼ିବାରେ ସହାୟକ ହେବ।

**ବାମଣ୍ଡା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

# ବାମଣ୍ଡା କ୍ରିକେଟ୍ କ୍ଲବ୍‌କୁ ପରାସ୍ତ କରି ରାଞ୍ଚି ବିଜୟୀ


ଦେବଗଡ଼,୨୫।୧୨(ସମିସ)



ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମ୍ ଠାରେ ବାମଣ୍ଡା କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ୩୫ ତମ ସର୍ବଭାରତୀୟ ବାମଣ୍ଡା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଗୁରୁବାର ଗ୍ରୁପ୍ ବି'ର ପ୍ରଥମ ମ୍ୟାଚ୍ ଆୟୋଜକ ବାମଣ୍ଡା କ୍ରିକେଟ୍ କ୍ଲବ୍ ସହ ଅରୁଣୋଦୟ ରାଞ୍ଚି ଫାଇଟର୍ସ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ମ୍ୟାଚ୍‌ରେ ଦେବଗଡ଼କୁ ୪ ୱିକେଟ୍‌ରେ ପରାସ୍ତ କରି ରାଞ୍ଚି ଦଳ ବିଜୟୀ ହେଇ ସେମି ଫାଇନାଲରେ ପ୍ରବେଶ କରିଛି। ଦେବଗଡ଼ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରୁ ୧୮.୨ ଓଭର୍‌ରେ ସମସ୍ତ ୱିକେଟ୍ ହରାଇ ୧୪୮ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୌମ୍ୟରଞ୍ଜନ ଭଞ୍ଜ ୩୦, ଶ୍ରେୟାଂଶ ଆଚାର୍ଯ୍ୟ ୨୯ ରନ କରିଥିବା ବେଳେ ରାଞ୍ଚି ଦଳର ବୋଲର ବିକ୍ରମ୍ ଯାଦବ ୫ଟି ୱିକେଟ ନେଇଥିଲେ। ଏହାର ଜବାବରେ ରାଞ୍ଚି ଦଳ ବ୍ୟାଟିଂ ଆରମ୍ଭ କରି ୧୯.୧ ଓଭରରେ ୬ ଉଇକେଟ ହରାଇ ୧୫୧ ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ପ୍ରଦ୍ୟୁମ୍ ୭୧ ଓ ଶ୍ୟାମ ଶର୍ମା ୨୨ରନ୍ ସଂଗ୍ରହ କରିଥିଲେ ଏବଂ ଦେବଗଡ଼ ଦଳର ବୋଲର ଲିପୁ ନାୟକ ଓ ରୁଦ୍ର ନାରାୟଣ ଭଞ୍ଜ ୨ଟି ଲେଖାଏଁ ୱିକେଟ ନେଇଥିଲେ। ଆଜିର ମ୍ୟାଚ୍‌ରେ ଅମ୍ପାୟାର ସତ୍ୟ ପ୍ରସାଦ ରଥ ଓ ସୌମ୍ୟ ଦର୍ଶନ ମହାନ୍ତି ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ରିତିକ୍ ଦେହୁରୀ ଓ ଅମନ୍ ସିଂହ ଦାୟିତ୍ୱ ତୁଲାଇଥିଲେ। ବେଣୁଧର ଗଡନାଏକ ଓ ଦିଲ୍ଲୁ ଦାସଭାୟା ଧାରାବିବରଣୀ ପ୍ରଦାନ କରିଥିଲେ। ରାଞ୍ଚି ଦଳର ବିକ୍ରମ ଯାଦବଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା।

# ଓଡ଼ିଶା ଟେନିସ୍‌ବଲ କ୍ରିକେଟ ଦଳରେ ଝାରସୁଗୁଡ଼ାର ବାଳକ ବାଳିକା

**ବାଳକ ଦଳରେ ଓଁମକାର ତ୍ରିପାଠୀ ଓ ଅଭିଜିତ ଶାହା | ବାଳିକା ଦଳରେ ନିଷ୍ଠା ଦତ୍ତ ଓ ଶୀତଲ ଜୈସୱାଲ**







ଝାରସୁଗୁଡ଼ା,୨୫।୧୨(ସମିସ): ଓଡ଼ିଶା ଟେନିସ ବଲ କ୍ରିକେଟ ଆସୋସିଏସନ ତରଫରୁ ୩୬ତମ ଜାତୀୟ ସିନିୟର ଟେନିସବଲ କ୍ରିକେଟ ପ୍ରତିଯୋଗିତା ପାଇଁ ଉଭୟ ସିନିୟର ବାଳକ ଓ ବାଳିକା ବିଭାଗରେ ଓଡ଼ିଶା ଦଳର ୧୪ ଜଣ ଖେଳାଳି ମନୋନୀତ ହୋଇଛନ୍ତି। ଚୟନ ପ୍ରକିୟାରେ ଝାରସୁଗୁଡ଼ା ଜିଲ୍ଲାର ସିନିୟର ବାଳକ ଦଳର ଓଁମକାର ତ୍ରିପାଠୀ ଓ ଅଭିଜିତ ଶାହା, ବାଳିକା ଦଳର ନିଷ୍ଠା ଦତ୍ତ ଓ ଶିତଲ ଜୟସୱାଲ ଓଡ଼ିଶା ସିନିୟର ବାଳକ ଓ ବାଳିକା ଟେନିସବଲ କ୍ରିକେଟ ଦଳ ପାଇଁ ମନୋନୀତ ହୋଇଛନ୍ତି। ଆସନ୍ତା ୨୦୨୬ ଜାନୁଆରୀ ୧୯ରୁ ୨୧ ଯାଏଁ ନାଗପୁର ଷ୍ଟାଡିୟମରେ ଟେନିସବଲ୍ କ୍ରିକେଟ ଫେଡେରେସନ ଅଫ ଇଣ୍ଡିଆ ଦ୍ୱାରା ମହାରାଷ୍ଟ୍ର ଟେନିସବଲ କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ।

ଓଡ଼ିଶା ଟେନିସ ବଲ କ୍ରିକେଟ ଆସୋସିଏସନର ସାଧାରଣ ସମ୍ପାଦକ ସିଥିଲ ପଣ୍ଡା, ସଭାପତି ସୁରଜ ମିଶ୍ର ଓ ଯୁଗ୍ମ ସମ୍ପାଦକ ସୋମନାଥ ପରିଡା ଚିଠି ମାଧ୍ୟମରେ ଅନୁବନ୍ଧିତ ଜିଲ୍ଲା ମାନଙ୍କୁ ଅବଗତ କରାଇଛନ୍ତି। ଏହି ଦଳକୁ ଝାରସୁଗୁଡ଼ା ଟେନିସ ବଲ କ୍ରିକେଟ ଆସୋସିଏସନର ସଭାପତି ଜୀବନ ମହାନ୍ତି ଓ ସମ୍ପାଦକ ଅଶ୍ୱିନୀ ପାଣ୍ଡେ ଝାରସୁଗୁଡ଼ା ଦଳର ପ୍ରଶିକ୍ଷକ ଗୋପାଳ ଦତ୍ତ ଜିଲ୍ଲାର ୪ଜଣଙ୍କୁ ଓ ଅନ୍ୟ ଓଡ଼ିଶା ଦଳର ଖେଳାଳି ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଘର ନିର୍ମାଣ ନାଁରେ ୮୦ ହଜାର ଠକେଇ

ବ୍ରହ୍ମପୁର,୨୫।୧୨(ସମିସ): ଘର ନିର୍ମାଣ କରିବାକୁ କହି ଜଣେ ଠିକାଦାର ସୌନ୍ଦର୍ଯ୍ୟନଗର ଅଞ୍ଚଳର ଜଣେ ମହିଳାଙ୍କ ଠାରୁ ୮୦ ହଜାର ଟଙ୍କା ଠକି ନେଇଛନ୍ତି। ଏ ନେଇ ଅଭିଯୋଗ ପରେ ସଦର ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାପ୍ରକାରେ, ନିବେଦିତା ବିଷୋୟୀ ନାମକ ଜଣେ ମହିଳା ସୌନ୍ଦର୍ଯ୍ୟନଗରରେ ଘର ନିର୍ମାଣ କରୁଛନ୍ତି। ଆମ୍ବଗଡ଼ର କଦଳୀବାଡ଼ ସାହିର ଠିକାଦାର ଗୋବିନ୍ଦ ବେହେରା ଉକ୍ତ ଘରର ବିଭିନ୍ନ କାମ କରାଇଦେବାକୁ ନିବେଦିତାଙ୍କ ଠାରୁ ୮୦ ହଜାର ଟଙ୍କା ନେଇଥିଲେ। ଟଙ୍କା ନେବା ପରେ ଭୋଜି ଅଛି ବୋଲି କହି ୨ ରୁ ମାସ ସମୟ ଗଡ଼ାଇଥିଲେ। ହେଲେ ଏହାପରେ ମଧ୍ୟ ଘର ନିର୍ମାଣ କାର୍ଯ୍ୟ ଆରମ୍ଭ କରିନଥିଲେ। ଏହାକୁ ନେଇ ନିବେଦିତା ପ୍ରଶ୍ନ କରିବା ପରେ ଗୋ୍ବିନ୍ଦ ବିଭିନ୍ନ ବାହାନା କରି ଦିନ ଗଡାଇ ଚାଲିଥିଲେ। ଶେଷରେ ଅନ୍ୟ ଉପାୟ ନପାଇ ନିବେଦିତା ତାଙ୍କ ପରିବାର ଲୋକଙ୍କୁ କହିଥିଲେ। ଟଙ୍କା ଫେରାଇ ଦିଆଯିବ ବୋଲି ଗୋବିନ୍ଦ ଓ ତାଙ୍କ ପରିବାର ଲୋକେ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଅନେକ ଦିନ ଯାଏଁ ନିବେଦିତାଙ୍କ ଘର କାମ ହୋଇନଥିଲା କିମ୍ବା ଟଙ୍କା ଫେରସ୍ତ କରାଯାଇନଥିଲା। ଏପରିକି ଟଙ୍କା ମାଗିଲେ ବିଭିନ୍ନ ଧମକ ମିଳିବା ପରେ ନିବେଦିତା ଥାନାକୁ ଯାଇ ଅଭିଯୋଗ କରିଥିଲେ।

## ବାକି ଟଙ୍କା ମାଗିବାରୁ ଦୋକାନୀଙ୍କୁ ବ୍ଲେଡ୍‌ରେ ଆକ୍ରମଣ

ବ୍ରହ୍ମପୁର,୨୫।୧୨(ସମିସ): ବାକି ଟଙ୍କା ମାଗିବାରୁ ଲାଞ୍ଜିପଲ୍ଲୀ କାଳିଞ୍ଜି ସାହି ଛକରେ ଜେରକ୍ସ ଦୋକାନୀଙ୍କୁ ବ୍ଲେଡରେ ଆକ୍ରମଣ ହୋଇଛି। ଏପରିକି ଅଭିଯୁକ୍ତ ଜଣକ ତାଙ୍କୁ ମାଡମାରି ଦୋକାନରେ ଥିବା ନଗଦ ୧୦ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ସୂଚନା ପ୍ରକାରେ, ଲାଞ୍ଜିପଲ୍ଲୀ କାଞ୍ଜିଆମ୍ବା ସାହିର କାଳୁଚରଣ ଆପଟ କାଳିଞ୍ଜି ସାହି ଛକରେ ଏକ ଜେରକ୍ସ ଦୋକାନ କରିଛନ୍ତି। ବୁଧବାର ସନ୍ଧ୍ୟାରେ ସେହି ସାହିର ଜଣେ ଯୁବକ ମଦ୍ୟପାନ କରି ତାଙ୍କ ଦୋକାନକୁ ଆସି କିଛି କାଗଜପତ୍ର ଜେରକ୍ସ କରିବାକୁ କହିଥିଲେ। ତେବେ ପୂର୍ବରୁ ବାକିଥିବା ୩୦ଟଙ୍କା ଦେବା ପରେ ଜେରକ୍ସ କରିବେ ବୋଲି ଦୋକାନୀ କାଳୁଚରଣ କହିଥିଲେ। ଏଥିରେ ଯୁବକ ଜଣକ ଉତକ୍ଷିପ୍ତ ହୋଇ କାଳୁଚରଣଙ୍କୁ ଗାଳିଗୁଲଜ କରିବା ସହ ଏକ ବ୍ଲେଡରେ ଆକ୍ରମଣ କରିଥିଲେ। ଏହାପରେ ଅଭିଯୁକ୍ତ ଜଣକ ତାଙ୍କ ଦୋକାନରୁ ୧୦ହଜାରରୁ ଅଧିକ ଟଙ୍କା ଲୁଟ କରି ନେଇ ଯାଇଥିବା ଅଭିଯୋଗ ହୋଇଛି। ଘଟଣାକୁ ନେଇ କାଳୁଚରଣ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଅର୍ଡର ବାତିଲ୍ ନାଁରେ ନେଇଗଲେ ୭୬ହଜାର

ବ୍ରହ୍ମପୁର,୨୫।୧୨(ସମିସ): ଫ୍ଲିପକାର୍ଟ ଅର୍ଡର ବାତିଲ କରିବା ଆଳରେ ଜନୈକା ଯୁବତୀଙ୍କ ଠାରୁ ସାଇବର ଠକମାନେ ୭୬ହଜାର ଟଙ୍କା ଠକି ନେଇଛନ୍ତି। ଏନେଇ ବଡବଜାର ଥାନାରେ ଅଭିଯୋଗ ପରେ ପୁଲିସ କେସ ନଂ ୬୨୮/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ପ୍ରକାରେ, ସ୍ଥାନୀୟ ଚୈତନ୍ୟନଗର ନିବାସୀ ଜଣେ ୨୪ବର୍ଷୀୟ ଯୁବତୀ କିଛିଦିନ ପୂର୍ବେ ଫ୍ଲିପକାର୍ଟ ଜରିଆରେ ଏକ ସାମଗ୍ରୀ ଅର୍ଡର କରିଥିଲେ। ଅର୍ଡର କରିବା ସମୟରେ ସେ ଅନଲାଇନରେ ସଫଳ ପେମେଣ୍ଟ ମଧ୍ୟ କରିଥିଲେ। ତେବେ ଅର୍ଡର କରିବାର କିଛିଦିନ ପରେ ତାଙ୍କ ନିକଟକୁ ଏକ ଅଜଣା ନମ୍ବରରୁ ଫୋନ କଲ ଆସିଥିଲା। କଲ କରିଥିବା ବ୍ୟକ୍ତି ଜଣକ ନିଜକୁ ଫ୍ଲିପକାର୍ଟର କଷ୍ଟମର କେୟାର କର୍ମଚାରୀ ବୋଲି ନିଜର ପରିଚୟ ଦେଇଥିଲା। ଯୁବତୀ ଜଣକ ଯେଉଁ ଅର୍ଡର କରିଛନ୍ତି ତାହା ବାତିଲ ହୋଇଯାଇଥିବା ସେ ଜଣାଇଥିଲା। ଏହା ଶୁଣିବା ପରେ ଯୁବତୀ ଜଣକ ଚିନ୍ତାରେ ପଡିଯାଇଥିଲେ।

ତେବେ ବାତିଲ ଅର୍ଡର ସମସ୍ୟା ସୁଧାରିବା ଦିଗରେ ସମସ୍ତ ପ୍ରକାର ସହଯୋଗ କରିବ ବୋଲି ବ୍ୟକ୍ତି ଜଣକ କହିଥିଲେ। ଯୁବତୀ ଜଣକ ତାଙ୍କ କଥାରେ ବିଶ୍ୱାସ କରି ଆବଶ୍ୟକୀୟ ବିବରଣୀ ପ୍ରଦାନ କରିଦେଇଥିଲେ। ଏହାପରେ ସଂପୃକ୍ତ ବ୍ୟକ୍ତି ଜଣକ ଯୁବତୀଙ୍କ ମୋବାଇଲ ନମ୍ବରକୁ ଏକ ଓଟିପି ପଠାଇଥିଲେ। ପରେ ଯୁବତୀ ଜଣକ ଓଟିପି କହିବା ପରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୧ଘଣ୍ଟା ମଧ୍ୟରେ ଏକାଧିକ ନେଣଦେଣ ଜରିଆରେ ମୋଟ ୭୬ହଜାର ଟଙ୍କା ଗାଏବ ହୋଇ ଯାଇଥିଲା। ସେନେଇ ମେସେଜ ଆସିବା ପରେ ଆକାଉଣ୍ଟରୁ କେଉଁ କାରଣରୁ ଟଙ୍କା କଟିଲା ତାକୁ ନେଇ ଯାଞ୍ଚ କରିଥିଲେ। ସାଇବର ଠକେଇର ଶିକାର ହୋଇଥିବା ଜାଣିବା ପରେ ସେ ଫ୍ଲିପକାର୍ଟ କଷ୍ଟମର କେୟାର ସହ ଯୋଗାଯୋଗ କରିଥିଲେ। ସେଠାରୁ କୌଣସି ସୁଫଳ ନମିଳିବାରୁ ସେ ପୁଲିସ ନିକଟକୁ ଯାଇ ଅଭିଯୋଗ କରିଥିଲେ।

## ମୋବାଇଲ ଲୁଟ୍ ମାମଲାରେ ଜଣେ ଗିରଫ

ବ୍ରହ୍ମପୁର,୨୫।୧୨(ସମିସ): ମୋବାଇଲ ଲୁଟ୍ ମାମଲାରେ ବୈଦ୍ୟନାଥପୁର ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଉତ୍ତରମୁଖୀ ସାହିର ଶ୍ରୀଧର କୁମାର ସାହୁ (୨୦)। ସୂଚନାଯୋଗ୍ୟ ଯେ, ଗତ ୩୦ତାରିଖ ସନ୍ଧ୍ୟାରେ ସ୍ଥାନୀୟ ଗଜପତିନଗର ଅଞ୍ଚଳର ସୁମିତ ଜେନା ସାଇକେଲ ଯୋଗେ ଏମକେସିଜି ମେଡ଼ିକାଲକୁ ଡ୍ୟୁଟିରେ ଯୋଗଦେବାକୁ ଯିବା ସମୟରେ ମେଡିକାଲ ଅଧିକ୍ଷକଙ୍କ କାର୍ଯ୍ୟାଳୟ ନିକଟରୁ ଜଣେ ଦୁର୍ବୃତ୍ତ ଆସି ସେ ଧରିଥିବା ମୋବାଇଲ, ପର୍ସ ଓ ଅଫିସ ଚାବି ଲୁଟ୍ କରି ନେଇଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା।

# ଏମ୍‌କେସିଜିରେ ଖୋଲିଲା ୧୦ ଶଯ୍ୟା ବିଶିଷ୍ଟ ବର୍ଣ୍ଣ ୟୁନିଟ୍ ଆଇସିୟୁ

ବ୍ରହ୍ମପୁର,୨୫।୧୨(ସମିସ): ଏମକେସିଜି ମେଡ଼ିକାଲକୁ ଗଞ୍ଜାମ ସମେତ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲା ଏପରିକି ପଡୋଶୀ ଆନ୍ଧ୍ର ସୀମାନ୍ତ ଅଞ୍ଚଳର ବହୁ ପୋଡ଼ାଜଳା ରୋଗୀ ଚିକିତ୍ସା ପାଇଁ ଅସୁଥିଲେ। ତେବେ ଗୁରୁତର ରୋଗୀଙ୍କ ପାଇଁ ଏଠାରେ କୌଣସି ଉତ୍ତମ ଚିକିତ୍ସା ବ୍ୟବସ୍ଥା ନଥିବା ବେଳେ ଡାକ୍ତରଖାନାରେ ସ୍ୱତନ୍ତ୍ର ବର୍ନ କେୟାର ୟୁନିଟ ଖୋଲିବାକୁ ଦିର୍ଘ ଦିନରୁ ଦାବି ହୋଇଆସୁଛି। ଯାହାକୁ ଦୃଷ୍ଟିରେ ରଖି ପୋଡ଼ାଜଳା ରୋଗୀଙ୍କ ଉତ୍ତମ ଚିକିତ୍ସା ନିମନ୍ତେ ଏମକେସିଜି ମେଡ଼ିକାଲ କର୍ତ୍ତୃପକ୍ଷ ପଦେକ୍ଷପ ଗ୍ରହଣ କରିଛନ୍ତି। ମେଡ଼ିକାଲ କ୍ୟାମ୍ପସରେ ଥିବା ପିଏମଏସ୍‌ଏସୱାଇ କୋଠାର ପ୍ରଥମ ମହଲାରେ ୧୦ଟି ଶଯ୍ୟା ବିଶିଷ୍ଟ ବର୍ନ ଆଇସିୟୁ ଖୋଲାଯାଇଛି। ଫଳରେ ଏମକେସିଜି ମେଡ଼ିକାଲକୁ ଆସୁଥିବା ପୋଡ଼ାଜଳା ରୋଗୀଙ୍କୁ ଏଣିକି

**ଉପକୃତ ହେବେ ଦକ୍ଷିଣଓଡ଼ିଶାର ପୋଡ଼ାଜଳା ରୋଗୀ**

ଉତ୍ତମ ଚିକିତ୍ସା ମିଳିପାରିବ ବୋଲି ଆଶା କରାଯାଉଛି। କିଛିଦିନ ପୂର୍ବେ କୋଠାରେ ଥିବା ପୋଡ଼ା ଓ ପ୍ଲାଷ୍ଟିକ ଅସ୍ତ୍ରୋପଚାର ବିଭାଗରେ ଏହି ବର୍ନ ଆଇସିୟୁର ବ୍ୟବସ୍ଥା କରାଯାଇଛି। ବର୍ତ୍ତମାନ ବିଭାଗର ବର୍ନ ଆଇସିୟୁରେ ୬୦ପ୍ରତିଶତରୁ ଅଧିକ ଶରୀର ଜଳି ଯାଇଥିବା ରୋଗୀ ଚିକିତ୍ସିତ ହେଉଛନ୍ତି। ରୋଗୀଙ୍କୁ ଚିକିତ୍ସା ପୂର୍ବରୁ ୟୁନିଟରେ ଥିବା ସ୍ୱତନ୍ତ୍ର ଡ୍ରେସିଂ ରୁମ୍‌ରେ ଆବଶ୍ୟକୀୟ ଚିକିତ୍ସା ପରେ ଆଇସିୟୁରେ ଚିକିତ୍ସା କରାଯାଉଛି। ସେହିପରି ସ୍ୱତନ୍ତ୍ର ପ୍ରକୋଷ୍ଠ ସହ ଆନୁସଙ୍ଗିକ ସୁବିଧା ସୁଯୋଗ ଏହି ୟୁନିଟକୁ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଯୋଗାଇ ଦିଆଯାଇଛି।

ମେଡ଼ିକାଲରେ ବର୍ନ କେୟାର ୟୁନିଟ୍ ଖୋଲିବା ଦ୍ୱାରା ଜରୁରୀକାଳୀନ ସ୍ଥିତିରେ ଏମକେସିଜି ମେଡ଼ିକାଲକୁ ଆସୁଥିବା ଗୁରୁତର ରୋଗୀ ଉପକୃତ ହେବା ସହ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥାରେ ମଧ୍ୟ ଅନେକ




ସୁଧାର ଆସୁଥିବା ରୋଗୀଙ୍କ ସମ୍ପର୍କୀୟ କହିଛନ୍ତି। ବିଭାଗରେ ସମୁଦାୟ ୩୯ଟି ବେଡ଼ ରହିଥିବା ବେଳେ ସେଥି ମଧ୍ୟରୁ ୮ଟି ବର୍ନ ଆଇସିୟୁ ଓ ୨ଟି ଶିଶୁରୋଗୀଙ୍କ ପାଇଁ ଉଦ୍ଦିଷ୍ଟ। ପ୍ଲାଷ୍ଟିକ ବିଭାଗର ଦୁଇଜଣ ଅଭିଜ୍ଞ ଡାକ୍ତର ଓ ୬ଜଣ ଏମସିଏଚ୍ ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥାକୁ ନିରୀକ୍ଷଣ କରିବା ସହ ସମସ୍ତ ପ୍ରକାର ଚିକିତ୍ସା ଯୋଗାଇ ଦେଉଛନ୍ତି। ବିଭାଗରେ ମୋଟ ୫ଜଣ ନର୍ସି ଅଫିସର ଓ ୪ଜଣ ଆଟେଣ୍ଡାଣ୍ଟ ନିୟୋଜିତ ଅଛନ୍ତି। ତେବେ ବିଭାଗରେ ରୋଗୀ ଏବଂ ଶଯ୍ୟା ସଂଖ୍ୟା ତୁଳନାରେ ଡ଼ାକ୍ତର, ନର୍ସିଂ ଓ କର୍ମଚାରୀ ଅଭାବକୁ ପୂରଣ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି। ଅନ୍ୟପକ୍ଷରେ ଏମକେସିଜି ମେଡ଼ିକାଲରେ ବର୍ନ କେୟାର ୟୁନିଟ ଖୋଲିବାକୁ ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ଦାବି ହୋଇଆସୁଛି।

## ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ

ବ୍ରହ୍ମପୁର,୨୫।୧୨(ସମିସ): ସହର ବିଭିନ୍ନ ସ୍ଥାନରେ ପୃଥକ ପୃଥକ ଅନୁଷ୍ଠାନ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜନ୍ମ ଶତବାର୍ଷିକୀ ପାଳିତ ହୋଇଯାଇଛି। ପ୍ରତିନିଧି ଅଶୋକ ଶୁକ୍ଳ, ପ୍ରଦୀପ ନାୟକ, ଡା. ସୁବାସ ସାହୁ, ଶରତ ପଟ୍ଟନାୟକ, ବନମାଳି ସେଠୀ, ସବିତା ସୁଆର, କର୍ପୋରେଟର ସବିତା ସାହୁ, ମନିତା ଦାଶ, ଡା. ସାଗର ରଞ୍ଜନ ତ୍ରିପାଠୀ ଓ କୁଞ୍ଜବିହାରୀ ପଣ୍ଡାଙ୍କ ଜିଲ୍ଲା ସଂଯୋଜକ ଶିବଶଙ୍କର ପତି, ବିଜେପି ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ତୁତୁନ ପାତ୍ର, ବରିଷ୍ଠ ନେତା ସୁନିଲ କୁମାର ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡ଼ଙ୍ଗୀ ଓ ଜିଲ୍ଲା ସମ୍ପାଦିକା ଏସ୍.ରାଣୀଙ୍କ ସମେତ





ଏହି ଅବସରରେ ସ୍ଥାନୀୟ ରାମଲିଙ୍ଗମ ପ୍ରମୋଦ ଉଦ୍ୟାନ ପରିସରରେ ଥିବା ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସ୍ମୃତିଚାରଣ କରାଯାଇଥିଲା। ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାରଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିଚାରଣ କରାଯାଇଥିବା ବେଳେ ଦେଶପ୍ରତି ତାଙ୍କର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ରାଜ୍ୟ ପ୍ରବକ୍ତା ଟି. ଗୋପି, କେ. ସୁନୀଲ କୁମାର ଯାଦବ, ବିଧାୟକ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିପରି ଅଟଳ ଯୁବବାହିନୀ ବ୍ରହ୍ମପୁର ସଂଯୋଜକ ବି. ରବି ରାଓଙ୍କ ନେତୃତ୍ୱରେ ଏକ "ଅଟଳ ସ୍ମୃତି ପଦଯାତ୍ରା' ଅନୁଷ୍ଠିତ ହୋଇଥିଲା। ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ପରିଷଦ ସଦସ୍ୟ କାହ୍ନୁଚରଣ ପତି ପତାକା ଦେଖାଇ ପଦଯାତ୍ରାକୁ ଉଦଘାଟନ କରିଥିଲେ। ପଦଯାତ୍ରା କମାପଲ୍ଲୀ ଛକରୁ ବାହାରି ଗାନ୍ଧୀନଗର ଛକରେ ଶେଷ ହୋଇଥିଲା। ପରେ ରାମଲିଙ୍ଗ ପ୍ରମୋଦ ଉଦ୍ୟାନ ସ୍ଥିତ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ। କାର୍ଯ୍ୟକ୍ରମରେ ଅଟଳ ଯୁବବାହିନୀ ଗଞ୍ଜାମ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିପରି ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ବହୁମୁଖୀ ସଂଘ ପକ୍ଷରୁ ସ୍ଥାନୀୟ କମାପଲ୍ଲୀ ପୂର୍ତ୍ତବିଭାଗ ଡାକବଙ୍ଗଳାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମଜୟନ୍ତୀ ପାଳନ କରାଯାଇଥିଲା। ସଂଘ ପକ୍ଷରୁ ସ୍ୱର୍ଗତ ବାଜପେୟୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ତାଙ୍କ ଜୀବନି ଉପରେ ଆଲୋଚନା କରାଯାଇଥିଲା। ଏଥିରେ ସଂଘ ସଭାପତି ରାମକୁମାର ପାତ୍ର, ପ୍ରହ୍ଲାଦ ପାଣିଗ୍ରାହୀ, ଅଶୋକ ନିମାଇଁ, ରାଜ କିଶୋର ପାତ୍ର, ଶ୍ୟାମସୁନ୍ଦର ପ୍ରଧାନ, ହିମାଂଶୁ ପାଢ଼ୀ ଓ ସଞ୍ଜୟ କୁମାର ଦାସଙ୍କ ସମେତ ସଂଘର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ନକଲି ଆଇଡି ଖୋଲି ଅର୍ଥ ଦାବି; ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୨୫।୧୨(ସମିସ): ଜଣେ ଯୁବତୀଙ୍କ ନାମରେ ସୋସିଆଲ ମିଡିଆରେ ନକଲି ଆଇଡି ଖୋଲି ଅଶ୍ଳୀଳ ଫଟୋ ଅପଲୋଡ କରିବା ଓ ଅର୍ଥ ଦାବି କରିବା ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଅରବିନ୍ଦନଗର ୨ୟ ଲାଇନ ନିବାସୀ ଅଭିଷେକ ଶତପଥି(୨୧)। ଏନେଇ ବୈଦ୍ୟନାଥପୁର ଥାନାରେ କେସ ନଂ ୧୭୨/୨୫ରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଗୁରୁବାର ଅଭିଯୁକ୍ତ ଅଭିଷେକକୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ପୂର୍ବରୁ ସଂପୃକ୍ତ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିବା ଅଭିଷେକ ପ୍ରତାରଣା ଅଭିଯୋଗରେ ଜେଲ ଯାଇ ନିକଟରେ ଜାମିନରେ ମୁକୁଳିଥିଲେ। ବର୍ତ୍ତମାନ ପୁଣି ସେ ଯୁବତୀଙ୍କୁ ବାରମ୍ବାର ଫୋନ କରି ହଇରାଣ କରୁଥିବା ଅଭିଯୋଗ ହୋଇଛି। ସୂଚନା ଥାଉକି, ଲାଞ୍ଜିପଲ୍ଲୀ ଅଞ୍ଚଳର ଅଭିଯୋଗକାରିଣୀ ଏବଂ ଅଭିଯୁକ୍ତଙ୍କ ମଧ୍ୟରେ ୨୦୨୧ମସିହାରେ ସମ୍ପର୍କ ଗଢି ଉଠିଥିଲା। ଅଭିଷେକ ବିବାହର ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ। ଯୁବତୀ ଜଣକ ବିବାହ କରିବାକୁ କହିବାରୁ ଅଭିଷେକ ମନା କରିଦେଇଥିଲେ। ପ୍ରତାରଣାର ଶିକାର ହେବାପରେ ଯୁବତୀ ଜଣକ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଅଭିଷେକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଉକ୍ତ ମାମଲାର ବିଚାରଣା ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜଙ୍କ ଅଦାଲତରେ ଚାଲୁରହିଛି। ଇତି ମଧ୍ୟରେ ଅଭିଷେକ ଜାମିନରେ ମୁକୁଳିଥିଲେ। ଯୁବତୀ ଜଣକ ଏକ ସରକାରୀ ଉଦ୍ୟୋଗରେ କିରାଣୀ ଭାବେ ଚାକିରି ପାଇଥିଲେ। ତାହା ଜାଣିବା ପରେ ଅଭିଷେକ ତାଙ୍କୁ ଫୋନ କରି ୫୦ହଜାର ଟଙ୍କା ଦାବି କରିଥିଲେ। ଏପରିକି ଟଙ୍କା ନଦେବାରୁ ସେ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ସୋସିଆଲ ମିଡିଆରେ ଯୁବତୀଙ୍କ ନାଁରେ ନକଲି ଆଇଡି ଖୋଲି ବିଭିନ୍ନପ୍ରକାର ଅଶ୍ଳୀଳ ଫଟୋ ମଧ୍ୟ କୁଆଡେ ସେ ଭାଇରାଲ କରିଥିଲେ। ଏହାକୁ ନେଇ ଯୁବତୀ ଜଣକ ପୁଣି ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଅଭିଯୁକ୍ତ ଅଭିଷେକଙ୍କୁ ଦ୍ୱିତୀୟ ଥର ପାଇଁ ଗିରଫ କରି କୋର୍ଟଚାଲାଣ କରିଛି।

## ତାଲାବନ୍ଦ ଘରୁ ସୁନା ଅଳଙ୍କାର ଚୋରି ଅଭିଯୋଗ

ବ୍ରହ୍ମପୁର,୨୫।୧୨(ସମିସ): ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ରାମନଗର ୨ୟ ଲାଇନ ନିବାସୀ ଜୀବନାନନ୍ଦ ମହାରଣାଙ୍କ ଘରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ପରିବାର ଲୋକେ ବାଲିଗୁଡ଼ା ଯାଇଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କ ଘରେ ପଶି ୨ଟି ସୁନା ହାର, ଗୋଟିଏ ହନୁମାନ ଲକେଟ, ୫ଟି ସୁନା ମୁଦି, ୨ଟି କାନ ଝରାଫୁଲ,୨ଟି ଝୁମ୍ପି କାନର,୮ଟି ସୁନା ଚୁଡି, ୩ଟି ଗୋଲାଡେଣ୍ଟ କଏନ, ରୂପା ପାଉଁଜି ୨ଟି, ଅଣ୍ଟା ପାତିଆ ୨ଟି, ୨ଟି ଖଡୁ ସମେତ ପାଟଶାଢ଼ି ଚୋରି ହୋଇଥିବା ଜାଣି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ଅଟଳ ବିହାରୀ ବାଜପେୟୀ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ବ୍ରହ୍ମପୁର,୨୫।୧୨(ସମିସ): ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ ସ୍ଥାନୀୟ ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ୨ୟ ଅଟଳ ବିହାରୀ ବାଜପେୟୀ ସ୍ମାରକୀ ଦିବାରାତ୍ର ଟି-୨୦କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଶୁଭାରମ୍ଭ କରିଥିଲେ। ସେହପରି ସମ୍ମାନିତ ଅତିଥି ଭାବେ ଏମକେସିଜି




ମେଡିକାଲ ଅଧୀକ୍ଷକ ପ୍ରଫେସର ଡ଼ା. ଦୁର୍ଗାମାଧବ ଶତପଥି, ଜିଲ୍ଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ, ଜିଲ୍ଲା କ୍ରୀଡା ଅଧିକାରୀ ତାପସ କୁମାର ସାମଲ ଓ ପୂର୍ବତନ ବିଡିଏ ଅଧକ୍ଷ ଶରତ ପଟ୍ଟନାୟକ ଯୋଗ ଦେଇଥିଲେ। ଟୁର୍ଣ୍ଣାମେଣ୍ଟ ଚଳିତ ମାସ ୩୧ତାରିଖ ପର୍ଯ୍ୟନ୍ତ ଦୀର୍ଘ ୭ଦିନ ଧରି ଚାଲିବ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକଙ୍କ ପ୍ରତିନିଧି ତଥା ଆଇନଜୀବୀ ଅଶୋକ ଶୁକ୍ଳା, ସାଂସଦ ପ୍ରତିନିଧି ବାଳକୃଷ୍ଣ ସାମନ୍ତରାୟ, ଅଟଳ ବିହାରୀ ବାଜପେୟୀ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜନ କମିଟିର ଅଧକ୍ଷ ପ୍ରଦୀପ ନାୟକ, ଉପଦେଷ୍ଟା ପାର୍ଥ ପାଢ଼ୀ, ପି. ରାଜୁ ରେଡ୍ଡୀ ଓ କମିଟି ସଦସ୍ୟ ଶିବ ପ୍ରସାଦ ଦାସଙ୍କ ସମେତ ବିଜେପିର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ ଭୁବେନେଶ୍ୱରର ପ୍ରଗତୀ ସ୍ପୋର୍ଟିଂ କ୍ଲବ୍ ଓ ଛତିଶଗଡ଼ର ଭିଡ଼ିସିଏ କ୍ରିକେଟ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ୨୦ଓଭର ବିଶିଷ୍ଟ ମ୍ୟାଚରେ ଭିଡ଼ିସିଏ ଟସ ଜିତି ପ୍ରଥମେ ବୋଲିଂର ନିଷ୍ପତ୍ତି ନେଇଥିବା ବେଳେ ଭୁବେନେଶ୍ୱର ପ୍ରଗତୀ ସ୍ପୋର୍ଟିଂ କ୍ଲବ ବ୍ୟାଟିଂ କରିଥିଲା।

9th
Death Anniversary
In Loving Memory
"We remember you with Pride and Gratitude.
Your presence remains with us like a Blessing.
We miss your Love, Affection and Guidance.
Your path of Righteousness will continue to inspire us."



√ Gopal Chandra Mohanty
Ex- Principal Secretary to Govt. of Odisha. Law Department,
Ex- Chairman, State Law Revision Committee.

Fondly Remembered by
Kanak Mohanty
Manoj & Bharati Mohanty, Saroj & Amrapalli Mohanty
Sanjib & Ashru Mohanty
Samikhya & Tarun, Samyantaka, Anwesha
Staffs and Management of Xpose Advertising

Xpose ADVERTISING BHUBANESWAR | RAIPUR KOLKATA | HYDERABAD
fabindia CELEBRATE INDIA BALASORE
Yum! Chinese BALASORE

# ଆଲୋକମାଳାରେ ଝଲସିଲା ଚର୍ଚ୍ଚ

ବ୍ରହ୍ମପୁର,୨୫।୧୨(ସମିସ): ଖ୍ରୀଷ୍ଟମାସ ତଥା ପବିତ୍ର ବଡ଼ଦିନ ଅବସରରେ ସହରର ସମସ୍ତ ଚର୍ଚ୍ଚରେ ବହୁ ଖ୍ରୀଷ୍ଟଧର୍ମାବଲମ୍ବୀଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ଚର୍ଚ୍ଚରେ ବାଇବେଲ ପାଠ ଓ ସାମୂହିକ ପ୍ରାର୍ଥନା ପରେ ପରସ୍ପରକୁ ଶୁଭେଚ୍ଛା ଜଣାଇଛନ୍ତି। ପବିତ୍ର ବଡ଼ଦିନ ପୂର୍ବ ମଧ୍ୟରାତ୍ରିରେ ପ୍ରତୀକଧର୍ମୀ ଗୁହାଳ ଭିତରେ ମଦର ମେରିଙ୍କ ଗର୍ଭରୁ ଯୀଶୁ ଅବତରଣ କରିଥିଲେ। ବିଶ୍ୱାସ ଅଛି, ପ୍ରଭୁ ଶାନ୍ତି ଓ ପ୍ରେମର ବାର୍ତ୍ତା ନେଇ ଆସିଛନ୍ତି।

ଶ୍ରଦ୍ଧାଳୁମାନେ ଯୀଶୁଙ୍କ ପାଦ ଚୁମ୍ବନ କରି ଶ୍ରଦ୍ଧା ନିବେଦନ କରିଛନ୍ତି। ଏହି ଅବସରରେ ପରସ୍ପରକୁ ଆଲିଙ୍ଗନ କରି ବଡ଼ଦିନର ଶୁଭେଚ୍ଛା ଜଣାଇଛନ୍ତି। ଗୀର୍ଜା ଓ ଚର୍ଚ୍ଚ ଗୁଡ଼ିକରେ ରଙ୍ଗୀନ ଆଲୋକମାଳା



ସାଙ୍ଗକୁ ଭଳିକି ଭଳି ଷ୍ଟାର, ଖ୍ରୀଷ୍ଟମାସ ଟ୍ରି, ସ୍ନୋ ବଲ, ବେଲୁନ୍ ଓ ତୋରଣ ଝଲସୁଛି। ଯୀଶୁଙ୍କ ଜନ୍ମ ସମୟର ଦୃଶ୍ୟକୁ ଦେଖାଇବା ପାଇଁ ଚର୍ଚ୍ଚ ପରିସରରେ ବିଭିନ୍ନ ପ୍ରକାର ମୂର୍ତ୍ତି ସହ କୁଡିଆ ଘର ପ୍ରସ୍ତୁତ କରାଯାଇଛି। ଯାହାକୁ ଦେଖିବାକୁ ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ମଧ୍ୟରେ ବେଶ ଉତ୍ସାହ ପରିଲକ୍ଷିତ ହୋଇଛି। ସହରର ଗିରିରୋଡସ୍ଥିତ ଓଡ଼ିଆ ବାପଟିଷ୍ଟ ଚର୍ଚ୍ଚ, ପୁରୁଣା ବସଷ୍ଟାଣ୍ଡ ରୋମାନ କ୍ୟାଥଲିକ ଚର୍ଚ୍ଚ, ପିଭିଏନ ପେଟ୍ରୋଲ ପମ୍ପ ଛକରେ ଥିବା ଷ୍ଟିଫେନ୍ ଚର୍ଚ୍ଚ, ଗିରିମାର୍କେଟ ଛକରେ ଥିବା ତେଲୁଗୁ ବାପଟିଷ୍ଟ ଚର୍ଚ୍ଚ ସହ ଲୋଚାପଡା, ଯୋଗୀଆପଲ୍ଲୀରେ ଥିବା ଚର୍ଚ୍ଚରେ ଖ୍ରୀଷ୍ଟଧର୍ମାଲମ୍ବୀମାନେ ବେଶ ଆନନ୍ଦ ଓ ଉତ୍ସାହର ସହିତ ବଡଦିନ ପାଳନ କରିଥିଲେ। ଏହା ସହ ବହୁ ଚର୍ଚ୍ଚରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସେହିପରି ଅନେକ ଦିନ ହେବ ଖ୍ରୀଷ୍ଟମାସ ଉପଲକ୍ଷେ ବଜାରରେ ଛୋଟ ଛୋଟ ସାନ୍ତାକ୍ଲଜ ଓ ଷ୍ଟାର ସହ ଆଲୋକମାଳା, ଝାଲର ଆଦି ବିକ୍ରି ହେଉଥିଲା।

## ମଠତେନ୍ତୁଳିଆରେ ଗୁରୁପୂଜନ ଉତ୍ସବ



ଗଁଦିଆ,୨୫ ।୧୨(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ମଠତେନ୍ତୁଳିଆ ମଧ୍ୟ ଇଂରାଜୀ ବିଦ୍ୟାଳୟର ୧୯୮୪-୮୬ ବ୍ୟାଚ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ କାର୍ଯ୍ୟକ୍ରମ ପଟିଆ ଖେଳପଡ଼ିଆରେ ଅନୁଷ୍ଠିତ ହୋଇଛି । ଅଶାନ୍ତି ସାହୁ, ଅର୍ଜୁନ ସାହୁ, ବିଭୁପ୍ରସାଦ ନାଥ, ସସ୍ମିତା ନାଥ, ନନ୍ଦିନୀ ନାଥ, ଗୀତା ସେଠୀ, ଗୀତା ନାଥ, କୃପାସିନ୍ଧୁ ଦେହୁରୀ, ଲକ୍ଷ୍ମଣ ପାଣିଗ୍ରାହୀ, ରଞ୍ଜିତା ପ୍ରଧାନ, ରେଣୁବାଳା ବେହେରା, ଶରତ ସାମଲ, ଲକ୍ଷ୍ମୀଧର ବେହେରା, ଶରତ ସାମଲ, ଅଶୋକ ଦାସଙ୍କ ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ହୋଇଥିଲା । ମଠତେନ୍ତୁଳିଆ ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରତିଷ୍ଠାତା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପ୍ରକୃତିବନ୍ଧୁ ହରିହର ସାହୁ ଓ ତାଙ୍କ ସହଧର୍ମିଣୀ ଜ୍ୟୋତ୍ସ୍ନାରାଣୀ ସାହୁଙ୍କୁ ପୁଷ୍ପ, ଉତ୍ତରୀୟ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

# ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ୍

କାମାକ୍ଷାନଗର,୨୫ ।୧୨(ସମିସ)



କାମାକ୍ଷାନଗର ଏନଏସି ନୂଆ ରେକୁଲାସ୍ଥିତ ମା' ମଙ୍ଗଳାଙ୍କ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ସୁନା ଓ ରୁପା ଅଳଙ୍କାର ସହ ହୁଣ୍ଡିରେ ଥିବା ୨୦ ହଜାର ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି । ପ୍ରାୟ ୬ରୁ ୭ଲକ୍ଷ ଟଙ୍କାର ସୁନା ଓ ରୁପା ଅଳଙ୍କାର ଲୁଟ୍ ହୋଇଥିବା ଅନୁମାନ କରାଯାଉଛି । ବୁଧବାର ବିଳମ୍ବିତ ରାତିରେ ୨ ଦୁର୍ବୃତ୍ତ ମୁହଁରେ କପଡ଼ା ଘୋଡ଼ାଇ ମନ୍ଦିର ଭିତରକୁ ପ୍ରବେଶ କରି ଅଳଙ୍କାର ଲୁଟ କରିନେଇଛନ୍ତି । ଗୁରୁବାର ସକାଳେ ପୂଜକ ମନ୍ଦିରକୁ ଆସିବା ପରେ ଘଟଣା ଜଣାପଡ଼ିଥିଲା । ଦୁର୍ବୃତ୍ତମାନେ ମା'ଙ୍କ ସୁନା କାନଫୁଲ, ମଙ୍ଗଳସୂତ୍ର, ନାକଚଣା, ହାର, ଆଖି ପତା, ଚିତା, ଆଖିର ଭୁଲତା, ରୁପାର ୪ଟି ମୁକୁଟ, ଅଣ୍ଟା ସୂତା, କାନଫୁଲ, ହାର ଆଦି ଲୁଟି ନେଇଛନ୍ତି । ଏ ନେଇ ଗ୍ରାମବାସୀ କାମାକ୍ଷାନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସପ୍ତାହ ମଧ୍ୟରେ କାମାକ୍ଷାନଗରରେ ଏହା ତୃତୀୟ ମନ୍ଦିର ଚୋରି । ପୂର୍ବରୁ ମାଳପୁରା ରାମ ମନ୍ଦିର ଓ ଅନନ୍ତପୁର ରାଧାକୃଷ୍ଣ ମନ୍ଦିରରୁ ମଧ୍ୟ ସମାନ ଢଙ୍ଗରେ ଲୁଟ୍ ହୋଇଥିଲା । ବାରମ୍ବାର ମନ୍ଦିର ଚୋରି ହେଉଥିବାରୁ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ସହରରେ ପୁଲିସ ପାଟ୍ରୋଲିଂ ହେଉ ନ ଥିବାରୁ ଦୁର୍ବୃତ୍ତମାନେ ନିର୍ଭୟରେ ଲୁଟ୍ କରୁଥିବା ଅଭିଯୋଗ ହେଉଛି ।

## ବାରହା ଆକ୍ରମଣରେ ୫ ଗୁରୁତର

କାମାକ୍ଷାନଗର,୨୫ ।୧୨(ସମିସ): ଜିରାଳ ଫରେଷ୍ଟ ସେକ୍ସନ ବୋଲୁଅ ଓ ରଗଡ଼ିପଡ଼ା ଗାଁରେ ବାରହା ଆକ୍ରମଣରେ ୫ ଜଣ ଗୁରୁତର ଆହତ ହୋଇଛନ୍ତି । ବୋଲୁଅ ଓ ରଗଡ଼ିପଡ଼ା ଗାଁ ନିକଟରେ ଥିବା ଆଖୁକିଆରୀରେ ଏକ ବାରହା କିଛିଦିନ ଧରି ରହି ଆସୁଥିଲା । ବୁଧବାର ଦ୍ୱିପ୍ରହର ସମୟରେ ବାରହାଟି ହଠାତ ଗାଁ ଭିତରକୁ ପଶି ଆସିଥିଲା । ପିଣ୍ଡାରେ ବସିଥିବା କିଛି ଲୋକଙ୍କୁ ଆକ୍ରମଣ କରିଥିଲା । ବାରହା ଆକ୍ରମଣରେ ବୋଲୁଅ ଗାଁର ପ୍ରଶାନ୍ତ ନାୟକ, ଗଣେଶ୍ୱର ମହାନ୍ତି, ଦାଶରଥି ପୃଷ୍ଟି, ସୂର୍ଯ୍ୟକାନ୍ତ ନାୟକ ଓ ରଗଡିପଡ଼ାର ହୃଦାନନ୍ଦ ପରିଡ଼ା ଗୁରୁତର ହୋଇଛନ୍ତି । ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରି ଅଁଳାବେରେଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଛନ୍ତି । ଖବର ପାଇ ଜିରାଳ ଫରେଷ୍ଟର ଓ ବନବିଭାଗ କର୍ମଚାରୀ ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି ।

## ଖଳାରେ ନିଆଁ ଲାଗି ଜଳିଗଲା ଧାନଗଦା



ଭୁବନ,୨୫ ।୧୨(ସମିସ): ଭୁବନ ବ୍ଲକ ମାର୍ଥାପୁର ପଞ୍ଚାୟତ ଜିନେଇଲୋ ଗ୍ରାମର ଚାଷୀ ସରୋଜ ପାତ୍ରଙ୍କ ଖଳାରେ ଗୁରୁବାର ଭୋର୍ ପ୍ରାୟ ୪ଟାରେ ନିଆଁଲାଗି ଧାନଗଦା ପୋଡ଼ି ନଷ୍ଟ ହୋଇଯାଇଛି । ଏହି ଅଗ୍ନିକାଣ୍ଡରେ ସରୋଜଙ୍କ ୬୦୦ ବିଡ଼ା ଧାନ ଜଳି ପାଉଁଶ ହୋଇଛି । ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ । ପୋଡ଼ିଯାଇଥିବା ଧାନର ଆନୁମାନିକ ମୂଲ୍ୟ ପ୍ରାୟ ୨ ଲକ୍ଷ ଟଙ୍କା ହେବ ବୋଲି ସରୋଜ କହିଛନ୍ତି । ମୁଣ୍ଡଝାଳ ତୁଣ୍ଡରେ ମାରି ଫଳାଇଥିବା ବର୍ଷକର ଧାନ ହରାଇ ସରୋଜ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି । ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ସୁଭଦ୍ରା ପାତ୍ରଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି ।


## 'ଶୃଙ୍ଖଳା ଓ ପରିଶ୍ରମ ଉତ୍ତମ ମଣିଷ ଗଠନ କରେ'

ଢେଙ୍କାନାଳ,୨୫ ।୧୨(ସମିସ): ସଦର ବ୍ଲକ୍ ପିଏମଶ୍ରୀ ବଣସିଂହ ସରକାରୀ ଉଚ୍ଚ ବିଦ୍ୟାଳୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ୧୯୯୨ ବ୍ୟାଚ ଛାତ୍ରଛାତ୍ରୀ ପରିବାର ସହ ଏକାଠି ହୋଇ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଆଶୀର୍ବାଦ ଲାଭ କରିଥିଲେ । ମୁଖ୍ୟଅତିଥି ଭାବେ ଶିକ୍ଷକ ଶଙ୍କର୍ଷଣ ଶତପଥୀ ଯୋଗଦେଇ ଶୃଙ୍ଖଳା, ପରିଶ୍ରମ ଓ ଆଶୀର୍ବାଦ ଉତ୍ତମ ମଣିଷ ଗଠନ ପାଇଁ ଅପରିହାର୍ଯ୍ୟ ବୋଲି କହିଥିଲେ । ଅନ୍ୟତମ ଶିକ୍ଷକ ମୁରଲୀଧର ପଣ୍ଡା, ରବିନାରାୟଣ ପଣ୍ଡା ତଥା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଲେଖା ରାଉତ ଓ ଜାମିନୀ ହୋତା ଉପସ୍ଥିତ ଥିଲେ । ପ୍ରାରମ୍ଭରେ ଦିବଂଗତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ପୁରାତନ ଛାତ୍ର ଡା. ଶାନ୍ତିଭୂଷଣ ପଣ୍ଡା, ବିମଳ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ବାପୁଜୀ କ୍ଲବ୍ ଆନୁକୂଲ୍ୟରେ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

ଢେଙ୍କାନାଳ,୨୫ ।୧୨(ସମିସ): ସଦର ବ୍ଲକ ସିଆରିଆ ଗ୍ରାମର ବାପୁଜୀ କ୍ଲବ୍ ଆନୁକୂଲ୍ୟରେ ୧୬ତମ ମା' ଆଦିଶକ୍ତି ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି । ଉଦଘାଟନୀ ମ୍ୟାଚ ଗୁଣ୍ଡିଚାପଡ଼ା ଓ ଚିରୁଳେଇ ମଧ୍ୟରେ ଖେଳାଯାଇଥିଲା । ଗୁଣ୍ଡିଚାପଡ଼ା ଦଳ ୨-୦ ଗୋଲ୍‌ରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି । ବୋନ୍‌ସନ୍ ବରାଳ, ମନୋଜ ସେଠୀ ଓ ଅମୂଲ୍ୟ ସାମଲ ମ୍ୟାଚ୍ ପରିଚାଳନା କରିଥିଲେ । ମୁଖ୍ୟଅତିଥି ଭାବେ ଶ୍ରୀ ଶ୍ରୀ ସଦାନନ୍ଦ ମହାରାଜ, ସମ୍ମାନିତ ଅତିଥି ଭାବେ ଗୋବିନ୍ଦପୁର ସରପଞ୍ଚ ଅରୁଣ ପରିଡ଼ା, ମାୟାଧାର ସାହୁ, ମାୟାଧର ଖଟୁଆ ଏବଂ ବସନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ । ଦ୍ୱିତୀୟ ଦିବସରେ ବନମାଳୀପ୍ରସାଦ ଓ କପୁରିସିଂ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ବନମାଳୀପ୍ରସାଦ ୧-୦ ଗୋଲ୍‌ରେ ବିଜୟୀ ହୋଇ ଦ୍ୱିତୀୟ ଟିମ୍ ଭାବେ ସେମିଫାଇନାଲ୍‌କୁ ଉତ୍ତୀର୍ଣ୍ଣ ହୋଇଛି । ବାପୁଜୀ କ୍ଲବ ସମ୍ପାଦକ ପବିତ୍ର ମୁଦୁଲି, ଉପଦେଷ୍ଟା ଶ୍ରୀନିବାସ ଦେହୁରୀ ସହଯୋଗ କରିଥିଲେ ।

## ଶିବିରରେ ୬୦ ୟୁନିଟ୍ ରକ୍ତ ସଂଗ୍ରହ



ପରଜଙ୍ଗ,୨୫ ।୧୨(ସମିସ): ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜନ୍ମତିଥି ଅବସରରେ ପରଜଙ୍ଗ ବ୍ଲକ ସରାଙ୍ଗ ଗ୍ରାମ ସୁବର୍ଣ୍ଣପୁର ପାଟଣା ସାହି ଚନ୍ଦ୍ରଚୂଡ଼ ଶିବ ମନ୍ଦିର ପ୍ରାଙ୍ଗଣରେ ବାଜି ରାଉତ ୟୁଥ କ୍ଲବ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ୬୦ ୟୁନିଟ ରକ୍ତ ସଂଗ୍ରହ ହୋଇଛି । ବିଜି ରାଉତ ୟୁଥ୍ କ୍ଲବ ସଭାପତି ବିକାଶ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବେ ବିଜେପି ନେତ୍ରୀ ବନଲତା ମହାନ୍ତି, ସମ୍ମାନିତ ଅତିଥି ଭାବେ ତାଳଚେରର ସମାଜସେବୀ ବିଭୂତି ସାହୁ, ପର୍ଶୁରାମ ବାରିକ, ସରାଙ୍ଗ ସମିତି ସଭ୍ୟ ବାସୁଦେବ ଦାସ, ଆରଏସଏସ ସଦସ୍ୟ ପ୍ରଦୀପ ବରାଳ ଯୋଗଦେଇଥିଲେ । ତାଳଚେର ରକ୍ତଭଣ୍ଡାରର ଡାକ୍ତର ବିନୟ କୁମାର ପାଢୀ, ଟେକ୍ନିସିଆନ ଗୋପାଳ ସାହୁ, ସହକର୍ମୀ ତ୍ରିନାଥ ହୋତା, ଚନ୍ଦ୍ରମଣି ନାଏକ, ରାଜକିଶୋର ପ୍ରଧାନ, ସଂଯୋଜକ ବଳରାମ ପତି, ସଭ୍ୟ ରଣଜିତ ମହାପାତ୍ର ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ ।

## ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ



ଢେଙ୍କାନାଳ,୨୫ ।୧୨(ସମିସ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୯ତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି । ବିଦ୍ୟାଳୟ ସଭାପତି ବାବୁଚାନ୍ଦ ମାହାଳିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ଖାଦ୍ୟଯୋଗାଣ, ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ମୁଖ୍ୟବକ୍ତା ଭାବେ ରାଷ୍ଟ୍ରଦୀପର ପୂର୍ବତନ ସମ୍ପାଦକ ଜଗବନ୍ଧୁ ମିଶ୍ର ଯୋଗଦେଇଥିଲେ । ଶିକ୍ଷା ବିକାଶ ସମିତି ପୂର୍ବ ସମ୍ଭାଗର ସମ୍ପାଦକ ସନ୍ତୋଷ କୁମାର ପୃଷ୍ଟି ଉପସ୍ଥିତ ଥିଲେ । ମୁଖ୍ୟଅତିଥି ବିଦ୍ୟାଳୟର କୃତୀ ଛାତ୍ରୀ ଅଶ୍ଳେଷା ପ୍ରିୟଦର୍ଶିନୀଙ୍କ ସମେତ ଅନ୍ୟମାନଙ୍କୁ ପୁରସ୍କୃତ କରିଥିଲେ । ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବିଦ୍ୟାଳୟ ସମ୍ପାଦକ ଗଗନ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ନଗେନ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ । ସହ ପ୍ରଧାନ ଆଚାର୍ଯ୍ୟା ଅରୁନ୍ଧତୀ ମହାପାତ୍ର ଓ ବିଦ୍ୟାଳୟର ସାଂସ୍କୃତିକ ପ୍ରମୁଖ ପ୍ରଦୀପ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା । ବିଦ୍ୟାଳୟର ବାର୍ଷିକ ପତ୍ରିକା 'ଅଭିପ୍ସା' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା ।

## ଜିଲ୍ଲା କାର୍ଯ୍ୟାଳୟରେ ସୁଶାସନ ଦିବସ ପାଳିତ



ଢେଙ୍କାନାଳ,୨୫ ।୧୨(ସମିସ): ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ ସ୍ଥାନୀୟ ଜିଲ୍ଲା କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ସୁଶାସନ ଦିବସ ପାଳିତ ହୋଇଛି । ଜିଲ୍ଲା ପରିଷଦର ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଆଶିଷ ରଞ୍ଜନ ସାହୁ ବାଜପେୟୀଙ୍କ ଉତ୍ସର୍ଗୀକୃତ ଜୀବନ ଏବଂ ଅବଦାନ ଉପରେ ଆଲୋକପାତ କରିଥିଲେ । ବାଜପେୟୀଙ୍କ ନିର୍ଣ୍ଣାୟକ ନେତୃତ୍ୱ, ଉତ୍ତମ ଶାସନ ପ୍ରତି ପ୍ରତିବଦ୍ଧତା, ଗରିବଙ୍କ କଲ୍ୟାଣ, ମହିଳା ସଶକ୍ତୀକରଣ କ୍ଷେତ୍ରରେ ପ୍ରୋତ୍ସାହନ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ପ୍ରତି ଗୁରୁତ୍ୱ ଆଧୁନିକ ଭାରତ ଗଠନରେ ଏକ ପ୍ରମୁଖ ଭୂମିକା ନିର୍ବାହ କରିଛି ବୋଲି ସେ ପ୍ରକାଶ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଭିଷେକ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରି ସୁଶାସନ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ।

## ମଣ୍ଟୁ ମେମୋରିଆଲ କପ୍ କ୍ରିକେଟ୍ ଉଦ୍‌ଘାଟିତ




କିଶୋରନଗର,୨୫ ।୧୨ (ସମିସ): ସ୍ଥାନୀୟ ବରପଡ଼ିଆରେ ଗୁରୁବାର ମଣ୍ଟୁ ମେମୋରିଆଲ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି । ମୁଖ୍ୟଅତିଥି ଭାବେ ଏସ୍‌ଡିପିଓ ସୁଶାନ୍ତ କୁମାର ତାଉଡିଆ, ସମ୍ମାନିତ ଅତିଥି ଭାବେ ଥାନା ଆଇଆଇସି ବିଭୂତି ପ୍ରଧାନ, ବାମୁର ବନାଞ୍ଚଳ ଅଧିକାରୀ ସାବାଧିନ ସାମଲ, ପୂର୍ବତନ ଖେଳାଳି ସୁଶାନ୍ତ ପ୍ରଧାନ, ବିଜନ ତ୍ରିପାଠୀ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଉଦଘାଟନୀ ମ୍ୟାଚରେ ରାଉରକେଲା ଆରୱାଇସିସିକୁ ସମ୍ବଲପୁର ଆରସିଏ ୮ ୱିକେଟରେ ହରାଇଛି । ସମ୍ବଲପୁରର ଅମନ ବେହେରା ୨୮ ବଲରେ ୮୨ ରନ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ସେହିପରି ୨ୟ ମ୍ୟାଚରେ କଟକ ବିଶ୍ୱଭାରତୀ ଦଳ ଝାରସୁଗୁଡ଼ା ପ୍ରୋଗ୍ରେସିଭ୍‌କୁ ୫ ୱିକେଟରେ ହରାଇଛି । ଅମ୍ପାୟର ଭାବେ ଟୁକୁ ବାହାଦୁର, ଅମରେଶ ପ୍ରଧାନ, ଅକ୍ଷୟ ରାଉତ ଖେଳ ପରିଚାଳନା କରିଥିଲେ । ସରୋଜ ସେନାପତି ଧାରାବିବରଣୀ ପ୍ରଦାନ କରିଥିବା ବେଳେ ମିଳନ ବିଶ୍ୱାଳ ସ୍କୋରର ଦାଇତ୍ୱ ତୁଲାଇଥିଲେ ।

# ବାଜପେୟୀଙ୍କ ଜୟନ୍ତୀରେ ଅଟଳ ସ୍ମୃତି ସମ୍ମିଳନୀ



ଢେଙ୍କାନାଳ,୨୫ ।୧୨(ସମିସ): ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜୟନ୍ତୀ ପାଳନ ଅବସରରେ ଗୁରୁବାର ଢେଙ୍କାନାଳ ବିଜେପି ଜିଲ୍ଲା କାର୍ଯ୍ୟାଳୟରେ ଅଟଳ ସ୍ମୃତି ସମ୍ମିଳନୀ ଆୟୋଜିତ ହୋଇଛି । ଜିଲ୍ଲା ସଭାପତି ରାସବିହାରୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଢେଙ୍କାନାଳ ଜିଲ୍ଲା ପ୍ରଭାରୀ ସ୍ମୃତି ପଟ୍ଟନାୟକ ମୁଖ୍ୟଅତିଥି, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ରାଷ୍ଟ୍ରୀୟ ପରିଷଦ ସଦସ୍ୟ ପ୍ରେମାନନ୍ଦ ଜେନା, ପୂର୍ବତନ ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ଜିଲ୍ଲା ମିଡିଆ ସେଲ ପ୍ରଭାରୀ ନବକିଶୋର ଗୁରୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଅତିଥିମାନେ ବାଜପେୟୀଙ୍କ ଫଟୋଚିତ୍ରରେ ଧୂପ, ଦୀପ ଓ ପୁଷ୍ପ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଜିଲ୍ଲା ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ପତି ଅତିଥି ପରିଚୟ ପ୍ରଦାନ କରିଥିଲେ । ଜିଲ୍ଲା ସଂଯୋଜକ ବିଷ୍ଣୁପ୍ରସାଦ ଲେଙ୍କା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଜିଲ୍ଲା ଉପସଭାପତି ଧ୍ରୁବଚରଣ ସ୍ୱାଇଁ, ନିରୋଦ କୁମାର ସାହୁ, ବରୁଣ କୁମାର ସର, ସହଦେବ ପୃଷ୍ଟି, ସଞ୍ଜୟ କୁମାର ରାଉତ, ସଞ୍ଜୟ କୁମାର ଦାସ, ଇତିଶ୍ରୀ ସାହୁ, ମିନକେତନ ନାୟକ, ଜିଲ୍ଲା ସାଧାରଣ ସମ୍ପାଦକ ମାତୃପ୍ରସାଦ ନନ୍ଦ, ଜିଲ୍ଲା ସମ୍ପାଦକ ପ୍ରଣତି ସାହୁ, ରୁନୁବାଳା ରାଉତ, ସଞ୍ଜୁକ୍ତା ହୋତା, ଜୟନ୍ତୀ ଦାସ, ଜିଲ୍ଲା କୋଷାଧ୍ୟକ୍ଷ ଆନନ୍ଦ ପ୍ରଧାନ, ପୂର୍ବତନ ସାଧାରଣ ସମ୍ପାଦକ ସୁନୀଲ ଶର୍ମା, ବରିଷ୍ଠ ନେତା ହର୍ଷବର୍ଦ୍ଧନ ସିଂହଦେଓ ପ୍ରମୁଖଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମର ଜିଲ୍ଲା ସହ ସଂଯୋଜିକା ଯଶସ୍ୱିନୀ ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ ।

## ବାଇକ ଶିଖିବା ବେଳେ ଦୁର୍ଘଟଣା; ମହିଳା ମୃତ

କାମାକ୍ଷାନଗର,୨୫ ।୧୨(ସମିସ): ବାଇକ ଶିଖିବା ବେଳେ ଗଛରେ ଧକ୍କା ହେବାରୁ ଶିଖୁଥିବା ମହିଳାଙ୍କ ମୃତ୍ୟୁ ହୋଇଛି । ବାଇକ ପଛରେ ବସିଥିବା ଯୁବକ ଗୁରୁତର ହୋଇଛନ୍ତି । କଙ୍କଡାହାଡ଼ ଥାନା ମରୁଆବିଲି ପଞ୍ଚାୟତ କେନ୍ଦୁପଡ଼ା ଗାଁରେ ଏହି ଅଘଟଣ ଘଟିଛି । ମୃତ ମହିଳା ହେଲେ ଗାଁର ରାଧିକା ଗାଗରାଇ । ରାଧିକା ବାଇକ ଚଳାଇବା ଶିଖୁଥିବା ବେଳେ ଅସବଧାନତଃ ଭାରସାମ୍ୟ ହରାଇ ଏକ ଗଛରେ ଧକ୍କା ହୋଇଥିଲେ । ଫଳରେ ସେ ଛିଟିକି ପଡ଼ିବାରୁ ନିକଟରେ ଥିବା ଏକ ପଥରରେ ତାଙ୍କ ମୁଣ୍ଡ ମାଡ଼ ହେଇଥିଲା । ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଛି । ବାଇକ ପଛରେ ବସିଥିବା ରାମ ଦାସ ନାମକ ଯୁବକଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକ ଉଦ୍ଧାର କରି କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଇଛନ୍ତି । ପୁଲିସ ରାଧିକାଙ୍କ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି ।

## ୩୦ରେ ଭିନ୍ନକ୍ଷମ ଚିହ୍ନଟ ଶିବିର

ଖଜୁରିଆକଟା,୨୫ ।୧୨(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ଓଡ଼ାପଡ଼ା ବ୍ଲକ କାର୍ଯ୍ୟାଳୟରେ ଆସନ୍ତା ୩୦ ତାରିଖ ବ୍ଲକ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଭିନ୍ନକ୍ଷମଙ୍କ ଚିହ୍ନଟ ଶିବିର ଅନୁଷ୍ଠିତ ହେବ । ଏ ନେଇ ଓଡ଼ାପଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଅଞ୍ଚଳର ଭିନ୍ନକ୍ଷମମାନେ ନିଜ ପ୍ରମାଣପତ୍ର ସହ ବ୍ଲକ କାର୍ଯ୍ୟାଳୟରେ ଉପସ୍ଥିତ ରହିବାକୁ ବିଡିଓ ଦିଲୀପ କୁମାର ଷଡ଼ଙ୍ଗୀ ଅନୁରୋଧ କରିଛନ୍ତି ।

## ଭୁବନ ଠିକାଦାର ସଂଘର ବୈଠକ



ଭୁବନ,୨୫ ।୧୨(ସମିସ): ଭୁବନ ଠିକାଦାର ସଂଘର ମିଳିତ ବୈଠକ ଗୁରୁବାର ସ୍ଥାନୀୟ ବାଜିରାଉତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଛି । ବୈଠକରେ ପ୍ରାୟ ୫୦ ଜଣ ଠିକାଦାର ଯୋଗଦେଇଥିଲେ । ଆଗାମୀ ଦିନରେ ଏକଜୁଟ ହେବା ସହ ଭୁବନରେ କିପରି ଉନ୍ନତମାନର କାମ ହେବ ତଥା ସରକାରଙ୍କ ସମସ୍ତ ସର୍ତ୍ତାବଳୀ ଅନୁଯାୟୀ କାମ କରାଯିବ ସେ ନେଇ ବୈଠକରେ ଆଲୋଚନା କରାଯାଇଥିଲା । ସରକାରଙ୍କ ତରଫରୁ ଧାର୍ଯ୍ୟ ୧୪.୯୯ ପ୍ରତିଶତ ଲେସରେ ଟେଣ୍ଡର କାମ ବଦଳରେ ସିଡୁଲ୍ଡ ରେଟ ୦.୦୦ରେ କାମ କରିବା ପାଇଁ ସର୍ବସମ୍ମତ ନିଷ୍ପତ୍ତି ଗ୍ରହଣ ହୋଇଛି । ଭୁବନ ଠିକାଦାର ସଂଘ ସଂଗଠିତ ହୋଇ ଆଗାମୀ ଦିନରେ ସମସ୍ତ ବାହ୍ୟଶକ୍ତି ବିରୋଧରେ କାମ କରିବା ପାଇଁ ବାବା ବୁଦ୍ଧେଶ୍ୱରଙ୍କ ନିକଟରେ ଶପଥପାଠ କରାଯାଇଛି । ଭୁବନରେ ଉନ୍ନତମାନର କାମ ସହିତ ସଠିକ ସମୟରେ କାମ ସାରିବାକୁ ନିଷ୍ପତ୍ତି ହୋଇଛି ।

## ଖଙ୍କିରା ଗ୍ରାମରେ ବୁଲୁଛି ଦନ୍ତା



ଗଁଦିଆ,୨୫ ।୧୨(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଖଙ୍କିରା ଗ୍ରାମରେ ଏକ ଦନ୍ତା ହାତୀ ବୁଲାବୁଲି କରୁଛି । ହାତୀ ଲୋକଙ୍କ ଘରେ ପଶି ଧାନ ଚାଉଳ ଓ କଦଳୀ ଗଛ ତଥା ବାଡ଼ି ବଗିଚାରେ ହୋଇଥିବା ଫସଲ ଖାଇ ନଷ୍ଟ କରୁଛି । ହାତୀ ବୁଲୁଥିବାରୁ ଗ୍ରାମରେ ଭୟର ବାତାବରଣ ସୃଷ୍ଟି ହୋଇଛି । ଏ ଦିଗରେ ବନବିଭାଗ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ବାଜପେୟୀଙ୍କ ଜୟନ୍ତୀ ପାଳିତ

ଢେଙ୍କାନାଳ,୨୫ ।୧୨(ସମିସ): ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜୟନ୍ତୀ ଅବସରରେ ଜିଲ୍ଲା ବିଜେପି ପକ୍ଷରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜିଲ୍ଲା ସଭାପତି ରାସବିହାରୀ ବେହେରା, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ ବିଷ୍ଣୁପ୍ରସାଦ ଲେଙ୍କା, ପୂର୍ବତନ ରାଜ୍ୟ କୃଷକମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର, ପୂର୍ବତନ ଜିଲ୍ଲା ସଭାପତି ନରେଶ ମହାପାତ୍ର, ପୂର୍ବତନ ପୌରାଧ୍ୟକ୍ଷ ସୁନୀଲ ଶର୍ମା, ପରଜଙ୍ଗ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ, ରାଜ୍ୟପରିଷଦ ସଦସ୍ୟା ଭାରତୀ ସ୍ୱାଇଁ, ମାନସ ହୋତା, ଜିଲ୍ଲା ମିଡିଆ ସେଲ ପ୍ରଭାରୀ ନବକିଶୋର ଗୁରୁ, ଜିଲ୍ଲା ଉପସଭାପତି ଧ୍ରୁବଚରଣ ସ୍ୱାଇଁ, ନିରୋଦ ସାହୁ, ଜିଲ୍ଲା ସମ୍ପାଦିକା ପ୍ରଣତି ସାହୁ, ଢେଙ୍କାନାଳ ନଗର ମଣ୍ଡଳ ସଭାପତି ବିକାଶ ସାହୁ, ସାଧାରଣ ସମ୍ପାଦକ ଅଭିଷେକ ବେହେରା, ବରିଷ୍ଠ ନେତା ସତ୍ୟବାନ ପାତ୍ର, ଯୁବମୋର୍ଚ୍ଚା ନଗର ସଭାପତି କନିଷ୍କ ସାମଲ, ସାଂସଦଙ୍କ ପୌର ପ୍ରତିନିଧି ରୁଦ୍ର ନାରାୟଣ ତ୍ରିପାଠୀ, ମନ୍ତ୍ରୀଙ୍କ ପୌର ପ୍ରତିନିଧି ସନ୍ତୋଷ ରାଉତ, କାଉନସିଲର ସୂର୍ଯ୍ୟପ୍ରତାପ ରାଉତ, ବଳରାମ ସେଠୀ, ଜିଲ୍ଲା ଜନଜାତି ମୋର୍ଚ୍ଚା ସଭାପତି ଲକ୍ଷ୍ମୀଧର ଦଳେ, ଗୋବିନ୍ଦପୁର ମଣ୍ଡଳ ସଭାପତି ରଞ୍ଜିତ ଭିଶାଳ ପ୍ରମୁଖଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଏଥିରେ ସାମିଲ ହୋଇଥିଲେ ।



# ସର୍ଦ୍ଦାର ପଟେଲ ହାଇସ୍କୁଲର ହୀରକ ଜୟନ୍ତୀ ଉତ୍ସବ




ଢେଙ୍କାନାଳ,୨୫ ।୧୨(ସମିସ): ସଦାଶିବପୁର ଗ୍ରାମସ୍ଥିତ ସର୍ଦ୍ଦାର ପଟେଲ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବ ଦୁଇଦିନ ଧରି ପାଳିତ ହୋଇଛି । ବିଦ୍ୟାଳୟର ପୁରାତନ ଛାତ୍ରସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବକୁ ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ କୁଳପତି ପ୍ରଫେସର ଡ. ବିନାୟକ ରଥ ଉଦ୍‌ଘାଟନ କରିଥିଲେ । ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ଅନୁଷ୍ଠାନର ଅଧ୍ୟକ୍ଷ ଡ. ଲକ୍ଷ୍ମଣ କୁମାର ସାହୁ, ତାମିଲନାଡୁ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପଦ୍ମଶ୍ରୀ ଡ. ଆଦିତ୍ୟ ପ୍ରସାଦ ଦାସ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ହରିଶଙ୍କର ମିଶ୍ର, ଭାଷାବିଜ୍ଞାନୀ ପଦ୍ମଶ୍ରୀ ପଣ୍ଡିତ ଡ. ଅନ୍ତର୍ଯ୍ୟାମୀ ମିଶ୍ର, ସାହିତ୍ୟିକ ତଥା ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଭବାନୀ ଶଙ୍କର ମିଶ୍ର ଏବଂ ସୁନାମଧନ୍ୟ ବକ୍ତା ତଥା ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ସାନ୍ତନୁ କୁମାର ସର ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସ୍ୱର୍ଗତ ଦାମୋଦର କର, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସ୍ୱର୍ଗତା ଯଶୋବନ୍ତୀ ଦେବୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ପୁଅ ସୁମନ୍ତ କୁମାର କର ଦୁଇଟି ରନିଂ ଟ୍ରଫି ସର୍ବୋଚ୍ଚ ନମ୍ବର ରଖିଥିବା ବିଦ୍ୟାର୍ଥୀ ଏବଂ ପରିଷ୍କାର ପରିଚ୍ଛନ୍ନ ଥିବା ଛାତ୍ରୀଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିଥିଲେ । ଏହାସହ ଅବସରପ୍ରାପ୍ତ ଶିକ୍ଷକ ସ୍ୱର୍ଗତ ଆର୍ତ୍ତବନ୍ଧୁ କରଙ୍କ ସ୍ମୃତି ଉଦ୍ଦେଶ୍ୟରେ ସର୍ବୋଚ୍ଚ ନମ୍ବର ରଖିଥିବା ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରିବା ପାଇଁ ଏକ ରନିଂ ସିଲ୍ଡ ଏବଂ ସଂସ୍କୃତରେ ସର୍ବାଧିକ ନମ୍ବର ରଖିଥିବା ବିଦ୍ୟାର୍ଥୀଙ୍କ ପାଇଁ ଆର୍ଥିକ ପୁରସ୍କାର ତାଙ୍କ ବଡ଼ପୁଅ ବିଶ୍ୱନାଥ କର ପ୍ରଦାନ କରିଛନ୍ତି । ହୀରକ ଜୟନ୍ତୀ ପାଳନ ସମିତି ସଭାପତି ଅବସରପ୍ରାପ୍ତ ଶିକ୍ଷକ ଶିବପ୍ରସାଦ ଶତପଥୀ, ଉପସଭାପତି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସଚ୍ଚିଦାନନ୍ଦ ତ୍ରିପାଠୀ ଏବଂ ସଂଗଠନ ସମ୍ପାଦକ ଅବସରପ୍ରାପ୍ତ ଆସୋସିଏଟ ପ୍ରଫେସର ଅଟଳ ବିହାରୀ ଦାଶ ଉପସ୍ଥିତ ଥିଲେ । ପୁରାତନ ଛାତ୍ର ଡ. ଦେବେନ୍ଦ୍ର ପ୍ରସାଦ କର ମଞ୍ଚ ପରିଚାଳନା କରିଥିଲେ ।

## ନୟାଗଡ଼ ଜିଲ୍ଲା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ପର୍ଯ୍ୟଟନ ପାଇଁ ନୟାଗଡ଼ ଜିଲ୍ଲା ସମୃଦ୍ଧ



### ଦର୍ଶକଙ୍କୁ ମତୁଆଲା କଲେ ମାଟିର ଝିଅ ବର୍ଣ୍ଣାଳୀ

ନୟାଗଡ଼,୨୫।୧୨(ସମିସ): ନୟାଗଡ଼ ଜିଲ୍ଲା ମହୋତ୍ସବ ତଥା ପଲ୍ଲିଶ୍ରୀ, କୃଷି ଓ ପୁସ୍ତକ ମେଳାର ଦ୍ୱିତୀୟ ସନ୍ଧ୍ୟା ବେଶ୍ ଆକର୍ଷଣୀୟ ହୋଇଛି। ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଓଡ଼ଗାଁ ବ୍ଲକ୍ ଅଧ୍ୟକ୍ଷ ଲୋକନାଥ ସାହୁ, ନୟାଗଡ଼ ବ୍ଲକ୍ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଭାପୁର ବ୍ଲକ୍ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ୍ ରାଉତ ଦ୍ୱିତୀୟ ସନ୍ଧ୍ୟାରେ ସଭାପତିତ୍ୱ କରିବା ସହ ସ୍ୱାଗତ ଅଭିଭାଷଣ ରଖିଥିଲେ। ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ, ଜିଲ୍ଲା ମହୋତ୍ସବ ହେଉଛି ହିସାବନିକାଶର ସ୍ଥାନ। ଜିଲ୍ଲାର ଉନ୍ନତି ହିଁ ଜିଲ୍ଲା ମହୋତ୍ସବରୁ ପ୍ରତିପାଦିତ ହୁଏ। ଗୋଟିଏ ଅଞ୍ଚଳର ଉତ୍ସବ ଐକ୍ୟଭାବକୁ ସାମ୍ନାକୁ ଆଣେ। ଯେଉଁ ଅଞ୍ଚଳର ସଂସ୍କୃତି ଯେତେ ସୁଦୃଢ଼ ହୁଏ, ସେହି ଅଞ୍ଚଳର ବିକାଶ ସେତେ ମଜଭୁତ ହୁଏ। ନୟାଗଡ଼ ଜିଲ୍ଲା ପର୍ଯ୍ୟଟନ କ୍ଷେତ୍ର ପାଇଁ ରାଜ୍ୟର ପ୍ରମୁଖ ଜିଲ୍ଲାମାନଙ୍କଠାରୁ ସମୃଦ୍ଧ। ଫତେଗଡ଼ ରାମ ମନ୍ଦିରଠାରୁ ବରକନ୍ୟା ପର୍ଯ୍ୟନ୍ତ ଉଦାହରଣ ଦେଇ ବିଧାୟକ ନୟାଗଡ଼ ଜିଲ୍ଲାର ସମସ୍ତ ସ୍ଥାନ ବୁଲିବା ପାଇଁ ୪ ଦିନ ସମୟ ଆବଶ୍ୟକ ବୋଲି କହିଥିଲେ। ସୋସିଆଲ ମିଡିଆ ଯୁଗରେ ପ୍ରତ୍ୟେକ ଲୋକ ପ୍ରଚାରପ୍ରସାର କରିବା ପାଇଁ ଆଗେଇ ଆସିବା ଦରକାର ବୋଲି ବିଧାୟକ କହିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟ ବିରଜାଲକ୍ଷ୍ମୀ ସାହୁ, ଝିଲ୍ଲି ପ୍ରଧାନ, ସଂଯୁକ୍ତା ପଡ଼ିଆରୀ, ଚିନ୍ମୟୀ ଦାଶ, ଉଜ୍ଜ୍ୱଳ ମହାରଣା, ନୟାଗଡ଼ ବ୍ଲକ୍ ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ସନ୍ଧ୍ୟାରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନୟାଗଡ଼ ମାଟିର ଝିଅ ବର୍ଣ୍ଣାଳୀ ହୋତା ଓ ଗ୍ରୁପ୍ ଦ୍ୱାରା ଦର୍ଶକ ବିମୋହିତ ହୋଇଥିଲେ। ଏଥିସହ କମେଡ଼ି ଷ୍ଟାର ପ୍ରଜ୍ଞା ଓ ଶଙ୍କର ଦର୍ଶକଙ୍କୁ ମତୁଆଲା କରିଥିଲେ।

### ଖାଲି ପଡ଼ିଛି ୧୦ ଷ୍ଟଲ୍

ଚଳିତ ବର୍ଷ ମହୋତ୍ସବରେ ୨୯୦ ଷ୍ଟଲ୍ ନିର୍ମାଣ କରାଯାଇଛି। ସେଥିରୁ ଓର୍‌ମାସ୍ ଅଧୀନରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ୧୩୫ ଷ୍ଟଲ୍ ବ୍ୟବସ୍ଥା କରାଯାଇଛି। କୃଷି ମେଳା ପାଇଁ ୫୦ ଷ୍ଟଲ୍, ପୁସ୍ତକ ମେଳା ପାଇଁ ୨୦, ଖାଦ୍ୟ ପାଇଁ ୪୦, ବିଜ୍ଞାପନ ପାଇଁ ୧୦, ବିଭିନ୍ନ ବିଭାଗ ପାଇଁ ୩୦, ଜରୁରୀକାଳୀନ ସହାୟତା ପାଇଁ ୫ଟି ଷ୍ଟଲ୍ ନିର୍ମାଣ କରାଯାଇଛି। ସବୁଠାରୁ ଆଶ୍ଚର୍ଯ୍ୟ ଘଟଣା ଜିଲ୍ଲା ମହୋତ୍ସବରେ ୧୦ରୁ ଊର୍ଦ୍ଧ୍ୱ ଷ୍ଟଲ୍ ଖାଲି ପଡ଼ିଥିବା ଦେଖାଯାଇଛି। ଓର୍‌ମାସ୍ ପରିଚାଳନା ଅବ୍ୟବସ୍ଥା ପାଇଁ ଏଭଳି ସ୍ଥିତି ସୃଷ୍ଟି ହୋଇଛି।

### ମହୋତ୍ସବରେ ଗାଡ଼ି ପଶିବାକୁ ନେଇ କ୍ଷୋଭ

ଚଳିତ ବର୍ଷ ମହୋତ୍ସବରେ ଅନେକ ନେତା, କଳାକାରଙ୍କ ଗାଡ଼ି ପଡ଼ିଆ ଭିତରକୁ ଆସିବାକୁ ନେଇ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଭରାସଭାରେ ଗଭୀର କ୍ଷୋଭ ପ୍ରକାଶ କରିଥିଲେ। ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ମହୋତ୍ସବ ହେଉଛି। ଏହା ଭିତରକୁ ଗାଡ଼ି ପୂରାଇ ମହୋତ୍ସବର ଗରିମା କ୍ଷୁର୍ଣ୍ଣ ନ କରିବା ପାଇଁ ପରାମର୍ଶ ଦେଇଥିଲେ।

### ବିକ୍ରି ହେଉଛି ନିମ୍ନମାନର ଖାଦ୍ୟ; ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ଦେଖା ନାହିଁ

ଚଳିତ ବର୍ଷ ମହୋତ୍ସବରେ ନିମ୍ନମାନର ଖାଦ୍ୟ ବ୍ୟାପକ ପରିମାଣର ବିକ୍ରି ହେଉଥିବା ଦେଖିବାକୁ ମିଳିଛି। ବ୍ୟାପକ ରଙ୍ଗ ମାରି ଖାଦ୍ୟ ପ୍ରସ୍ତୁତି ହେଉଛି। ନୟାଗଡ଼ ଜିଲ୍ଲା ପ୍ରଶାସନ ଦ୍ୱାରା ମହୋତ୍ସବ ଆୟୋଜିତ ହେଉଥିବାବେଳେ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କୁ ମହୋତ୍ସବରେ ଦେଖିବାକୁ ମିଳୁନାହିଁ।

## ଓଡ଼ଗାଁ ମେଡିକାଲକୁ ମିଳିଲା ନୂଆ ଆମ୍ବୁଲାନ୍ସ



ଓଡ଼ଗାଁ,୨୫।୧୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୁରୁବାର ସରକାରଙ୍କ ତରଫରୁ ଯୋଗାଇ ଦିଆଯାଇଥିବା ନୂତନ ଆମ୍ବୁଲାନ୍ସକୁ ଡାକ୍ତରଖାନା ପରିସରରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ନିଳାନ ଦାସ ନଡ଼ିଆ ବାଡ଼େଇ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଡା. ପ୍ରଣତୀ ମଞ୍ଜରୀ ଶର୍ମା, ଫାର୍ମାସିଷ୍ଟ ଓ ଅନ୍ୟ କର୍ମଚାରୀଙ୍କ ସହିତ ଆମ୍ବୁଲାନ୍ସ କର୍ମଚାରୀମାନେ ଉପସ୍ଥିତ ଥିଲେ। ପରେ ଆମ୍ବୁଲାନ୍ସର ସେବାକାର୍ଯ୍ୟ ଆରମ୍ଭ ହୋଇଥିଲା। ସୂଚନା ଥାଉକି, ଦୀର୍ଘ ଅଢ଼େଇ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆମ୍ବୁଲାନ୍ସ ସେବା ଉପଲବ୍ଧ ନ ଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏନେଇ ଗତ ୧୩ ତାରିଖରେ କେତେକ ଛାପା ଗଣମାଧ୍ୟମରେ ମଧ୍ୟ ଖବର ପ୍ରକାଶିତ ହୋଇଥିଲା।

## ୩୪ତମ ଚାରଣ ପ୍ରବ୍ରଜ୍ୟା କାର୍ଯ୍ୟକ୍ରମ

ଖଣ୍ଡପଡ଼ା,୨୫।୧୨(ସମିସ): ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ଅଧୀନ ବାଘୁଆପଲ୍ଲୀ ଗ୍ରାମଠାରୁ କଣ୍ଟିଲୋ ଦେଇ ଫତେଗଡ଼ ବାଲୁଙ୍କେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଚାରଣ ପ୍ରବ୍ରଜ୍ୟା ପରିକ୍ରମା ଆରମ୍ଭ ହୋଇଛି। ପୁରୀ ଅନ୍ତର୍ଜାତୀୟ ଚାରଣ ଗୋଷ୍ଠୀ ଆନୁକୂଲ୍ୟରେ ଦଳପତି ପ୍ରାଧ୍ୟାପକ ଡ. ଗୋପାଳ ଚନ୍ଦ୍ର ରଥ, ସାଧାରଣ ସମ୍ପାଦକ ହରିଶ୍ଚନ୍ଦ୍ର ସାହୁ, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ବେହେରା, ଶୁକଦେବ ମହାରଣା, ରାମକୃଷ୍ଣ ସାହୁ, ପ୍ରମୋଦ କୁମାର ପାଳ, ରାଘବ ପ୍ରଧାନ, କପିଳାସ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜଗନ୍ନାଥ ତତ୍ତ୍ୱ, ପାଞ୍ଚର୍ଯ୍ୟ ଚାରଣ ସହିତ ସୁସ୍ଥ ସମାଜ ଗଠନର ବାର୍ତ୍ତା ନିମନ୍ତେ ଏହି ପରିକ୍ରମା କରାଯାଉଥିବା ସୂଚନା ମିଳିଛି। ଚଳିତ ବର୍ଷ ଏହି ପରିକ୍ରମାକୁ ୩୪ ବର୍ଷ ପୂରିଥିବାବେଳେ ଗାଁ ଗାଁରେ ପଦଯାତ୍ରା, ନଗରକୀର୍ତ୍ତନ, ଭାଗବତ ଧର୍ମସଭା ଆଦି କାର୍ଯ୍ୟକ୍ରମ କରାଯିବ ବୋଲି ସୂଚନା ମିଳିଛି। ଗୁରୁବାର ପ୍ରଥମ ଦିନରେ ବାଘୁଆପଲ୍ଲୀ ଗ୍ରାମରୁ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ବିମାନ ଯୋଗେ ବାହାରିଥିବାବେଳେ ବାଇଗୁଣିଆ ତାରିଣୀ ଛକରେ ପାରମ୍ପରିକ ସ୍ୱାଗତ କରାଯାଇଥିଲା। ପରେ ବାହାଡ଼ା ଗ୍ରାମ ଓ ବଜାର ପରିକ୍ରମା ସହିତ ଏକ ଭାଗବତ ଧର୍ମସଭା ଅନୁଷ୍ଠିତ ହୋଇଥିଲା। ଆସନ୍ତା ଜାନୁଆରୀ ୧ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳରେ ଚାରଣ ଗୋଷ୍ଠୀ ଦ୍ୱାରା ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ସୂଚନା ମିଳିଛି।

## ନୟାଗଡ଼ ପାଲା ଗାୟକ ମଣ୍ଡଳର ବାର୍ଷିକ ସମ୍ମିଳନୀ

ଓଡ଼ଗାଁ,୨୫।୧୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍ ସଭାଗୃହରେ ଶ୍ରୀ ନୀଳାଚଳ ନିଖିଳୋତ୍କଳ ପାଲା ଗାୟକ ପରିଷଦ ଓଡ଼ିଶା ଶାଖା-ଅଖଣ୍ଡ ପୁରୀ ଜିଲ୍ଲା ପ୍ରଶାଖା ମା' ଦକ୍ଷିଣକାଳୀ ଚନ୍ଦ୍ରଶେଖର ପାଲା ଗାୟକ ମଣ୍ଡଳ ନୟାଗଡ଼ର ୫୧ତମ ବାର୍ଷିକ ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଖଣ୍ଡ ପୁରୀ ଜିଲ୍ଲା ସଭାପତି ଗାୟକ ବ୍ୟାସ ଲକ୍ଷ୍ମୀଧର ଦାଶ, ବ୍ରହ୍ମପୁର ମେଡିକାଲ କଲେଜ ସ୍ନାୟୁଶଲ୍ୟ ବିଭାଗ ପ୍ରଫେସର ଡା. ରବି ନାରାୟଣ ପଣ୍ଡା, ଇତିହାସ ପ୍ରାଧ୍ୟାପକ ନିରୋଜ ଦାସ, ଇଂ. ଶରତ କୁମାର ନାୟକ, ଗାୟକ କସ୍ତୁଭ ରବିନ୍ଦ୍ର ସାମନ୍ତରାୟ, ରାଜ୍ୟ ପାଲା ଗାୟକ ପରିଷଦ ସଭାପତି ସିଦ୍ଧାନ୍ତଦର୍ଶୀ ମଦନମୋହନ ଜେନା, ଗାୟକ ସୁଧାକର ଯୁଧିଷ୍ଠିର ପରିଡ଼ା, ଗାୟକ କଳାନିଧି ମନୋଜ କୁମାର ମିଶ୍ର, ବାଣିରତ୍ନ ପଣ୍ଡିତ ଗଦାଧର ଦାଶ ପ୍ରମୁଖ ଯୋଗଦେଇ ସାଂଗଠନିକ ଆଲୋଚନା କରିବା ସହିତ ସାମ୍ପ୍ରତିକ ସମୟରେ ପାଲା ଏବଂ ପାଲା ଗାୟକ ମଣ୍ଡଳର ଆଲୋଚନା ପର୍ଯ୍ୟାଲୋଚନା କରିଥିଲେ। ଇତ୍ୟବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ଗାୟକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ପ୍ରଦୀପ, କବି କଳ୍ପଦ୍ରୁମ ବିପିନ ବିହାରୀ ଖୁଣ୍ଟିଆଙ୍କ ପୁସ୍ତକ 'କୃଷ୍ଣା ବିଳାଶ' ଉନ୍ମୋଚିତ ହୋଇଥିଲା। ଗାୟକ ଅକ୍ରୁର ବାରିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ଖେଳ ଖବର

### ବରୁଣେଇ କ୍ରିକେଟ: ଭୋଗଡ଼ା ଚାମ୍ପିଅନ

କଣ୍ଟିଲୋ,୨୫।୧୨(ସମିସ): ପଲଟନ ପଡ଼ିଆରେ ସ୍ଥାନୀୟ ବରୁଣେଇ କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ୧୯ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୁରୁବାର ବଡ଼ଦିନ ଅବସରରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୈଦେଶ୍ୱରକୁ ହରାଇ ଭୋଗଡ଼ା ଚାମ୍ପିଅନ ହୋଇଛି। ବୈଦେଶ୍ୱର କ୍ଲବ୍ ପ୍ରଥମେ ବ୍ୟାଟିଂ କରି ୧୮.୨ ଓଭରରେ ସମସ୍ତ ୱିକେଟ ହରାଇ ୧୨୯ ରନ୍ ସଂଗ୍ରହ କରିଥିଲା। ଜବାବରେ ଗୁପ୍ତେଶ୍ୱର କ୍ରିକେଟ କ୍ଲବ୍(ଭୋଗଡ଼ା) ଆବଶ୍ୟକୀୟ ରନ୍ ସଂଗ୍ରହ କରି ବିଜୟୀ ହୋଇ ଚାମ୍ପିଅନ ହୋଇଥିଲା। ବାବା ଗୁପ୍ତେଶ୍ୱର କ୍ଲବ୍‌ର ପିଙ୍କୁ ଅଲ୍‌ରାଉଣ୍ଡର ପ୍ରଦର୍ଶନ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।



ମ୍ୟାଚ୍‌କୁ ଅନିଲ ନାୟକ ଓ ବଣ୍ଟି ବେହେରା ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଭାପୁର ବ୍ଲକ୍ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ମୁଖ୍ୟବକ୍ତା ଭାବେ ରାଜ୍ୟ ବିଜେପି ଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା, ସମ୍ମାନିତ ଅତିଥି ଭାବେ କଣ୍ଟିଲୋ ପଞ୍ଚାୟତ ସରପଞ୍ଚ ଶ୍ରୀୟାରାଣୀ ବେହେରା, ଅନ୍ୟତମ ସମ୍ମାନିତ ଅତିଥି କଣ୍ଟିଲୋ ବିଜେଡି ସଭାପତି ମାଧବ ଚନ୍ଦ୍ର ସାହୁ, ସାମ୍ବାଦିକ ତପନ ମହାପାତ୍ର, କଣ୍ଟିଲୋ ମେଡିକାଲ ଫାର୍ମାସିଷ୍ଟ ମାନସ ସାହୁ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରନର୍ସ ଟିମ୍ ବୈଦେଶ୍ୱରକୁ ନଗଦ ଅର୍ଥରାଶି ୮ ହଜାର ଏବଂ ଚାମ୍ପିଅନ ଟିମ୍ ଭୋଗଡ଼ାକୁ ୧୦ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ।

● ଶରଣକୁଳ ସର୍ବଭାରତୀୟ ମହିଳା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

### ୫-୦ ଗୋଲ୍‌ରେ କଟକ ବିଜୟୀ

ଶରଣକୁଳ,୨୫।୧୨(ସମିସ): ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ଶରଣକୁଳ ସ୍ପୋର୍ଟ୍ସ ଆସୋସିଏସନ ପକ୍ଷରୁ ସର୍ବଭାରତୀୟ ମହିଳା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଗୁରୁବାର ସ୍ଥାନୀୟ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ଲଡୁବାବାଙ୍କ ମନ୍ଦିରଠାରୁ ଆସୋସିଏସନର କର୍ମକର୍ତ୍ତାମାନେ ଏକ ମଶାଲ ଶୋଭାଯାତ୍ରାରେ ଆସି ଖେଳ ପଡ଼ିଆରେ ପହଞ୍ଚିବା ପରେ ଆସସିଏସନର ସଭାପତି, ରଣପୁର ବିଧାୟିକା ତଥା ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ଏହି ଟୁର୍ଣ୍ଣାମେଣ୍ଟକୁ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ଏସ୍‌ପି ଏସ୍. ସୁଶ୍ରୀ, ଓଡ଼ଗାଁ ବ୍ଲକ୍ ଚେୟାରମ୍ୟାନ ଲୋକନାଥ ସାହୁ, ଶରଣକୁଳ ଏସ୍‌ଡିପିଓ ପ୍ରୀତିକାନ୍ତ ପ୍ରଧାନ, ମୋହେ ଫାଉଣ୍ଡେସନର ଅଧ୍ୟକ୍ଷ ମାନସ ଦାସ ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ଜିଲ୍ଲା ଫୁଟବଲ ଆସୋସିଏସନ ରାୟପୁର, ଛତିଶଗଡ଼ ଓ ଓଡ଼ିଶା ପୁଲିସ, କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କଟକ ୫-୦ ଗୋଲ୍‌ରେ ବିଜୟୀ ହୋଇଛି। ଦଳର ସତ୍ୟବତୀ ଖାଡ଼ିଆ ଲଗାତାର ୩ଟି ଗୋଲ୍ ଦେଇ ଶ୍ରେଷ୍ଠ ଖେଳାଳିର ପୁରସ୍କାର ପାଇଛନ୍ତି। ରୀନା ତିର୍କୀ ଖେଳ ପରିଚାଳନା କରିଥିବାବେଳେ ବାଳମତୀ ଓରାମ, ସୀତା ମାରାଣ୍ଡି ଏବଂ ଭାରତୀ ମହାନ୍ତି ଲାଇନ୍‌ରେ ସହାୟତା କରିଥିଲେ। ଜ୍ୟୋତିର୍ମୟ ମହାନ୍ତି, ଭବାନୀ ଶଙ୍କର ମହାପାତ୍ର, ପ୍ରମୋଦ ପ୍ରଧାନ, ମିନାକ୍ଷୀ ପ୍ରସାଦ ସାହୁ, ଲିଙ୍ଗରାଜ ପାତ୍ର, ଅନ୍ତର୍ଯ୍ୟାମୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ସେମିରେ କଟକ

ଗଣିଆ,୨୫।୧୨(ସମିସ): ଗଣିଆ ବ୍ଲକ୍ ବେଲପଡ଼ାପାଟଣାରେ ଥିବା ରଘୁନାଥଜୀଉ କ୍ଲବ୍ ଆନୁକୂଲ୍ୟରେ ୪୮ତମ ଦୟାନିଧି ସାହୁ ଏବଂ ସୁଦର୍ଶନ ସାହୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବେଲପଡ଼ାପାଟଣା ପଞ୍ଚାୟତର ସରପଞ୍ଚ ସୁଧାଂଶୁ ଗଣ୍ଡିଆ ଯୋଗଦେଇ ଆନୁଷ୍ଠାନିକ ଭାବେ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ଗ୍ରାମ ସଭାପତି ମହାଦେବ ମହାରଣା ଯୋଗଦେଇଥିଲେ। ପ୍ରଥମ ମ୍ୟାଚ୍‌ରେ ବିଏନ୍‌ସିସି (କଟକ) ନିହାର-୧୧କୁ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ବିଏନ୍‌ସିସି କଟକ ସୁଶାନ୍ତ ପଣ୍ଡାଙ୍କ ଧୂଆଁଧାର ୧୦୪ ରନ୍ ବଳରେ ନିର୍ଦ୍ଧାରିତ ୧୮ ଓଭରରେ ୨୭୭ ରନ୍ ସଂଗ୍ରହ କରିଥିଲା। ଜବାବରେ ନିହାର-୧୧ ମାତ୍ର ୧୪ ଓଭରରେ ସମସ୍ତ ୱିକେଟ୍ ହରାଇ ୧୬୫ ରନ୍ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। କଟକ ପ୍ରଥମ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍ ପରିଚାଳନା କରିଥିଲେ ସମୀର ମହାପାତ୍ର ଏବଂ ତ୍ରିଲୋଚନ ବସ୍ତି।

### ଓଡ଼ଗାଁ ସାଂସଦ ମହୋତ୍ସବ ଉଦ୍‌ଯାପିତ

ଓଡ଼ଗାଁ,୨୫।୧୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍‌ସ୍ତରୀୟ ସାଂସଦ ଖେଳ ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଗତ ୨୨ ତାରିଖଠାରୁ ସ୍ଥାନୀୟ ମିନି ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ପ୍ରତିଯୋଗିତାର ବିଭିନ୍ନ ବିଭାଗରେ ସ୍ଥାନୀୟ ବ୍ଲକ୍‌ର ୭୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବାବେଳେ ସେମାନଙ୍କ ମଧ୍ୟରୁ ୩୦୦ରୁ ଊର୍ଦ୍ଧ୍ୱ ସଫଳ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରଶଂସା ପତ୍ର ସହିତ କ୍ରୀଡ଼ା ପଦକ ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ସଭାରେ ଓଡ଼ଗାଁର ଖେଳ ମଣିଷ ଭାବେ ପରିଚିତ ରଘୁନାଥ ଆଥ୍‌ଲେଟିକ୍ ଆସୋସିଏସନ୍ ପ୍ରତିଷ୍ଠିତା ସମ୍ପାଦକ ଦିବାକର ନାୟକ, ବରିଷ୍ଠ ସାମ୍ବାଦିକ ଆଦର୍ଶ ପଟ୍ଟନାୟକ, ଅଶୋକ ମହାପାତ୍ରଙ୍କ ସମେତ ସନ୍ତୋଷ ପ୍ରଧାନ, ସଞ୍ଜୟ ସାହୁ, ତପନ ସାମନ୍ତରାୟ, ପ୍ରଭାକର ବେହେରା, ସୁଶାନ୍ତ କୁମାର ପାଲ୍, ମାଧବ ସାହୁ ପ୍ରମୁଖ ମଞ୍ଚାସିନ ଥିଲେ। ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ଶିକ୍ଷକ ସନ୍ତୋଷ କୁମାର ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ନୟାଗଡ଼ ଜିଲ୍ଲା ମୁଖ୍ୟାଳୟରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି

# ଭାପୁରରେ ବିଭିନ୍ନ ସାମାଜିକ ସଂଗଠନର ଶୋଭାଯାତ୍ରା

ଭାପୁର,୨୫।୧୨(ସମିସ): ନୟାଗଡ଼ ଜିଲ୍ଲା ସଦର ମହକୁମାରେ ମେଡିକାଲ କଲେଜ ପ୍ରତିଷ୍ଠା କରିବାକୁ ଭାପୁର ବ୍ଲକ୍ ଜନସାଧାରଣଙ୍କ ତରଫରୁ ଅଭୁତପୂର୍ବ ଜନସମର୍ଥନ ମିଳିଛି। ବ୍ଲକ୍‌ର ବିଭିନ୍ନ ସାମାଜିକ ସଂଗଠନ ମିଳିତ ହୋଇ ଏହି ଦାବି ପ୍ରତି ପୂର୍ଣ୍ଣ ସମର୍ଥନ କରିଛନ୍ତି। ଗୁରୁବାର ଭାପୁର ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟରେ ଭାପୁର କ୍ରିୟାନୁଷ୍ଠାନ କମିଟିର ସଭାପତି ରବୀନ୍ଦ୍ର କୁମାର ପଟ୍ଟନାୟକ, ବରିଷ୍ଠ ନାଗରିକ ସଂଘର ସଭାପତି ଲକ୍ଷ୍ମୀଧର ସାମନ୍ତରାୟ ଓ ସମ୍ପାଦକ ପ୍ରଭାକର ସାହୁଙ୍କ ନେତୃତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ନୟାଗଡ଼ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ସଭାପତି ଗୋଦାବରିଶ ସାହୁ, ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଶ୍ରୀକାନ୍ତ ଖଟେଇ, ଭାରତ ବିକାଶ ପରିଷଦ ସଭାପତି ପି.କେ. ବସନ୍ତିଆ, ପୂର୍ବତନ ସେନା ଅଧିକାରୀ ଶରତ ସାହୁ, ନିରଞ୍ଜନ ମିଶ୍ର ସମେତ ଜିଲ୍ଲାର ବହୁ ବରିଷ୍ଠ ବ୍ୟକ୍ତି ଯୋଗଦେଇଥିଲେ। ଏହି ସଭାରେ ଭାପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବଜାର ସଭାପତି କାର୍ତ୍ତିକ ଚନ୍ଦ୍ର ନାୟକ, ବଜାରର ପୂର୍ବତନ ସଭାପତି ଗଙ୍ଗାଧର ବାରିକ, ସମାଜସେବୀ ସାଧୁଚରଣ ସିଂହ, ରମେଶ ଚନ୍ଦ୍ର ବରାଡ଼, ଶରତ ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରବୀନ୍ଦ୍ର ନାଥ ପଟ୍ଟନାୟକ, ହାଡ଼ିବନ୍ଧୁ ଦାଶ, ଲକ୍ଷ୍ମୀଧର ସାମନ୍ତରାୟ ସମେତ ଶତାଧିକ ବୁଦ୍ଧିଜୀବୀ ଭାଗନେଇ ଜିଲ୍ଲା ମୁଖ୍ୟାଳୟରେ ମେଡିକାଲ କଲେଜସ୍ଥାପନକରିବାକୁସମର୍ଥନକରିଛନ୍ତି।




## ଦ୍ୱିତୀୟ ଅଯୋଧ୍ୟାରେ ମଧ୍ୟଖଣ୍ଡ ରାମଲୀଳା ସଂସଦ

ଭାପୁର,୨୫।୧୨(ସମିସ): ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀରାମଙ୍କ ଜନ୍ମଭୂମୀ ଅଯୋଧ୍ୟାରେ ଜୀବନରେ ଥରେ ପାଦ ପକାଇ ପ୍ରଭୁଙ୍କୁ ଦର୍ଶନ କରିବା ସବୁ ରାମଭକ୍ତଙ୍କ ପାଇଁ ସ୍ୱପ୍ନ ରହିଥାଏ। ଏହି ସୌଭାଗ୍ୟ ପାଇଥିବା ଭକ୍ତମାନଙ୍କ ଭାବାବେଗର ଭାଷା ବର୍ଣ୍ଣନା କରିବା ଅସମ୍ଭବ। ଏପରି କିଛି ଭକ୍ତ ଗୁରୁବାର ଦ୍ୱିତୀୟ ଅଯୋଧ୍ୟା ଫତେଗଡ଼ ଶ୍ରୀରାମ ମନ୍ଦିରରେ ପ୍ରଭୁଙ୍କୁ ଦର୍ଶନଲାଭ କରି ନିଜକୁ ଧନ୍ୟ ମଣିଛନ୍ତି। ନୟାଗଡ଼ ଜିଲ୍ଲା ଦଶପଲ୍ଲା ମଧ୍ୟଖଣ୍ଡ ଗଡ଼ଭିତରସାହି ରଘୁନାଥଜୀଉ ରାମଲୀଳା ସଂସଦର ସଭ୍ୟମାନେ ଫତେଗଡ଼ ଦ୍ୱିତୀୟ ଅଯୋଧ୍ୟା ଯାଇ ପ୍ରଭୁଙ୍କୁ ଦର୍ଶନ କରିବାର ଅଭିଳାଷ ରଖିଥିଲେ। ଏହାକୁ ସାକାର କରିବାକୁ ଦେବଦୂତ ପରି ଆଗେଇ ଆସିଲେ ଖଣ୍ଡପଡ଼ା ବ୍ଲକ୍ ବାହାଡ଼ା ବଜାରର ଯୁବ ବ୍ୟବସାୟୀ ଦୀପ୍ତିରଞ୍ଜନ ରଥ। ଶ୍ରୀ ରଥ ନିଜ ଖର୍ଚ୍ଚରେ ଗୁରୁବାର ୫୦ରୁ ଊର୍ଦ୍ଧ୍ୱ ବରିଷ୍ଠ ସଭ୍ୟଙ୍କୁ ଫତେଗଡ଼ ଆଣି ଠାକୁରଙ୍କୁ ଦର୍ଶନ କରାଇଛନ୍ତି। ଦଣ୍ଡଧର ପାଳ, ପ୍ରାଣବନ୍ଧୁ ସାହୁ, ନାରାୟଣ ନାୟକ, ଗୌରାଙ୍ଗ ବାରିକ, ଜୟକୃଷ୍ଣ ପରିଡ଼ା, ଶିବପ୍ରସାଦ ନାୟକ, ସୁଦାମ ପ୍ରଧାନ, ଧନେଶ୍ୱର ନାୟକ, ରମେଶ ପ୍ରଧାନ ପ୍ରମୁଖ ଚାଲିଚାଲି ପାହାଡ଼ ଚଢ଼ି ଠାକୁରଙ୍କୁ ଦର୍ଶନ କରି ଫେରିଛନ୍ତି।



## ପେସାଦାର ସାମ୍ବାଦିକ ସଂଘର ବନ୍ଧୁ ମିଳନ

ଭାପୁର,୨୫।୧୨(ସମିସ): ପବିତ୍ର ବଡ଼ଦିନରେ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ପେସାଦାର ସାମ୍ବାଦିକ ସଂଘର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଭାପୁର ବଜାର ନିକଟ ମା' ଝାଡ଼େଶ୍ୱରୀ ପୀଠରେ ଏହି ବନ୍ଧୁ ମିଳନ ଆୟୋଜିତ ହୋଇଥିଲା। ଏଥିରେ ସଂଘର ସଭାପତି ଶୁଭେନ୍ଦ୍ର କୁମାର ପଟ୍ଟନାୟକ, ସମ୍ପାଦକ ସଂଗ୍ରାମ କେଶରୀ ପଟ୍ଟନାୟକ, ବରିଷ୍ଠ ସଭ୍ୟ ସନାତନ ଷଡ଼ଙ୍ଗୀ, ଗୀତିକାନ୍ତ ପଣ୍ଡା, ମନୋଜ କିଶୋର ସାହୁ, ପ୍ରଭାତ ପଟ୍ଟନାୟକ, ରମେଶ ଚନ୍ଦ୍ର ବରାଡ଼, ପ୍ରଭାତ ବରାଡ଼, ଜ୍ଞାନରଞ୍ଜନ ଷଡ଼ଙ୍ଗୀ, ସୁଶାନ୍ତ ପଟ୍ଟନାୟକ, ଚିତ୍ତରଞ୍ଜନ ପଣ୍ଡା, ଅଜୟ ନାୟକ, ରାଜନାରାୟଣ ପଲେଇ ଭାଗନେଇଥିଲେ। ଅତିଥି ଭାବେ ରବୀନ୍ଦ୍ର ପଟ୍ଟନାୟକ, ଜନ୍ମେଜୟ ଦଳେଇ, ଜିତେନ୍ଦ୍ର ସାହୁ ଓ ସଂଗ୍ରାମ କେଶରୀ ଦେଓ ଯୋଗଦେଇଥିଲେ। ସେଠାରେ ସାମ୍ବାଦିକ ପ୍ରଭାତ ବରାଡଙ୍କ ଏକମାତ୍ର କନ୍ୟାର ଜନ୍ମଦିନ ପାଳନ କରାଯାଇଥିଲା।



## କୁମ୍ଭାରପଡ଼ା ଗୋଚର ଜମିରେ ବେଆଇନ ପଥର ଖଣି

# ରାଜସ୍ୱ ଓ ଖଣି ବିଭାଗ ନିରବ

### ତରବରିଆ ଭାବେ ପଥର ହଟାଇଲା ମାଫିଆ

ନୟାଗଡ଼,୨୫।୧୨(ସମିସ): ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ତହସିଲ୍ ଅନ୍ତର୍ଗତ କୁମ୍ଭାରପଡ଼ା ମୌଜାରେ ବେଆଇନ ପଥର ଖଣି ଗୋଚର ଜମିରେ ହୋଇଥିବା ସୂଚନା ମିଳିଛି। ଜଙ୍ଗଲ ପରିସରରେ ରାସ୍ତା ନିର୍ମାଣ କରି ଏହି ପଥର ଖଣିରୁ ବେଆଇନ ପଥର ବ୍ଲାଷ୍ଟିଂ କରାଯାଉଛି। ଏନେଇ ଖବର ପ୍ରକାଶ ପରେ ବନ ବିଭାଗ ଜଙ୍ଗଲ ମଧ୍ୟରେ ନିର୍ମାଣ କରିଥିବା ରାସ୍ତାକୁ ଖୋଲି ଦେଇଥିବା ସୂଚନା ମିଳିଛି। ତେବେ ଏହି ପଥର ଖଣି ଗୋଚର ଜମି ଉପରେ ହୋଇଥିବାବେଳେ ରାଜସ୍ୱ ଓ ଖଣି ବିଭାଗ କାହିଁକି ନିରବ ବୋଲି ପ୍ରଶ୍ନ ଉଠିଛି।

କୁମ୍ଭାରପଡ଼ା ମୌଜାରେ ରହିଥିବା ପୁରୁଣା ଶାଳ ଜଙ୍ଗଲକୁ ଲାଗି ରହିଥିବା ବିଶାଳ ପଥରଗୁଡ଼ିକୁ ବେଆଇନ ବ୍ଲାଷ୍ଟିଂ ଦ୍ୱାରା ଭଙ୍ଗାଯାଇ ଚାଲାଣ କରାଯାଉଛି। ଉକ୍ତ ପଥରଗୁଡ଼ିକୁ ବ୍ଲାଷ୍ଟିଂ କରାଯିବା ପାଇଁ ଡ୍ରିଲ୍ କରାଯାଇ, ସେଥିରେ ଡିନାମାଇଟ୍ ଖଞ୍ଜାଯାଉଛି। ସ୍ଥାନୀୟ ଆର୍‌ଆଇ, ପୁଲିସକୁ ହାତବାରିଶି କରି କୁମ୍ଭାରପଡ଼ା ଗ୍ରାମର ଜନୈକ ବ୍ୟକ୍ତି ଏଭଳି ବେଆଇନ କାର୍ଯ୍ୟ କରୁଥିବା ଗ୍ରାମବାସୀ ଗଣମାଧ୍ୟମ ଆଗରେ କହିଛନ୍ତି। ସେ ଶାସକ ଦଳର ସମର୍ଥିତ ହୋଇଥିବା ଏବଂ ସ୍ଥାନୀୟ ବଡ଼ ନେତାଙ୍କ ଆଶୀର୍ବାଦ ତାଙ୍କ ଉପରେ ରହିଥିବା ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡ଼ିଛି। ଫଳରେ ସେ ଗାଁରେ ବେଆଇନ ପଥର ଖଣି କରି ବ୍ଲାଷ୍ଟିଂ କରାଯିବା ଦ୍ୱାରା ଗ୍ରାମର ଅନେକ ଘର ଫାଟିଯାଉଛି। ଏହା ସହିତ ନିକଟସ୍ଥ ଜଙ୍ଗଲରୁ ଚାରି ପାଞ୍ଚ ଫୁଟ୍ ଗୋଲେଇ ଶାଳ ଗଛଗୁଡ଼ିକୁ ସେ ବିକ୍ରି କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗତବର୍ଷ ଏହି ସ୍ଥାନରେ ରହିଥିବା ଏକ ବିଶାଳକାୟ ପଥର ଖଣ୍ଡକୁ ବ୍ଲାଷ୍ଟିଂ କରି ମୂଳପୋଛ କରାଯାଇଛି। ତାହା ଏବେ ପୋଖରୀରର ଭ୍ରମ ସୃଷ୍ଟି କରୁଛି। ଉକ୍ତ ଖଣିରୁ ୫ ହଜାରରୁ ଊର୍ଦ୍ଧ୍ୱ ଟ୍ରିପ୍ ପଥର ବେଆଇନ ଭାବେ ଚାଲାଣ କରାଯାଇଛି। ଚଳିତ ବର୍ଷ ନୂତନ ଭାବେ ଦୁଇଟି ବିଶାଳକାୟ ପଥରକୁ ବ୍ଲାଷ୍ଟିଂ କରାଯାଇଛି। ଗଣମାଧ୍ୟମରେ ଖବର ପ୍ରକାଶ ପରେ ରାତିଅଧିଆ ଉକ୍ତ ସ୍ଥାନରେ ରହିଥିବା ପଥରଗୁଡ଼ିକୁ ମାଫିଆ ହଟାଇ ଦେଇଥିବା ଜଣାପଡ଼ିଛି। ଖଣି, ରାଜସ୍ୱ ଓ ପୁଲିସ ବିଭାଗ ନିରବ ରହିବାକୁ ନେଇ ପ୍ରଶ୍ନ ଉଠିଛି।



### ରାସ୍ତା ଖୋଲିଦେଲା ବନ ବିଭାଗ

### ଶାଳ ଗଛ ଲୁଟ୍ ପାଇଁ କାର୍ଯ୍ୟାନୁଷ୍ଠାନ କ'ଣ ?



ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବନାଞ୍ଚଳ କୁମ୍ଭାରପଡ଼ା ମୌଜାରେ ରହିଥିବା ଶାଳ ଜଙ୍ଗଲରୁ ଅନେକ ଶାଳ ଗଛ ମାଫିଆମାନେ ଲୁଟି ନେଇଛନ୍ତି। ବୁଧବାର ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ ଦିଲ୍ଲୀପ ପଟ୍ଟନାୟକ ସଦଳବଳେ ଉକ୍ତ ସ୍ଥାନକୁ ଯାଇ ଜେସିବି ଲଗାଇ ରାସ୍ତା ଖୋଲି ଦେଇଥିବା ଜଣାପଡ଼ିଛି। ବନ ବିଭାଗ ୭ଟି ଶାଳଗଛ କଟାଯାଇଥିବା କହୁଥିବାବେଳେ କିଛି ମାସ ମଧ୍ୟରେ ଉକ୍ତ ଜଙ୍ଗଲରୁ ଶତାଧିକ ଶାଳଗଛ କଟାଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ସପ୍ତାହକ ମଧ୍ୟରେ ୭ରୁ ଊର୍ଦ୍ଧ୍ୱ ଶାଳଗଛ କାଟି ବାହାରକୁ ଚାଲାଣ କରାଯାଇଛି। ଏନେଇ ବନ ବିଭାଗ ପକ୍ଷରୁ ଏକ ଯୁଡି କେସ୍ କରାଯାଇଥିବା ସୂଚନା ମିଳିଛି। ତେବେ ଏହି ଘଟଣାରେ ଜଙ୍ଗଲ ସୁରକ୍ଷାରେ ବ୍ୟାପକ ତ୍ରୁଟି ହୋଇଥିବା ସ୍ପଷ୍ଟ ହୋଇଛି। ସ୍ଥାନୀୟ ବନପାଳ ଓ ବନରକ୍ଷୀ ଏଥିପାଇଁ ଦାୟୀ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବନଖଣ୍ଡ ଅଧିକାରୀ ଏହାକୁ ନେଇ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଅବହେଳିତ ଉଦୟପୁର-ତାଳସାରୀ ବେଳାଭୂମି

# ପିକ୍‌ନିକ୍ ପାଇଁ ଦୀଘା ମୁହାଁ ପର୍ଯ୍ୟଟକ

ଚନ୍ଦନେଶ୍ୱର, ୨୫।୧୨(ସମିସ)

ଏବେ ଚାଲିଛି ପର୍ଯ୍ୟଟନ ଋତୁ। ବିଶେଷ କରି ଡିସେମ୍ବର ମାସ ଦ୍ୱିତୀୟରୁ ଚତୁର୍ଥ ସପ୍ତାହରେ ଦେଶର ବିଭିନ୍ନ ପ୍ରାନ୍ତରରୁ ଅନନ୍ୟ ବେଳାଭୂମି ବାଲେଶ୍ୱର ଜିଲ୍ଲା ଭୋଗରାଇର ଉଦୟପୁର ଓ ତାଳସାରୀ ବେଳାଭୂମିକୁ ଛୁଟି ଆସୁଛନ୍ତି ହଜାର ହଜାର ପର୍ଯ୍ୟଟକ। ସକାଳରୁ ସଞ୍ଜ ପର୍ଯ୍ୟନ୍ତ ୫୦ ହଜାରରୁ ଅଧିକ ପର୍ଯ୍ୟଟକ ବୁଲି ମନ ଭରି ମଜା ନେଉଛନ୍ତି। ତେବେ ଜଙ୍ଗଲ ବିଭାଗର କଟକଣା ଯୋଗୁଁ ପର୍ଯ୍ୟଟକମାନେ ପିକନିକ ପାଇଁ ପଶ୍ଚିମବଙ୍ଗ ଦୀଘା ମୁହାଁ ଯାଉଥିବାର ଦେଖିବାକୁ ମୁଳୁଛି। ପିକନିକ ପାଇଁ ପଶ୍ଚିମବଙ୍ଗ ସରକାର ସବୁ ପ୍ରକାର ସୁବ୍ୟବସ୍ଥା କରିଥିବାବେଳେ ଓଡ଼ିଶା ସରକାରଙ୍କ ଜଙ୍ଗଲ ବିଭାଗ ର କଟକଣା ପର୍ଯ୍ୟଟକମାନଙ୍କୁ ବିମୁଖ କରୁଛି। ପର୍ଯ୍ୟଟକମାନେ ଦୀଘାରେ ପିକନିକ କରି ଖାଇପିଇ ସେଠାରେ ରାତ୍ରି ଯାପନ କରି ମଜା ନେଉଥିବାବେଳେ କେବଳ ବୁଲିବା ପାଇଁ ଉଦୟପୁର ଓ ତାଳସାରୀରେ ଭିଡ଼ ଜମାଉଛନ୍ତି। ବଡ଼ଦିନ ଓ ନୂଆବର୍ଷରେ ଲକ୍ଷାଧିକ ପର୍ଯ୍ୟଟକ ଆସି ଓଡ଼ିଶା ପଟେ ବୁଲି ମଜା ନେଇ ପଶ୍ଚିମବଙ୍ଗ ମୁହାଁ ଯିବାର ଦେଖାଯାଉଛି।

ଓଡ଼ିଶା ଉପକୂଳ ଭୋଗରାଇ ବ୍ଲକ ରେ ଥିବା ପର୍ଯ୍ୟଟନସ୍ଥଳୀର ବିକାଶ ନେଇ ଚିନ୍ତା ପ୍ରକଟ କରିଛନ୍ତି ବୁଦ୍ଧିଜୀବୀମାନେ। ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗର ଦୀଘା ବେଳାଭୂମି ଏବଂ ଉଦୟପୁର, ତାଳସାରୀ ବେଳାଭୂମି ମଧ୍ୟରେ ସାମାନ୍ୟ ଦୂରତା ଥିଲେ ମଧ୍ୟ ଦୀଘା ପର୍ଯ୍ୟଟନ ସ୍ଥଳୀର ବ୍ୟାପକ ବିକାଶ ହୋଇଛି।



ମାତ୍ର ଉଦୟପୁର, ତାଳସାରୀ, ବିଚିତ୍ରପୁର ଇକୋ ଟୁରିଜିମ ଓ କୀର୍ତ୍ତନିଆ ଭଳି ବେଳାଭୂମି ଅଞ୍ଚଳ ବିକାଶ ନାଁ ଗନ୍ଧ ନାହିଁ। ଦୀର୍ଘ ବର୍ଷ ହେଲା ଏହା ଶୀତଳ ଭଣ୍ଡାରରେ ପଡ଼ିରହିଛି। ସରକାର ଏହି ସବୁ ପର୍ଯ୍ୟଟନ ସ୍ଥଳୀର ବିକାଶ ଦିଗରେ ଗୁରୁତ୍ୱ ନ ଦେଇ ଅବହେଳା କରୁଥିବା ଅଭିଯୋଗ ହେଉଛି। ଏହା ଫଳରେ ଓଡ଼ିଶା ସରକାର ରାଜସ୍ୱ ହରାଉଥିବା ବେଳେ ରୋଜଗାରର ସୁଯୋଗ ହାତଛଡା ହେଉଛି। ପଡ଼ୋଶୀ ପଶ୍ଚିମବଙ୍ଗ ରାଜ୍ୟ ସରକାର ଦୀଘାକୁ ଏକ ପର୍ଯ୍ୟଟନ ଶିଳ୍ପର ମାନ୍ୟତା ଦେଇଛନ୍ତି। ଏଠାରେ ଶହ ଶହ ହୋଟେଲ ଗଢିଉଠିଛି। ତାଙ୍କ ସରକାର ଭଲ ରାଜସ୍ୱ ପାଉଥିବା ବେଳେ ହଜାର ହଜାର ଲୋକ ବ୍ୟବସାୟ କରି ଏବଂ ହୋଟେଲ ମାନଙ୍କରେ କାମ କରି ଭଲ ଅର୍ଥ ରୋଜଗାର କରୁଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଦୀଘାଠାରୁ ମାତ୍ର ୨ କି. ମି ଦୂରତା ଉଦୟପୁର ଓ ତାଳସାରୀ ପର୍ଯ୍ୟଟନ କ୍ଷେତ୍ର ଓ ବେଳାଭୂମି ସାଂସ୍କୃତିକ ଐତିହ୍ୟ, ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ସମୃଦ୍ଧ ପରମ୍ପରାରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ ! ମାତ୍ର ଉପଯୁକ୍ତ ବିକାଶ ଅଭାବରୁ ଏଭଳି ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରୁନଥିବା ଦେଖାଯାଉଛି। ଏହି ପର୍ଯ୍ୟଟନସ୍ଥଳୀ ପ୍ରାକୃତିକ ସୌନ୍ଦର୍ଯ୍ୟ ସାଙ୍ଗକୁ ନାଲି କଙ୍କଡା, ନୀଳରକ୍ତ କଙ୍କଡା ଓ ବିଦେଶାଗତ ବିଭିନ୍ନ ପକ୍ଷୀ ପର୍ଯ୍ୟଟକଙ୍କ ମନ ମୋହିଥାଏ ଏଠାରେ ବିସ୍ତୀର୍ଣ୍ଣ ଝାଉଁ ବଣର ସାଇଁ ସାଇଁ ପବନ ସାଙ୍ଗକୁ ସମତଳ ବାଲୁକା ଶଯ୍ୟା ସମସ୍ତଙ୍କ ମନକୁ ବିମୋହିତ କରିଥାଏ। ତେଣୁ ପର୍ଯ୍ୟଟକମାନେ ଆକୃଷ୍ଟ ହୋଇ ପ୍ରତିବର୍ଷ ଏଠାକୁ ପ୍ରାୟ ୨ରୁ ୩ଲକ୍ଷ ପର୍ଯ୍ୟଟକ ଆସୁଥିବା ନେଇ ପର୍ଯ୍ୟଟନ ବିଭାଗ କହୁଥିବା ବେଳେ ରହିବା ପାଇଁ ଭଲ ହୋଟେଲ, ଖାଇବା ପାଇଁ ଭଲ ରେଷ୍ଟୁରେଣ୍ଟ କି ମାର୍କେଟ କମ୍ପ୍ଲେକ୍ସ ନାହିଁ। ବ୍ୟବସାୟ ପାଇଁ ଉକ୍ତ ସ୍ଥାନକୁ ବିକଶିତ କରାଯାଇନାହିଁ। ଫଳରେ ସ୍ଥାନୀୟ ଲୋକମାନେ ବ୍ୟବସାୟ କରିବା ପାଇଁ ଉପଯୁକ୍ତ ସୁଯୋଗ ପାଇପାରୁନାହାନ୍ତି। ଭୋଗରାଇର ଅନେକ ଯୁବକ କାମ ଧନ୍ଦା ନ ପାଇ ବାଧ୍ୟ ହୋଇ ପଶ୍ଚିମବଙ୍ଗ ହୋଟେଲରେ କାମ କରି ନିଜର ଗୁଜୁରାଣ ମେଣ୍ଟାଉଥିବା ବେଳେ ପଶ୍ଚିମବଙ୍ଗ ସରକାର ଓ ସେଠାକାର ଲୋକଙ୍କ ଆକ୍ରୋଶର ଶିକାର ହେବାକୁ ପଡୁଛି। ଅନ୍ୟ ପକ୍ଷରେ ଓଡ଼ିଶା ସରକାର ସମ୍ଭାବ୍ୟ ରାଜସ୍ୱ ହରାଉଛନ୍ତି। ରାଜସ୍ୱ

### ରାଜସ୍ୱ ବୃଦ୍ଧି ପାଇଁ ସରକାରଙ୍କ ନାହିଁ ଆନ୍ତରିକତା

ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କର ନାହିଁ ଆନ୍ତରିକତା ନାହିଁ। ଉଦୟପୁର ଓ ତାଳସାରୀରେ ସୌନ୍ଦର୍ଯ୍ୟକରଣ କାମ ସହିତ ବିକାଶ ମୂଳକ କାର୍ଯ୍ୟ କରିବା ପାଇଁ ବିଭିନ୍ନ ସମୟରେ ଦାବି ହେଉଛି କିନ୍ତୁ ସେମିତି କିଛି ଫଳ ମିଳୁନି। ରାଜ୍ୟ ସରକାର ଏଠାରେ କୌଣସି ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ କରୁନାହାନ୍ତି। ପ୍ରକୃତିର ବରଦାନ ପାଇ ବି ଏହିସବୁ ବେଳାଭୂମିକୁ କାହିଁକି ଅବହେଳା କରାଯାଉଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ସରକାର ଯଦି ବିଶେଷ ଗୁରୁତ୍ୱ ଦେଇ ବିକାଶ ଦିଗରେ ଚିନ୍ତା କରନ୍ତେ ତାହେଲେ ଏଠାରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଅନେକ ବେକାର ଥିବା ଯୁବକ, ଯୁବତୀ ତଥା ଅଞ୍ଚଳବାସୀ ଆତ୍ମନିର୍ଭରଶୀଳ ହୋଇ ପାରନ୍ତେ। ଏ ନେଇ ବିଭାଗୀୟ ଅଧିକାରୀଙ୍କଠାରୁ ଆରମ୍ଭ କରି ମନ୍ତ୍ରୀ, ବିଧାୟକମାନେ ଚିନ୍ତା କରିବାର ସମୟ ଆସିଛି ଏବଂ ସରକାରୀ ସ୍ତରରେ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ଓ ଶିକ୍ଷାବିତ ମହଲରେ ଦାବି ହେଉଛି।

## ଶ୍ରୀଜଗନ୍ନାଥଙ୍କ ୩୨ ବେଶ ଓ ଲୋକ ମହୋତ୍ସବ ଉଦ୍‌ଘାଟିତ

ଜଳେଶ୍ୱର, ୨୫।୧୨(ସମିସ) : ରାୟାଁରାମଚନ୍ଦ୍ରପୁର ପଞ୍ଚାୟତ ଏକତାଳି ଗାଁରେ ମହାପ୍ରଭୁ ଜଗନ୍ନାଥଙ୍କ ୩୨ ଦିବ୍ୟ ବେଶ ଓ ଲୋକ ମହୋତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏହି ୭ ଦିନିଆ ଉତ୍ସବ ଆସନ୍ତା ୩୧ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଗ୍ରାମବାସୀଙ୍କ ପକ୍ଷରୁ କୁହାଯାଇଛି। ସୁବର୍ଣ୍ଣରେଖା ନଦୀକୂଳ ରାୟାଁରାମଚନ୍ଦ୍ରପୁର ପଞ୍ଚାୟତର ଏକତାଳି ଓ ଆଖାପାଖ ଗାଁର ଚାଷ ଓ ବ୍ୟବସାୟରେ ବ୍ୟସ୍ତରହୁଥିବା ଲୋକମାନେ ସୁଦୂର ପୁରୀ ପର୍ଯ୍ୟନ୍ତ ଯିବା ଏବଂ



ଜଗନ୍ନାଥଙ୍କ ବିଭିନ୍ନ ବେଶ ଦର୍ଶନ କରିବା ସମ୍ଭବ ହୋଇ ପାରୁନଥିବାରୁ ଗ୍ରାମର କିଛି ମାନ୍ୟଗଣ୍ୟ ଲୋକଙ୍କ ପ୍ରଚେଷ୍ଟାରେ ୩୨ ବେଶ ଓ ଲୋକମହୋତ୍ସବ ଆୟୋଜନ କରାଯାଇଛି।

ଏହି କାର୍ଯ୍ୟକ୍ରମକୁ ଏକତାଳି ଗ୍ରାମବାସୀଙ୍କ ସହିତ କୋଟସାହି, ରାୟାଁରାମଚନ୍ଦ୍ରପୁର, ମହମ୍ମଦନଗରପାଟଣା ପଞ୍ଚାୟତର ଅଧିବାସୀଙ୍କ ସାହାଯ୍ୟ ସହଯୋଗରେ ଅନୁଷ୍ଠିତ ହେଉଥିବା ଏବଂ ପୁରୀ ଶ୍ରୀମନ୍ଦିର ଢାଞ୍ଚାରେ ନିର୍ମାଣ ହୋଇଥିବା ସମ୍ପର୍କରେ କାର୍ଯ୍ୟକର୍ତ୍ତା ମାନେ କହିଛନ୍ତି। ଗୁରୁବାର ସକାଳେ ଗ୍ରାମର ଶହ ଶହ ମହିଳା ସୁବର୍ଣ୍ଣରେଖା ନଦୀର ରାଜଘାଟ ଠାରୁ ପୂର୍ଣ୍ଣ କଳସରେ ପବିତ୍ର ଜଳ ଆଣି ଏକ ପଟୁଆରରେ ମହୋତ୍ସବ ପଡ଼ିଆରେ ସ୍ଥାପନା କରିଥିଲେ। କୋଟସାହିର ଜଗନ୍ନାଥ ମନ୍ଦିରରୁ ଆଜ୍ଞାମାଳ ଆସିବାପରେ ମୁଖ୍ୟ ପୂଜକ ବିଶେଶ୍ୱର ମିଶ୍ରଙ୍କ ସହିତ ୧୭ଜଣ ପଣ୍ଡିତ ପୂଜାର୍ଚ୍ଚନା କରିଥିଲେ। ସନ୍ଧ୍ୟାରେ ଏହି କାର୍ଯ୍ୟକ୍ରମକୁ ତହସିଲଦାର ସତ୍ୟଜିତ୍ ମହାନ୍ତି ଉଦ୍‌ଘାଟନ କରିବାପରେ ସର୍ବସାଧାରଣ ଦର୍ଶନ ଲାଗି ଖୋଲାଯାଇଥିଲା। ଏହି ମହୋତ୍ସବର ପ୍ରତ୍ୟେକ ସଂଧ୍ୟାରେ ପୁରୀ ସହିତ ରାଜ୍ୟର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ପ୍ରବଚକ ମାନଙ୍କ ଦ୍ୱାରା ପ୍ରବଚନ ଓ ଭଜନସଂଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟିର ସଦସ୍ୟ ଅନନ୍ତ କୁମାର ସାହୁ, ଲକ୍ଷ୍ମୀଧର ଗିରି, ସୃଷ୍ଟିଧର ସାମଲ, ଦେବେନ୍ଦ୍ରେ ପାଳ, ରାମକୃଷ୍ଣ ସାହୁ, ସୁରେନ୍ଦ୍ରେ ପାଳ, ଝାଡେଶ୍ୱର ଧଳ, ଭୀମଚରଣ ସାହୁ, ବିଜୟ ପାଳ, ବିବେକାନନ୍ଦ ସାହୁ ପ୍ରମୁଖ ସୂଚନା ଦେଇଛନ୍ତି।

## ଗୌର ଗଦାଧର ଶିକ୍ଷା ନିକେତନର ବାର୍ଷିକୋତ୍ସବ

ଖଇରା, ୨୫ ।୧୨ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅଧୀନ ବାରିକସାହିସ୍ଥିତ ଗୌର ଗଦାଧର ଶିକ୍ଷା ନିକେତନର ପ୍ରଥମ ବାର୍ଷିକ ଉତ୍ସବ ବୁଧବାର ସଂଧ୍ୟାରେ ଅନୁଷ୍ଠିତ ହୋଇ ଯାଇଛି। ଅଟଳ ବିହାରୀ ହାଇସ୍କୁଲର ପ୍ରାକ୍ତନ ପ୍ରଧାନଶିକ୍ଷକ ଦୁଃଶାସନ ରାଉତ ମୁଖ୍ୟଅତିଥି, ପଳାସପୁର ହାଇସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ସୁଦାମ ଚରଣ ରାଉତ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପିଲାଙ୍କ ଚରିତ୍ର ମାର୍ଜିତ ହେଲେ ସେମାନେ ପଥଭ୍ରଷ୍ଟ ହେବେ ନାହିଁ ବୋଲି ପ୍ରକାଶ କରିଥିଲେ। ସନ୍ତୋଷ ପଶାୟାତ ଅତିଥି ପରିଚୟ, ସଖିପ୍ରିୟା ସାମଲ ସ୍ୱାଗତ ଭାଷଣ, ପ୍ରହଲ୍ଲାଦ ବେହେରା ସ୍ୱାଗତ ଭାଷଣ ପରେ ଅଧକ୍ଷା ସ୍ୱପ୍ନା ଦାସ ଓ ପୂର୍ଣ୍ଣଚନ୍ଦ୍ର ବେହେରା ବିଦ୍ୟାଳୟରେ ପିଲାଙ୍କୁ ଶିକ୍ଷା ସହ ଦିଆଯାଉଥିବା ଯୋଗାଭ୍ୟାସ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିଲା ପିଲାମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବିଜୟଲକ୍ଷ୍ମୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସଭାପତି ଅନନ୍ତ ପ୍ରସାଦ ବାରିକଙ୍କ ସମେତ ସମସ୍ତ ଶିକ୍ଷକଶିକ୍ଷୟତ୍ରୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ଶ୍ରଦ୍ଧାପୁର ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା

ଚନ୍ଦନେଶ୍ୱର, ୨୫।୧୨(ସମିସ) : ଭୋଗରାଇ ବ୍ଲକ ଶ୍ରଦ୍ଧାପୁର ପଞ୍ଚାୟତର ସ୍ୱତନ୍ତ୍ର ଗ୍ରାମସଭା ଗ୍ରାମ ପଞ୍ଚାୟତ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ପରିବର୍ତ୍ତେ 'ବିକଶିତ ଭାରତ-ଜି ରାମ ଜି' ସଂସଦ ଦ୍ୱାରା ଗୃହୀତ ହୋଇଥିବା ଆଇନକୁ ପରିଶ୍ରମୀ ଗ୍ରାମୀଣ ସମ୍ପ୍ରଦାୟଙ୍କ ମଧ୍ୟରେ ପ୍ରଚାର ଓ ପ୍ରସାର କରି ସଚେତନତା ସୃଷ୍ଟି କରିବା ଏହି ସ୍ୱତନ୍ତ୍ର ଗ୍ରାମସଭା ଆୟୋଜିତ ହୋଇଥିଲା। ଏହି ନୂତନ ଆଇନ ଅନୁଯାୟୀ ନିଯୁକ୍ତିର ଗ୍ୟାରେଣ୍ଟି ୧୦୦ଦିନରୁ ୧୨୫ ଦିନକୁ ବୃଦ୍ଧି କରାଯାଇଛି। ଯାହା ପରିଶ୍ରମୀ ଗ୍ରାମୀଣ ସମ୍ପ୍ରଦାୟ ପାଇଁ ଅତ୍ୟନ୍ତ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରିଣୀ କାଜଲ ବାସ୍କେ, କନିଷ୍ଠଯନ୍ତ୍ରୀ ଅମରେଶ ଦାସ, ସରପଞ୍ଚ ପ୍ରତ୍ୟାଶା ପାତ୍ର, ନାଏବ ସରପଞ୍ଚ ନୀଳକଣ୍ଠପାତ୍ର, ଚନ୍ଦନ କୁମାର ପାତ୍ର ସମେତ ସମସ୍ତ ୱାର୍ଡସଭ୍ୟ, ସଭ୍ୟା ଉପସ୍ଥିତ ରହିଥିଲେ।

## ଶ୍ରୀଧର ସ୍ୱାମୀ ଗୁରୁକୁଳ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

ରେମୁଣା, ୨୫।୧୨(ସମିସ): ବାଲେଶ୍ୱର ଜିଲ୍ଲାର ରେମୁଣା ବ୍ଲକ ଅନ୍ତର୍ଗତ ବଡ଼ପାଳ ଗ୍ରାମ ପଞ୍ଚାୟତର ମୟୂରଗ୍ରାମସ୍ଥିତ ଶ୍ରୀଧର ସ୍ୱାମୀ ଗୁରୁକୂଳ ଶିକ୍ଷା କେନ୍ଦ୍ରର ତ୍ରୟୋଦଶ ବାର୍ଷିକ ଉତ୍ସବ ଆନନ୍ଦ ଉତ୍ସାହରେ ପାଳନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୌରାଙ୍ଗ ଚନ୍ଦ୍ର ପଡ଼ିଆରୀ ମଞ୍ଚରେ ଅତିଥି ପରିଚୟ ପ୍ରଦାନ କରିଥଲେ। ଅନୁଷ୍ଠାନର ସ୍ଥାୟୀ ସଭାପତି ଜଗବନ୍ଧୁ ପଣ୍ଡା ଥିବା ବେଳେ କାର୍ଯ୍ୟକାରୀ ସଭାପତି ମନୋରଞ୍ଜନ ପତି ସଭା ପରିଚାଳନା କରିଥିଲେ।




ମୁଖ୍ୟ ଅତିଥି ରୂପେ ଓଡ଼ିଶା ସରକାରଙ୍କ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭରତ ଚନ୍ଦ୍ର ମହାନ୍ତି, ସମ୍ମାନିତ ଅତିଥି ପ୍ରାକ୍ତନ ରେମୁଣା ବ୍ଲକ ଅଧକ୍ଷ ସୁଶାନ୍ତ ପଟ୍ଟନାୟକ, ସମ୍ମାନିତ ବକ୍ତା ବଡ଼ପାଳ ସରପଞ୍ଚ କମଳ ଲୋଚନ ପଣ୍ଡା, ସମ୍ମାନିତ ଅତିଥି ଅବସରପ୍ରାପ୍ତ ସିଆରସିସି ରମେଶ ଚନ୍ଦ୍ର ଖଣ୍ଡା, କାକବୋରାଇ କ୍ଲଷ୍ଟରର ସିଆରସିସି ପାରମିତା ରଣା, ସମ୍ପାଦକ ସର୍ବେଶ୍ୱର ମାଝୀ, ପ୍ରଧାନ ଗୁରୁମା ରେବତୀ ବାରିକ୍ ଅଭିଭାଷଣ ରଖିଥିଲେ। ବିଧାୟକ ନିଜ ପାଣ୍ଠିରୁ ବିଦ୍ୟାଳୟର ଉନ୍ନତି ପାଇଁ ୫ ଲକ୍ଷ ଟଙ୍କା ସହାୟତା ରାଶି ଦେବେ ଘୋଷଣା କରିଥିବା ବେଳେ ସ୍ଥାନୀୟ ସରପଞ୍ଚଙ୍କ ଦ୍ୱାରା ବିଦ୍ୟାଳୟ ଉଦ୍ଦେଶ୍ୟରେ କରାଯାଇଥିବା ଉନ୍ନୟନମୂଳକ କାର୍ଯ୍ୟର ବିବରଣୀ ମଧ୍ୟ ପ୍ରସ୍ତୁତ କରାଯାଇଥିଲା। ସଭାରେ ରଞ୍ଜୁଲତା ଦିଦି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସମାଜସେବୀ ପ୍ରଭାକର ମହାଳିକ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ବାଲେଶ୍ୱର ଉତ୍ତର ସାଂଗଠନିକ ଜିଲ୍ଲାର ଜିଲ୍ଲା କମିଟି ଗଠିତ

ବସ୍ତା ବ୍ଲକ, ୨୫।୧୨ (ସମିସ): ରାଜ୍ୟ ଅନୁମୋଦନ କ୍ରମେ ବାଲେଶ୍ୱର ଉତ୍ତର ସାଂଗଠାନିକ ଜିଲ୍ଲା ସଭାପତି ପ୍ରଦୀପ କୁମାର ପଣ୍ଡା ଗୁରୁବାର ଘୋଷଣା କରିଛନ୍ତି। ବସ୍ତା, ଜଳେଶ୍ୱର ଓ ଭୋଗରାଇ ନିର୍ବାଚନ ମଣ୍ଡଳୀକୁ ନେଇ ବାଲେଶ୍ୱର ଉତ୍ତର ସାଂଗଠାନିକ ଜିଲ୍ଲା ଗଠିତ ହୋଇ ଥିବା ବେଳେ ବିଜେପି ବାଲେଶ୍ୱର ଉତ୍ତର ସାଂଗଠାନିକ ଜିଲ୍ଲାର ୨୧ ଜଣ ସଦସ୍ୟ ସଦସ୍ୟାଙ୍କୁ ନେଇ ପୂର୍ଣ୍ଣାଙ୍ଗ ଜିଲ୍ଲା କମିଟି ପାଇଁ ଚୟନ କରାଯାଛି। ବସ୍ତା, ବାଲିଆପାଳ, ଭୋଗରାଇ, ଜଳେଶ୍ୱର ୪ଟି ବ୍ଲକ ର ୩ଟି ନିର୍ବାଚନ ମଣ୍ଡଳୀ ରୁ ଏହି କମିଟି ରେ ବିଭନ୍ନ ପଦବୀ ପାଇଁ ମନୋନୀତ ହୋଇ ଥିବା ଜିଲ୍ଲା ସଭାପତି ଉତ୍ତର ଏକ ପ୍ରେସ ନୋଟ ଜରିଆରେ ସୂଚନା ଦେଇଛନ୍ତି। ଏହି କ୍ରମରେ ସଭାପତି ପ୍ରଦୀପ କୁମାର ପଣ୍ଡା, ଉପସଭାପତି ବସନ୍ତ ବାରିକ, ଅରୋବିନ୍ଦ ବେହେରା, ଅନିମା ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର ଦତ୍ତ, ପରମାନନ୍ଦ ମହାପାତ୍ର, ବାସୁଦେବ ପଣ୍ଡା, ରାଧାକାନ୍ତ ପ୍ରଧାନ, ଶ୍ରାବନ୍ତି ମିଶ୍ର, ସାଧାରଣ ସମ୍ପାଦକ କମଲ ଲୋଚନ ଦାସ, କ୍ୟାପଟେନ ଅଶୋକ ଦାସ, ସୁମତି ଦେ, ସମ୍ପାଦକ ଫାଲଗୁନ ପାଣିଗ୍ରାହୀ, ଦେବଜାନୀ ଆଣ୍ଡିଆ, ସଞ୍ଜୀବ ପାଢ଼ୀ, କାଳୀଚରଣ ଦାସ, ରାଜଶ୍ରୀ କାମିଲା, ଗୀତା ରାଣୀ ମାହାନା, ତପନ ବିଶ୍ୱାଳ, ବନଲତା ଦାସ, କୋଷାଧକ୍ଷ ଭାବେ ଫର୍ଣ୍ଣାଲ ବିଶ୍ୱାଳ ଙ୍କୁ ମନୋନୀତ କରା ଯାଇଛି। ଏଥି ସହିତ କାର୍ଯ୍ୟକାରୀ ସଦସ୍ୟ ଭାବେ ୭୧ ଜଣ ଙ୍କୁ ରାଜ୍ୟ ମନୋନୀତ କରିଛି। ବାଲେଶ୍ୱର ଉତ୍ତର ସାଂଗଠନିକ ଜିଲ୍ଲାକୁ ଅଧିକ କ୍ରିୟାଶିଳ ସହ ବିଜେପି କୁ ଅଧିକରୁ ଅଧିକ ମଜଭୁତ ପାଇଁ ଏହି କମିଟି କାର୍ଯ୍ୟ କରିବ ବୋଲି ସଭାପତି ପ୍ରଦୀପ କୁମାର ପଣ୍ଡା ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

## ବାଜପେୟୀଙ୍କ ଜୟନ୍ତୀରେ ରକ୍ତଦାନ ଶିବିର




ଲଙ୍ଗଳେଶ୍ୱର, ୨୫।୧୨(ସମିସ): ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ ତମ ଜୟନ୍ତୀ ଅବସରରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ବାଜେପେୟୀ ସେନା ପକ୍ଷରୁ ଡଗରା ବେଳାଭୂମି ରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଏବଂ ବେଳାଭୂମି ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଜପେୟୀ ସେନା ର ସଭାପତି ସଞ୍ଜୀବ ପାଢ଼ୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବରେ ଡଗରା ସରପଞ୍ଚ ସତ୍ୟାନନ୍ଦ ମହାନ୍ତି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଶିବିର ରୁ ମୋଟ ୫୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। କାର୍ଯ୍ୟକ୍ରମକୁ ବାଜପେୟୀ ସେନା ର ସାଧାରଣ ସମ୍ପାଦକ ମହେଶ୍ୱର ଦାସ, ଉପସଭାପତି ଅଜୟ ଜେନା, ଲକ୍ଷ୍ମୀଧର ପ୍ରଧାନ, କମଳ ଲୋଚନ ଦତ୍ତ, କୋଷାଧକ୍ଷ ଅରବିନ୍ଦ ବେଜ, ପଞ୍ଚାୟତ ସେନା ମୁଖ୍ୟ ନିମାଇଁ ଚରଣ ଦାସ, ହରେକୃଷ୍ଣ ଦାସ, ନିଶିକାନ୍ତ ନାଥ, ସଦସ୍ୟ ପ୍ରଭୁରାମ ରାଉତ, ପ୍ରଦୀପ୍ତ ସାମଲ, ଝାଡ଼େଶ୍ୱର ପାଳ, ମଦନ ପିଳା, ନାସିରୁଦ୍ଦିନ ଶାହା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବାଲିଖଣ୍ଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ସିମୁଳିଆ, ୨୫।୧୨ (ସମିସ): ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ପୁରସ୍ତମପୁର ପଞ୍ଚାୟତ ବାଲିଖଣ୍ଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ବାଲିଖଣ୍ଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଇଂରାଜି ଅଧ୍ୟାପକ ନୃସିଂହ ଚରଣ ମିଶ୍ର ପ୍ରାରମ୍ଭିକ ସୂଚନା ପାଠ କରିଥିଲେ। ଓଡିଆ ବିଭାଗର ଅଧ୍ୟାପକ ଅକ୍ଷୟ କୁମାର ମହାନ୍ତି ବିଦ୍ୟାୟଳୟର ବିବରଣୀ ପାଠ କରିଥିଲେ। ଅଧ୍ୟକ୍ଷ



ନିର୍ମଳ ଚନ୍ଦ୍ର ବଳଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ବିଧାୟକ ପଦ୍ମଲୋଚନ ପଣ୍ଡା, ମୁଖ୍ୟବକ୍ତା ରତ୍ନାକର ସିଂହ. ସମ୍ମାନିତ ଅତିଥି ସିମୁଳିଆ ବିଡ଼ିଓ ସୁନୀଲ କୁମାର ଟୁଡୁ, ଶିକ୍ଷାବିତ ଅଜୟ କୁମାର ପଣ୍ଡା. ଖଇରା ସମିତି ଚେୟାରମ୍ୟାନ ଅଭିଲିପ୍ସା ନାୟକ, ଖଇରା ବିଡ଼ିଓ ନାରାୟଣ ସାହୁ ମଞ୍ଚାସୀନ ଥିଲେ। ଓଡିଆ ଅଧ୍ୟାପକ କ୍ଷୀତେଶ୍ୱର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିଶୁକନ୍ୟାକୁ ଦୁଷ୍କର୍ମ ଉଦ୍ୟମ

ଭୋଗରାଇ, ୨୫।୧୨(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ଥାନା ଅଞ୍ଚଳର ୫ ବର୍ଷୀୟା ଏକ ଶିଶୁକନ୍ୟାକୁ ଦୁଷ୍କର୍ମ ଉଦ୍ୟମ ନେଇ ଥାନାରେ ଅଭିଯୋଗ ହୋଇଛି। ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିବାବେଳେ ଅଭିଯୁକ୍ତ ଜଣକ ଫେରାର ହୋଇଯାଇଛି। ସମ୍ପର୍କୀୟ ଜେଜେ ଶିଶୁକନ୍ୟାକୁ ପ୍ରଲୋଭିତ କରାଇ ଦୁଷ୍କର୍ମ ଉଦ୍ୟମ କରିଥିଲା। ଗାଁରେ ବୈଠକ କରାଯାଇ କୌଣସି ସମାଧାନର ବାଟ ନ ବାହାରିବାରୁ ପୀଡ଼ିତାଙ୍କ ମା' ଥାନାରେ ଏତଲା ଦେଇଛନ୍ତି। ଅଭିଯୁକ୍ତ ନାଇଦୋଳି ଗ୍ରାମର ସୁଧୀର ମଣ୍ଡଳ। ଗିରଫ ଭୟରେ ସେ ଗାଁ ଛାଡି ପଳାୟନ କରିଥିବାର ପୁଲିସ ସୂଚନା ଦେଇଛନ୍ତି।

## ବେନିୟମ ଭାବେ ଗଠିତ ଟ୍ରଷ୍ଟବୋର୍ଡକୁ ଗ୍ରାମବାସୀଙ୍କ ବିରୋଧ

ବାଲେଶ୍ୱର(ଉତ୍ତର), ୨୫।୧୨(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ପୁଟିଣା ଗ୍ରାମରେ ଅବସ୍ଥିତ ଶ୍ରୀ ଶ୍ରୀ ପୁଟିଣେଶ୍ୱର ମହାଦେବଙ୍କ ନବଗଠିତ ଟ୍ରଷ୍ଟ ବୋର୍ଡ ସମ୍ପୂର୍ଣ୍ଣ ବେନିୟମ ଭାବେ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଦେବୋତ୍ତର ବିଭାଗର କମିଶନର, ଅତିରିକ୍ତ କମିଶନର, ଆଇନ ମନ୍ତ୍ରୀ, ଏସପି ବାଲେଶ୍ୱର, ଜିଲ୍ଲାପାଳ ବାଲେଶ୍ୱର ଏବଂ ଭୋଗରାଇ ତହସିଲଦାର ଓ ବିଡିଓଙ୍କୁ ଲିଖିତ ଭାବେ ଜଣାଇଥିବା ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ ପୂର୍ବରୁ ଥିବା ଟ୍ରଷ୍ଟ ବୋର୍ଡକୁ ଭଙ୍ଗା ଯାଇ ନୂତନ ଭାବେ ଗଠନ କରାଯାଇଥିବା ଟ୍ରଷ୍ଟ ବୋର୍ଡ ଗ୍ରାମବାସୀଙ୍କ ଅଗୋଚରରେ ହୋଇଥିଲାବେଳେ ଏହାକୁ ସାର୍ବଜନୀନ କରାଯାଇନାହିଁ। ଅନିୟମିତ ଭାବେ ଗତ ୨୦୨୪ ନଭେମ୍ବର ମାସ ଗଠନ କରାଯାଇ ବିଭାଗୀୟ କର୍ତ୍ତୃପକ୍ଷଙ୍କଠାରୁ ତାହା ୨୦୨୫ ନଭେମ୍ବର ୨୭ ତାରିଖରେ ଅନୁମୋଦିତ ହୋଇ ଆସି ଥିବା ଜଣାପଡ଼ିଛି। ପୂର୍ବରୁ ଏହି ଗ୍ରାମର ଯେଉଁ ବ୍ୟକ୍ତି ମାନେ ମନ୍ଦିରକୁ ପ୍ରତ୍ୟକ୍ଷ ଓ ପରୋକ୍ଷରେ ବିରୋଧ କରିଆସୁଛନ୍ତି ସେମାନଙ୍କୁ ନବଗଠିତ ବୋର୍ଡର ସଦସ୍ୟ ଓ ମ୍ୟାନେଜିଂ ଟ୍ରଷ୍ଟି ଭାବେ ମନୋନୀତ କରାଯାଇବା ବେଳେ ବେନିୟମ ଭାବେ ନିର୍ବାଚିତ ପ୍ରତିନିଧି ମାନଙ୍କୁ ମଧ୍ୟ ଟ୍ରଷ୍ଟ ବୋର୍ଡ଼ ର ସଦସ୍ୟ ଭାବେ ଚୟନ କରାଯାଇଛି। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତେଣୁ ଏହାର ପୁନର୍ବିଚାର କରି ସଠିକ ନିୟମ ଓ ସ୍ୱଚ୍ଛତା ଅନୁସାରେ ପୁଣି ଟ୍ରଷ୍ଟବୋର୍ଡ ଗଠନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।




# ୩୦ରୁ କ୍ଷୁଦ୍ର ଜମାକାରୀ ସଚେତନତା ଅଭିଯାନ

ସିମୁଳିଆ, ୨୫।୧୨ (ସମିସ)

ଓଡ଼ିଶା ଚିଟ୍‌ଫଣ୍ଡ ତଦନ୍ତ କମିଶନଙ୍କ ଅନ୍ତରୀଣ ରିପୋର୍ଟ ଅନୁସାରେ ଚିହ୍ନିତ ୫ ଲକ୍ଷ ଚିଟଫଣ୍ଡ କ୍ଷତିଗ୍ରସ୍ତ କ୍ଷୁଦ୍ର ଜମାକାରୀଙ୍କୁ ଜାନୁଆରୀ ୩୧ ସୁଦ୍ଧା ତାଙ୍କ ଜମା ଟଙ୍କା ଫେରସ୍ତ କରିବେ ରାଜ୍ୟ ସରକାର। ତଦନ୍ତ କମିଶନଙ୍କ ପୂର୍ବ ୬ ଗୋଟି ଅନ୍ତରୀଣ ରିପୋର୍ଟ ଅନୁସାରେ କିଛି ଜମାକାରୀ ଜମା ଟଙ୍କା ଫେରସ୍ତ ପାଇଥିବା ବେଳେ ଅନେକ ଜମାକାରୀ ଭିନ୍ନ ଭିନ୍ନ କାରଣରୁ ଜମାରାଶିର ପ୍ରମାଣ ପତ୍ର ଜମା ନ କରି ପାରିବା ହେତୁ ଟଙ୍କା ପାଇବାରୁ ବଞ୍ଚିତ ହୋଇଥିଲେ। ବର୍ତ୍ତମାନ ପରିସ୍ଥିତିରେ ଆର୍ ଆଇ ଙ୍କ କାର୍ଯ୍ୟାଳୟ ମାନଙ୍କୁ ଯାଞ୍ଚ ପାଇଁ ଆସିଥିବା ଜମାକାରୀଙ୍କ ନାମ ସଂଖ୍ୟା ଅନୁଯାଇ ସମସ୍ତ



କ୍ଷତିଗ୍ରସ୍ତ ହିତାଧିକାରୀ ଜମାକାରୀମାନେ ନିଜ ନିଜ ଜମାରାଶିର ମୂଳ ପ୍ରମାଣ ପତ୍ର ସହ ବ୍ୟାଙ୍କ୍ ପାସ୍‌ବୁକର ଅସଲ ଓ ନକଲ କପି ଆର୍ ଆଇ ଙ୍କ କାର୍ଯ୍ୟାଳୟରେ ଜମା ଦେଇ ଜମା ଟଙ୍କା ଫେରସ୍ତ ପାଇବାକୁ ସହଜ କରିବା ପାଇଁ ଚିଟଫଣ୍ଡ କ୍ଷତିଗ୍ରସ୍ତ ଜମାକାରୀଙ୍କ ମିଳିତ ମଞ୍ଚ ପକ୍ଷରୁ ଜମାକାରୀ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ପାଇଁ ନିଷ୍ପତ୍ତି ନିଆଯାଇଛି। ଆଜି ମଞ୍ଚର ସିମୁଳିଆ ବ୍ଲକ କମିଟି ପକ୍ଷରୁ ମହେଶ୍ୱର ବାରିକଙ୍କ ସଭାପତିତ୍ୱରେ ସ୍ଥାନୀୟ ବରୀ ଆର୍ ଆଇଙ୍କ କାର୍ଯ୍ୟାଳୟ ସମ୍ମୁଖ ମହାବୀର ପଡ଼ିଆରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ମଞ୍ଚର ରାଜ୍ୟ ଆବାହକ ଉମେଶ ଚନ୍ଦ୍ର ନାୟକ ଉଦବୋଧନ ଦେଇ କହିଥିଲେ ଯେ ସିମୁଳିଆ ତହସିଲ ଅଞ୍ଚଳରୁ ଚିହ୍ନିତ ହୋଇଥିବା ସମସ୍ତ କ୍ଷୁଦ୍ର ଜମାକାରୀ ଙ୍କୁ ଗ୍ରାମରୁ ଡାକି ସେମାନଙ୍କ କାଗଜ ପତ୍ର ଜମା କରିବା କ୍ଷେତ୍ରରେ ମଞ୍ଚ ସଦସ୍ୟ ମାନେ ସହଯୋଗ କରିବେ। ଆସନ୍ତା ଡିସେମ୍ବର ୩୦ ତାରିଖ ମଙ୍ଗଳବାରଠାରୁ ଏହି ଅଭିଯାନ ସିମୁଳିଆ ରୁ ଆରମ୍ଭ ହୋଇ ସାରା ରାଜ୍ୟର ଚାଲିବ। ମଞ୍ଚର ବ୍ଲକ ସ୍ତରୀୟ କମିଟି ପକ୍ଷରୁ ରତିକାନ୍ତ ମିଶ୍ର ନିରଞ୍ଜନ ସାହୁ ହରିଶ୍ ଚନ୍ଦ୍ର ଦାସ, ମହେଶ୍ୱର ବାରିକ, ଜାଭିର ଅଲ୍ଲୀଖାଁ, ହେମନ୍ତ ପାଣିଗ୍ରାହୀ, ସଚିକାନ୍ତ ମିଶ୍ରଙ୍କ ସହିତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ମୌସୁମୀ ପ୍ରସ୍ତୁତି ଯୋଜନା ପୁସ୍ତିକା ଉନ୍ମୋଚିତ



**ରାଉରକେଲା, ୨୫।୧୨(ସମିସ):** ଖଣି ବିଭାଗର ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ, ଖଣି ଓଡ଼ିଶା ଖଣି ସମୂହ ସିଏମଏଲଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ ପି ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ ଏବଂ ବିତ୍ତ ଓ ଲେଖା ବିଭାଗର ସିଜିଏମ ରାଜେଶ ଦାସଗୁପ୍ତାଙ୍କ ଦ୍ୱାରା 'ଓଡ଼ିଶା ଖଣି ସମୂହ ସିଏମଏଲଓ ପାଇଁ ମୌସୁମୀ ପ୍ରସ୍ତୁତି ଯୋଜନା' ଉପରେ ଏକ ବିସ୍ତୃତ ପୁସ୍ତିକା ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ଖଣି ପ୍ରକଳ୍ପ ସିଏମଏଲଓ ବିଭାଗର ସିଜିଏମ ଆନନ୍ଦ, ଖଣି ଆରପି ଆଣ୍ଡ ଇ ବିଭାଗର ସିଜିଏମ ଜୟଦେବ ଚଟ୍ଟୋପାଧ୍ୟାୟ ଏବଂ କାରଖାନାର ଅନେକ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ସମାବେଶକୁ ସମ୍ବୋଧିତ କରି, ବରିଷ୍ଠ ଅଧିକାରୀମାନେ ପୁସ୍ତିକାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଖଣି କାର୍ଯ୍ୟକୁ ଉନ୍ନତ କରିବା ଏବଂ ମୌସୁମୀ ସମ୍ବନ୍ଧୀୟ ବିପଦକୁ କମ କରିବା ପାଇଁ ନିର୍ଦ୍ଧାରିତ ନିର୍ଦ୍ଦେଶାବଳୀକୁ କଡାକଡି ପାଳନ କରିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଏହି ପୁସ୍ତିକାଟି ଖଣି ଅଞ୍ଚଳରେ ଆହ୍ୱାନମୂଳକ ମୌସୁମୀ ଋତୁରେ ନିରାପଦ, ଦକ୍ଷ ଏବଂ ସ୍ଥାୟୀ ଖଣି କାର୍ଯ୍ୟକୁ ସୁନିଶ୍ଚିତ କରିବା ଲକ୍ଷ୍ୟ ରଖିଛି। ପ୍ରଥମ ଥର ପାଇଁ, କାର୍ଯ୍ୟକ୍ଷମ ପ୍ରସ୍ତୁତି, ସ୍ଥାନ-ନିର୍ଦ୍ଦିଷ୍ଟ ସର୍ବୋତ୍ତମ ଅଭ୍ୟାସ ଏବଂ ଅଭିନବ ସମାଧାନର ପ୍ରମୁଖ ଦିଗଗୁଡିକୁ ଗୋଟିଏ ଡକ୍ୟୁମେଣ୍ଟରେ ଏକୀକୃତ କରାଯାଇଛି। ଏହି ପୁସ୍ତିକା ଖଣି ବୃତ୍ତିଧାରୀ, ଇଞ୍ଜିନିୟର, ସୁରକ୍ଷା କର୍ମଚାରୀ ଏବଂ କ୍ଷେତ୍ର ଦଳଗୁଡିକର ସାମୂହିକ ପ୍ରୟାସକୁ ମଧ୍ୟ ପ୍ରଦର୍ଶନ କରେ ଯାହାଙ୍କ ଉତ୍ସର୍ଗ କାର୍ଯ୍ୟକ୍ଷମ ନିରନ୍ତରତା ଏବଂ ସୁରକ୍ଷାକୁ ସୁନିଶ୍ଚିତ କରେ। ଏହି ପୁସ୍ତିକାଟି ବରିଷ୍ଠ ପରିଚାଳନା ଠାରୁ ଆରମ୍ଭ କରି କ୍ଷେତ୍ର ଅପରେଟର ପର୍ଯ୍ୟନ୍ତ ସମସ୍ତ ସ୍ତରରେ ଖଣି ବୃତ୍ତିଗତଙ୍କ ପାଇଁ ଏକ ଉପଯୋଗୀ ମାର୍ଗଦର୍ଶିକା ହେବ ବୋଲି ଆଶା କରାଯାଉଛି। ମୌସୁମୀ ଋତୁରେ ପ୍ରସ୍ତୁତି, ସ୍ଥିରତା ଏବଂ କାର୍ଯ୍ୟକ୍ଷମ ନିରନ୍ତରତାକୁ ଆହୁରି ସୁଦୃଢ଼ କରିବ ବୋଲି କୁହାଯାଇଛି।

# ମାଙ୍ଗାନିଜ ଚୋରା ଚାଲାଣ ବେଳେ ବନ ବିଭାଗର ଚଢ଼ଉ

**କୋଇଡା, ୨୫।୧୨(ସମିସ)**

ସୁନ୍ଦରଗଡ଼ ଜିଲ୍ଲା କୋଇଡା ଖଣି ଉପରେ ସାରା ବିଶ୍ୱର ନଜର ରହିଛି। କିନ୍ତୁ ଏଠିକାର ଜଙ୍ଗଲରେ ଥିବା ମାଙ୍ଗାନିଜ ଖଣି ଏବଂ ଉତ୍ତୋଳିତ ହୋଇ ଗଚ୍ଛିତ ଥିବା ମାଙ୍ଗାନିଜ ପଥର ଉପରେ ରାଜ୍ୟ ଏବଂ ରାଜ୍ୟ ବାହାର ଖଣି ମାଫିଆଙ୍କ ନଜର ରହିଛି। ଚୋରା

**ଜବତ ହେଲା ଚୋରା ମାଙ୍ଗାନିଜ୍ ବୋଝେଇ ଟ୍ରକ୍ ସହ ଜେସିବି**

ଗାଡି ଲୋଡିଂ ପାଇଁ ଲେବର ନ ମିଳିଲେ ବି ଦିନ ଦ୍ୱିପହରରେ ବି ମେସିନ୍ ଲଗାଇ ମାଙ୍ଗାନିଜ ଖଣି ଚୋରି ହେଉଛି। ହେଲେ ଏ ସବୁ ଚୋରି ସମ୍ଭବପର କିପରି ହେଉଛି ତାହା ବଡ଼ ପ୍ରଶ୍ନ ହୋଇଛି। କିଛି ଦିଗହରା ସ୍ଥାନୀୟ ଯୁବକ ସାମାନ୍ୟ କେଇ ଅର୍ଥ ପାଇଁ ରାତି ଅଧିଆ ଗାଡି ଲୋଡ୍ କରାଉଛନ୍ତି ବୋଲି କୁହାଯାଉଛି। କିଛି ନେତୃ ସ୍ତରୀୟ ଲୋକ ଏଥିରେ ଘଣ୍ଟ ଘୋଡ଼ାଇବା କାର୍ଯ୍ୟ କରୁଛନ୍ତି। ମାତ୍ର କେହି ବି କେବେ ଧରା ପଡୁ ନାହାନ୍ତି। ଏଣୁ ଦାୟିତ୍ୱରେ ଥିବା କିଛି ସରକାରୀ ଅଧିକାରୀ ମାଫିଆଙ୍କ ସହ ସମ୍ମିଳିତ ଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଗାଡି ଖରାପ କିମ୍ବା ଗାଁ ବାସୀ ଚୋରା ଗାଡି ନ ଧରିବା ଯାଏଁ କେବେ ଚୋରା ଗାଡି ଧରା ପଡେନି। ଚୋର କିମ୍ବା ଚୋରିରେ ଲିପ୍ତ ଚାଳକଙ୍କୁ ଧରିବାରେ ବନ ବିଭାଗ କିମ୍ବା ଅନ୍ୟ ବିଭାଗୀୟ ଅଧିକାରୀ ଅସମର୍ଥ। ଆଜି ମଧ୍ୟରାତ୍ରିରେ କୋଇଡା ବ୍ଲକ ମାଲଦା ଜଙ୍ଗଲ ମଧ୍ୟରୁ ମାଙ୍ଗାନିଜ ଚୋରି କରୁଥିବା ଏକ ୧୬ ଚକିଆ ଟ୍ରକ ଓ ଜେସିବିକୁ ରାତ୍ରିକାଳୀନ ପାଟ୍ରୋଲିଂରେ ଧରା ହୋଇଥିଲା। ବନ ବିଭାଗ ଘଟଣା ସ୍ଥଳରେ ଫରେଷ୍ଟର ପ୍ରତାପ ସାହୁ ଓ ଟିମ୍ ପହଞ୍ଚି ଟ୍ରକ୍‌କୁ ଜବତ କରିବା ସହିତ ଘଟଣା ସ୍ଥଳରୁ ଡ୍ରାଇଭରକୁ ମଧ୍ୟ ଖଣି ସ୍ଥଳରୁ ଆରେଷ୍ଟ କରିଛନ୍ତି।




# ନାଟକ 'ଉତ୍ତମ ପୁରୁଷ' ମଞ୍ଚସ୍ଥ

**ରାଉରକେଲା, ୨୫।୧୨(ସମିସ):** ରାଉରକେଲା ଇସ୍ପାତ କାରଖାନା ଆନୁକୂଲ୍ୟରେ 'ସ୍ପନ୍ଦନ' ଅନୁଷ୍ଠାନ ଆୟୋଜିତ ୩୬ ତମ ସର୍ବଭାରତୀୟ ବହୁ ଭାଷୀ ନାଟକ ଓ ନୃତ୍ୟ ମହୋତ୍ସବର ୫ମ ସଂଧ୍ୟାରେ ପଶ୍ଚିମବଙ୍ଗର ଗୋବରଡଙ୍ଗା ଶିଳ୍ପାୟନ ଅନୁଷ୍ଠାନ ବଙ୍ଗଳା ଭାଷାର ନାଟକ 'ଉତ୍ତମ ପୁରୁଷ' ପରିବେଷଣ କରିଥିଲା। ନାଟକର ନିର୍ଦ୍ଦେଶକ ଆଶିଷ ଚଟ୍ଟୋପାଧ୍ୟାୟ, ସଙ୍ଗୀତ ନିର୍ଦ୍ଦେଶକ ଶଙ୍କର ବୋଷ, ଆଲୋକ ନିର୍ଦ୍ଦେଶକ ରାଜୁ ଭଟ୍ଟାଚାର୍ଯ୍ୟ, ମଞ୍ଚ ସଜ୍ଜା ପ୍ରିୟେନ୍ଦୁ ଶେଖର ଦାସ ରହିଥିଲେ। ନାଟକଟି ସମାଜରେ ପୁରୁଷ ଓ ନାରୀର ସମ୍ପର୍କକୁ ନେଇ ପ୍ରସ୍ତୁତ ହୋଇଥିଲା। ସମାଜରେ ନାରୀ ଓ ପୁରୁଷ ମଧ୍ୟରେ ଥିବା ଭେଦଭାବକୁ ଦର୍ଶାଯାଇଥିଲା। ନାଟକରେ ପୁରୁଷର ପ୍ରତିନିଧିତ୍ୱ କରିଥିଲେ ଗୁଲାବ ସିଂ ଆଉ ନାରୀର ଭୂମିକାରେ ଅମ୍ବିକା ଥିଲେ। ଗୁଲାବ ସିଂ ଧର୍ଷଣ କରି ମଧ୍ୟ ଦୋଷୀ ସାବ୍ୟସ୍ତ ହୋଇନାହିଁ। ପୁରୁଷ ପ୍ରଧାନ ସମାଜରେ ନାରୀ ଅତ୍ୟାଚାର ବିରୋଧରେ ଲଢ଼ି ନିରାଶ ହେବାକୁ ପଡ଼ିଛି।



ଶେଷରେ ଉପାୟଶୂନ୍ୟ ହୋଇ ଅମ୍ବିକାର ମା' ଗୁଲାବକୁ ଗୁଳିକରି ମାରି ଦେଇଛନ୍ତି। ସମାଜରେ ନାରୀକୁ ଯିଏ ଅସମ୍ମାନ ପ୍ରଦର୍ଶନ କରିବ, ତା'ର ବଞ୍ଚିବାର ଅଧିକାର ନାହିଁ, ତାକୁ ଜୀବନରୁ ମାରିଦେବା କଥା ବୋଲି ନାଟକରେ ଦର୍ଶାଯାଇଥିଲା। ଶିଶିର ମୁଦାଲି, ରମେଶ ଗୌଡ, କ୍ଷୀରୋଦ ବାଉତ୍ୟା, କ୍ରିଷ୍ଣା ସିଂ, ଅମୂଲ୍ୟ ବେହେରା, ସୁଦିଶ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସାହାଯ୍ୟ କରିଥିଲେ ଏବଂ ଝିଲିମା ମହାନ୍ତି ସଂଯୋଜନା କରିଥିଲେ।

# ଇସ୍ପାତ କାରଖାନା କଣ୍ଟ୍ରାକ୍ଟର ଆସୋସିଏସନ ପକ୍ଷରୁ ଆମ୍ବୁଲାନ୍ସ ଲୋକାର୍ପିତ

**ରାଉରକେଲା, ୨୫।୧୨(ସମିସ):** ରାଉରକେଲା ଇସ୍ପାତ କାରଖାନା କଣ୍ଟ୍ରାକ୍ଟର ଆସୋସିଏସନ ପକ୍ଷରୁ ରୋଗୀ ସେବା ନିମନ୍ତେ ଏକ ଆମ୍ବୁଲାନ୍ସ ଲୋକର୍ପିତ ହୋଇଛି। ସେକ୍ଟର ୨୦ ସ୍ଥିତ ରାଉରକେଲା ଇସ୍ପାତ କାରଖାନା କଣ୍ଟ୍ରାକ୍ଟର ଆସୋସିଏସନର କାର୍ଯ୍ୟାଳୟରେ ଆସୋସିଏସନର ସଭାପତି ଅଶୋକ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରଚାର ପ୍ରମୁଖ ବିଷ୍ଣୁ ଚରଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆମ୍ବୁଲାନ୍ସକୁ ଲୋକାର୍ପିତ କରିଥିଲେ।



ସୁବ୍ରତ ସାମନ୍ତରାୟ, କଣ୍ଟ୍ରାକ୍ଟର ସେଲ ସିଜିଏମ ଆଲୋକ ବେହେରା, କଣ୍ଟ୍ରାକ୍ଟର ସେଲ ଏଚଓଡି ଜ୍ଞାନରଞ୍ଜନ ଦାସ, ଆସୋସିଏସନର ସାଧାରଣ ସମ୍ପାଦକ ସିଦ୍ଧାର୍ଥ ପାଣିଗ୍ରାହୀ, ମଧୁସୂଦନ ମଲ୍ଲିକ, ମଧୁସୂଦନ ମହାପାତ୍ର, କୈଳାଶ ଲେଙ୍କାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ନବବର୍ଷକୁ ନେଇ ପୁଲିସ ସଜାଗ

# ହୋଟେଲ ମାଲିକଙ୍କୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ

**ରାଉରକେଲା, ୨୫।୧୨(ସମିସ):** ସହରରେ ସାଧାରଣ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ପୁଲିସ ହୋଟେଲ, ଲଜ୍ ଓ ଗେଷ୍ଟ ହାଉସ୍ ମାଲିକଙ୍କୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଥିବା ଜଣାପଡ଼ିଛି। ଏହି ଅବସରରେ ସହରର ବିଭିନ୍ନ ହୋଟେଲ ମାଲିକ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ପୁଲିସ ପ୍ରଶାସନ ସୁରକ୍ଷା ବୃଦ୍ଧି କରିବା, ବେଆଇନ କାର୍ଯ୍ୟକଳାପକୁ ରୋକିବା, ଆତିଥ୍ୟ ପ୍ରତିଷ୍ଠାନ ଓ ପୁଲିସ ମଧ୍ୟରେ ଉତ୍ତମ ସମନ୍ୱୟ ସୁନିଶ୍ଚିତ କରିବା ପାଇଁ ଏକ ଶୃଙ୍ଖଳା କଠୋର ନିର୍ଦ୍ଦେଶାବଳୀ ଜାରି କରିଥିଲା। ହୋଟେଲ ଓ ଲଜ୍ ମାଲିକ ମାନଙ୍କୁ ବୈଧ ପରିଚୟପତ୍ର ସହିତ ପ୍ରତ୍ୟେକ ଅତିଥିଙ୍କ ବାଧ୍ୟତାମୂଳକ ଯାଞ୍ଚ ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେମାନଙ୍କୁ ଅତିଥିଙ୍କ ଆଗମନ, ପ୍ରସ୍ଥାନର ଦୈନିକ ରେକର୍ଡ ପୁଲିସ ନିକଟରେ ଦାଖଲ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା। ଆଭ୍ୟନ୍ତରୀଣ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରି ପୁଲିସ ସମସ୍ତ ପ୍ରତିଷ୍ଠାନ ପାଇଁ ସେମାନଙ୍କ କର୍ମଚାରୀଙ୍କ ଯାଞ୍ଚ କରିବା, ଅଗ୍ନି ନିରାପତ୍ତା ମାନଦଣ୍ଡକୁ କଡାକଡି ପାଳନ କରିବା ବାଧ୍ୟତାମୂଳକ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ତଦାରଖରେ ଉନ୍ନତି ଆଣିବା ପାଇଁ ମାଲିକ ମାନଙ୍କୁ ସମସ୍ତ ପ୍ରମୁଖ ସ୍ଥାନରେ ସିସିଟିଭି କ୍ୟାମେରା ସ୍ଥାପନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ତିନି ମାସର ଡାଟା ବ୍ୟାକଅପ୍ ରହିବ। ପୁଲିସ ବେଆଇନ କାର୍ଯ୍ୟକଳାପ ପ୍ରତି ଶୂନ୍ୟ ସହନଶୀଳତା ନୀତିକୁ ଗ୍ରହଣ କରିଛି। କୌଣସି ସନ୍ଦିଗ୍ଧ ବ୍ୟକ୍ତି କିମ୍ବା କାର୍ଯ୍ୟକଳାପ ସମ୍ପର୍କରେ ତୁରନ୍ତ ନିକଟତମ ପୁଲିସ ଷ୍ଟେସନକୁ ରିପୋର୍ଟ କରିବାକୁ ମାଲିକ ମାନଙ୍କୁ କୁହାଯାଇଛି। ହୋଟେଲ ଓ ଲଜ୍ ମାଲିକଙ୍କ ସହଯୋଗରେ ଅପରାଧ ରୋକିବା, ସହରବାସୀଙ୍କ ସୁରକ୍ଷା ସୁନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଆସୁଛି।



# ବାଂଲାଦେଶରେ ହିନ୍ଦୁଙ୍କ ଉପରେ ଅତ୍ୟାଚାରକୁ ବିରୋଧ

**ବଣାଇ, ୨୫।୧୨(ସମିସ):** ଗତ କିଛି ଦିନ ହେବ ବାଂଲାଦେଶରେ ହିନ୍ଦୁ ମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଏବଂ ହତ୍ୟା ବିରୋଧରେ ଗୁରୁବାର ବଣାଇଁରେ ବିଭିନ୍ନ ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ, ଦୁର୍ଗା ବାହିନୀ ଏବଂ ମାତୃଶକ୍ତି ବଣାଇଁ ପକ୍ଷରୁ ସହର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସମ୍ମୁଖରେ ଶହ ଶହ ସଂଖ୍ୟାରେ ସଂଗଠନର ଯୁବକ ଯୁବତୀ ଏକତ୍ରିତ ହୋଇ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭାରତରୁ ବାଂଲାଦେଶୀ ମାନଙ୍କୁ ତୁରନ୍ତ ଦେଶାନ୍ତର କରିବାକୁ ବିଭିନ୍ନ ନାରା ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିରେ ବିଶ୍ୱ ହିନ୍ଦୁ ପରିଷଦ ସମେତ ବିଭିନ୍ନ ସଂଗଠନର କର୍ମକର୍ତ୍ତା ସାମିଲ ହୋଇଥିଲେ।




# ଜମି ପ୍ଲଟିଂକୁ ନେଇ ମାର୍‌ପିଟ୍, ଫାଙ୍କା ଗୁଳି ଚାଳନା

**ରାଉରକେଲା, ୨୫।୧୨(ସମିସ):** ବୀରମିତ୍ରପୁର ଥାନା ଅଧୀନ କୁଆଁରମୁଣ୍ଡା ନିକଟ ରିଉଁ ନିକଟରେ ଜମି ପ୍ଲଟିଂ କରି ବିକ୍ରି କରିବାକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ମାଡପିଟ ହେବା ସହ ଗୋଟିଏ ଗୋଷ୍ଠୀ ପକ୍ଷରୁ ଫାଙ୍କା ଗୁଳି ଚାଳନା କରାଯାଇଥିବା ସୂଚନା ମିଳିଛି। ତେବେ ବୀରମିତ୍ରପୁର ପୁଲିସ ପକ୍ଷରୁ ଏହି ଗୁଳିକାଣ୍ଡକୁ ଅସ୍ୱୀକାର କରାଯାଇଛି। ସୂଚନା ମୁତାବକ ରିଉଁ ନିକଟରେ ରାଉରକେଲା କୋଏଲନଗର ଅଞ୍ଚଳର କାଳିଆ ଡେଭେଲପର ନାମକ ଏକ ରିୟଲ ଇଷ୍ଟେଟ ପକ୍ଷରୁ କୁଆଁରମୁଣ୍ଡା ଅଧୀନ ରିଉଁ ନିକଟରେ ଜମି କ୍ରୟ କରାଯାଇ ପ୍ଲଟିଂ କରି ବିକ୍ରି ପାଇଁ ଯୋଜନା ହୋଇଥିଲା। ଜମି କ୍ରୟକୁ ଜମି ମାଲିକଙ୍କ ପରିବାର ଲୋକ ବିରୋଧ କରିବା ନେଇ ବିବାଦ ଲାଗି ରହିଥିଲା। ଆଜି ଏହାକୁ ନେଇ ଘଟଣା ସ୍ଥଳରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ଉଗ୍ର ରୂପ ହୋଇଥିଲା। ଉଭୟ ଗୋଷ୍ଠୀ ମଧ୍ୟରେ ମାଡପିଟ ହୋଇ ଖଣ୍ଡିଆ ଖାବରା ହୋଇଥିବା ସୂଚନା ମିଳିଛି। ଏହି ସମୟରେ ଜମି ମାଲିକ ଗୋଷ୍ଠୀ ପକ୍ଷରୁ ଫାଙ୍କା ଗୁଳି ଚାଳନା କରାଯାଇଥିବା ମଧ୍ୟ ସୂଚନା ମିଳିଛି। ହେଲେ ପୁଲିସ ପକ୍ଷରୁ ମାଡପିଟ ଘଟଣାକୁ ସ୍ୱୀକାର କରାଯାଇଥିଲା ବେଳେ ଗୁଳିକାଣ୍ଡକୁ ଅସ୍ୱୀକାର କରାଯାଇଛି। କାରଣ ଘଟଣା ସ୍ଥଳରେ କୌଣସି ଗୁଳି ଫୁଟିବାର ଚିହ୍ନବର୍ଣ୍ଣ ରହିଥିବା କି ଖୋକା ଜବତର ସୂଚନା ନାହିଁ। ତେବେ ଏହି ଘଟଣାରେ ଏପର୍ଯ୍ୟନ୍ତ କୌଣସି ଏତାଲା ଆସି ନ ଥିବାରୁ ଘଟଣା ସମ୍ପର୍କରେ ସବିଶେଷ ତଥ୍ୟ ହସ୍ତଗତ ହୋଇ ନଥିବା ବୀରମିତ୍ରପୁର ଥାନା ଅଧିକାରୀ ରାମପ୍ରସାଦ ନାଗ କହିଛନ୍ତି।

# ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ



**ରାଉରକେଲା, ୨୫।୧୨(ସମିସ):** ସୁନ୍ଦରଗଡ଼ରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ ସୁଶାସନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ସଦଭାବନା ଭବନ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ପୌର ପରିଷଦ ଅଧ୍ୟକ୍ଷା ତନୟା ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ସୂରଜ ପଟ୍ଟନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କ୍ରୀଷ୍ଣା ନନ୍ଦ, ଅବସରପ୍ରାପ୍ତ ଅଧ୍ୟକ୍ଷ ଚିରବ୍ରତ ଦତ୍ତ ଅତିଥି ଭାବେ ଯୋଗ ଦେଇଥିଲେ। ସେହିଭଳି ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟାପକ ନୂତନ ଖମାରୀ ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ଏବଂ କାର୍ଯ୍ୟକ୍ରମ ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପଟ୍ଟନାୟକ ସୁଶାସନ ଦିବସର ମହତ୍ତ୍ୱ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଗାଳ୍ପିକା ଡ. ସୁପ୍ରିୟା ପାଲ, କବି ଗଣେଶ ତ୍ରିପାଠୀ ଏବଂ ଯୁବ ଗାଳ୍ପିକା ଲୋପାମୁଦ୍ରା ମିଶ୍ରଙ୍କ ସଂଯୋଜନାରେ ବର୍ଣ୍ଣାଢ୍ୟ କବିତା ଆସର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀ ବାଜପେୟୀଙ୍କ ଜୀବନୀ ଏବଂ ସୁଶାସନ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ସେହିଭଳି ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଶ୍ୱରଞ୍ଜନ ସାହୁ ପରିଚାଳନା କରିଥିଲେ।

# ଜୁଆଆଡ୍ଡାରେ ଚଢ଼ଉ, ୮ ଗିରଫ

**୭ ଲକ୍ଷ ୭୦ ହଜାର ଟଙ୍କା ଜବତ**

ରାଉରକେଲା, ୨୫।୧୨(ସମିସ): ସୁନ୍ଦରଗଡ଼ ଏସପି ଅମ୍ରିତପାଲ କୌରଙ୍କ ଗୁପ୍ତ ସୂଚନା ଆଧାରରେ ବଡଗାଁ ଥାନା ପୁଲିସ ବେହେରାମାଲ ଗାଁ ଏକ ପଡ଼ିଆରେ ଚାଲୁଥିବା ବଡଧରଣର ଜୁଆ ଆଡ୍ଡା ଉପରେ ଚଢ଼ଉ କରି ୮ ଜଣ ଜୁଆଡିଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୭ ଲକ୍ଷ ୭୦ ହଜାର ଟଙ୍କା ଜବତ କରିଥିବା ଜଣାପଡ଼ିଛି। ଗିରଫ ଜୁଆଡିମାନେ ହେଲେ ସମ୍ବଲପୁର ଗୋବିନ୍ଦପୁର ଥାନା ଅଞ୍ଚଳର ମହେନ୍ଦ୍ର ଲୁହା (୫୫), ବଡଗାଁ ଥାନା ପାମରା ଅଞ୍ଚଳର କନ୍ଦର୍ପ ଖିଲାରି(୫୩), ଧାରୁଆଡିହ ଅଞ୍ଚଳର ମହାଦେବ ବେହେରା(୫୭), ସମ୍ବଲପୁର ଗୋବିନ୍ଦପୁର ଥାନା ସାନଫିରିଙ୍ଗବାହାଲ ଅଞ୍ଚଳର ତାରାଚାନ୍ଦ କିଶାନ(୪), ଧାରୁଆଡିହ ଅଞ୍ଚଳର ଶତ୍ରୁଘ୍ନ କିଶାନ(୩୯), ସୁନ୍ଦରଗଡ଼ ଟାଉନ ଥାନା କୁମୁଟିମୁଣ୍ଡା ଅଞ୍ଚଳର ସନ୍ତୋଷ କୌଡି(୪୮), ସୁନ୍ଦରଗଡ଼ ସଦର ଥାନା ଅଞ୍ଚଳର ଉଦୟନାଥ ପ୍ରଧାନ(୫୧) ଏବଂ ଜନ୍ମ ପେରୁଆ(୫୪)। ପୁଲିସ ସେମାନଙ୍କ ନିକଟରୁ ୭ ଲକ୍ଷ ୭୦ ହଜାର ୫୦ ଟଙ୍କା ଜବତ ସହ ଏକ କାର, ୧୦ଟି ମୋବାଇଲ୍ ଫୋନ୍, ଘୁଡଘୁଡି ପଟି, ଡାଇସ୍ (ଗୋଟି) ଏବଂ ଗ୍ୟାସ୍ ଲାଇଟ୍ ସମେତ ବିଭିନ୍ନ ଜୁଆ ସାମଗ୍ରୀ ଜବତ କରିଛି। ବେହେରାମାଲ ଗାଁର ଫୁଟବଲ୍ ପଡ଼ିଆରେ ଏକ ବଡଧରଣର ଜୁଆ ଆଡ୍ଡା ଚାଲିଥିଲା। ସୁନ୍ଦରଗଡ଼ ଏସପି ଅମ୍ରିତପାଲ କୌର ସୂଚନା ପାଇ ତୁରନ୍ତ ଛଢ଼ଉ ପାଇଁ ବଡଗାଁ ପୁଲିସକୁ ନିର୍ଦ୍ଦେଶ ଦେଇଥିଲେ। ବଡଗାଁ ଥାନା ଇନ୍ସପେକ୍ଟର ମହେନ୍ଦ୍ର ସାହୁ ସଦଳବଳେ ଜୁଆ ଆଡ୍ଡା ଉପରେ ଚଢ଼ଉ କରିଥିଲେ। ୮ ଜଣ ଜୁଆଡିଙ୍କୁ ପୁଲିସ କାବୁ କରିବାରେ ସକ୍ଷମ ହୋଇଥିଲା ବେଳେ ଆଉ କିଛି ଜୁଆଡି ସେଠାରୁ ଖସି ପଳାଇଥିଲେ।

# ଆଶାରେ ରହିଲା ବଣାଇଁବାସୀଙ୍କ ଏନ୍‌ଏସି ସ୍ୱପ୍ନ

**ବଣାଇଁ, ୨୫।୧୨(ସମିସ)**

ସରକାର ୧୪ଟି ଜିଲ୍ଲାର ୨୪ଟି ସହରକୁ ବିଧିବଦ୍ଧ ଭାବେ ଏନ୍‌ଏସି ଘୋଷଣା କରିବାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ହେଲେ ସୁନ୍ଦରଗଡ଼ ଜିଲ୍ଲା ବଣାଇବାସୀଙ୍କ ଦୀର୍ଘ ଦିନର ଏନ୍‌ଏସି ଦାବିକୁ ନେଇ ହୋଇଥିବା ପ୍ରଚେଷ୍ଟା ଶେଷରେ ସରକାରଙ୍କ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ବଣାଇଁ ବାସୀଙ୍କ ଅଧୁରା ସ୍ୱପ୍ନ ଆଶାରେ ହିଁ ରହିଯାଇଛି। ଯାହାକୁ ନେଇ ବଣାଇଁବାସୀଙ୍କ ମନରେ ଅସନ୍ତୋଷ ସୃଷ୍ଟି ହୋଇଛି। କାହିଁକି ବଣାଇଁ ବାସୀଙ୍କ ପ୍ରତି ସରକାରଙ୍କ ଉଦାସୀନତା ଓ ବୈମାତୃକ ମନୋଭାବ ଏ ପ୍ରଶ୍ନ ଆଜି ପ୍ରତ୍ୟେକ ବଣାଇଁ ବାସୀଙ୍କ ମନରେ ଉଙ୍କି ମାରୁଛି। ହଜାର ହଜାର କୋଟି ଟଙ୍କାର ରାଜସ୍ୱ ଦେଉଥିବା ବଣାଇଁ ମାଟି ଆଜି ସବୁଥାଇ ମଧ୍ୟ ଅବହେଳିତ। ଶିକ୍ଷା ସ୍ୱାସ୍ଥ୍ୟ, ଗମନାଗମନ, ରାସ୍ତା ଘାଟ, ବିଜୁଳି, ପାଣି ସବୁକିଛି ପାଇବାରେ ପଛୁଆ। ଗତ ସେପ୍ଟେମ୍ବର ମାସରେ ବିଜେପି ସରକାର ୨୮ଟି ନୂତନ ଏନ୍‌ଏସି ଘୋଷଣା କରିଥିଲେ। ସେଥିମଧ୍ୟରୁ ବଣାଇଁ ବାଦ୍ ପଡ଼ିଥିଲା। ଯାହାକୁ ନେଇ ସେ ସମୟରେ ବଣାଇଁରେ ଅନେକ ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବଣାଇଁ ବନ୍ଦ ମଧ୍ୟ ପାଳନ କରାଯାଇଥିଲା। ପରବର୍ତ୍ତୀ ସମୟରେ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ବଣାଇଁ ଏନଏସି କ୍ରିୟାନୁଷ୍ଠାନ କମିଟି ବଣାଇଁ ମାଟିର ପୁଅ ସୁନ୍ଦରଗଡ଼ ସାଂସଦ ତଥା କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ। କିଛି ଦିନ ପରେ ବଣାଇଁ ଏନ୍‌ଏସି ଘୋଷଣା କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ବଣାଇଁ ବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଯାହାକି ସେ ସମୟରେ ବିଭିନ୍ନ ଗଣମାଧ୍ୟମ ଓ ସୋସିଆଲ ମିଡିଆରେ ପ୍ରବଳ ମାତ୍ରାରେ ପ୍ରଚାର ହୋଇଥିଲା। ପରେ କ୍ରିୟାନୁଷ୍ଠାନ କମିଟି ସ୍ଥାନୀୟ ନେତୃତ୍ୱରେ ବହୁବାର ମୁଖ୍ୟମନ୍ତ୍ରୀ, ନଗର ଉନ୍ନୟନ ମନ୍ତ୍ରୀ ଓ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ମଧ୍ୟ ଦାବି ଉପସ୍ଥାପନା କରିଥିଲେ। ସମସ୍ତେ ଆଶା କରୁଥିଲେ ଦ୍ୱିତୀୟ ପର୍ଯ୍ୟାୟ ଘୋଷଣା ବେଳେ ନିଶ୍ଚିତ ବଣାଇଁର ନାଁ ରହିବ। ହେଲେ ଗତକାଲି ବଣାଇଁ ବାସୀଙ୍କ ସବୁ ଆଶା ଧୂଳିସାତ୍ ହୋଇଛି। ସରକାରଙ୍କ ଦଳରେ ଥିବା ସ୍ଥାନୀୟ ନେତୃ ମଣ୍ଡଳୀଙ୍କ ପାରିବା ପଣିଆ ଉପରେ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବଣାଇଁ ସହରକୁ ଲାଗି ୭ଟି କଳ କାରଖାନା, ଗମନାଗମନ ପାଇଁ ସମସ୍ତ ସୁବିଧା, ବ୍ରାହ୍ମଣୀ ନଦୀ ଉପରେ ୬ଟି ପୋଲ ବଣାଇଁ ସହରକୁ ସଂଯୋଗ କରିଛି। ସବୁ ସରକାରୀ ବିଭାଗର ମୁଖ୍ୟାଳୟ ଲୋକସଂଖ୍ୟା ୧୦ ହଜାରରୁ ଉର୍ଦ୍ଧ୍ୱ ଥିବା ସତ୍ତ୍ୱେ କାହିଁକି ସବୁଥିରେ ବଣାଇଁ ବାସୀ ଅବହେଳିତ ବୋଲି ଲୋକଙ୍କ ମନରେ ପ୍ରଶ୍ନ ଉଠିଛି।

**କେନ୍ଦ୍ରମନ୍ତ୍ରୀଙ୍କ ପ୍ରତିଶ୍ରୁତି ପାଣିର ଗାର**

**ବିଧାୟକଙ୍କ ଚେଷ୍ଟା ସତ୍ତ୍ୱେ ଶୁଣିଲେନି ସରକାର**



# ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ଦିବସ; ଚର୍ଚ୍ଚରେ ଭିଡ଼



ବାଲେଶ୍ୱର, ୨୫ ।୧୨(ସମିସ): ଡିସେମ୍ବର ୨୫ ତାରିଖକୁ ମହାପୁରୁଷ ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ଦିବସ ଅର୍ଥାତ ଖ୍ରୀଷ୍ଟମାସ ଭାବେ ସମଗ୍ର ବିଶ୍ୱରେ ପାଳନ କରାଯାଉଥିବା ବେଳେ ବାଲେଶ୍ୱରରେ ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ମଧ ଏହାକୁ ବେଶ୍ ଧୁମଧାମରେ ପାଳନ କରିଛନ୍ତି । ୨୪ତାରିଖ ମଧ ରାତ୍ରିରୁ ଜିଲ୍ଲାର ବିଭିନ୍ନ ଚର୍ଚ୍ଚରେ ପ୍ରଭୁ ଯୀଶୁଙ୍କ ଜନ୍ମ ଉତ୍ସବକୁ ବେଶ ଶ୍ରଦ୍ଧାର ସହ କରିଛନ୍ତି । ୨୫ତାରିଖ ସକାଳଠାରୁ ବାଲେଶ୍ୱର ସହରର ଦୁଇଗୋଟି ପ୍ରମୁଖ ଗୀର୍ଜା ଯଥା ବିବେକାନନ୍ଦ ମାର୍ଗସ୍ଥିତ କ୍ୟାଥୋଲିକ ଚର୍ଚ୍ଚ ଓ କଚେରି ରୋଡର ବାପିଷ୍ଟ ଚର୍ଚ୍ଚରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା । ଖ୍ରୀଷ୍ଟଧର୍ମାବଲମ୍ବୀମାନେ ଚର୍ଚ୍ଚରେ ଆୟୋଜିତ ସାମୂହିକ ବାଇବେଲ ପାଠ ସାଙ୍ଗକୁ କ୍ୟାଣ୍ଡେଲ ଜାଳି ପ୍ରଭୁଯିଶୁଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା କରିଥିଲେ । ସନ୍ଧ୍ୟାରେ ଚର୍ଚ୍ଚରେ ସୁସଜ୍ଜିତ ଆଲୋକମାଳା ସହିତ ଆୟୋଜିତ ଖ୍ରୀଷ୍ଟମାସ ଟ୍ରି, ସାନ୍ତାକ୍ଲୁଜ୍‌ର ଡ୍ରେସ ପରିଧାନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ୍ ମନମୁଗ୍ଧକର ହୋଇଥିଲା ।

# ଡ୍ରିମ୍ ଇଣ୍ଡିଆ ଇଣ୍ଟରନ୍ୟାସନାଲ୍ ସ୍କୁଲରେ ଖ୍ରୀଷ୍ଟମାସ୍ ଦିବସ




ବାଲେଶ୍ୱର, ୨୫।୧୨(ସମିସ): ସହଦେବଖୁଣ୍ଟା ଅଞ୍ଚଳସ୍ଥିତ ଡ୍ରିମ୍ ଇଣ୍ଡିଆ ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ରେ ଆଜି ଖ୍ରୀଷ୍ଟମାସ ଦିବସ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ସଫଳତାର ସହିତ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅନନ୍ତ କାନନ୍ ମୁଖ୍ୟବକ୍ତା ଭାବେ ଓ ଡ଼ି. ପଞ୍ଚାବର୍ଣ୍ଣମ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖ୍ରୀଷ୍ଟମାସର ମୂଳ ଶିକ୍ଷା, ପ୍ରେମ, ଶାନ୍ତି, ଦୟା ଓ ସହଯୋଗ, ଉପରେ ମୂଲ୍ୟବାନ ମତାମତ ରଖିଥିଲେ । ବିଦ୍ୟାଳୟର ନିର୍ଦ୍ଦେଶିକା ଓ ପ୍ରଧାନ ଶିକ୍ଷିକା ଜ୍ୟୋତ୍ସ୍ନା ରାଣୀ ପ୍ରଧାନ ଶିଶୁମାନଙ୍କ ସାର୍ବାଙ୍ଗୀନ ବିକାଶ, ଶିକ୍ଷାର ଶୃଙ୍ଖଳା ଓ ଚରିତ୍ର ଗଠନ ଉପରେ ଗୁରୁତ୍ୱ ଆରୋପ କରି ପ୍ରେରଣାଦାୟକ ଉଦବୋଧନ ଦେଇଥିଲେ । କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଭାବେ 'ଜିଙ୍ଗଲ୍ ବେଲ୍' ଗୀତରେ ଅଖିଳେଶ କାନନ୍ ଓ ଅଭିଷେକ କାନନ୍‌ଙ୍କ ନୃତ୍ୟ ପ୍ରଦର୍ଶନ । ଶିକ୍ଷକ ଚନ୍ଦ୍ରକାନ୍ତ ରାଉତ, ରତନ ଘୋଷ, କରିସ୍ମା ମୁର୍ମୁ, ସସ୍ମିତା ପାହାଡା ସିଂହ, ଶ୍ରୀମତୀ ଦଳାଇ, ଆଦ୍ୟାଶା ପ୍ରଧାନ, ରିତିକା ସୋମ୍, ଅଦିତି ପାତ୍ର, ସୁଶ୍ରୀ ସଙ୍ଗୀତା କର, ଲଳିତା ପାଣ୍ଡେ ଓ ମନିଷା ସୋ ସକ୍ରିୟ ଭୂମିକା ନିଭାଇଥିଲେ ।

# ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପକ୍ଷରୁ କବିତା ଚର୍ଚ୍ଚା



ବାଲେଶ୍ୱର, ୨୫।୧୨(ସମିସ): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପକ୍ଷରୁ ଉପସଭାପତି ନିରଞ୍ଜନ ରାଜତଙ୍କ ପୌରହିତ୍ୟରେ ସ୍ରଷ୍ଟା ନାଟ୍ୟାଳୟ ପ୍ରେକ୍ଷାଳୟରେ ଦିବଂଗତ କବି ଡ. ବଂଶଧର ଚୌଧୁରୀଙ୍କ କବିତା ପୁସ୍ତକଗୁଡ଼ିକର ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ 'ଅକ୍ଷାଂଶ' ସମ୍ପାଦକ ଡ. ହରିଶ୍ଚନ୍ଦ୍ର ବେହେରା, ବରିଷ୍ଠ ଗବେଷକ ଡ. ଶିରୀଶ ଚନ୍ଦ୍ର ଜେନା, ଗାଳ୍ପିକ ପ୍ରଦୀପ ଚାଟାର୍ଜୀ ଓ କବି ଦୀପକ ଦୋଷ ବକ୍ତା ଭାବରେ ଯୋଗଦେଇ ସ୍ୱର୍ଗତ କରି ଡ. ଚୌଧୁରୀଙ୍କ ରଚିତ ନଅଗୋଟି କବିତା ପୁସ୍ତକ ସମ୍ପର୍କରେ ଆଲୋଚନା କରିଥିଲେ । ସଂଗଠନ ସମ୍ପାଦକ ତପନ ରାୟ ପ୍ରାକ୍ ବକ୍ତବ୍ୟରେ କବିଙ୍କ ମୃତ୍ୟୁର କିଛିଦିନ ପୂର୍ବରୁ ତାଙ୍କ ସହିତ ହୋଇଥିବା ସାକ୍ଷାତ୍ ଆଲୋଚନାକୁ ମନେପକାଇ ତାଙ୍କ ପ୍ରତି ନିଜର ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । କବିଙ୍କ ଏକ କବିତାକୁ ଅନୁଷ୍ଠାନ ସମ୍ପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ସଙ୍ଗୀତର ରୂପ ଦେଇଥିବା ବେଳେ ତାହାକୁ କଲ୍ୟାଣୀ ନନ୍ଦ ଗାନ କରିଥିଲେ । ଯୁଗ୍ମ ସମ୍ପାଦନ ଜୁମରନାଥ ପାତ୍ର ମଞ୍ଚ ଆବାହନ ଓ ଅନ୍ୟତମ ଯୁଗ୍ମ ସମ୍ପାଦକ ଶାନ୍ତିଲତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଞ୍ଜଳି ପଣ୍ଡା, ଶରତ ମହାପାତ୍ର, ଦୀପକ ଦାସ, ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳ, ଭାସ୍କରଚନ୍ଦ୍ର ମିଶ୍ର, ଶର୍ମିଳା ନାୟକ, ରମାକାନ୍ତ ମହାନ୍ତି, ପୁଷ୍ପଲତା ଚକ୍ରବର୍ତ୍ତୀ, କରୁଣାକର ସ, ବାସନ୍ତୀ ଦେ, ବେଣୁଧର ସାହି ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବି ଜୋର ଧରିଲା

ବାଲେଶ୍ୱର, ୨୫ ।୧୨(ସମିସ)



ବାଲେଶ୍ୱର ଜିଲ୍ଲାରେ ଏକ ସରକାରୀ କୃଷି ମହାବିଦ୍ୟାଳୟ ଓ କୃଷି ଗବେଷଣାକ୍ଷେତ୍ର ପ୍ରତିଷ୍ଠା ଦାବି ନେଇ ଗତ ୪ବର୍ଷ ଧରି ଜିଲ୍ଲାବାସୀ ଦାବି ଓ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିଆସୁଛନ୍ତି । ରାଜ୍ୟ ସରକାର ଅନ୍ୟ ଜିଲ୍ଲାମାନଙ୍କରେ କୃଷି ସମ୍ପର୍କିତ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ପାଇଁ ନୀତିଗତ ନିଷ୍ପତ୍ତି ନେଇଥିବା ବେଳେ ଏଥିରୁ ବାଲେଶ୍ୱର ଜିଲ୍ଲାକୁ ବାଦ ଦିଆଯାଇଛି । ଏଥିପାଇଁ କୃଷିଭିତିକ ଏକ ଜିଲ୍ଲା ଭାବେ ବାଲେଶ୍ୱରବାସୀଙ୍କୁ ନିରାଶ କରିଛି । କୃଷି ଉଚ୍ଚଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ପାଇଁ ଗଠିତ ସରକରୀ କୃଷି ମହାବିଦ୍ୟାଳୟ କ୍ରିୟାନୁଷ୍ଠାନ ସମିତିର ଏକ ଜରୁରୀ ବୈଠକ ଡ. କେଶବ ଚରଣ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଆସନ୍ତା ବିଧାନସଭାର ବଜେଟ ଅଧିବେଶନ ସମୟରେ ଭୁବନେଶ୍ୱରରେ ଗଣଧାରଣା ପ୍ରସ୍ତାବ ଗୃହୀତ ହୋଇଛି । ଆଲୋଚନାରେ ଅଂଶଗ୍ରହଣ କରି ସମିତିର ସାଧାରଣ ସମ୍ପାଦକ ଅଭୟ ଚନ୍ଦ୍ରମିଶ୍ର, ହରନାରାୟଣ ମଡୁଆଳ, ନିରଞ୍ଜନ ପରିଡ଼ା, ନିରଞ୍ଜନ ରାଉତ, ଅପର୍ଣ୍ଣା ମହାପାତ୍ର, ଭାସ୍କର ଚନ୍ଦ୍ର ପାଢ଼ୀ, ବିରେନ୍ଦ୍ର ନାରାୟଣ ପ୍ରହରାଜ, ସୀତାରାମ ପ୍ରଧାନ, କ୍ଷିତୀଶ୍ୱର ଦାଶ, ସରସ୍ୱତୀ ପଣ୍ଡା, ଯୋଗେଶ ଚନ୍ଦ୍ର ପ୍ରଧାନ, ଶଚୀନ୍ଦ୍ର ଦାସ ଓ ଭାଗୀରଥୀ ମହାନ୍ତି ରାଜ୍ୟ ସରକାର ବାଲେଶ୍ୱର ଜିଲ୍ଲାବାସୀଙ୍କ ଦାବିପ୍ରତି ଅବହେଳା ମନୋଭାବକୁ ଦୃଢ ସମାଲୋଚନା କରିଥିଲେ । ୧୦ଟି ବ୍ଲକରେ ସ୍ଥାନୀୟ କୃଷକ ଓ ସଚେତନ ଜନସାଧାରଣ ଶାନ୍ତିପୂର୍ଣ୍ଣ ପ୍ରତୀକ ଗଣଧାରଣା ପ୍ରଦର୍ଶନ ପୂର୍ବକ ସ୍ଥାନୀୟ ସରକାରୀ ଅଧିକାରୀଙ୍କ ଜରିଆରେ

**ଆସନ୍ତା ବିଧାନସଭା ଅଧିବେଶନରେ ଗଣଧାରଣା ନିଷ୍ପତ୍ତି**

କୃଷିମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ବୋଲି କର୍ମକର୍ତ୍ତା ବୈଠକରେ ପ୍ରକାଶ କରିଥିଲେ । ନୂଆବର୍ଷ ଆରମ୍ଭରୁ ଆଗାମୀ ଆନ୍ଦୋଳନର ସଫଳତା ପାଇଁ ଜିଲ୍ଲା, ବ୍ଲକ ଓ ପଞ୍ଚାୟତ ସ୍ତରରେ ବୈଠକ ଜରିଆରେ ଜନସଚେତନତା ସୃଷ୍ଟି ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ଶେଷରେ ସଂଯୁକ୍ତା ବେହେରା ଧନ୍ୟବାଦ ଦେଇଥିଲେ ।

# ସୁଲଗ୍ନା ପବ୍ଲିକ ସ୍କୁଲ ଓ କଲେଜର ବାର୍ଷିକ ଉତ୍ସବ

ବାଲେଶ୍ୱର, ୨୫।୧୨(ସମିସ): ବୁଦ୍ଧିମତ୍ତା ଓ ହୃଦୟବତ୍ତାର ସମନ୍ୱୟକୁ ନେଇ ମଣିଷ ପୂର୍ଣ୍ଣାଙ୍ଗ ବ୍ୟକ୍ତିତ୍ୱ ଲାଭ କରି ପାରିଥାଏ ଏବଂ ଉପଯୁକ୍ତ ଶିକ୍ଷା ଦ୍ୱାରା ଏହା ସମ୍ଭବ ବୋଲି ବାଲେଶ୍ୱର ସହର ସ୍ଥିତ ସୁଲଗ୍ନା ପବ୍ଲିକ ସ୍କୁଲ ଓ ସୁଲଗ୍ନା କଲେଜର ବାର୍ଷିକଉତ୍ସବରେ ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ବିଜୟ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରକାଶ କରିଛନ୍ତି । ସୁଲଗ୍ନା ଗ୍ରୁପ ଅଫ ଇନଷ୍ଟିଚ୍ୟୁସନସ୍ ପ୍ରତିଷ୍ଠାତା ଚେୟାରମେନ ଘନଶ୍ୟାମ ବିଶ୍ୱାଳ ପୌରହିତ୍ୟ କରିଥିଲେ । ମୁଖ୍ୟବକ୍ତା ଭାବେ ନ୍ୟୁଜିଲାଣ୍ଡବାସୀ ଡ. ମଦନ ମୋହନ ସେଠୀ, ଆଇଏଫଏସ (କନସୋଲେଟ ଜେନେରାଲ, ଇଣ୍ଡିଆ) ଯୋଗ ଦେଇ ସୁଲଗ୍ନା ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ୍ସର ନିଆରା ଶିକ୍ଷାଦାନ ଶୈଳୀକୁ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ଭାବେ ବାଲେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଅତିରିକ୍ତ ତହସିଲଦାର କୃଷ୍ଣ ମୋହନ ସିଂହ, ବରିଷ୍ଠ କବି ପ୍ରଶାନ୍ତ ଦାସ, 'ଅପରାହ୍ନ' ସମ୍ପାଦକ ବଂଶୀଧର ଜେନା, ସୁଲଗ୍ନା ବିଜ୍ଞାନ ଡିଗ୍ରୀ କଲେଜର ପ୍ରିନ୍ସିପାଲ ଧରଣୀଧର ଘୋଷ, ଯୁକ୍ତ ଦୁଇ ପ୍ରିନ୍ସିପାଲ ପ୍ରଫେସର ଚକ୍ରଧର ସାହୁ ଏବଂ ସୁଲଗ୍ନା ପବ୍ଲିକ ସ୍କୁଲର ପ୍ରିନ୍ସିପାଲ ମଧୁସ୍ମିତା ଦାସ ଯୋଗ ଦେଇଥିଲେ । ଉଲ୍ଲେଖନୀୟ ଭୂମିକା ପାଇଁ ବିଶିଷ୍ଟ ଚିକିତ୍ସକ ଡା. ଜ୍ଞାନ ରଞ୍ଜନ ବେହେରା, ସଦର ବାଲେଶ୍ୱରର ଏସଡିପିଓ ଶୁଭ୍ରାଂଶୁ ଶେଖର ନାୟକ, ସମାଜସେବୀ ସିମନ ଦାସ ମହାପାତ୍ର ଓ ପ୍ରସ୍ତର ଶିଳ୍ପୀ ଉପେନ୍ଦ୍ର ନାଥ ଗିରିଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଅତିଥି ମାନଙ୍କ ଦ୍ୱାରା ସୁଲଗ୍ନା ଗ୍ରୁପର ପରିଚାଳନା ନିର୍ଦ୍ଦେଶିକା ସୋମା ବିଶ୍ୱାଳଙ୍କ ସମ୍ପାଦିତ ବାର୍ଷିକ ଉତ୍ସବର ମୁଖପତ୍ର 'ସୁଲଗ୍ନା' ଉନ୍ମୋଚିତ ହେବା ସହ ପ୍ରଫେସର ଗଜେନ୍ଦ୍ର ପ୍ରସାଦ ମହାନ୍ତିଙ୍କ ଦ୍ୱାରା ଅନୁଦିତ ଶ୍ରୀମଦ୍ ଭଗବତ ଗୀତା ପୁସ୍ତକ ଲୋକାର୍ପିତ ହୋଇଥିଲା । ସଞ୍ଜୀବ ମିର୍ଦ୍ଧା, ରମେଶ ଚନ୍ଦ୍ର ବିଶ୍ୱାଳ, ଜଗଦୀଶ କୁମାର ସିଂହ, ସୌମ୍ୟ ରଞ୍ଜନ ପାଣିଗ୍ରାହୀ, ଶୁଭେନ୍ଦୁ ଦିଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।



# ଅଟଳ ସ୍ମୃତି ସମ୍ମିଳନୀ



ବାଲେଶ୍ୱର, ୨୫।୧୨(ସମିସ): ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀରେ ବିଜେପି ପକ୍ଷରୁ ଅଟଳ ସ୍ମୃତି ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଆଜି ଜିଲ୍ଲା କାର୍ଯ୍ୟାଳୟରେ ଉକ୍ତ ସମ୍ମେଳନକୁ ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ସଂଯୋଜନା କରିଥିଲେ । ମୁଖ୍ୟ ଅତିଥି ଭାବେ ଶାସକ ଦଳର ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର ଓ ମୁଖ୍ୟ ବକ୍ତା ଭାବେ ପୂର୍ବତନ ଜିଲ୍ଲା ସଭାପତି ଲମ୍ବୋଦର ନାୟକ ବାଜପେୟୀ ଜୀଙ୍କ ବାଲ୍ୟ କାଳରୁ ପ୍ରଧାନମନ୍ତ୍ରୀ ହେବା ପର୍ଯ୍ୟନ୍ତ ପ୍ରତ୍ୟେକ ସୋପାନ ଉପରେ ଆଲୋକପାତ କରିଥିଲେ । ଜିଲ୍ଲା ସାଧାରଣ ସମ୍ପାଦକ ଚନ୍ଦ୍ରଶେଖର ନନ୍ଦ, ଜିଲ୍ଲା ଉପସଭାପତି ବିଜୟ ସାହୁ, ଜିଲ୍ଲା ସମ୍ପାଦକ ଚିତ୍ତରଞ୍ଜନ ପଣ୍ଡା ଓ ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ ସଭାକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ । ରାଜ୍ୟ ମହିଳା ମୋର୍ଚ୍ଚାର ନେତ୍ରୀ ସୁଷମା ରାଣୀ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ ।

# ମଡର୍ଣ୍ଣ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ



ବାଲେଶ୍ୱର, ୨୫।୧୨(ସମିସ): ମେଘଡମ୍ବରୁସ୍ଥିତ ମଡର୍ଣ୍ଣ ପବ୍ଲିକ ସ୍କୁଲର ୨୭ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଇମାମି ପେପର୍ ମିଲର ସିନିୟର୍ ପ୍ରେସିଡେଣ୍ଟ ଆଶିଷ ଗୁପ୍ତା ଯୋଗଦେଇ ପିଲାମାନଙ୍କର ମାନସିକ ଓ ବୌଦ୍ଧିକ ଦିଗରେ ପିତାମାତାଙ୍କର ଅଗ୍ରଣୀ ଭୂମିକା ରହିଛି ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପୁରାତନ ଛାତ୍ର ପ୍ରତୀକ କୁମାର ଦାସ ଯୋଗ ଦେଇଥିଲେ । ବିଦ୍ୟାଳୟର ଚେୟାରମେନ ସୁଶୀଲ ରାଠୀ, ବିଦ୍ୟାଳୟର ସାଧାରଣ ସମ୍ପାଦକ ଶଶୀଭୂଷଣ ମିଶ୍ର, ସଭାପତି ସୁନୀଲ କୁମାର ମୋଦୀ, ଯୁଗ୍ମ ଚେୟାରମେନ ସଞ୍ଜୟ ଦାସ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ବିଦ୍ୟାଳୟର ଅଧକ୍ଷା ପ୍ରଜ୍ଞା ପରିମିତା ପୃଷ୍ଟି ବାର୍ଷିକ ବିବରଣୀ ପାଠ କରିଥିଲେ । ଶିକ୍ଷୟିତ୍ରୀ ପଲ୍ଲବୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ବରିଷ୍ଠ ଶିକ୍ଷକ ବନୋଜ ପରିଡ଼ା, ଅଜେଶ କିରଣ ଦାସ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଶ୍ରଦ୍ଧାଞ୍ଜଳି ସଭା

ବାଲେଶ୍ୱର, ୨୫।୧୨(ସମିସ): ଦୁର୍ଗାପୂଜା କମିଟି ମଠସାହିର ଆଜୀବନ ସଦସ୍ୟ ସ୍ୱର୍ଗତ ଦତ୍ତଙ୍କ ବିୟୋଗରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି । ସମ୍ପାଦକ ଦୀନବନ୍ଧୁ ଲେଙ୍କାଙ୍କ ପୌରୋହିତ୍ୟରେ ପୂଜା ମଣ୍ଡପରେ ଅନୁଷ୍ଠିତ ସଭାରେ ଉପସଭାପତି ସୁଖମୟ ଦାସ, କୋଷାଧ୍ୟକ୍ଷ ରମାକାନ୍ତ ମହାନ୍ତି, ସଭ୍ୟ ଯଯାତି ମହାନ୍ତି, ଅଶୋକ ସାହୁ, ପ୍ରଫୁଲ୍ଲ ନାୟକ, ଲକ୍ଷ୍ମୀଧର ବେହେରା, ଲଲାଟେନ୍ଦୁ ପତି, ସମୀର ରାଉତ, ବୀରେନ୍ଦ୍ର ପାଣିଗ୍ରାହୀ, ବିଭୂଦତ୍ତ କର, ପ୍ରାଣକୃଷ୍ଣ ମହାପାତ୍ର, ଅକ୍ଷୟ ମହାନ୍ତି ଉପସ୍ଥିତ ରହି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।

# ସାଇ ପରିବାର ପକ୍ଷରୁ ରକ୍ତଦାନ ଶିବିର

ବାଲେଶ୍ୱର, ୨୫।୧୨(ସମିସ): ସ୍ୱେଚ୍ଛାସେବୀ ଅନୁଷ୍ଠାନ ସାଇ ପରିବାର ତଥା କଂଗ୍ରେସର ଯୁବନେତା ସରୋଜ ଲେଙ୍କା ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । କଂଗ୍ରେସ ଭବନରେ ଆୟୋଜିତ ଶିବିରକୁ ରକ୍ତ ଭଣ୍ଡାର ଅଧିକାରୀ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟ, ବରିଷ୍ଠ କଂଗ୍ରେସ ନେତା ପଦ୍ମଲୋଚନ ଲେଙ୍କା ଏବଂ ଶ୍ରୀ ଲେଙ୍କାଙ୍କ ମା ସ୍ନେହଲତା ଲେଙ୍କା ମିଳିତ ଭାବେ ଉଦ୍‌ଘାଟନ କରିଥିଲେ । ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ସଞ୍ଜୀବ ଗିରି, ଯୁବ ସଭାପତି ରଞ୍ଜନ ଦାସ, ଗୋପୀନାଥ ପାଢ଼ୀ, ଶ୍ରୀକାନ୍ତ ବୁଗୁଡାଇ, ଅର୍ଚ୍ଚନା ନନ୍ଦୀ, ସେଖ ଅସଗର ଅଲ୍ଲି, ସାହେବା ଅଖତର, ଲୋକନାଥ ରାଉଳ, ଜ୍ଞାନେନ୍ଦ୍ର ମହାନ୍ତି, ସେଖ ସମସୁଦ୍ଦିନ, କମରୁଲ ଅଲ୍ଲୀ ଖାନ, ବିଦ୍ୟାଧର ମହାନ୍ତି, ସେଖ ମହେମୁଦ ପ୍ରମୁଖ ଉପସ୍ଥିତ ଥିଲେ ।

# ବାଲେଶ୍ୱର ରେଳ ଷ୍ଟେସନରେ ପ୍ରସାରିତ ହେବନି ବିଜ୍ଞାପନ

ବାଲେଶ୍ୱର, ୨୫।୧୨(ସମିସ): ବାଲେଶ୍ୱର ରେଳ ଷ୍ଟେସନରେ ବଜାଉଥିବା ବିଜ୍ଞାପନ ଅଡିଓ ଜିଙ୍ଗଲ୍ସର ଟେଣ୍ଡରକୁ ରେଳ କର୍ତ୍ତୃପକ୍ଷ ବାତିଲ କରିଦେଇଛନ୍ତି । ରେଳ ଘୋଷଣା ବ୍ୟବସ୍ଥା ମାଧ୍ୟମରେ ଅନାବଶ୍ୟକ ବିଜ୍ଞାପନ ଅଡିଓ ବଜାଇବା ଯୋଗୁଁ ଯାତ୍ରୀମାନଙ୍କୁ ଅସୁବିଧା ହେଉଥିବା ସମ୍ପର୍କରେ ରେଳ ମଦତ୍ ଏବଂ ଅନ୍ୟାନ୍ୟ ମାଧ୍ୟମରେ ଯାତ୍ରୀମାନଙ୍କଠାରୁ ଅନେକ ଅଭିଯୋଗ ଆସିଥିଲା । କିଛି ଯାତ୍ରୀ ସେମାନଙ୍କ ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ଟ୍ରେନ୍ ଘୋଷଣା ହଜିଯିବା ତଥା ଜାଣିନପାରିବା ବିଷୟରେ ଅଭିଯୋଗ କରିଥିଲେ । ଏହି ସମସ୍ତ ଅଭିଯୋଗକୁ ଆଧାର କରି ଖଡ଼ଗପୁର ଡିଭିଜନ କର୍ତ୍ତୃପକ୍ଷ ଯାତ୍ରୀଙ୍କ କଲ୍ୟାଣ ପାଇଁ ଏଜେନ୍ସିର ଚୁକ୍ତିନାମା ବାତିଲ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏବେ ଷ୍ଟେସନ ଘୋଷଣା ବ୍ୟବସ୍ଥା ମାଧ୍ୟମରେ କେବଳ ଉପଯୁକ୍ତ ରେଳ ସମ୍ପର୍କିତ ଘୋଷଣା ପ୍ରସାରିତ ହେବ ଏବଂ ବାଲେଶ୍ୱର ଷ୍ଟେସନରେ କୌଣସି ବିରକ୍ତିକର ବିଜ୍ଞାପନ ପ୍ରସାରିତ ହେବ ନାହିଁ ।






# ଜବରଦଖଲ ଉଚ୍ଛେଦ ପରେ ଭଙ୍ଗା ସାମଗ୍ରୀ ବୋହିନେଲେ କବାଡ଼ିଆ





ବାଲେଶ୍ୱର, ୨୫ ।୧୨(ସମିସ)

ବାଲେଶ୍ୱର ସହରରେ ମୁଖ୍ୟ ରାସ୍ତା ତଥା ଷ୍ଟେସନ ଛକ ଠାରୁ ଫକୀରମୋହନ ଗୋଲେଇ ପର୍ଯ୍ୟନ୍ତ ବୁଧବାର ଜବର ଦଖଲ ଉଚ୍ଛେଦ କରାଯାଇଥିଲା । ବୁଧବାର ରାତି ଯାଏଁ ଏହି ଉଚ୍ଛେଦ ହୋଇଥିଲା । ପାଖାପାଖି୧୮୪ଟିରୁ ଅଧିକ ଦୋକାନ ଭଙ୍ଗାଯାଇଥିଲା । ଏବେ କବାଡ଼ିଆ ସେଠାରେ ଭିଡ଼ ଜମାଇ ଭଙ୍ଗା ସାମଗ୍ରୀ ଗାଡ଼ିରେ ବୋହି ନେଉଛନ୍ତି ।

ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଷ୍ଟେସନ ଛକରୁ ଫକୀରମୋହନ ଗୋଲେଇ ପର୍ଯ୍ୟନ୍ତ ରାସ୍ତାରେ ଜବରଦଖଲରେ ଥିବା ତିନୋଟି ମାର୍କେଟ କମ୍ପ୍ଲେକ୍ସ ସମେତ ଅନ୍ୟାନ୍ୟ ଦୋକାନ ଗୁଡିକୁ ଭଙ୍ଗା ହୋଇଛି । ଏହାରି ମଧ୍ୟରେ କବାଡିଆଙ୍କ ପାଇଁ ପୁଷମାସ ସଦୃଶ ହୋଇଛି । ଘର ଭଙ୍ଗା ହୋଇଯିବା ପରେ ସେମାନେ ଗତ କାଲି ରାତି ଠାରୁ ଆଜି ପର୍ଯ୍ୟନ୍ତ ବିଭିନ୍ନ ସାମଗ୍ରୀ ଗାଡିରେ ନେଇଯାଉଥିବା ଦେଖିବାକୁ ମିଳିଛି । ଏପରିକି ଆଜି ସକାଳେ ପୁଲିସ ଆସି ସେମାନଙ୍କୁ ତାଗିଦ କରିଥିଲେ ମଧ୍ୟ ପୁଲିସ ଯିବା ପରେ ପୁଣି ସେମାନେ ଗାଡିରେ ବିଭିନ୍ନ ଦୋକାନର ସଟର, ଲୁହା ରଡ ଠାରୁ ଆରମ୍ଭ କରି ବିଭିନ୍ନ ସାମଗ୍ରୀ ନେଉଥିବା ଜଣାଯାଇଛି । ଏହାକୁ ଲକ୍ଷାଧିକ ଟଙ୍କାରେ ବିକ୍ରି ହେଉଥିବା ମଧ ଶୁଣିବାକୁ ମିଳୁଛି । ଏହାଛଡା ବିଭିନ୍ନ ଦୋକାନର ଲୁହାର ବିଭିନ୍ନ ସମାଗ୍ରୀ ସବୁ ଗାଡି ଯୋଗେ ଲୋଡ କରି ନେଉଥିବା ଦେଖିବାକୁ ମିଳିଛି ।

**ପୁଲିସକୁ ମାନିନେଲେ**

ସୂଚନା ଯୋଗ୍ୟ ଯେ, ହାଇକୋର୍ଟ ଚଳିତ ମାସ ୯ ତାରିଖରେ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପ୍ରଶାସନ କୋର୍ଟଙ୍କ ଆଦେଶ ଅନୁସାରେ ଜବରଦଖଲ ଉଚ୍ଛେଦ କାର୍ଯ୍ୟ କରିଛି । ବିଶେଷ କରି ଜିଲ୍ଲା ପ୍ରଶାସନ ରାସ୍ତାରୁ ୧୮ ମିଟର ମଧ୍ୟରେ ଆସୁଥିବା ସମସ୍ତ ଜବରଦଖଲ ଘରକୁ ଭଙ୍ଗାଯାଇଛି । ଉପଜିଲ୍ଲାପାଳ ଶିବ ମାଲବ୍ୟଙ୍କ ନେତୃତ୍ୱରେ ଏହି ଜବରଦଖଲ ଉଚ୍ଛେଦ କରିବା ପାଇଁ ମୋଟ ୩ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିବା ବେଳେ ଜଣେ ଆଡିସିନାଲ ଏସପି, ୭ଜଣ ଜଣ ଡିଏସପି, ୫ଜଣ ଇନସପେକ୍ଟର ନିୟୋଜିତ ହୋଇଥିଲେ ।

## ଚତୁର୍ଦ୍ଦଶ ଡେରାବିଶ ମହୋତ୍ସବ ଉଦ୍‌ଘାଟିତ



**ଡେରାବିଶ, ୨୫।୧୨(ସମିସ):** ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଦୁମୁକାହାଟସ୍ଥିତ ମିନି ଷ୍ଟାଡିୟମରେ ଡେରାବିଶ ସାଂସ୍କୃତିକ ସଂଗଠନ ଓ ଜିଲ୍ଲା ପ୍ରଶାସନ ମିଳିତ ସହଯୋଗରେ ଗୁରୁବାର ସନ୍ଧ୍ୟାରେ ଚତୁର୍ଦ୍ଦଶ ଡେରାବିଶ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ସାଂସ୍କୃତିକ ସଂଗଠନ ସଭାପତି ଡ. ଭକ୍ତକବି ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ମୁଖ୍ୟବକ୍ତା ଭାବେ ଜିଲ୍ଲାପାଳ ରଘୁରାମ ଆର ଆୟର ଯୋଗଦେଇ ଡେରାବିଶ ତଥା କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରାଚୀନ ଐତିହ୍ୟ, ସଂସ୍କୃତିକୁ ଉଜ୍ଜୀବିତ ରଖିବା ପାଇଁ ମହୋତ୍ସବ ସ୍ୱତନ୍ତ୍ର ଭୂମିକା ଗ୍ରହଣ କରିଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ତହସିଲଦାର ସରୋଜକାନ୍ତ ନାୟକ ଓ ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର ଯୋଗଦେଇଥିଲେ। ଅତିଥିମାନେ ମହୋତ୍ସବ କମିଟି ପକ୍ଷରୁ ବିଶେଷାଙ୍କ 'ଦିଗ୍‌ଦର୍ଶିନୀ' ଉନ୍ମୋଚନ କରିଥିଲେ। ସଂଗଠନ ସମ୍ପାଦକ ସରୋଜ କୁମାର ଦାଶ ସ୍ୱାଗତ ଭାଷଣ, ଈଶ୍ୱର ଚନ୍ଦ୍ର ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିଲେ। ଶ୍ରୀ ଦଧିବାମନଜୀଉଙ୍କ ମନ୍ଦିରରୁ ଶୋଭାଯାତ୍ରାରେ ମଶାଲ ଅଣାଯାଇ ମହୋତ୍ସବ ମଣ୍ଡପରେ ସ୍ଥାପନ କରାଯାଇଥିଲା। ପରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ନୃତ୍ୟଗୀତ ପରିବେଷଣ କରାଯାଇଥିଲା। ସାଂସ୍କୃତିକ ସଂଗଠନ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଭିତରକନିକାରୁ ଫେରିବା ବେଳେ ଯୁବତୀମାନଙ୍କୁ ଅସଦାଚରଣ

**ରାଜନଗର, ୨୫।୧୨(ସମିସ):** ଭିତରକନିକା ଜାତୀୟଉଦ୍ୟାନର ଶୋଭା ଉପଭୋଗ କରି ଫେରିବା ବାଟରେ ଯୁବତୀମାନଙ୍କୁ ଅସଦାଚରଣ କରାଯାଇଥିବା ରାଜନଗର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ରାଜନଗର ଅଞ୍ଚଳର ୬ଜଣ ଝିଅ ତାଙ୍କର ଜଣେ ସମ୍ପର୍କୀୟ ଭାଇଙ୍କ ସହିତ ଭିତରକନିକା ବୁଲିବାକୁ ଯାଇଥିଲେ। ଗୁପ୍ତିରୁ ବୋଟ ଯୋଗେ ଭିତରକନିକା ଯାଇ ଅପରାହ୍ନ ପ୍ରାୟ ୪ଟାରେ ବାଇକ୍ ଓ ସ୍କୁଟି ଯୋଗେ ରାଜନଗର ଫେରୁଥିଲେ। ତେବେ ରାଜନଗର-ଗୁପ୍ତି ରାସ୍ତାର ଭାଟସାହି (କୁଣ୍ଡୁପଙ୍ଗରା) ନିକଟରେ ରାଜନଗର ଥାନା ବଡ଼ନାଉକୋଣା ଗାଁର ବିଚିତ୍ର ସେଠୀଙ୍କ ପୁଅ ଶତକ ସେଠୀ ମନ୍ଦ ଉଦ୍ଦେଶ୍ୟ ରଖି ସେମାନଙ୍କ ମଧ୍ୟରୁ ଜଣଙ୍କୁ ବାରମ୍ବାର ଫୋନ କରିଥିଲା। ଫୋନ ନ ଉଠାଇବାରୁ ସମ୍ପର୍କୀୟ ଭାଇଙ୍କୁ ଫୋନ କରିଥିଲା। ତେବେ ସେମାନେ ଭିତରକନିକାରୁ ଫେରୁଥିବା ଜାଣି ଭାଟସାହି ନିକଟରେ ଶତକ ସେଠୀଙ୍କ ସହ ପ୍ରାୟ ୧୦ ଜଣ ଅସାମାଜିକ ଯୁବକ ସେମାନଙ୍କ ଗାଡ଼ି ଅଟକାଇ ଅଶ୍ଳୀଳ ଭାଷାରେ ସମସ୍ତଙ୍କୁ ଗାଳିଗୁଲଜ କରିଥିଲା। ସମ୍ପର୍କୀୟ ଭାଇ ଶୁଭମ ରାଉତ ଏହାକୁ ବିରୋଧ କରିବାରୁ ତାଙ୍କୁ ସଙ୍ଘବଦ୍ଧ ଭାବେ ନିର୍ମମ ମାଡ଼ ମାରିଥିଲେ। ଏଥିସହ ଯୁବତୀମାନଙ୍କୁ ମଧ୍ୟ ଅସଦାଚରଣ କରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି।

## ତରଡ଼ିପାଳ ହାଇସ୍କୁଲରେ ଗୁରୁପୂଜନ

**ପଟ୍ଟାମୁଣ୍ଡାଇ, ୨୫।୧୨(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ତରଡ଼ିପାଳ ହାଇସ୍କୁଲ ୧୯୯୩ ମାଟ୍ରିକ ବ୍ୟାଚର ବନ୍ଧୁମିଳନ ଓ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପୁରାତନ ଛାତ୍ରଛାତ୍ରୀମାନେ ତତ୍କାଳୀନ ଶିକ୍ଷକମାନଙ୍କୁ ଉତ୍ତରୀୟ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ପୂର୍ବତନ ପ୍ରଧାନଶିକ୍ଷକ ରାଜକୁମାର ବିଶ୍ୱାଳଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ପ୍ରଥମେ ଦିବଂଗତ ୪ଜଣ ଶିକ୍ଷକ ଓ ୧୯୯୩ ବ୍ୟାଚର ୫ ଜଣ ଛାତ୍ରଙ୍କ ଉଦ୍ଦେଶ୍ୟରେ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଦୀର୍ଘ ୩୨ବର୍ଷ ପରେ ପିଲାଦିନର ସାଙ୍ଗମାନଙ୍କୁ ପାଖରେ ପାଇ ସମସ୍ତେ ଆତ୍ମହରା ହୋଇପଡ଼ିଥିଲେ। ଶିକ୍ଷକ ସୁବାସ ମଜୁମଦାର, ଭଞ୍ଜକିଶୋର ଜେନା, କାଙ୍ଗାଳି ଚରଣ ଦାସ, ପର୍ଶୁରାମ ବିଶ୍ୱାଳ, ଖେଳ ଶିକ୍ଷକ ସୁଶୀଲ କୁମାର ବିଶ୍ୱାଳ, ବିଚିତ୍ରାନନ୍ଦ ସାମଲ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସତ୍ୟବତୀ ସାହୁ ଓ ଅନ୍ୟ ଶିକ୍ଷକମାନେ ଉପସ୍ଥିତ ଥିଲେ। ପୁରାତନ ଛାତ୍ର ମାନସ ବିଶ୍ୱାଳ, ପରେଶ ସାମଲ, ନରୋତ୍ତମ ବିଶ୍ୱାଳ, ପ୍ରଶାନ୍ତ ମଲିକ, ହେମନ୍ତ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜନକଲ୍ୟାଣ ଉଚ୍ଚ ବିଦ୍ୟାଳୟରେ ଗୁରୁପୂଜନ

**ଗୋବିନ୍ଦପୁର, ୨୫।୧୨(ସମିସ):** ଆଳି ବ୍ଲକ କୁସୁମି ଗ୍ରାମସ୍ଥିତ ଜନକଲ୍ୟାଣ ଉଚ୍ଚ ବିଦ୍ୟାଳୟର ୧୯୮୦ ବ୍ୟାଚ ତଥା ବିଦ୍ୟାଳୟର ପ୍ରଥମ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଗୁରୁପୂଜନ ଓ ବନ୍ଧୁମିଳନ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଲେଖ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରତିଷ୍ଠାତା ସଦସ୍ୟ ରବୀନ୍ଦ୍ର ପଲାଇ, ପ୍ରାକ୍ତନ ପ୍ରଧାନଶିକ୍ଷକ ଗୁଣନିଧି ଦାଶ, ଅବସରପ୍ରାପ୍ତ ଶିକ୍ଷକ ସରୋଜକାନ୍ତ ସାହୁ, ଗୋପୀନାଥ ଦାଶ, ରବୀନ୍ଦ୍ର ବେହେରା, ଆଦିକନ୍ଦ ବେହେରା, ପ୍ରହ୍ଲାଦ ରଥ, ମୁରଲୀଧର ସାହୁ, କର୍ମଚାରୀ ହୃଷୀକେଶ ଦାଶ, ଅକ୍ରୁରଧର ବାରିକଙ୍କୁ ପୁରାତନ ଛାତ୍ରଛାତ୍ରୀ ସମ୍ମାନିତ କରିଥିଲେ। ପୁରାତନ ଛାତ୍ରଛାତ୍ରୀ ନିରୁପମା ଦାସ, ଗଙ୍ଗାଧର ବାରିକ, ବିଜୟ ପଲାଇ, ଧୀରେନ୍ ଦାସ, ବିଜୟ ବାରିକ, ଚନ୍ଦ୍ରକାନ୍ତ ପଲାଇ, ଅଭିରାମ ପଲାଇ, ସନ୍ଧ୍ୟାରାଣୀ ପତି, ଜୟନ୍ତ ମଲ୍ଲିକ, ଶ୍ରୀକାନ୍ତ ମଲ୍ଲିକ, ଦିବାକର ପଲାଇ, ସୁବାସ ପ୍ରଧାନ, ସୁରେଶ ଦାସ, ସୁଦର୍ଶନ ପ୍ରଧାନ, ସୁବାସ ସେଠୀ, ଗୋବିନ୍ଦ ପଲାଇ, ଶଶି ପତି, ଯୁଧିଷ୍ଠିର ଜେନା ପ୍ରମୁଖ ଏଥିରେ ଯୋଗଦେଇଥିଲେ। ଗଙ୍ଗାଧର ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଭିନ୍ନ ରାୟ ଓ ହୃଷୀକେଶ ଦାଶ ସହଯୋଗ କରିଥିଲେ।

## ପୁରାତନ ଛାତ୍ରଛାତ୍ରୀଙ୍କ ଭେଟଘାଟ

**ପଞ୍ଚୁପାଣ୍ଡବ, ୨୫।୧୨(ସମିସ):** ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ବେଲାରପୁରସ୍ଥିତ ଭଗବତୀ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୭୬ ବ୍ୟାଚ ଛାତ୍ରଛାତ୍ରୀଙ୍କ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରାଜନଗର ଗ୍ରାମ ରାମ୍‌ବାଗ ମଠରେ ପୂଜାର୍ଚ୍ଚନା ସହ ଏକ ଭୋଜି ଆୟୋଜନ ହୋଇଥିଲା। ପଟ୍ଟାମୁଣ୍ଡାଇ ଚନ୍ଦନନଗର ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାର ଅବସରପ୍ରାପ୍ତ ପରିଚାଳକ ଅନାମ ଚରଣ ସାମଲଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ରମାକାନ୍ତ ମଲ୍ଲିକ, ବାସନ୍ତୀ ଦାଶ, ପ୍ରଫୁଲ୍ଲ ନାୟକ, ଗୋବିନ୍ଦ ମଲିକ, ଦିବାକର ପଲେଇ, ପରୀକ୍ଷିତ ମଲ୍ଲିକ, ଅନାମ ସାମଲ, ଦାଶରଥି ଦାଶ, ତ୍ରିଲୋଚନ କର, ଉଦ୍ଧବ ସାହୁ, ଶତ୍ରୁଘ୍ନ ପୃଷ୍ଟି, ପରୀକ୍ଷିତ ବେହେରା, ରମେଶ ସାହୁ, ଉପେନ୍ଦ୍ର ସାହୁ ପ୍ରମୁଖ ଏଥିରେ ଯୋଗଦେଇଥିଲେ।

**ଶିକ୍ଷୟିତ୍ରୀ ଆତ୍ମହତ୍ୟା ମାମଲା**

# ଅଭିଯୁକ୍ତ ପ୍ରେମିକକୁ ଗିରଫ ଦାବିରେ ଥାନା ଘେରଉ

**ପଟ୍ଟାମୁଣ୍ଡାଇ, ୨୫।୧୨(ସମିସ)**



ପଟ୍ଟାମୁଣ୍ଡାଇ ବ୍ଲକ ମାଳିପୁର ଗ୍ରାମରେ ପ୍ରେମିକର ବ୍ଲାକମେଲ ସହ ଶାରୀରିକ ଓ ମାନସିକ ନିର୍ଯାତନା ସହି ନ ପାରି ଶିକ୍ଷୟିତ୍ରୀଙ୍କ ଆତ୍ମହତ୍ୟା ଘଟଣାରେ ଗୁରୁବାର ପରିବାର ଲୋକ ଏବଂ ଏସ୍‌ଏଚ୍‌ଜି ମହିଳା ଗୋଷ୍ଠୀ ଥାନା ଘେରଉ କରିଥିଲେ। ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ମାଳିପୁର ଗ୍ରାମର ମିତାଞ୍ଜଳି ସେନାପତି (୩୩) ନିକଟସ୍ଥ ବନ୍ତ ଗ୍ରାମସ୍ଥିତ ଏକ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ଉକ୍ତ ବିଦ୍ୟାଳୟର ସ୍କୁଲ ଭ୍ୟାନ ଚଳାଉଥିବା ଲମ୍ବୋଦର ସାହୁଙ୍କ ସହ ତାଙ୍କର ପ୍ରେମସମ୍ପର୍କ ଗଢ଼ି ଉଠିଥିଲା। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ ଲମ୍ବୋଦର ମିତାଞ୍ଜଳିଙ୍କ ଅଶ୍ଳୀଳ ଫଟୋ ଏବଂ ଭିଡିଓ ଭାଇରାଲ କରିଦେବାକୁ ଧମକ ଦେଇ ବାରମ୍ବାର ମୋଟଅଙ୍କରେ ଟଙ୍କା ଆଦାୟ କରୁଥିଲେ। ଲୋକଲଜ୍ଜା ଭୟରେ ମିତାଞ୍ଜଳି ତାଙ୍କ ସମସ୍ତ ଦରମା ଟଙ୍କା ଲମ୍ବୋଦରଙ୍କୁ ଦେବା ସହ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀରୁ ଲକ୍ଷାଧିକ ଟଙ୍କା ସୁଧରେ ଆଣି ମଧ୍ୟ ଦେଇଥିଲେ। ଏପରିକି ଘରୁ ଲୁଚାଇ ନେଇ ଦୁଇଟି ସୁନାହାର ମୁଥୁଟ ଫାଇନାନ୍ସରେ ବନ୍ଧକ ରଖି ଟଙ୍କା ଆଣି ଲମ୍ବୋଦରଙ୍କୁ ଦେଇଥିଲେ। ସୁନା ନିଲାମ ନୋଟିସ ଘରକୁ ଆସିବାରୁ ଘଟଣା ସମ୍ପର୍କରେ ପରିବାର ଲୋକ ମିତାଞ୍ଜଳିଙ୍କୁ ପଚାରିଥିଲେ। ପ୍ରେମିକ ଲମ୍ବୋଦର ତାଙ୍କୁ ବ୍ଲାକମେଲ କରିବା ସହ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ମିତାଞ୍ଜଳି ପ୍ରକାଶ କରିଥିଲେ। ପରିବାର ଲୋକେ ଘଟଣା ସମ୍ପର୍କରେ ସ୍କୁଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଲମ୍ବୋଦରଙ୍କୁ ଡାକି ପଚାରିବାରୁ ସେ ମିତାଞ୍ଜଳିଙ୍କଠାରୁ ବାରମ୍ବାର ଟଙ୍କା ନେଇଥିବା ସ୍ୱୀକାର ମଧ୍ୟ କରିଥିଲେ ବୋଲି ପରିବାର ଲୋକେ ପ୍ରକାଶ କରିଛନ୍ତି। କିନ୍ତୁ ପରେ ଫଟୋ ଏବଂ ଭିଡିଓ ଭାଇରାଲ ହେବା ଭୟରେ ମିତାଞ୍ଜଳି ବିଷପିଇ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

ବିଷ ପିଇବା ପରେ ତାଙ୍କୁ ପ୍ରଥମେ ପଟ୍ଟାମୁଣ୍ଡାଇ ଉପଖଣ୍ଡ ଚିକିତ୍ସାଳୟ ପରେ କେନ୍ଦ୍ରାପଡ଼ା ଜିଲ୍ଲା ଚିକିତ୍ସାଳୟ, କଟକ ଏସସିବି ମେଡିକାଲ ଏବଂ ଶେଷରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଗତ ୧୮ ତାରିଖ ତାଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ମିତାଞ୍ଜଳିଙ୍କ ବାପା ବିଦ୍ୟାଧର ସେନାପତି ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ଇତିମଧ୍ୟରେ ୮ ଦିନ ବିତିଯାଇଥିଲେ ବି ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରୁନାହିଁ। ଏହାର ପ୍ରତିବାଦରେ ଗୁରୁବାର ସକାଳେ ମିତାଞ୍ଜଳିଙ୍କ ପରିବାର ଲୋକଙ୍କ ସହ ମିତାଞ୍ଜଳି ଟଙ୍କା ଆଣିଥିବା ଏସ୍‌ଏଚ୍‌ଜି ସଭ୍ୟ ଏବଂ ଗ୍ରାମବାସୀ ଗ୍ରାମାଞ୍ଚଳ ଥାନା ଘେରଉ କରିଥିଲେ। ଏଥିସହ ଥାନା ସାମ୍ନାରେ

**ବ୍ଲାକମେଲ କାରଣରୁ ଜୀବନ ହାରିଥିବା ପରିବାର ଲୋକଙ୍କ ଅଭିଯୋଗ**

ପଟ୍ଟାମୁଣ୍ଡାଇ-ରାଜନଗର ତଳ ରାସ୍ତା ଅବରୋଧ କରିଥିଲେ। ପଟ୍ଟାମୁଣ୍ଡାଇ ଏସଡିପିଓ କ୍ଷମାସାଗର ପଣ୍ଡା, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର, ରାଜନଗର ଥାନା ଆଇଆଇସି ନରେଶ ଚନ୍ଦ୍ର ସାହୁ ଏବଂ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଆଇଆଇସି ଶ୍ରୀକାନ୍ତ ବାରିକ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ୩ ଦିନ ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

**● ଡେରାବିଶ ତହସିଲରେ ଜିଲ୍ଲାପାଳଙ୍କ ରାଜସ୍ୱ ଜନଶୁଣାଣି**

## ତାଳଗଛ କାଟିଥିବା ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ଡେରାବିଶ, ୨୫।୧୨(ସମିସ):** ଡେରାବିଶ ତହସିଲ କାର୍ଯ୍ୟାଳୟରେ ବୁଧବାର ଜିଲ୍ଲାପାଳଙ୍କ ରାଜସ୍ୱ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ୨୯ ଅଭିଯୋଗ ଆସିଥିଲା। କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ତହସିଲଦାର ସରୋଜକାନ୍ତ ନାୟକ, ଅତିରିକ୍ତ ତହସିଲଦାର ଭାସ୍କର ଚନ୍ଦ୍ର ବେହେରା ଓ ବର୍ଷା ସେନାପତି ଉପସ୍ଥିତ ରହି ଅଭିଯୋଗ ଶୁଣାଣି କରିଥିଲେ। କେତେକ ଅଭିଯୋଗର ତ୍ୱରିତ ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକ ସମାଧାନ ପାଇଁ ପଦକ୍ଷେପ ନେବାକୁ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟତଃ ଚାଟରାଚକଡ଼ା ରାଜସ୍ୱ କାର୍ଯ୍ୟାଳୟ ଅଧୀନ ଓଲଢ଼ିଠାରୁ ଫକିରାବାଦ ପର୍ଯ୍ୟନ୍ତ ୧୯ନଂ ଡ୍ରେନେଜକଟ୍ ବନ୍ଧ ଉପରେ ଥିବା ବହୁ ତାଳଗଛକୁ ଠିକାଦାର କାଟି ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ବଜ୍ରପାତରୁ ରକ୍ଷା କରୁଥିବା ଏହି ଦୁର୍ଲଭ ବୃକ୍ଷଗୁଡ଼ିକୁ କାଟିଦେବା ସମ୍ପର୍କରେ ଗ୍ରାମବାସୀ ତହସିଲ ପ୍ରଶାସନ ଓ ବନବିଭାଗକୁ ଫେରାଦ ହୋଇଥିଲେ ମଧ୍ୟ କେବଳ ମାମଲା ରୁଜୁ କରି ଚୁପ୍ ବସିରହିଥିବାରୁ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିବା ସହ ତୁରନ୍ତ ତାଳଗଛ କାଟିଥିବା ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ। ସେହିପରି ଦାନପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଅଧୀନରେ ଥିବା କେଶରପୁର ମୌଜାର ପଟ୍ଟାରେ ଥିବା ବିଭିନ୍ନ ଗୁରୁତର ତ୍ରୁଟି ସଂଶୋଧନ କରିବା ପାଇଁ ଦାବି କରିଥିଲେ। ଶିବିରରେ ସମସ୍ତ ରାଜସ୍ୱ ନିରୀକ୍ଷକ, ତହସିଲ କାର୍ଯ୍ୟାଳୟ କର୍ମଚାରୀ ଉପସ୍ଥିତ ଥିଲେ।

## ବଡ଼ଦିନ: ଭିତରକନିକା ଓ ପେଣ୍ଠରେ ପର୍ଯ୍ୟଟକଙ୍କ ଭିଡ଼

**ରାଜନଗର, ୨୫।୧୨(ସମିସ):** ବଡ଼ଦିନରେ ଗୁରୁବାର ଭିତରକନିକା ଓ ପେଣ୍ଠରେ ପର୍ଯ୍ୟଟକଙ୍କ ଭିଡ଼ ଜମିଛି। ୨୪୧୦ ପର୍ଯ୍ୟଟକ ଭିତରକନିକା ବୁଲିଛନ୍ତି। ସେହିପରି ପେଣ୍ଠ ବେଳାଭୂମିରେ ହଜାର ହଜାର ପର୍ଯ୍ୟଟକ ବଣଭୋଜି କରିବା ସହ ସମୁଦ୍ର ସ୍ନାନର ମଜା ଉଠାଇ ସୂର୍ଯ୍ୟାସ୍ତ ଦେଖି ବିମୋହିତ ହୋଇଛନ୍ତି। ପର୍ଯ୍ୟଟକମାନେ ଏଠାକାର ପ୍ରାକୃତିକ ଶୋଭା ଉପଭୋଗ କରିବା ସହ ନଦୀପଠାରେ ଖରା ପୋଉଁଥିବା ବଉଳା କୁମ୍ଭୀର ଦେଖିଛନ୍ତି। ସ୍ଥଳପଥରେ ଭିତରକନିକାକୁ ୧୦୯୦ ପର୍ଯ୍ୟଟକ ଆସିଥିବା ବେଳେ ଜଳପଥରେ ୧୩୨୦ ପର୍ଯ୍ୟଟକ ଭିତରକନିକାର ଶୋଭା ଉପଭୋଗ କରିଛନ୍ତି। ଗୁପ୍ତି ପ୍ରବେଶପଥ ଦେଇ ୨୦ଟି ବୋଟ୍‌ରେ ୨୩୮ ପର୍ଯ୍ୟଟକ ଆସିଥିବା ବେଳେ ଖୋଲା ପ୍ରବେଶପଥ ଦେଇ ୮୭ଟି ବୋଟ୍‌ରେ ୯୬୭, ଚାନ୍ଦବାଲି ପ୍ରବେଶପଥ ଦେଇ ୧୧ଟି ବୋଟ୍‌ରେ ୧୧୫ ପର୍ଯ୍ୟଟକ ଭିତରକନିକା ପରିଭ୍ରମଣ କରିଛନ୍ତି। ପର୍ଯ୍ୟଟକମାନେ ସକାଳର ସୂର୍ଯ୍ୟ ଉଦୟ ଏବଂ ବରୁଣେଇ ମୁହାଣ ନିକଟରେ ସୂର୍ଯ୍ୟାସ୍ତ ଉପଭୋଗ କରିଥିଲେ। ସମୁଦ୍ରର ନୀଳ ଜଳରାଶିରେ ବିରଳ ଡଲଫିନ୍‌ଙ୍କ ଜଳକ୍ରୀଡ଼ା ପର୍ଯ୍ୟଟକଙ୍କୁ ବିମୋହିତ କରିଥିଲା।

## ଶିବିରରୁ ୨୧୮ ୟୁନିଟ ରକ୍ତ ସଂଗ୍ରହ

**ମହାକାଳପଡ଼ା, ୨୫।୧୨(ସମିସ):** ମହାକାଳପଡ଼ା ବ୍ଲକ ଧନିଆପଡ଼ା ବଜ୍ର ମହାକାଳୀ ଉଚ୍ଚ ବିଦ୍ୟାଳୟ ପରିସରରେ ରାଜକିଶୋର ସ୍ମାରକୀ କ୍ରିକେଟ ଆନୁକୂଲ୍ୟରେ ୨ୟ ବାର୍ଷିକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିରରୁ ମୋଟ ୨୧୮ ୟୁନିଟ ରକ୍ତ ସଂଗ୍ରହ କରାଯାଇ କେନ୍ଦ୍ରୀୟ ରେଡକ୍ରସକୁ ହସ୍ତାନ୍ତର କରାଯାଇଛି। ଅର୍ଜୁନୀ ବେହେରା ଓ ନିର୍ମଳା ବେହେରା ଶିବିରକୁ ଉଦଘାଟନ କରିଥିଲେ। ଓଡ଼ିଶା ଯାଦବ ମହାସଭା ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ଦାସ ଅତିଥି ଭାବେ ଯୋଗଦେଇଥିଲେ। ସ୍ଥାନୀୟ ସରପଞ୍ଚ ଚାମେଲି ଓଝା, ଲାୟନ୍ସ କ୍ଲବ୍ ସଭାପତି ଦୀପକ ଚୌଧୁରୀ, ଡ. ରାମପ୍ରସାଦ ରାଓ, ଡ. ଶୁଭନାରାୟଣ ମଲିକ, ରାଜକିଶୋର ସ୍ମାରକୀ କ୍ଲବ ସଦସ୍ୟ ଅଜୟ ବେହେରା, ବିଜୟ ବେହେରା, ସଞ୍ଜୟ ବେହେରା, ସାଜନ ବେହେରା ଓ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## କଳିଙ୍ଗ ଆବାସିକ ବିଦ୍ୟାଳୟ ମୁଖ୍ୟଙ୍କୁ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା

**ଡେରାବିଶ, ୨୫।୧୨(ସମିସ):** ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ କେଶରପୁରସ୍ଥିତ କଳିଙ୍ଗ ଆବାସିକ ବିଦ୍ୟାଳୟର ମୁଖ୍ୟ ମନୋଜ କୁମାର ପ୍ରଧାନଙ୍କୁ ତାଙ୍କ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ 'ଓଡ଼ିଆ ଟାଇମ୍ସ ୱାନ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଛି। ଭୁବନେଶ୍ୱରର ଏକ ହୋଟେଲରେ ଆୟୋଜିତ ସଭାରେ ମନୋଜଙ୍କୁ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଓ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ମାନପତ୍ର, ଅଙ୍ଗବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରିଛନ୍ତି।



## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

**ପଞ୍ଚୁପାଣ୍ଡବ, ୨୫।୧୨(ସମିସ):** ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଦାମୋଦରଜୀଉ ବିଦ୍ୟାପୀଠ ଓ ବଜାର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ମିଳିତ ଭାବେ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ବିଭୂତି ଭୂଷଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଆରସିସି ଦେବଦତ୍ତ ଶତପଥୀ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସମରକେଶରୀ ସାମଲ, ସମ୍ମାନିତ ଅତିଥି ଭାବେ ଏବିଓ ଖଗେଶ୍ୱର ନାୟକ, ସଚ୍ଚିକାନ୍ତ ମିଶ୍ର, ସିଆରସିସି ମାମୁନି ସିଂ ଯୋଗଦେଇଥିଲେ। ବଜାର ନୋଡାଲ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଲିଲିମା ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ସେହିପରି ବେଣୀପୁର ପଞ୍ଚାୟତର ଡିଅସାହି ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ରମାକାନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସରପଞ୍ଚ ମୋହନ ଚରଣ ସାହୁ, ସମ୍ମାନିତ ଅତିଥି ଭାବେ ସିଆରସିସି ତ୍ରିଲୋଚନ ମଲ୍ଲିକ, ବେଣୀପୁର ହାଇସ୍କୁଲ ପ୍ରଧାନଶିକ୍ଷକ ଶଶିକାନ୍ତ ସାହୁ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ଜେନା, ନେତୁଆ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅମରେନ୍ଦ୍ର ଦାସ ଯୋଗଦେଇଥିଲେ। ୱାର୍ଡ ମେମ୍ବର ହେମନ୍ତ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଜପେୟୀ ଜୟନ୍ତୀରେ ରକ୍ତଦାନ ଶିବିର



**ପଟ୍ଟାମୁଣ୍ଡାଇ, ୨୫।୧୨(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଶ୍ରୀରାମ ସେନା ପକ୍ଷରୁ ଜିଲ୍ଲା ସଭାପତି ସାରଦା ପ୍ରସାଦ ରାଉତଙ୍କ ନେତୃତ୍ୱରେ ପଟ୍ଟାମୁଣ୍ଡାଇରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପାୟୀଙ୍କ ୧୦୧ତମ ଜୟନ୍ତୀ ସମାରୋହରେ ପାଳିତ ହୋଇଛି। ଏହି ଅବସରରେ ମଙ୍ଗଳା ମଣ୍ଡପରେ ରକ୍ତଦାନ ଶିବିର ଆୟୋଜିତ ହେବା ସହ ରାଷ୍ଟ୍ରବାଦ ବିଚାରିତ ଶତାଧିକ କର୍ମକର୍ତ୍ତାଙ୍କୁ ସମ୍ମାନିତ କରାଯାଇଛି। ରକ୍ତଦାନ ଶିବିରକୁ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଉଦଘାଟନ କରିଥିଲେ। ଶିବିରରୁ ୧୦୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ପରେ ଶିକ୍ଷାବିତ ରାମଚନ୍ଦ୍ର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଜୟନ୍ତୀ ସଭାରେ କେନ୍ଦ୍ରାପଡ଼ା ଜିଲ୍ଲା ଶ୍ରୀରାମ ସେନା ସଭାପତି ସାରଦା ପ୍ରସାଦ ରାଉତ, ଆଇନଜୀବୀ ପ୍ରଦୀପ୍ତ ମହାପାତ୍ର, ଆରଏସଏସ ଗ୍ରାମୀଣ ବିକାଶ ପ୍ରମୁଖ ଜଗବନ୍ଧୁ ପ୍ରଧାନ, ପୂର୍ବତନ କାଉନସିଲର ବିଚ୍ଛନ୍ଦ ଚରଣ ପାତ୍ର, ଆଳି ବିଜେପି ନେତା ଶରତ ଚନ୍ଦ୍ର ଜଗଦେବ, ଆରଏସଏସ ସଂଗଠକ ଶୁଭକାନ୍ତ ତ୍ରିପାଠୀ, ଜିଲ୍ଲା ଧର୍ମ ଜାଗରଣ ସମିତି ସଂସ୍କୃତି ପ୍ରମୁଖ ସତ୍ୟନାରାୟଣ ନାୟକ, ଆରଏସଏସ ପ୍ରଚାରକ ହରିଶ୍ଚନ୍ଦ୍ର ଜେନା, ପ୍ରଦୀପ୍ତ ମହାପାତ୍ର ରତ୍ନାକର ନାୟକ, ଗୋଲକ ଚନ୍ଦ୍ର ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ସମୃଦ୍ଧ ଭାରତ ଗଠନରେ ବାଜପାୟୀଙ୍କ ବଳିଷ୍ଠ ଅବଦାନ ଚୀରକାଳ ସ୍ମରଣୀୟ ରହିବ ବୋଲି ମତ ପ୍ରକାଶ କରିଥିଲେ।

9th
Death Anniversary
In Loving Memory
"We remember you with Pride and Gratitude.
Your presence remains with us like a Blessing.
We miss your Love, Affection and Guidance.
Your path of Righteousness will continue to inspire us."



√ Gopal Chandra Mohanty
Ex- Principal Secretary to Govt. of Odisha. Law Department,
Ex- Chairman, State Law Revision Committee.
Fondly Remembered by
Kanak Mohanty
Manoj & Bharati Mohanty, Saroj & Amrapalli Mohanty
Sanjib & Ashru Mohanty
Samikhya & Tarun, Samyantaka, Anwesha
Staffs and Management of Xpose Advertising
Xpose ADVERTISING BHUBANESWAR | RAIPUR KOLKATA | HYDERABAD
fabindia CELEBRATE INDIA BALASORE
Yum! Chinese BALASORE

# ବାଜପେୟୀଙ୍କ ଜିଲ୍ଲାସ୍ତରୀୟ ଜୟନ୍ତୀ ସମାରୋହ

**କେନ୍ଦ୍ରାପଡ଼ା, ୨୫।୧୨(ସମିସ)**




ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜିଲ୍ଲାସ୍ତରୀୟ ଜୟନ୍ତୀ ସମାରୋହ ତଥା ସୁଶାସନ ଦିବସ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପାଳିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ବାଜପେୟୀ ଜଣେ ମହାନ ଜନନାୟକ ଥିଲେ। ଦେଶର ବିକାଶରେ ତାଙ୍କ ଅବଦାନ ଅନେକ ଥିଲା। ସେ ଜଣେ ବିଚକ୍ଷଣ ରାଜନେତା ଏବଂ ରାଷ୍ଟ୍ରନୀତିଜ୍ଞ ଥିଲେ ବୋଲି ମତ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଫକିର ମୋହନ ମାଝୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ସାମ୍ବାଦିକ ସଚ୍ଚିଦାନନ୍ଦ ବେହେରା ଏବଂ ଉପସ୍ଥିତ ଛାତ୍ରଛାତ୍ରୀ ବାଜପେୟୀଙ୍କ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେହୁରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ହସ୍ତଶିଳ୍ପ ସହକାରୀ ନିର୍ଦ୍ଦେଶକ ସନ୍ତୋଷ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷା ବିଭାଗ ସହଯୋଗରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟାଳୟର କର୍ମଚାରୀ ଦିବ୍ୟରଞ୍ଜନ ବେହେରା, ମଦନ ହାଁସଦା, ରଞ୍ଜନ ସାହୁ, ଶେଖ ନୁର ଇସଲାମ ସହଯୋଗ କରିଥିଲେ।



# ସେଣ୍ଟ୍ ଜେଭିୟର୍ ସ୍ମାର୍ଟ ସ୍କୁଲର କ୍ରୀଡ଼ା ମହୋତ୍ସବ



କଟକ,୨୫।୧୨(ସମିସ): ଟାଙ୍ଗୀ କାଇରାପାରୀ ସେଣ୍ଟ୍ ଜେଭିୟର୍ ସ୍ମାର୍ଟ ସ୍କୁଲରେ ବାର୍ଷିକ କ୍ରୀଡ଼ା ମହୋତ୍ସବ "ଗ୍ୟାମ୍ବୋଲ୍-୨୫' ଅତି ଉତ୍ସାହର ସହିତ ଆୟୋଜିତ ହୋଇଯାଇଛି। ପ୍ରଥମ ଦିନରେ, ମଣ୍ଟେଶୋରୀ- ୧ରୁ ଷ୍ଟାଣ୍ଡାର୍ଡ ୧ ପର୍ଯ୍ୟନ୍ତ ପ୍ରାୟ ୧୫୦ ଜଣ ଶିଶୁ ଏହି କ୍ରୀଡ଼ା ମହୋତ୍ସବରେ ଯୋଗଦେଇଥିଲେ। ବିଭିନ୍ନ କ୍ରୀଡ଼ା ଯେପରିକି ରନିଂ ୱିଥ୍ ଲେଟର୍ସ, ରନିଂ ୱିଥ୍ ନମ୍ବର୍ସ, କଲେକ୍ଟିଂ ବଲ୍ସ, ଫ୍ରଗ୍ ରେସ, ରାବିଟ୍ ରେସ, ବେଲୁନ୍ ବ୍ଲୋଇଂ ଓ ଅନ୍ୟାନ୍ୟ ଖେଳମାନ ଆୟୋଜିତ ହୋଇଥିଲା। ସ୍କୁଲର କ୍ରୀଡ଼ା ଶିକ୍ଷକ ଦିଲ୍ଲୀପ ମହାନ୍ତି ଓ ସହାୟକ କ୍ରୀଡ଼ା ଶିକ୍ଷକ ହରିହର ଧଳ ଏହି କ୍ରୀଡ଼ା ପ୍ରତିଯୋଗିତାର ପରିଚାଳନା କରିଥିଲେ। ପ୍ରଥମ ଦିନରେ ସ୍କୁଲର ସଭାପତି ତାପସ ରଞ୍ଜନ ମଲ୍ଲିକ ଓ କାର୍ଯ୍ୟକାରୀ ସଭାପତି ତ୍ରିଦେବ ବେହେରା ଅତିଥି ଭାବରେ ଯୋଗଦେଇଥିଲେ। ଶେଷରେ ଶିକ୍ଷାର୍ଥୀଙ୍କର ମା'ମାନେ ବଲ୍ ବାଲାନସିଂ ଖେଳରେ ଭାଗ ନେଇଥିଲେ। ସେହିପରି ଦ୍ୱିତୀୟ ଦିନର କାର୍ଯ୍ୟକ୍ରମକୁ ସେଣ୍ଟ୍ ଜେଭିୟର୍ ସ୍ମାର୍ଟ ସ୍କୁଲର ସଭାପତି ତାପସ ରଞ୍ଜନ ମଲ୍ଲିକ ଓ ସ୍କୁଲର ନିର୍ଦ୍ଦେଶକ ଡ. ଜନାର୍ଦ୍ଦନ ମିଶ୍ର ଓ ତାଙ୍କର ସପତ୍ନୀ ପ୍ରଣତୀ ମିଶ୍ର ଉଦଘାଟନ କରିଥିଲେ। ଦ୍ୱିତୀୟ ଦିନରେ ଷ୍ଟାଣ୍ଡାର୍ଡ ୧ରୁ ଷ୍ଟାଣ୍ଡାର୍ଡ ୮ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୨୦୦ ଜଣ ଛାତ୍ର-ଛାତ୍ରୀ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଭାଗନେଇଥିଲେ। ୧୦୦ ମିଟର ରେସ୍, ଲଙ୍ଗ୍ ଜମ୍ପ, ସଟ୍ ପୁଟ୍, ଫ୍ରଗ୍ ରେସ୍, ସ୍ୟାକ୍ ରେସ୍, ସ୍କିପିଂ, ଲେମନ୍ ରେସ୍ ଓ ଅନ୍ୟାନ୍ୟ ଖେଳ ସାମିଲ ଥିଲା। ଶେଷରେ, ଶିକ୍ଷାର୍ଥୀଙ୍କର ମା'ମାନେ ମ୍ୟୁଜିକାଲ ଚେୟାର ଓ ବାପାମାନେ "ଟଗ ଅଫ୍ ୱାର୍' ଖେଳରେ ଭାଗ ନେଇଥିଲେ। ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ନିବେଦିତା ସାହୁ, ପରିଚାଳିକା ସୁଶ୍ରୀ ପୂର୍ଣ୍ଣିମା ମହାନ୍ତି ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଗ୍ୟାମ୍ବୋଲ୍-୨୫ର ସମସ୍ତ କ୍ରୀଡ଼ା କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ।

# ଲଜ୍‌ପତ୍ ରାୟ ଡିଏଭି ପବ୍ଲିକ୍ ସ୍କୁଲର 'ଚିରନ୍ତନମ୍'



କଟକ,୨୫।୧୨(ସମିସ): ଗଣ୍ଡରପୁରସ୍ଥିତ ଲଜପତ ରାୟ ଡିଏଭି ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଚିରନ୍ତନମ୍ ଜବାହରଲାଲ ନେହରୁ ଇନ୍‌ଡୋର୍ ଷ୍ଟାଡିୟମରେ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ସମାରୋହରେ କଟକ-ଚୌଦ୍ୱାରର ବିଧାୟକ ସୌଭିକ ବିଶ୍ୱାଳ, ଓଡିଶା ଅଲମ୍ପିକ ଆସୋସିଏସନର ଚେୟାରମ୍ୟାନ ସମୀର ମହାନ୍ତି ଏବଂ ବରିଷ୍ଠ ଆଇନଜୀବୀ ତଥା ଓଡିଶା ଆଡଭୋକେଟ୍ ୱେଲଫେୟାର ଟ୍ରଷ୍ଟର ସଦସ୍ୟ ପ୍ରଦୀପ ପଟ୍ଟନାୟକ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଦୀପକ ମାଲବ୍ୟ ଅତିଥିମାନଙ୍କର ପରିଚୟ ପ୍ରଦାନ ପୂର୍ବକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ନୀହାରିକା ଗନ୍ତାୟତ ଶୈକ୍ଷିକ ସଫଳତା ଏବଂ ଅନ୍ତର୍ଜାତୀୟ ତଥା ରାଜ୍ୟସ୍ତରରେ ବିଭିନ୍ନ ବିଭାଗରେ ପୁରସ୍କାର ପାଇଥିବା ଛାତ୍ରଛାତ୍ରୀଙ୍କ ସମ୍ପର୍କରେ ଅବଗତ କରାଇଥିଲେ। ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଦୀପକ ମାଲବ୍ୟ ଏବଂ ନମିତା ମାଲବ୍ୟ, ଡିଏଭି ସ୍କୁଲ ସମୂହର ଆଞ୍ଚଳିକ ଅଧିକାରୀ ଡ. କେଶବଚନ୍ଦ୍ର ଶତପଥୀ, ୨୫ବର୍ଷ ପୂର୍ଣ୍ଣ କରିଥିବା ଶିକ୍ଷକ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହିତ ବିଶେଷ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀର କ୍ୟୁପିଆଇ ବଢାଇଥିବା ବିଭିନ୍ନ ବିଭାଗର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ ଡିଏଭି ବିଦ୍ୟାଳୟ ସମୂହର ବିଭିନ୍ନ ବିଦ୍ୟାଳୟର ଅଧ୍ୟକ୍ଷଅଧ୍ୟକ୍ଷାବୃନ୍ଦ ଉତ୍ସବକୁ ମହିମାନ୍ୱିତ କରିଥିଲେ। ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।







## ବଡ଼ଦିନରେ ପ୍ରଭୁଙ୍କ ଧରାବତରଣ

# ଚର୍ଚ୍ଚରୁ ଶୁଭିଲା ମେରି କ୍ରିସ୍‌ମାସ୍

କଟକ,୨୫ ।୧୨(ସମିସ):



**ସହରର ୧୨ଟି ଚର୍ଚ୍ଚ ଉତ୍ସବମୁଖର**

**ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ଘରେ ଶୋଭା ପାଉଛି 'ସାଣ୍ଟା କ୍ଲଜ୍'**

**କ୍ୟାଥୋଡ୍ରାଲ ଚର୍ଚ୍ଚ, ଓଡ଼ିଆ ବାପ୍ଟିଷ୍ଟ ଚର୍ଚ୍ଚରେ ସମୂହ ପ୍ରାର୍ଥନା ଓ ଦିବ୍ୟଯଜ୍ଞ**

ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଧରାବତାରଣ ଉପଲକ୍ଷେ ଆଜି କଟକ ସହରର ସମସ୍ତ ଚର୍ଚ୍ଚ ଉତ୍ସବମୁଖର ହୋଇଉଠିଛି। ଗତକାଲି ମଧ୍ୟରାତ୍ରିରୁ ପ୍ରଭୁଙ୍କ ଜନ୍ମୋତ୍ସବ ପାଳନ ପାଇଁ ଶ୍ରଦ୍ଧାଳୁମାନେ ଚର୍ଚ୍ଚରେ ସମବେତ ହୋଇଥିଲେ। ସହରରେ ଥିବା ୧୨ଟି ଚର୍ଚ୍ଚକୁ ଆକର୍ଷଣୀୟ ଆଲୋକମାଳା, ରଙ୍ଗୀନ ଖ୍ରୀଷ୍ଟମାସ ଲ୍ୟାମ୍ପ ଓ ଜିଙ୍ଗଲ୍‌ବେଲ୍‌ରେ ସଜାଯାଇଛି। ସାଣ୍ଟା କ୍ଲଜ୍, କେକ୍, ବେଲୁନ ଓ ମିଠା ଦୋକାନଗୁଡ଼ିକରେ ପ୍ରବଳ ଭିଡ଼ ଜମିବା ସହ ସମଗ୍ର ସହରରେ ଏକ ଚଳଚଞ୍ଚଳ ପରିବେଶ ସୃଷ୍ଟି ହୋଇଛି। ବିଶେଷକରି ସ୍କୁଲ ଓ କଲେଜଗୁଡ଼ିକରେ କ୍ୟାରୋଲ୍ ଗାନର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା, ଯାହା ପରିବେଶକୁ ଆହୁରି ଭକ୍ତିମୟ କରିଛି। ସହରର ଦୁଇ ପ୍ରମୁଖ ଚର୍ଚ୍ଚ 'ହୋଲି ରୋଜାରି କ୍ୟାଥୋଡ୍ରାଲ୍' ଏବଂ 'ଓଡ଼ିଆ ବାପ୍ଟିଷ୍ଟ ଚର୍ଚ୍ଚ' ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। କ୍ୟାଣ୍ଟନମେଣ୍ଟ ରୋଡ୍‌ସ୍ଥିତ କ୍ୟାଥୋଡ୍ରାଲ୍ ଚର୍ଚ୍ଚ ବାହାରେ ପ୍ରଭୁଙ୍କ ଗୁହାଳ ଘର ନିର୍ମାଣ ହୋଇଥିବା ବେଳେ ପ୍ରାୟ ୨ ହଜାର ଶ୍ରଦ୍ଧାଳୁ ସମୂହ ପ୍ରାର୍ଥନାରେ ସାମିଲ ହୋଇଥିଲେ। ୭ରୁ ୮ ଜଣ ସଦସ୍ୟଙ୍କୁ ନେଇ ଗଠିତ ଦଳ କ୍ୟାରୋଲ୍ ସଙ୍ଗୀତ ଗାନ କରି ଶାନ୍ତି ଓ ପ୍ରେମର ବାର୍ତ୍ତା ବାଣ୍ଟିଥିଲେ। ସେହିପରି ଓଡ଼ିଆ ବାପ୍ଟିଷ୍ଟ ଚର୍ଚ୍ଚରେ ଇଂରାଜୀ, ଓଡ଼ିଆ, ତେଲୁଗୁ ଭାଷାରେ ପର୍ଯ୍ୟାୟକ୍ରମେ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ପ୍ରାୟ ୫ ହଜାର ଭକ୍ତ ଯୋଗଦେଇଥିଲେ। ୨୪ ତାରିଖ ମଧ୍ୟରାତ୍ରରୁ ଆରମ୍ଭ ହୋଇଥିବା ମହାଉଜାଗର ପର୍ବ ଅଧୀନରେ ଆଜି ବିଳମ୍ବିତ ରାତି ପର୍ଯ୍ୟନ୍ତ ଯଜ୍ଞ ଓ ଦିବ୍ୟ ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ ଜାରି ରହିବ। ଏହି ଉତ୍ସବ କେବଳ ଚର୍ଚ୍ଚ ମଧ୍ୟରେ ସୀମିତ ନ ରହି ରାସ୍ତାଘାଟ ଓ ସାହି ବସ୍ତିରେ ମଧ୍ୟ ଦେଖିବାକୁ ମିଳିଛି। ୧୦ ସାହି ଅଞ୍ଚଳରେ ମିଳିତ କୀର୍ତ୍ତନ ଶେଷ ହୋଇଥିବା ବେଳେ ଲୋକମାନେ ପରସ୍ପରକୁ କେକ୍, ଆରିସା ଓ କାକରା ପିଠା ଖୁଆଇ ଶୁଭେଚ୍ଛା ଜଣାଇଛନ୍ତି। ସାଣ୍ଟା କ୍ଲଜ୍ ବେଶଧାରୀ ଶ୍ରଦ୍ଧାଳୁମାନେ ଛୋଟ ପିଲାମାନଙ୍କୁ ଚକୋଲେଟ୍ ବାଣ୍ଟି ଖୁସି ବାଣ୍ଟିଛନ୍ତି। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କର ମଙ୍ଗଳ ଓ ନିରାମୟ ଜୀବନ ପାଇଁ ଚର୍ଚ୍ଚର ଫାଦରମାନେ ପ୍ରଭୁଙ୍କ ନିକଟରେ ଆଶୀର୍ବାଦ ଭିକ୍ଷା କରିବା ସହ ଶାନ୍ତିର ବାର୍ତ୍ତା ପ୍ରଦାନ କରିଛନ୍ତି।

# ଆଇନଜୀବୀଙ୍କୁ କାରଣଦର୍ଶାଅ ନୋଟିସ

କଟକ,୨୫।୧୨(ସମିସ): ଆଇନଜୀବୀ ବୃତ୍ତିର ଅପବ୍ୟବହାର କରିବା ଅଭିଯୋଗକ୍ରମେ ଆଇନଜୀବୀ ସୁମନ୍ତ କୁମାର ସ୍ୱାଇଁଙ୍କୁ ରାଜ୍ୟ ବାର କାଉନସିଲ କାରଣଦର୍ଶାଅ ନୋଟିସ ଜାରି କରିଛି। ରାଜ୍ୟ ବାର କାଉନସିଲରେ ସୁମିତ ସିକ୍ୟୁରିଟି ସର୍ଭିସେସ୍ ମାଲିକ ପ୍ରସନ୍ନ କୁମାର ସାହୁ ଏବଂ ଆଇନଜୀବୀ ପ୍ରଭାକର ସାବତଙ୍କ ଦୁଇଟି ଅଭିଯୋଗକ୍ରମେ ଆଇନଜୀବୀ ଶ୍ରୀ ସ୍ୱାଇଁଙ୍କୁ ପଦ ମର୍ଯ୍ୟାଦାର ଅପବ୍ୟବହାର କରୁଥିବାର ଅଭିଯୋଗକ୍ରମେ କାରଣଦର୍ଶାଅ ନୋଟିସ୍ ଜାରି କରାଯାଇଛି ବୋଲି ବାର କାଉନସିଲ ପକ୍ଷରୁ କୁହାଯାଇଛି। ବିଭିନ୍ନ ସମୟରେ ଆଇନ ବୃତ୍ତିର ଅପବ୍ୟବହାର କରି ମିଥ୍ୟା ମକଦ୍ଦମା କରିବାର ଧମକ ଦେଇ ଟଙ୍କା ଆଦାୟ କରିବାର ଅଭିଯୋଗ ହୋଇଛି। ଏଥିରୁ ନିବୃତ ରହିବା ପାଇଁ ରାଜ୍ୟ ବାର କାଉନସିଲ ନିଷେଧାଜ୍ଞା ଜାରି କରିବା ସହ କାରଣଦର୍ଶାଅ ନୋଟିସ୍ ଜାରି କରିଛନ୍ତି।

# ନବୀନଙ୍କ ଉପରେ ରାଜ୍ୟବାସୀଙ୍କ ପୂର୍ଣ୍ଣ ଭରସା ଓ ବିଶ୍ୱାସ ରହିଛି



କଟକ,୨୫।୧୨(ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଉପରେ ରାଜ୍ୟବାସୀଙ୍କ ପୂର୍ଣ୍ଣ ଭରସା ଓ ବିଶ୍ୱାସ ରହିଛି। ତାଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ଶକ୍ତିଶାଳୀ ରହିଛି। ମାତ୍ର କିଛି ବ୍ୟକ୍ତି ସାମାଜିକ ଗଣମାଧ୍ୟମରେ ଭିନ୍ନ ପ୍ରୋପାଗଣ୍ଡା ଚଳାଇଛନ୍ତି ବୋଲି କହିଛନ୍ତି ସିଏମ୍‌ସି ମେୟର ସୁବାସ ସିଂହ ଓ କଟକ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂହ। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଉଭୟ ବିଜେଡିର ସାଙ୍ଗଠନିକ ଦୃଢ଼ତା ଓ ବିଜେପି ସରକାରଙ୍କ ଅପାରଗତା ସମ୍ପର୍କରେ ଗଣମାଧ୍ୟମ ନିକଟରେ ନିଜର ମତ ରଖିଛନ୍ତି। ମେୟର ଶ୍ରୀ ସିଂହ କହିଛନ୍ତି ଯେ ନବୀନ ପଟ୍ଟନାୟକ ବିଜେଡିର ଶୀର୍ଷ ନେତା। ତାଙ୍କ ନିଷ୍ପତ୍ତିକୁ ସମସ୍ତେ ମାନି ଆସିଛନ୍ତି। ସେ ଯାହାକୁ ଚାହିଁବେ ତାଙ୍କ ପଦପଦବୀରେ ଅବସ୍ଥାପିତ କରିବେ। ଅନ୍ୟପକ୍ଷରେ ରାଜ୍ୟରେ ଶାସନ ବଦଳିବା ପରେ ସ୍ଥିତି ବଦଳିଛି। ରାଜ୍ୟରେ ହିଂସା, ମହିଳାଙ୍କ ଉପରେ ଅତ୍ୟାଚାର, ଦରଦାମ ବୃଦ୍ଧି ଏବେ ପ୍ରସଙ୍ଗ ହୋଇଉଠିଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ରାଜ୍ୟରେ ୩କୋଟି ୮୦ ଲକ୍ଷ ଲୋକ ଉପକୃତ ହୋଇପାରିଥିଲେ। କେନ୍ଦ୍ର ସରକାରଙ୍କର ଆୟୁଷ୍ମାନ ଯୋଜନା କୌଣସି ପ୍ରକାରେ ଫଳପ୍ରଦ ହୋଇପାରୁନାହିଁ। ଲୋକମାନେ ଏହି ଯୋଜନାରେ କୌଣସି ସୁବିଧା ସୁଯୋଗ ପାଇପାରୁନାହାନ୍ତି। ବିଜେପି ସରକାର ସଂପୂର୍ଣ୍ଣ ଅସମର୍ଥ ହୋଇପଡିଛି। ୨୬ ତାରିଖ ଦିନ ସାରଳା ଭବନଠାରେ ବିଜୁ ଜନତା ଦଳ କଟକ ଜିଲ୍ଲା ପକ୍ଷରୁ ଦଳର ୨୮ତମ ସ୍ଥାପନ ଦିବସ ପାଳନ କରାଯିବ। ଏଠାରେ ରାଜ୍ୟରେ ହିଂସାକାଣ୍ଡ, ଦରଦାମ ବୃଦ୍ଧି, ବେକାରୀ ସମସ୍ୟା, ଚାଷୀମାନଙ୍କ ସମସ୍ୟା, ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବ। ଦଳର କର୍ମୀମାନେ ଘର ଘର ବୁଲି ବିଜେପି ସରକାରର ଅପାରଗତା ସମ୍ପର୍କରେ ଲୋକଙ୍କୁ ଅବଗତ କରିବେ। କଟକ ଜିଲ୍ଲା ବିଜେଡି ସୁଦୃଢ଼ ରହିଛି ବୋଲି ମେୟର ସୁବାସ ଏବଂ ଜିଲ୍ଲା ସଭାପତି ପ୍ରଫୁଲ୍ଲ କହିଛନ୍ତି।

**ଆସନ୍ତା ସପ୍ତାହକୁ ୨୦୨୫ ନେବ ବିଦାୟ। ଏବେଠାରୁ ମହାନଦୀ ପଠାରେ ଚାଲିଲାଣି ଭୋଜିଭାତ ଓ ମନୋରଞ୍ଜନ। ଏପଟେ ନନ୍ଦିକେଶ୍ୱରୀ ପଠାରେ ଆଉ ସେପଟେ ବ୍ରଜବିହାରୀପୁର ପଠାରେ ଜମୁଛି ଆସର। ନବବର୍ଷ ଉପଲକ୍ଷେ ପିକନିକ୍ ଋତୁକୁ ଅଧିକ ଆକର୍ଷଣୀୟ କରିବା ପାଇଁ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଓ ଡଲ୍‌ଫିନ୍ କୋଚ୍ ପକ୍ଷରୁ ସହରରେ ଆରମ୍ଭ ହୋଇଛି ଅତ୍ୟାଧୁନିକ ଆଡଭେଞ୍ଚର୍ ବୋଟିଂ। ଅନ୍ୟପଟେ ନରାଜ ନିକଟରେ ସାଧାରଣ ଲୋକ କାୟାକ୍ ବୋଟ୍ ଚଳାଇ ମହାନଦୀରେ କରୁଛନ୍ତି ଜଳକ୍ରୀଡ଼ା। ଏହାସାଙ୍ଗକୁ ନଦୀ ମଧ୍ୟରେ ଥିବା ପଠାରେ ଲାଗିଛି 'ଆଡଭେଞ୍ଚର୍ ଟେଣ୍ଟ'। ସେହିପରି କଟକ-ବୋଟ୍ କ୍ଲବ୍‌ରେ ଲୋକଙ୍କ ପ୍ରବଳ ଗହଳି ହେଉଛି। ଦୈନିକ ଶହ ଶହ ଲୋକ ଏହାର ମଜା ନେଉଥିବା ବେଳେ କଟକିଆ ଏହାକୁ ମନଭରି ଉପଭୋଗ କରୁଛନ୍ତି। କାଳେ କେଉଁଠି ଅଘଟଣ ଘଟିବ ସେଥିପ୍ରତି ପ୍ରଶାସନ, ପର୍ଯ୍ୟଟନ ବିଭାଗ ଓ କମିସନରେଟ୍ ପୁଲିସ ସଜାଗ ରହିଛନ୍ତି। ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ ସ୍ଥାନୀୟ ଥାନାଗୁଡ଼ିକୁ ପର୍ଯ୍ୟଟକଙ୍କୁ ସ୍ୱତନ୍ତ୍ର ସୁରକ୍ଷା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଅଗ୍ନିଶମ ବିଭାଗ ଓ ଓଡ୍ରାଫ୍ ଟିମ୍ ପକ୍ଷରୁ ମହାନଦୀର ଜଳକ୍ରୀଡ଼ାକୁ ସୁରକ୍ଷା ଦୃଷ୍ଟିରୁ ନଜରରେ ରଖାଯାଇଛି।**

## ଆରମ୍ଭ ହେଲାଣି ପିକ୍‌ନିକ୍ ଋତୁ

# ମହାନଦୀରେ ଆରମ୍ଭ ହେଲା ବୋଟିଂ-ଟ୍ରିପ୍





କଟକ,୨୫ ।୧୨(ସମିସ): ମହାନଦୀରେ ଜଳକ୍ରୀଡ଼ା ସାଙ୍ଗକୁ ବ୍ରଜବିହାରୀପୁର ଓ ନନ୍ଦିକେଶ୍ୱରୀ ପଠାରେ ରାତ୍ର ରହଣି। ତା'ସାଙ୍ଗକୁ ଧବଳେଶ୍ୱର ଓ ସିଦ୍ଧେଶ୍ୱରଙ୍କ ଦର୍ଶନ। ଏକ ଭରପୂର ମନୋରଞ୍ଜନ ଟ୍ରିପ୍ ଆରମ୍ଭ କରିଛି ଓଡ଼ିଶା ପର୍ଯ୍ୟଟନ ବିଭାଗ ଏବଂ ଡଲ୍‌ଫିନ୍ କୋଚ୍ ସହିତ କେତେକ ଘରୋଇ ବୋଟିଂ ସଂସ୍ଥା। ନୂଆବର୍ଷକୁ ସ୍ୱାଗତ କରିବା ନିମନ୍ତେ କଟକ-ଇନ୍-କଟକରେ ଆରମ୍ଭ କରାଯାଇଛି ମହାନଦୀରେ ସ୍ୱତନ୍ତ୍ର ବୋଟିଂ ବ୍ୟବସ୍ଥା। ଏଥିସହିତ ଜଣେ ସାଧାରଣ ଲୋକ ନିଜେ ବୋଟ୍ ଚଳାଇ ନଦୀ ଭ୍ରମଣ କରିବାର ସୁବିଧା କରାଯାଇଛି। ସ୍ୱତନ୍ତ୍ର ଭାବେ ମହାନଦୀରେ ରହିଥିବା ପଠା ବା ଟାପୁଗୁଡ଼ିକରେ ବଣଭୋଜି କରିବାକୁ ଯେଉଁମାନେ ଯାଉଛନ୍ତି, ସେଥିପାଇଁ ଏକ ସ୍ୱତନ୍ତ୍ର ବୋଟ୍ ଚଳାଯାଉଛି। ଟିକେଟ୍ ପିଛା ଦର ୨୦୦ଟଙ୍କା ରହିଥିବା ବେଳେ ଏହି ବୋଟ୍‌ରେ ୨୦ଜଣ ବସିବାର ବ୍ୟବସ୍ଥା କରାଯାଇଛି। ବୋଟ୍‌ରେ ଭୋଜି ଜିନିଷପତ୍ର ନେବା ସହିତ ୨୦ଜଣିଆ ଦଳ ନିରାପଦ ଭାବେ ଯାତ୍ରା କରିବାର ବ୍ୟବସ୍ଥା ହୋଇଛି। ସକାଳ ୮ଟାରେ ମହାନଦୀର ଯେକୌଣସି ପଠାରେ ଭୋଜି କରୁଥିବା ଦଳଙ୍କୁ ଛାଡ଼ି ଦିଆଯିବ। ସେମାନେ ବୁକିଂ କରିଥିବା ସମୟରେ ପୁଣି ଥରେ ଯାଇ କୂଳକୁ ଅଣାଯିବାର ବ୍ୟବସ୍ଥା ହୋଇଛି। ଏହାକୁ ବାଦ୍ ଦେଲେ ବ୍ରଜବିହାରୀପୁରଠାରେ ନୂଆବର୍ଷ ପାଇଁ ସ୍ୱତନ୍ତ୍ର ବୋଟିଂ ଯାତ୍ରା ଆରମ୍ଭ ହୋଇଛି। ନଦୀ ମଧ୍ୟରେ ଥିବା ପଠାରେ ସୁଇସ୍ ଟେଣ୍ଟ ଲଗାଯାଇଛି। ସେଠାରେ ପର୍ଯ୍ୟଟକ ରାତ୍ର ରହଣି କରିବା ସହିତ କ୍ୟାମ୍ପ ଫାୟାର୍ ଭଳି ମନୋରଞ୍ଜନ କରିବାର ସମସ୍ତ ବନ୍ଦୋବସ୍ତ

**କଟକ-ଇନ୍-କଟକରୁ ବାହାରୁଛି ଅତ୍ୟାଧୁନିକ ବୋଟ୍**

**ବ୍ରଜବିହାରୀପୁର ଓ ନନ୍ଦିକେଶ୍ୱରୀ ପଠାରେ ରାତ୍ରରହଣି, ଭୋଜି ଓ ମନୋରଞ୍ଜନ**

ହୋଇଛି। ମହାନଦୀରେ ନରାଜ୍ ଠାରୁ ଯୋବ୍ରା ବ୍ୟାରେଜ୍ ପର୍ଯ୍ୟନ୍ତ ବୋଟିଂ କରାଯାଉଛି। ଏବେ ପ୍ରତ୍ୟେକ ଦିନ ୧୦୦ରୁ ଅଧିକ ଲୋକ କାୟାକ୍ ବୋଟ୍ ନିଜେ ଚଳାଉଛନ୍ତି। ଏହାକୁ ଦେଖିବାକୁ ଚହଟା ଠାରୁ ଗଡଗଡିଆ ଘାଟ ପର୍ଯ୍ୟନ୍ତ ରିଂବନ୍ଧରେ ଭିଡ଼ ଜମୁଛି। ଏକା ସାଙ୍ଗରେ ୩୦ରୁ ୪୦କାୟାକ୍ ବୋଟ୍ ନିଜେ ଚଳାଇ ନଦୀ ଭିତରେ ଜଳକ୍ରୀଡା କରୁଥିବାର ଦୃଶ୍ୟ ଅତ୍ୟନ୍ତ ଆକର୍ଷଣୀୟ।

ହାଡିଆପଠା, ବାଲିଯାତ୍ରା ତଳପଡ଼ିଆ, ଭୂଆସୁଣୀ ପଠା ଓ ବ୍ରଜବିହାରୀପୁର ପଠାରେ ଭୋଜିର ଆସର ଜମିଲାଣି। ଦୈନିକ ଶହ ଶହ ଲୋକ ଏହି ପଠାଗୁଡ଼ିକରେ ଭୋଜି କରିବା ସହିତ ନାଚଗୀତର ଆସର ଜମାଉଛନ୍ତି। ମିଳିଥିବା ସୂଚନା ଅନୁସାରେ, ସହର ମଧ୍ୟରେ ନୂଆବର୍ଷ ପାଇଁ ଏବେଠାରୁ ଲୋକଙ୍କ ଗହଳି ଲାଗିଲାଣି। ବାରବାଟୀ ଦୁର୍ଗ, କଦମ୍-ଇ-ରସୁଲ୍, ସ୍ୱରାଜ ଆଶ୍ରମ, ଓଟିଡିସି ବୋର୍ଟ କ୍ଲବ୍, ମାରିଟାଇମ୍ ମ୍ୟୁଜିୟମ, ଆନନ୍ଦ ଭବନ, ମହାନଦୀ ବ୍ରିଜ୍, ନରାଜ ଭ୍ୟୁ, ରିଂ ବନ୍ଧ, ନନ୍ଦିକେଶ୍ୱରୀ ପଠା ଭଳି ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକ ରହିଛି। ଏଠାକୁ ନୂଆବର୍ଷ ଉପଲକ୍ଷେ ଏବେଠାରୁ ଶତାଧିକ ପର୍ଯ୍ୟଟକଙ୍କ ଆଗମନ ହେଲାଣି। ବଣଭୋଜି କରିବା ସମୟରେ ମଦ୍ୟପାନ କରିବା, ଅନ୍ୟ ପର୍ଯ୍ୟଟକଙ୍କୁ ହଇରାଣ କରିବା, ମହିଳାଙ୍କ ପ୍ରତି ଅସଦ ବ୍ୟବହାର ପ୍ରଦର୍ଶନ କରିବା ଭଳି ଅସାମାଜିକ କାର୍ଯ୍ୟକଳାପ ନକରିବାକୁ ପୁଲିସ ସଚେତନତା କରାଉଛି। ଉଭୟ ମହାନଦୀ ଓ କାଠଯୋଡ଼ି ପଠାରେ ଲୋକମାନେ ପିକନିକ୍ ସଜିନ୍‌ରେ ଭୋଜି ଭାତ କରୁଥିବାରୁ ଏହା ଉପରେ ସ୍ଥାନୀୟ ଥାନା ଦୃଷ୍ଟି ଦେବାକୁ ଡିସିପି ଶ୍ରୀ ଦ୍ୟାନେଦଓ ନିର୍ଦ୍ଦେଶ ଦେଇଛନ୍ତି। କଟକରେ ଦୁଇଟି ନଦୀ ଏବଂ ସହର ବାହାରେ ପାହାଡ଼ ଓ ଅନ୍ୟାନ୍ୟ ବିପଦଶଙ୍କୁଳ ସ୍ଥାନ ରହିଛି। ଏଥିନେଇ ପର୍ଯ୍ୟଟକଙ୍କୁ ସଚେତନତା କରାଯାଉଛି। ଜିଲ୍ଲା ପର୍ଯ୍ୟଟନ ବିଭାଗ, ଜିଲ୍ଲା ପ୍ରଶାସନ ଓ କମିସନରେଟ୍ ପୁଲିସ ଜନସାଧାରଣଙ୍କ ମନୋରଞ୍ଜନକୁ ଧ୍ୟାନ ଦେଇ ବିଭିନ୍ନ ପ୍ରକାର ସୁବିଧା ଉପଲବ୍ଧ କରାଉଛନ୍ତି।

9th
Death Anniversary
In Loving Memory
"We remember you with Pride and Gratitude.
Your presence remains with us like a Blessing.
We miss your Love, Affection and Guidance.
Your path of Righteousness will continue to inspire us."



√Gopal Chandra Mohanty
Ex- Principal Secretary to Govt. of Odisha. Law Department,
Ex- Chairman, State Law Revision Committee.
Fondly Remembered by
Kanak Mohanty
Manoj & Bharati Mohanty, Saroj & Amrapalli Mohanty
Sanjib & Ashru Mohanty
Samikhya & Tarun, Samyantaka, Anwesha
Staffs and Management of Xpose Advertising
Xpose ADVERTISING BHUBANESWAR | RAIPUR KOLKATA | HYDERABAD
fabindia CELEBRATE INDIA BALASORE
Yum! Chinese BALASORE

# ଏସ୍‌ବିଆଇ ସିଜିଏମ୍ ଓ ଡିଜିଏମ୍‌ଙ୍କ କୋରାପୁଟ ଗସ୍ତ

ନନ୍ଦପୁର,୨୫।୧୨ (ସମିସ): ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ସିଜିଏମ୍ ଶ୍ରୀ ରତ୍ନ ତେଜା ଦିନକର ଆକେଲ୍ଲା ଓ ଡିଜିଏମ୍ ଆଲୋକ କୁମାର ସିହ୍ନାଙ୍କ ଦୁଇଦିନିଆ କୋରାପୁଟ ଗସ୍ତ ଅବସରରେ ଆଜି ନନ୍ଦପୁର ବ୍ଲକ ଅନ୍ତର୍ଗତ ହିକିମ୍ପୁଟ ସ୍ଥିତ



ଗ୍ରାହକ ସେବା କେନ୍ଦ୍ରରେ ନିକଟସ୍ଥ ସମସ୍ତ ଗ୍ରାହକ ସେବା କେନ୍ଦ୍ର ସିଏସପି ପରିଚାଳକଙ୍କ ସହ ସାକ୍ଷାତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ପରିଚାଳକ ସୁବାଷ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ବାଲଡା ଷ୍ଟେଟ୍ ବ୍ୟାଙ୍କର ମୁଖ୍ୟ ପରିଚାଳକ ନୁପୁର ମୌଳିକ, କ୍ଷେତ୍ର ଅଧିକାରୀ ସୌମ୍ୟ ସ୍ୱରାଜ ରାଉତ, ଆକାଉଣ୍ଟାଣ୍ଟ ଅମନ୍ ମେହେରଙ୍କ ସହ ଅନ୍ୟାନ୍ୟ ବ୍ୟାଙ୍କ କର୍ମଚାରୀମାନେ ଉପସ୍ଥିତ ରହି ସିଜିଏମ୍ ଓ ଡିଜିଏମ୍‌ଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଥିଲେ। ବୈଠକ ସମୟରେ ସିଜିଏମ୍ ରତ୍ନ ତେଜା ଦିନକର ଆକେଲ୍ଲା ସିଏସପି ପରିଚାଳକମାନଙ୍କୁ ଗ୍ରାମାଞ୍ଚଳର ଗ୍ରାହକମାନଙ୍କୁ ସତ, ସମୟୋପଯୋଗୀ ଓ ସ୍ୱଚ୍ଛସେବା ଯୋଗାଇଦେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଆର୍‌ଏମ୍ ଶ୍ରୀ ବେହେରା ଜନସେବା କେନ୍ଦ୍ରରେ ଉପସ୍ଥିତ ଗ୍ରାହକମାନଙ୍କ ସହ ଆଲୋଚନା କରି ସେମାନଙ୍କୁ ଷ୍ଟେଟ୍ ବ୍ୟାଙ୍କର ବିଭିନ୍ନ ଗ୍ରାହକ ସେବା ସୁବିଧା ସମ୍ପର୍କରେ ଅବଗତ କରାଇଥିଲେ। ହିକିମପୁଟ ସିଏସ୍‌ପି ପରିଚାଳକ ଶଙ୍କର ସେନ ନାୟକଙ୍କ କାର୍ଯ୍ୟ ନେଇ ଉଚ୍ଚ ପ୍ରଶଂସା କରିଥିଲେ ବଲ୍ଡା ଶାଖା ମୁଖ୍ୟ ପରିଚାଳକ ନୁପୁର ମଲ୍ଲିକ। ଏହି ଅବସରରେ ବେଦବାଗ ଭିସିର ଜିଲ୍ଲା ଅଧିକାରୀ କୁମ ପାଙ୍ଗିଙ୍କ ସମେତ ଗ୍ରହାକ୍ ସେବା ପରିଚାଳକ ଜସ୍ମିନି ଖରା, ଡମ୍ବୁରୁ ଧର ଭଣ୍ଡା, କାହ୍ନୁ ଚରଣ ନାୟକ, ରାଜ କୁମାର ଖିଲ, ତ୍ରିନାଥ ଖିଲ, ନକୁଲ ସୀସା ଲାଇଲୁ ଗୁଞ୍ଜିଆ, ସୁକାନ୍ତ କୁମାର ଦାସ, ବାଲଡ଼ା ବ୍ୟାଙ୍କ୍ କର୍ମଚାରୀ ଘନଶ୍ୟାମ ନାୟକ, ଜଗଦୀଶ ତାଲିଆ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ଗ୍ରାମ ପଞ୍ଚାୟତର ଦୁଇ ସାମାଜିକ କର୍ମୀ ଜୟରାମ ଭୋଇ, କାଶୀନାଥ ଗୋଲରୀ ପ୍ରମୁଖଙ୍କ ସହ ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀ, ବୁଦ୍ଧିଜୀବି ମାନେ ଯୋଗ ଦେଇଥିଲେ।

## ପ୍ରଶାସନ ସହ ଚାଷୀ ମହାସଂଘର ଆଲୋଚନା

# ମକା କ୍ୱିଣ୍ଟାଲ୍ ୨୦୦୦ ଟଙ୍କାରେ କ୍ରୟ ହେବ



ଉମରକୋଟ,୨୫।୧୨ (ସମିସ) : ମକା କ୍ୱିଣ୍ଟାଲ୍ ୨୪୦୦ ଟଙ୍କା ଓ ତୁରନ୍ତ ଧାନ ମଣ୍ଡି ଖୋଲାଯାଇ ଚାଷୀଙ୍କ ଠାରୁ ଧାନ କ୍ରୟ କରିବା ଦାବିରେ ଚାଷୀ ମହାସଂଘ ପକ୍ଷରୁ ଉମରକୋଟ, ରାଇଘର ଓ ଝରିଗାଁ ବ୍ଲକ୍‌ରେ ଚକଅଖି ବନ୍ଦ କରାଯାଇଥିଲା। ବୁଧବାର ଦିନ ବିଳମ୍ବିତ ରାତ୍ରରେ ଜିଲ୍ଲା ପ୍ରଶାସନ ସହ ଆଲୋଚନା ପରେ ଆନ୍ଦୋଳନକୁ ପ୍ରତ୍ୟାହାର କରିଛି ଚାଷୀ ମହାସଂଘ। ରାଇଘର ଠାରେ ସୋମବାର, ମଙ୍ଗଳବାର ପ୍ରଶାସନିକ ଅଧିକାରୀ ଓ ଚାଷୀ ମହା ସଂଘର ଆଲୋଚନା ବିଫଳ ହେବା ପରେ ବୁଧବାର ବିଳମ୍ବିତ ରାତ୍ରରେ ଉମରକୋଟ ଠାରେ ତୃତୀୟ ଥର ପାଇଁ ପ୍ରଶାସନ ଚାଷୀ ମହାସଂଘର ନେତା ମାନଙ୍କ ସହ ଆଲୋଚନା କରିଥିଲା। ବୈଠକର ନିଷ୍ପତି ଅନୁଯାୟୀ ଏକ ବେସରକାରୀ ସଂସ୍ଥା ମାଧ୍ୟମରେ ଜିଲ୍ଲା ପ୍ରଶାସନ ଉମରକୋଟ, ରାଇଘର, ଝରିଗାଁ ବ୍ଲକ ଚାଷୀଙ୍କ ଠାରୁ କ୍ୱିଣ୍ଟାଲ ପିଛା ୨୦୦୦ ଟଙ୍କାରେ ପ୍ରାୟ ୧୦ ଲକ୍ଷ କ୍ୱିଣ୍ଟାଲ ମକା କ୍ରୟ କରିବା, ଧାନ ମଣ୍ଡି ଖୋଲାଯାଇ ସମସ୍ତ ଚାଷୀଙ୍କ ଟୋକେନ ପ୍ରଦାନ କରାଯାଇ ଧାନ କ୍ରୟ କରାଯିବ ଓ ଚାଷୀ ଯେପରି ସାର ପାଇବାରେ ଅସୁବିଧା ନ ହୁଏ, ଏଥିପ୍ରତି ଜିଲା ପ୍ରଶାସନ ପ୍ରତିଶ୍ରୁତି ଦେବା ପରେ ଚାଷୀ ମହାସଂଘ ଏଥିରେ ସହମତି ପ୍ରଦାନ କରି ବିଳମ୍ବିତ ରାତିରେ ହିଁ ଆନ୍ଦୋଳନକୁ ପ୍ରତ୍ୟାହାର କରିଦେଇଥିଲା। ଫଳରେ ଆଜି ଠାରୁ ଉମରକୋଟ ସହରକୁ ସମ୍ପୂର୍ଣ୍ଣ ଭାବରେ ଯାନବାହାନ ଚଳାଚଳ ସ୍ୱାଭାବିକ ରହିଛି। ବୈଠକ ପରେ ପୂର୍ବତନ ଏମପି ପ୍ରଦୀପ ମାଝୀ ଖବରଦାତା ମାନଙ୍କୁ ସୂଚନା ପ୍ରଦାନ କରଥିଲେ। ଚାଷୀ ମାନେ ଯେଉଁ ମକାକୁ ପୂର୍ବେ ୧୭୦୦ ଟଙ୍କା ରେ ବିକ୍ରୀ କରୁଥିଲେ ବର୍ତ୍ତମାନ ୨୦୦୦ ଟଙ୍କା ର ବିକ୍ରୀ କରି ସିଧା ସଳଖ ୩୦୦ ଟଙ୍କା କ୍ୱିଣ୍ଟାଲ ପିଛା ଲାଭ ପାଇବେ। ଉମରକୋଟ,ରାଇଘର ଓ ଝରିଗାଁ ବ୍ଲକରୁ ଜିଲ୍ଲା ପ୍ରଶାସନ ୧୦ ଲକ୍ଷ କ୍ୱିଣ୍ଟାଲ ମକା ଏକ ବେସରକାରୀ ସଂସ୍ଥା ମାଧ୍ୟମରେ ଜାନୁଆରୀ ମାସ ପ୍ରଥମ ସପ୍ତାହରୁ କ୍ରୟ କରିବା ପାଇଁ ରାଜି ହୋଇଛି ବୋଲି କହିଛନ୍ତି। ଏହି ଆଲୋଚନାରେ ଚାଷୀ ମହାସଂଘ ପକ୍ଷରୁ ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀ, ଗୋପାଳ ପୁଜାରୀ, ତପନ କୁମାର ଦେବନାଥ, ବିର ସିଂ ମାଝି, କାଲୁ ପଣ୍ଡା, ପ୍ରେମା ପାଣ୍ଡେ, ସଂତୋଷ ସୂତ୍ରଧର ଓ ମୃତାଞ୍ଜୟ କିର୍ତନିଆ ପ୍ରମୁଖ ଉପସ୍ଥିତ ଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ତପନ କୁମାର ଖୁଣ୍ଟିଆ, ଉପ ଜିଲାପାଳ ପ୍ରକାଶ ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ, ନବରଙ୍ଗପୁର ଡ଼ିଏସପି ରମାକାନ୍ତ ସାଏ, ଜିଲା ଯୋଗାଣ ଅଧିକାରୀ ଦେବାଶିଷ ମହାନ୍ତି, ଉମରକୋଟ ତହସିଲଦାର ମେଗବାନ ବାଗ, ଜିଲା କୃଷି ଅଧିକାରୀ, ପୋଲିସ ଉପଖଣ୍ଡ ଅଧିକାରୀ ଶୁଭେନ୍ଦୁ ଶବର ଓ ଇନ୍ସପେକ୍ଟର ଶିବଜି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ରଜତ ଜୟନ୍ତୀ ଉତ୍ସବ ପାଇଁ ପ୍ରେସ୍ କ୍ଲବ୍‌ର ପ୍ରସ୍ତୁତି



ସେମିଲିଗୁଡ଼ା, ୨୫।୧୨ (ସମିସ): ଚଳିତ ବର୍ଷ ଡିସେମ୍ବର ୨୮ ତାରିଖ ଦିନ ସେମିଲିଗୁଡା ପ୍ରେସ କ୍ଲବ୍‌ର ରଜତ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହେବ। ଉତ୍ସବ ଦିନ ଶବ୍ଦ ଉତ୍ସବ ଦିନବେଳା ପାଳନ କରାଯିବ। ଏଥିରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ସାହିତ୍ୟିକ ଯୋଗ ଦେବେ। ଏଥିରେ ଅଣୁ ଗପ ଓ ପରମାଣୁ କବିତାର ସମାହାର ହେବ। ଅପରାହ୍ନ ୫ଟା ସମୟରେ ମୁଖ୍ୟ ଉତ୍ସବ ପାଳନ କରାଯିବ । ଏହି ଉତ୍ସବର ନାମ 'ଅନ୍ୱେଷଣ ଶାନ୍ତି' ରଖାଯାଇଛି । ଏଥିରେ ଶାନ୍ତି ଉପରେ ଆଲୋଚନା ହେବ। 'ଅନ୍ୱେଷଣ ଶାନ୍ତି 'ନାମକ ଏକ ଆନ୍ତର୍ଜାତିକ ମାନର ବହି ଲୋକାର୍ପଣ କରାଯିବ। ଏଥିରେ ଦେଶ ବିଦେଶର ପ୍ରତିଷ୍ଠିତ ଲେଖକଙ୍କର ଲେଖା ସ୍ଥାନ ପାଇଛି । ଶାନ୍ତି ଉପରେ କୋଉ ଧର୍ମ ଶାସ୍ତ୍ର ଓ ଆଧ୍ୟାତ୍ମିକ ଅନୁଷ୍ଠାନର କଣ ଦର୍ଶନ ରହିଛି ତାହା ସ୍ଥାନ ପାଇଛି। କୋରାପୁଟ ଗୌରବ, କୋରାପୁଟ ପ୍ରତିଭା, ପ୍ରେସ ଗୌରବ, ଆମ ପ୍ରିୟ ସାମ୍ବାଦିକ, ପ୍ରେସ ସାଂସ୍କୃତିକ ସମ୍ମାନ ସମେତ କୋରାପୁଟରେ ଥିବା ସମସ୍ତ ମିଡ଼ିଆ ହାଉସର ମୁଖ୍ୟ ମାନଙ୍କୁ ସମ୍ବର୍ଦ୍ଧିତ କରାଯିବ। ବିଭିନ୍ନ ବ୍ୟକ୍ତି ଓ ଅନଷ୍ଠାନକୁ ମଧ୍ୟ ସ୍ମୃତି ସ୍ମାରକୀ ଦିଆଯାଇ ସମ୍ମାନିତ କରାଯିବ। ବରପୁତ୍ର ମଣ୍ଡପକୁ ବି ଲୋକାର୍ପଣ କରାଯିବ। ରଜତ ଜୟନ୍ତୀ ଉତ୍ସବକୁ ସଫଳ କରିବା ପାଇଁ ପ୍ରେସ କ୍ଲବ କ୍ୟାମ୍ପସରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ କମିଟି ଗଠନ କରାଯାଇ ସଭ୍ୟ ମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା । ସଭାପତି ଡ଼ ଅଜୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ସମ୍ପାଦକ ମନୋଜ ପଟନାୟକ, କାର୍ଯ୍ୟକାରୀ ସଭାପତି ବାସୁ ବରାଡ଼, ଉପସଭାପତି କୁର୍ମା ରାଓ ଓ ପୁରିନ୍ଦର ବାରିକ, କଲ୍ୟାଣ ପାଣ୍ଠି ଅଧ୍ୟକ୍ଷ କର୍ଣ୍ଣାଟ କେଶରୀ ସାମଲ, ଯୁଗ୍ମ ସମ୍ପାଦକ କ୍ଷୀରୋଦ ଭୋଲ ଏବଂ ଅନ୍ୟ ସଦସ୍ୟ ଯୋଗ ଦେଇଥିଲେ।

# ୧୯୭୮ ମସିହା ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ସମାଗମ




ପାପଡାହାଣ୍ଡି,୨୫।୧୨(ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ୍ ସିରସୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ପାଲପୁର ଗ୍ରାମ ରଜନୀ ଶାସମଲଙ୍କ ଘର ପରିସରରେ କୋଟପାଡ଼ ଉଚ୍ଚ ବିଦ୍ୟାଳୟର ୧୯୭୮ ମସିହା ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ଛାତ୍ର ଗୁପ୍ତ ପଟ୍ଟନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ରୂପେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ପୂର୍ବତନ ପୋଣ୍ଡିକୋଟ ସରପଞ୍ଚ ଶିବ ପ୍ରସାଦ ଅଗ୍ରୱାଲ ମୁଖ୍ୟ ବକ୍ତା ନିରଞ୍ଜନ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କୋଟପାଡ଼ ଉଚ୍ଚ ବିଦ୍ୟାଳୟର ୧୯୭୮ ମସିହାର ୪୧ ଜଣ ପୂର୍ବତନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସମାଜରେ କିଛି ଭଲ କାମ କରିବା, ଅସହାୟ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଆଲୋଚନା ହୋଇଥିଲା। ସମସ୍ତ ସଦସ୍ୟ ନିଜ ନିଜ ଜୀବନ କାହାଣୀ ବିଷୟରେ କହିଥିଲେ। ଏହି କାର୍ଯ୍ୟକ୍ରମକୁ ରଜନୀକାନ୍ତ ଶାସମଲ ପରିଚାଳନା କରିଥିଲେ। ବିଜୟ କୁମାର ପ୍ରଧାନ, ଡି.ନାରାୟଣ ରାଓ, ଏସ. ଚନ୍ଦ୍ର ରାଓ, ପ୍ରମୋଦ କୁମାର ଶତପତି, ଅଶୋକ ମିଶ୍ର, ଗୁପ୍ତ ବିଷୋୟୀ, ଭାବନୀ ପଟ୍ଟନାୟକ, ଗୌରୀ ପଟ୍ଟନାୟକ, ହରିଶଚନ୍ଦ୍ର ପଟ୍ଟନାୟକ, ଟଙ୍କ ମାଳି, ମାଧୁରୀ ତ୍ରିପାଠୀ ଓ ସୁରେନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ।

# ବସ୍ ମାଲିକ ସଂଘ ପକ୍ଷରୁ ଖଲାସୀଙ୍କୁ ପୋଷାକ ବଣ୍ଟନ



କୋରାପୁଟ,୨୫।୧୨(ସମିସ): କୋରାପୁଟ ବସଷ୍ଟାଣ୍ଡରେ କାର୍ଯ୍ୟରତ ଖଲାସୀ ମାନଙ୍କୁ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ନୂତନ ପୋଷାକ ପ୍ରଦାନ କରା ଯାଇଛି। ବିଭିନ୍ନ ସମୟରେ କୋରାପୁଟ ବସଷ୍ଟାଣ୍ଡର ଖଲାସୀ ମାନଙ୍କୁ ଘରୋଇ ବସ ମାଲିକ ସଂଘ ସାହାଯ୍ୟ ଓ ସହଯୋଗର ହାତ ବଢ଼ାଇଥାଏ। ବର୍ଷାଦିନେ ଛତା ଓ ରେନକୋର୍ଟ, ଖରା ଦିନେ ଡ୍ରେସ୍ ଏବଂ ଶୀତ ଦିନେ କମ୍ବଲ ଏବଂସ୍ୱିଟର ପ୍ରଦାନ କରି ଖଲାସୀ ମାନଙ୍କ ସାହାରା ବନିଥାନ୍ତି ଘରୋଇ ବସ ମାଲିକ ସଂଘ। ଆଜି ଖ୍ରୀଷ୍ଟମାସ ଉପଲକ୍ଷେ ଘରୋଇ ବସ୍ ମାଲିକ ସଂଘ ତରଫରୁ ୨୫ରୁ ଅଧିକ ଖଲାସୀଙ୍କୁ ମୁଖ୍ୟ ଅତିଥି ସଂଘର ଆଇନ ଉପଦେଷ୍ଟା ଅଶୋକ କୁମାର ଷଡଙ୍ଗୀ ଡ୍ରେସ୍ ପ୍ରଦାନ କରିଥିଲେ। ଏଇ କାର୍ଯ୍ୟକ୍ରମରେ ସଂଘର ସଭାପତି ସେଖ କାସିମ୍ ଏବଂ ସମ୍ପାଦକ ଫିରୋଜ କୁମାର୍ ତୁରୁକଙ୍କ ସହ ଘରୋଇ ବସ ମାଲିକ ସଂଘର ସଦସ୍ୟ ମାନେ ଉପସ୍ଥିତ ଥିଲେ।

# ପେଟା ଘାଟିରେ ଓଲଟିଲା ପରିବା ବୋଝେଇ ଭ୍ୟାନ୍



ବୈପାରିଗୁଡା, ୨୫।୧୨(ସମିସ): ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ମହୁଲି ପଞ୍ଚାୟତ କୋଟା ଛକ ତିନି ବାଙ୍କ ପେଟାଘାଟିରେ ଓଲଟିଲା ପରିବା ବୋଝେଇ ଭ୍ୟାନ। ଦୁର୍ଘଟଣଶରେ ଡ୍ରାଇଭର ଏବଂ ଚାରି ମହିଳା ଗୁରୁତର ଆହତ ହୋଇଥିବା ଜଣାପଡିଛି। ଘଟଣା ଅନୁଯାୟୀ, ପାଡୁଆ ସାପ୍ତାହିକ ହାଟରୁ (ଓଡି୧୦ଓ୫୪୪୬) ନମ୍ବର ମିନି ଭ୍ୟାନ୍ ପରିବା ବୋଝେଇ ହୋଇ କୋଟପାଡ଼ ବ୍ଲକର ବଣ୍ଡାଗୁଡା ଅଭିମୁଖେ ବାହାରିଥିଲା। ପେଟା ଘାଟିରେ ଭ୍ୟାନର ବ୍ରେକ ଫେଲ୍ ହୋଇଯିବାରୁ ଓଲଟି ପଡିଥିଲା। ଫଳରେ ଡ୍ରାଇଭର ଗଙ୍ଗାଧର ଚାଲାଣଙ୍କ ଏବଂ ଚାରି ଜଣ ମହିଳା ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣା ଘଟିବା ଖବର ପାଇ ସ୍ଥାନୀୟ ସ୍ୱେଚ୍ଛାସେବୀ ବିଜୁ ରାଉତ ଏବଂ କେଦାର ଗୌରୀ ଦାସ ଘଟଣାସ୍ଥଳରେ ପହଞ୍ଚିଥିଲେ ଏବଂ ବୈପାରିଗୁଡା ପୁଲିସକୁ ଖବର ଦେଇଥିଲେ । ଆହତମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ସାହାଯ୍ୟରେ ଜୟପୁର ଜିଲ୍ଲା ହସପିଟାଲକୁ ପଠାଇଥିଲେ। ଏହାପରେ ବୈପାରିଗୁଡା ପୁଲିସ ଓଆଇସି ଡମ୍ବରୁଧର ବାତ୍ରିଆ ଏବଂ ଏଏସଆଇ ବୁଲୁ ସାଧୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ବାଂଲାଦେଶରେ 'ହିନ୍ଦୁ ନରସଂହାର' ବିରୋଧରେ ବିଏଚ୍‌ପିର ଶୋଭାଯାତ୍ରା



ରାୟଗଡ଼ା, ୨୫।୧୨(ସମିସ) : ବାଂଲାଦେଶର ମୈମନସିଂହରେ ହିନ୍ଦୁ ଗାର୍ମେଣ୍ଟ ଶ୍ରମିକ ଦୀପୁ ଚନ୍ଦ୍ର ଦାସଙ୍କୁ ଅତି ନିର୍ମମ ଭାବେ ହତ୍ୟା ଏବଂ ମହମ୍ମଦ ୟୁନୁସଙ୍କ ଶାସନ କାଳରେ ହିନ୍ଦୁ ସଂଖ୍ୟାଲଘୁଙ୍କ ଉପରେ ଚାଲିଥିବା ଅତ୍ୟାଚାର ବିରୋଧରେ ଆଜି ବିଏଚ୍‌ପି ପ୍ରତିବାଦ ଶୋଭାଯାତ୍ରା କରିଛି। ରାୟଗଡା ସହରବାସୀଙ୍କ ସମେତ ସମସ୍ତ ବ୍ୟବସାୟିକ ଓ ବୈଷୟିକ ସଂଗଠନ, ବିଶ୍ୱ ହିନ୍ଦୁ ପରିଷଦ , ବଜରଙ୍ଗ ଦଳ, ମାତୃଶକ୍ତି ଏବଂ ଦୁର୍ଗାବାହିନୀ ପକ୍ଷରୁ ଏକ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶୋଭାଯାତ୍ରାରେ ଆଜି ସକାଳୁ ରାୟଗଡ଼ା ସହରର ଜଗନ୍ନାଥ ମନ୍ଦିରରେ ଶତାଧିକ କର୍ମକର୍ତ୍ତା ଏକତ୍ରିତ ହୋଇଥିଲେ। ହାତରେ ଗେରୁଆ ପତାକା ଏବଂ ବାଂଲାଦେଶ ସରକାର ବିରୋଧୀ ପ୍ଲାକାର୍ଡ ଧରି ସହର ପରିକ୍ରମା କରିଥିଲେ। ଏହି ବର୍ବରୋଚିତ କାଣ୍ଡ ବିରୁଦ୍ଧରେ ପରିଷଦ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଯଦି ବାଂଲାଦେଶରେ ହିନ୍ଦୁଙ୍କ ଉପରେ ଆକ୍ରମଣ ବନ୍ଦ ନହୁଏ, ତେବେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ଶେଷରେ ରାୟଗଡା ରେଳ ଷ୍ଟେସନଠାରେ ପହଞ୍ଚି ସ୍ୱର୍ଗତ ଦିପୁଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି।

# କଲଭର୍ଟ ତଳୁ ମୃତଦେହ ଉଦ୍ଧାର

ପାପଡାହାଣ୍ଡି,୨୫।୧୨(ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ଗ୍ରାମର ସତନାମୀ ସାହି ନିକଟରେ କଲଭର୍ଟ ତଳୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ବ୍ୟକ୍ତି ଜଣକ ମଝିଆ ଭତରା ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ ପାପଡାହାଣ୍ଡି ବ୍ଲକ ଦଳେଇଗୁଡ଼ା ଗ୍ରାମର ମଝିଆ ଭତରା (୫୦) କାଲି ସନ୍ଧ୍ୟା ସମୟରେ ଘରୁ ବାହାରି କୁଆଡେ ଚାଲି ଯାଇଥିଲେ। ସେ ବହୁ ସମୟ ପରେ ମଧ୍ୟ ଘରକୁ ଫେରିନଥିଲେ। ପରିବାର ସଦସ୍ୟ ଏହା ଜାଣିବା ପରେ ଆଖପାଖ ଖୋଜାଖୋଜି କରିଥିଲେ। କିନ୍ତୁ କୌଣସି ଖବର ମିଳିନଥିଲା। ଆଜି ସକାଳେ ସତାନାମୀ ସାହି ନିକଟରେ ରହିଥିବା କଲଭର୍ଟ ତଳୁ ତାଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଥାନା ଅଧିକାରୀ ଦୀପକ କୁମାର ଜେନା ଓ ପୋଲିସ ଟିମ ଘଟଣାସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରିଥିଲେ। ଏନେଇ ମୃତ ମଝିଆଙ୍କ ପୁତୁରା ଶ୍ରୀପତି ଭତରା ପାପଡାହାଣ୍ଡି ଥାନାରେ ଏତଲା ଦେବା ପରେ ତଦନ୍ତ ଅଧିକାରୀ ସନ୍ଧ୍ୟାରାଣୀ ବେହେରା ଏହାର ଅନୁସନ୍ଧାନ କରୁଛନ୍ତି।

# ସେବକ ଦଳର ତୁଳସୀ ଦିବସ




ସୁନାବେଡ଼ା,୨୫।୧୨(ସମିସ); ଡିସେମ୍ବର ୨୫କୁ ସାରା ବିଶ୍ୱରେ ବଡ଼ଦିନ ପାଳନ କରାଯାଉଥିବା ବେଳେ ସେବକ ଦଳ ତରଫରୁ ତୁଳସୀ ଦିବସ ପାଳନ କରାଯାଇଛି। ସୁନାବେଡ଼ା-୩ ସ୍ଥିତ ହନୁମାନ ବଜାର ନିକଟରେ ଥିବା ମହିଳା ସଂଘଠାରେ ଧୁମ୍‌ଧାମରେ ତୁଳସୀ ଦିବସ ପାଳିତ ହେଇଯାଇଛି। ଏହି ଦିବସରେ ଭୋଗ ଏବଂ ଆଳତୀ ଦେଇ ମା'ଙ୍କୁ ପୂଜା କରାଯାଇଥିଲା। ସେବକ ଦଳର ଏହି କାର୍ଯ୍ୟକୁ ସ୍ଥାନୀୟ ଲୋକ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମ ସେବକ ଦଳର ତ୍ରିଲୋଚନ ବେହେରାଙ୍କ ନେତୃତ୍ୱରେ ହୋଇଥିଲା। ଏଥିରେ ଦିପେଶ, ମୋନୁ, ଗୋପ, ଗୋବିନ୍ଦ, ଚିତ୍ର, ଶୁଭମ୍, କିରଣ, ସୁରେନ୍ଦ୍ର, ଏବଂ ବୃନ୍ଦା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଆସନ୍ତା ବର୍ଷ ଆହୁରି ଧୁମ୍‌ଧାମ ଭାବରେ ପାଳନ କରିବେ ବୋଲି ମହିଳା ସଂଘ, ସେବକ ଦଳ ସ୍ଥାନୀୟ ଜନସାଧାରଣ କଥା ରଖିଥିଲେ।

# ଦେଶୀ ମଦ ଜବତ



ନନ୍ଦାହାଣ୍ଡି ,୨୫।୧୨(ସମିସ): ନବରଙ୍ଗପୁର ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରତାପ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ନବରଙ୍ଗପୁର ଅବକାରୀ ଥାନା ପକ୍ଷରୁ ଚଢ଼ଉ କରାଯାଇଥିଲା। ନନ୍ଦାହାଣ୍ଡି ବ୍ଲକ ପୋଡାଲଗୁଡା ପଞ୍ଚାୟତ ନବରଙ୍ଗପୁର ଥାନା ଅନ୍ତର୍ଗତ ମାଝୀଗୁଡ଼ା ଗ୍ରାମର ରଣା ସାହିର ବିଭିନ୍ନ ସ୍ଥାନରେ ବିଭାଗର ଏକ ଟିମ୍ ଚଢ଼ଉ କରିଥିଲା। ଏହି ସମୟରେ ପ୍ରାୟ ୨୮୫୦ ଲିଟର ମହୁଲ ପୋଚ ଏବଂ ୨୫୦ ଲିଟର ହାତରନ୍ଧା ଦେଶୀ ମଦ ଜବତ କରାଯାଇଥିଲା। ଉଭୟ ପୋଚ ଓ ମଦକୁ ଘଟଣାସ୍ଥଳରେ ହିଁ ସମ୍ପୂର୍ଣ୍ଣ ନଷ୍ଟ କରି ଦିଆଯାଇଥିଲା। ଅବକାରୀ ନିରୀକ୍ଷକ ଦିଲୀପ କୁମାର ରଥଙ୍କ ତତ୍ତ୍ୱାବଧାନରେ ଟିମ୍‌ରେ ଅବକାରୀ ଥାନା ଅଧିକାରୀ ଉଷା ଗୌଡ଼ ଏବଂ ଉପ ନିରୀକ୍ଷକ କେ. ଭାସ୍କରଙ୍କ ସମେତ ରଞ୍ଜୀ ଜାନୀ, ରିସ୍ମା ସୁନା, ଆକ୍ରମ ଖାନ, ସଦାଶିବ ଭତରା ଓ ଉମେଶ ହରିଜନ ପ୍ରମୁଖ ସହଯୋଗ କରିଥିଲେ।



# ଛତୁ ଚାଷ ଦେଉଛି ରୋଜଗାର





ଉମରକୋଟ ୨୫।୧୨(ସମିସ): ନବରଙ୍ଗପୁର ଜିଲ୍ଲା ଏକ କୃଷି ପ୍ରଧାନ ଜିଲ୍ଲା। ଏଠାରେ ଶିଳ୍ପର କୌଣସି ବିକଳ୍ପ ନାହିଁ। ତେଣୁ ବର୍ତ୍ତମାନ ନାମମାତ୍ର କ୍ଷୁଦ୍ର ଚାଷୀ ପାରମ୍ପରିକ ଚାଷ ସହ ଆନୁସଙ୍ଗିକ ଚାଷ କରୁଛନ୍ତି । ସେଥିମଧ୍ୟରୁ ଡିଙ୍ଗିରି ଛତୁ ଚାଷ ଅନ୍ୟତମ। କିଛି ଚାଷୀଙ୍କ ରୋଜଗାରର ମାଧ୍ୟମ ସାଜିଛି ଡିଙ୍ଗିରୀ ଛତୁ। ବାବୁଲାଲ ଡିଙ୍ଗିରି ଛତୁଚାଷ ୟୁଟ୍ୟୁବ୍‌ରୁ ଦେଖିଥିଲେ ଏବଂ କୃଷି ବିଜ୍ଞାନ କେନ୍ଦ୍ରରୁ ସମସ୍ତ ସୂଚନା ପାଇବା ପରେ ୫୦୦ ଟଙ୍କାର ଛତୁ ମଞ୍ଜି ଆଣି ଚାଷ ଆରମ୍ଭ କରିଥିଲେ । ବର୍ତ୍ତମାନ ସେ ଏକା ଥରକେ ପ୍ରାୟ ୨୨ ହଜାର ଟଙ୍କାର ମଞ୍ଜି ଆଣିଛନ୍ତି ଏବଂ ଚାଷ କରୁଛନ୍ତି। ଉମରକୋଟ ବ୍ଲକ୍‌ର ମୁର୍ତ୍ତୁମା ପଞ୍ଚାୟତର କୁଟିଆରିଗୁଡା ଭଳି ଗ୍ରାମାଞ୍ଚଳରେ ସ୍ୱଳ୍ପ ଖର୍ଚ୍ଚରେ ଡିଙ୍ଗିରି ଛତୁଚାଷ କରି ଅଧିକ ଲାଭବାନ ହେବା ସହ ସ୍ୱାବଲମ୍ବୀ ହୋଇ ପାରିଥିବା ଦେଖିବାକୁ ମିଳିଛି। ପାଳ ନଡା ଏହାକୁ ସାଧାରଣତଃ ଗାଈ ଗୋରୁଙ୍କ ଖାଦ୍ୟ ଭାବେ ବ୍ୟବହାର କରାଯାଏ ଏବଂ ବଳକା ଗୁଡିକୁ ଆବର୍ଜନା ଭାବେ ବିବେଚନା କରି ଆମେ ଫିଙ୍ଗି ଦେଇଥାଉ । କିନ୍ତୁ ଉମରକୋଟ ବ୍ଲକ ମୁର୍ତ୍ତୁମା

## ସ୍ୱାବଲମ୍ବୀ ହେଲେ ବାବୁଲାଲ

ପଞ୍ଚାୟତର କୁଟିଆରିଗୁଡା ଗ୍ରାମର ବାବୁଲାଲ ଗଣ୍ଡ ନିଜ ଘର ଭିତରେ ୬୦୦ ବର୍ଗଫୁଟ ଘର ଭିତରେ ପାଳ ନଡା ବ୍ୟବହାର କରି ସୁନ୍ଦର ଭାବରେ କରିଛନ୍ତି ଛତୁ ଚାଷ। ଏହି ଚାଷ କରି ସେ ମାସକୁ ପ୍ରାୟ ୨୦ ରୁ ୨୫ ହଜାର ଟଙ୍କା ଉପାର୍ଜନ କରି ପାରୁଛନ୍ତି। ସେ ନିଜ ଉତ୍ପାଦିତ ଛତୁକୁ ସ୍ଥାନୀୟ ବଜାରରେ ବିକ୍ରି କରୁଛନ୍ତି ଏବଂ ଏହି ଉତ୍ପାଦିତ ଛତୁ ବିକ୍ରି କରିବାରେ ତାଙ୍କ ମା' ସାହାଯ୍ୟ କରୁଛନ୍ତି। କିଲୋ ପ୍ରତି ୨୦୦ ଟଙ୍କାରେ ବିକ୍ରି କରନ୍ତି। ଦିନକୁ ୧୦ ରୁ ୨୦ କେଜି ଛତୁ ବାହାରୁଛି। ବାବୁଲାଲ କହିଛନ୍ତି ସରକାରଙ୍କ ପକ୍ଷରୁ ଯଦି କିଛି ପ୍ରୋତ୍ସାହନ ମିଳନ୍ତା, ତାହେଲେ ଛତୁ ଚାଷ ପାଇଁ ଘରଟିଏ ତିଆରି କରିବା ସହ ଅଧିକ ଛତୁ ଚାଷ କରିପାରିଥାନ୍ତି । ଅନ୍ୟପଟେ ଏହି ଛତୁକୁ ଲୋକେ ଅତି ଆଗ୍ରହ ର ସହକାରେ ନେଇଥାନ୍ତି। ଏହା ଖାଇବା ପାଇଁ ଭାରି ସୁଆଦିଆ। ଆଖପାଖ ହାଟ ବଜାରରେ ନିଜେ ନେଇ ବିକ୍ରି କରିଥାଏ ବୋଲି ସେ କହିଛନ୍ତି। ଅନ୍ୟପଟେ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ଦୁଇ ହଜାରରୁ ଅଧିକ ଚାଷୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ସେଥିମଧ୍ୟରୁ ୧୦୦ରୁ ଅଧିକ ଚାଷୀ ଏହାକୁ ଜୀବିକା ଭାବେ ଗ୍ରହଣ କରି ଚାଷ କରୁଛନ୍ତି। ଏହି ଛତୁରେ ପ୍ରୋଟିନ୍, ଭିଟାମିନ ଓ ଫାଇବର ଅଧିକ ମାତ୍ରାରେ ରହିଛି । ତେଣୁ ଏହା ଖାଇବା ପରେ ଶୀଘ୍ର ହଜମ ହୋଇ ଥାଏ। ଏହି ଛତୁ ଚାଷ ସାଧାରଣତଃ ୬ ମାସ ଚାଷ ହୁଏ ଏବଂ ଏଠାରେ ଛତୁ ଚାଷ ପାଇଁ ପାଗ ଅନୁକୂଳ ରହିଛି ବୋଲି କହିଛନ୍ତି କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ଼କ୍ଟର ଶଶାଙ୍କ ଲେଙ୍କା।

## ଦିବ୍ୟାଙ୍ଗଙ୍କ ପ୍ରତି ଅତ୍ୟାଚାର ବିରୋଧରେ ଶ୍ରୀମନ୍ଦିରକୁ ପଦଯାତ୍ରା



**ବାରିପଦା, ୨୫।୧୨(ସମିସ):** ଦିବ୍ୟାଙ୍ଗଙ୍କ ପ୍ରତି ହେଉଥିବା ଅତ୍ୟାଚାର ବିରୋଧରେ ବାରିପଦାରୁ ପୁରୀ ଶ୍ରୀମନ୍ଦିର ପର୍ଯ୍ୟନ୍ତ ପଦଯାତ୍ରାରେ ବାହାରିଛନ୍ତି ତାପସୀ ବେହେରା। ଆଧ୍ୟାତ୍ମିକ ଚିନ୍ତାଚେତନାରେ ଜାଗ୍ରତ ହୋଇ ଦିବ୍ୟାଙ୍ଗ ଭାଇଭଉଣୀମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରିବା ଉଦ୍ଦେଶ୍ୟରେ ସେ ଏହି କାର୍ଯ୍ୟ କରିଛନ୍ତି। ତାଙ୍କ ପ୍ରତି ହେଉଥିବା ଅଣଦେଖା ଓ ଅତ୍ୟାଚାର ବିରୋଧରେ ସଚେତନତା ସୃଷ୍ଟି ସହ ସମସ୍ତଙ୍କ ମଙ୍ଗଳକାମନା କରିଛନ୍ତି। ଏନେଇ ଗୁରୁବାର ବାରିପଦାସ୍ଥିତ ମା' ଅମ୍ବିକା ମନ୍ଦିରଠାରୁ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଖାଲିପାଦରେ ପଦଯାତ୍ରା ଆରମ୍ଭ କରିଛନ୍ତି। ତାଙ୍କର ଏହି ଯାତ୍ରା ସଫଳ ନେଇ ମା' ଅମ୍ବିକାଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ। ଏହାପରେ ପଦଯାତ୍ରା ଆରମ୍ଭ କରିଥିଲେ। ଏହି ଅବସରରେ ବିଭିନ୍ନ ସଂଗଠନ ଓ ବ୍ୟକ୍ତିବିଶେଷ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ଘନ କୁହୁଡ଼ି ନେଇ ୟେଲୋ ୱାର୍ଣ୍ଣିଂ



**ରାଇରଙ୍ଗପୁର, ୨୫।୧୨(ସମିସ):** ଜିଲ୍ଲାବ୍ୟାପୀ ହାଡ଼ଭଙ୍ଗା ଶୀତର ପ୍ରକୋପ ଜାରି ରହିଥିବାବେଳେ ବାମନଘାଟି ଓ ପାଞ୍ଚପିଢ଼ ଉପଖଣ୍ଡରେ ଶୀତର ମାତ୍ରା ଉପରମୁହାଁ ରହିଛି। ଶୀତ ପ୍ରଭାବ ଜାରି ରହିଥିବାବେଳେ ଘନ କୁହୁଡ଼ି ଜନଜୀବନ ଅସ୍ତବ୍ୟସ୍ତ କରିବ। ରାଇରଙ୍ଗପୁର ଅଞ୍ଚଳରେ ଘନ କୁହୁଡ଼ି ପରିଲକ୍ଷିତ ମାତ୍ରା ବୃଦ୍ଧି ନେଇ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ସତର୍କତା ପ୍ରଦାନ କରାଯାଇଛି। ଆସନ୍ତା ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ କୁହୁଡ଼ିର ପରିମାଣ ବୃଦ୍ଧି ପାଇଛି। ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ଘନ କୁହୁଡ଼ି ପରିଲକ୍ଷିତ ହେବ। ଏହି ସମୟରେ ଲୋକେ ସତର୍କ ରହିବା ପାଇଁ ପାଣିପାଗ ବିଭାଗ ପକ୍ଷରୁ ସଚେତନ କରାଯାଇଛି।

## ମଦ ଜବତ କରୁଛି ପୁଲିସ; ଅବକାରୀ ବିଭାଗ ନିରବ

**ରାଇରଙ୍ଗପୁର, ୨୫।୧୨(ସମିସ):** ବାମନଘାଟି ଉପଖଣ୍ଡରେ ବେଆଇନ ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି। ଯାହାକୁ ନିୟନ୍ତ୍ରଣ କରିବା ପାଇଁ ଅବକାରୀ ବିଭାଗ ଫେଲ୍ ମାରିଥିବାବେଳେ ପୁଲିସ ବିଭାଗ ଜବତ କରିଛି। ନବ ବର୍ଷ ପୂର୍ବରୁ ରାଇରଙ୍ଗପୁର ଟାଉନ ଥାନା ପୁଲିସ ଦ୍ୱାରା ଚଢ଼ଉ କରାଯାଇ ବିଦେଶୀ ମଦ ଜବତ କରାଯାଇଛି। ଗୁରୁବାର ରାଇରଙ୍ଗପୁର ଟାଉନ ଥାନା ପୁଲିସ ପାଟ୍ରୋଲିଂ କରୁଥିବା ସମୟରେ ଦୁର୍ଗାମଣ୍ଡପ ଓ ଗଡ଼ ଅଞ୍ଚଳରେ ବେଆଇନ ମଦ କାରବାର ନେଇ ଖବର ମିଳିଥିଲା। ଯାହାକୁ ନେଇ ମତ୍ସ୍ୟ କାର୍ଯ୍ୟାଳୟ ନିକଟରେ ପୁଲିସ ଟିମ୍ ଚଢ଼ଉ କରି ବିଦେଶୀ ମଦ ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରିଛନ୍ତି। ସେମାନଙ୍କ ନିକଟରୁ ୧୪.୬ ଲିଟର ବିୟର ଓ ୧୬.୩୨ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଅଭିଯୁକ୍ତଦ୍ୱୟ ହେଲେ ଝାଡ଼ଖଣ୍ଡ ରାଜ୍ୟ ଷଢ଼େଇକଳା ଖରସୁଆଁ ଜିଲ୍ଲା ଅନ୍ତର୍ଗତ ଗମ୍ଭାରିଆ ଗ୍ରାମର ହୀରାଲାଲ ମାଝୀ ଓ ରାଇରଙ୍ଗପୁର ଟାଉନ୍ ଥାନା ଅନ୍ତର୍ଗତ ସିଜୁକଳା ଗ୍ରାମର ଗୋପିନାଥ ମୁର୍ମୁ। ଉଭୟଙ୍କ ନିକଟରୁ ଏକ ବାଇକ୍ ଓ ଏକ ସ୍କୁଟି ଜବତ କରାଯାଇଛି। ଏ ସମ୍ପର୍କରେ ରାଇରଙ୍ଗପୁର ଟାଉନ ଥାନା ପୁଲିସ ପକ୍ଷରୁ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି। ବାମନଘାଟି ଉପଖଣ୍ଡରେ ବିଭିନ୍ନ ଢାବା, ହୋଟେଲ, ରେସ୍ତୋରାଁମାନଙ୍କରେ ବେଆଇନ ମଦ କାରବାର ଜାରି ରହିଛି। ସେ ବାବଦରେ ଜାଣି ସୁଦ୍ଧା ଅବକାରୀ ବିଭାଗ ନିଦାବିଷ୍ଟ ସାଜିଛି। ପୁଲିସ ବିଭାଗ ମଦ ଜବତ କରୁଥିବାବେଳେ ଅବକାରୀ ବିଭାଗ ଦେଖଣାହାରି ସାଜିଛି।

**ନବ ବର୍ଷ ପୂର୍ବରୁ ବିଦେଶୀ ମଦ ଜବତ; ୨ ଗିରଫ**

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ

ଉଦଳା, ୨୫।୧୨(ସମିସ): ଉଦଳା ବିଜ୍ଞପିତ ଅଞ୍ଚଳର ୬ ନମ୍ବର ୱାର୍ଡରେ ଅବସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ୩୮ତମ ବାର୍ଷିକ ଉତ୍ସବ ଓ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ସକାଳ ୮.୩୦ରେ ଆଧ୍ୟାତ୍ମିକ ପତାକା କେନ୍ଦ୍ରର ସଭାପତିଙ୍କ ଦ୍ୱାରା ଉତ୍ତୋଳନ ପରେ ଶିକ୍ଷାକେନ୍ଦ୍ରର ସମ୍ପାଦକ ମନୋରଞ୍ଜନ ପାଢ଼ୀଙ୍କ ଦ୍ୱାରା ବିଜ୍ଞାନ ପ୍ରଦର୍ଶନୀ ଓ ସୌମ୍ୟ ରଞ୍ଜନ ତ୍ରିପାଠୀଙ୍କ ଦ୍ୱାରା ପ୍ରାଚୀର ପତ୍ରିକା ସମର୍ପଣ ଉନ୍ମୋଚିତ ହୋଇଥିଲା। ଅପରାହ୍ଣ ୩ଟାରେ ଶିକ୍ଷାନୁଷ୍ଠାନର ସ୍ଥାୟୀ ସଭାପତି କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ରୂପେ ଉଦଳା ବିଜ୍ଞପିତ ଅଞ୍ଚଳର ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ସମ୍ମାନିତ ଅତିଥିଭାବେ କୃଷ୍ଣ ଚୈତନ୍ୟ ସଦୁଆଳ, ଲଳିତ ବେହେରା ଓ ସ୍ନେହଲତା ସଦୁଆଳ ଯୋଗଦେଇ ପୂର୍ଣ୍ଣାଙ୍ଗ ଶିକ୍ଷାର ଉପାଦେୟତା, ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ପବିତ୍ର ମୋହନ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ଶିକ୍ଷକ ରାମଚନ୍ଦ୍ର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛୋଟ ଛୋଟ ପିଲାମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ସାନ୍ତାଳୀ ଭାଷାରେ ଶିକ୍ଷାଦାନ ଓ ଶିକ୍ଷକ ନିଯୁକ୍ତି ପାଇଁ ଦାବିପତ୍ର

**ବାରିପଦା, ୨୫।୧୨(ସମିସ)**

ଭାରତ ଯାକାତ୍ ମାଝୀ ପାର୍ଗାନା ମହଲ୍ ଓଡ଼ିଶା ଶାଖା ପକ୍ଷରୁ ଓଡ଼ିଶା ପନତ୍ ପାର୍ଗାନା ବାବା ମାନତାନ୍ ବାଲକ୍ ରାମ୍ ବାସ୍କେଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଜରିଆରେ ସାନ୍ତାଳୀ ଭାଷାରେ ଶିକ୍ଷାଦାନ ବ୍ୟବସ୍ଥା ଓ ସାନ୍ତାଳୀ ଭାଷା ଶିକ୍ଷକ ନିଯୁକ୍ତି ନିମନ୍ତେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଭାରତୀୟ ସମ୍ବିଧାନ ସ୍ୱୀକୃତିପ୍ରାପ୍ତ ୨୨ଟି ଭାଷା ମଧ୍ୟରୁ ସାନ୍ତାଳୀ ଭାଷା ଏକ ଅନ୍ୟତମ ଭାଷା ଅଟେ। ୨୦୦୩ ଡିସେମ୍ବର ୨୨ରେ ସାନ୍ତାଳୀ ଭାଷାକୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଅମଳରେ ସାମ୍ବିଧାନିକ ମାନ୍ୟତା ପ୍ରଦାନ କରାଯାଇଥିଲା। ସମ୍ବିଧାନ ସ୍ୱୀକୃତି ମିଳିବାର ଦୀର୍ଘ ୨୧/୨୨ ବର୍ଷ ଅତିକ୍ରାନ୍ତ ହୋଇସାରିଥିଲେ ମଧ୍ୟ ସାନ୍ତାଳୀ ମାତୃଭାଷା ମାଧ୍ୟମରେ ଶିକ୍ଷା ବ୍ୟବସ୍ଥା ନିମନ୍ତେ କୌଣସି ବିଧିବଦ୍ଧ ବ୍ୟବସ୍ଥା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୟନ ହୋଇପାରିନାହିଁ। ସାନ୍ତାଳୀ ଭାଷାର ବିକାଶ ତଥା ଅଲଚିକି ଲିପିର ମୂଳଦୁଆ ଓଡ଼ିଶାରେ ଆରମ୍ଭ ହୋଇଥିଲେ ସୁଦ୍ଧା ସାନ୍ତାଳୀ ମାତୃଭାଷା ମାଧ୍ୟମରେ ଶିକ୍ଷାଦାନ ନିମନ୍ତେ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ରାଜ୍ୟଠାରୁ ଢେର୍ ପଛରେ ରହିଛି।

ପୂର୍ବ ସରକାର ମାତୃଭାଷା ମାଧ୍ୟମରେ ଶିକ୍ଷାଦାନ ନିମନ୍ତେ ପଦକ୍ଷେପ ଗ୍ରହଣ କରିଥିଲେ। ସମ୍ବିଧାନ ସ୍ୱୀକୃତିପ୍ରାପ୍ତ ସାନ୍ତାଳୀ ଭାଷାକୁ ଓଡ଼ିଶାରେ ଘୋର୍ ଅବହେଳା କରାଯାଉଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଅନ୍ୟ ସମ୍ବିଧାନ ସ୍ୱୀକୃତିପ୍ରାପ୍ତ ଭାଷା ଯଥା- ଉର୍ଦ୍ଦୁ, ତେଲୁଗୁ ଓ ବଙ୍ଗଳା ଭାଷାକୁ ଓଡ଼ିଶାର ଶିକ୍ଷା ବ୍ୟବସ୍ଥାରେ ସୁବିଧା ସୁଯୋଗ ରାଜ୍ୟ ସରକାରଙ୍କ ପକ୍ଷରୁ ଉପଲବ୍ଧ କରାଯାଉଛି କିନ୍ତୁ ସାନ୍ତାଳୀ ଭାଷାକୁ ସେହିପରି ଶିକ୍ଷା କ୍ଷେତ୍ରରେ ଆଦୌ ଗୁରୁତ୍ୱ ଦିଆଯାଉ ନାହିଁ। ତେଣୁ ଓଡ଼ିଶାରେ ଉର୍ଦ୍ଦୁ, ତେଲୁଗୁ ଓ ବଙ୍ଗଳା ଭାଷାକୁ ଯେପରି ଭାଷାଗତ ସଂଖ୍ୟାଲଘୁ ଭାଷାର ମାନ୍ୟତା ପ୍ରଦାନ କରାଯାଇ ଶିକ୍ଷା କ୍ଷେତ୍ରରେ ପ୍ରାଥମିକସ୍ତରରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଭାଷା ଶିକ୍ଷକ ନିଯୁକ୍ତି ସାଙ୍ଗକୁ ପାଠ୍ୟ ପୁସ୍ତକ ପ୍ରସ୍ତୁତ କରାଯାଉଛି, ଠିକ୍ ସେହିପରି ସାନ୍ତାଳୀ ଭାଷାକୁ ଓଡ଼ିଶାରେ ଭାଷାଗତ ସଂଖ୍ୟାଲଘୁ ଭାଷାର ମାନ୍ୟତା ପ୍ରଦାନ କରାଯାଇ ଭାଷା ଶିକ୍ଷକ ନିଯୁକ୍ତି ଓ ସମସ୍ତ ପାଠ୍ୟ ଉପକରଣ ଯୋଗାଇବା ନିମନ୍ତେ ବିଧିବଦ୍ଧ ବ୍ୟବସ୍ଥା କରାଯାଉ। ପୂର୍ବ ସରକାରଙ୍କ ଦ୍ୱାରା ଏହି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଉପଲବ୍ଧି କରି ଏକ ଏକ୍ସପର୍ଟ କମିଟି ଗଠନ କରିଥିଲେ। ଉକ୍ତ କମିଟିର ସୁପାରିସ୍ ଆଧାରରେ ସରକାର କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଘୋଷଣା ମଧ୍ୟ କରିଥିଲେ। ତେଣୁ ବର୍ତ୍ତମାନର ନୂତନ ସରକାର ଏହି ପ୍ରସଙ୍ଗ ବା ପ୍ରସ୍ତାବ ଉପରେ ଖୁବ୍‌ଶୀଘ୍ର ପଦକ୍ଷେପ ଗ୍ରହଣ କରିବାକୁ ସମଗ୍ର ସାନ୍ତାଳୀ ସମୁଦାୟ ଓ ସମସ୍ତ ସାମାଜିକ ଅନୁଷ୍ଠାନ ପକ୍ଷରୁ ଦୃଢ଼ ଦାବି କରାଯାଉଛି। ଏହି ଦାବିକୁ ଜାତୀୟ ଶିକ୍ଷା ନୀତି-୨୦୨୦ ଆଧାରରେ ଖୁବ୍‌ଶୀଘ୍ର ଗ୍ରହଣ କରିବା ଉଚିତ୍। ରାଜ୍ୟ ସରକାର ଏହି ଗୁରୁତ୍ୱପୂର୍ଣ୍ଣ ଦାବିର ସମାଧାନ ନିମନ୍ତେ ଶୀଘ୍ର ହାତକୁ ନ ନେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ଭାରତ ଯାକାତ୍ ମାଝୀ ପାର୍ଗାନା ମହଲ୍ ଓଡ଼ିଶା ଶାଖା ପନତ୍ ପାର୍ଗାନା ବାବା ବାଲକ୍ ରାମ୍ ବାସ୍କେ, ହନତ୍ ପାର୍ଗାନା ବାବା ସୁନ୍ଦର ମୋହନ ସୋରେନ, ମୁଲୁକ୍ ପାର୍ଗାନା ବାବା ସନେର୍ ସିଞ୍ଜ୍ ହାଁସଦା, ଅଲ୍ ଓଡ଼ିଶା ସାନ୍ତାଳୀ ଅଭିଭାବକ କ୍ରିୟାନୁଷ୍ଠାନ କମିଟିର ସଭାପତି ସୁନାରାମ୍ ସୋରେନ୍, ସାନ୍ତାଳୀ ଏକାଡେମୀ ଓଡ଼ିଶାର ସମ୍ପାଦକ ଠାକୁରା ସୋରେନ୍ ଓ ବିଭିନ୍ନ ଛାତ୍ର ସଂଗଠନର କର୍ମକର୍ତ୍ତାଙ୍କ ଦ୍ୱାରା ଏକ ମିଳିତ ବିବୃତ୍ତିରେ ଘୋଷଣା କରିଥିଲେ। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାଏକଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି।

## ଅଲ୍‌ଚିକି ପାର୍ସି ମାହା ଦିବସ ପାଳିତ



**ବାରିପଦା, ୨୫।୧୨(ସମିସ):** ବାରିପଦା ବ୍ଲକ ନିକଟସ୍ଥ କ୍ଲବ୍ ଘରଠାରେ 'ସୁନାରାମ ସୋରେନ ଟ୍ରଷ୍ଟ' ଅନୁକୂଲ୍ୟରେ 'ପାର୍ସିମାହା ଦିବସ' ପାଳିତ ହୋଇଯାଇଛି। ଟ୍ରଷ୍ଟର ମେମ୍ବର କାନ୍ଦନ ମାଝୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ରୂପେ ଇଂ ଜାଶକାନ ହେମ୍ବ୍ରମ ଯୋଗଦେଇ ଅଲଚିକି ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କର କଷ୍ଟସାଧ ଜୀବନୀ ମଧ୍ୟରେ ଲିପିର ପ୍ରଚାରପ୍ରସାର ପାଇଁ ତାଙ୍କର ଆଜୀବନ ସଂଗ୍ରାମ ସମ୍ପର୍କରେ ଆଲୋକପାତ କରିଥିଲେ। ସେ ମଧ୍ୟ ସାନ୍ତାଳୀ ଭାଷାର ଲିପି, ସାହିତ୍ୟ ଓ ସଂସ୍କୃତିର ବହୁଳ ପ୍ରସାର ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ସାନ୍ତାଳ ସମାଜର ଏହି ଲିପିକୁ ୨୦୦୩ ଡିସେମ୍ବର ୨୨ରେ ପାର୍ଲିଆମେଣ୍ଟରେ ଗୃହିତ ହୋଇଥିବାରୁ ଏହି ଦିନଟିକୁ 'ପାର୍ସି ମାହା' ବିଜୟ ଦିବସ ରୂପେ ପାଳନ କରିବା ପାଇଁ ଯୁକ୍ତିଯୁକ୍ତ ବୋଲି କହିଥିଲେ। ଟ୍ରଷ୍ଟର ଚେୟାରମ୍ୟାନ ଫାଗୁରାମ ମାର୍ଣ୍ଡି, ସଭ୍ୟ ନୁନାରାମ ମାଝୀ, ଚନ୍ଦ୍ରମୋହନ ମାଝୀ, ସେଙ୍ଗେଲ ସିଂ, ଚାମ୍ପାଇରାମ ସୋରେନ, ଧନୀରାମ ହାଁସଦା ତଥା ଗୁରୁ ପ୍ରସାଦ ହାଁସଦା ପ୍ରମୁଖ ଆଲୋଚନାରେ ଭାଗ ନେଇ ସାନ୍ତାଳ ସମାଜର ଉନ୍ନତୀକରଣ ତଥା ଅଲଚିକି ଲିପିର ପ୍ରଚାରପ୍ରସାର ପାଇଁ ନିହାତି ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଏହି ସଭାରେ ସୁନାରାମ ସୋରେନ ଅଲଇତୁନ୍ ଆସିଲାର ଛାତ୍ରଛାତ୍ରୀଙ୍କ ସମେତ ବହୁ ସଂଖ୍ୟାରେ ସାନ୍ତାଳୀପ୍ରେମୀ ଯୋଗଦେଇଥିଲେ। ଶେଷରେ ଫାଗୁ ଚରଣ ମାର୍ଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ।

## ସାଧନାର ଜିଲ୍ଲାସ୍ତରୀୟ ସଂଗଠନ ବୈଠକ




**ବାରିପଦା, ୨୫।୧୨(ସମିସ):** ସ୍ଥାନୀୟ ମୟୂରଭଞ୍ଜ ଆଥ୍ଲେଟିକ୍ ସଭାଗୃହ ପରିସରରେ ସାଧନାର ଏକଦିବସୀୟ ଜିଲ୍ଲାସ୍ତରୀୟ ସଂଗଠନର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଧନାର ଏଚ୍‌ଆଇୟୁ ପ୍ରକଳ୍ପର କ୍ଷେତ୍ର ସଂଯୋଜିକା ସ୍ୱର୍ଣ୍ଣଜିତ୍ କୁମାରୀ ମହାପାତ୍ର ଏହି ସଭାକୁ ପରିଚାଳନା କରିଛନ୍ତି। ଏଥିରେ ଭୁବନେଶ୍ୱରସ୍ଥିତ ସଂସ୍ଥା ଏସ୍‌ଏମ୍‌ଆର୍‌ସି ସମାହିତା ପ୍ରକଳ୍ପର ଜେଣ୍ଡର ଏକ୍ସପୋର୍ଟ ଶୁଭ ଉପାସନା, ସାଧନାର ନିର୍ଦ୍ଦେଶକ ପ୍ରଭାକର ସାହୁ ଯୋଗଦେଇଥିଲେ। ତତ୍‌ସହିତ କପ୍ତିପଦା ବ୍ଲକରୁ ମନୋରଞ୍ଜନ ବେହେରା, ନବୀନ ନାଏକ ଏବଂ ଅନ୍ୟ ସଦସ୍ୟାମାନେ ଉପସ୍ଥିତ ଥିଲେ। ସାଧନା ନିର୍ଦ୍ଦେଶକ ପ୍ରଭାକର ସାହୁ ଜିଲ୍ଲାସ୍ତରୀୟ ସଂଗଠନର ଉଦ୍ଦେଶ୍ୟ, ଏହାର ଦୂରଦୃଷ୍ଟି ଏବଂ ଏହି ସଂଗଠନ ଆମେ କାହିଁକି ଗଢ଼ିବା ସେ ବିଷୟରେ ସମସ୍ତ ଭିନ୍ନକ୍ଷମ ଭାଇଭଉଣୀମାନଙ୍କୁ ଅବଗତ କରାଇଥିଲେ। ଏହା ପରେ ସମସ୍ତ ସଦସ୍ୟ/ସଦସ୍ୟାଙ୍କୁ ନେଇ ଏହି ଜିଲ୍ଲାସ୍ତରୀୟ ସଂଗଠନର ନାମକରଣ କରାଯାଇଥିଲା। ଏହି ସଂଗଠନର ନାମ 'ସୁବର୍ଣ୍ଣ ସକାଳ' ରଖାଯାଇଥିଲା। ଏହି ପରିଷଦ ବୈଠକରେ ୩ଟି ବ୍ଲକ କପ୍ତିପଦା, ବାରିପଦା, ଶୁଳିଆପଦାରୁ ଭିନ୍ନକ୍ଷମ ଭାଇଭଉଣୀ ମିଶି ମୋଟ୍ ୧୦୨ ଜଣ ଯୋଗଦେଇଥିଲେ।

## ତୃତୀୟ ଥର ପାଇଁ ମାଧପୁର ଉଚ୍ଚ ବିଦ୍ୟାଳୟର ସଫଳତା

**ବଡ଼ସାହି, ୨୫।୧୨(ସମିସ):** ବିଗତ ବର୍ଷମାନଙ୍କ ଭଳି ଏବର୍ଷ ମଧ୍ୟ ଡିସେମ୍ବର ୨୨ ଓ ୨୩ରେ କରଞ୍ଜିଆ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳାରେ ପ୍ରଥମ ସ୍ଥାନ ଅଧିକାର କରିଛି ବଡ଼ସାହି ବ୍ଲକର ସରକାରୀ ଉଚ୍ଚ ବିଦ୍ୟାଳୟ, ମାଧପୁରର ପ୍ରକଳ୍ପ 'ହାଇଟେକ୍ ୱାଟର୍ ଟ୍ୟାଙ୍କ୍ କ୍ଲିନର୍'। ଏହାର ସବ୍‌ଥିମ୍ ଥିଲା 'ହେଲ୍‌ଥ ଆଣ୍ଡ ହାଏଜିନ୍'। ଆୟୋଜିତ ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀର ଉଦ୍‌ଯାପନୀ ସମାରୋହରେ ସାଂସଦ ନବଚରଣ ମାଝୀ, ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ, ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଉକ୍ତ ପ୍ରକଳ୍ପଟି ପୁରସ୍କୃତ ହୋଇଥିଲା। ବିଜ୍ଞାନ ଶିକ୍ଷକ ସୁବ୍ରତ କିଶୋର ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ମାର୍ଗଦର୍ଶନରେ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ର ମନୋରଞ୍ଜନ ପ୍ରଧାନଙ୍କ ଦ୍ୱା ଉକ୍ତ ପ୍ରକଳ୍ପଟି ବିଦ୍ୟାଳୟସ୍ତରରୁ ବ୍ଲକ ଏବଂ ବ୍ଲକରୁ ଜିଲ୍ଲା ଚାରିଆଡ଼େ ଚର୍ଚ୍ଚା ସାଉଁଟିଥିଲା। ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଅବସ୍ଥିତ ମାଧପୁର ଭଳି ଗ୍ରାମରୁ ୨୦୨୨, ୨୦୨୩ ଏବଂ ୨୦୨୫ରେ ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ ଅଂଶଗ୍ରହଣ ପୂର୍ବକ ପ୍ରତିନିଧିତ୍ୱ କରିବା ଯେତିକି ଗର୍ବର କଥା, ବିଜ୍ଞାନ ଶିକ୍ଷକ ସୁବ୍ରତ ସାର୍‌ଙ୍କ ମାର୍ଗଦର୍ଶନ ସେତିକି ପ୍ରଶଂସନୀୟ ବୋଲି ଆଲୋଚନା ହେଉଛି। ବିଗତ ଦିନରେ ବିଦ୍ୟାଳୟକୁ ମିଳିଥିବା କୃତିତ୍ୱ ଏବଂ ପ୍ରଶଂସା ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷକ ରବୀନ୍ଦ୍ରନାଥ ପାଣିଗ୍ରାହୀ ଓ ଅନ୍ୟ ଶିକ୍ଷକଶିକ୍ଷୟିତ୍ରୀଙ୍କ ସହଯୋଗ ଏବଂ ସମର୍ଥନକୁ ଶ୍ରେୟ ଦିଆଯାଉଥିବା ବେଳେ ବଡ଼ସାହି ବ୍ଲକର ବିଭିନ୍ନ ପଦାଧିକାରୀ, ଗ୍ରାମବାସୀ, ବିଭିନ୍ନ ସଂଗଠନର କର୍ମକର୍ତ୍ତା ଏବଂ ସ୍ଥାନୀୟ ବୁଦ୍ଧିଜୀବୀ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ସାଧୁବାଦ ଜଣାଇବା ସହ ଆସନ୍ତା ୨୬ରୁ ୨୮ ତାରିଖରେ କେନ୍ଦୁଝରରେ ହେବାକୁ ଥିବା ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ପ୍ରତିନିଧିତ୍ୱ କରିବା ପାଇଁ ଶୁଭକାମନା ଜଣାଇଛନ୍ତି।

**ରାଜ୍ୟସ୍ତରକୁ ମନୋନୀତ ବିଜ୍ଞାନ ପ୍ରକଳ୍ପ**



## ଜିଲ୍ଲାସ୍ତରୀୟ ସୁଶାସନ ଦିବସ ଓ ବାଜପେୟୀଙ୍କ ଜୟନ୍ତୀ

**ବାରିପଦା, ୨୫।୧୨(ସମିସ):** ଗୁରୁବାର ବାରିପଦାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ସୁଶାସନ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ପ୍ରସିଦ୍ଧ ସାହିତ୍ୟିକ ପଦ୍ମଶ୍ରୀ ଦମୟନ୍ତୀ ବେସ୍ରା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ଓ ବାରିପଦା ଏସ୍‌ଡିଆଇପିଆର୍‌ଓ ଶିଶିର କୁମାର ମୁଣ୍ଡୁୟା ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହିତ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରଥମ ସୋପାନରେ ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ, ସମ୍ପାଦକ ମନୋଜ ଦଳବେହେରା, ସମରେନ୍ଦ୍ର ବସାଙ୍କ ସମେତ ପରିଷଦର ଅନ୍ୟାନ୍ୟ ୨୫ ଜଣ ପ୍ରମୁଖ କବି ଓ କବୟିତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିରେ ସ୍ୱରଚିତ କବିତାପାଠ କରିଥିଲେ। ଉକ୍ତ କବିତାପାଠ ଉତ୍ସବକୁ ସାହିତ୍ୟ ପରିଷଦର ସଦସ୍ୟ ଡ. ଶଶୀଧର ବିଶ୍ୱାଳ ମଞ୍ଚ ସଂଯୋଜନା କରିଥିଲେ। ଏହି ଅବସରରେ ପ୍ରଶାସନ ପକ୍ଷରୁ ସୁଶାସନ ଦିବସ ବା ଗୁଡ୍ ଗଭର୍ଣ୍ଣାନ୍ସ ଡେ' ବିଷୟବସ୍ତୁ ଉପରେ ଆଧାରିତ ବକ୍ତୃତା ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିବୃନ୍ଦ ପୁରସ୍କୃତ କରିଥିଲେ।

**ବିଶୋଇ**

ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜୟନ୍ତୀ ବିଶୋଇସ୍ଥିତ ଅଟଳ ଛକଠାରେ ମହାଆଡ଼ମ୍ବର ସହକାରେ ପାଳନ ହୋଇଯାଇଛି। ଦଳର ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ସଭାପତି ଜୁରିଲାଲ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀ ସମାରୋହରେ ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ ଯୋଗଦେଇ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ କୃତିତ୍ୱ ଓ ଭାରତବର୍ଷ ପ୍ରତି ଅବଦାନ ଉପରେ ବକ୍ତବ୍ୟ ରଖିବା ସହିତ ବାଜପେୟୀଙ୍କ ନୀତି ଓ ଆଦର୍ଶକୁ ପାଥେୟ କରିବା ପାଇଁ ଦଳୀୟ କର୍ମୀଗଣଙ୍କୁ ଆହ୍ୱାନ କରିଥିଲେ। ପ୍ରଦେଶ ସମ୍ପାଦକ ରାମଚନ୍ଦ୍ର ହାଁସଦା ଅଟଳଜୀଙ୍କ ରାଜନୈତିକ ଜୀବନୀ ଚରିତ୍ର ଉପରେ ବକ୍ତବ୍ୟ ରଖିଥିଲେ। ସାରସକଣା ବିଧାୟକ ଭାଦବ୍ ଚନ୍ଦ୍ର ହାଁସଦା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୀବ ମହାନ୍ତି, ଜିଲ୍ଲା ସାଧାରଣ ସମ୍ପାଦକ ସରୋଜ ମହାନ୍ତ, ଜିଲ୍ଲା ଉପସଭାପତି ସତ୍ୟନାରାୟଣ ମଣ୍ଡଳ, ଜିଲ୍ଲା ଉପସଭାପତି ତାପସ ଦତ୍ତ, ଜିଲ୍ଲା ସମ୍ପାଦିକା ନାନୀକା ନାଏକ, ବରିଷ୍ଠ କର୍ମୀ ଗୁରୁବା ମୁର୍ମୁ ସମେତ ଦଳର ବହୁ ଯୁବ, ତୁଙ୍ଗ ଏବଂ ମହିଳା ନେତ୍ରୀ ଉପସ୍ଥିତ ରହି ବାଜପେୟୀଙ୍କ ସ୍ମୃତିଚାରଣ କରିଥିଲେ।

9th
Death Anniversary
In Loving Memory
"We remember you with Pride and Gratitude.
Your presence remains with us like a Blessing.
We miss your Love, Affection and Guidance.
Your path of Righteousness will continue to inspire us."



√ Gopal Chandra Mohanty
Ex- Principal Secretary to Govt. of Odisha. Law Department,
Ex- Chairman, State Law Revision Committee.
Fondly Remembered by
Kanak Mohanty
Manoj & Bharati Mohanty, Saroj & Amrapalli Mohanty
Sanjib & Ashru Mohanty
Samikhya & Tarun, Samyantaka, Anwesha
Staffs and Management of Xpose Advertising
Xpose ADVERTISING
BHUBANESWAR | RAIPUR
KOLKATA | HYDERABAD
fabindia CELEBRATE INDIA
BALASORE
Yum! Chinese
BALASORE

## ମୟୂରଭଞ୍ଜ ଡାକ ମଣ୍ଡଳର ୫୪ତମ ପ୍ରତିଷ୍ଠା ଦିବସ



**ବାରିପଦା, ୨୫।୧୨(ସମିସ):** ମୟୂରଭଞ୍ଜ ଡାକ ମଣ୍ଡଳର ୫୪ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ସହିଦ ସ୍ମୃତି ଭବନରେ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ପ୍ରତିଷ୍ଠା ଦିବସରେ ମୟୂରଭଞ୍ଜର ଅତିରିକ୍ତ ପୁଲିସ ଆରକ୍ଷୀ ଅଧୀକ୍ଷକ ସବିତା ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ତାଙ୍କ ଅଭିଭାଷଣରେ ଡାକ ବିଭାଗର ବିଭିନ୍ନ ସଞ୍ଚୟଯୋଜନାରେ ରଖିଥିବା ଧନକୁ ସୁରକ୍ଷିତ ରଖିବା ସହ ଠକାମୀରୁ କିପରି ପୁଲିସ ବିଭାଗ ସମନ୍ୱୟ ରକ୍ଷାକରି ଏକ ସୁସ୍ଥ ଓ ବିପଦମୁକ୍ତ ସମାଜ ଗଠନ କରାଯାଇ ପାରିଛି ତାହା ଉପରେ ମୁଖ୍ୟତଃ ଆଲୋକପାତ କରିଥିଲେ। ଆଧୁନିକ ମୋବାଇଲ୍ ଯୁଗରେ ଡାକ ବିଭାଗ ଲୋକଙ୍କ ଭାବ ସହ ଏବେ ମଧ୍ୟ ଜଡ଼ିତ ହୋଇରହିଛି, ଯାହାର ପ୍ରତିଫଳନ ସ୍ୱରୂପ ତକତପୁରରେ ଏକ ଜେନ ଜି ପୋଷ୍ଟ ଅଫିସର ଶୁଭାରମ୍ଭ। ସମ୍ମାନିତ ଅତିଥି ଓ ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ଆସାମ ଡାକ ପରିମଣ୍ଡଳର ଅବସରପ୍ରାପ୍ତ ଅତିରିକ୍ତ ଡାକ ନିର୍ଦ୍ଦେଶକ (ଡାକ ଜୀବନ ବୀମା) ତାଙ୍କ ଅଭିଭାଷଣରେ ଡାକ ବିଭାଗରେ ବିଭିନ୍ନ ପରିବର୍ତ୍ତନ ସହ ସମୟ ଉପଯୋଗୀ ନିୟମ ଡାକ ବିଭାଗ ପ୍ରଚଳନ ଯୋଗୁଁ ଲୋକମାନେ ପୁଣି ଡାକଘର ପ୍ରତି ଆକର୍ଷିତ ହେଲେଣି। ବିକଶିତ ଭାରତର ଲକ୍ଷ୍ୟକୁ ଆଖି ଆଗରେ ରଖି ଡାକ ବିଭାଗ ପ୍ରତି ଲୋକଙ୍କୁ ଡାକଘର ସହ ଯୋଡ଼ିବାକୁ ଚେଷ୍ଟା କରୁଛି ବୋଲି କହିଥିଲେ। ଏହି ସଭାକାର୍ଯ୍ୟକୁ ପୌରୋହିତ୍ୟ କରୁଥିବା ମୟୂରଭଞ୍ଜ ଡାକ ମଣ୍ଡଳ ଅଧୀକ୍ଷକ ଭାଗ୍ୟଧର ଦାସ ସ୍ୱାଗତ ଭାଷଣରେ ମୟୂରଭଞ୍ଜ ଡାକମଣ୍ଡଳ ବିଗତ ୩ ବର୍ଷ ଧରି କିପରି ସବୁ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରୁଛି ତାହା ପ୍ରକାଶ କରିଥିଲେ। ଡାକ ସହ ଅଧୀକ୍ଷକ ପ୍ରଣବ କୁମାର ମିଶ୍ର ବିଭାଗର ବାର୍ଷିକ ବିବରଣୀ ପ୍ରସ୍ତୁତ କରିଥିଲେ। ଅତିଥିବୃନ୍ଦ ଡାକ ଜୀବନ ବୀମା କ୍ଷେତ୍ରରେ ସଫଳତା ହାସଲ କରିଥିବା ମନୋଜ କୁମାର ସେନ୍, ସଞ୍ଜୟ ଦାସ, ଗୀତାଞ୍ଜଳି ସାହୁ, ଅଜିତ୍ ନାୟକ, ଧରଣୀଧର ଦାସଙ୍କୁ ଡାକ ବିଭାଗ ଦ୍ୱାରା ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଡାକ ବିଭାଗର କର୍ମଚାରୀ ଓ ତାଙ୍କ ସନ୍ତାନମାନଙ୍କ ଦ୍ୱାରା ସୁନ୍ଦର ନାଚଗୀତ ଓ ନାଟକ ପ୍ରଦର୍ଶିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ବାଲେଶ୍ୱର ଡାକ ମଣ୍ଡଳ ଓ ସମ୍ବଲପୁର ଡାକ ମଣ୍ଡଳର ଡାକ ଅଧୀକ୍ଷକଙ୍କୁ ମୟୂରଭଞ୍ଜ ଡାକ ଅଧୀକ୍ଷକ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ପ୍ରସିଦ୍ଧ ଜଗଦ୍ଧାତ୍ରୀ ମେଳାର ଏକ ଲୋକପ୍ରିୟ କାର୍ଯ୍ୟକ୍ରମ 'ଆପଣଙ୍କ ଚିଠି'ର ପରିଚାଳନା କରୁଥିବା ଶିକ୍ଷକ ସୋମନାଥ ସିଂଙ୍କୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମେଳାକୁ ଆସୁଥିବା ଓ ମେଳାର ସିଧା ପ୍ରସାରଣ ଦେଖୁଥିବା ଲୋକଙ୍କ ମଧ୍ୟରେ ଚିଠି ଲେଖାକୁ ପ୍ରୋତ୍ସାହନ କରୁଥିବାରୁ ମୟୂରଭଞ୍ଜ ଡାକ ମଣ୍ଡଳ ତରଫରୁ ବିଶେଷ ଭାବରେ ସମ୍ମାନିତ କରାଯାଇଥିଲା। ଶେଷରେ ଅଫିସ ସୁପରଭାଇଜର ଉଜ୍ଜ୍ୱଳ କୁମାର ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳାରେ ଚାନ୍ଦୁଆ କେଜିଭବିର କୃତିତ୍ୱ

**କୁଳିଅଣା, ୨୫।୧୨(ସମିସ):** କରଞ୍ଜିଆ ଏନ୍‌ଏସି ବିଦ୍ୟାଳୟଠାରେ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳାରେ କୁଳିଅଣା ବ୍ଲକର ଚାନ୍ଦୁଆ କେଜିଭବିର ଛାତ୍ରୀ ସରିତା ମହାନ୍ତ ଦ୍ୱତୀୟ ସ୍ଥାନ ଅଧିକାର କରିଛନ୍ତି। ପ୍ରଥମେ କୁଳିଅଣା ବ୍ଲକ ତରଫରୁ ହେଉଥିବା ବାଲ୍ ବୈଜ୍ଞାନିକରେ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ତେଣୁ ଜିଲ୍ଲା ତରଫରୁ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାରୁ ତାଙ୍କୁ କୁଳିଅଣା ବିଡିଓ ଜିତେନ୍ଦ୍ର ମୁର୍ମୁଙ୍କ ସମେତ କୁଳିଅଣା ଶିକ୍ଷା ଅଧିକାରୀ ରଶ୍ମି ରଞ୍ଜନ ଗିରିଙ୍କ ସମେତ ପ୍ରଧାନଶିକ୍ଷୟିତ୍ରୀ ଆରସୁମଣୀ ବାସ୍କେ ସହିତ କୁଳିଅଣା ବ୍ଲକର ଶିକ୍ଷକଶିକ୍ଷୟିତ୍ରୀମାନେ ଶୁଭେଚ୍ଛା ସହିତ ଅଭିନନ୍ଦନ ଜଣାଇଛନ୍ତି।



# ବ୍ଲକ ପ୍ରଶାସନର ଉଦାସୀନତା; କାମ ନ ହୋଇ ଫେରିଗଲା ଟଙ୍କା

ଜଳେଶ୍ୱର ବ୍ଲକ, ୨୫।୧୨ (ସମିସ)




ରାଜ୍ୟ ଓ କେନ୍ଦ୍ର ସରକାର ଗ୍ରାମାଞ୍ଚଳର ବିକାଶକୁ ଅଧିକ ଗୁରୁତ୍ୱ ଦେଇ କୋଟି କୋଟି ଟଙ୍କା ଅନୁଦାନ ପ୍ରଦାନ କରୁଥିଲେ ମଧ୍ୟ ତାହା କେବଳ କାଗଜ କଲମରେ ସୀମିତ ରହୁଛି। ପ୍ରଶାସନିକ ଅଧିକାରୀ ମାନଙ୍କ ଉଦାସୀନତା ଯୋଗୁଁ ଗାଁର ବିକାଶ ଅଧାରେ ଅଟକି ଯାଇଛି। ଧାର୍ଯ୍ୟ ସମୟରେ ମଞ୍ଜୁର ଅର୍ଥ ଖର୍ଚ୍ଚ କରି ନ ପାରିବା ହେତୁ ଟଙ୍କା ଫେରାଇ ନେଲେ ସରକାର। ବାଲେଶ୍ୱର ଜିଲ୍ଲାର ଏକ ଅଗ୍ରଣୀ ସହର ଭାବରେ ବେଶ ଖ୍ୟାତି ଅର୍ଜନ କରିଥିବା ଜଳେଶ୍ୱର ପଞ୍ଚାୟତ ସମିତି ଅଧିନ ୩୫ଟି ଗ୍ରାମ ପଞ୍ଚାୟତର ବିଭିନ୍ନ ଯୋଜନା ପାଇଁ ଆସିଥିବା ଅର୍ଥ ପ୍ରତି ବର୍ଷ ଖର୍ଚ୍ଚ ନ ହୋଇ ଫେରିବାକୁ ଲାଗୁଛି। ଏଥି ପ୍ରତି ନା ଅଛି ରାଜନୈତିକ ନେତା ମାନଙ୍କର ଇଚ୍ଛା ଶକ୍ତି ନା ଅଛି ପ୍ରଶାସନିକ ଅଧିକାରୀ ମାନଙ୍କର ତତ୍ପରତା ଉଭୟଙ୍କ ଉଦାସୀନତା ଯୋଗୁଁ ହୋଇପାରୁନି ସାଧାରଣ ଲୋକଙ୍କ ସମସ୍ୟାର ସମାଧାନ।

ସୂଚନା ଅନୁଯାୟୀ ପୂର୍ବତନ ବାଲେଶ୍ୱର ସାଂସଦ ଙ୍କ ରବୀନ୍ଦ୍ର କୁମାର ଜେନାଙ୍କ ପ୍ରଚେଷ୍ଟାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜଳେଶ୍ୱର ବ୍ଲକର ଏକ ଅପହଞ୍ଚ ଅଞ୍ଚଳ ଭାବରେ ପରିଗଣିତ ରାଇବଣିଆ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ବିକାଶ ପାଇଁ ରୁର୍ବାନ ପ୍ରକଳ୍ପରେ ୧୧ ଗୋଟି ଗ୍ରାମ ପଞ୍ଚାୟତକୁ ୨୦୧୮-୧୯ ଆର୍ଥିକ ବର୍ଷରେ ସାମିଲ କରାଯାଇ ଗାଁମାନଙ୍କୁ କିପରି ସହରର ସୁବିଧା ସୁଯୋଗ ଯୋଗାଇ ଦେବାକୁ ଲକ୍ଷ୍ୟ ରଖି ୧୦୩ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା। କିନ୍ତୁ ସେଥିରେ ମାତ୍ର ୧୦ ପ୍ରତିଶତ କାର୍ଯ୍ୟ ହୋଇ ବାକି ତକ ୯୦ ପ୍ରତିଶତ କାର୍ଯ୍ୟ ହୋଇ ପାରିଲା ନାହିଁ ଯାହା ଫଳରେ ଆସୁଥିବା ଅର୍ଥ ଫେରିଯାଇଥିଲା। ତାର ପୁଣି ପୁନରାବୃତ୍ତି ଦେଖିବାକୁ ମିଳିଛି ଜଳେଶ୍ୱର ବ୍ଲକ ପ୍ରଶାସନ ପାଖରେ। ଜଳେଶ୍ୱର ବ୍ଲକ ଅଧୀନରେ ଖୁଦିଆମାଝୀସାହି, କୋଟସାହି, ନଛିମପୁର, ଆରୁହା, ଓଲମରା, ରାୟ ରାମଚନ୍ଦ୍ରପୁର, ବରଡିହା ଗ୍ରାମ ପଞ୍ଚାୟତର ଜିପିଏଲଏଫ୍ ଘର ନିର୍ମାଣ ଲାଗି ୩୦ ଲକ୍ଷ ଟଙ୍କା ଲେଖାଏ ଅର୍ଥ ମଞ୍ଜୁର ହୋଇଥିବା ଟଙ୍କା ଠିକଣା ସମୟରେ ଅର୍ଥ ଖର୍ଚ୍ଚ ହୋଇ ନ ପାରିବା ହେତୁ ଗତ କିଛି ଦିନ ପୂର୍ବରୁ ଟଙ୍କା ଫେରାଇ ନେଇଛନ୍ତି ସରକାର। ସେଥିମଧ୍ୟରୁ କେବଳ ଦୁଇଟି ଗ୍ରାମ ପଞ୍ଚାୟତରେ ଜିପିଏଲଏଫ୍ ଗୃହ ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ ବ୍ଲକ ପ୍ରଶାସନ ପକ୍ଷରୁ କରାଯାଇ ଥିବା ବେଳେ ବାକି ୫ଟି ଗ୍ରାମ ପଞ୍ଚାୟତରେ ଜଳେଶ୍ୱର ବ୍ଲକ ପ୍ରଶାସନିକ ସ୍ତରରେ କୌଣସି ତତ୍ପରତା ପ୍ରକାଶ ନ ପାଇବାରୁ କିଛି ଦିନ ପୂର୍ବରୁ ଦେଢ଼ କୋଟି ଟଙ୍କା ସରକାର ଫେରାଇ ନେଇଛନ୍ତି। ଯାହା ଫଳରେ ଗ୍ରାମା ଅଞ୍ଚଳରେ ବିକାଶ ଅଧାରେ ଅଟକି ଯାଇଛି।

# ଶ୍ରୀଜଗନ୍ନାଥଙ୍କ ୩୨ ବେଶ ପାଇଁ ଭୂମିପୂଜନ



ଲଙ୍ଗଳେଶ୍ୱର, ୨୫।୧୨(ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ତଗରା ପଞ୍ଚାୟତ ଅନ୍ତର୍ଗତ ଜାମକୁଣ୍ଡା ଗ୍ରାମରେ ଆସନ୍ତା ଫେବୃୟାରୀ ୧୯ରୁ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ୩୨ ବେଶ ଏବଂ ଛପନ ମାଦଳ ଉତ୍ସବ ଉପଲକ୍ଷେ ଆଜି ଭୂମି ପୂଜନ ଅନୁଷ୍ଠିତ ହୋଇଯାଇଛି। ଜାମକୁଣ୍ଡା ଗ୍ରାମର ଶ୍ରୀ ପଞ୍ଚମୀ ପଡ଼ିଆରେ ଭୂମି ପୂଜନ ହୋଇଥିବା ବେଳେ ଅଞ୍ଚଳର ଶତାଧିକ ମହିଳାଙ୍କ ଦ୍ୱାରା କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ଗଦାଧର ଦାଶଙ୍କ ତତ୍ତ୍ୱାବଧାନରେ ୫୦ ଜଣ ବ୍ରାହ୍ମଣଙ୍କୁ ନେଇ ମହାଦେବଙ୍କ ଅଭିଷେକ ପରେ ଶ୍ରୀଜଗନ୍ନାଥଙ୍କ ୩୨ ବେଶ ପୂଜା ଆରମ୍ଭ ହେବ ବୋଲି ୩୨ ବେଶ କମିଟି ମୁଖ୍ୟ ଉଦ୍ଯୋକ୍ତା ଦୁର୍ଯ୍ୟୋଧନ କୁମାର ପାତ୍ର ସୂଚନା ଦେଇଛନ୍ତି।

## ବଡ଼ଦିନ ଅବସରରେ ଚର୍ଚ୍ଚ ଉତ୍ସବ ମୁଖରିତ



ଜଳେଶ୍ୱର, ୨୫।୧୨(ସମିସ): ସମଗ୍ର ବିଶ୍ୱରେ ଖ୍ରୀଷ୍ଟମାସ ବା ବଡଦିନ ପାଳନ କରାଯାଉଥିବା ବେଳେ ଜଳେଶ୍ୱରର ବିଭିନ୍ନ ଚର୍ଚ୍ଚ ଉତ୍ସବ ମୁଖରିତ ହୋଇ ଉଠିଛି। ମହମ୍ମଦନଗର ପାଟଣା ପଞ୍ଚାୟତସ୍ଥିତ ଥମାସ୍ କ୍ୟାଥେଲିକ ଚର୍ଚ୍ଚକୁ ସୁସଜ୍ଜିତ କରାଯିବା ସହିତ ବୁଧବାର ବିଳମ୍ବିତ ରାତ୍ରିରେ ଦିବ୍ୟବଳି, ଗୋଶାଳା ସମ୍ମୁଖରେ କୀର୍ତ୍ତନ ଓ ପ୍ରାର୍ଥନା ଇତ୍ୟାଦି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଯାଜକ ଭାବେ ସୋରର ସେଣ୍ଟ ମେରୀ ସ୍କୁଲର ଫାଦର ସାଂଜଜସ୍, ଜଳେଶ୍ୱର ମଣ୍ଡଳର ଫାଦର ଲିଜୋ ଓ ସହକାରୀ ଯାଜକ ଫାଦର ଜୋସ୍ ବିମଳ ପ୍ରମୁଖ ଯୋଗଦେଇ ସମବେତ ହୋଇଥିବା ଖ୍ରୀଷ୍ଟିଧର୍ମାବଲମ୍ବୀ ଭାଇ ଭଉଣୀ ମାନଙ୍କୁ ଯୀଶୁଙ୍କ ଜନ୍ମ ରହସ୍ୟ ଓ ତାଙ୍କର ଦିବ୍ୟ ବାଣୀ ସମ୍ପର୍କରେ କହିଥିଲେ। ଶ୍ରଦ୍ଧାଳୁଙ୍କ ଦ୍ୱାରା ଅର୍ପଣ କରାଯାଇଥିବା ବିଭିନ୍ନ ପନିପରିବା, ଫଳ, ମେଣ୍ଢା, କୁକୁଡା ଇତ୍ୟାଦିକୁ ଆଜି ସକାଳେ ଗରିବ ଲୋକମାନଙ୍କୁ ଦାନ କରାଯାଇଥିବା ସେମାନେ କହିଥିଲେ। ଏହା ସହିତ ସେବା ଭବନରେ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ସମ୍ପର୍କରେ ଏଲିସା ଡା. ସ୍ୱପ୍ନା ଜେନା ପ୍ରମୁଖ କହିଛନ୍ତି। ସେହିପରି ଶାଳିକୋଠା, ଲକ୍ଷ୍ମଣନାଥ, ହାତୀଗଡ଼ ଇତ୍ୟାଦି ସ୍ଥାନରେ ଥିବା କ୍ୟାଥେଲିକ ଚର୍ଚ୍ଚ ମାନଙ୍କରେ ଯିଶୁଙ୍କ ଜନ୍ମ ଦିନ ବେଶ୍ ଧୁମଧାମରେ ପାଳନ କରାଯାଇଛି। ସେ ଥମାସ୍ କ୍ୟାଥେଲିକ ଚର୍ଚ୍ଚର ୫୦ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ଫେବୃଆରୀ ୧ ତାରିଖରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।

## ଆକ୍ରମଣ କରି ଲୁଟ୍ ଘଟଣାରେ ୨ ଅଟକ

ଖଇରା, ୨୫ ।୧୨ (ସମିସ): ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ସରଖିଆ କେନାଲ ରାସ୍ତାରେ ରଘୁନାଥ ଜେନାଙ୍କୁ ଭୁଜାଲିରେ ଆକ୍ରମଣ କରି ପର୍ସ ଛିନତାଇ କରିବା ଘଟଣାରେ କୁପାରୀ ଗ୍ରାମବାସୀ ଅଭିଯୁକ୍ତ ୨ଜଣକୁ ଧରି ଖଇରା ପୁଲିସକୁ ହସ୍ତାନ୍ତର କରିଛନ୍ତି। କୁପାରୀ ଅମ୍ବିକା ମନ୍ଦିର ନିକଟରେ ୨ଜଣ ସିଗାରେଟ ଟାଣୁଥିବା ବେଳେ ବୁଧବାର ସେମାନଙ୍କୁ ଦେଖିଥିବା ଲେକେ ଧରି ପୁଲିସକୁ ଖବର ଦେଇଥିଲେ। ଖଇରା ଥାନା ଆଇଆଇସି ଭୁବନ ମୋହନ ସେଠୀଙ୍କ ପ୍ରତିକ୍ରିୟା ନେବାରେ ପଚରାଉଚୁରା ସରିବା ପରେ ଏ ସମ୍ପର୍କରେ ତଥ୍ୟ ପ୍ରଦାନ କରାଯିବ ବୋଲି କହିଛନ୍ତି।

## ଜଳେଶ୍ୱରରେ ଆମ୍ବେଦକର ଭବନ ପ୍ରତିଷ୍ଠା କେବେ?

ଜଳେଶ୍ୱର, ୨୫।୧୨(ସମିସ): ସମଗ୍ର ଉତ୍ତର ବାଲେଶ୍ୱରରେ ସରକାରୀ ସ୍ତରରେ ସଭା ସମିତି, ବିବାହ ଉତ୍ସବ ଲାଗି କୌଣସି ସ୍ଥାୟୀ ଗୃହ ନ ଥିବାରୁ ଏହାର କେନ୍ଦ୍ରସ୍ଥଳ ଜଳେଶ୍ୱରଠାରେ ଏକ ଆମ୍ବେଦକର ଭବନ ପ୍ରତିଷ୍ଠା ଲାଗି ଦାବି ହୋଇ ଆସୁଛି। ଭାରତ ନିର୍ମାତା, ସମ୍ବିଧାନର ଜନକ, ଭାରତରତ୍ନ ଡ. ଭୀମରାଓ ଆମ୍ବେଦକରଙ୍କ ଦେଶପ୍ରୀତି, ତ୍ୟାଗ, ନିଷ୍ଠା, ସଂକଳ୍ପ ଓ ସାମ୍ବିଧାନିକ ଚିନ୍ତାଧାରା ଦେଶବାସୀଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବା ଲାଗି ଉଦ୍ଦିଷ୍ଟ। ତେଣୁ ଜଳେଶ୍ୱର ବ୍ଲକର ଅନୂସୂଚିତ ଜାତି ଓ ଜନଜାତିଙ୍କ ଅଧିକାର, ସୁରକ୍ଷା ଓ ସମ୍ମାନ ଲାଗି ଆମ୍ବେଦକର ଭବନ ନିର୍ମାଣ ଆବଶ୍ୟକ ବୋଲି ସମତା ମଞ୍ଚ ପ୍ରସାଶନ ନିକଟରେ କ୍ରମାଗତ ଦାବି କରିଆସୁଛନ୍ତି। ସେଭଳି ଜଣେ ଯୁଗ ଜନ୍ମା ବ୍ୟକ୍ତିଙ୍କ ନାମରେ ଏକ ଭବନ ନିର୍ମାଣ ହେଲେ ଉଚିତ୍ ଶ୍ରଦ୍ଧାଞ୍ଜଳି ଜ୍ଞାପନ ହେବ ବୋଲି ମତପ୍ରକାଶ ପାଇଛି। ଜଳେଶ୍ୱର ଅଞ୍ଚଳରେ ୨.୫ ଲକ୍ଷରୁ ଅଧିକ ଲୋକ ବସବାସ କରୁଥିବା ବେଳେ ସେମାନଙ୍କ ମଧ୍ୟରେ ସଦ୍‌ଭାବନା ଓ ଭାଇଚାରା ରକ୍ଷା ଲାଗି ଆମ୍ବେଦକର ସ୍ମୃତି ଭବନ ନିର୍ମାଣ ଆବଶ୍ୟକ। ଏକ ବର୍ଷ ପୂର୍ବେ ଜିଲ୍ଲାପାଳ, ପର୍ଯ୍ୟଟନ ମନ୍ତ୍ରୀ, ପୌରାଧ୍ୟକ୍ଷ, ପୌର ଅଧିକାରୀଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏପରି ଭବନ ଜଳେଶ୍ୱରରେ ପ୍ରତିଷ୍ଠା ହେଲେ ରାଇବଣିଆ ଓ ଭୋଗରାଇବାସୀ ବିଶେଷ ଉପକୃତ ହୋଇପାରିବେ ବୋଲି ସମତା ମଞ୍ଚର ସଭାପତି ଆଶୋକ ଜେନା କହିଛନ୍ତି।

## କୁପାରୀ ଶୀତ ମହୋତ୍ସବ ପ୍ରସ୍ତୁତି ଜୋରଦାର

ଖଇରା, ୨୫ ।୧୨ (ସମିସ): ଖଇରା ବ୍ଲକର ସାଂସ୍କୃତିକ ପ୍ରାଣକେନ୍ଦ୍ର କୁପାରୀ ପଡ଼ିଆରେ ୨ଦିନ ଧରି ଶୀତ ମହୋତ୍ସବ ଅନୁଷ୍ଠିତ ହେବ। ୨୭ ଓ ୨୮ ତାରିଖ ଦୁଇ ଦିନ ଧରି ଆୟୋଜିତ ହେବାକୁ ଥିବା ଏହି ଉତ୍ସବରେ ଓଡ଼ିଶାରୁ ଆଗଧାଡିର ମନ୍ତ୍ରୀ, ଏମପି ଓ ସ୍ଥାନୀୟ ବିଧାୟକ ଯୋଗ ଦେବାର କାର୍ଯ୍ୟକ୍ରମ ଥିବା ବେଳେ ପ୍ରସିଦ୍ଧ ଓ ପ୍ରଖ୍ୟାତ କଳାକାର ମାନେ ଦର୍ଶକଙ୍କ ମନୋରଞ୍ଜନ କରିବେ। ସ୍ଥାନୀୟ କଳକାର ମାନେ ମଧ୍ୟ ସେମାନଙ୍କ କଳାର ଚାତୁରୀ ଦେଖାଇବାକୁ ଭରପୁର ସୁଯୋଗ ଦିଆଯିବ। ଏଥିପାଇଁ ସ୍ଥାନୀୟ ଯୁବଗୋଷ୍ଠୀ ମଣ୍ଡଳ ତଥା ମହୋତ୍ସବ କମିଟି ସଭାପତି ସୁମନ୍ତ ଜେନା ତଥା ସମ୍ପାଦକ ପ୍ରିତିଶ କୁମାର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପଡ଼ିଆ ସାଜସଜ୍ଜାରେ ଦିନରାତି ଏକ କରି ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଏକ ସାମ୍ବାଦିକ ସମ୍ମିଳନୀ ତଥା ଚୂଡାନ୍ତ ପ୍ରସ୍ତୁତି ବୈଠକ ଗୁରୁବାର ଅପରାହ୍ନରେ ଇଟାମୁଣ୍ଡିର ଏକ କଲ୍ୟାଣମଣ୍ଡପରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଉଭୟ ସଭାପତି ଓ ସମ୍ପାଦକଙ୍କ ବ୍ୟତିତ ଯୁବନେତା ନୀଳମାଧବ ପଣ୍ଡା ଯୋଗ ଦେଇ ଏଭଳି ରାଜ୍ୟସ୍ତରୀୟ ମହୋତ୍ସବକୁ ସଫଳ କରିବା ପାଇଁ ୩୭ ପଞ୍ଚାୟତର ଲୋକପ୍ରତିନିଧି, ଦଳୀୟ ତଥା ସମସ୍ତ ମଣ୍ଡଳ କର୍ମକର୍ତ୍ତାଙ୍କ ସହଯୋଗ କାମନା କରିଥିଲେ। ଉକ୍ତ ବୈଠକରେ କମିଟି ଉପଦେଷ୍ଟା ତଥା କୁପାରୀ ସମିତି ସଭ୍ୟ ଅକ୍ଷୟ କୁମାର ଜେନା, କୁପାରୀ ର ବରିଷ୍ଠ ନାଗରିକ ସୁଦର୍ଶନ ମହପାତ୍ର, ଆନନ୍ଦ ବଲ୍ଲଭ ନାୟକ, ଲକ୍ଷ୍ମୀଧର ନାୟକ ଓ ପତିତପାବନ କର ପ୍ରମୁଖ ଉପସ୍ଥିତ ଥିଲେ।

● ବାଂଲାଦେଶରେ ହିନ୍ଦୁଙ୍କ ଉପରେ ଅତ୍ୟାଚାରକୁ ବିରୋଧ

## ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ବିକ୍ଷୋଭ

ଜଳେଶ୍ୱର, ୨୫।୧୨(ସମିସ): ବାଂଲାଦେଶୀ ହିନ୍ଦୁଙ୍କ ଉପରେ ହୋଇଥିବା ବର୍ବରୋଚିତ ଅତ୍ୟାଚାର ବିରୋଧରେ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଜଳେଶ୍ୱର ଷ୍ଟେସନ ପରିସରେ ବିକ୍ଷୋଭ ଅନୁଷ୍ଠିତ ହୋଇ ଯାଇଛି। ଗୁରୁବାର ଅପରାହ୍ନରେ ଅନୁଷ୍ଠିତ ବିକ୍ଷୋଭରେ ବିଭିନ୍ନ ନାରାବାଜୀ ଦେବା ସହିତ ବାଂଲାଦେଶର ପତାକାକୁ ପୋଡି ଦେଇଥିବା ଜଣାଯାଇଛି। ଜଣେ ବାଂଲାଦେଶୀ ହିନ୍ଦୁଙ୍କୁ ବିଭତ୍ସଭାବେ ଜୀବନ୍ତ ଦଗ୍ଧ କରାଯାଇଥିବା ଖବର ପ୍ରଚାର ପରେ ସମଗ୍ର ଦେଶରେ ଏହାର ପ୍ରତିବାଦ ଆରମ୍ଭ ହୋଇଛି। ହିନ୍ଦୁ ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ସେଠାକାର ସରକାର କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଉନଥିବାରୁ ଏହାକୁ ପ୍ରତିବାଦ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜଳେଶ୍ୱରର ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଷ୍ଟେସନ ସମ୍ମୁଖରେ ଅନୁଷ୍ଠିତ ବିକ୍ଷୋଭବେଳେ ଡ. ଅଜିତ୍ ମହାନ୍ତିଙ୍କ ସଞ୍ଚାଳନାରେ ବିଶ୍ୱହିନ୍ଦୁ ପରିଷଦର ସଭାପତି କପିଳେଶ୍ୱର ମହାନ୍ତି, ଫାଲଗୁନି ପାଣିଗ୍ରାହୀ, ସଂଗ୍ରାମ ଜେନା, ବିପ୍ଳବ ପ୍ରଧାନ, ଚନ୍ଦନ ଦାସ, ସମର କରଣ, ନମିତା ଦାସ, ବିଶ୍ୱଭୂଷଣ ଦାସ, ଅନନ୍ତ ଦାସ, ବିକାଶ ଧର, ଜଗନ୍ନାଥ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ବିକ୍ଷୋଭକାରୀ ମାନେ ବାଂଲାଦେଶର ପତାକାକୁ ପୋଡି ବିରୋଧ କରିଥିବାବେଳେ ଦେଶରୁ ଅନୁପ୍ରବେଶକାରୀଙ୍କୁ ତଡିବା ଲାଗି ଦାବି କରିଛନ୍ତି।




## ନିୟୁଲିଭିଙ୍ଗ ଚର୍ଚ୍ଚ ପକ୍ଷରୁ ଯିଶୁଖ୍ରୀଷ୍ଟଙ୍କ ଜନ୍ମଦିନ

ନୀଳଗିରି, ୨୫।୧୨ (ସମିସ): ନିୟୁଲିଭିଙ୍ଗ ଚର୍ଚ୍ଚ ପକ୍ଷରୁ ଆଜି ପ୍ରଭୁ ଯିଶୁଖ୍ରୀଷ୍ଟଙ୍କ ଜନ୍ମଦିନ ପାଳିତ ହୋଇଯାଇଛି। ନୀଳଗିରି ଏନ୍‌ଏସି ଅନ୍ତର୍ଗତ ୧୧ ନମ୍ବର ୱାର୍ଡ଼ ଷ୍ଟେସନ ସାହିରେ ଥିବା ନିୟୁ ଲିଭିଂ ଚର୍ଚ୍ଚରେ ପ୍ରଭୁ ଯିଶୁଖ୍ରୀଷ୍ଟଙ୍କ ଜନ୍ମଦିନକୁ ଡିସେମ୍ବର ୨୫ ରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ପାଳିତ ହୋଇଆସୁଛି। ଚର୍ଚ୍ଚର ପ୍ରାଣ ପ୍ରତିଷ୍ଠାତା ତଥା ମୁଖ୍ୟ ଉଦ୍ୟୋକ୍ତା ଆଚାର୍ଯ୍ୟ ସାଧୁ ସୁନ୍ଦର ସିଂହଙ୍କ ସଭାପତିତ୍ୱରେ ଖ୍ରୀଷ୍ଟ ଜୟନ୍ତୀ ପାଳିତ ହୋଇଥିଲା। ଆୟୋଜିତ ସଭାରେ ମଧୁସୁନ୍ଦର ସିଂହ, ସୁରେଶ ସିଂ, ସୁରେଶ ବିଶ୍ୱାଳ, ଦିଗମ୍ବର ରାଉଳ, ପ୍ରତ୍ୟୁସୁନ୍ଦର ସିଂଘ, ଝୁମୁରି ବେହେରା, ସୁବାସିନ ସିଂ, ମାଇନ ସିଂ ପ୍ରମୁଖ ଅତିଥି ମଞ୍ଚାସୀନ ରହି ଥିଲେ। ସଭାରେ ଛୋଟ ଛୋଟ ପିଲାଙ୍କ ଦ୍ୱାରା ନୃତ୍ୟ, ଗୀତ ପରିବେଷଣ କରି ଜୟନ୍ତୀ କୁ ଉପଭୋଗ କରିଥିଲେ। ଚର୍ଚ୍ଚରେ ୧୨ ବର୍ଷ ଧରି ଜନ୍ମ ଜୟନ୍ତୀ ପାଳିତ ହୋଇଆସୁଥିବା ବେଳେ ରଙ୍ଗ ବେରଙ୍ଗର ଆଲୋକ ସଜ୍ଜା ଚର୍ଚ୍ଚକୁ ବେଶ ଆକର୍ଷିତ କରିଥିଲା। ଜିଲ୍ଲାର ବିଭିନ୍ନ କୋଣ ଅନୁକୋଣରୁ ୫୦୦ରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ଅନୁରୁପ ଭାବେ ନୀଳଗିରି ବାପଟିଷ୍ଟ ଚର୍ଚ୍ଚରେ ଉପସ୍ଥାପିତ ସଭ୍ୟ ସୁଧାକର ମଣ୍ଡଳ, ମନାଲିସା ଦିସ୍, ସମ୍ପାଦକ ମନୋଜ କୁମାର ଦାସ, ସଭାପତି ଶାମୁଏଲ ସିଂହ ଉପସ୍ଥିତ ଥିଲେ।




## ଅଟଳ ଯୁବ ସଙ୍ଗମ ସିଜନ୍-୫ର ସାଂସ୍କୃତିକ ଉତ୍ସବ

ବାଲେଶ୍ୱର, ୨୫।୧୨(ସମିସ): ସ୍ଥାନୀୟ ଗାନ୍ଧୀସ୍ମୃତି ଭବନରେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିରେ ଅଟଳ ଯୁବ ସଙ୍ଗମ ପକ୍ଷରୁ ପଞ୍ଚମ ବର୍ଷ ପୂର୍ତ୍ତି ପାଳନ କରିଛି। ସନ୍ଧ୍ୟା ସମୟରେ ମୁଖ୍ୟଅତିଥି ଭାବେ ବସ୍ତା ବିଧାୟକ ସୁବାସିନୀ ଜେନା, ପୂର୍ବତନ ସଦର ବିଧାୟକ ଜୀବନ ପ୍ରଦୀପ ଦାଶ, ଆଡିସନାଲ କମିଶନର ସିଟି, ଜିଏସଟି ର ଧୀରେନ୍ଦ୍ର କୁମାର ସାହୁ, ସୁମନ୍ତ କୁମାର ଜେନା, ବିକ୍ରମ ପଣ୍ଡା ମନ୍ମଥ ମିଶ୍ର ସୁମନ୍ତ ଜେନା, ଆଶିଷ ଶତପଥୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ତ୍ତିକ ଚନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହି ସମୟ ମଧ୍ୟରେ ଆସିଥିବା ଦେବତୁଲ୍ୟ ଅତିଥିଙ୍କୁ ମିଡ଼ିଆ ସଂଯୋଜକ ସର୍ବେଶ୍ୱର ବୁଗୁଡ଼ାଇ ମଞ୍ଚକୁ ନିମନ୍ତ୍ରଣ କରିଥିଲେ। ମଞ୍ଚ ପରିଚାଳନା କରୁଥିବା ସଂଗଠନ ସଭାପତି ତଥା ପ୍ରତିଷ୍ଠାତା ବିକାଶ କୁମାର ପାଢ଼ୀ ଆଗାମୀ ଦିନରେ ଅଧିକ ଲୋକଙ୍କ ପାଇଁ ସେବା ସହିତ ସଂଗଠନ ମାଧ୍ୟମରେ ସାମାଜିକ କାମ କରିବେ ବୋଲି କହିଥିଲେ। ସଂଗଠନ ମୁଖ୍ୟ ପୃଷ୍ଠପୋଷକ ପର୍ଶୁରାମ ବେହେରା ସଭାପତି ତଥା ପ୍ରତିଷ୍ଠାତା ବିକାଶ ପାଢ଼ୀ ମୁଖ୍ୟ ପରାମର୍ଶଦାତା ସୁଜିତ ଦେ, ଜୋନାଲ ସଭାପତି ଧୀରଜ ମହାନ୍ତି, ସମ୍ପାଦକ ପ୍ରହଲ୍ଲାଦ ଦାସ, ଯୁବ ଉପସଭାପତି କାହ୍ନୁ ଚରଣ ମହାଳିକ, ପ୍ରମୋଦ ଦାସ, ଶକ୍ତି କୁମାର ଦାସ, ମହିଳା ସଭାପତି ମଧୁଶ୍ରୀ ପଣ୍ଡା, ମହିଳା କାର୍ଯ୍ୟକାରିଣୀ ସଭାପତି ସଂଘମିତ୍ରା ମହାନ୍ତି, ସଞ୍ଜୀବ ପ୍ରଧାନ, ମହେଶ ସିଂ, ରାଜେନ୍ଦ୍ର ଚାଟାର୍ଜୀ, ଡମ୍ବରୁଧର ମହାପାତ୍ର, ଜ୍ୟୋତିର୍ମୟୀ ସାମଲ, ସମରେଶ ସାମଲ, ଅପରାଜିତା ସେନ, ସସ୍ମିତା ଶୁକ୍ଳା, ନସିମା ବିବି, ସୁକାନ୍ତି ଦେବ ଗୋସ୍ୱାମୀ, ପ୍ରମୋଦ ସାହୁ, ଅରବିନ୍ଦ ପାତ୍ର, ଶ୍ରୀୟା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




## ବାଜପେୟୀଙ୍କ ଜୟନ୍ତୀ ପାଳିତ



ଜଳେଶ୍ୱର, ୨୫।୧୨ (ସମିସ) : ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ସୁବର୍ଣ୍ଣରେଖା ମଣ୍ଡଳ ପକ୍ଷରୁ ଲକ୍ଷ୍ମଣନାଥ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ଅନୁପ ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅକ୍ଷୟ ପ୍ରଧାନ, ଉତ୍ତମ କର, ରଞ୍ଜନ ମହାନ୍ତି, ହରେନ୍ଦ୍ର ଦାସ, ବିଶ୍ୱରୂପ ଦାସ, ରଞ୍ଜନ ସେଠୀ, ଅଭିଜିତ୍ ଖଟୁଆ, ରାସବିହାରୀ ରଣା, ଚନ୍ଦନ ରୟ, ପ୍ରକାଶ ଦାସ ପ୍ରମୁଖ ଯୋଗଦେଇ ବାଜପେୟୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ତାଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନୁରୂପ ଭାବେ ଜଳେଶ୍ୱର ମଣ୍ଡଳ ପକ୍ଷରୁ ଅନୁଷ୍ଠିତ ଜୟନ୍ତୀରେ କାଉନ୍‌ସିଲର ଚନ୍ଦନ ଦାସ, ସମର କରଣ, ଫାଲଗୁନୀ ପାଣିଗ୍ରାହୀ, ବିଶ୍ୱଭୂଷଣ ଦାସ, ଅନନ୍ତ ଦାସ, ଅମୂଲ୍ୟ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

## ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ ଉତ୍ସବ



ସୋର, ୨୫।୧୨(ସମିସ): ସୋର ପୌରପାଳିକା ଅନ୍ତର୍ଗତ ଉତ୍ତରେଶ୍ୱର ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଦଶମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନ, ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର କରୁଣାକର ନନ୍ଦ ଯୋଗଦେଇ ବୈଜ୍ଞାନିକ ମାନଙ୍କର ଜୀବନ ଶୈଳୀ ଓ ତ୍ୟାଗ ସମ୍ପର୍କରେ ଆଲୋକପାତ କରିବା ସହ କୁନି କୁନି ପିଲା ମାନଙ୍କୁ ବିଜ୍ଞାନ ପ୍ରତି ଆଗ୍ରହ ହେବାକୁ ପ୍ରେରଣା ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ତଥା ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ପଣ୍ଡା ପୂର୍ଣ୍ଣାଙ୍ଗ ଶିକ୍ଷା ପାଇଁ ଲକ୍ଷ ସ୍ଥଳ ପହଞ୍ଚିବା ପୂର୍ବରୁ ଅନ୍ୟକୁ ନୀଚ ମନା ନ ଭାବି ଅଗ୍ରସର ହେବାକୁ ହେବାକୁ ମତ ବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ବାରିପଦା ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ଅଧ୍ୟକ୍ଷା ବୀଣା ଦାସ ପିଲା ମାନଙ୍କୁ ସଂସ୍କାରୀ ହେବା ସହିତ ଶିକ୍ଷା ଅଧ୍ୟୟନ କରିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ଇଞ୍ଜିନିଅର ବନମାଳୀ ଦାସ ଓ ସମ୍ପାଦିକା ଅନିନ୍ଦିତା ମହାନ୍ତି ପିଲାମାନଙ୍କର ସାଂସ୍କୃତିକ କଳା, ଦକ୍ଷତାକୁ ସହ ଅଭିଭାବକ ମାନଙ୍କର ସହଯୋଗକୁ ପ୍ରଶଂସା କରିଥିଲେ। ଉକ୍ତ ଉତ୍ସବରେ ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ଅଶୋକ କୁମାର ମହାନ୍ତି ସଭାପତିତ୍ୱ କରିବା ସହ ଅତିଥି ପରିଚୟ ପ୍ରଦାନ ପୂର୍ବକ ସ୍ୱାଗତ ଭାଷଣରେ ବିଦ୍ୟାଳୟର ପ୍ରତିଭା ଓ କଳେବର ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଉପାଧ୍ୟକ୍ଷ ପର୍ଶୁରାମ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥି ମାନଙ୍କୁ ବିଦ୍ୟାଳୟର ଚେୟାରମ୍ୟାନ ବନମାଳୀ ଦାସ ଉତ୍ତରୀୟ ଓ ମୋମେଂଟୋ ଦେଇ ସମ୍ମାନିତ କରିଥିଲେ। ପରେ ବିଦ୍ୟାଳୟର ୨୦୨୫ ମସିହା ସିବିଏସଇ ବୋର୍ଡ଼ ପରୀକ୍ଷାରେ ଏ-ୱାନରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସଭାକୁ ଶିକ୍ଷୟିତ୍ରୀ ଦମୟନ୍ତୀ, ବନମାଳୀ ରାଉତ ପରିଚାଳନା କରିଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ରୁକସାର ରସିଦ, ଅହଲ୍ୟା ବେହେରା, ଝାନସୀ ରାଣୀ ପତି, ରଶ୍ମିତା ବଳ ସରସ ସୁନ୍ଦର ରୂପେ ପରିଚାଳନା କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ ଦୀପ୍ତିକାନ୍ତ ନାୟକ, ଶ୍ରୀନିବାସ ପଣ୍ଡା, ଚନ୍ଦନ ପଟ୍ଟନାୟକ, ସଞ୍ଜୟ ସ, ଚିତ୍ତରଞ୍ଜନ ରାଉତ, ଅମୃତାଂଶୁ ପୃଷ୍ଟି, ସସ୍ମିତା ମହାପାତ୍ର, ମାଧବୀଲତା ବେହେରା, ଚିନ୍ମୟୀ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

# ଶ୍ରୀଜଗନ୍ନାଥ ମହିମାର ପୂଣ୍ୟପୀଠ 'ନିର୍ମାଲ୍ୟ କ୍ଷେତ୍ର'

କାଳିପଦା, ୨୫।୧୨ (ସମିସ)



ଶ୍ରୀଜଗନ୍ନାଥଙ୍କ ଭକ୍ତି ଓ ମହିମାର ପୂଣ୍ୟ ପୀଠ ହେଉଛି ସିଂଳାର ନିର୍ମାଲ୍ୟ କ୍ଷେତ୍ର। ଏହି କ୍ଷେତ୍ର ଉତ୍ତର ବାଲେଶ୍ୱରରେ ଅନ୍ୟ ଶ୍ରୀଜଗନ୍ନାଥ କ୍ଷେତ୍ରଠାରୁ ସ୍ୱତନ୍ତ୍ର। ଏହି କ୍ଷେତ୍ର ଜଣେ ବ୍ୟକ୍ତି ଅଥବା ଏକ ଅନୁଷ୍ଠାନ ଦ୍ୱାରା ଗଢ଼ା ହୋଇ ନାହିଁ। ଭକ୍ତମାନଙ୍କ ସାମୂହିକ ସହଯୋଗ ଓ ଅର୍ଥ ଦାନରେ ଏହାର ଭବ୍ୟ ମନ୍ଦିର ନିର୍ମାଣ, ପାର୍ଶ୍ୱ ଦେବତାଙ୍କ ମନ୍ଦିର, ଶ୍ରୀଜୀଉ ମାନଙ୍କର ଦୈନନ୍ଦିନ ନୀତିକାନ୍ତି, ଭିନ୍ନ ଭିନ୍ନ ବେଶ, ବିଭିନ୍ନ ପର୍ବପର୍ବାଣୀ, ରଥ ଓ ବାହୁଡା ଯାତ୍ରା ଆଦି କାର୍ଯ୍ୟ ହୋଇ ଆସୁଛି। ଦିନକୁ ଦିନ ଏହି କ୍ଷେତ୍ରର ମହିମା ଚତୁର୍ଦ୍ଦିଗକୁ ପରିବ୍ୟାପ୍ତ ହେଉଛି। ବାଲିଆପାଳ ବସ୍ତା ମୁଖ୍ୟ ରାସ୍ତାର ସିଂଳା ଛକରୁ ଉତ୍ତରକୁ ଦେଢ଼ କିଲୋମିଟର ଗଲେ ଏହି ପୀଠ ପଡେ। ପୀଠର ପୂର୍ବ ପାର୍ଶ୍ୱରେ ବହିଯାଇଛି ସୁବର୍ଣ୍ଣରେଖାର ଶାଖା ନଦୀ କଙ୍କୁଡ଼ି। ଶାନ୍ତ ଓ କମନୀୟ ପରିବେଶ। ପୂର୍ବରୁ ଏହି ପୀଠରେ ଗ୍ରାମବାସୀଙ୍କ ଦ୍ୱାରା ଅଦ୍ୟା ଶକ୍ତି ମା' ବାସନ୍ତୀଙ୍କ ମୃଣ୍ମୟୀ ମୂର୍ତ୍ତି ଗଢ଼ା ଯାଇ ପୂଜା କରାଯାଉ ଥିଲା। ୨୦୦୨ ରେ କେତେକ ବଦାନ୍ୟ ବ୍ୟକ୍ତିଙ୍କ ଉଦ୍ୟମରେ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣର ପରିକଳ୍ପନା ଆସିଥିଲା। ସିଂଳା, ନାବରା, ପୁଟୁରା, ନାଇକୁଡି, ପାଉଁଶକୁଲି, କୁମ୍ଭାରୀ, ରଘୁନାଥପୁର ଆଦି ପଞ୍ଚାୟତରୁ ଏହି ଶ୍ରୀଜଗନ୍ନାଥ ପ୍ରେମୀମାନେ ମୁଠି ଭିକ୍ଷା କରି ଅର୍ଥ ସଂଗ୍ରହ କଲେ। ପୁରୀ ମନ୍ଦିରର ଉପ ପ୍ରଶାସକ ଭାସ୍କର ଚନ୍ଦ୍ର ମିଶ୍ର ଆସି ମନ୍ଦିରର ଭିତ୍ତି ପ୍ରସ୍ତର ସ୍ଥାପନ କରି ଥିଲେ। ସେହି ବର୍ଷଠୁ ମଧ୍ୟ ରଥ ଓ ବାହୁଡା ଯାତ୍ରା ଆରମ୍ଭ ହୋଇଛି। କଙ୍କୁଡ଼ି ନଦୀର ପୂର୍ବ ପଟରେ ଅସ୍ଥାୟୀ ମାଉସୀ ମା ମନ୍ଦିର ଓ ପରେ ପୂର୍ଣ୍ଣାଙ୍ଗ ମନ୍ଦିର ହୋଇଛି। ଭକ୍ତମାନଙ୍କ ଦ୍ୱାରା ଅନୁଷ୍ଠିତ ଏକ ଆଲୋଚନା ସଭାରୁ କ୍ଷେତ୍ରର ନାମ 'ନିର୍ମାଲ୍ୟ କ୍ଷେତ୍ର' ପ୍ରତିପନ୍ନ ହୋଇଛି। ରଥ ଓ ବାହୁଡା ଯାତ୍ରା ଅବସରରେ ମନ୍ଦିର ପରିଚାଳନା କମିଟି ଓ ଭକ୍ତ ମାନଙ୍କ ସହଯୋଗରେ ପ୍ରବଚନ ସଭା, ନାମ ସଂକୀର୍ତ୍ତନ, ଭଜନ ସନ୍ଧ୍ୟା ତଥା ଅନ୍ୟାନ ସାଂସ୍କୃତିକ କାର୍ଯ୍ୟକ୍ରମ ହୁଏ। ତାହାଛଡା ଶ୍ରୀଜୀଉ ମାନଙ୍କର ଝୁଲଣ, ଜନ୍ମାଷ୍ଟମୀ, ଲକ୍ଷ୍ମୀ ପୂଜା, କାର୍ତ୍ତିକ ବ୍ରତ, ଭାଗବତ ଜନ୍ମ, ଦୀପାବଳୀ, ସ୍ନାନ ପୂର୍ଣ୍ଣିମା, ହୋଲି ଆଦି ମନ୍ଦିରରେ ପାଳିତ ହୁଏ। ପୁରୀ ଶ୍ରୀମନ୍ଦିରର ସମସ୍ତ ରୀତି ନୀତି ଏଠାରେ ପାଳନ କରାଯାଏ। ସବୁକିଛି ଶ୍ରୀଜଗନ୍ନାଥଙ୍କ କରୁଣାରୁ ସୁରୁଖୁରୁରେ ହୋଇ ଯାଏ ବୋଲି ଭକ୍ତମାନେ କହିଛନ୍ତି। ମନ୍ଦିରରେ ଦୈନନ୍ଦିନ ପ୍ରସାଦ ଲାଗି ଭକ୍ତ ମାନଙ୍କୁ ବଣ୍ଟା ଯାଏ। ବିଭିନ୍ନ କାମ ନେଇ ଲୋକଙ୍କ ମାନସିକ ପୂରଣ ହେଉଥିବାରୁ ସେଥିପାଇଁ ସ୍ୱତନ୍ତ୍ର ପୂଜା ଅନୁଷ୍ଠାନ ହୁଏ।ଏହାହିଁ ଏହି ମନ୍ଦିରର ସ୍ୱତନ୍ତ୍ରତା। ମନ୍ଦିର ର ଆନୁସଙ୍ଗିକ ବିକାଶ ଓ ସମସ୍ତ କାର୍ଯ୍ୟକ୍ରମର ପରି ପୂରଣ ପାଇଁ ବିଧିବଦ୍ଧ ଭାବେ କୌଣସି ପରିଚାଳନା କମିଟି ଅଥବା ଟ୍ରଷ୍ଟ ବୋର୍ଡ ନାହିଁ। ଭକ୍ତ ସରୋଜ ଦଳାଇ, ବଂଶୀଧର ପ୍ରମାଣିକ, ପ୍ରଭାକର ଜେନା ପ୍ରମୁଖଙ୍କୁ ମିଶାଇ ୨୭ଜଣ ଭକ୍ତ ସମସ୍ତ କାର୍ଯ୍ୟ ଓ ବିକାଶକୁ ଆଗେଇ ନେଉଛନ୍ତି। ତଥାପି ଅନେକ କାର୍ଯ୍ୟ ଅଧୁରା ରହିଛି। ସରକାର ଏଥିପ୍ରତି ଦୃଷ୍ଟି ଦେଲେ ପୀଠର ଅଧିକ ଉନ୍ନତି ହୋଇ ପାରନ୍ତା।



## ଦୃଷ୍ଟିବାଧିତ ରିତେଶ ମେହେରଙ୍କୁ ସମ୍ବର୍ଦ୍ଧନା

# ଜିଲ୍ଲା ବଧିର ସଂଘର ବାର୍ଷିକ ଉତ୍ସବ

ବରଗଡ଼, ୨୫ ।୧୨(ସମିସ)



ଓଡ଼ିଶା ଜନତା ସଂଘର୍ଷ ସମିତି, ବରଗଡ଼ ଓ ଏଡିଉର୍ଜ ହେଲପିଙ୍ଗ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଜିଲ୍ଲା ବଧିର ସଂଘ ବରଗଡ଼ର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଓଡ଼ିଶା ଜନତା ସଂଘର୍ଷ ସମିତିର ସଭାପତି କିଶୋର ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଦୁଇଟି ଅଧିବେଶନରେ ଯଥାକ୍ରମେ ଡାକ୍ତର ପ୍ୟାରିଲାଲ ତ୍ରିପାଠୀ, କିଶୋରୀ ନର୍ସିଂହୋମ ବରଗଡ଼ର ମୁଖ୍ୟ ଓ ପୂର୍ବତନ ବରଗଡ଼ ବିଧାୟକ ସାଧୁ ଚରଣ ନେପାକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ କୃଷକ ନେତା କିଶୋର ଦେବତା, ଓଡ଼ିଶା ରାଜ୍ୟ ଘରୋଇ ବସ୍ ମାଲିକ ସଂଘର ଉପସଭାପତି ସରୋଜ ମହାପାତ୍ର, ବାଳଗୋପାଳ ଫୁଡ ପ୍ରୋଡକ୍ଟ ଚକରକେନ୍ଦର ମାଲିକ ଗୋପାଳ ଅଗ୍ରୱାଲ, ବରିଷ୍ଠ ଆଇନଜୀବୀ ତଥା ପାୱାର ଅଫ ଦିବ୍ୟାଙ୍ଗସ ବରଗଡ଼ ର ସଭାପତି ଶ୍ୟାମ ସୁନ୍ଦର ଅଗ୍ରୱାଲ, ସମିତି ଉପସଭାପତି ମେଘନାଦ ସାହୁ, ବଧିର ସଂଘ ସଭାପତି ଚିତ୍ରସେନ ମେହେର ପ୍ରମୁଖ ଯୋଗଦେଇ ଅଭିଭାଷଣ ରଖିଥିଲେ। ସମିତି ସମ୍ପାଦକ ଅଭୟ କୁମାର ପ୍ରଧାନ ସଭା ସଂଯୋଜନା କରିଥିଲେ। ଫାଉଣ୍ଡେସନର ସମ୍ପାଦକ ଭଗବାନ ପ୍ରଧାନ ହେଲପିଙ୍ଗ ଫାଉଣ୍ଡେସନ ବରଗଡ଼ର ବିଭିନ୍ନ କଲ୍ୟାଣ ମୂଳକ କାର୍ଯ୍ୟକ୍ରମ ଉପରେ ଅଭିଭାଷଣ ରଖିଥିଲେ। ସମିତି ସମ୍ପାଦକ ଅଭୟ କୁମାର ପ୍ରଧାନ ଓଡ଼ିଶା ଜନତା ସଂଘର୍ଷ ସମିତି ବରଗଡ଼ର ବିଭିନ୍ନ ଜନକଲ୍ୟାଣମୂଳକ କାର୍ଯ୍ୟ ଉପରେ ଭାଷଣ ରଖିଥିଲେ। ସଭାପତି କିଶୋର ଚନ୍ଦ୍ର ସାହୁ ସମିତିର ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମ ସୂଚନା ଦେଇଥିଲେ। ସମାଜସେବୀ ପାୱାର ଅଫ ଦିବ୍ୟାଙ୍ଗସ ବରଗଡ଼ ଜିଲ୍ଲା ସଭାପତି ଶ୍ୟାମ ସୁନ୍ଦର ଅଗ୍ରୱାଲ, ସମାଜସେବୀ ତଥା ଏଭଏମ ପବ୍ଲିକ ସ୍କୁଲ ବରଗଡ଼ର ନିର୍ଦ୍ଦେଶକ ଡ଼. ଯଶବୀର ସିଂ ସେଠିଁ, ସମାଜସେବୀ ଅଶୋକ କୁମାର ଅଗ୍ରୱାଲ, ମୁକ୍ତେଶ୍ୱର ମାନବ ସେବା ସମିତି ବରଗଡ଼ର ପ୍ରତିଷ୍ଠାତା ନେପାଳେଶ୍ୱର ନନ୍ଦ, ନିଷ୍ଠା ପରିବାର ଖଣ୍ଡତା ବରିଷ୍ଠ ସଭ୍ୟ ଆଶୀଷ କୁମାର ମହାପାତ୍ର ଓ ସଦସ୍ୟା ସୁତପା ଗଡ଼ତିଆ, ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ବରଗଡ଼ ପରିଚାଳନା କମିଟିର ବରିଷ୍ଠ ସଭ୍ୟ ଶିକ୍ଷାପ୍ରେମୀ ସମାରୁ ପ୍ରଧାନ, ବୀର ସୁରେନ୍ଦ୍ର ସାଏ ପବ୍ଲିକ ସ୍କୁଲ, ଭେଡେନର ପ୍ରତିଷ୍ଠାତା ତଥା ଅଧକ୍ଷ ଯୁଧିଷ୍ଠିର ମାହାର, ଆଞ୍ଚଳିକ ଜନକଲ୍ୟାଣ ଭିନ୍ନକ୍ଷମ ସଂଗଠନ, ଭେଡେନର ବ୍ଲକ ସଭାପତି ତଥା ସୁସଂଗଠକ ବସନ୍ତ କୁମାର ଭୋଇ, ସମିତିର ବରିଷ୍ଠ ସଂଗ୍ରାମୀ ସାଥୀ ତଥା ସ୍ୱର୍ଗତ ସୂର୍ଯ୍ୟ ପ୍ରକାଶ ମହାପାତ୍ରଙ୍କ ଘନିଷ୍ଠ ବନ୍ଧୁ ଦିଲ୍ଲୀପ କୁମାର ନନ୍ଦଙ୍କୁ ସମିତି ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କବୟିତ୍ରୀ ତପସ୍ୱିନୀ ମହାପାତ୍ର, ଭିଏସଏସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭେଡେନର ଅଧକ୍ଷ ଭରତ ଚନ୍ଦ୍ର ଭୋଇ, ଯାଦବ ସମାଜ ଭେଡେନ ବ୍ଲକ ସଭାପତି ତଥା ଅଭିଲା କ୍ରୀଡ଼ା ଓ ସାଂସ୍କୃତିକ ସଂଘ ଡୁଙ୍ଗୁରିପାଲିର ସଭାପତି ରାଜେନ୍ଦ୍ର କୁମାର ବାଗ, ଗଙ୍ଗା ପୂଜାରୀ, ନିଗମାନନ୍ଦ ବିହାର ବରଗଡ଼ର ବରିଷ୍ଠ ନାଗରିକ ଗଣ, ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ବଧିର ବିଦ୍ୟାଳୟର ଖେଳ ଶିକ୍ଷକ ସୁରେନ୍ଦ୍ର ସାହୁଙ୍କ ସମେତ ଜାତୀୟ ଶ୍ରବଣ ବାଧିତ ଯୁବ କ୍ରିକେଟ ଖେଳାଳି ନବୀନ ଅଗ୍ରୱାଲ, ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ଶ୍ରବଣ ବାଧିତ ଛାତ୍ର ମାଷ୍ଟର ମୁକେଶ ମହାପାତ୍ର, ରାଜ ପ୍ରଧାନ, ପ୍ରେମାକାନ୍ତ ଭୋଇ, ତୁଷାରକାନ୍ତ ବିଶି, ଓ ଛାତ୍ରୀ ଗାୟତ୍ରୀ ବିଶି, ରେଣୁକା ଭୁକ୍ୟଙ୍କ ବାର୍ଷିକ ଗଣ ପୁରସ୍କୃତ କରିଥିଲେ। ଏଡିଉର୍ଜ ହେଲପିଙ୍ଗ ଫାଉଣ୍ଡେସନ ବରଗଡ଼ ସଭାପତି ଡାଓ ପ୍ରକୃତି ବନ୍ଧୁ ଦିବାକର ମାଝୀ ଓ ସମ୍ପାଦକ ଭଗବାନ ପ୍ରଧାନ ଆନ୍ତର୍ଜାତିକ ଭଲିବଲ ଖେଳାଳି ବୌଦ୍ଧିକ ଅକ୍ଷମ ଯୁବକ ସତିନ ବରିହା ଓ ଜାତୀୟସ୍ତରରେ ସନ୍ତରଣ ପ୍ରତିଯୋଗିତାରେ ଗୋଲ୍ଡ ପଦକ ହାସଲ କରିଥିବା ଦୃଷ୍ଟିବାଧିତ ଯୁବକ ରିତେଶ ମେହେରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଡାକ୍ତର ପ୍ୟାରିଲାଲ ତ୍ରିପାଠୀ ସଭା ପ୍ରାରମ୍ଭରୁ ସମିତିର ଭାରତୀ ନଗର ୱାର୍ଡ ନମ୍ବର ୧୮ ସ୍ଥିତ ନୂତନ ଅସ୍ଥାୟୀ କାର୍ଯ୍ୟାଳୟକୁ ଉଦଘାଟନ କରିଥିଲେ। ପରେ ଡାକ୍ତର ତ୍ରିପାଠୀ ଓ ବରଗଡ଼ ପୂର୍ବତନ ବିଧାୟକ ବାର୍ଷିକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମିତିର ସମ୍ପାଦକ ଅଭୟ କୁମାର ପ୍ରଧାନ, ରାଜେନ୍ଦ୍ର କୁମାର ବାଗ, ଦୁଖୀ ସେବକ ସାହୁ, ସୁଶୀଳା ପାଣ୍ଡୟତ, ମଣ୍ଟୁ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ସାଂକେତିକ ଭାଷା ଅନୁବାଦକ ଟିକେଶର ସରାଫ ଭାଷଣ ଗୁଡିକୁ ବଧିର ଭାଇ ଭଉଣୀଙ୍କୁ ସାଂକେତିକ ଭାଷାରେ ବୁଝାଉ ଥିଲେ।

## ଆନ୍ତର୍ଜାତିକ ଓଡ଼ିଶୀ ନୃତ୍ୟରେ ଭାଗ ନେବେ ଅଭୀପ୍ସା



ବରଗଡ଼, ୨୫ ।୧୨(ସମିସ): ବରଗଡ଼ କେନାଲ କଲୋନୀ ନିବାସୀ ଶାନ୍ତନୁ କୁମାର ପତି ତଥା ରିନୁ ପତିଙ୍କ ଝିଅ ଅଭିପ୍ସା ପତି ଡିସେମ୍ବର ୨୭ରୁ ୩୦ ମଧ୍ୟରେ ଭୁବନେଶ୍ୱରର ରବୀନ୍ଦ୍ର ମଣ୍ଡପରେ ହେବାକୁ ଥିବା ଆନ୍ତର୍ଜାତିକ ଓଡ଼ିଶୀ ନୃତ୍ୟ ମହୋତ୍ସବରେ ନୃତ୍ୟ ପରିବେଷଣ ପାଇଁ ଆମନ୍ତ୍ରିତ ହୋଇଛନ୍ତି। ସେ ଡକ୍ଟର ସ୍ନେହପ୍ରଭା ସାମନ୍ତରାୟଙ୍କ ଶିଷ୍ୟା ଅଟନ୍ତି। ସେ ବର୍ତ୍ତମାନ ଭୁବନେଶ୍ୱର ସ୍ଥିତ ବିଜେବି ମହାବିଦ୍ୟାଳୟରେ ମନସ୍ତତ୍ତ୍ୱ ବିଭାଗରେ ଅଧ୍ୟୟନ କରୁଛନ୍ତି। ସେ ଜିଲ୍ଲା, ରାଜ୍ୟ ତଥା ଜାତୀୟସ୍ତରରେ ତାଙ୍କ ପ୍ରତିଭା ପାଇଁ ଅନେକ ଥର ସମ୍ମାନିତ ହୋଇ ପ୍ରଶଂସିତ ହୋଇଛନ୍ତି।

## ମୁଖ୍ୟ ଶାସନ ସଚିବଙ୍କୁ ଭେଟିଲେ ଚୈତନ୍ୟ



ବରଗଡ଼, ୨୫ ।୧୨(ସମିସ): ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କୁ ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ଅଧ୍ୟକ୍ଷ ଚୈତନ୍ୟ ପାଢ଼ୀ ଭେଟି ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ପଶ୍ଚିମ ଓଡ଼ିଶା କଳାକାରଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ତେବେ ଶ୍ରୀମତୀ ଗର୍ଗ କଳାକାରଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ରାଜ୍ୟ ସରକାର ଅବଗତ ଥିବା ଉଲ୍ଲେଖ କରି ଆଗାମୀ ଦିନରେ ରାଜ୍ୟର ସମସ୍ତ କଳାକାରଙ୍କ ସମସ୍ୟା ଗୁଡ଼ିକୁ ପର୍ଯ୍ୟାୟ କ୍ରମେ ସମାଧାନ କରାଯିବ ବୋଲି ଦୃଢ଼ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି।

## ବରଗଡ଼ରେ ଖ୍ରୀଷ୍ଟମାସ୍ ପର୍ବ ପାଳିତ

ବରଗଡ଼, ୨୫ ।୧୨(ସମିସ): ବରଗଡ଼ ସିଏନଆଇ ଚର୍ଚ୍ଚରେ ବୁଧବାର ରାତ୍ରରୁ ପ୍ରଭାତ ୪ ପର୍ଯ୍ୟନ୍ତ ଯୀଶୁଙ୍କର ଜନ୍ମୋତ୍ସବ ତଥା ଖ୍ରୀଷ୍ଟମାସ୍ ପର୍ବ ପାଳିତ ହୋଇଯାଇଛି।ମୁଖ୍ୟବକ୍ତା ଭାବେ ଆଚାର୍ଯ୍ୟ ଅମୂଲ୍ୟ ସୁନା ପ୍ରଭୁଙ୍କ ବାକ୍ୟ ପରିବେଷଣ କରି ସମସ୍ତଙ୍କୁ ଆଶିର୍ବାଦ ପ୍ରଦାନ କରିଥିଲେ।



ବିଶାଳ ବାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଦଯୋଗ ସମିତିର ସଭ୍ୟମାନେ ସଙ୍ଗୀତ ପରିବେଷଣ କରିଥିଲେ।ଖ୍ରୀଷ୍ଟିଆନ ସମ୍ପ୍ରଦାୟର ତଥା ଅନ୍ୟାନ୍ୟ ସମ୍ପ୍ରଦାୟର ବହୁ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ। କୁମୁଦିନୀ ବାଗ ଶେଷ ପ୍ରାର୍ଥନା ପରିବେଷଣ କରିଥିଲେ। ଶେଷରେ ସିଏନଆଇ ଚର୍ଚ୍ଚ ସମ୍ପାଦକ ଚନ୍ଦ୍ରଶେଖର ବାଗ ଧନ୍ୟବାଦ ଦେଇଥିଲେ।

## ନିଃଶୁଳ୍କ ଫର୍ଟିଲିଟି ଓପିଡି ଓ ଆଇଭିଏଫ୍ ସେବା ଅଭିଯାନ

ବରଗଡ଼, ୨୫ ।୧୨(ସମିସ): ଶକ୍ତି ଫାଉଣ୍ଡେସନ ଉଦ୍ୟମରେ ବରଗଡ଼ ଡ.ଶକ୍ତି ଏବଂ ଡ.ଇପ୍ସିତା ସ୍କିନ-ଫର୍ଟିଲିଟି ଇନଷ୍ଟିଚ୍ୟୁଟରେ ନିଃଶୁଳ୍କ ଫର୍ଟିଲିଟି ଓପିଡି ଓ ନିଃଶୁଳ୍କ ଆଇଭିଏଫ୍ ସେବା ଅଭିଯାନ ଆରମ୍ଭ ହୋଇଛି। ଡାକ୍ତର ଶକ୍ତି କୁମାର ତ୍ରିପାଠୀ ବହୁ ପ୍ରଶଂସିତ ଉଚ୍ଚ ସମ୍ମାନିତ ଫର୍ଟିଲିଟି ଡାକ୍ତରଙ୍କ ଦ୍ୱାରା ଓ ଶକ୍ତି ଫାଉଣ୍ଡେସନର ମିଳିତ ଉଦ୍ୟମରେ ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଦମ୍ପତିଙ୍କ ପାଇଁ ପିତୃତ୍ୱ ଓ ମାତୃତ୍ୱର ଆଶାକୁ ପୁନଃ ଜୀବନ ଦେବାର ପ୍ରୟାସ ହୋଇପାରିବ। ପ୍ରତ୍ୟେକ ମାସର ଚତୁର୍ଥ ଶନିବାର ସକାଳ ୮ଟାରୁ ୨ଟା ପର୍ଯ୍ୟନ୍ତ ଦେଖାଇ ପାରିବେ ବୋଲି ଫାଉଣ୍ଡେସନର ପକ୍ଷରୁ କୁହାଯାଇଛି।

## ସଞ୍ଚାରକଳାର ଆଦିଘାତ ଶିକ୍ଷା ପ୍ରଦାନ

ଝାରବନ୍ଧ, ୨୫ ।୧୨(ସମିସ): ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଭୁବନେଶ୍ୱର ଦ୍ୱାରା ଆୟୋଜିତ 'ଦୀକ୍ଷାନ୍ତ'କାର୍ଯ୍ୟକ୍ରମ ଲୁପ୍ତପ୍ରାୟ ଲୋକବାଦ୍ୟ ସଞ୍ଚାର କଳାର ପୁନଃରୁଦ୍ଧାର ପାଇଁ ଗୁରୁଶିଷ୍ୟ ପରମ୍ପରା ମାଧ୍ୟମରେ ଦୀର୍ଘ ପାଞ୍ଚ ମାସ ଧରି ସଞ୍ଚାର କଳା ଶିକ୍ଷାର ଲକ୍ଷ୍ୟ ରହିଛି। ପ୍ରଥମ ମାସରେ ସଞ୍ଚାର ରେ ଆଦିଘାତ ପ୍ରସଙ୍ଗ



ଉପରେ ଶିକ୍ଷା ଦାନ ଏବଂ ଶିକ୍ଷା ଗ୍ରହଣ ପାଇଁ ଯୋଜନା ଅଛି। ଏହି କ୍ରମରେ ଝାରବନ୍ଧ ବ୍ଲକ ବୈତାଳି ଗ୍ରାମରେ ବରିଷ୍ଠ ସଞ୍ଚାର ଗୁରୁ କଳା ଗୌରବ ଚକ୍ରପାଣି ସେଠଙ୍କ ତତ୍ତ୍ୱାବଧାନରେ ୧୧ ଜଣ ଶିଷ୍ୟଙ୍କୁ ନେଇ ଗତ ୧୨ ନଭେମ୍ବର ୨୦୨୫ ତାରିଖରୁ ଆରମ୍ଭ କରି ଚଳିତ ଡିସେମ୍ବର ମଧ୍ୟରେ ସଞ୍ଚାର ର ଆଦିଘାତ ଉପରେ ଶିକ୍ଷା ଦାନ କରିଛନ୍ତି। ସଞ୍ଚାରକଳାରେ ଆଦିଘାତର ଆରମ୍ଭ, ବାଦ୍ୟ, ଶ୍ଳୋକ, ବନ୍ଦନା, ଉଚ୍ଚାରଣ ଉପରେ ବିଶେଷ ଭାବେ ଅଭ୍ୟାସ ପୂର୍ବକ ବାରଟି କ୍ଲାସରେ ଶିକ୍ଷା ପ୍ରଦାନ କରିଥିବା ସୂଚନା ରହିଛି। ଶିଷ୍ୟ କଳାରତ୍ନ ଘନଶ୍ୟାମ ନାଗ, ରୋହିତ ତାଣ୍ଡି, ମଣି ଛତର, କୃପାସିନ୍ଧୁ ଦୀପ, ବ୍ରହ୍ମା ବନଛୋର, ଆଦି ମୁନା, କାପୁରଚନ୍ଦ ଛତର, ଡୋଳାମଣୀ କୁମ୍ଭାର, ଗଣେଶ କୁମ୍ଭାରଙ୍କ ସହିତ କମ୍ପୁପାଣି ସେଠ ଶିକ୍ଷା ଗ୍ରହଣ କରିଥିଲେ।

## ସହିଦ ମାଧୋ ସିଂହଙ୍କ ସ୍ମୃତିରକ୍ଷା ପାଇଁ ଦାବି

ବରଗଡ଼, ୨୫।୧୨(ସମିସ): ୧୮୫୭ ସ୍ୱାଧୀନତା ସଂଗ୍ରାମର ମହାନାୟକ ସହିଦ ମାଧୋ ସିଂହ ସପରିବାର ଦେଶମାତୃକା ପାଇଁ ଯେଉଁଳି ବୀରତ୍ୱ ଓ ଆତ୍ମତ୍ୟାଗର ଉଦାହରଣ ସୃଷ୍ଟି କରିଯାଇଛନ୍ତି ତାର ପଟାନ୍ତର ନାହିଁ। ତାଙ୍କର ଏହି ବଳିଦାନ କେବଳ ବରଗଡ଼ ନୁହେଁ ସମଗ୍ର ରାଜ୍ୟକୁ ଗର୍ବୀତ କରିଛି। ତାଙ୍କୁ ତାଙ୍କ ଜନ୍ମମାଟିରେ ସମ୍ମାନ ଜଣାଇବା ନିମନ୍ତେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଆସନ୍ତା ବୀରତା ଦିବସ ଦିନ ଘେଁସ ଆସୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିକଟରେ କେତେକ ପ୍ରସ୍ତାବକୁ ପୁନଃ ଉପସ୍ଥାପିତ କରାଯିବ। ସହିଦ ମାଧୋ ସିଂହଙ୍କ ଜୀବନ ଓ ବିପ୍ଳବ ସମ୍ବନ୍ଧରେ ସବିଶେଷ ଗବେଷଣା ସହିତ ଇତିହାସ ଲିଖନର ବ୍ୟବସ୍ଥା କରାଯାଉ, ପାଠ୍ୟ ପୁସ୍ତକରେ ତାଙ୍କ ବୀରତ୍ୱ ଓ ବଳିଦାନ ସମ୍ବନ୍ଧରେ ଉଲ୍ଲେଖ କରାଯାଉ, ଘେଁସ ଏବଂ ନିକଟସ୍ଥ ତାଳଖୋଲ ଜଙ୍ଗଲକୁ ନେଇ ଏକ ଐତିହାସିକ ପର୍ଯ୍ୟଟନ ସ୍ଥଳର ବିକାଶ କରାଯାଉ, ଘେଁସ ମହାବିଦ୍ୟାଳୟର ନାମକୁ ସହିଦ ମାଧୋଙ୍କ ନାମରେ ନାମିତ କରାଯାଉ, ବରଗଡ଼, ସମ୍ବଲପୁର ଓ ଭୁବନେଶ୍ୱରରେ ସହିଦ ମାଧୋଙ୍କ ପ୍ରତିମୂର୍ତ୍ତି ସ୍ଥାପନ ସହିତ ଛକ ଓ ମାର୍ଗର ନାମକରଣ କରାଯାଉ, ଘେଁସ ଠାରେ ପଶ୍ଚିମ ଓଡ଼ିଶାର ସାହିତ୍ୟ, ସଂସ୍କୃତି ଓ ଇତିହାସ ଉପରେ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରାଯାଉ। ପ୍ରଥମେ ଘେଁସ ଠାରେ ସ୍ମୃତିସ୍ତମ୍ଭ ନିର୍ମାଣ କରାଗଲା। ୧୯୯୭ରେ ପ୍ରଥମଥର ମାଧୋ ସିଂହଙ୍କ ଫାଶୀ ଦିବସକୁ ସରକାର ରାଜ୍ୟସ୍ତରୀୟ ବୀରତା ଦିବସ ନାମରେ ଘୋଷଣା କରି କାର୍ଯ୍ୟକ୍ରମ ଆୟୋଜନ ଆରମ୍ଭ କଲେ। ସାମ୍ବାଦିକ ସ୍ୱର୍ଗତ ଶାନ୍ତନୁ ବିଶ୍ୱାଳଙ୍କ ପ୍ରଚେଷ୍ଟାରେ ବରଗଡ଼ ସହରରେ ବୀର ଛକ ନାମିତ ହେବା ସହିତ ସ୍ମାରକୀ ନିର୍ମିତ ହେଲା। କ୍ଲବ୍ ପକ୍ଷରୁ ପରେ ଘେଁସ ଠାରେ ପ୍ରତିମୂର୍ତ୍ତି ସ୍ଥାପନ କରାଗଲା। ତେବେ ସରକାର ନିକଟରେ ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା ମଧ୍ୟ ପ୍ରଣୟନ କରିଛନ୍ତି।

## ଝାରବନ୍ଧ ଡିଗ୍ରୀ କଲେଜର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ଝାରବନ୍ଧ, ୨୫ ।୧୨(ସମିସ): ଝାରବନ୍ଧ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ୨୩ ଓ ୨୪ ତାରିଖ ଦୁଇଦିନ ଧରି ଚାଲିଥିବା କ୍ରୀଡା ଉତ୍ସବରେ ଉଭୟ ପୁରୁଷ ଓ ମହିଳା ଖେଳ ସହ ସମୁଦାୟ ୨୩ ଟି ଖେଳ ହୋଇଥିଲା। ଅଧ୍ୟକ୍ଷ



ଶ୍ୟାମସୁନ୍ଦର ବେହେରାଙ୍କ ପୌରୋହିତ୍ୟରେ ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବରେ ନନ୍ଦଲାଲ ମହାପାତ୍ର, ବୀରଦୈତ୍ୟ ସାହୁ, ହୃଷୀକେଶ ବରିହା, ହରିହର ସାହୁ, ନନ୍ଦ କିଶୋର ଅଗ୍ରୱାଲ ଯୋଗଦେଇ ଅଭିଭାଷଣ ପ୍ରଦାନ କରିଥିଲେ। ପୁରୁଷ ବିଭାଗରେ ହରି ନାଏକ ଚାମ୍ପିଅନ ହୋଇଥିବା ବେଳେ ମହିଳା ବିଭାଗରେ ରୂପାଞ୍ଜଳି ବରିହା ଚାମ୍ପିଅନ ହୋଇଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପରସ୍କୃତ କରାଯାଇଥିଲା। ଖେଳ ଶିକ୍ଷକ ଛତ୍ରପାଲ୍ ଗିରି ଓ ଶୋଭିତ ଭୋଇଙ୍କ ତତ୍ତ୍ୱାବଧାନରେ ସମଗ୍ର କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଞ୍ଜନ ବରିହା ଓ ଦୁର୍ଯୋଧନ ପାଣ୍ଡେ ସହଯୋଗ କରିଥିଲେ। କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଅନ୍ୟ କର୍ମଚାରୀଙ୍କ ସହିତ ଉତ୍ସବରେ ଯୋଗଦାନ କରିଥିବା ଅତିଥିଙ୍କୁ ନେଇ ମ୍ୟୁଜିକ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।ଉତ୍ସବରେ ଅଧ୍ୟାପିକା ସୁଶ୍ରୀ ଯାଜ୍ଞସେନି ନାୟକ, ଅଧ୍ୟାପକ ନବୀନ ମେହେର, ଗଗନ ଡ଼ନଶନା, ଡ଼.ଖ୍ୟାତିମୟ ତ୍ରିପାଠୀ, ସାର୍ତ୍ତିକ ସାହୁ, ଅଧ୍ୟାପିକା ରଶ୍ମୀ ମହାଲିଙ୍ଗ, ରିତାଞ୍ଜଳି ଗୁରୁ, ମିନପ୍ରଭା ପ୍ରଧାନ, ଅଧ୍ୟାପକ ଚନ୍ଦ୍ରମଣି ବାଗ, ଅଧ୍ୟାପିକା କୁନି ସାହା, ମନୀଷା ଭୋଇଙ୍କ ସମେତ ଲାଇବ୍ରେରୀଏନ ଅଶୋକ ହାତୀ, ବଂଶୀଧର ସେଠୀ, ବଲ୍ଲଭ ମିର୍ଦ୍ଧା, ପ୍ରକାଶ ପ୍ରଧାନ, ରୁକ୍ମିଣୀ ସାହୁ, ମଦନ ବାଗ ପ୍ରମୁଖ ସହଯୋଗ କରିଥିଲେ।

## ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା




ପାଇକମାଲ, ୨୫ ।୧୨(ସମିସ): ସ୍ଥାନୀୟ ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଅଧ୍ୟାପକ ପ୍ରଦୀପ୍ତ କୁମାର ସାହୁ ଓ ପ୍ରଭାତ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ନୃସିଂହନାଥ ମନ୍ଦିରରୁ ଛାତ୍ରମାନେ ମଶାଲ୍ ଶୋଭାଯାତ୍ରାରେ ବାହାରି ଏମ ସ୍କୁଲ ଖେଳ ପଡ଼ିଆରେ ପହଞ୍ଚିଥିଲେ। ଅଧ୍ୟକ୍ଷ ଲୋହିତ କୁମାର ବାରିକ କ୍ରୀଡ଼ା ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପାଇକମାଲ ରେଞ୍ଜ ଅଫିସର ନିହାର ରଞ୍ଜନ ସୁତାର ଓ ମିଠାପାଲି ରେଞ୍ଜ ଅଫିସର ଗୋପାଳଚନ୍ଦ୍ର ସାଏ ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହିତ ପୁରସ୍କୃତ କରିଥିଲେ। ଉଭୟ ଛାତ୍ରଛାତ୍ରୀ ପକ୍ଷରୁ ୧୮ଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଛାତ୍ର ସୌମ୍ୟରଞ୍ଜନ ହୋତା ସମସ୍ତ ଖେଳାଳିଙ୍କୁ ଶପଥ ପାଠ କରାଇଥିଲେ। ପିଇଟି ନାରାୟଣ ସାହୁ, ଦୁର୍ଯ୍ୟୋଧନ ତ୍ରିପାଠୀ, ରଜତ ମିଶ୍ର, ସୁଦର୍ଶନ ମହାକୁର କ୍ରୀଡ଼ା ପରିଚାଳନା କରିଥିଲେ। ଛାତ୍ରୀମାନଙ୍କ ପକ୍ଷରୁ ଦୀପିକା ଭୁଏ ଓ ଛାତ୍ରଙ୍କ ପକ୍ଷରୁ ବିଶିକେଶନ ଧରୁଆ ଚାମ୍ପିଅନ ହୋଇଥିଲେ। ଅଧ୍ୟାପକ ପ୍ରଦୀପ କୁମାର ଦେୱାନ ସଭା ପରିଚାଳନା କରିଥିବା ବେଳେ ଅଧ୍ୟାପିକା ଝରଣା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ତଥା ଅନ୍ୟ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

## ଏନଏସ୍‌ଏସ୍ ୟୁନିଟ୍ ପକ୍ଷରୁ ଶୀତକାଳୀନ ଶିବିର



ଝାରବନ୍ଧ, ୨୫ ।୧୨(ସମିସ): ଝାରବନ୍ଧ ପଞ୍ଚାୟତ ସମିତି ଡିଗ୍ରୀ କଲେଜର ଏନଏସଏସ ୟୁନିଟ ଦ୍ୱାରା ସରଗୁଲ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅଧକ୍ଷ ଶ୍ୟାମ ସୁନ୍ଦର ବେହେରାଙ୍କ ସଭାପତିତ୍ୱରେ ସ୍ୱତନ୍ତ୍ର ଶୀତକାଳୀନ ଶିବର ଉଦ୍‌ଘାଟିତ ହୋଇଯାଇଛି। ସରକାରୀ ପ୍ରାଥମିକ ବିଦ୍ୟାଳୟ, ସରଗୁଲରେ ଡିସେମ୍ବର ୨୫ ତାରିଖରୁ ୩୧ ତାରିଖ ଯାଏଁ ହେବାକୁଥିବା ଶିବିରରେ ୫୦ ଜଣ ସ୍ୱେଚ୍ଛାସେବୀ ଶିବିରାର୍ଥି ଭାବରେ ଭାଗନେଇ ବିଭିନ୍ନ ଜନସଚେତନତା ମୂଳକ କାର୍ଯ୍ୟକ୍ରମ କରିବେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କନ୍ଦାଡ଼ୁଙ୍ଗର ପଞ୍ଚାୟତର ସରପଞ୍ଚ ସୁନୀଲ ରାୟ ଯୋଗ ଦେଇ ପତାକା ଉତ୍ତୋଳନ କରି ଶିବିରକୁ ଉଦ୍‌ଘାଟନ କରିଥିଲେ। ପୂର୍ବତନ ଏନ୍‌ଏସ୍‌ଏସ ଅଧିକାରୀ ଅଧ୍ୟାପକ ନବୀନ ମେହେର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଏନ୍‌ଏସ୍ ଏସ କୋ ୟୁନିଟ୍ ଅଧିକାରୀ ଅଧ୍ୟାପିକା ରୀତାଞ୍ଜଳୀ ଗୁରୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ସଭାରେ ଅଧ୍ୟାପିକା ସୁଶ୍ରୀ ରଶ୍ମି ମହାଲିଙ୍ଗ, ସୁଶ୍ରୀ କୁନି ସାହା, ଅଧ୍ୟାପକ ଚନ୍ଦ୍ରମଣି ବାଗଙ୍କ ସମେତ ଲାଇବ୍ରେରୀଅନ ଅଶୋକ ହାତୀ, ଡିଇଓ ଅଞ୍ଜନ ବରିହା, କୋଶଲ ସଂଗ୍ରାମୀ ସନାତନ ପାଣ୍ଡେ ଉପସ୍ଥିତ ରହି ଶିବିରକୁ ସଫଳ କରିବା ପାଇ ସହଯୋଗ କରିଥିଲେ।

## ଏକଦିବସୀୟ ସଙ୍କୀର୍ତ୍ତନ କର୍ମଶାଳା



ବରଗଡ଼, ୨୫ ।୧୨(ସମିସ): ବରଗଡ଼ ଜିଲ୍ଲା ସଙ୍କୀର୍ତ୍ତନ ପରିଷଦ ଆନୁକୂଲ୍ୟରେ ସ୍ଥାନୀୟ ରାଣା ପ୍ରତାପ ହାଇସ୍କୁଲ ପଡ଼ିଆ ରେ ସଙ୍କୀର୍ତ୍ତନ ସମାବେଶ ଓ ଏକ ଦିବସୀୟ ସଙ୍କୀର୍ତ୍ତନ କାର୍ଯ୍ୟଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ପ୍ରମୋଦ ଦାଶଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ପଣ୍ଡିତ ଜୟଦେବ ପଣ୍ଡାଙ୍କ ସଂଯୋଜନାରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଶତାଧିକ ସଙ୍କୀର୍ତ୍ତନ ଗାୟକ ଓ ବାଦକ ଉପସ୍ଥିତ ଥିଲେ। ପରିଷଦର ଆଜୀବନ ସଦସ୍ୟ ଅର୍ଜୁନ ସେଟ୍ ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ।ଆସନ୍ତା ଜାନୁୟାରୀ ୧୫ ତାରିଖ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ କିପରି ସଙ୍କୀର୍ତ୍ତନ ପରିବେଷଣ ଓ ଶୋଭାଯାତ୍ରା ହେବ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା ଗୁରୁ ସୁଶିଲ ଦାଶ, ମିନ କେତନ ମେହେର, ଗୌର ଚନ୍ଦ୍ର ସାହୁ, ପ୍ରମୋଦ ପ୍ରଧାନ, ବାଙ୍କା ସାହୁ, ଶଙ୍କର ମେହେର, ଶିବ ପ୍ରସାଦ ମେହେର, ଜଗନ୍ ମହାପାତ୍ର ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

## ରିଜର୍ଭ ବ୍ୟାଙ୍କ୍ ପକ୍ଷରୁ ଆର୍ଥିକ ସାକ୍ଷରତା ଶିବିର



ବରଗଡ଼, ୨୫ ।୧୨(ସମିସ): ଭାରତୀୟ ରିଜର୍ଭ ବ୍ୟାଙ୍କ ଭୁବନେଶ୍ୱର ତରଫରୁ ବରଗଡ଼ ଧନୁଯାତ୍ରାରେ ଆର୍ଥିକ ସାକ୍ଷରତା ଶିବିର ସଠିକ୍ ଭାବରେ ଅର୍ଥ ପରିଚାଳନାର ଜ୍ଞାନ ଏବଂ ସଠିକ୍ ନିର୍ଣ୍ଣୟ ନେବା ପାଇଁ ଆତ୍ମବିଶ୍ୱାସ, ସାଧାରଣ ଜନତାଙ୍କ ଜୀବନରେ, ବର୍ତ୍ତମାନ ଏବଂ ଭବିଷ୍ୟତ ଉପରେ ପ୍ରତ୍ୟକ୍ଷ ପ୍ରଭାବ ପକାଇଥାଏ। ଏଥିପାଇଁ ସର୍ବସାଧାରଣ ବ୍ୟାଙ୍କରେ ଉପଲବ୍ଧ ହେଇଥିବା ବିଭିନ୍ନ ସୁବିଧା ବିଷୟରେ ଜାଣିବା ଏବଂ ବଢୁଥିବା ସାଇବର ଠକେଇ ବିଷୟରେ ଅବଗତ ହେବା ଅତ୍ୟନ୍ତ ଆବଶ୍ୟକ। ଏ ଉପଲକ୍ଷେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହ ଆର୍ଥିକ ଅନ୍ତର୍ଭୂକ୍ତିକରଣ ଏବଂ ଶିକ୍ଷା ଦିଗରେ ପ୍ରୟାସ ଜାରି ରଖି ଭାରତୀୟ ରିଜର୍ଭ ବ୍ୟାଙ୍କ ଭୁବନେଶ୍ୱର ତରଫରୁ ବରଗଡ଼ ଧନୁଯାତ୍ରା ଠାରେ (ଜର୍ଜହାଇ ସ୍କୁଲ)୨୪ ଡିସେମ୍ବର ୨୦୨୫ ଠାରୁ ୦୩ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ଆର୍ଥିକ ସାକ୍ଷରତା ଶିବିରର ଆୟୋଜନ କରାଯାଉଛି।ଶିବିରରେ ଭାରତୀୟ ରିଜର୍ଭ ବ୍ୟାଙ୍କର କର୍ମଚାରୀଙ୍କ ଦ୍ୱାରା ଜନସାଧାରଣଙ୍କୁ ବିଭିନ୍ନ ଆର୍ଥିକ ଯୋଜନା, ସଞ୍ଚୟ, ଋଣ, ପୁଞ୍ଜି ବିନିଯୋଗ ସମେତ ବୀମା, ପେନସନ, ଡିଜିଟାଲ ବ୍ୟାଙ୍କିଙ୍ଗ, ନକଲି ନୋଟ୍ ଚିହ୍ନଟ, ବ୍ୟାଙ୍କ ଦ୍ୱାରା ନୋଟ୍ ବିନିମୟ ସୁବିଧା, ସାଇବର ଠକେଇ ଏବଂ ଅଭିଯୋଗ ସମାଧାନ ଇତ୍ୟାଦି ବିଭିନ୍ନ ବିଷୟରେ ଅବଗତ କରାଯାଉଛି। ଏହା ସହ ଚିରାଫଟା ଏବଂ ମଇଳା ନୋଟ ବିନିମୟ ସୁବିଧା ପ୍ରଦାନ କରାଯିବା ସହ ଡିଜିଟାଲ୍ ପ୍ରଦର୍ଶନ ମାଧ୍ୟମରେ ଲୋକଙ୍କୁ ଆର୍ଥିକ ସଚେତନତାର ଗୁରୁତ୍ୱ ବୁଝାଯାଉଛି।

## ବାଜପେୟୀଙ୍କ ଜୟନ୍ତୀ ପାଳିତ

ଝାରବନ୍ଧ, ୨୫ ।୧୨(ସମିସ): ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଜୟନ୍ତୀ ଅବସର ରେ ସୁଶାସନ ଦିବସ ଝାରବନ୍ଧ ବିଜେପି ତରଫରୁ ଝାରବନ୍ଧ ଠାରେ ପାଳନ ହୋଇଯାଇଛି। କାର୍ଯ୍ୟକ୍ରମରେ ଝାରବନ୍ଧ ମଣ୍ଡଳ ସଭାପତି ସତ୍ୟମ ପ୍ରଧାନ, ଜଗଦଲପୁର ମଣ୍ଡଳ ସଭାପତି କ୍ଷୀରସାଗର ସାହୁ, ବରିଷ୍ଠ ବିଜେପି ନେତା ହରିହର ସାହୁ, ଡାକ୍ତର ମୋହନ ପ୍ରସାଦ ନାୟକ, ବିନୋଦ ବିହାରୀ ବାଗ, ରାମକୃଷ୍ଣ ପ୍ରଧାନ, ସାମନ୍ତ ଶେଖର ମୁନା, ପଦ୍ମନ ରଣା, ଫୁଲବାବୁ କୁମ୍ଭାରଙ୍କ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ସର୍ବଭାରତୀୟ ଛିନ୍ଦେଇକେଲା କ୍ରିକେଟ କପ୍

# ରାୟପୁରକୁ ହରାଇ ସେମିରେ ପ୍ରୟାଗରାଜ

ପାଇକମାଲ, ୨୫ ।୧୨(ସମିସ)




ବରଗଡ଼ ଜିଲ୍ଲା ପାଇକମାଲ ବ୍ଲକ ଛିନ୍ଦେଇକେଲା ଚନ୍ଦ୍ରଶେଖର ମିନି ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ଛିନ୍ଦେଇକେଲା କ୍ରିକେଟ କପ୍ ଦ୍ୱିତୀୟ ଦିନରେ ରାୟପୁରକୁ ହରାଇ ପ୍ରୟାଗରାଜ ଦଳ ସେମିରେ ଫାଇନାଲରେ ପ୍ରବେଶ କରିଛି। ଅତିଥି ଭାବରେ ଛିନ୍ଦେଇକେଲା ପଞ୍ଚାୟତ ପୂର୍ବତନ ସମ୍ପାଦକ ଖାଡିଆ ସାହୁ ଓ ଜାମସେଠ ପୂର୍ବତନ ସରପଞ୍ଚ ତଥା ସମାଜସେବୀ ପ୍ରମୋଦ ରାଏ ଯୋଗଦେଇ ଉଦଘାଟନ କରି ଖେଳ ଶୁଭାରମ୍ଭ କରିଥିଲେ। ରାୟପୁର ପ୍ରଥମ ଟସ୍ ଜିତି ପ୍ରଥମ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଓ୍ୱିକେଟ ହରାଇ ୧୯୧ ରନ ସଂଗ୍ରହ କରିଥିଲେ। ୧୯୨ ରନ ବିଜୟଲକ୍ଷ୍ୟ ନେଇ ପ୍ରୟାଗରାଜ ଦଳ ୧୭.୩ ଓଭରରେ ୩ ଓ୍ୱିକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ସେମିଫାଇନାଲରେ ପ୍ରବେଶ କରିଥିଲେ। ରାୟପୁର ଦଳରୁ ଏମ ବିନି ସାମୁଏଲ, ଚିନ୍ମୟ ବିଶ୍ୱକର୍ମା ଓ ଶ୍ରୀଧର ଆୟର ୧ୱିକେଟ ଲେଖାଏଁ ନେଇଥିଲେ। ଓସିଏ ଅମ୍ପାୟାର ଚୁଡ଼ାମଣି ପାଢ଼ୀ ଓ ବିଶ୍ୱମ୍ଭର ମହାକୁଡ଼ ଖେଳ ପରିଚାଳନା କରିଥିଲେ। ବୁନିଲ କୁମାର ସାହୁ, ରିଷଭ କୁମାର ସାହୁ, ଧିରେଶ କୁମାର ସାହୁ, ଅନୁପମ ସାହୁ ସ୍କୋରର ଥିବା ବେଳେ ତେଜରାଜ ଠାକୁର ଓ ଥବୀର ଦୀପ ଧାରା ବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ଡ଼ ଲଳିତ ସାହୁ, ଯୁବ ବ୍ୟବସାୟୀ ତଥା ସମାଜସେବୀ ଶୁଶାନ୍ତ କୁମାର ସାହୁ, ପାଇକମାଲ ଥାନା ଆଇଆଇସି କୈଳାସ ଚନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ପ୍ରୟାଗରାଜ ଦଳର ଏମଡି ଉମରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଦେଇ ପୁରସ୍କୃତ କରାଯାଇଥିଲା।ଏହି ଅବସରରେ ଉପଦେଷ୍ଟା ରୋହିତ ସାହୁ, ପ୍ରଶାନ୍ତ ସାହୁ, ହେମସାଗର ସାହୁ, ସ୍ୱତନ୍ତ୍ର ସାହୁ, ପ୍ରମୋଦ ସାହୁ, ବିନନ୍ଦ ସାହୁ, ଆନନ୍ଦ ସାହୁ, ମଣ୍ଟୁ ସାହୁ ପ୍ରମୁଖ ଉପସ୍ଥିତ ଥିବା ବେଳେ କାହ୍ନୁଚରଣ ସାହୁ, ଅଶ୍ୱିନୀ ସାହୁ, ନରେଶ ସାହୁ, ରୂପକ ସେଠ, ଆଶିଷ ସାହୁ, ବିକାଶ ବେହେରା, ବିଲାଶ ବେହେରା, ସୁପିନ ସାହୁ, ପ୍ରକାଶ, ଆଦର୍ଶ ସାହୁ, ଆକାଶ ସାହୁ, ରାଜୁ, ଦୀପକ ସାହୁ, ସତ୍ୟ ସାହୁ, ଜୟକିଶୋର ସୁନା, ପିଣ୍ଟୁ ସାହୁ, କବିରାଜ ସାହୁ, ରବି ଭୋଇ, ପୁରୁଷମ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତାକାଲି ବିଶାଖାପାଟଣା ରେଲୱେ ଓ ପ୍ରୟାଗରାଜ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ ଖେଳାଯିବ ବୋଲି ଉପଦେଷ୍ଟା ରୋହିତ ସାହୁ ସୂଚନା ଦେଇଛନ୍ତି।


**ଏମିତି ଚାଲିଛି ରାସ୍ତା ନିର୍ମାଣ**

# ରାତିର ପିଚୁ କାମ ସକାଳକୁ ଉଠିଯାଉଛି

**ନରସିଂହପୁର,୨୫।୧୨(ସମିସ):** କଟକ ଜିଲ୍ଲା ନରସିଂହପୁର ବ୍ଲକରେ ରାସ୍ତା ନିର୍ମାଣ ନାଁରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କରାଯାଉଥିବା କାର୍ଯ୍ୟରେ ଅତି ନିମ୍ନମାନର ସାମଗ୍ରୀ ବ୍ୟବହାର ଯୋଗୁଁ ରାସ୍ତା ନିର୍ମାଣ ହେବାର ମାତ୍ର କିଛି ଘଣ୍ଟା ମଧ୍ୟରେ ପିଚୁ ଉଠିବା ଆରମ୍ଭ କଲାଣି। ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ରାସ୍ତା କାମରେ ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ସରକାରୀ ଅର୍ଥ ଧୂଳିସାତ ହେଉଥିବା ଅଭିଯୋଗ କରି ଅଞ୍ଚଳବାସୀ ଏହାର ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ବାଲିସାହି ପଞ୍ଚାୟତ ଠାରୁ ନୂଆଗାଁ ପର୍ଯ୍ୟନ୍ତ ପ୍ରାୟ ୨ କିଲୋମିଟର ରାସ୍ତାର ପିଚୁ କାମ ଅତି ନିମ୍ନମାନର ହୋଇଛି। ପ୍ରଶାସନିକ ଅଧିକାରୀଙ୍କୁ ଅନ୍ଧାରରେ ରଖି ରାତି ଅଧରେ ତରବରିଆ ଭାବେ କାମ ସାରିଦିଆଯାଇଥିବା ବେଳେ ସକାଳୁ ଦେଖିଲା ବେଳକୁ ରାସ୍ତାର ବିଭିନ୍ନ ସ୍ଥାନରେ ପିଚୁ ଉଠି ଯାଇଛି। ଅବସ୍ଥା ଏପରି ହୋଇଛି ଯେ, ନୂତନ ଭାବେ ନିର୍ମିତ ରାସ୍ତାରେ ସାମାନ୍ୟ ହାତ ମାରିଲେ ପିଚୁ ସ୍ତରଗୁଡ଼ିକ ଉଠି ଆସୁଛି। ଏପରିକି ଅନେକ ସ୍ଥାନରେ ରାସ୍ତା ଦବି ଯାଇ ଖାଲ ସୃଷ୍ଟି ହୋଇଛି, ଯାହା ଫଳରେ ଯାତାୟାତ କରୁଥିବା ସୁବଳୟା ଏବଂ ଚକ୍ରଗଡ଼ ଗ୍ରାମବାସୀ ହନ୍ତସନ୍ତ ହେଉଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, କାମ ଚାଲିଥିବା ସମୟରେ କୌଣସି ସୂଚନା ଫଳକ ଲଗାଯାଇ ନାହିଁ କିମ୍ବା ବିଭାଗୀୟ ଯନ୍ତ୍ରୀ ଘଟଣାସ୍ଥଳରେ ଉପସ୍ଥିତ ରହୁନାହାନ୍ତି। ଲୋକଙ୍କୁ ଭୁଆଁ ବୁଲାଇ ଠିକାଦାର ନିଜ ମନମାନୀରେ ନିମ୍ନମାନର କାମ କରୁଛନ୍ତି। ପୂର୍ବରୁ ଚମ୍ପେଶ୍ୱର ଅଞ୍ଚଳରେ ମଧ୍ୟ ସମାନ ଧରଣର ଅଭିଯୋଗ ଆସିଥିଲେ ହେଁ ପ୍ରଶାସନ ପକ୍ଷରୁ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏନେଇ ବାରମ୍ବାର ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା ସେମାନେ ନିଦାବିଷ୍ଟୁ ସାଜିଥିବା ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ରାଜ୍ୟ ସରକାର ଉନ୍ନତ ଭିତ୍ତିଭୂମି ଉପରେ ଗୁରୁତ୍ୱ ଦେଉଥିବା ବେଳେ ନରସିଂହପୁରରେ ଏଭଳି ଖୋଲାଖୋଲି ଦୁର୍ନୀତି ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସମ୍ପୃକ୍ତ ଠିକାଦାର ଓ ଦାୟିତ୍ୱହୀନ ଯନ୍ତ୍ରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ତୁରନ୍ତ ରାସ୍ତାର ପୁନର୍ବାର ମରାମତି କରିବାକୁ ଜନସାଧାରଣ ଦାବି କରିଛନ୍ତି। ଯଦି ଆଗାମୀ ଦିନରେ ଏହାର ସଠିକ୍ ତଦନ୍ତ ନ ହୁଏ, ତେବେ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

**ଭିଜିଲାନ୍ସ ତଦନ୍ତ ଦାବିକଲେ ନରସିଂହପୁର ଅଞ୍ଚଳବାସୀ**



# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ




**ମାହାଙ୍ଗା,୨୫।୧୨(ସମିସ):** ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶୁଭ ଶିଳାନ୍ୟାସ କରାଯାଇଛି। ଜଳସଂପଦ ବିଭାଗ ବାଲିଚନ୍ଦ୍ରପୁର ସେକ୍ସନ ପକ୍ଷରୁ ପ୍ରଥମେ ମଧୁପୁର ପଞ୍ଚାୟତ ଦୋବନ୍ଦିଆଠାରେ ୩୭୫୦ ମିଟର ଗେଙ୍ଗୁଟି ନଦୀ ଦକ୍ଷିଣ ପାଶ୍ୱର୍ ତଟକ୍ଷୟ ଉନ୍ନତିକରଣର ଶିଳାନ୍ୟାସ ସହ ସାହାପୁର୍ ପଞ୍ଚାୟତରେ ଦୌଲତପୁର ବିରୂପା ନଦୀ ବାମ ପାଶ୍ୱର୍ ସୁରକ୍ଷାକରଣର ଶିଳାନ୍ୟାସ ହୋଇଯାଇଛି। ମୂଳବସନ୍ତ ପଞ୍ଚାୟତରେ ମାଇନର କେନାଲ ୪୫୦୦-୪୮୫୦ମିଟର ପର୍ଯ୍ୟନ୍ତ ଉନ୍ନତିକରଣର ଶୁଭ ଶିଳାନ୍ୟାସ ହୋଇଯାଇଛି। ଉକ୍ତ ତିନିଟି ପ୍ରକଳ୍ପରେ ୧ କୋଟି ୩୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦ ହୋଇଥିବା ସହକାରୀ ଯନ୍ତ୍ରୀ ଶାରଦା ପ୍ରସନ୍ନ ସେଠୀ ପ୍ରକାଶ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ଭକ୍ତ ଚରଣ ସ୍ୱାଇଁ, ମନୋରଞ୍ଜନ ନାୟକ, ଅଶୋକ ବିଶ୍ୱାଳ, ମନୋରଞ୍ଜନ ବିଶ୍ୱାଳ, ଅରୁଣ ସେଠୀ, ନିର୍ମଳ ରାଉତ, ଅଭୀନ ଜେନା, ପଞ୍ଚାୟତ ସଭାପତି ଉମାକାନ୍ତ ସ୍ୱାଇଁ, ସମିତିସଭ୍ୟା ଲିଲି ସେଠୀ, ମହିଳା ସଭାନେତ୍ରୀ ରଞ୍ଜିତା ବିଶ୍ୱାଳ, ଅଶୋକ ବେହେରା, ଅନିଲ ନାୟକ, ଅଶୋକ ଚନ୍ଦ୍ର ସ୍ୱାଇଁ, ଶାହାପୁର ସଭାପତି କୃଷ୍ଣ ପ୍ରସାଦ ରାଉତ, ପ୍ରଶାନ୍ତ ମହାନ୍ତି, ରତ୍ନାକର ମହାନ୍ତି, ଶୁକଦେବ ରାଉତ, କୁହୁଣ୍ଡା ସଭାପତି ନିରଞ୍ଜନ ମୁଦୁଲିଙ୍କ ସମେତ ଶତାଧିକ ଜନସାଧାରଣ ଯୋଗଦେଇଥିଲେ।

## ଖଣି ମାଲିକ ଓ ଦୁଇ କର୍ମଚାରୀ ଅଟକ

**ତିଗିରିଆ,୨୫।୧୨(ସମିସ):** ତିଗିରିଆ ଅଞ୍ଚଳରେ କ୍ରମାଗତ ଭାବେ ବୃଦ୍ଧି ପାଉଥିବା ବେଆଇନ ଖଣି ଓ କ୍ରସର ପାଇଁ ରାଜ୍ୟ ସରକାରଙ୍କ କୋଟିକୋଟି ଟଙ୍କାର ରାଜସ୍ୱ ହାନି ତଥା ଦିନକୁ ଦିନ ବେଆଇନ ଖଣି ଓ କ୍ରସର ମାଲିକମାନଙ୍କର ଦୌରାତ୍ମ୍ୟ ଯୋଗୁଁ ସ୍ଥାନୀୟ ଜନସାଧାରଣ ନାନାଦି ସମସ୍ୟା ଭୋଗ କରୁଥିବାର ବିଭିନ୍ନ ସମୟରେ ଅଭିଯୋଗ ହୋଇଆସିଛି। ଖଣି ମାଫିଆମାନେ ବଡ଼ ବଡ଼ ପାହାଡକୁ କାଟି ପୋଖରୀ, ଗାଡ଼ିଆରେ ପରିଣତ କରିଛନ୍ତି। ଖଣି ମାଫିଆ ଓ କ୍ରସର ମାଲିକଙ୍କ ପ୍ରାଦୁର୍ଭାବରେ ସ୍ଥାନୀୟ ବାସିନ୍ଦା ଭୟଭୀତ ଅବସ୍ଥାରେ ରହୁଥିବା ଅଭିଯୋଗ ହୋଇଛି। ଏନେଇ ଆଜି ତିଗିରିଆ ପୁଲିସ ପକ୍ଷରୁ ଭେଜିଆ ସଂରକ୍ଷିତ ଜଙ୍ଗଲରେ ଚଢ଼ଉ କରାଯାଇ ଜଣେ ଖଣି ମାଲିକ ଓ ଦୁଇଜଣ କର୍ମଚାରୀଙ୍କୁ ଅଟକ ରଖାଯାଇଥିବାର ସୂଚନା ମିଳିଛି। ଫଳରେ ସ୍ଥାନୀୟ ଅଞ୍ଚଳର ବେଆଇନ ଖଣି ମାଫିଆ ଓ କ୍ରସର ମାଲିକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିବା ସୂଚନା ମିଳିଛି।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ



**ନେମାଳ,୨୫।୧୨(ସମିସ):** ନେମାଳ ପଞ୍ଚାୟତ ମାଳିଗାଁ ଗ୍ରାମର ଜଣାଶୁଣା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେନ୍ଦ୍ରନାଥ ସାହୁଙ୍କ (୮୫) ବର୍ଷ ବୟସରେ ପରଲୋକ ହୋଇଯାଇଛି। ଶେଷ ଶଯ୍ୟା ନିକଟରେ ତାଙ୍କ ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ ସମସ୍ତ ପରିବାରବର୍ଗ ଉପସ୍ଥିତ ଥିଲେ। ଖବର ପାଇ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର ଶୋକ ପ୍ରକାଶ କରିଛନ୍ତି। ପିତାମ୍ବର ପରିଜା, ବଦ୍ରିନାରାୟଣ ମହାନ୍ତି, ତପନ ରାଉତରାୟ, ଭରତଚନ୍ଦ୍ର ସାହୁ, ରମେଶଚନ୍ଦ୍ର ସ୍ୱାଇଁ, ସାହିତ୍ୟିକ ଡ. ଗୋବିନ୍ଦ ଭୂୟାଁ, ବାପୁ ଭୂୟାଁ, ଆଇନଜୀବୀ ନାରାୟଣ ଦ୍ୱିବେଦୀ, ଆକାଶ ଭୂୟାଁ, ସୁଧାଂଶୁ ଶେଖର ମହାପାତ୍ର, ପ୍ରେମାନନ୍ଦ ଜେନା, କାର୍ତ୍ତିକ ଚନ୍ଦ୍ର ଦାସ, ବିଭୁପ୍ରସାଦ ଦ୍ୱିବେଦୀ, ଯାଦବ ପରମାଣିକ, ନଟବର ଦଳାଇ, ସାମ୍ବାଦିକ ଗୋବିନ୍ଦ ଦାସ, ହିମାଂଶୁ ଶେଖର ଦାସ, କେଶବ ଦଳାଇ, ନାରାୟଣ ବାରିକ, ପ୍ରିୟରଞ୍ଜନ ଖୁଣ୍ଟିଆ, ଲକ୍ଷ୍ମଣ ସେଠୀ ଶେଷ ଦର୍ଶନ କରିଥିଲେ। ଚିତ୍ରପ୍ରୋଳା ନଦୀ ଶଯ୍ୟାରେ ବଡ଼ପୁଅ ଅଶୋକ ସାହୁ ମୁଖାଗ୍ନି ଦେଇଥିଲେ। ସାନ ପୁଅ ଅଜିତ ସାହୁ, ଝିଅ ଅମିତା ସାହୁ, ଝିଅ ମମତା ସାହୁ ଉପସ୍ଥିତ ଥିଲେ।

## ଲୋକଶକ୍ତି ଓଡ଼ିଶାର ବୈଠକ

**କଣ୍ଟାପଡ଼ା,୨୫।୧୨(ସମିସ):** ସାମାଜିକ ସଂଗଠନ 'ଲୋକଶକ୍ତି ଓଡ଼ିଶା'ର ଏକ ବୈଠକ ସଭାପତି ଅଜୟକୁମାର ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଆଖଣ୍ଡଳମଣିଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଶୋକ ମହାରଣା, ସୁମନ ଦାସ, କୃଷ୍ଣଚନ୍ଦ୍ର ସାମନ୍ତରାୟ, ପ୍ରକାଶ ସାହୁ, ବାଲୁଙ୍କେଶ୍ୱର ରଥ, ଜ୍ୟୋତିପ୍ରସାଦ ବେହେରା, ସୂର୍ଯ୍ୟରଞ୍ଜନ ଶତପଥୀ, ବିଜୟ ଜେନା, ରଣଜିତ ଦାସ ପ୍ରମୁଖ ଯୋଗଦେଇଥିଲେ। ଶୃଙ୍ଖଳିତଭାବେ ମଣ୍ଡିରେ ଚାଷୀଙ୍କ ଧାନ କ୍ରୟ କରିବା, ଫୁଲନଖରା-ନିଆଳି ରାସ୍ତା ମରାମତି, ଲକ୍ଷେଶ୍ୱର ଶୀତଳଭଣ୍ଡାର ନିର୍ମାଣ, ଫୁଲନଖରାରେ ବସଷ୍ଟାଣ୍ଡ, ବ୍ରାହ୍ମଣଝରିଲୋଠାରେ ପୁଲିସ ବିଟ ହାଉସ ଓ ମହିଧରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ତ୍ରୀ ରୋଗ ଡାକ୍ତରଙ୍କୁ ନିଯୁକ୍ତି ଦେବା ଆଦି ବିଷୟରେ ଆଲୋଚନା ହୋଇଥିଲା। ରବୀନ୍ଦ୍ର ପ୍ରଧାନ, ମୀନତି ପଣ୍ଡା, ତାରାକାନ୍ତ ଆଚାର୍ଯ୍ୟ, ବିଶ୍ୱପ୍ରକାଶ ପାହାଡ଼ସିଂ, ଦୀପକ ମଙ୍ଗରାଜ ଅଂଶଗ୍ରହଣ କରିଥିଲେ।

## ରକ୍ତଦାନ ବାର୍ତ୍ତା ପ୍ରଚାରରେ ଶିଶୁ ପ୍ରତିଭା



**କନ୍ଦରପୁର, ୨୫।୧୨ (ସମିସ):** ରକ୍ତଦାନ ପରି ମହତ୍ ସେବା ଅଭିଯାନରେ ମହନୀୟ ବାର୍ତ୍ତା ପ୍ରସାରରେ ସାମିଲ ହୋଇ ଦୁଇ ଶିଶୁ ପ୍ରତିଭା ଅର୍ପିତା ବେଉରା ଓ ତାଙ୍କ କନିଷ୍ଠ ଭ୍ରାତା ଭାଗବତ ବେଉରା ଉଚ୍ଚ ପ୍ରଶଂସା ଲାଭ କରିଛନ୍ତି। ଅର୍ପିତା କଟକ ନେତାଜୀ ନଗର ଶ୍ରୀ ଅରବିନ୍ଦ ଇଣ୍ଟିଗ୍ରାଲ ଏଜୁକେସନ ସେଣ୍ଟର ଚତୁର୍ଥ ଶ୍ରେଣୀର ଛାତ୍ରୀ ଓ ଭାଗବତ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ନୂଆବଜାର ମଣ୍ଟେଶ୍ୱରି ୱାନରେ ଶିକ୍ଷା ଗ୍ରହଣ କରୁଥିବା ବେଳେ ଏହି ଦୁଇ ଶିଶୁ ପ୍ରତିଭା ସରସ୍ୱତୀ କଳା ପରିଷଦ କନ୍ଦରପୁର ଓ ବିଷ୍ଣୁପ୍ରିୟା ଚାରିଟେବୁଲ୍ ଟ୍ରଷ୍ଟ,ଓଡ଼ିଶା (ବିସିଟି) ସହସମ୍ପାଦକ ସମାଜସେବୀ ଙ ସେବକ ଶ୍ରୀକାନ୍ତ ଓ ରକ୍ତଦାତା ଝୁନାରାଣୀ ବେଉରାଙ୍କ ପୁତ୍ର କନ୍ୟା ଅଟନ୍ତି।

**ଦ୍ୱିତୀୟ ନିଆଳି କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ**

# ସୁଧାନଗରକୁ ହରାଇ ଜଲ୍ଲାରପୁର ଚାମ୍ପିଅନ




**ନିଆଳି,୨୫।୧୨(ସମିସ):** ନିଆଳି ହାଇସ୍କୁଲ ପଡିଆରେ ଗତ ୨୦ ତାରିଖଠାରୁ ଚାଲିଥିବା ଦ୍ୱିତୀୟ ନିଆଳି କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ମା' କୁତାମଚଣ୍ଡୀ ଜୁନିଅର କ୍ରିକେଟ୍ ଟିମ୍ ଆନୁକୂଲ୍ୟରେ ଏହି ୫ ଦିନିଆ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍‌ରେ ସୁଧାନଗରର ଆଇଲାଣ୍ଡ ୧୧ କ୍ରିକେଟ୍ ଟିମ୍‌କୁ ହରାଇ ଜଲ୍ଲାରପୁର ସୋମନାଥ କ୍ରିକେଟ୍ ଟିମ୍ ଚାମ୍ପିଅନ ହୋଇଛି। ଅପରାହ୍ନରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୁବ ସଂଗଠକ ଶଶିକାନ୍ତ ଲେଙ୍କା ଓ ସମ୍ମାନୀତ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ଜ୍ୟୋତିରଞ୍ଜନ ମହାନ୍ତି ଓ ନିଆଳି ବ୍ଲକ ଆମ୍ବା ଅଧ୍ୟକ୍ଷ ଗଣେଶ୍ୱର ମିଶ୍ର ପ୍ରମୁଖ ଯୋଗଦେଇ ଚାମ୍ପିଅନ୍ ଦଳକୁ ଟ୍ରଫି ସହ ନଗଦ ୩୦ ହଜାର ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୨୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଅମିତ ବାରିକ ସଭା ପରିଚାଳନା କରିଥିବା ବେଳେ ଫାଇନାଲ୍ ମ୍ୟାଚ୍‌କୁ ସୁଶାନ୍ତ ସେଠୀ, ସୁବାସ ମଲ୍ଲିକ ଓ ଜଗନ୍ନାଥ ଓଝା ପରିଚାଳନା କରିଥିଲେ। ମା' କୁତାମଚଣ୍ଡୀ ଜୁନିଅର କ୍ରିକେଟ୍ ଟିମ୍‌ର ସମସ୍ତ କାର୍ଯ୍ୟକର୍ତ୍ତା ଓ ସଭ୍ୟ ସହଯୋଗ କରିଥିଲେ।

# ଶୀତକାଳୀନ ଏନ୍‌ସିସି ଶିକ୍ଷାର୍ଥୀ ଶିବିର

**ଆଠଗଡ଼,୨୫।୧୨(ସମିସ):** ମେଡିକାଲ ସିଓୱାଇ ଏନ୍‌ସିସି ଆନୁକୂଲ୍ୟରେ ଖୁଣ୍ଟୁଣୀସ୍ଥିତ ରାଧାନାଥ ରଥ ବିଜ୍ଞାନ ମହାବିଦ୍ୟାଳୟରେ ୧୦ ଦିନିଆ ଶୀତକାଳୀନ ଏନ୍‌ସିସି ପ୍ରଶିକ୍ଷଣ ଶିବିର ଶୁଭାରମ୍ଭ ହୋଇଛି। ମେଜର ଆଶୁତୋଷ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଅବିନାଶ ବେହେରା, ଶୁଭେନ୍ଦୁ ପ୍ରଧାନ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ୧୦ ଦିନ ବ୍ୟାପି ଚାଲିବାକୁ ଥିବା ଉକ୍ତ ଶିବିରରେ ୩ ୟୁନିଟରେ ୪୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଶଶିଭୂଷଣ ମିଶ୍ର ଓ ପ୍ରଶାସନିକ ଅଧିକାରୀ ଅଧ୍ୟାପିକା କୁନ୍ତଳା ବେଉରାଙ୍କ ଉପସ୍ଥିତିରେ ମହିଳା ୟୁନିଟ୍‌ର ପ୍ରଶିକ୍ଷିକା ରୀନାଞ୍ଜଳି ପରିଡା, ପ୍ରିୟଦର୍ଶୀ ଲକ୍ଷ୍ମୀପ୍ରିୟା ମହାପାତ୍ର ଓ ବାଳକ ୟୁନିଟରେ ପ୍ରକାଶ କୁମାର ସିଂହ ଓ ସୁରଜିତ୍ ପ୍ରଧାନ ପ୍ରମୁଖ ଶିବିରର ପରିଚାଳନା କରୁଛନ୍ତି।



# ଧାନ ମଣ୍ଡି ପରିଚାଳନା ପାଇଁ ବୈଠକ




**ତିଗିରିଆ,୨୫।୧୨(ସମିସ):** ତିଗିରିଆ ବ୍ଲକରେ ସରକାରଙ୍କ ତରଫରୁ ଧାନ କ୍ରୟ ପାଇଁ ମଣ୍ଡି ପରିଚାଳନାକୁ ନେଇ ଏକ ବୈଠକ ତିଗିରିଆ ବ୍ଲକ କାର୍ଯ୍ୟାଳୟରେ ବିଡ଼ିଓ ମନସ୍ୱିନୀ ଦାସଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ହୋଇଯାଇଛି। ତିଗିରିଆ ବ୍ଲକରେ ଥିବା ୧୧ଟି ସେବା ସମବାୟ ସମିତି ମାଧ୍ୟମରେ ଚଳିତ ବର୍ଷ ସରକାର ମିଲର ମାଧ୍ୟମରେ ୫୫ ହଜାର କୁଇଣ୍ଟାଲ ଧାନ କ୍ରୟ କରିବାର ଲକ୍ଷ୍ୟ ରଖିଛନ୍ତି। ସେଥିପାଇଁ ଆଜି ଅନୁଷ୍ଠିତ ବୈଠକରେ ଆଠଗଡ ସହକାରୀ ଯୋଗାଣ ଅଧିକାରୀ ବିଷ୍ଣୁଚରଣ ପରିଡା, ତିଗିରିଆ ବ୍ଲକ କୃଷି ଅଧିକାରୀ ସନାତନ ବେହେରା, ସମସ୍ତ ସେବା ସମବାୟ ସମିତିର ସମ୍ପାଦକ ପ୍ରତି ସମିତିର ନୋଡାଲ ଅଧିକାରୀ ଉପସ୍ଥିତ ଥିଲେ। ସରକାରଙ୍କ ତରଫରୁ ଧାର୍ଯ୍ୟ ଦରରେ ଚାଷୀ ଧାନ ବିକ୍ରୟ କରିବେ ଓ କଟନି ଛଟନୀ ହେବ ନାହିଁ ବୋଲି ବିଡ଼ିଓ ଶ୍ରୀମତୀ ଦାସ ସମସ୍ତ ସମବାୟ ସମିତିର ସମ୍ପାଦକଙ୍କୁ ତାଗିଦ କରିଛନ୍ତି। ଚଳିତ ବର୍ଷ ପାଇଁ ଡିସେମ୍ବର ମାସ ୨୬ ତାରିଖରୁ ପର୍ଯ୍ୟାୟକ୍ରମେ ତିଗିରିଆ ବ୍ଲକରେ ଧାନ ମଣ୍ଡି ଖୋଲିବ ବୋଲି ସହକାରୀ ଯୋଗାଣ ଅଧିକାରୀ ଶ୍ରୀ ପରିଡା ପ୍ରକାଶ କରିଛନ୍ତି।

# ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡ଼ା



**ନିଶ୍ଚିନ୍ତକୋଇଲି,୨୫।୧୨(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ନତକାଇ ପଞ୍ଚାୟତ ବାଣୀନଗରଠାରେ ଥିବା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୩୦ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଦୁଇ ଦିନ ଧରି ଅନୁଷ୍ଠିତ ହୋଇଛି। ଶିକ୍ଷାକେନ୍ଦ୍ର ପରିଚାଳନା କମିଟିର ସଭାପତି ଅଜୟ କୁମାର ସ୍ୱାଇଁଙ୍କ ସଂଯୋଜନାରେ ଉକ୍ତ କ୍ରୀଡା ଉତ୍ସବକୁ ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷାଧିକାରୀ ତଥା ପରିଚାଳନା କମିଟିର ସଂପାଦକ ଲକ୍ଷ୍ମଣ ଲେଙ୍କା ଉଦ୍‌ଘାଟନ କରିଥିଲେ। ଶିକ୍ଷାକେନ୍ଦ୍ରର ଭାରପ୍ରାପ୍ତ ଅଧ୍ୟକ୍ଷ ମହମ୍ମଦ ସହୀଦ୍ ଅଖତାରଙ୍କ ସଂଯୋଜନାରେ ୨୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା କରାଯାଇଥିଲା। କ୍ରୀଡାରେ ଆୟୁଷ୍ମାନ ରାଉତ ଓ ହରପ୍ରିୟା ରାଉତ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲେ। ଶିକ୍ଷୟିତ୍ରୀ କଲ୍ୟାଣୀ ବଳ, ସୁସଜ୍ଜିତ ରାଉତ, ନିରୁପମା ରାଉତ, ମୋହନୀ ବେହେରା, ଅଞ୍ଜନ ପଣ୍ଡା, ରଶ୍ମିରେଖା ସାଥୁଆ, ବର୍ଷା ମହାରଣା, ସୁକାନ୍ତୀ ଜେନା, ତୃପ୍ତିମୟୀ ମହାପାତ୍ର, ସସ୍ମିତା ରାଉତ ପ୍ରମୁଖ ପ୍ରତିଯୋଗିତାଗୁଡିକୁ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ସଭାପତି ଅଜୟ ରାଉତଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ବଲ୍ଲଭୀ ଦେବୀ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନିବେଦିତା ଦାଶ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଶିକ୍ଷା ଅନୁନିରୀକ୍ଷକ ଶ୍ୟାମସୁନ୍ଦର ଲେଙ୍କା, ସମ୍ମାନିତ ଅତିଥି ଭାବେ ସରପଞ୍ଚ ଜୟଦେବ ରାଉତ, କମିଟିର ଉପସଭାପତି ଶିକ୍ଷାବିତ୍ ନାରାୟଣ ରାଉତ, ଶିକ୍ଷାବିତ୍ ସୁଦାମ ରାଉତ, ନବକିଶୋର ରାଉତ କୃତୀ କ୍ରୀଡାବିତ୍‌ଙ୍କୁ ପୁରସ୍କାର ବିତରଣ କରିଥିଲେ। କମିଟିର ସହସଂପାଦକ ମନୋରଂଜନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ପିପି କଲେଜ ଇତିହାସ ବିଭାଗର ବାର୍ଷିକ ପାଠଚକ୍ର




**ନିଶ୍ଚିନ୍ତକୋଇଲି,୨୫।୧୨(ସମିସ):** ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟ ଇତିହାସ ବିଭାଗର ବାର୍ଷିକ ପାଠଚକ୍ର ଅନୁଷ୍ଠିତ ହୋଇଛି। ବିଭାଗୀୟ ମୁଖ୍ୟ ପ୍ରଫେସର ସୁମିତ୍ରା ସାହୁଙ୍କ ପୌରହିତ୍ୟରେ 'ହିନ୍ଦୁ ମନ୍ଦିର ନିର୍ମାଣ ଶୈଳୀରେ ଭାରତୀୟ ପରମ୍ପରା ଭୂମିକା' ଶୀର୍ଷକ ଏକ ଆଲୋଚନାଚକ୍ରରେ ବିଷୟ ବିଶାରଦ ଭାବେ ସୁଭଦ୍ରା ମହତାବ୍ ମହାବିଦ୍ୟାଳୟ ଇତିହାସ ବିଭାଗର ମୁଖ୍ୟପ୍ରଫେସର ରଜନୀକାନ୍ତ ପଣ୍ଡା ହିନ୍ଦୁ ମନ୍ଦିର ନିର୍ମାଣ ସମୟରେ ତତ୍କାଳୀନ ସାମାଜିକ ପରମ୍ପରା ଓ ଚଳଣି ଉପରେ ଗୁରୁତ୍ୱ ଦିଆଯାଇ ଉକ୍ତ ଶୈଳୀ ପ୍ରୟୋଗ କରାଯାଇଥିବା ସଂକ୍ରାନ୍ତରେ ଆଲୋଚନା କରିଥିଲେ। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ଡ. ତରୁଲତା ଦେବୀ, ସମ୍ମାନିତ ଅତିଥିଭାବେ ଅଧ୍ୟାପକ ଡ. ଅଲେଖଚନ୍ଦ୍ର ସାମଲ, ପ୍ରଫେସର ଦୀପକ ଦ୍ୱିବେଦୀ, ଅଧ୍ୟାପକ ପ୍ରଶାନ୍ତ ଭାରତୀ ପ୍ରମୁଖ ଯୋଗ ଦେଇଥିଲେ। ବିଭାଗୀୟ ଛାତ୍ରଛାତ୍ରୀ ସନ୍ଦର୍ଭ ପାଠ କରିଥିଲେ। ବିଭାଗୀୟ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଏଥିରେ ଯୋଗଦେଇଥିଲା ବେଳେ ଡ. ଅଧ୍ୟାପକ ବିଶ୍ୱଜିତ୍ ବେହେରା ଧନ୍ୟବାଦ ଦେଇଥିଲେ।

# ୧୯୯୨ ମାଟ୍ରିକ ବ୍ୟାଚ୍ ବନ୍ଧୁ ମିଳନ



**ତିଗିରିଆ,୨୫।୧୨(ସମିସ):** ଅଂଶୁପାଠାରେ ୧୯୯୨ ମସିହା ମାଟ୍ରିକ ବ୍ୟାଚର ଏକ ବନ୍ଧୁମିଳନ ଓ ବଣଭୋଜି ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଦିବଙ୍ଗତ ଅନୁସୂୟା ସେଠଙ୍କ ଅମର ଆତ୍ମାର ସଦଗତି କାମନା କରି ଦୁଇ ମିନିଟ ନିରବ ପ୍ରାର୍ଥନା କରିବା ସହିତ ଛାତ୍ରୀ ଜୀବନକୁ ନେଇ ସ୍ମୃତିଚାରଣ କରାଯାଇଥିଲା। ଇପ୍ସିତା ଦାଶ, ଦେବସ୍ମିତା ରଥ, ଲୀନତି ସାହୁ, ସ୍ୱରାଜ ଲକ୍ଷ୍ମୀ ମହାନ୍ତି, ମୀତାଞ୍ଜଳି ଦାସ, ଜୟନ୍ତୀ ସାହୁ, ଅବନ୍ତୀ ବାରିକ, ତପସ୍ୱିନୀ ପାତ୍ର, ବିପ୍ଲବିନୀ ରଣା, ସ୍ୱାଧୀନ ବେଉରା, ରଶ୍ମିରଞ୍ଜନ ଜେନା, ଦ୍ୱିବେନ୍ଦୁ ଚାନ୍ଦ, ସତ୍ୟବାଦୀ ସାହୁ, ଦେବପ୍ରସାଦ ମହାନ୍ତି, ହରେକୃଷ୍ଣ ମହାନ୍ତି, ଶୁଭ୍ରକାନ୍ତ ସିଂହ, ପ୍ରଶାନ୍ତ ମହାପାତ୍ର, ବିଶ୍ୱଜିତ ମହାନ୍ତି, ମହମ୍ମୁଦ ଅହମ୍ମଦ ଖାନ ଓ ପୂର୍ଣ୍ଣଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ମାସେ ହେଲା ଏଟିଏମ୍ ଅନ୍ଧାର; ମୋବାଇଲ ଟର୍ଚ୍ଚ ଭରସା

**ତିଗିରିଆ,୨୫।୧୨(ସମିସ):** ତିଗିରିଆ ବ୍ଲକ ହେଡକ୍ୱାର୍ଟର ନିଜିଗଡ ଅଧୀନ ଥାନା ଛକରେ ଥିବା ୟୁକୋ ବ୍ୟାଙ୍କର ଏଟିଏମ କାଉଣ୍ଟରଟିର ଆଲୋକ ବ୍ୟବସ୍ଥା ଅଚଳ ଥିବାରୁ ସଂଧ୍ୟା ପରେ ଏଟିଏମ କାଉଣ୍ଟରକୁ ବ୍ୟବହାର କରୁଥିବା ଉପଭୋକ୍ତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ବାରମ୍ବାର ଅଭିଯୋଗ ପରେ ବିଭାଗ ପକ୍ଷରୁ ଏଥିନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାର ଅଭିଯୋଗ ହୋଇଛି। ଫଳରେ ଜଗୁଆଳିବିହୀନ ଏହି ଏଟିଏମଟିରେ ଥିବା ଟଙ୍କାର ସୁରକ୍ଷାକୁ ନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି। ଗତ ଏକ ମାସରୁ ଊର୍ଦ୍ଧ୍ୱ ସମୟ ହେବ ତିଗିରିଆ ଥାନା ଛକରେ ଥିବା ଏଟିଏମ କାଉଣ୍ଟରଟିର ଆଲୋକ ବ୍ୟବସ୍ଥାଟି ଅଚଳ ହୋଇଯାଇଛି। ସଂପୂର୍ଣ୍ଣ ତିଗିରିଆ ବ୍ଲକରେ ୟୁକୋ ବ୍ୟାଙ୍କର ଏହି ଗୋଟିଏ ମାତ୍ର ଗୋଟିଏ କାଉଣ୍ଟର ଥିବାରୁ ତିଗିରିଆ ବ୍ଲକର ହଜାର ହଜାର ଜନସାଧାରଣ ପ୍ରତ୍ୟେହ ଏହି ଏଟିଏମ କାଉଣ୍ଟରଟିକୁ ବ୍ୟବହାର କରିଥାନ୍ତି। ମାତ୍ର ଏହାର ନିୟମିତ ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ ଏହା ସଠିକ୍ ଢଙ୍ଗରେ ଚାଲୁ ନ ଥିବାର ଅଭିଯୋଗ ହୋଇଛି। ଏପରିକି ପ୍ରତିମାସେ ଦୁଇମାସ ଅନ୍ତରରେ ଏହାର ଆଲୋକ ବ୍ୟବସ୍ଥା ଆପେ ଆପେ ଅଚଳ ହୋଇପଡୁଛି, ଫଳରେ ସନ୍ଧ୍ୟା ପରେ ଗ୍ରାହକମାନେ ନାହିଁ ନ ଥିବା ସମ୍ମୁଖୀନ ହେଉଛନ୍ତି। ମୋବାଇଲ ଟର୍ଚ୍ଚ କିମ୍ବା ସ୍ଥାନୀୟ ଦୋକାନରୁ ଗ୍ରାହକମାନେ ଟର୍ଚ୍ଚ ମାଗି ଟଙ୍କା ଉଠାଣ କରୁଥିବାର ଲକ୍ଷ୍ୟ କରାଯାଉଛି। ତିଗିରିଆ ଥାନା ଛକଟି ଦିନତମାମ୍ ଜନଗହଳି ରହୁଥିଲେ ହେଁ ସନ୍ଧ୍ୟା ପରେ ଶୁନଶାନ ହୋଇପଡୁଥିବାରୁ ଏହି କାଉଣ୍ଟରର ସୁରକ୍ଷା ବ୍ୟବସ୍ଥା ସହ ଆଲୋକ ବ୍ୟବସ୍ଥା ନ ଥିବାରୁ ଅଘଟଣ ନେଇ ସାଧାରଣରେ ଅସନ୍ତୋଷ ଲାଗିରହୁଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଆଶୁ ତଥା ସ୍ଥାୟୀ ବ୍ୟବସ୍ଥା ଗ୍ରହଣ କରିବାକୁ ଦାବି ହେଉଛି।



ସକାଳ THE SAKALA



## ୧୫ତମ ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମହୋତ୍ସବର ତୃତୀୟ ସନ୍ଧ୍ୟା

# 'ବହିକୁ ପ୍ରିୟ କରି ନିଅ, ନିଃସଙ୍ଗ ହେବ ନାହିଁ'

ଯାଜପୁର, ୨୫।୧୨ (ସମିସ)



୧୫ତମ ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମହୋତ୍ସବର ତୃତୀୟ ସନ୍ଧ୍ୟା ସଭାପତି ସନ୍ତୋଷ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଅବସରପ୍ରାପ୍ତ ପ୍ରଶାସକ ତଥା ବିଶିଷ୍ଟ କବି ଧନଞ୍ଜୟ ସ୍ୱାଇଁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ମା'ବିରଜାଙ୍କ ଫଟୋରେ ମାଲ୍ୟାର୍ପଣ କରି ଉଦ୍‌ଘାଟନ କରିଥିଲେ। ଡ. ହରିଶ୍ଚନ୍ଦ୍ର ପଣ୍ଡା ସ୍ତୋତ୍ର ପାଠ କରିଥିଲେ। ସଂଯୋଜକ ମନୀଷା ରାଉତ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବାବେଳେ ସଂଗଠନ ସମ୍ପାଦକ ହୃଷିକେଶ ପତି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଡ. କାହ୍ନୁଚରଣ ମିଶ୍ର ଉତ୍ସବ ସମ୍ପର୍କରେ ବିସ୍ତୃତ ବିବରଣୀ ପାଠ କରିଥିଲେ। ଉଦ୍‌ଘାଟକ ଶ୍ରୀ ସ୍ୱାଇଁ ମନୁଷ୍ୟର ଶ୍ରେଷ୍ଠ ବନ୍ଧୁ ପୁସ୍ତକ ମନୁଷ୍ୟର ଭାଗ୍ୟ ବଦଳାଇ ଦେଇଥାଏ। ପୁସ୍ତକ ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ଆବଶ୍ୟକତା ପୂରଣ କରିବାରେ ସହାୟକ ହୋଇଥାଏ। ପୁସ୍ତକ ବିନା ମନୁଷ୍ୟର ଜୀବନ ସଂସ୍କାର ହୀନ, ଭାଷା ବିହୀନ ଶୁଷ୍କ ମରୁରେ ପରିଣତ ହୋଇଥାଏ ବୋଲି ପ୍ରକାଶ କରିଥିଲେ। ମୁଖ୍ୟଅତିଥି ଅବସରପ୍ରାପ୍ତ ପ୍ରଶାସକ ଡ. ଧରଣୀଧର ନାଥ ଯୋଗଦେଇ ବହି ଗୋଟିଏ ଦେଶର ଶାସନକୁ ବଦଳାଇ ଦେଇପାରେ ବୋଲି କହିବା ସହିତ ଫରାସୀ ବିପ୍ଳବର ଯେଉଁ ଆରମ୍ଭ ହୋଇଥିଲା ତା'ର ଉଦାହରଣ ଦେଇଥିଲେ।

ମୁଖ୍ୟବକ୍ତା ଭାବେ ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଯୋଗଦେଇ ପୁସ୍ତକ ମେଳାର ଦୀର୍ଘାୟୁ କାମନା କରିବା ସହିତ ଏହାର ବର୍ଣ୍ଣାଢ଼୍ୟ ପରିବେଶର ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଯାଜପୁରର ପ୍ରାକ୍ତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ରଞ୍ଜିତା ରାଉତ, ଯାଜପୁର ରୋଡ୍‌ର ଅବସ୍ଥାପିତ ଡିଏସ୍‌ପି. ଶରତ ପାତ୍ର ଯୋଗଦେଇ ପୁସ୍ତକ ମହୋତ୍ସବ ଜ୍ଞାନୀଗୁଣୀ, ଲେଖକ, ଲେଖିକା, ପ୍ରାବନ୍ଧିକ, ଗାଳ୍ପିକ, କବି ଓ ସାରସ୍ୱତ ସାଧକଙ୍କ ମିଳନ କ୍ଷେତ୍ର ବୋଲି ପ୍ରକାଶ କରିଥିଲେ। ଅପରାହ୍ନ ଅଧିବେଶନରେ ଓଡ଼ିଆ ଭାଷା ପ୍ରତିଷ୍ଠାତା ଭୁବନେଶ୍ୱର ଦ୍ୱାରା ଆୟୋଜିତ ଓଡ଼ିଆ ଭାଷା, ସାହିତ୍ୟର ସୁରକ୍ଷା ଓ ସମୃଦ୍ଧି ବିଷୟରେ ଅଧ୍ୟକ୍ଷା ଡ଼. ଇନ୍ଦୁପ୍ରଭା ସାମଲ, ଡ. ବିଜୟ ସାମଲ, ଅଧ୍ୟକ୍ଷ ଗୌରସୁନ୍ଦର ଦାସ, ବନବିହାରୀ ମହାପାତ୍ର, ଆଇନଜୀବୀ ଗୋଲକ ଚନ୍ଦ୍ର ପଣ୍ଡା, ଡ. ଗିରିଶ ବିହାରୀ ମିଶ୍ର ପ୍ରମୁଖ ଆଲୋଚନା କରିଥିଲେ। ସୁବାସ ଚନ୍ଦ୍ର ମହାପାତ୍ର ଅପରାହ୍ନ ଅଧିବେଶନ ପରିଚାଳନା କରିଥିଲେ। ମଧ୍ୟାହ୍ନ ଅଧିବେଶନରେ ଅତି କନିଷ୍ଠ ଓ ବରିଷ୍ଠ ବର୍ଗରେ ବିଦ୍ୟାଳୟ ଓ କଲେଜ ଛାତ୍ରଛାତ୍ରୀ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଶତାଧିକ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ବିଚାରକ ଭାବେ ଆଦିକନ୍ଦ ସାମନ୍ତ ଚିତ୍ରର ମୂଲ୍ୟାଙ୍କନ କରିଥିଲେ। ଶିକ୍ଷାବିତ ଲକ୍ଷ୍ମୀପ୍ରିୟା ରାଉତରାୟ, ସାମ୍ବାଦିକ ସନ୍ତୋଷ ମିଶ୍ର, ପ୍ରୀତମ ପ୍ରିୟଲୋଚନ ଏହି ପ୍ରତିଯୋଗିତା ପରିଚାଳନା କରିଥିଲେ। ଡିଏବି ଡ୍ୟାନ୍ସ ଗ୍ରୁପର ସୋନାକ୍ଷୀ ଦାସ, ହରପ୍ରିୟା ପତି, ବୁଟୁନି ବେହେରା ପ୍ରମୁଖ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ଦିଲ୍ଲୀପ ସାହୁ, ନଟବର ଜେନାଙ୍କ ନେତୃତ୍ୱରେ ନାଟକ ଓ କଳା ପରିଷଦ, ଲଳିତେଶ୍ୱର ପକ୍ଷରୁ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ପ୍ରମୋଦ ଚନ୍ଦ୍ର ପତିଙ୍କ ନେତୃତ୍ୱରେ 'କଳା ଭୂମି' ପକ୍ଷରୁ ବାଦ୍ୟ ବିଚିତ୍ରା ଓ ସୁବର୍ଣ୍ଣପୁରର ରୁନୁକୁଝୁମାନା ଗ୍ରୁପ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ମୁକ୍ତ କୁଇଜ ପ୍ରତିଯୋଗିତାକୁ ଅଧ୍ୟକ୍ଷ ଅଶୋକ ଦାଶ, ଅଧ୍ୟକ୍ଷ ଉଦୟ ନାରାୟଣ ପରିଡ଼ା, ଅଧ୍ୟକ୍ଷ ବିନୋଦ ଚନ୍ଦ୍ର ନାୟକ, ଅଧ୍ୟକ୍ଷ ମଳୟ ଜେନା, ଅଧ୍ୟକ୍ଷ ସୁଧାଂଶୁ ରଥ, ଅଧ୍ୟକ୍ଷ କ୍ଷୀରୋଦ ବେହେରା ପ୍ରମୁଖ ପରିଚାଳନା କରିଥିଲେ। ଗଣମାଧ୍ୟମ ସଂଯୋଜକ ଆଦିତ୍ୟ ମହାନ୍ତି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ଉପସଭାପତି ବିଭୂତିଭୂଷଣ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଅଧିକାରୀ ନବକିଶୋର ଦାସ, ସଂଗ୍ରାମ ଜେନା, ସଂଗ୍ରାମ ସାହାଣୀ, ଦୁର୍ଯ୍ୟୋଧନ ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅନୁବାଦକ କୈଳାସ ଚନ୍ଦ୍ର ଦାଶଙ୍କ ପୁସ୍ତକ ଗୀତା ତରଙ୍ଗିଣୀ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।

## ଦୁର୍ବୃତ୍ତଙ୍କ ମାଡ଼ରେ ଚାଷୀ ଗୁରୁତର

**କଯାଁଗୋଲା, ୨୫।୧୨(ସମିସ):** ଡ଼ାଲୁଅ ଧାନ କ୍ଷେତରେ ଚାଷ କାର୍ଯ୍ୟରେ ବ୍ୟସ୍ତ ଥିବା ଜଣେ ଯୁବ ଚାଷୀଙ୍କୁ ୨ରୁ ୩ଜଣ ଦୁର୍ବୃତ୍ତ ମାଡ଼ ମାରି ଦରମରା କରିଦେଇଥିବା ମଙ୍ଗଳପୁର ଥାନାରେ ସମ୍ପୃକ୍ତ ଯୁବ ଚାଷୀଙ୍କ ପତ୍ନୀ ଅଭିଯୋଗ କରିଥିବା ଜଣାଯାଇଛି। ମଙ୍ଗଳପୁର ଥାନା ଧନୀପୁର ଅଞ୍ଚଳର ଯୁବ ଚାଷୀ ବଳରାମ ବେହେରା (୩୪) ଜମିରେ ଡାଲୁଅ ଧାନ ଚାଷ କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ପୂର୍ବ ଶତ୍ରୁତାରୁ ସେହି ଥାନା ଅନ୍ତର୍ଗତ ଖାନନଗର ଅଞ୍ଚଳର କାଲୁ ଓ ଦିଲୁ ନାମକ ୨ ଦୁର୍ବୃତ୍ତ ହଠାତ ସେଠାରେ ପହଞ୍ଚି ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ବଳରାମ ପ୍ରତିବାଦ କରିବାରୁ ସେମାନେ ଆଉ ଜଣେ ଦୁର୍ବୃତ୍ତଙ୍କ ସହ ମିଶି ବଳରାମଙ୍କୁ କାଦୁଅ ପାଣି ଭର୍ତ୍ତି ଚାଷ ଜମିରେ ପକାଇ ପ୍ରବଳ ମାଡ଼ ମାରିଥିଲେ। ବଳରାମ ଦରମରା ହୋଇପଡ଼ିବା ପରେ ସେମାନେ ଫେରାର ହୋଇଯାଇଥିଲେ। ବଳରାମଙ୍କ ପତ୍ନୀ ସୁନୀତା ପରିଡ଼ା ଖବର ପାଇ ପଡୋଶୀଙ୍କୁ ଡାକି ଗୁରୁତର ଅବସ୍ଥାରେ ତାଙ୍କୁ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଘଟଣାକୁ ନେଇ ବଳରାମଙ୍କ ପତ୍ନୀ ମଙ୍ଗଳପୁର ଥାନାରେ ଅଭିଯୋଗ କରି ଅଭିଯୁକ୍ତଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ମଙ୍ଗଳପୁର ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବାବେଳେ ଅପର ପକ୍ଷରୁ ପାଲଟା ଅଭିଯୋଗ ହୋଇଥିବା ଜଣାଯାଇଛି।

### ବିଦ୍ୟାଳୟରୁ ଚୋରି ଘଟଣା

## ସିସିଟିଭି କ୍ୟାମେରାରେ ଦୁଇ ଛାତ୍ରଙ୍କ ଫଟୋ କଏଦ୍

**ଯାଜପୁର, ୨୫ ।୧୨ (ସମିସ):** ବିରଜା ଉଚ୍ଚବିଦ୍ୟାଳୟର ଦୁଇଜଣ ଦଶମ ଶ୍ରେଣୀ ଛାତ୍ର ନିଜ ବିଦ୍ୟାଳୟରୁ ବୁଧବାର ସନ୍ଧ୍ୟାରେ ଚୋରି କରିଥିବା ଘଟଣା ସିସିଟିଭିରେ କଏଦ ହୋଇଥିବା ଜଣାପଡ଼ିଛି। ବୁଧବାର ସନ୍ଧ୍ୟା ସମୟରେ ସେହି ବିଦ୍ୟାଳୟର ଦୁଇଜଣ ଛାତ୍ର ବିଦ୍ୟାଳୟ ଭିତରକୁ ପ୍ରବେଶ କରି ହାତୁଡ଼ି ସାହାଯ୍ୟରେ ବିଦ୍ୟାଳୟର ଅଫିସ ଗୃହର ତାଲା ଭାଙ୍ଗି ମୁହଁରେ ବହି ଦେଇ ଭିତରକୁ ପ୍ରବେଶ କରିଥିଲେ। ପରେ ଅଫିସ ଗୃହରେ ଲାଗିଥିବା ସିସିଟିଭି କ୍ୟାମେରାକୁ ଭାଙ୍ଗି ଦେଇଥିଲେ। ସିସିଟିଭିର ସଂଯୋଗ ମୋବାଇଲରେ ଥିବାରୁ ବିଦ୍ୟାଳୟର ଶିକ୍ଷକ ଜାଣିପାରିଥିଲେ ଯେ ବିଦ୍ୟାଳୟର କିଏ ଅଛନ୍ତି। ସେ ରାତ୍ରି ଜଗୁଆଳୀଙ୍କୁ କଲ୍ କରି ଯୋଗାଯୋଗ କରିବା ସହ ୧୧୨ ପୁଲିସକୁ ଜଣାଇଥିଲେ। ପୁଲିସ ତୁରନ୍ତ ଆସି ଦୁଇ ଛାତ୍ରଙ୍କୁ କାବୁ କରି ଥାନାରେ ଅଟକ ରଖି ପଚରାଉଚରା କରିଥିଲେ। ଚୋରି ଘଟଣା ସମ୍ପର୍କରେ ବିଦ୍ୟାଳୟର ଶିକ୍ଷକ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣା ସାରା ସହରରେ ଚର୍ଚ୍ଚାର ବିଷୟ ପାଲଟିଛି।

## ବାଇକ୍ ଧକ୍କାରେ ଷଣ୍ଢ ମୃତ

**ଦଶରଥପୁର, ୨୫।୧୨(ସମିସ):** ଯାଜପୁର-ସିଂହପୁର ରାଜ୍ୟ ରାଜପଥ ଅନ୍ତର୍ଗତ ଦଶରଥପୁର ବ୍ଲକ ଖଣ୍ଡରା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଗତକାଲି ରାତିରେ ଗୋଟିଏ ଷଣ୍ଢକୁ ଏକ ବାଇକ ଧକ୍କା ଦେବା ଫଳରେ ଷଣ୍ଢଟି ଗୁରୁତର ଆହତ ହୋଇଥିଲା। ସ୍ଥାନୀୟ ଅଞ୍ଚଳର କିଛି ଯୁବକ ଗୁରୁତର ଷଣ୍ଢକୁ ସୁସ୍ଥ କରିବା ପାଇଁ ଯଥାସାଧ୍ୟ ଉଦ୍ୟମ କରିଥିଲେ ମଧ୍ୟ ଆଜି ଷଣ୍ଢର ମୃତ୍ୟୁ ହୋଇଥିଲା। ମୃତ ଷଣ୍ଢକୁ ରୀତିନୀତି ଅନୁସାରେ ଖଣ୍ଡରା, ବାଲିପଦା ଓ ଧମଧଡ଼ା ଅଞ୍ଚଳର ଯୁବ ପଶୁପ୍ରେମୀଙ୍କ ସମେତ ଅନେକ ଗ୍ରାମବାସୀ ଶଙ୍ଖ, ଘଣ୍ଟ ବଜାଇବା ସହିତ ଫୁଲ, ଦୀପ ଜାଳି ଶୋଭାଯାତ୍ରାରେ ସ୍ଥାନୀୟ ଶ୍ମଶାନରେ ସତ୍କାର କରିଥିଲେ।

## ଅନନ୍ତ ମହାରଣା ସମ୍ମାନିତ




**ବଡ଼ଚଣା, ୨୫ ।୧୨(ସମିସ):** ଚଣ୍ଡିଖୋଲ ନିକଟସ୍ଥ ସୁଭଦ୍ରାପୁର ଗ୍ରାମର ବିଶିଷ୍ଟ ପ୍ରସ୍ତର ଶିଳ୍ପୀ ଅନନ୍ତ ମହାରଣାଙ୍କୁ ସୂର୍ଯ୍ୟାସ୍ତ ଭାସ୍କର୍ଯ୍ୟ ସମ୍ମାନ ପ୍ରଦାନ କରାଯାଇଛି। ସୂର୍ଯ୍ୟାସ୍ତ ନ୍ୟୁଜର ୨୦ତମ ବାର୍ଷିକ ଉତ୍ସବରେ ଶ୍ରୀ ମହାରଣାଙ୍କୁ ଓଡ଼ିଶାରେ ଭାସ୍କର ଶିଳ୍ପର ବିକାଶ କ୍ଷେତ୍ରରେ ବିଶେଷ ଅବଦାନ ତଥା ଜୀବନ ବ୍ୟାପୀ ପ୍ରସ୍ତର କଳାର ପ୍ରଚାର ପ୍ରସାର କ୍ଷେତ୍ରରେ ବଳିଷ୍ଠ ଉଦ୍ୟମ ଯୋଗୁଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। କବି ଗୌତମ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଶିଷ୍ଟ ସମାଜସେବୀ ମିନତୀ ସାହୁ, ନୂଆହାଟସ୍ଥ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରାଧ୍ୟାପକ ପବିତ୍ରମୋହନ ମାହାଲା, ରେଭେନ୍ସା ବିଶ୍ୱବିଦ୍ୟାଳୟର ସାମ୍ବାଦିକ ଓ ଗଣଯୋଗାଯୋଗ ବିଭାଗର ସହକାରୀ ଅଧ୍ୟାପକ ପ୍ରଫେସର ଦେବୀଲାଲ ମିଶ୍ର, ଏସୟୁଜେର ରାଜ୍ୟ ସଭାପତି କୈଳାସ ନାୟକ ପ୍ରମୁଖ ଯୋଗଦେଇ ଶ୍ରୀ ମହାରଣାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳର ବିକ୍ଷୋଭ

**ଯାଜପୁର, ୨୫ ।୧୨(ସମିସ):** ବାଂଲାଦେଶରେ ସୃଷ୍ଟି ହୋଇଥିବା ହିଂସାକାଣ୍ଡ ଓ ହିନ୍ଦୁଙ୍କ ଉପରେ ଆକ୍ରମଣ ପ୍ରତିବାଦରେ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଯାଜପୁର ସହରରେ ବିକ୍ଷୋଭ କରାଯାଇଛି। ଶୋଭାଯାତ୍ରାରେ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ବହୁ କାର୍ଯ୍ୟକର୍ତ୍ତା ସାମିଲ ହୋଇ ବିଭିନ୍ନ ପ୍ରକାର ନାରା ଦେଇଥିଲେ। ସହରର ରାମମନ୍ଦିର ନିକଟରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାରେ ମୃତ୍ୟୁଞ୍ଜୟ ମିଶ୍ର, ସନ୍ତୋଷ ପତି, ବଳରାମ ବିଶୋଇ, ଆଲୋକ ରଞ୍ଜନ ଦାସ, ସରୋଜ ଜେନାଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ଯାଜପୁର ଥାନାଧିକାରୀ ଦାୟିତ୍ୱରେ ଥିବା ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ରଙ୍କ ନିର୍ଦ୍ଦେଶରେ ଇନ୍ସପେକ୍ଟର ଅଜୟ ସାହୁ, ପୁଲିସ ଫୋର୍ସ ସହିତ ମୁତୟନ ହୋଇଥିଲେ।




## ରୟାଲ ବେଙ୍ଗଲ ଟାଇଗର କ୍ଲବ୍ ପକ୍ଷରୁ କ୍ରୀଡ଼ା ପ୍ରତିଯୋଗିତା

**ଟମକା, ୨୫।୧୨ (ସମିସ):** ବଳିପର୍ବତରେ ଥିବା ରୟାଲ ବେଙ୍ଗଲ ଟାଇଗର ଆଦିବାସୀ କ୍ଲବର ୨୬ ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ରୂପେ ରଜତ୍ ଶତପଥୀ (ଟାଟା ଷ୍ଟିଲ୍ ଫାଉଣ୍ଡେସନ ବ୍ରାହ୍ମଣୀପାଳ ମୁଖ୍ୟ) ଓ ସମ୍ମାନିତ ଅତିଥି ରୂପେ ସାମ୍ବାଦିକ ପ୍ରଶାନ୍ତ ନାୟକ, ସମାଜସେବୀ ସୁବାସ ବାରିକ, ସମାଜସେବୀ ବିଶ୍ୱନାଥ ଦାସ, କ୍ଲବର ବରିଷ୍ଠ ସଦସ୍ୟ (ପୂର୍ବତନ ଏସ୍‌ଡିସି ଉପାଧ୍ୟକ୍ଷ କେନ୍ଦୁଝର), ନାରଣ ପୂର୍ତ୍ତିଙ୍କ ଉପସ୍ଥିତିରେ ଉଦଘାଟିତ ହୋଇଛି। କ୍ଲବର ସଦସ୍ୟ ବ୍ରାହ୍ମଣୀପାଳ ଶନିମନ୍ଦିରରୁ ମଶାଲ ଧରି ସଂଗ୍ରାମ କେଶରୀ ମିନି ଷ୍ଟାଡିୟମକୁ ଆସିଥିଲେ। ଏହି ବାର୍ଷିକ ଉତ୍ସବ ବଳିପର୍ବତ ସଂଗ୍ରାମ କେଶରୀ ମିନି ଷ୍ଟାଡିୟମରେ ଚାରିଦିନରୁ ତିନି ଦିନ ଫୁଟବଲ ଟୁର୍ଣ୍ଣାମେଣ୍ଟ ଓ ଉଦଯାପନୀ ଦିବସ ଦିନ ବାଳିକା ବିଭାଗ, ବାଳକ ବିଭାଗ, ବୟସ୍କ ବିଭାଗର ବିଭିନ୍ନ କ୍ରୀଡା ପ୍ରତିଯୋଗିତା ରହିଛି। ପ୍ରଥମ ଦିନରେ ସମ୍ପର୍କ ଫୁଟବଲ ଟିମ୍ ଏବଂ ମହେନ୍ଦ୍ର ଫୁଟବଲ ଟିମ୍ ମଧ୍ୟରେ ଉଦଘାଟନ ମ୍ୟାଚ ଖେଳାଯାଇଥିଲା। ବିନୋଦ ହାଃନାଗା, ସନାତନ ମୁର୍ମୁ, ଚକ୍ର ଚାତାର ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଉଦଯାପନୀ ଦିବସରେ ଆଦିବାସୀ ହୋ, ସାନ୍ତାଳୀର ଲିଖିତ ପ୍ରତିଯୋଗିତା, ଆଦିବାସୀ ନାଚ ଆୟୋଜିତ ହେବ। କ୍ଲବର ସଭାପତି ବିଦୁଭୂଷଣ ନାଏକ, ଉପସଭାପତି ବୁଦ୍ଧୁରାମ ନାଗ, ସମ୍ପାଦକ ଶ୍ୟାମସୁନ୍ଦର ସୋରେନ, ସହସମ୍ପାଦକ ଫୁତକାର ହେମ୍ବ୍ରମ, ବରିଷ୍ଠ ସଦସ୍ୟ ଶ୍ରୀ ଶ୍ୟାମସୁନ୍ଦର ସୋରେନ, ସୋମନାଥ ରାଠୋର, ବୁଦ୍ଧଦେବ ମୁଣ୍ଡା, ମଙ୍ଗଲ ହାଁସଦା, ବସନ୍ତ ମହାନ୍ତ, ବୃନ୍ଦାବନ ପାତ୍ର ଓ କ୍ଲବର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି।

## ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ସ୍ୱାସ୍ଥ୍ୟସେବା ଶିବିର

**ଧର୍ମଶାଳା, ୨୫।୧୨(ସମିସ):** ଧର୍ମଶାଳା ବ୍ଲକ ଥାନୁଆଳ ପଞ୍ଚାୟତ କଣ୍ଡାମାଳିଆ ଗ୍ରାମରେ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ଆନୁକୂଲ୍ୟରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଭାରତରତ୍ନ ଅଟଳ ବିହାରୀ ବଜପେୟୀଙ୍କୁ ଉତ୍ସର୍ଗୀକୃତ ଏହି ସ୍ୱାସ୍ଥ୍ୟ ଶିବିରରେ ପାଖର ଓ ଥାନୁଆଳ ପଞ୍ଚାୟତର ୯୪୫ ଜଣ ରୋଗୀ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ଟ୍ରଷ୍ଟ ପକ୍ଷରୁ ମାଗଣା ଔଷଧ ନେଇଥିଲେ। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ଅତିଥି ଭାବେ ଜିଲ୍ଲା ବିଜେପି ସଭାନେତ୍ରୀ ଦେବଯାନୀ ପ୍ରଧାନ, ବିଜେପି ନେତା କାହ୍ନୁଚରଣ ଦାଶ, ଧର୍ମଶାଳା ନିର୍ବାଚନମଣ୍ଡଳୀର ୬ଟି ଜୋନ୍ ବଜେପି ସଭାପତି ଯୋଗ ଦେଇଥିଲେ। ଭୁବନେଶ୍ୱରସ୍ଥ ହାଇଟେକ ମେଡିକାଲର ଡାକ୍ତର ଯୋଗଦେଇ ରୋଗ ପରୀକ୍ଷା କରିଥିଲେ। ଶିବିରକୁ ଆସିଥିବା ଲୋକଙ୍କୁ ଡାଇବେଟିସ, ଉଚ୍ଚରକ୍ତଚାପ ସମ୍ପର୍କରେ ଟ୍ରଷ୍ଟ ପକ୍ଷରୁ ସଚେତନ କରାଯିବା ସହ ସେମାନଙ୍କୁ ୩ ମାସ ପାଇଁ ମାଗଣା ଔଷଧ ଦିଆଯାଇଥିଲା। ଶିବିରକୁ ରାଜେଶ ପାଳ, ଅୟୁଷ୍ମାନ ପ୍ରିୟଦର୍ଶନ, ଲୋକନାଥ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।



## 'ସୂର୍ଯ୍ୟାସ୍ତ'ର ସ୍ୱନକ୍ଷତ୍ର ଦିବସ




**ଧର୍ମଶାଳା, ୨୫।୧୨(ସମିସ):** ସମ୍ବାଦପତ୍ର ସମାଜର ଜାଗ୍ରତ ପ୍ରହରୀ। ପ୍ରତିଦିନ ଘଟୁଥିବା ଘଟଣାବଳୀର ଇସ୍ତାହାର ଭାବେ ଜନସାଧାରଣଙ୍କୁ ସଚେତନ କରିବା ସମ୍ବାଦପତ୍ରର ଧର୍ମ ବୋଲି ବିଶିଷ୍ଟ ବକ୍ତାମାନେ ସୂର୍ଯ୍ୟାସ୍ତ ସମ୍ବାଦପତ୍ରର ବିଂଶତିତମ ସ୍ୱନକ୍ଷତ୍ର ଦିବସ ଅବସରରେ ମତବ୍ୟକ୍ତ କରିଛନ୍ତି। ଧର୍ମଶାଳା ମହାବିଦ୍ୟାଳୟ ସଭାଗୃହରେ କବି ଡକ୍ଟର ଗୌତମ ଜେନାଙ୍କ ସଭାପତିତ୍ୱରେ ଉତ୍ସବ ଅନୁଷ୍ଠିତ ହୋଇଥିଲା।

ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ସମ୍ବାଦ ଓ ଯୋଗାଯୋଗ ବିଭାଗର ଅଧ୍ୟାପକ ଡକ୍ଟର ଦେବୀଲାଲ ମିଶ୍ର ଯୋଗଦେଇ ବର୍ତ୍ତମାନ ସାମାଜିକ ଜୀବନର ସମ୍ବାଦପତ୍ର ଓ ବୈଦ୍ୟୁତିକ ଗଣମାଧ୍ୟମର ଗୁରୁତ୍ୱ ସମ୍ପର୍କରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଅନ୍ୟତମ ଅତିଥି ଭାବେ ଏସୟୁଜେ ସାମ୍ବାଦିକ ସଙ୍ଘର ସଭାପତି କୈଳାସ ନାୟକ ଓ ସମ୍ମାନିତ ଅତିଥି ଭାବେ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ପବିତ୍ର ମୋହନ ମାହାଲା ଯୋଗଦେଇଥିବାବେଳେ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ସମାଜସେବୀ ଶ୍ରୀମତୀ ମିନତୀ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଡକ୍ଟର ପ୍ରଶାନ୍ତ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଭିନ୍ନ ବିଭାଗର କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତଙ୍କୁ ପୁରସ୍କାର ଓ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସାମ୍ବାଦିକତା କ୍ଷେତ୍ରରେ ଅଗ୍ରଣୀ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୂର୍ଯ୍ୟାସ୍ତର ବାର୍ତ୍ତା ସମ୍ପାଦକ ଡକ୍ଟର ସସ୍ମିତା ଦାସ ବିବରଣୀ ପାଠ କରିଥିଲେ। ପ୍ରଥମ ଅଧିବେଶନରେ କାହ୍ନୁ ଚରଣ ସାହୁଙ୍କ ସଭାପତିତ୍ୱରେ କବିତା ପାଠ ଉତ୍ସବ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଡକ୍ଟର ବିଜୟ ଶତପଥୀ ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ କୁଶଧର ପଣ୍ଡା ଯୋଗ ଦେଇଥିବାବେଳେ ଶଶୀଭୂଷଣ ଦ୍ୱାରୀ, ସରୋଜିନୀ ପତି, ଆଦିତ୍ୟ ମାହୁନ୍ତ ଓ ଯୁଗଳ ଦାଶ ସଂଯୋଜନା କରିଥିଲେ। ଶତାଧିକ କବି କବିତା ପାଠ କରିଥିବାବେଳେ ସୂର୍ଯ୍ୟାସ୍ତର ସମ୍ପାଦକ ବିବେକାନନ୍ଦ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

### ବିଏମ୍‌ଏସ୍‌ଏସ୍ ସର୍ବଭାରତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ

## ଉଦ୍‌ଘାଟନୀ ମ୍ୟାଚ୍‌ରେ ଭଦ୍ରକକୁ ହରାଇଲା ବାଲେଶ୍ୱର



**ଦଶରଥପୁର, ୨୫।୧୨(ସମିସ):** ଦଶରଥପୁର ବ୍ଲକ ଚିତାଳ ପଞ୍ଚାୟତ ଝାଡ଼ଙ୍ଗାସ୍ଥ ବିଏମଏସଏସ କ୍ରିକେଟ କ୍ଲବ ଆନୁକୂଲ୍ୟରେ ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ସାଧୁ ମଠ ଖେଳ ପଡ଼ିଆରେ ଉଦଘାଟିତ ହୋଇଛି। ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକୀରମୋହନ ଟୁଡୁ ଓ ଜିଲ୍ଲା ରୋଟାରି କ୍ଲବର ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରଦୀପ କର, ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟର ଶୁଭାରମ୍ଭ କରିଥିଲେ।ଟୁର୍ନାମେଣ୍ଟରେ ଓଡ଼ିଶା ସମେତ ଛତିଶଗଡ଼ ଓ ଝାଡ଼ଖଣ୍ଡରୁ ୧୦ଟି କ୍ରିକେଟ ଟିମ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଥିବାବେଳେ ଆଜି ଉଦଘାଟନୀ ମ୍ୟାଚ ବାଲେଶ୍ୱରର ଆଦର୍ଶ କ୍ଲବ ଓ ଭଦ୍ରକର ୟୁନିକ ଇଲେଭେନ ମଧ୍ୟରେ ଖେଳାଯାଇଥିଲା। ୨୦ ଓଭର ବିଶିଷ୍ଟ ମ୍ୟାଚରେ ଆଦର୍ଶ କ୍ଲବ ପ୍ରଥମେ ବ୍ୟାଟିଂ କରି ୬ ୱିକେଟ ହରାଇ ୨୨୧ ରନ ସଂଗ୍ରହ କରିଥିଲା। ଜବାବରେ ଭଦ୍ରକର ୟୁନିକ ଇଲେଭେନ ୧୯.୩ ଓଭରରେ ସମସ୍ତ ୱିକେଟ ହରାଇ ୧୫୩ ରନ ସଂଗ୍ରହ କରି ୬୮ ରନରେ ପରାସ୍ତ ହୋଇଥିଲା। ଆଦର୍ଶ କ୍ଲବର ଖେଳାଳି ରାହୁଲ ଗୁପ୍ତା ୧୦୮ ରନର ଚିତ୍ତାକର୍ଷଣ ଇନିଂସ ଖେଳି ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ଓସିଏ ମାନ୍ୟତାପ୍ରାପ୍ତ ଅମ୍ପାୟାର ଖେଳ ପରିଚାଳନା କରିଥିଲେ। ମହିଳା ଭାଷ୍ୟକାର ସିମରନ ଓ ରସିଦ ସିଂ ବାବୁ ଧାରା ବିବରଣୀ ପ୍ରଦାନ କରିଥିଲେ। ବିଏମଏସଏସ କ୍ଲବ ପକ୍ଷରୁ ସତ୍ୟରଞ୍ଜନ ଖୁଣ୍ଟିଆ, ଅବିନାଶ ମହାନ୍ତି, ଦେବେନ୍ଦ୍ର ଦାସ, ଦିଲ୍ଲୀପ ମହାନ୍ତି, ରଞ୍ଜିତ ପଣ୍ଡା, ଅଧୀର ମଲ୍ଲିକ, ତପନ ଦାସ, ସନ୍ତୋଷ ନାୟକ, ସଂଗ୍ରାମ ମହାନ୍ତି, ସୌମ୍ୟରଞ୍ଜନ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

## ଅଟଳଙ୍କ ସ୍ମୃତିରେ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ



**ଯାଜପୁର, ୨୫ ।୧୨(ସମିସ):** ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜ୍‌ପେୟୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆମ ଯାଜପୁର ସାମାଜିକ ସଂଗଠନ ପକ୍ଷରୁ କରାଯାଇଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଭାଇ ଭାଇ ଇଲେଭେନ ଜାଲପୁର ଓ ଜୀବନଜ୍ୟୋତି ମୋଟରଙ୍ଗାପାଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଭାଇ ଭାଇ ଇଲେଭେନ ପ୍ରଥମେ ବ୍ୟାଟିଂ କରି ୭୧ ରନ୍ ସଂଗ୍ରହ କରିଥିଲା। ଜୀବନଜ୍ୟୋତି ମାତ୍ର ୪୩ ରନ୍ କରିବାରେ ସକ୍ଷମ ହୋଇଥିଲା। ଭାଇ ଭାଇ ଇଲେଭେନ ୨୮ ରନ୍‌ରେ ବିଜୟୀ ହୋଇଥିଲା। ଭାଇ ଭାଇ ଦଳ ପକ୍ଷରୁ ଚିନ୍ମୟ ସାହୁ ବୋଲିଂ କରି ୫ଟି ୱିକେଟ ନେଇଥିବାରୁ ତାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଓ ମ୍ୟାନ୍ ଅଫ୍ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ଜୀବନଜ୍ୟୋତି ଦଳର ଧନ ରାଉତଙ୍କୁ ବେଷ୍ଟ ବ୍ୟାଟ୍ସମ୍ୟାନ ଭାବେ ପୁରସ୍କୃତ କରାଯାଇଥିଲା।

ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଶୀତିକଣ୍ଠ କାନୁନଗୋ, ଜିଲ୍ଲା କ୍ରୀଡ଼ାଧିକାରୀ ଫକୀର ମୋହନ ଟୁଡୁ, ବିଜେପି ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ସଂଗ୍ରାମ କେଶରୀ ପାତ୍ର, ସଞ୍ଜୟ ନାୟକ, ସୁଶାନ୍ତ ସାହୁ, ଲକ୍ଷ୍ମୀନାରାୟଣ ମଲ୍ଲିକ, ଶ୍ରୀଧର ବିଶ୍ୱାଳ, ଗୁଣ୍ଡିରାମ ଜେନା, ସମାଜସେବୀ ବିଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଜୟୀ ଦଳକୁ ଟ୍ରଫି ସହ ୨୫ ହଜାର ଓ ରନର୍ସଅପ୍ ଦଳକୁ ଟ୍ରଫି ସହ ୧୫ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

### ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁଁ ପ୍ରସୂତିଙ୍କ ମୃତ୍ୟୁ

## ଜୀବନଜ୍ୟୋତି ନର୍ସିଂହୋମ୍‌ରେ ଉତ୍ତେଜନା

ଯାଜପୁର, ୨୫ ।୧୨(ସମିସ)

ଯାଜପୁର ସଦର ମହକୁମା ଡାକ୍ତରଖାନା ନିକଟରେ ଥିବା ଜୀବନଜ୍ୟୋତି ନର୍ସିହୋମରେ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁଁ ଜଣେ ପ୍ରସୂତିଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ କେନ୍ଦ୍ର କରି ସେଠାରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଚିକିତ୍ସା କରିଥିବା ଡାକ୍ତର ଓ ନର୍ସିଂହୋମ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଥିଲା।



ସୂଚନା ମୁତାବକ, ବରୀ-ରାମଚନ୍ଦ୍ରପୁର ଥାନା ରତ୍ନଗିରି ଅଞ୍ଚଳର ସସ୍ମିତା ଜେନା ନାମକ ଗର୍ଭବତୀ ମହିଳାଙ୍କୁ ଗତକାଲି ରାତିରେ ପ୍ରସବ ପାଇଁ ଜୀବନଜ୍ୟୋତି ନର୍ସିଂହୋମରେ ଭର୍ତ୍ତି ହୋଇଥିଲେ। ଏଠାରେ ତୁରନ୍ତ ଅପରେସନ ପରେ ସେ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲେ। ପରେ ମହିଳାଙ୍କ ସ୍ୱାସ୍ଥ୍ୟବସ୍ଥାରେ ଅଚାନକ ଅବନତି ହୋଇଥିଲା। ପରେ ଅପରେସନ ବେଡ୍‌ରେ ହିଁ ସସ୍ମିତାଙ୍କ ମୃତ୍ୟୁ ଘଟିଥିଲା। ମହିଳାଙ୍କ ମୃତ୍ୟୁ ପରେ ପରିବାର ଲୋକେ ତ୍ରୁଟିପୂର୍ଣ୍ଣ ଚିକିତ୍ସାକୁ ଦାୟୀ କରି ନର୍ସିଂହୋମ ପରିସରରେ ପାଟିତୁଣ୍ଡ କରିଥିଲେ। ଏ ସମ୍ପର୍କରେ ମୃତକଙ୍କ ପରିବାର ପକ୍ଷରୁ ଅଭିଯୋଗ କରିବାରୁ ନର୍ସିଂହୋମ କର୍ତ୍ତୃପକ୍ଷ ସେମାନଙ୍କୁ ଠେଲାପେଲା କରିବା ସହିତ ଧକ୍କା ମାରି ନର୍ସିଂହୋମରୁ ବାହାର କରିଦେଇଥିଲେ। ସେହି ଗୁଣ୍ଡାଙ୍କୁ ସିସିଟିଭି ଫୁଟେଜ ଆଧାରରେ ଚିହ୍ନଟ କରି କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ପରିବାର ଲୋକେ ଦାବି କରିଛନ୍ତି। ଏହି ଘରୋଇ ନର୍ସିଂହୋମରେ ସରକାରୀ ଜିଲ୍ଲା ମୁଖ୍ୟ ଚକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ଶାନ୍ତିପ୍ରିୟା ମୁର୍ମୁ ମହିଳାଙ୍କ ଚିକିତ୍ସା ଓ ଅସ୍ତ୍ରୋପଚାର କରିଥିଲେ। ଏଥିପାଇଁ ତାଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସାକୁ ଦାୟୀ କରି ସମ୍ପୃକ୍ତ ସରକାରୀ ଡାକ୍ତରଙ୍କୁ ଘେରି ରହିଥିଲେ ସମ୍ପର୍କୀୟ। ଖବର ପାଇ ପୁଲିସ ପହଞ୍ଚି ଉତ୍ତେଜନାକୁ ପ୍ରଶମିତ କରିଥିଲା। ସରକାରୀ ଡାକ୍ତରଖାନାରେ ସମସ୍ତ ପ୍ରକାର ସୁବିଧା ସୁଯୋଗ ମିଳୁଥିବାବେଳେ କାହିଁକି ଘରୋଇ ନର୍ସିଂହୋମକୁ ରୋଗୀ ଆସୁଛନ୍ତି ଓ ଏଭଳି ଅକାଳରେ ମୃତ୍ୟୁବରଣ କରୁଛନ୍ତି ତା'ର ତଦନ୍ତ ଆବଶ୍ୟକ। ଏହି ଘରୋଇ ନର୍ସିଂହୋମରେ ବାରମ୍ବାର ଏଭଳି ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁଁ ରୋଗୀ ମୃତ୍ୟୁର ଅଭିଯୋଗ ଆସୁଥିଲେ ମଧ୍ୟ ନର୍ସିଂହୋମ କର୍ତ୍ତୃପକ୍ଷଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଏହି ଘଟଣା ବଢ଼ିବାରେ ଲାଗିଛି। ତଦନ୍ତ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଯାଜପୁର ଏଡିଏମଓ ମନୋଜ କୁମାର ସେନାପତି ସୂଚନା ଦେଇଛନ୍ତି।

## ଆଜି ଉଦ୍‌ଘାଟିତ ହେବ ରାୟଗଡ଼ା 'ଚଇତି ମହାକୁମ୍ଭ-୨୦୨୫'

# ବିଶ୍ୱ ଦେଖିବ ଜିଲ୍ଲାର କଳା, ସାହିତ୍ୟ ଓ ସଂସ୍କୃତି



ରାୟଗଡ଼ା,୨୫।୧୨(ସମିସ):

ପ୍ରତିବର୍ଷ ଭଳି ଚଳିତ ବର୍ଷ ଡିସେମ୍ବର ୨୬ ଠାରୁ ୩୦ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ରାୟଗଡ଼ା ଜିଲ୍ଲା ସଦର ମହକୁମା ସ୍ଥିତ ପିଏଶ୍ରୀ ଜିସିଡି ହାଇସ୍କୁଲ ପଡିଆ ଠାରେ "ଚଇତି ଓ ପଲ୍ଲିଶ୍ରୀ ମେଳା-୨୦୨୫'ଆରମ୍ଭ ହେବ। ରାୟଗଡ଼ା ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ଆଶୁତୋଷ କୁଲକର୍ଣ୍ଣିଙ୍କ ପୌରହିତ୍ୟରେ ଶେଷ ପର୍ଯ୍ୟାୟରେ ସମସ୍ତ କାର୍ଯ୍ୟକ୍ରମ ପହଞ୍ଚିଛି। ସଜେଇ ହୋଇଛି ଚଇତି ପଡିଆ। ଶୁକ୍ରବାର ଅପରାହ୍ନରେ ଏହି ବର୍ଣ୍ଣାଢ୍ୟ ଗଣପର୍ବର ସମାରୋହର ଉଦ୍‌ଘାଟନ ମହୋତ୍ସବ ଜିଲ୍ଲାବାସୀଙ୍କ ଗହଣରେ ମାଁ ମଝିଘରିଆଣୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ କଳସ ଯାତ୍ରା,ଚଇତି ମଶାଲ ନେଇ ଶ୍ରଦ୍ଧା ଶ୍ରୀକ୍ଷେତ୍ର ରାୟଗଡ଼ା ଶ୍ରୀ ଜଗନ୍ନାଥ ମନ୍ଦିରରୁ ଆଜ୍ଞାମାଳ ଓ ଚତୁର୍ଦ୍ଧାମୂର୍ତିଙ୍କୁ ନେଇ ଚଇତି ମଣ୍ଡପ ଯାଏଁ ପାରମ୍ପରିକ ବାଦ୍ୟ, ଡଙ୍ଗରିଆ ଓ ଲାଂଜିଆ ସୌରା, ପରଜା ଭଳି ଆଦିମ ଅଧିବାସୀ ଜନଜାତିଙ୍କ ମନଲୋଭା ଆଦିବାସୀ ନୃତ୍ୟ, ଢେମସା, ସ୍ଥାନୀୟ କଳାକାର ବୃନ୍ଦଙ୍କ ନୃତ୍ୟ, ଡିଜେ ଓ ସଂକୀର୍ତନର ତାଳେ ତାଳେ ବିରାଟ ଶୋଭାଯାତ୍ରା ବାହାରିବାର କାର୍ଯ୍ୟକ୍ରମ ରହିଛି। ଜିଲ୍ଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଶ୍ରୀ କୁଲକର୍ଣ୍ଣିଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଓଡିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ, ଅଣୁ,କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଚଇତି ମହୋତ୍ସବର ଉଦ୍‌ଘାଟନ କରିଥଇଲେ। ଏଥିରେ କୋରାପୁଟ ସାଂସଦ ସପ୍ତଗିରି ଉଲାକା,ରାୟଗଡ଼ା ବିଧାୟକ କାଡ୍ରକା ଆପଲାସ୍ୱାମୀ, ବିଷମକଟକ ବିଧାୟକ ନୀଳମାଧବ ହିକକା, ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ଓ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବୀନ ଚନ୍ଦ୍ର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ପ୍ରଥମ ସାଂସ୍କୃତିକ ସଂଧ୍ୟାରେ ଚଇତି ମଞ୍ଚର ବିଶେଷ ଆକର୍ଷଣ ରହିଛନ୍ତି ଓଡିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ସୁଶ୍ରୀ ଅନନ୍ୟା ଶ୍ରୀତମ ନନ୍ଦ ଓ ତାଙ୍କ ସାଥୀ। ଦ୍ୱିତୀୟ ସଂଧ୍ୟାରେ ରକ୍‌ଷ୍ଟାର ରୁକୁ ସୁନା ଓ ତାଙ୍କ ସାଥୀଙ୍କ ଧମାକାଦାର ସଂଗୀତ ପରିବେଷଣ ରଖାଯାଇଥିବା ବେଳେ ତୃତୀୟ ସଂଧ୍ୟାରେ ଓଡିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ବିଷ୍ଣୁମୋହନ କବି ଓ ନାଭ୍ୟା ଜୈଟିଙ୍କ ସଂଗୀତ ପରିବେଷଣ କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏହି ପରିପ୍ରେକ୍ଷୀରେ ଓରମାସ ପକ୍ଷରୁ ଅନୁଷ୍ଠିତ ହେଉଥିବା ପଲ୍ଲିଶ୍ରୀ ମେଳାରେ ଚଳିତ ବର୍ଷ ୩୦୦ରୁ ଅଧିକ ଷ୍ଟଲ ଖୋଲାଯାଇଥିବା ବେଳେ ଏହି ଷ୍ଟଲଗୁଡିକରେ ଜିଲ୍ଲାର ବିଭିନ୍ନ ବିଭାଗର ଉନ୍ନୟନମୂଳକ କାର୍ଯ୍ୟକ୍ରମ,ଫୁଡ୍ ଷ୍ଟଲ,ସ୍ଥାନୀୟ ଜିଲ୍ଲା ଶିଳ୍ପ କେନ୍ଦ୍ରର ବିଭିନ୍ନ ଉପକରଣ,ରାଜ୍ୟ ଓ ରାଜ୍ୟ ବାହାରରୁ ହ୍ୟାଣ୍ଡିକ୍ରାଫ୍ଟ ଉପକରଣ,ଜିଲ୍ଲାର ୧୧ଗୋଟି ବ୍ଲକରୁ ୫୫ରୁ ଉର୍ଦ୍ଧ ଏସଏସଜି ଗ୍ରୁପ୍ ମହିଳାଙ୍କ ସାମଗ୍ରୀ,ଘର ସଜ୍ଜା କାଠ ଉପକରଣ ତଥା ଫର୍ନିଚର ଆଦି ସମେତ ଅନ୍ୟାନ୍ୟ ଜିନିଷ ବିକ୍ରି ଉପଲବ୍ଧ ହେବ ବୋଲି ଜଣାପଡିଛି। ଏହାକୁ ସଫଳ କରିବା ପାଇଁ ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ଶ୍ରୀ କୁଲକର୍ଣ୍ଣି ଅନୁରୋଧ କରିଛନ୍ତି।

● ଅତିଥି ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଶେଷ

# ରାୟଗଡ଼ା ମଙ୍ଗଳ ବିଭାଗରେ ଯୋଗଦେବେ ୧୭୨ ଶିକ୍ଷକ

ରାୟଗଡ଼ା,୨୫।୧୨(ସମିସ):

ଆଗାମୀ ନୂଆ ବର୍ଷ ପାଇଁ ରାୟଗଡ଼ା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପାଇଁ ଖୁସି ଖବର ମିଳିଛି। ଜାନୁଆରୀ ପ୍ରଥମ ସପ୍ତାହରେ ନିଯୁକ୍ତି ପାଇବେ ୧୭୨ ଜଣ ଅତିଥି ଶିକ୍ଷକ। ଏଥିପାଇଁ ରାୟଗଡା ମଙ୍ଗଳ ବିଭାଗ ପକ୍ଷରୁ ଚୟନ ହୋଇଥିବା ଶିକ୍ଷକ ପ୍ରାର୍ଥୀମାନଙ୍କୁ ନିଯୁକ୍ତି ପତ୍ର ପଠାଯିବା ସହ ଜାନୁଆରୀ ୧ ରୁ ୫ ତାରିଖ ମଧ୍ୟରେ ନିଜ ନିଜ ବିଦ୍ୟାଳୟରେ ଜଏନ୍‌କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି। ଦୀର୍ଘ ବର୍ଷ ଧରି ରାୟଗଡା ମଙ୍ଗଳ ବିଭାଗ ଆବାସିକ ବିଦ୍ୟାଳୟଗୁଡିକରେ ବିଭିନ୍ନ ଶିକ୍ଷକ ପଦବୀ ଖାଲି ପଡ଼ିଥିଲା। ଏହି କାରଣରୁ ବିଦ୍ୟାଳୟ ପରିଚାଳନା ଓ ଅଧ୍ୟୟନରେ ଗୁରୁତର ବିଭ୍ରାଟ ଦେଖାଦେଉଥିଲା। ବିଭିନ୍ନ ସମୟରେ ଶିକ୍ଷକ ସଂଘ ପକ୍ଷରୁ ମଧ୍ୟ ଶୁନ୍ୟ ଥିବା ଶିକ୍ଷକ ପଦବୀ ପୂରଣ ନେଇ ଜିଲ୍ଲାପାଳଙ୍କ ନିକଟରେ ଦାବି ହୋଇ ଆସୁଥିଲା। ଏହି କ୍ରମରେ ୧୫୪ଟି ମାଟ୍ରିକ ସିଟି, ଦୁଇଟି ଟିଜିଟି, ତିନୋଟି ପିସିଏମ୍ ବିଜ୍ଞାନ ଶିକ୍ଷକ, ୪ଟି ସିବିଜେଡ ବିଜ୍ଞାନ ଶିକ୍ଷକ, ଆଠଟି ହିନ୍ଦୀ, ନଅଟି ସଂସ୍କୃତ, ଗୋଟିଏ ଲେଖାଏଁ ଇଂରାଜୀ, ଉଦ୍ଭିଦ ବିଜ୍ଞାନ, ଗଣିତ ଅଧ୍ୟାପକ ଓ ଦୁଇଟି ଲେଖାଏଁ ଓଡ଼ିଆ ଓ ପଦାର୍ଥ ବିଜ୍ଞାନ ଅଧ୍ୟାପକ ଖାଲି ଥିବା ମୋଟ ୧୮୭ ପଦବୀ ଗୁଡିକୁ ପୂରଣ ଲାଗି ଆବେଦନ ଆହ୍ୱାନ କରାଯାଇଥିଲା। ଏଥିଲାଗି ପ୍ରାପ୍ତ ଆବେଦନକୁ ଯାଞ୍ଚ ପରେ ଉପଯୁକ୍ତ ୩୨୧ ଜଣ ପ୍ରାର୍ଥୀଙ୍କୁ ସାକ୍ଷାତକାର ପାଇଁ ଆମନ୍ତ୍ରଣ କରା ଯାଇଥିଲା। ସାକ୍ଷାତକାର ପରେ ମୋଟ ୧୭୨ ଜଣ ଅତିଥି ଶିକ୍ଷକ ଭାବେ କୃତିତ୍ୱ ଲାଭ କରିଥିଲେ। ଇଂରାଜୀ ଅଧ୍ୟାପକ ବ୍ୟତୀତ ଅବଶିଷ୍ଟ ସମସ୍ତ ପଦବୀ ପାଇଁ ପ୍ରାର୍ଥୀ ଚୟନ ହୋଇଥିବା ବେଳେ ଦୁଇ ଜଣ ଲେଖାଏଁ ହିନ୍ଦୀ ଓ ସଂସ୍କୃତ ଶିକ୍ଷକ ଯୋଗ୍ୟ ବିବେଚିତ ହୋଇଥିଲେ। ଫଳରେ ବିଭାଗକୁ ନୂତନ ଭାବେ ୧୭୨ଟି ଅତିଥି ଶିକ୍ଷକ ମିଳିବା ସମ୍ଭବପର ହୋଇପାରିଲା ବୋଲି ରାୟଗଡା ମଙ୍ଗଳ ଅଧିକାରୀ ଅସୀମା ରାଓ ପ୍ରକାଶ କରିଛନ୍ତି। ଜିଲ୍ଲାପାଳଙ୍କ ଅନୁମୋଦନ ପରେ ନିଯୁକ୍ତି ପତ୍ର ପଠା ସରିଛି ଏବଂ ଅତିଥି ଶିକ୍ଷକ ମାନେ ନିଜ ନିଜ ନିଯୁକ୍ତି ସ୍ଥଳରେ ଯୋଗାଦାନ କରିବାକୁ ଶ୍ରୀମତି ରାଓ ନିବେଦନ କରିଛନ୍ତି।

## ଯୋଗାଣ ସହାୟକଙ୍କ ପରଲୋକ



କାଳିମେଳା,୨୫ ।୧୨(ସମିସ): ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ ତାଣ୍ଡବାଇ ପଞ୍ଚାୟତର ଯୋଗଣ ସହାୟକ କେ.ଈଶ୍ୱର ରାଓଙ୍କର ଗତକାଲି ପରଲୋକ ହୋଇଯାଇଛି। ସେ କୀଡ୍‌ନୀ ଏବଂ ଲିଭାଇ ଜନିତ ରୋଗରେ ପୀଡିତ ଥିଲେ। ଦୁଇ ଦିନ ତଳେ ହଠାତ ଦେହ ଖରାପ ହେବାରୁ ତାଙ୍କୁ ପ୍ରଥମେ ଆନ୍ଧ୍ରପ୍ରଦେଶର ଭଦ୍ରାଚଲମ ଏବଂ ପରେ ଖମାମ ନେଇ ଚିକିତ୍ସା ଚାଲିଥିଲା। ଗତକାଲି ତାଙ୍କର ମେଡିକାଲରେ ମୃତ୍ୟୁ ଘଟିଥିଲା । ତାଙ୍କ ମୃତ୍ୟୁରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

## ବାଲିମେଳା ନବୋଦୟର 'ଆଲୁମିନା ମିଟ୍-୨୦୨୫'




କୋରୁକୋଣ୍ଡା, ୨୫ ।୧୨(ସମିସ): ମାଲକାନଗିରି ଜିଲ୍ଲାର ବାଲିମେଳା ସ୍ଥିତ ପିଏମ୍ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ-୨ ପରିସରରେ ଏହାର ଦ୍ୱିତୀୟ ଆଲୁମିନା ମିଟ୍ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଆଜିର ଏହି କାର୍ଯ୍ୟକ୍ରମକୁ ଆଲୁମିନା ଆସୋସିଏସନ୍‌ର ପୂର୍ବତନ ସଭାପତି ରାଜକୁମାର କୁରାମୀ ସଭାପତିତ୍ୱ କରିଥିବାବେଳେ ନବୋଦୟ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରିନ୍ସପାଲ ସିଦ୍ଧାର୍ଥ ଜିଙ୍ଗୋନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ୧୯୮୫ ମସିହାର ପ୍ରଥମ ବ୍ୟାଚ ଛାତ୍ର ଏଲ୍‌ଏନ୍ ଆଚାର୍ଯ୍ୟ, ସମାଜସେବୀ ଭଗବାନ ସାହୁ, ଶିକ୍ଷୟିତ୍ରୀ ରୀନା ସେଠୀ ଓ ଟି.ଭି.ୱାଲେଶ୍ୱର ରାଓ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର କୃତି ପ୍ରତିଭା ମାନଙ୍କୁ ମୁଖ୍ୟ ଅତିଥି ଟ୍ରଫି ଓ ମାନପତ୍ର ପ୍ରଦାନ କରି ପୁରସ୍କୃତ କରିଥିଲେ। ଆଜିର ଏହି ଆଲୁମିନା ମିଟ୍‌କୁ ବାଲିମେଳା ଜେଏନ୍‌ଭି-୨ ର ଦ୍ୱିତୀୟ ବ୍ୟାଚର ଛାତ୍ର ତଥା ଆଲୁମିନା ସଭାପତି ରାହୁଲ ରାଏ, ଉପ ସଭାପତି ବିପ୍ଳବ ବୈରାଗୀ, ସମ୍ପାଦକ ସଞ୍ଜୟ କୁମାର ବେହେରା, ସହ ସମ୍ପାଦକ ଉଷଶ୍ରୀ ନାୟକ, କୋଷାଧ୍ୟକ୍ଷ ଅନ୍ତିମଜୟ ମଣ୍ଡଳ,ସହ କୋଷାଧ୍ୟକ୍ଷ ଅଙ୍କିତା ପାଢୀ, ଆଲୁମିନା ସଂଯୋଜକ ଅଜୟ କୁମାର ସୋଡି ଓ ସ୍ମୃତିଶିଖା ଦେବୀ ପ୍ରମୁଖ ସଫଳତାର ସହ ଆୟୋଜନ କରିଥିଲେ।

## କଲ୍ୟାଣସିଂହପୁରରେ ନୂତନ ଚାଷୀ ସଂଗଠନ ଗଠିତ

କଲ୍ୟାଣସିଂହପୁର,୨୫।୧୨(ସମିସ): ରାଜ୍ୟରେ ଚାଷୀଙ୍କୁ ଅବହେଳା ଓ ବିଭିନ୍ନ ମଣ୍ଡିର ଅବ୍ୟବସ୍ଥା ନେଇ ଚାଷୀ ସଂଗଠିତ ହୋଇ ସରକାରଙ୍କ ଠାରେ ଲଢ଼ିବା ପାଇଁ ଏକତ୍ରିତ ହୋଇଛି। ରାୟଗଡ଼ା ଜିଲ୍ଲାର କୃଷି ପ୍ରଧାନ ବ୍ଲକ କଲ୍ୟାଣସିଂହପୁରରେ ଚାଷୀ ସବୁବେଳେ ଅବହେଳିତ ହୋଇ ନିର୍ଯାତନାର ଶିକାର ହେଉଥିବାରୁ ଆଜି ବ୍ଲକ ଚାଷୀ ସଂଗଠନ ନାମରେ ଏକ ସଂଗଠନ ପ୍ରତିଷ୍ଠା ହୋଇଛି। ଏଥିରେ ବରିଷ୍ଠ ଚାଷୀ ଦଶରଥୀ ନାୟକଙ୍କ ସଭାପତିତ୍ୱରେ ଏକ କମିଟି ଗଠନ କରାଯାଇଛି। ଏଥିରେ ସର୍ବସହମତି କ୍ରମେ ସଭାପତି ରୂପେ ଶ୍ରୀନବାସ ଚୌଧୁରୀ, ସମ୍ପାଦକ ଭାବେ ପ୍ରଶାନ୍ତ କୌଶଲ୍ୟା, ଉପସଭାପତି ତିନି, ପ୍ରତି ପଞ୍ଚାୟତରେ ଦୁଇଜଣ ଚାଷୀଙ୍କୁ ସଭ୍ୟ ଓ ଉପଦେଷ୍ଟା ମଣ୍ଡଳୀ ରୂପେ ତିରିଶି ଜଣ ଚାଷୀ ସର୍ବ ସହମତି ରୂପେ ଚୟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ



ଚାଷୀ, ଜି. ସଂଜୀବ ରାଓ, ଜି. ପ୍ରସାଦ ରାଓ, ବିଭି ପ୍ରସାଦ ରାଓ, ଜୟଶଙ୍କର କୌଶଲ୍ୟା, ନରସିଂହ ସାହୁ, ଅଶ୍ୱିନୀ ମହାପାତ୍ର, ଗେଦେଲା ଶ୍ରୀନୁ, ପେଦେଣ୍ଟି ରମେଶ, କୁମାରସ୍ୱାମୀ କୌଶଲ୍ୟା, ଏଙ୍କେଟେଶ୍ୱର ପାଢ଼ୀ, କେ. ଚଲାପତିଙ୍କ ସହ ବ୍ଲକର ଶତାଧିକ ଚାଷୀ ଉପସ୍ଥିତ ରହିଥିଲେ। ବର୍ତ୍ତମାନ ଧାନମଣ୍ଡି ଆରମ୍ଭ ହୋଇଥିଲେ ମଧ ଚାଷୀଙ୍କ ନିକଟରେ ଟୋକନ୍ ଥାଇ ମଧ ସରକାର ଧାନ କିଣୁ ନଥିବାରୁ ଜଟିଳ ସମସ୍ୟା ଉପୁଜିଛି। ଏହି ସମସ୍ୟା ପାଇଁ ତୁରନ୍ତ ସମାଧାନ ନକଲେ ବିରାଟ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ଆଲୋଚନା ହୋଇଥିଲା। ବ୍ଲକ ନୂତନ ସଂଗଠନର ରଣନୀତି ପ୍ରସ୍ତୁତି

### ଆନ୍ଦୋଳନ ପାଇଁ ସଜବାଜ

କରି ସରକାରଙ୍କୁ ଚାଷୀର ସମସ୍ୟା ନେଇ ଘେରିବା ପାଇଁ ପ୍ରସ୍ତୁତ ହେଉଥିବା ଦେଖିବାକୁ ମିଳିଛି। ଆସନ୍ତା ଦିନରେ ଯୋଗାଣ ବିଭାଗ, ତହସିଲଦାର,ବ୍ଲକ ଓ ଲ୍ୟାମ୍ପ୍‌ସକୁ ଦାବିପତ୍ର ପ୍ରଦାନ କରିବା ପାଇଁ ସଜବାଜ ହେଉଥିବା ଦେଖିବାକୁ ମିଳିଥିଲା।

## ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ

ରାୟଗଡ଼ା,୨୫।୧୨(ସମିସ): ଯୋଗଜନ୍ମା, କାଳଜୟୀ ,ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପାୟୀଙ୍କ ୧୦୧ତମ ଜନ୍ମ ଜୟନ୍ତୀ ତଥା ଜିଲ୍ଲାସ୍ତରୀୟ ସୁଶାସନ ଦିବସ ସ୍ଥାନୀୟ ମହିଳା ମହାବିଦ୍ୟାଳୟ ପ୍ରେକ୍ଷାଳୟ ଠାରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାଏକ , ଅତିଥିରୂପେ ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁର, ମୁଖ୍ୟବକ୍ତା ରୂପେ ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ସାହିତ୍ୟିକ ପ୍ରଫେସର ଡ. ଦୁଷ୍ମନ୍ତ କୁମାର ମହାନ୍ତି, ଉପ ନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଆଇନଜୀବୀ ବ୍ରଜସୁନ୍ଦର ନାୟକ, ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଭାରତୀ ଚୌଧୁରୀ ଓ ପ୍ରଧ୍ୟାପିକା ଶାନ୍ତିଲତା ମିଶ୍ର ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ସାମାଜିକ ସଂଗଠନ କର୍ମକର୍ତା, ପ୍ରେମ ପାହାଡ଼, ଜିସିଡ଼ି ୱାକର୍ସ କ୍ଲବର ସଦସ୍ୟ ମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଭାଗରେ କବିତା ଆସର ଅନୁଷ୍ଠିତ ହୋଇଥିଲା। ଚାଳିଶିରୁ ଅଧିକ କବି ଓ କବୟିତ୍ରୀ ନିଜସ୍ୱ ଲିଖିତ ଅଟଳବିହାରୀଙ୍କ ଜୀବନୀ, ଜୀବନାଦର୍ଶ ଓ ଜାତୀୟତାବୋଧ କବିତା ପାଠ କରିଥିଲେ। ସମସ୍ତ କବି ଓ କବୟିତ୍ରୀଙ୍କୁ ମଞ୍ଚରେ ସମ୍ମାନିତ କରାଯାଇଥିଲା। ଏଥିରେ ଜିଲ୍ଲା ଲୋକସମ୍ପର୍କ ବିଭାଗର ସହକାରୀ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦେବରାଜ ଟାକ୍ରୀ, ମାନସ ରଞ୍ଜନ ସାହୁ, କୁମୁଦିନୀ ମିଶାଳ, ଡମ୍ବରୁଧର ପଣ୍ଡା, ସୁଭାଷ କେରକେଟା, ସମ୍ରାଟ ସାହୁ, ରାଜେନ୍ଦ୍ର ଦୋରା, ରଞ୍ଜିତ ପୀରବାକ, ଭି. ଚନ୍ଦ୍ର ଶେଖର ଓ ମହିଳା ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



## ନାଗାବଳୀ ଲାୟନ୍ସ କ୍ଲବ୍‌ର ଶୀତବସ୍ତ୍ର ବଣ୍ଟନ



ରାୟଗଡ଼ା,୨୫।୧୨(ସମିସ): ନାଗାବଳୀ ଲାୟନ୍ସ କ୍ଲବ ରାୟଗଡ଼ା ତରଫରୁ ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ସହର ସ୍ଥିତ ଝୋଡିଆ ସାହି ବସ୍ତିରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରବଳ ଶୀତକୁ ଦୃଷ୍ଟିରେ ରଖି ସାହିର ୪୦ଜଣ ବୃଦ୍ଧାବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରାଯିବା ସହ ସ୍ୱାସ୍ଥ୍ୟର ଯତ୍ନ ନେବା ପାଇଁ ପରାମର୍ଶ ଦିଆଯାଇଥିଲା । ଦୁଇ ଜଣ ଦିବ୍ୟାଙ୍ଗ ଶିଶୁଙ୍କୁ ଆର୍ଥିକ ସହଯୋଗ କରାଯାଇଥିଲା। କାର୍ଯ୍ୟକ୍ରମରେ କ୍ଲବ୍‌ର ପ୍ରତିଷ୍ଠାତା ସଭାପତି ଡ. ଦୁଷ୍ମନ୍ତ କୁମାର ମହାନ୍ତି, ଜୋନାଲ ଅଧ୍ୟକ୍ଷ ଡଃ ପ୍ରସନ୍ନ କୁମାର ଗନ୍ତାୟତ, ସମ୍ପାଦକ ଡଃ ବିପିନ ବିହାରୀ ବିଶ୍ୱାଳ, କୋଷାଧ୍ୟକ୍ଷ ସୁଦର୍ଶନ ପାଢ଼ୀଙ୍କ ସମେତ ବିଶ୍ୱନାଥ ବିଶ୍ୱାଳ, ଲାବଣ୍ୟ ମୋହନ ପଟନାୟକ, ଅଞ୍ଜଳି ପଣ୍ଡା, ଦୀପ୍ତିଲତା ପଣ୍ଡା, ଅରୁଣ ପାଣିଗ୍ରାହୀ, ପୌର ପରିଷଦର ସ୍ଥାନୀୟ କାଉନସିଲର ସୁକାନ୍ତ ପରିଡା ଯୋଗ ଦେଇଥିଲେ।ଉକ୍ତ କାର୍ଯ୍ୟକ୍ରମଟି ସମ୍ପାଦକ ଡଃ ବିପିନ ବିଶ୍ୱାଳଙ୍କ ଦ୍ୱାରା ପ୍ରାୟୋଜିତ ହୋଇଥିବାରୁ ସମସ୍ତ ସଦସ୍ୟ ସଦସ୍ୟା ମାନେ ପ୍ରଶଂସା କରିବା ସହ ବସ୍ତି ବାସିନ୍ଦା ଧନ୍ୟବାଦ ଦେଇଥିଲେ।

## ବ୍ଲକ୍‌ସ୍ତରୀୟ ଗୁର୍କା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ରାୟଗଡ଼ା/କଲ୍ୟାଣସିଂହପୁର,୨୫।୧୨(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ସଦର ମହକୁମାର ଜଗନ୍ନାଥ ମନ୍ଦିର ପରିସରର ରାୟଗଡ଼ା ଜିଲ୍ଲା କଳାକାର ମହାସଂଘ ପକ୍ଷରୁ କଲ୍ୟାଣସିଂହପୁର ବ୍ଲକ୍‌ସ୍ତରୀୟ ଗୁର୍କା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତର କଳାକାର ମାନେ ଉପସ୍ଥିତ ରହି କଳାକାରଙ୍କ ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ଅନେକ ଯୋଗ୍ୟ କଳାକାର ଅନ୍ତର୍ଭୁକ୍ତ ହୋଇ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଆଗାମୀ ଦିନରେ ଏ ନେଇ ଜିଲ୍ଲା ସ୍ତରୀୟ ସମସ୍ତ କଳାକାର ଏକତ୍ର ହୋଇ ସରକାରଙ୍କ ଠାରେ ଦାବି ରଖାଯିବ ବୋଲି ଆଲୋଚନା ହୋଇଥିଲା। ଏ ନେଇ ଜିଲ୍ଲାର କଳାକାରଙ୍କୁ ସଂଗଠିତ କରି ରାୟଗଡ଼ା ଜିଲ୍ଲା କଳାକାର ମହାସଂଘ ପକ୍ଷରୁ ଜିଲ୍ଲାରେ ବହୁଳ ସଂଖ୍ୟାରେ ବସବାସ କରୁଥିବା ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଗୁର୍କା ନୃତ୍ୟର ପ୍ରଚାର ପ୍ରସାର ପାଇଁ ଗୁର୍କା ମହୋତ୍ସବ ନାମରେ ଲୋକ ମହୋତ୍ସବ ବିଭିନ୍ନ ବ୍ଲକ୍ ସ୍ତରରୁ ହେବା ପରେ ଜିଲ୍ଲା ସ୍ତରୀୟ ମହୋତ୍ସବ ପାଇଁ ପ୍ରସ୍ତୁତି ହେବା ପରିପ୍ରେକ୍ଷୀରେ କଲ୍ୟାଣସିଂହପୁର ବ୍ଲକ୍ ସ୍ତରୀୟ ଗୁର୍କା ମହୋତ୍ସବ ପାଇଁ ୨୦୨୬ ବର୍ଷର ଜାନୁଆରୀ ୮ ତାରିଖରେ ସ୍ଥାନୀୟ ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣରେ ମହା ଆଡ଼ମ୍ବରରେ ଅୟୋଜନ ହେବ ବୋଲି ନିଷ୍ପତି ନିଆଯାଇଥିଲା। ଏହା ପରେ ବ୍ଲକ୍ କମିଟି ଗଠନ ପାଇଁ କଳାକାରଙ୍କ ମତାମତ ଗ୍ରହଣ କରାଯାଇଥିଲା। ପଞ୍ଚାୟତ ସ୍ତରୀୟ ବୈଠକ ପରେ ଚୟନ ହୋଇ ଘୋଷଣା ହେବ ବୋଲି ସ୍ଥିର କରାଗଲା। ଏହି ବୈଠକରେ ରାୟଗଡ଼ା ଜିଲ୍ଲା କଳାକାର ମହାସଂଘର ସଭାପତି ସନ୍ତୋଷ କୁମାର ବଛାଙ୍କ ସମେତ ବରିଷ୍ଠ ଲୋକକଳା କଳାକାର ବାସୁଦେବ ମାର୍ଥା, ଚାମିଆ ଲୋରା, ସୁରେଶ ବିଡ଼ିକା, ଦୀନବନ୍ଧୁ ସାରାକା, ଡିଉ କାଡ୍ରାକା, ମିଲାସିଂ କାଡ୍ରାକା, କନ୍ତାରୁ ଖଣ୍ଡରିଆ, ପଦ୍ମନ ଚରଣ ଗୌଡ଼, ଆର୍ଜୁ ପ୍ରାସ୍କା, କୁନୁ କାଶୀ, ସୂର୍ଯ୍ୟ କାଶୀ, ନକୁଳ କାଡ୍ରୋକା, ବୁଦାଇ ପିଡିସିକା, ସିନ୍ଦେ କୁଲିଶିକା, ଜୟ ହୁଇକା, ସୋମନାଥ କୁଲିସିକା, ଏକାଦଶୀ ମହାଙ୍କୁଡ, ପ୍ରଭାତ କାଶୀ ଅନ୍ୟମାନେ ଉପସ୍ଥିତ ରହିଥିଲେ।



## ରବି ପାଢ଼ିଙ୍କ ଜୟନ୍ତୀରେ ଜଗନ୍ନାଥ ସମ୍ମାନିତ

ଗୁଣପୁର,୨୫।୧୨(ସମିସ): ଅଗ୍ରଣି କୃଷକ ତଥା ପୂର୍ବତନ ଜିଲ୍ଲା ବିଜେପି ସଭାପତି ରବି ପାଢିଙ୍କ ୮୨ ତମ ଜୟନ୍ତୀ ସମାରୋହରେ ଆଜି ଡମ୍ବସରାର ଆଦର୍ଶ କୃଷକ ଜଗନ୍ନାଥ ଶବରଙ୍କୁ ସମ୍ମାନିତ କରାଯାଇଛି। ବିକମ୍ ପାଠ ପଢି ଜଗନ୍ନାଥ ଚାକିରି ଆଡକୁ ଇଛା ପ୍ରକାଶ ନ କରି ନିଜେ ପନି ପରିବା ଓ ଫୁଲ ଚାଷ ସହ ସଜନା ଚାଷ କରି ସ୍ୱାବଲମ୍ବୀ ହୋଇଥିବାରୁ ଉପସ୍ଥିତ ଅତିଥି ମାନେ ସାଧୁବାଦ ଜଣାଇଥିଲେ। ରବି ପାଢି ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉମା ଦାସ ସଂଯୋଜନା କରିଥିବା ବେଳେ ଉପସ୍ଥିତ ଅତିଥି ମାନେ ଶ୍ରୀ ପାଢିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତି ଚାରଣ କରିଥିଲେ। ଆଜି ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପୌର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସୁଦର୍ଶନ ଶବର, ପୁର୍ବତନ ବିଧାୟକ ତ୍ରିନାଥ ଗମାଙ୍ଗ, ସମାଜସେବୀ ସଞ୍ଜୟ ସାହୁ, ଗୁଣପୁର ନବ ନିର୍ମାଣ ସମିତି ର ସଭାପତି ଅକ୍ଷୟ ଦାସ, ପୂର୍ବତନ ଜିଲ୍ଲା ବିଜେପି ସଭାପତି ଶିବ ଉଲାକା, ଶିବ ପଟ୍ଟନାୟକ, କୋରାପୁଟ ଲୋକସଭାର ବିଜେପି ସାଂସଦ ପ୍ରାର୍ଥୀ କାଳିରାମ ମାଝୀ, ଯୁବନେତା ବାପି ପଣ୍ଡାଙ୍କ ସମେତ ବରିଷ୍ଠ ନାଗରିକ କୈଳାସ ଦାସ, ନିଳମାଧବ ପାଢି, ଓକିଲ ସଂଘର ସଭାପତି ଗୌରୀ ଦାସ, ଆଇନଜୀବୀ ଦେବୀ ଆଚାର୍ଯ୍ୟ, ଗଣେଶ ପଣ୍ଡା, ପ୍ରେସ କ୍ଲବର ସମ୍ପାଦକ କୁନା ପଟ୍ଟନାୟକ, ମିଲି ପାଢି, ସିଲି ପାଢି, ପତିତ ପାବନ ପାଢି, ଲକ୍ଷ୍ମୀ ଚାନ୍ଦ୍ ସାହୁ, ଲାଡି ଗୋପାଲା, ଉମା ମହେଶ୍ୱର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ଚାରି ପ୍ରହର ନାମଯଜ୍ଞ ଓ ଅନ୍ନଦାନ କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହୋଇଥିଲା। ସ୍ମୃତି କମିଟି ସଦସ୍ୟ ଲୋକନାଥ ପାଢି ଧନ୍ୟବାଦ ଦେଇଥିଲେ।



## ସର୍ବଭାରତୀୟ କରାଟେ ଚାମ୍ପିଅନ୍‌ସିପ



ଗୁଣପୁର,୨୫।୧୨(ସମିସ):

୨୭ ରୁ ୩୦ ଡିସେମ୍ବର ପର୍ଯ୍ୟନ୍ତ ଭୁବନେଶ୍ୱରରେ ୧୫ତମ ସର୍ବଭାରତୀୟ ଶୁକକାଇ କରାଟେ ଚାମ୍ପିଅନ୍‌ସିପ୍ ଅନୁଷ୍ଠିତ ହେବ। ଏଥିପାଇଁ ଗୁଣପୁର ଶାଖା ତରଫରୁ ମାଷ୍ଟର ଲବ ବାଉରୀ, ନିର୍ଦ୍ଦେଶକ ଦେବେନ୍ଦ୍ର ଦୋରା ଓ କୋଚ ଭାବେ ନିରାକାର ଶ୍ରୀକାନ୍ତ ଓ ରାଜେଶ ପୃଷ୍ଟିଙ୍କ ସହ ଜିଲ୍ଲାର ମନୋନୀତ ଖେଳାଳି ମାନସ ରଞ୍ଜନ ସାହୁ, ଜି ଶିଳ୍ପୀ , ଭି:ଅକ୍ସରା ହର୍ଶିତା ଚୌଧୁରୀ , ଜି: ହାର୍ଶିତା , ଆରୁସ ମିଶ୍ର , ଆଦିତ୍ୟ ପାଢି ଓ ରୁଦ୍ରଣ ଦଳେଇ ପ୍ରମୁଖ ଭୁବନେଶ୍ୱର ଗସ୍ତ କରିଛନ୍ତି । ସେମାନେ ଏହି ଖେଳରେ ଭାଗ ନେବା ପାଇଁ ଯାଇଥିବାରୁ ସହରବାସୀ ସେମାନଙ୍କ ସଫଳତା କାମନା କରିଛନ୍ତି।

## ଟେଣ୍ଡର ପରେ ଆରମ୍ଭ ହେଉନି ବ୍ରିଜ୍ କାର୍ଯ୍ୟ

# ଦୁର୍ଦ୍ଦଶା ଭୋଗୁଛନ୍ତି ଅଞ୍ଚଳବାସୀ, ବିଭାଗ ନିରବଦ୍ରଷ୍ଟା



କୋରୁକୋଣ୍ଡା,୨୫ ।୧୨(ସମିସ): ସ୍ଥାନୀୟଲୋକଙ୍କ ଦୀର୍ଘ ଦିନର ଦାବି ଓ ବିଗତ ଦିନରେ ବିଭିନ୍ନ ଖବରକାଗଜରେ ଖବର ପ୍ରକାଶିତ ପରେ ଶେଷରେ ମନ୍ତ୍ରୀପୁଟ ଗ୍ରାମ ଶେଷ ମୁଣ୍ଡରେ ଦେଇ ଯାଇଥିବା ବଡ଼ ନାଳ ଉପରେ ପୋଲ ନିର୍ମାଣ ନିମନ୍ତେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସରକାର ଅନୁଦାନ ମଞ୍ଜୁର ହୋଇ ଟେଣ୍ଡର ପ୍ରକ୍ରିୟା ମଧ ସମ୍ପୂର୍ଣ୍ଣ ହୋଇଯାଇଛି। ଏହି କାମ ପାଇଁ ୧ କୋଟି ୯୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। କିନ୍ତୁ ଦୁଃଖର ବିଷୟ ଅଞ୍ଚଳବାସୀଙ୍କ ଦୀର୍ଘ ଦିନର ଆଶାକୁ ଭାଙ୍ଗି ଦେଇଛନ୍ତି ସମ୍ପୃକ୍ତ ଠିକାଦାର। ଏହି ରାସ୍ତାଟି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ନୀଳାଦ୍ରୀନଗର ଗଣେଶ ମନ୍ଦିରରୁ ଚିତ୍ରକୋଣ୍ଡା ବ୍ଲକ ନୂଆଗୁଡା ପଞ୍ଚାୟତକୁ ଯୋଗାଯୋଗ କରୁଥିବା ବେଳେ ଦୈନିକ ଏହି ରାସ୍ତା ଦେଇ ଶହ ଶହ ବାଇକ୍ ଚାଳକ ଯାତାୟତ କରିଥାନ୍ତି। କିନ୍ତୁ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ସମ୍ପୂର୍ଣ୍ଣ ରାସ୍ତା ନିର୍ମାଣ ହୋଇଥିଲେ ସୁଦ୍ଧା ଏହି ପୋଲଟି ନିର୍ମାଣ ହୋଇ ନଥିବାରୁ ଚାରି ଚକିଆ ଯାନ କିମ୍ବା ଆମ୍ବୁଲାନ୍ସ ଏହି ରାସ୍ତା ଦେଇ ଯାତାୟତ କରି ପାରୁନାହିଁ। ଏହି ପୋଲ ନିର୍ମାଣ ହୋଇ ନଥିବା ହେତୁ ବହୁ ସମୟରେ ଉକ୍ତ ଗ୍ରାମର ରୋଗୀଙ୍କୁ ଭାରରେ ବୁହାହୋଇ ଆଣିବାର ଚିତ୍ର ମଧ ଦେଖିବାକୁ ମିଳିଛି। ବାଇକ୍ ଯୋଗେ ଯାତାୟତ କରିବା ସମୟରେ ବହୁ ସମୟରେ ଏହି ନାଳ ପାର ହେଉଥିବା ବେଳେ କିଛି ବାଇକ୍ ଚାଳକ ଏହି ଛୋଟ ଛୋଟ ପଥରରେ ଛନ୍ଦି ହୋଇ ଦୁର୍ଘଟଣାର ଶିକାର ହୋଇ ଆହତ ହେଉଥିବା ମଧ ନଜିର ରହିଛି। କିନ୍ତୁ ବିଭାଗ ପକ୍ଷରୁ ପୋଲ ନିର୍ମାଣ ନିମନ୍ତେ ସରକାରୀ ଅନୁଦାନ ମଞ୍ଜୁର ହୋଇ ଟେଣ୍ଡର କାର୍ଯ୍ୟ ସାରି ଠିକାଦାର କାର୍ଯ୍ୟ ପାଇଥିଲେ ସୁଦ୍ଧା ଏଯାଏଁ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଉନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଫଳରେ ସ୍ଥାନୀୟ ଅଞ୍ଚଳରେ ଜନ ଅସନ୍ତୋଷ ଘନେଇବାରେ ଲାଗିଛି। ତେଣୁ ତୁରନ୍ତ ଏହି ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ଦାବି କରିଛନ୍ତି ଅଞ୍ଚଳବାସୀ। ବିଭାଗୀୟ କନିଷ୍ଠ ଯନ୍ତ୍ରୀ ରାଜେନ୍ଦ୍ର ମହାକୁଡ଼ କହିଛନ୍ତି ଯେ ଏହି କାମ ଜାନୁଆରୀ ମାସ ସୁଦ୍ଧା ଆରମ୍ଭ ହେବ।



ତୁରୁମୁଙ୍ଗା: ପାଟଣା ବ୍ଲକ ଡୁମୁରିଆ ଭୀମକୁଣ୍ଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଘାଟବାଲିଯୋଡ଼ି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୀତକାଳୀନ ଜାତୀୟ ସେବା ଶିବିର

# ରଗଡ଼ା ଟାପୁରେ ଫସିଛନ୍ତି ୨୫ ଟିକିଆ ହାତୀପଲ

ତେଲକୋଇ, ୨୫।୧୨(ସମିସ): ତେଲକୋଇ ରେଞ୍ଜ କାଳିଆହତା ଫରେଷ୍ଟ ବିଟ ବିରିପାଳ ଗାଁ ନିକଟ ଦଣ୍ଡାଧର ଡ୍ୟାମ ହାଡ଼ିସାହି ରଗଡ଼ା ଟାପୁରେ ଫସି ରହିଛନ୍ତି ୨୫ ଟିକିଆ ହାତୀପଲ। ଟାପୁ ଚାରି ପାଖରେ ପାଣି ଘେରି ରହିଥିବାରୁ ହାତୀ ପଲ ବାହାରି ପାରୁ ନଥିବା ଜଣାପଡିଛି। ସୂଚନା ଅନୁଯାୟୀ, ଗତ ରବିବାର ସଂଧ୍ୟା ପ୍ରାୟ ଆଠଟା ବେଳକୁ ହାତୀ ପଲ ଡ୍ୟାମ ନିକଟ ବିରିପାଳ ଗାଁକୁ ଖାଦ୍ୟ ଅନ୍ୱେଷଣରେ ଆସିଥିବା ବେଳେ ଲୋକେ ହାତୀ ପଲଙ୍କୁ ଘଉଡ଼ାଇବା ପାଇଁ ଟିଣ ଓ ନିଆଁହୁଳା ଦେଖାଇ ସବୁପଟୁ ଘେରି ଯାଇଥିଲେ। ଫଳରେ ଭୟଭୀତ ହୋଇ ହାତୀପଲ ଡ୍ୟାମ ପାଣି ଭିତରେ ପଶି ଯାଇ ଟାପୁକୁ ପଳାଇଗଲେ; ହେଲେ ଆଉ ବାହାରିପାରୁ ନାହାନ୍ତି। ଭୋକ ଉପାସରେ ପାଞ୍ଚ ଦିନ ହେବ ଟାପୁରେ ଫସିରହିଛନ୍ତି। କେବଳ ଦୁଇଜଣ ହାତୀ ସ୍କ୍ୱାଡ କର୍ମଚାରୀଙ୍କୁ ବନବିଭାଗ ଜଗାଇ ଦାୟିତ୍ୱ ସାରି ଦେଇଥିବା ଅଭିଯୋଗ ହୋଇଛି। ହାତୀ ପଲ କିଭଳି ସେଠାରୁ ବାହାରିବେ ସେନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏ ସଂପର୍କରେ ବନାଞ୍ଚଳ ଅଧିକାରୀ ଅଶୋକ କୁମାର ମାଝୀ କହିଲେ ଯେ ସେଠାରେ ମୟୀ ଗଛ, ଘାସ ଖାଇ ରହିଛନ୍ତି। ଆଜି ରାତିରେ ପାରି ହୋଇଯିବେ।



# ଟିପ ଚିହ୍ନ ପାଇଁ ମିଳୁନି ରାସନ୍ ଚାଉଳ

ଚମ୍ପୁଆ,୨୫।୧୨(ସମିସ): ପ୍ରାୟ ୧ ବର୍ଷ ଧରି ଗୋଟିଏ ପରିବାରର ୫ ସଦସ୍ୟ ଚାଉଳ ପାଇବାରୁ ବଞ୍ଚିତ ହୋଇଥିବା ପରିବାର ମୁଖ୍ୟ ସୁମନ୍ତ ମହାନ୍ତ ସୂଚନା ଦେଇଛନ୍ତି। ଚମ୍ପୁଆ ଏନଏସି ଅନ୍ତର୍ଗତ ପାଞ୍ଚପୋଖରୀଆ ଗ୍ରାମର ବନ୍ଧସାହି ଅଞ୍ଚଳର ସୁମନ୍ତ ମହାନ୍ତ ତାଙ୍କ ପତ୍ନୀ ଗୁରୁବାରି ମହାନ୍ତ, ଝିଅ ଚୁମୁକି ମହାନ୍ତ, ମାନି ମହାନ୍ତ, ହିମାଦ୍ରି ମହାନ୍ତ, ଗୀତାଞ୍ଜଳି ମହାନ୍ତ ବର୍ଷେ ପୂର୍ବରୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇ ଚାଉଳ ପାଇଆସୁଥିଲେ। ମାତ୍ର ୧୮.୦୨.୨୦୨୫ ପରେ କେବଳ ଗୁରୁବାରୀ ମହାନ୍ତଙ୍କୁ ଛାଡ଼ି ଦେଲେ ଅନ୍ୟ ୫ ଜଣ ଚାଉଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ଟିପ ଚିହ୍ନ ଦେଇ ମେସିନ ମାଧ୍ୟମରେ ଚାଉଳ ପ୍ରଦାନ କରାଯାଉଥିବା ବେଳେ ଏମାନଙ୍କର ଟିପ ଚିହ୍ନ ମେସିନ ନେଉ ନଥିବାରୁ କେୱାଇସି କରିପାରୁ ନଥିବା ବେଳେ ଆଜିପର୍ଯ୍ୟନ୍ତ ୫ ଜଣ ସଦସ୍ୟ ଜାକ ଚାଉଳ ପାଇପାରୁ ନାହାନ୍ତି। ବର୍ଷେ ପୂର୍ବରୁ ସବୁ ଠିକ ଠାକ ଚାଲିଥିଲା ମାତ୍ର ବର୍ତ୍ତମାନ ମୋର ଓ ମୋ ଛୁଆଙ୍କର ଟିପ ଚିହ୍ନ ପାଇଁ ଆମେ ଚାଉଳରୁ ବଞ୍ଚିତ ଅଛୁ ବୋଲି ସୁମନ୍ତ ସୂଚନା ଦେଉଥିବା ବେଳେ ଜେନେତେନେ ପ୍ରକାରଣ ପରିବାର ପ୍ରତିପୋଷଣ କରିବା ଭାରି କଷ୍ଟଦାୟକ ବୋଲି କହିଛନ୍ତି। ଏନେଇ ଚମ୍ପୁଆ ବିଡିଓ ସ୍ମୃତିରଂଜନ ସାହୁ କହିଛନ୍ତି ଯେ ସେମିତି କୌଣସି ଅଭିଯୋଗ ଆସିନାହିଁ। ଅଭିଯୋଗ ଆସିଲେ ତୁରନ୍ତ ପଦକ୍ଷେପ ନେବା ସହ ଅସହାୟ ପରିବାରକୁ ସହାୟତା ପ୍ରଦାନ କରାଯିବ।



# ଶୀତରେ ଯାଉନି ପରିବା ଦରର ତାତି

ହାଟଡ଼ିହୀ,୨୫।୧୨(ସମିସ): ଶୀତଦିନେ ସକାଳର କଅଁଳ ଖରାରେ ସତେଜ ପରିବା କିଣାକିଣିର ଅନୁଭୂତି ଖୁବ୍ ନିଆରା। ସାଧାରଣତଃ ପରିବା ଦର କମିଥାଏ। ଏହି ସମୟରେ ବିବାହ, ବ୍ରତଘର, ଅଷ୍ଟପ୍ରହରୀ ଆଦି ଅନୁଷ୍ଠାନ ସାଙ୍ଗକୁ ବଣଭୋଜି ସମସ୍ତଙ୍କୁ ଚଳଚଞ୍ଚଳ କରିଦିଏ। ଏଥର ପୂର୍ବଭଳି ପରିବା ଦର ବିଶେଷ ହ୍ରାସ ପାଇନାହିଁ। କମ୍ ଟଙ୍କା ନେଇ ବ୍ୟାଗ୍ ଭର୍ତ୍ତି ପରିବା ମିଳିବ ବୋଲି ହାଟ, ବଜାରକୁ ଗଲେ ଅସ୍ୱାଭାବିକ ଝଟ୍‌କା ଲାଗୁଛି। ଡ଼ିସେମ୍ବର ମାସ ସରିବାକୁ ବସିଲାଣି, ତଥାପି ପରିବା ଦର କମିନି। ସାଧାରଣତଃ ଏହି ସମୟରେ ଫୁଲକୋବି, ବନ୍ଧାକୋବି, ବାଇଗଣ, ବିଲାତି, ଶିମ୍ବ, ଝୁଡ଼ଙ୍ଗ ପ୍ରଭୃତି ପରିବା ଶସ୍ତାରେ ମିଳିଥାଏ, କିନ୍ତୁ ଏସବୁ ପରିବା ଏବେ ଆକାଶ ଛୁଆଁ ଦର। ସେହିପରି ଟମାଟୋ ଶୀତରେ ୨୦ରୁ ୩୦ ଟଙ୍କାରେ ମିଳିବା କଥା, ତାହା ୫୦ରୁ ୬୦ଟଙ୍କାରେ ବିକ୍ରି ହେଉଛି। ଗାଜର, ସିମଲା ମରିଚ, ଗ୍ରିନ୍ ମଟର ଦର ମଧ୍ୟ ୮୦ରୁ ୧୦୦ଟଙ୍କା ରହିଛି। ଏପରିକି ଶାଗ ଓ ଧଣିଆଁପତ୍ର ବିଡ଼ା ମଧ୍ୟ ୨୦ଟଙ୍କାରୁ କମ୍ ନୁହେଁ। ବ୍ୟବସାୟୀଙ୍କ କହିବାନୁଯାୟୀ, ଏଥର ଲଗାଣ ବର୍ଷାର ପ୍ରଭାବ ଯୋଗୁଁ ଓଡ଼ିଶାର ଅନେକ ସ୍ଥାନରେ ଶୀତକାଳୀନ ପରିବା ଚାଷ ନଷ୍ଟ ହୋଇଛି। ସ୍ଥାନୀୟ ଅଞ୍ଚଳରୁ ପନିପରିବା ଅମଳ ହୋଇ ବଜାରକୁ ଆସିବା ବିଳମ୍ବ ହେଉଥିବାରୁ ବାହାର ଅଞ୍ଚଳ ଉପରେ ନିର୍ଭର କରିବାକୁ ପଡୁଛି। ପରିବହନ ଖର୍ଚ୍ଚ ବଢ଼ିବା ଯୋଗୁଁ ଏହାର ସିଧା ପ୍ରଭାବ ଗ୍ରାହକଙ୍କ ପକେଟ୍ ଉପରେ ପଡୁଛି। ଏହିଭଳି ଅବସ୍ଥା ଏବେ ହାଟଡ଼ିହୀ ବ୍ଲକ ଅଧୀନସ୍ଥ ଦୈନନ୍ଦିନ ଛେନାପଦି ପରିବା ବଜାରରେ ମଧ୍ୟ ଦେଖିବାକୁ ମିଳିଛି। ଜଣେ ଗୃହିଣୀଙ୍କ କହିବା କଥା, ପୂର୍ବରୁ ୨୦୦ ଟଙ୍କାରେ ସପ୍ତାହକର ପରିବା ହୋଇଯାଉଥିଲା। ଏବେ ୫୦୦ ଟଙ୍କା ନେଲେ ବି ବ୍ୟାଗ୍ ଭର୍ତ୍ତି ହେଉନି। ଡାଲମା କରିବାକୁ ଚାହିଲେ ବି ଦୁଇଥର ଭାବିବାକୁ ପଡୁଛି। ତେବେ ସ୍ଥାନୀୟ ବ୍ୟବସାୟୀଙ୍କ ମତରେ, ଆସନ୍ତା ୧୫-୨୦ ଦିନ ମଧ୍ୟରେ ସ୍ଥାନୀୟ ବଜାରକୁ ପୂର୍ଣ୍ଣମାତ୍ରାରେ ପନିପରିବା ଆସିବା ଆରମ୍ଭ ହେବ। ଥରେ ସ୍ଥାନୀୟ ପରିବା ଆସିଗଲେ ଦରଦାମ୍ ନିୟନ୍ତ୍ରଣକୁ ଆସିବ। ଶୀତଦିନେ ବଜାରରେ ଫୁଲକୋବିର ମୂଲ୍ୟ କମିବା କଥା କିନ୍ତୁ କିଲୋ ୫୦ରୁ ୬୦ଟଙ୍କାରେ ବିକ୍ରି ହେଉଛି।



# ଦୁର୍ଘଟଣାରେ ଗୁରୁତର ଯୁବକଙ୍କ ମୃତ୍ୟୁ



ହାଟଡ଼ିହୀ,୨୫।୧୨(ସମିସ): ସଡ଼କ ଦୁର୍ଘଟଣାରେ ଗୁରୁତର ଜଣେ ଯୁବକଙ୍କ ଭୁବନେଶ୍ୱରରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ମୃତ୍ୟୁ ହୋଇଛି। ମୃତକ ହେଲେ ଜମ୍ପିରା ହାଇସ୍କୁଲର ଶିକ୍ଷକ ଅଜୟ ପଣ୍ଡାଙ୍କ ଏକମାତ୍ର ପୁତ୍ର ସ୍ନିଗ୍ଧରଞ୍ଜନ ପଣ୍ଡା। ସଡକ ଦୁର୍ଘଟଣାର ଶିକାର ହୋଇଥିବା ବରାଙ୍ଗ ଗାଁର ନବଘନଙ୍କ ଅବସ୍ଥା ମଧ୍ୟ ସଂକଟାପନ୍ନ ରହିଛି। ସୂଚନା ଅନୁସାରେ, ଗତ ୧୫ ତାରିଖ ରାତିରେ ହାଟଡ଼ିହୀ ବ୍ଲକ୍ ଛକ ନିକଟରେ ଦୁର୍ଘଟଣା ଘଟିଥିଲା। ସ୍ନିଗ୍ଧ ଓ ନବଘନ ଏକ ବାଇକ୍ ଯୋଗେ ଛେନାପଦିରୁ ମରେଇଗାଁ ଅଭିମୁଖେ ଯାଉଥିବା ବେଳେ ସମ୍ମୁଖରୁ ଏକ କୁକୁଡ଼ା ବୋଝେଇ ପିକ୍‌ଅପ୍ ଗାଡ଼ି ସହ ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନା ପଠାଇଥିଲେ। ପରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସ୍ନିଗ୍ଧଙ୍କ ମରଶରୀର ଜମ୍ପିରାରେ ପହଞ୍ଚିବା ପରେ ଶୋକାକୁଳ ପରିବେଶରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ବିଭିନ୍ନ ସ୍ଥାନରେ ତୁଳସୀ ପୂଜନ ଦିବସ

କେନ୍ଦୁଝର/ଯୋଡ଼ା,୨୫।୧୨(ସମିସ): ବିପ୍ଳବୀ ଧରଣୀଧର ଭୂୟାଁଙ୍କ ଜନ୍ମମାଟି କୁସୁମିତା ଗାଁରେ ତୁଳସୀ ପୂଜନ ଦିବସ ପାଳିତ ହୋଇଛି। ଗାଁର ସୁଲୋଚନା ପଧାନ, ସୁରୁଚୀ ନାଏକ, ଶାନ୍ତିଲତା ପଧାନ, ଐଶ୍ୱର୍ଯ୍ୟ ସେଠୀ, ଜାହାଜ ନାଏକ, ଲକ୍ଷ୍ମୀ ନାଏକ, ନନ୍ଦିନୀ ସେଠୀ, ଗାୟତ୍ରୀ ପଧାନ, ସୁନାମଣି ପଧାନ ଓ ଅନ୍ୟାନ୍ୟ ଗ୍ରାମବାସୀ ଉପସ୍ଥିତ ଥିଲେ। ଯୋଡା ଖଣି ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରେ ଶ୍ରୀଯୋଗ ବେଦାନ୍ତ ସେବା ସମିତି ଯୋଡ଼ା ଶାଖା ପକ୍ଷରୁ ତୁଳସୀ ପୂଜନ ଦିବସ ପାଳନ କରାଯାଉଛି। ଡିସେମ୍ବର ୨୫ ତାରିଖକୁ ତୁଳସୀ ପୂଜନ ଦିବସ ଭାବେ ୨୦୧୪ରୁ ଏହା ପାଳିତ ହୋଇଆସୁଥିଲା ବେଳେ ବିଦ୍ୟାଳୟଗୁଡ଼ିକରେ ଏନେଇ ସଚେତନ କରାଇବା ଉଦ୍ଦେଶ୍ୟରେ ଏହି ପ୍ରୟାସ କରାଯାଉଥିବା ସମିତି ସଭାପତି କହିଛନ୍ତି। ଏକ ସପ୍ତାହ ପୂର୍ବରୁ ବିଦ୍ୟାଳୟଗୁଡିକରେ ବିଭିନ୍ନ କାର୍ଯ୍ୟକ୍ରମ ହେଉଛି। ଯୋଡା ବସ୍ତି ୟୁପି ସ୍କୁଲ, ତଲକ୍ ହାଟିଂ ୟୁପି ସ୍କୁଲ, ହୀରାକୁଦ କଲୋନୀ ପ୍ରାଇମେରୀ ସ୍କୁଲ, ଯୋଡା ଇଷ୍ଟ୍ ପ୍ରାଇମେରୀ ଓ ଏମଇ ସ୍କୁଲ୍, ଜରୁଡ଼ିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଆଦି ବିଦ୍ୟାଳୟରେ ତୁଳସୀ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତୁଳସୀର ସେବନ କରି ନିଜ ଜୀବନକୁ ସୁସ୍ଥ, ରୋଗମୁକ୍ତ ତଥା ସମୃଦ୍ଧିଶାଳୀ କରିବା ଉଚିତ୍ ବୋଲି ସମିତି ସମ୍ପାଦକ ରଶ୍ମିରଂଜନ ସାହୁ ପ୍ରକାଶ କରିଥିଲେ। ସଭାପତି ପ୍ରକାଶ ମହାପାତ୍ର କହିଥିଲେ ଯେ ତୁଳସୀ ବୃକ୍ଷର ଶକ୍ତି ଦ୍ୱାରା ଏହାର ଚତୁର୍ଦ୍ଦିଗ ପ୍ରାୟ ୨୦୦ ମିଟର ପରିଧିରେ ବାୟୁ ସ୍ୱଚ୍ଛ ଓ ଶୁଦ୍ଧ ରହିଥାଏ। ଗ୍ରହଣ ସମୟରେ ଖାଦ୍ୟ ପଦାର୍ଥରେ ତୁଳସୀପତ୍ର ପକାଇଲେ ସୌରମଣ୍ଡଳର ବିନାଶକାରୀ ଓ ହାନିକାରକ କିରଣର ପ୍ରଭାବ ଖାଦ୍ୟ ଉପରେ ପଡ଼ିବାକୁ ଦିଏ ନାହିଁ।



**● ଅସହାୟ ଅବସ୍ଥାରେ ବଲ୍ଲଭ ଗୁମାନ**

# ନା ଅଛି ବାର୍ଦ୍ଧକ୍ୟ ଭତ୍ତା ନା ଘର ଓ ରାସନ୍

ଆନନ୍ଦପୁର, ୨୫।୧୨(ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ପଞ୍ଚାୟତ ବଡପଦନା ଗ୍ରାମର ବଲ୍ଲଭ ଗୁମାନ (୬୯)। ବୟସର ଅପରାହ୍ନରେ ପହଞ୍ଚିଥିବା ବେଳେ ଆଜି ପର୍ଯ୍ୟନ୍ତ ସରକାରୀ ସହାୟତାରୁ ବଞ୍ଚିତ ରହିଛନ୍ତି। ନା ମିଳୁଛି ରାସନ୍ ନା ମିଳୁଛି ବାର୍ଦ୍ଧକ୍ୟ ଭତ୍ତା ନା ଘର। ପର ଘର ବାରଣ୍ଡା ଓ ବଡପଦନା ଛକର କୌଣସି ଦୋକାନ ବାରଣ୍ଡାରେ ଶୀତକାକରରେ ଅସହାୟ ଅବସ୍ଥାରେ ପଡିରହିଛନ୍ତି। ପୂର୍ବରୁ ବଲ୍ଲଭ ଗୁମାନଙ୍କର ହସଖୁସିର ସଂସାରରେ ସ୍ତ୍ରୀ ଓ ଦୁଇ ପୁଅ ଥିବା ବେଳେ କାଳକ୍ରମେ ସ୍ତ୍ରୀଙ୍କ ମୃତ୍ୟୁ ପରେ ଦୁଇ ପୁଅ ନିଜ ସଂସାର ଚଳାଇବାକୁ ବାହାରେ ରହୁଛନ୍ତି। ଫଳରେ ଏକାକୀ ଏବେ ଅସହାୟ ଅବସ୍ଥାରେ ପଡିରହିଛନ୍ତି ବଲ୍ଲଭ ଗୁମାନ। ବଡପଦନା ଛକର କେହି ଦୋକାନୀ ଭାଇ ଯଦି ଖାଇବାକୁ ଦେଲେ ପେଟ ଭୋକ ମରୁଛି ନହେଲେ ଉପାସ ଭୋକରେ ନିଜ ଭାଗ୍ୟକୁ ଆଦରି ପଡ଼ି ରହୁଛନ୍ତି। ରାମଚନ୍ଦ୍ରପୁର ପଞ୍ଚାୟତର ଲୋକପ୍ରତିନିଧିଙ୍କ ଦୃଷ୍ଟିରେ ଆଜି ପର୍ଯ୍ୟନ୍ତ ବଲ୍ଲଭ ଗୁମାନ ହଜିଯାଇଛନ୍ତି ନା ଜାଣିଶୁଣି ହତାଦର କରାଯାଇଛି ସେନେଇ ପ୍ରଶ୍ନ ଉଠିଛି। ଅନେକ ଥର ଭତ୍ତା ପାଇଁ ପଞ୍ଚାୟତ ଅଧିକାରୀ ଓ ଲୋକପ୍ରତିନିଧିଙ୍କୁ କହିବା ପରେ ମଧ୍ୟ ଆଜି ପର୍ଯ୍ୟନ୍ତ ସରକାରୀ ସହାୟତାରୁ ବଞ୍ଚିତ ରହିଛନ୍ତି। ବଡପଦନା ଗ୍ରାମବାସୀ କେନ୍ଦୁଝର ଜିଲ୍ଲା ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରି ଅସହାୟ ବଲ୍ଲଭ ଗୁମାନଙ୍କୁ ଭତ୍ତା, ରାସନ୍ କାର୍ଡ, ଘର ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି।



# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ




ତୁରୁମୁଙ୍ଗା, ୨୫।୧୨(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସ୍ୱନକ୍ଷତ୍ର ଗଦଗଦିରେ ୨୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଓଡ଼ିଶା ଶିକ୍ଷା ବିକାଶ ସମିତି ପ୍ରାନ୍ତ ଘୋଷ ସଂଯୋଜକ ଜିତୁରାମ ମହାନ୍ତ, ସମ୍ମାନିତ ଅତିଥି ଭାବେ କେନ୍ଦୁଝର ଜିଲ୍ଲା ବିଶ୍ୱ ହିନ୍ଦୁ ପରିଷଦର ମଠ ମନ୍ଦିର ପ୍ରମୁଖ ଭରତଚନ୍ଦ୍ର ମହାନ୍ତ, ମୁଖ୍ୟବକ୍ତା ଭାବରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ମୟୂରଭଞ୍ଜ ବିଭାଗ ସେବା ପ୍ରମୁଖ ଖଗେଶ୍ୱର ମହାନ୍ତ ଯୋଗ ଦେଇଥିଲେ। ବିଦ୍ୟାଳୟର ସଭାପତି ଡମ୍ବରୁଧର ମହାନ୍ତ ସଭା ପରିଚାଳନା କରିଥିବା ବେଳେ ସମ୍ପାଦକ ମନବୋଧ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପୁରୁଜିତ୍ ମୁନି ଅତିଥିଙ୍କ ପରିଚୟ ପ୍ରଦାନ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ୧୯୯୭ରୁ ଏପର୍ଯ୍ୟନ୍ତ ବିଦ୍ୟାଳୟର ଉନ୍ନତି ପାଇଁ ତନ ମନ ଧନ ଅର୍ପଣ କରିଥିବା ପୂର୍ବ ପରିଚାଳନା ସମିତିର ସଦସ୍ୟ ଓ ବର୍ତ୍ତମାନ ପରିଚାଳନା ସମିତିର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସରକାରୀ ବୃତ୍ତିପ୍ରାପ୍ତ ଛାତ୍ରଛାତ୍ରୀ ତଥା କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀ ଏବଂ ବାର୍ଷିକ ପରୀକ୍ଷାରେ ପ୍ରତି ଶ୍ରେଣୀର ସର୍ବୋଚ୍ଚ ଅଙ୍କ ପ୍ରାପ୍ତ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅରୁଣ ଶ୍ରେଣୀଠାରୁ ଦଶମ ଶ୍ରେଣୀ ଯାଏ ୬୨୫ ଜଣ ଶିଶୁ ନୃତ୍ୟ, ଗୀତ, ଅଭିନୟ, ଶାରୀରିକ, ଯୋଗାସନ ଆଦିରେ ଅଂଶଗ୍ରହଣ କରିଥିଲେ।

# ଅମୂଲ୍ୟ ନାଏକଙ୍କ ପରଲୋକ



କେନ୍ଦୁଝର, ୨୫।୧୨(ସମିସ): ପାଟଣା ବ୍ଲକ ବାଉଁଶୁଳୀ ପଞ୍ଚାୟତ ଭଅଁରପୁର ଗ୍ରାମର ଧର୍ମପରାୟଣା ମହିଳା ଅମୂଲ୍ୟ ନାଏକଙ୍କ ପରଲୋକ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୭୧ ବର୍ଷ ବୟସ ହୋଇଥିଲା। ସେ ଜଣେ ପରୋପକାରୀ, ଧର୍ମପରାୟଣା ଓ ସ୍ନେହୀ ମହିଳା ଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ଗୋବର୍ଦ୍ଧନ ନାଏକ, ବଡ଼ଝିଅ ଚନ୍ଦ୍ରିକା ନାଏକ, ଏକମାତ୍ର ପୁତ୍ର ବାବୁଲା ନାଏକ, ବୋହୂ ସ୍ନେହଲତା ନାୟକ, ସାନଝିଅ ଦିବ୍ୟଭାରତୀ ନାଏକ, ଜାମାତା, ନାତିନାତୁଣୀ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ଖବର ପାଇ ଗ୍ରାମର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ତରତରା ଆନ୍ତରାଜ୍ୟ ଫୁଟ୍‌ବଲ: ଫାଇନାଲରେ ଢେଙ୍କାନାଳ

ଆନନ୍ଦପୁର, ୨୫।୧୨ (ସମିସ): ଆନନ୍ଦପୁର ବ୍ଲକ ତରତରାଠାରେ ଚାଲିଥିବା ୨୬ତମ ମା'ତାରିଣୀ ସର୍ବଭାରତୀୟ ଫୁଟବଲ ପ୍ରତିଯୋଗିତାର ପ୍ରଥମ ସେମିଫାଇନାଲ ମ୍ୟାଚରେ ଫ୍ରେଣ୍ଡ୍ସ ପାରଡ଼ାଇଜ ଜଟଣୀ ଭେଟିଥିଲା ପପୁଲାର କ୍ଲବ ଢେଙ୍କାନାଳକୁ। ଖେଳର ପ୍ରଥମାର୍ଦ୍ଧରେ ଜଟଣୀ ଢେଙ୍କାନାଳକୁ ଗୋଟିଏ ଗୋଲ ଦେଇଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ଢେଙ୍କାନାଳ ଗୋଲକୁ ଶୁଝାଇଦେଇଥିଲା। ପେନାଲ୍‌ଟି କିକ୍‌ରେ ପପୁଲାର ଢେଙ୍କାନାଳ ୩-୦ ଗୋଲରେ ପାରାଡ଼ାଇଜ କ୍ଲବକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ରେଫରୀ ପ୍ରସନ୍ନ ନାୟକ, ରାମଚନ୍ଦ୍ର ବେଶ୍ରା, ଲକ୍ଷ୍ମଣ ସୋରେନ, ମାନସ ବିଶ୍ୱାଳ ଖେଳ ପରିଚାଳନା କରିଥିଲେ। ସୁବ୍ରତ ସାମଲ, ବସନ୍ତ ଜେନା, ସୁଶାନ୍ତ ସାମଲ, ଜିତେନ୍ଦ୍ର ସାମଲ, ପ୍ରିୟବ୍ରତ ନାଇକ, ସତ୍ୟବ୍ରତ ନାଇକ, ସୁଶୀଲ ସାମଲ, ଜଗନ୍ନାଥ ସାମଲ, ରାକେଶ ସାମଲ, ସୁରେନ୍ଦ୍ର ନାଇକ, ସୁବ୍ରତ ନାଇକ, ଦୀପ୍ତିରଞ୍ଜନ ବାରିକ, ରବୀନ୍ଦ୍ର ଧଳ ରଞ୍ଜିତ ପାତ୍ର, ସୁଶାନ୍ତ ନାଇକ, ଆକାଶ ନାଇକ, ସୁଶାନ୍ତ ଜେନା, ସତ୍ୟସ୍ୱରୂପ ସାମଲ, ସନ୍ତୋଷ ଧଳ, ଜଗନ୍ନାଥ ବେହେରା, ମନ୍ଦରଧର ଜେନା, ଅଜିତ ଜେନା ସହଯୋଗ କରିଥିଲେ।



# ଜାତୀୟ ତୀରନ୍ଦାଜୀରେ କେନ୍ଦୁଝରର ସୁନିତା ଓ ସାବିତ୍ରୀଙ୍କ କମାଲ୍

କେନ୍ଦୁଝର, ୨୫।୧୨(ସମିସ):

ଛତିଶଗଡ଼ର ରାଏପୁରଠାରେ ସଦ୍ୟସମାପ୍ତ ଏନଟିପିସି ଜାତୀୟ ଜୁନିଅର ତୀରନ୍ଦାଜ ପ୍ରତିଯୋଗିତାର ୪୫ତମ ସଂସ୍କରଣରେ କେନ୍ଦୁଝର କ୍ରୀଡ଼ା ଛାତ୍ରାବାସର ଝିଅ ସୁନିତା ନାଏକ ଓ ସାବିତ୍ରୀ ପାତ୍ର ରିଜର୍ଭ ରାଉଣ୍ଡ ଟିମ ଇଭେଣ୍ଟରେ ତୃତୀୟ ସ୍ଥାନ ଅଧିକାର କରି କାଂସ୍ୟ ପଦକ ଜିତିବା ସହ ସମଗ୍ର ରାଜ୍ୟ ତଥା ଜିଲ୍ଲା ପାଇଁ ଗୌରବ ବୃଦ୍ଧି କରିଛନ୍ତି। ଓଡ଼ିଶା ଟାଟା ତୀରନ୍ଦାଜ ଏକାଡେମୀ ଉଚ୍ଚ ପ୍ରଦର୍ଶନ କେନ୍ଦ୍ରର ଦୁଇ କାଡେଟ ସୁନିତା ଓ ସାବିତ୍ରୀ କେନ୍ଦୁଝର ଶଙ୍କରପୁରସ୍ଥିତ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ରହି ନିଜର ଅଭ୍ୟାସ ଜାରି ରଖିଥିଲେ। ଡିସେମ୍ବର ୨୨ରୁ ୩୦ ଚାଲିଥିବା ଏହି ପ୍ରତିଯୋଗିତାରେ ସେମାନେ ଏହି ସଫଳତା ହାସଲ କରିଛନ୍ତି। ଏହି ଦଳରେ କିଟସ ଭୁବନେଶ୍ୱରରୁ ମାନସ୍ୱରୀ ହାଁସଦା ଓ ସୁନ୍ଦରଗଡ଼ରୁ ମମିତା ଓରାମ ମଧ୍ୟ ଓଡ଼ିଶା ଦଳକୁ ପ୍ରତିନିଧିତ୍ୱ କରିଥିଲେ। କାଂସ୍ୟ ପଦକ ହାସଲ କରିବା ପାଇଁ ଓଡ଼ିଶା ଦଳ ଉତ୍ତର ପ୍ରଦେଶ ଦଳକୁ ପରାଜିତ କରିଥିଲା। ଏହି ଉପଲବ୍ଧି ଉପଲକ୍ଷେ ଟାଟା ଷ୍ଟିଲ୍‌ର ସ୍ପୋର୍ଟସ୍ ଚିଫ୍ ମୁକୁଳ ବିନାୟକ ଚୌଧୁରୀ, ଟାଟା ଷ୍ଟିଲ୍ ସ୍ପୋର୍ଟସ୍ ହେଡ୍ ହେମନ୍ତ ଗୁପ୍ତା, ଟାଟା ଷ୍ଟିଲ୍ ସ୍ପୋର୍ଟସ୍ ବିଭାଗର ଆକାଶ, ଓଡ଼ିଶା ଟାଟା ଆର୍ଚେରୀ ଉଚ୍ଚ ପ୍ରଦର୍ଶନ କେନ୍ଦ୍ରର ହେଡ୍ କୋଚ୍ ବିକାଶ ଉପାଧ୍ୟାୟ, ଓଡ଼ିଶା ଆର୍ଚେରୀ ସଂଘର ସଚିବ ସମ୍ପୂର୍ଣ୍ଣାନନ୍ଦ ଦାସ, ଓଡ଼ିଶା କ୍ରୀଡ଼ା ବିଭାଗର ସମସ୍ତ କର୍ମକର୍ତ୍ତା, କେନ୍ଦୁଝର ଜିଲ୍ଲା କ୍ରୀଡ଼ା ଅଧିକାରୀ ସରୋଜ କୁମାର ମଲ୍ଲିକ, କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ସାଧାରଣ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ ତଥା ଆସୋସିଏସନ୍‌ର ସମସ୍ତ ସଦସ୍ୟ, ଧରଣୀଧର ସ୍ପୋର୍ଟସ୍ କମ୍ପ୍ଲେକ୍ସର ସମସ୍ତ କର୍ମଚାରୀ, ଓଡ଼ିଶା ଟାଟା ଆର୍ଚେରୀ ଉଚ୍ଚ ପ୍ରଦର୍ଶନ କେନ୍ଦ୍ର ଏବଂ କର୍ମକର୍ତ୍ତାମାନେ ଖେଳାଳିଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ସୁନିତା ଏବଂ ସାବିତ୍ରୀ କେନ୍ଦୁଝରରେ ପହଞ୍ଚିବା ପରେ ଜିଲ୍ଲା କ୍ରୀଡା ସଂସ୍ଥା ପକ୍ଷରୁ କୋଷାଧ୍ୟକ୍ଷ ସରୋଜ ରଣା ଓ କାଉନସିଲ ସଦସ୍ୟ ଗିରିଶଚନ୍ଦ୍ର ହୋତା ସ୍ୱାଗତ କରିଥିଲେ। ସାଧାରଣ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ ଆଭାସୀ ମାଧ୍ୟମରେ ସେମାନଙ୍କୁ ପୁରୀରୁ ଶୁଭ କାମନା କରିଥିଲେ।



# ବିଶ୍ୱ ବିନାୟକ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ



ତୁରୁମୁଙ୍ଗା, ୨୫।୧୨(ସମିସ): ପାଟଣା ବ୍ଲକ ଖିରେଇଟାଙ୍ଗିରିସ୍ଥିତ ବିଶ୍ୱ ବିନାୟକ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ 'କଳିକା–୨୦୨୫' ଅନୁଷ୍ଠିତ ହୋଇଯାଇଛି। ୧୫୦ ବର୍ଷ ପୂର୍ତ୍ତି ଅବସରରେ ବନ୍ଦେ ମାତରମ ଗାନ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ସମ୍ମାନିତ ଅତିଥି ଭାବେ ଖିରେଇଟାଙ୍ଗିରୀ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ, କ୍ରୀଡ଼ା ଶିକ୍ଷକ ଗଙ୍ଗାଧର ମହାନ୍ତ, ସାମାଜିକ କର୍ମୀ କମଳ ଲୋଚନ ମହାନ୍ତ, ଗଣେଶ୍ୱର ନାୟକ, ସୁନୀଲ ମହାନ୍ତ, ପ୍ରହଲ୍ଲାଦ ମହାନ୍ତ, ପ୍ରଶାନ୍ତ ମହାନ୍ତ, ବିଜୟ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ସୁନିତା ମହାନ୍ତ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ବିଦ୍ୟାଳୟର ନିର୍ଦ୍ଦେଶକ ରବିନାରାୟଣ ମହାନ୍ତ ଧନ୍ୟବାଦ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ବଁଅରପାଳ ପଞ୍ଚାୟତ ସମିତି ବୈଠକ



**ବଁଅରପାଳ,୨୫ ।୧୨(ସମିସ):** ବଁଅରପାଳ ପଞ୍ଚାୟତ ସମିତିର ଅଷ୍ଟମ ସାଧାରଣ ବୈଠକ ବୁଧବାର ବ୍ଲକ୍ କାର୍ଯ୍ୟାଳୟ ସଭାଗୃହରେ ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି । ଏଥିରେ ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ତପନ କୁମାର ଦେବତା, ଅନୁଗୋଳ ବିଧାୟକଙ୍କ ପ୍ରତିନିଧି ଛବି ମହୋନ ସାହୁ, ବିଡିଓ ଲୋଚନ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ । ଆଗାମୀ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ପ୍ରତି ପଞ୍ଚାୟତରେ ପାନୀୟ ଜଳ ଯୋଗାଣ ସହ ପରିମଳ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା । ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ସମ୍ବନ୍ଧରେ ବିଡିଓ ବିସ୍ତୃତ ଆଲୋଚନା କରିଥିଲେ । ଏହି ଯୋଜନାର ମାର୍ଗଦର୍ଶିକା ଓ ପଞ୍ଚାୟତ ୱାରି ବାର୍ଷିକ ଓ ପଞ୍ଚବାର୍ଷିକ ଯୋଜନା କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବା ପାଇଁ ସରକାରଙ୍କ ଦ୍ୱାରା ଦିଆଯାଇଥିବା ଆର୍ଥିକ ଲକ୍ଷ୍ୟ ସମ୍ବନ୍ଧରେ ଅବଗତ କରି ଏହାର ୨, ୫ ଗୁଣ ଅନୁଦାନ ପାଇଁ ପ୍ରକଳ୍ପ ଅନୁମୋଦନ କରିବାକୁ ଅନୁରୋଧ କରିଥିଲେ । ପ୍ରତ୍ୟେକ ପଞ୍ଚାୟତରୁ ଗ୍ରାମସଭା ମାଧ୍ୟମରେ ଆସିଥିବା ପ୍ରକଳ୍ପ ତାଲିକାରୁ ମାର୍ଗଦର୍ଶିକା ଅନୁସାରେ ଗୃହୀତ ହେଉ ନ ଥିବା ପ୍ରକଳ୍ପକୁ ବାଦ ଦେଇ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବା ପାଇଁ ସଭାକୁ ଅନୁରୋଧ କରିଥିଲେ । ସ୍ୱାସ୍ଥ୍ୟ, ପ୍ରାଣୀସମ୍ପଦ, ମହିଳା ଏବଂ ଶିଶୁବିକାଶ, ଶିକ୍ଷା, ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା । ଜିପିଡିଓ ସତ୍ୟବ୍ରତ ପ୍ରଧାନ ବିଭିନ୍ନ ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ ।

ଗାଡ଼ି ପଲ୍ୟୁସନ୍ ପାଇଁ ଦଣ୍ଡ ୧୦ ହାଜର

# ଖଣି, କଳକାରଖାନା କରୁଥିବା ପ୍ରଦୂଷଣ ଫାଇନ୍ କେତେ?

**ତାଳଚେର,୨୫ ।୧୨(ସମିସ):** ଯେକୌଣସି ଗାଡ଼ିର ପଲ୍ୟୁସନ୍ ସାର୍ଟିଫିକେଟ୍ ନ କରି ରାସ୍ତାରେ ଚାଲିଲେ ପରିବହନ ବିଭାଗ ବାଇକ୍ ହେଉକି ବଡ଼ ଗାଡ଼ି, ମାଲିକଙ୍କଠାରୁ ୧୦ ହଜାର ଟଙ୍କା ଜରିମାନା ଦେବେ ବୋଲି ନିୟମ ରହିଛି । ମାତ୍ର ଏଠାରେ ମୁଣ୍ଡ ଟେକିଥିବା ଏକାଧିକ କୋଇଲା ଖଣି ସମେତ କଳକାରଖାନାଗୁଡ଼ିକ ଦୀର୍ଘବର୍ଷ ଧରି ଯେଉଁ ପ୍ରଦୂଷଣ କରିଆସୁଛନ୍ତି, ଜଳ, ସ୍ଥଳ, ବାୟୁ ମଣ୍ଡଳ ଆଦି ପ୍ରଦୂଷିତ ହେଉଛି, ସେମାନଙ୍କ ପାଇଁ ଜରିମାନା କେତେ ବୋଲି ପ୍ରଦୂଷଣରେ ଜର୍ଜରିତ ତାଳଚେର ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି ।

ତାଳଚେର ଓ କଣିହାଁ ଅଞ୍ଚଳରେ ହଜାର ହଜାର ଏକର ଜମି ନେଇ ତାଳଚେରରେ ୯ଟି କୋଇଲା ଖଣି ଥିବା ବେଳେ କଣିହାଁରେ ଗୋଟିଏ କୋଇଲା ଖଣି ଗଢ଼ି ଉଠିଛି । ଏହି କୋଇଲା ଖଣିଗୁଡ଼ିକରୁ ମାଟିକୁ କାଢ଼ି ନେବାପରେ ମାଟିତଳୁ ଦୈନନ୍ଦିନ ଲକ୍ଷଲକ୍ଷ ଟନ୍ କୋଇଲା ଉତ୍ପାଦନ କରାଯାଇଥାଏ । ଟ୍ରକ ଓ ଟ୍ରେନ୍ ଯୋଗେ ଏହି କୋଇଲାକୁ ବାହାରକୁ ରପ୍ତାନୀ କରାଯାଏ । ଦୈନିକ ୫ହଜାରୁ ଉର୍ଦ୍ଧ୍ୱ ଟ୍ରକ ଯୋଗେ ଓ ୮୦ରୁ ୯୦ଟି ୱାଗନ ଟ୍ରେନ୍ ଯୋଗେ କୋଇଲା ପରିବହନ କରାଯାଇଥାଏ । ଫଳରେ କୋଇଲା ସମେତ ଟ୍ରକ ଓ ଟ୍ରେନ୍ ଯୋଗେ ଯାତାୟାତ ରାସ୍ତା ବ୍ୟାପକ କୋଇଲା ଗୁଣ୍ଡ ଓ ପାଉଁଶ ମିଶ୍ରିତ ଧୂଳିଧୂଆଁରେ ଦିନ ସାଜିଥାଏ ରାତି । ଏଥିସହ କୋଇଲା ଖଣି ଖାତଗୁଡ଼ିକରେ ଏନଟିପିସି, ଭୂଷଣରୁ ଦୈନିକ କିଏ ପାଇପ୍ ଯୋଗେ ତ କିଏ ଟ୍ରକ ଯୋଗେ ଏହି କୋଇଲା ଖଣିର ଖାତଗୁଡ଼ିକରେ ପକାଇଥାନ୍ତି । ଫଳରେ ଆଜି ଜଳ, ସ୍ଥଳ, ବାୟୁ ଏଥିପାଇଁ ପ୍ରଦୂଷିତ । ଏହାଦ୍ୱାରା ତାଳଚେର ସମେତ ଏହାର ଆଖାପାଖ ଅଞ୍ଚଳ ପାଖାପାଖି ୨୦କିମି ବ୍ୟାପୀ କୋଇଲା ଗୁଣ୍ଡ ମିଶ୍ରିତ ଧୂଳିଧୂଆଁ ପାଉଁଶ ପ୍ରଦୂଷଣରେ ଅଞ୍ଚଳବାସୀ ଅଣନିଃଶ୍ୱାସୀ ହୋଇ ବିଭିନ୍ନ ମାରାତ୍ମକ ରୋଗର ଶିକାର ହୋଇ କେହି ଆରପାରିକୁ ଯାଇଥିବା ବେଳେ ଆଉ କେହି ଜୀବନ ସହ ସଂଗ୍ରାମ ଚଳାଇଥିବା ଘଟଣା ଘଟି ଚାଲିଛି । ଏହି ବ୍ୟାପକ ପ୍ରଦୂଷଣ ପାଇଁ ୩୦ରୁ ୪୦ବର୍ଷ ମଧ୍ୟରେ ଯୁବକମାନେ ଟିବି, ହୃଦଘାତ,



କିଡ୍‌ନୀ, କର୍କଟ, ଚକ୍ଷୁ, ଲଙ୍ଗସ ଭଳି ମାରାତ୍ମକ ରୋଗରେ ପୀଡ଼ିତ ହୋଇ ଜୀବନ ହାରି ଦେଉଛନ୍ତି । ତେବେ ଏଠାରେ ପ୍ରଶ୍ନ ଉଠେ ତାଳଚେରରେ ଗଢ଼ି ଉଠିଥିବା କୋଇଲା ଖଣି ସମେତ ଅନେକ କଳକାରଖାନା ଏତେଶୟ ପ୍ରଦୂଷଣ କରି ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଥିଲେ ମଧ୍ୟ ଅନୁଗୋଳ ଜିଲ୍ଲା ସମେତ ରାଜ୍ୟ ଓ କେନ୍ଦ୍ରରେ ପଲ୍ୟୁସନ୍ ବୋର୍ଡ ଥାଇ କରୁଛି କ'ଣ? ଏଠି କୋଇଲା ଖଣି ଓ କଳକାରଖାନା କରୁଥିବା ପ୍ରଦୂଷଣ ପାଇଁ କେତେ ଟଙ୍କା ଫାଇନ ଦେବେ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ଟ୍ରାକ୍ଟର ଧକ୍କାରେ ଶିଶୁ ମୃତ; ମା' ଗୁରୁତର

**କିଶୋରନଗର,୨୫ ।୧୨(ସମିସ):** କିଶୋରନଗର ଥାନା କରମଲକଟା ଗାଁରେ ଗୁରୁବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଛି । ଟ୍ରାକ୍ଟର ଧକ୍କାରେ ଶିଶୁପୁତ୍ରର ମୃତ୍ୟୁ ହୋଇଥିବା ବେଳେ ତାଙ୍କ ମା' ଗୁରୁତର ଆହତ ହୋଇଛନ୍ତି । ମା'-ପୁଅ ଡ୍ରେନ କଡ଼ରେ ବସିଥିବା ବେଳେ ଏକ ଟ୍ରାକ୍ଟର ଆସି ସେମାନଙ୍କ ଉପରେ ଚଢ଼ିଯାଇଥିଲା । ଘଟଣାସ୍ଥଳରେ ପୁଅ ଶ୍ରୀରାମ ଦେହୁରୀ (୪)ଙ୍କ ମୃତ୍ୟୁ ଘଟିଥିଲା । ମା'ଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି । ପୁଲିସ ଟ୍ରାକ୍ଟର ଜବତ କରିବା ସହ ଚାଳକ ଅନୀଲ ଦେହୁରୀଙ୍କୁ ଗିରଫ କରିଛି ।

# ସେବା କାର୍ଯ୍ୟରେ ୩୦ ବର୍ଷ ପୂର୍ଣ୍ଣ କଲେ କ୍ଷୀରୋଦ

**ଅନୁଗୋଳ ସହର,୨୫ ।୧୨(ସମିସ):** ତାଳଚେର ବ୍ଲକ ଘଣ୍ଟପଡ଼ା ଗ୍ରାମର ସ୍ୱର୍ଗତ ଦୁର୍ଯ୍ୟୋଧନ ସାହୁ ଓ ମାଳତୀ ସାହୁଙ୍କ ପୁଅ କ୍ଷୀରୋଦ ସାହୁ ସାମାଜିକ କାର୍ଯ୍ୟ କ୍ଷେତ୍ରରେ ୩୦ ବର୍ଷ ପୂର୍ଣ୍ଣ କରିଛନ୍ତି । ମାତ୍ର ୧୯ ବର୍ଷ ବୟସରେ ୧୯୯୫





ମସିହାରେ ପ୍ରଥମେ ସେ ସ୍ଥାନୀୟ ବଲଣ୍ଡା ନିକଟ ବଗାଧର କୁଷ୍ଠ କଲୋନୀରେ ରୋଗୀଙ୍କ ସ୍ୱାସ୍ଥ୍ୟସେବା ଓ ସେମାନଙ୍କ ପିଲାମାନଙ୍କୁ ଶିକ୍ଷାଦାନ କରି ସାମାଜିକ କାର୍ଯ୍ୟ ଆରମ୍ଭ କରିଥଲେ । ପରେ ସେଣ୍ଟ୍ରାଲ ହସ୍ପିଟାଲରେ ରୋଗୀମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ବୁଝି ଡାକ୍ତରଙ୍କ ସହ କଥା ହୋଇ ଉତ୍ତମ ଚିକିତ୍ସା ନିମନ୍ତେ ରକ୍ତ ଯୋଗାଡ଼, ସ୍ଥାନାନ୍ତରିତ ରୋଗୀଙ୍କ ସହିତ ଯାଇ କଟକ ଓ ଭୁବନେଶ୍ୱରର ବିଭିନ୍ନ ମେଡିକାଲରେ ଭର୍ତ୍ତି କରିବାରେ ସହଯୋଗ କରିଥାନ୍ତି । ତାଳଚେରରେ ଥିବା ଆଦିବାସୀ ବସ୍ତିକୁ ଯାଇ ପିଲାମାନେ କିପରି ପାଠ ପଢ଼ିବା ପାଇଁ ବିଦ୍ୟାଳୟକୁ ଯାଇପାରିବେ ସେ ନେଇ ସଚେତନ କରିଥାନ୍ତି । ଏହାସହ ଚାରା ରୋପଣ କରି ପରିବେଶ ସୁରକ୍ଷା ଦିଗରେ ମଧ୍ୟ ତାଙ୍କର ଯଥେଷ୍ଟ ଅବଦାନ ରହିଛି । ଆଠମଲ୍ଲିକ ବସ ଦୁର୍ଘଟଣା, କଟକ ମହାନଦୀରେ ମହାରାଜ ବସ ଦୁର୍ଘଟଣା ଓ ବାଲେଶ୍ୱର ବାହାନଗା ରେଳ ଦୁର୍ଘଟଣାସ୍ଥଳରେ ପହଞ୍ଚି ସହଯୋଗ କରିବା ସହ ରୋଗୀଙ୍କୁ ମାଗଣା ଅକ୍ସିଜେନ୍ ଯୋଗାଇବା, ଗରିବ ବ୍ୟକ୍ତିଙ୍କୁ ମାଗଣା ଚକ୍ଷୁ ଅସ୍ତ୍ରୋପଚାର, ଭିନ୍ନକ୍ଷମ ବ୍ୟକ୍ତିଙ୍କୁ କୃତ୍ରିମ ଗୋଡ଼, ଆଶାବାଡ଼ି ପ୍ରଦାନରେ ସହଯୋଗ କରି ଆସୁଛନ୍ତି । ଦୁର୍ଘଟଣାଗ୍ରସ୍ତ ପଶୁପକ୍ଷୀଙ୍କ ଚିକିତ୍ସା କରିବା ସହିତ ବନ୍ୟା, ବାତ୍ୟା ସମୟରେ ପହଞ୍ଚି ଖାଦ୍ୟ ବଣ୍ଟନ ମଧ୍ୟ କରିଥାନ୍ତି । ଅଚିହ୍ନା ଶବ ସତ୍କାର କରିବା ସହ କରୋନା ମହାମାରୀ ସମୟରେ ଘର ଘର ବୁଲି ଅକ୍ସିମିଟରରେ ଅକ୍ସିଜେନ ସାଚୁରେସନ ମାପିବା, ମାସ୍କ ବଣ୍ଟନ ଆଦି ଅନେକ କାର୍ଯ୍ୟ କରିଛନ୍ତି । ଦୀର୍ଘ ୩୦ ବର୍ଷ ସାମାଜିକ କାର୍ଯ୍ୟ କରି ବିଭିନ୍ନ ସମୟରେ ସେ ପୁରସ୍କୃତ ମଧ୍ୟ ହୋଇଛନ୍ତି । ଆଗାମୀ ଦିନରେ ଅବହେଳିତ ଲୋକଙ୍କ ସେବା ଜାରି ରହିବ ବୋଲି ସେ କହିଛନ୍ତି ।

## ଶୀତରେ ଥରୁଛି ସାରା ତାଳଚେର



**ତାଳଚେର,୨୫ ।୧୨(ସମିସ):** ରାତିରେ ପାରଦ ତଳମୁହାଁ ରହୁଥିବା ବେଳେ ଲୋକେ ଶୀତକାକରରେ ଘରୁ ଗୋଡ଼ କାଢ଼ିବାକୁ ଉଚିତ ମନେକରୁ ନାହାନ୍ତି । ଗତବର୍ଷ ତୁଳନାରେ ଚଳିତବର୍ଷ ଶୀତର ପ୍ରକୋପ ଅଧିକ ରହିଥିବା କୁହାଯାଉଛି । ଆଉ ଦୁଇଦିନ ମଧ୍ୟରେ ଶୀତର ବୃଦ୍ଧି ସହ ପୂର୍ବ ରେକର୍ଡ ଭାଙ୍ଗିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ଶୀତ ସହ ସନ୍ଧ୍ୟାରୁ ଘନ କୁହୁଡ଼ି ମଧ୍ୟ ଦେଖିବାକୁ ମିଳୁଛି । ସନ୍ଧ୍ୟା ୭ଟା ପରେ ଓ ସକାଳ ୮ଟା ପର୍ଯ୍ୟନ୍ତ ଘରୁ ଗୋଡ଼ କାଢ଼ିବା ସମ୍ଭବ ହେଉନାହିଁ । ତାଳଚେର ଅଞ୍ଚଳରେ ଶ୍ୱାସରୋଗୀ ଅଧିକ ରହୁଥିବା ବେଳେ ଜଳବାୟୁ, ଧୂଳିଧୂଆଁ ଓ ଶୀତପ୍ରକୋପ ଯୋଗୁଁ ସେମାନଙ୍କ ଜୀବନ ଦୁର୍ବିସହ ହୋଇପଡୁଛି । ଅନୁଗୋଳରେ ଗତବର୍ଷ ଡିସେମ୍ବର ୨୪ରେ ସର୍ବନିମ୍ନ ତାପମାତ୍ରା ୧୨.୬ ଡିଗ୍ରୀ ରହିଥିବା ବେଳେ ଚଳିତବର୍ଷ ୯.୬ ଡିଗ୍ରୀ ସେଲସିଅସ୍ ରେକର୍ଡ କରାଯାଇଛି ।

ଅଟଳ ସ୍ମୃତି ସମ୍ମିଳନୀ ପାଳିତ

## 'ଅଟଳ ଥିଲେ ଭାରତୀୟ ଗଣତନ୍ତ୍ରର ଜୀବନ୍ତ ପ୍ରତୀକ'

**ଅନୁଗୋଳ,୨୫ ।୧୨(ସମିସ):** ଅନୁଗୋଳ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳବିହାରୀ ବାଜପେୟୀଙ୍କ ୧୦୧ତମ ଜନ୍ମଦିନ ଅବସରରେ ଅଟଳ ସ୍ମୃତି ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ମୁଖ୍ୟଅତିଥି ଭାବେ ଯୋଗଦେଇ ଅଟଳଜୀ କେବଳ ଜଣେ ପ୍ରଧାନମନ୍ତ୍ରୀ ନୁହେଁ, ସେ ଥିଲେ ଭାରତୀୟ ଗଣତନ୍ତ୍ରର ଜୀବନ୍ତ ପ୍ରତୀକ ବୋଲି କହିଥିଲେ । ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ ସମ୍ମିଳନୀରେ ଅଧ୍ୟକ୍ଷତା କରି ବାଜପେୟୀଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ



ମଧ୍ୟରେ ପ୍ରାକ୍ତନ ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର, ବରିଷ୍ଠ ନେତା ଦିଲୀପ ପ୍ରଧାନ, ଜିଲ୍ଲା ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ, ଗୋପବନ୍ଧୁ ଗଡ଼ନାୟକ, ସୁଜାତା ଦାସ, ବସନ୍ତ ମଞ୍ଜୁରୀ ପ୍ରଧାନ, ସରୋଜ ଜେନା, ଅର୍ଜୁନ କିସ୍କୁ, ଦିଲୀପ ଦାସ, ଜିଲ୍ଲା ପରିଷଦ ସଭ୍ୟ ଯଶୋବନ୍ତ ବେହେରା, ପ୍ରକାଶ ସିଂହ, ବିଭୂତି ସାହୁ, ପ୍ରସନ୍ନ ନାଏକ, ରୁଚିର ନନ୍ଦ, ସରିତା ମିଶ୍ର, ମିଲାପ ପ୍ରଧାନ, ପବନ ମାଣ୍ଡୋଟିଆଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## ସୁଶାସନ ସପ୍ତାହରେ ଉପଖଣ୍ଡସ୍ତରୀୟ କର୍ମଶାଳା

**ତାଳଚେର,୨୫ ।୧୨(ସମିସ):** ଡିସେମ୍ବର ୧୯ରୁ ୨୫ ପର୍ଯ୍ୟନ୍ତ ପାଳିତ ହେଉଥିବା ସୁଶାସନ ସପ୍ତାହ ଅବସରରେ ତାଳଚେର ଉପଖଣ୍ଡ ସ୍ତରରେ ଏକ କର୍ମଶାଳା ଆୟୋଜିତ ହୋଇଛି । ଉପଖଣ୍ଡ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଆୟୋଜିତ କର୍ମଶାଳାରେ ସୁଶାସନ, ପ୍ରଶାସନିକ ସ୍ୱଚ୍ଛତା ଓ ଜନସେବାର ଗୁଣାତ୍ମକ ମାନ ବିଷୟରେ ଆଲୋଚନା କରାଯାଇଥିଲା । ଡେପୁଟି



କଲେକ୍ଟର ମାନସ ରଞ୍ଜନ ସେଠ, ସହକାରୀ ଜିଲ୍ଲାପାଳ ନିବେଦିତା ନାୟକ, ସହକାରୀ ଯୋଗାଣ ଅଧିକାରୀ ଲିପ୍ସାରାଣୀ ରାଉତ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ନଗେନ ଶତପଥୀ ଉପସ୍ଥିତ ରହି ସୁଶାସନର ଲକ୍ଷ୍ୟ ଓ ସରକାରୀ ଯୋଜନାଗୁଡ଼ିକୁ ଲୋକଙ୍କ ପାଖରେ ପହଞ୍ଚାଇବା ଉପରେ ଆଲୋକପାତ କରିଥିଲେ ।

## ଜିଲ୍ଲାସ୍ତରୀୟ 'ସୁଶାସନ ଦିବସ' ପାଳିତ



**ଅନୁଗୋଳ,୨୫ ।୧୨(ସମିସ):** ଗୁରୁବାର ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ସୁଶାସନ ଦିବସ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ପାଳିତ ହୋଇଛି । ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସଶକ୍ତ ଭାରତ ଗଠନରେ ବାଜପେୟୀଙ୍କ ଅତୁଳନୀୟ ଅବଦାନ ରହିଛି ବୋଲି କହିଥିଲେ । ବାଜପେୟୀ କେବଳ ଜଣେ ବିଚକ୍ଷଣ ରାଜନେତା ନ ଥିଲେ ବରଂ ରାଜନୀତିରେ ନୈତିକତା, ସ୍ୱଚ୍ଛତା ଏବଂ ଆଦର୍ଶର ସେ ଥିଲେ ପ୍ରତୀକ । ତାଙ୍କ ଶାସନର ମୂଳମନ୍ତ୍ର ଲୋକସେବା ଥିଲା ବୋଲି ଅତିରିକ୍ତ ଜିଲ୍ଲାପାଳ କହିଥିଲେ । ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରଶାସକ ଡ. ଧରଣୀଧର ନାଥ ଯୋଗଦେଇ ବାଜପେୟୀଙ୍କ ଜୀବନୀର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରବମୟ ପ୍ରଧାନ, ଅନୁଗୋଳ ତହସିଲଦାର ଆଲୋକ କୁମାର ଦେହୁରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି ଯୋଗଦେଇ ବାଜପେୟୀଙ୍କ ଜୀବନୀ ଓ ନୀତିଆଦର୍ଶ ଆଗାମୀ ପିଢ଼ି ପାଇଁ ପ୍ରେରଣଦାୟକ ହେବ ବୋଲି କହିଥିଲେ । ଏହି ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଜିତ୍ ଧଳ ଧନ୍ୟବାଦ ଅର୍ପଣ କରିଥିଲେ । ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନମ୍ ସ୍ମିତା ସାହୁ, ସମାଜ ମଙ୍ଗଳ ଅଧିକାରିଣୀ ବିଜୟଲକ୍ଷ୍ମୀ ନିଶାଙ୍କଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ଛାତ୍ରଛାତ୍ରୀ ଓ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ ।

# ଠାକୁରଗଡ଼ରେ ରକ୍ତଦାନ ଶିବିର

**କିଶୋରନଗର,୨୫ ।୧୨(ସମିସ):** ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଲକ୍ଷ୍ମୀ ବଜାର କମିଟି ଆନୁକୂଲ୍ୟରେ ଲକ୍ଷ୍ମୀ ମଣ୍ଡପରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ୩୫ ୟୁନିଟ ରକ୍ତ ସଂଗ୍ରହ କରାଯାଇ ଆଠମଲ୍ଲିକ ରକ୍ତକେନ୍ଦ୍ରକୁ ପ୍ରଦାନ କରାଯାଇଛି । ଆଠମଲ୍ଲିକ



ଏସଡିପିଓ ସୁଶାନ୍ତ କୁମାର ତାଉଡିଆ, ଆଠମଲ୍ଲିକ ଓକିଲ ସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର, ରକ୍ତଦାତା ସଂଘ ସଭାପତି ଶତ୍ରୁଘ୍ନ ସାହୁ, ସମାଧାନର ସମ୍ପାଦକ ବିନୟ ପଟ୍ଟନାୟକ, ଲକ୍ଷ୍ମୀ ବଜାର ପୂଜା କମିଟି ସଭାପତି ସନ୍ତୋଷ କୁମାର ସାହୁ ଉପସ୍ଥିତ ରହି ଶିବିରକୁ ଉଦଘାଟନ କରିଥିଲେ । ଆଠମଲ୍ଲିକ ରକ୍ତକେନ୍ଦ୍ରର ଡା. କୁମାର ସୌରଭ ସବ୍ୟସାଚୀ ବେଉରା ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ବେଳେ ଟେକ୍ନିସିଆନ ମୁକେଶ କୁମାର ଦେହୁରୀ, ସୁଶାନ୍ତ ସାହୁ, ନର୍ସ ଅଫିସର ପ୍ରିୟଦର୍ଶିନୀ ସାହୁ ରକ୍ତ ସଂଗ୍ରହ କରିଥିଲେ । ଅଫିସ କର୍ମଚାରୀ ରାକେଶ କୁମାର ଦତ୍ତ ନାମ ପଞ୍ଜୀକରଣ କରିଥିଲେ । ମନୋରଞ୍ଜନ ବେହେରା, ବିନୟ କୁମାର ବିଶ୍ୱାଳ ସହଯୋଗ କରିଥିଲେ । ପ୍ରବର୍ତ୍ତକ ରାଧାମୋହନ ତ୍ରିପାଠୀ, ବିନୟ କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ । ଲକ୍ଷ୍ମୀପୂଜା କମିଟି ସଭାପତି ସନ୍ତୋଷ ସାହୁ, ଉପସଭାପତି ରାମଚନ୍ଦ୍ର ଖୁଣ୍ଟିଆ, ସମ୍ପାଦକ ତଥା ରକ୍ତଦାତା ସଂଘ ସଭାପତି ଶତ୍ରୁଘ୍ନ ସାହୁ, ସହସମ୍ପାଦକ ବିଭୂତି ସେନାପତି, କୋଷାଧ୍ୟକ୍ଷ ମନୋଜ ସାହୁ, ସୌରଭ ମିଶ୍ର, ଶୁଭ୍ରକାନ୍ତ ପ୍ରଧାନ, ଅନାମ ସ୍ୱାଇଁ, ଅଶ୍ୱିନୀ ସ୍ୱାଇଁ, ସଞ୍ଜୀବ, ସାହିଲ, ହରିଶ, ରିତେଶ ସହଯୋଗ କରିଥିଲେ ।

## ପ୍ରଜ୍ଞା ଜାଗୃତି ଶିକ୍ଷା ନିକେତନର ବାର୍ଷିକ ଉତ୍ସବ

**ବଁଅରପାଳ,୨୫ ।୧୨(ସମିସ):** ବଁଅରପାଳ ବ୍ଲକ ଫୁଲପଡ଼ାରେ ଥିବା ପ୍ରଜ୍ଞା ଜାଗୃତି ଶିକ୍ଷା ନିକେତନର ଷୋଡ଼ଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ସାଂସଦ ରୁଦ୍ରନାରାୟଣ ପାଣି, ମୁଖ୍ୟବକ୍ତା ଭାବେ ସମାଜସେବୀ ହେମନ୍ତ ଧର, ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ସଭାପତି ପ୍ରଶାନ୍ତ କୁମାର ଦାସ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସୁପରାମର୍ଶ ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରଧାନ ଆଚାର୍ଯ୍ୟା ସଙ୍ଘମିତ୍ରା ଗଡ଼ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟ ସମ୍ପାଦକ ସୁଶାନ୍ତ କୁମାର ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।




# ଅନୁଗୋଳ ସାହିତ୍ୟ ସଂସଦର ଶିଶିର ଉତ୍ସବ

**ଅନୁଗୋଳ,୨୫ ।୧୨(ସମିସ):** ସ୍ଥାନୀୟ ରୋଟାରୀ ପବ୍ଲିକ ସ୍କୁଲରେ ଅନୁଗୋଳ ଜିଲ୍ଲା ସାହିତ୍ୟ ସଂସଦ ପକ୍ଷରୁ ଶିଶିର ଉତ୍ସବ ଆୟୋଜିତ ହୋଇଛି । ସରାଙ୍ଗ ଆଇଜିଆଇଟି କମ୍ପ୍ୟୁଟର ବିଭାଗ ମୁଖ୍ୟ ପ୍ରଫେସର ଶ୍ରୀନିବାସ ସେଠୀ ଏହାକୁ ଉଦଘାଟନ କରି କୃତ୍ରିମ ବୁଦ୍ଧିମତା ଉପରେ ନିଜ ଅଭିମତ ରଖିଥିଲେ । କୃତ୍ରିମ ବୁଦ୍ଧିମତାକୁ ନେଇ ବିଦେଶରେ ଥିବା ଭାରତୀୟମାନେ ଏବେ ଆତଙ୍କିତ ଅବସ୍ଥାରେ ଅଛନ୍ତି । ଏଆଇ ଯୋଗୁଁ ଚାକିରି ହରାଇବା ଆଶଙ୍କା ଉପୁଜିଛି ।




କିନ୍ତୁ ମଣିଷ ପ୍ରକୃତ ବୁଦ୍ଧିମତାର ସହ ଏଆଇକୁ ପ୍ରୟୋଗ କଲେ ଏହା ମାନବ କଲ୍ୟାଣ ସାଧନ କରିପାରିବ । ଶିକ୍ଷା, ସ୍ୱାସ୍ଥ୍ୟ, ପରିବହନ, କୃଷି, ସାଇବର ସୁରକ୍ଷା କ୍ଷେତ୍ରରେ ଏହା ଅମୋଘ ଅସ୍ତ୍ର ଭଳି କାର୍ଯ୍ୟ କରି ଆସୁଛି । ତେଣୁ ଏଆଇର କ୍ଷତିକାରୀ ଦିଗ ପ୍ରତି ଧ୍ୟାନ ନ ଦେଇ ଏହା କିଭଳି ସମାଜର ବୃହତ୍ତର ହିତ ସାଧନ କରିବ ସେଥିପ୍ରତି ବିଶେଷଜ୍ଞ ଓ ବୈଜ୍ଞାନିକମାନେ ଧ୍ୟାନ ଦେବା ଉଚିତ୍ ବୋଲି ସେ ପ୍ରକାଶ କରିଥିଲେ । ଏଆଇ ଯେତେ ଚମତ୍କାରିତା ସୃଷ୍ଟି କଲେ ମଧ୍ୟ ସାହିତ୍ୟର ସ୍ଥାନ ନେଇପାରିବ ନାହିଁ । କାରଣ ଏଥିରେ କବି ବା ଲେଖକର ଆବେଗ ଓ ସମ୍ମୋହନ ମିଳିବ ନାହିଁ ବୋଲି ସାହିତ୍ୟ ସଂସଦ ସଭାପତି ପ୍ରାଧ୍ୟାପକ କୁମୁଦ ଚନ୍ଦ୍ର ଦାସ ମତ ଦେଇଥିଲେ । ବିଶିଷ୍ଟ ଅତିଥି ରୂପେ ଶିକ୍ଷାବିତ୍ ଶାନ୍ତନୁ କୁମାର ସର ଯୋଗଦେଇ ବିଦେଶରେ ଏବେ ଏଆଇକୁ ଉପଯୋଗ କରି ମଣିଷ କିଭଳି ଅନେକ ସୁଖସୁବିଧା ପାଇପାରୁଛି ତାହା ବର୍ଣ୍ଣନା କରିଥିଲେ । ପ୍ରାରମ୍ଭରେ ସଂସଦର ସମ୍ପାଦକ ରାଧାକାନ୍ତ ମହାନ୍ତି ଶିଶିର ଉତ୍ସବର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଶିବରାମ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଦ୍ୱିତୀୟ ଅଧିବେଶନରେ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଲତିକା ମହାପାତ୍ର ଓ ନୀହରିକା ସାହୁଙ୍କ ସଂଯୋଜନାରେ ୪୦ରୁ ଉର୍ଦ୍ଧ୍ୱ କବି ସାମ୍ପ୍ରତିକ ସମାଜର ବିଭିନ୍ନ ବୈଶିଷ୍ଟ୍ୟ ଉପରେ ସ୍ୱରଚିତ କବିତା ଆବୃତ୍ତି କରିଥିଲେ ।

# ବିବାଦୀୟ ଜାଗାକୁ ନେଇ ଦୁଇଗୋଷ୍ଠୀ ମୁହାଁମୁହିଁ; ରାସ୍ତାରୋକ



ପୁରୁଷୋତ୍ତମପୁର/କବିସୂର୍ଯ୍ୟନଗର,୨୫ ।୧୨(ସମିସ):

ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ତଥା ପୁରୁଷୋତ୍ତମପୁର ବ୍ଲକ ସାମନ୍ତରାପଲ୍ଲୀ ଗ୍ରାମର ଗୋଟିଏ ଜାଗାକୁ ନେଇ ସବର୍ଣ୍ଣ ଅସବର୍ଣ୍ଣ ମଧ୍ୟରେ ବିବାଦ ଦେଖାଦେଇଛି । ସାମନ୍ତରାପଲ୍ଲୀ ମୌଜା ଖାତା ନମ୍ବର ୧୧୬ର ପ୍ଲଟ ନ. ୨୦୪୯, ୨୦୫୦, ୨୦୫୧ ଓ ୨୦୫୨କୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଦୀର୍ଘଦିନ ହେବ ବିବାଦ ଲାଗି ରହିଥିଲା । ଏଥିନେଇ ଅସବର୍ଣ୍ଣ ଗ୍ରାମବାସୀ ଗତ ୧୬ ତାରିଖରେ ପୁରୁଷୋତ୍ତମପୁର ତହସିଲଦାରଙ୍କ ଠାରେ ପ୍ଲଟ ଗୁଡ଼ିକର ମାପ କରିବା ପାଇଁ ଲିଖିତ ଅନୁରୋଧ କରିଥିଲେ । ଜମି ଚିହ୍ନଟ ପାଇଁ ଯେତେବେଳେ ତହସିଲ କର୍ମଚାରୀ ଓ ପୁଲିସ ପହଞ୍ଚିଥିଲେ, ସେତେବେଳେ ବିବାଦ ଦେଖାଦେବାରୁ ତହସିଲ କର୍ମଚାରୀ ଓ ପୁଲିସ ଫେରି ଆସିଥିଲେ । ପରେ ଉପଜିଲ୍ଲାପାଳ ସେହି ଜମି ଉପରେ ବିଏନ୍‌ଏସ୍‌ଏସ୍ ୧୬୩ଧାରା ଲାଗୁ କରିଥିଲେ । କିନ୍ତୁ ପରବର୍ତ୍ତୀ ମୁହୂର୍ତ୍ତରେ ଅସବର୍ଣ୍ଣ ଲୋକମାନେ ପ୍ଲଟକୁ ଜବରଦଖଲ କରିଥିଲେ । ଗତ ୨୪ ତାରିଖରେ ଗ୍ରାମବାସୀ ତହସିଲ କାର୍ଯ୍ୟାଳୟକୁ ଆସି ୧୬୩ ଧାରା ଉଲ୍ଲଂଘନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦାବି ନେଇ ତହସିଲ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ । ଶେଷରେ ତହସିଲଦାର ବିନୋଦ କୁମାର ବେହେରା ଓ ପୁଲିସ ଗ୍ରାମକୁ ଯାଇ ଶାନ୍ତି କମିଟି ଗଠନ କରି ସମାଧାନ କରି ପ୍ରକୃତ ହିତାଧିକାରୀଙ୍କୁ ହସ୍ତାନ୍ତର କରିବା ନେଇ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଧାରଣାରୁ ହଟିଥିଲେ । ବୁଧବାର ଗ୍ରାମକୁ ତହସିଲଦାର ଓ ପୁଲିସ ପହଞ୍ଚି ଗୁରବାର ଶାନ୍ତି କମିଟି ମାଧମରେ ସମାଧାନ ନେଇ ଉଭୟ ପକ୍ଷକୁ ବୁଝାସୁଝା କରି ଆସିଥିଲେ । ପ୍ରଶାସନ ଉଭୟ ପକ୍ଷକୁ ନେଇ ଗୁରବାର ଦିନ ବୈଠକ କରିବା ସହ ବିବାଦୀୟ ସ୍ଥାନରେ ପ୍ରଶାସନ ଜେସିବି ଦ୍ୱାରା ଜବରଦଖଲ ଉଚ୍ଛେଦ କରିଥିଲା । ହେଲେ ଗୋଟିଏ ଗୋଷ୍ଠୀ ଏହାକୁ ବିରୋଧକରି ପ୍ରଶାସନକୁ ଘେରିବା ସହ ରାଜରାସ୍ତା ଅବରୋଧ କରିଛନ୍ତି । ରାସ୍ତା ଉପରେ ମହିଳା ପୁରୁଷ ବସିବା ସହ କବିସୂର୍ଯ୍ୟନଗର-ପୁରୁଷୋତ୍ତମପୁର ମୁଖ୍ୟରାସ୍ତା ଅବରୋଧ କରିଥିଲେ । ଖବର ଲେଖାହେବା ପର୍ଯ୍ୟନ୍ତ ରାସ୍ତାରୋକ ଲାଗିରହିଥିଲା । ଘଟଣାସ୍ଥଳରେ ଛତ୍ରପୁର ଉପଜିଲ୍ଲାପାଳ ଶୁବାଶିଷ ବରାଳ, ପୁରୁଷୋତ୍ତମପୁର ଏସ୍‌ଡିପିଓ ସୁଜିତ କୁମାର ନାୟକ, ପୁରୁଷୋତ୍ତମପୁର ପୁଲିସ ଓ କବିସୂର୍ଯ୍ୟନଗର ପୁଲିସ ଲୋକଙ୍କୁ ବୁଝା ସୁଝା ପାଇଁ ପ୍ରୟାସ ଜାରି ରଖିଛନ୍ତି ।

## ଦିବ୍ୟାଙ୍ଗଙ୍କୁ ମାନପତ୍ର ଓ ଶୀତବସ୍ତ୍ର ବଣ୍ଟନ

ପୋଲସରା,୨୫ ।୧୨(ସମିସ): ପୋଲସରା ବ୍ଲକ୍ ନିମିନା ପଞ୍ଚାୟତର ସାନ ବରଗାଁରେ ଜିଲ୍ଲା ଦିବ୍ୟାଙ୍ଗ ସହାୟକ ସମିତି ଆବାହକ ସଞ୍ଜୟ କୁମାର ଗୌଡ଼ଙ୍କ ଆବାହକତ୍ୱରେ ଦିବ୍ୟାଙ୍ଗ ଭାଇ ଭଉଣୀଙ୍କୁ ମାନପତ୍ର ଓ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା । ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପୋଲସରା ଅଞ୍ଚଳର ୬୫ ଜଣ ଦିବ୍ୟାଙ୍ଗ ଭାଇ ଭଉଣୀଙ୍କୁ ମନ୍ତ୍ରୀ ଓ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ଓ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା । ଏଥିରେ ଶିକ୍ଷା ବିଭାଗର ଅବସରପ୍ରାପ୍ତ ଅତିରିକ୍ତ ସମ୍ପାଦକ ସନାତନ ବିଷୋୟୀ, ଗୋଲିଆ ଆଦର୍ଶ ବିଦ୍ୟାଳୟର ଶିକ୍ଷକ କାର୍ତ୍ତିକ ବେହେରା ଓ ବିଘ୍ନରାଜ ପଣ୍ଡା, ନିମିନା ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରତିନିଧି ଲଡ୍ଡୁ କିଶୋର ସାହୁ, ସମାଜସେବୀ ରାମଚନ୍ଦ୍ର ଗୌଡ଼, ପୋଲିସ ଅଧିକାରୀ ବିମଳ କହଁର, ସରପଞ୍ଚ ବସନ୍ତ କୁମାର କରଣ, ରଘୁନାଥ ଭୂୟାଁ, ଅଶ୍ୱତ ରାଉତ, ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ଜେନା, କବିରାଜ ଗୌଡ଼, ପ୍ରଶାନ୍ତ ଡାକୁଆ, ସୁବାସ ଗୌଡ଼, ଚିତ୍ରସେନ ଗୌଡ଼, ସତ୍ୟନାରାୟଣ ଲେଙ୍କା, ବସନ୍ତ କୁମାର ସାହୁ, ବାବୁ ଡାକୁଆ, ଦେବରାଜ ସେଠୀ ସମେତ ଫାଉଣ୍ଡେସନର ସଦସ୍ୟ ମାନେ ମଞ୍ଚାସିନ ହୋଇଥିବା ବେଳେ ଗ୍ରାମବାସୀ ସହଯୋଗ କରିଥିଲେ ।



## ଟ୍ରେନ୍‌ରୁ ଖସି ଯୁବକଙ୍କ ମୃତ୍ୟୁ

ଖଲ୍ଲିକୋଟ,୨୫ ।୧୨(ସମିସ): ଖଲ୍ଲିକୋଟ ଥାନା କାଳିଜାଇ ରେଳ ଷ୍ଟେସନ ନିକଟରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି । ଚଳନ୍ତା ଟ୍ରେନରୁ ଖସି ପଡ଼ି ଯୁବକଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି । ଗୁରୁବାର ସକାଳ ପ୍ରାୟ ୮ ଟାରେ ସ୍ଥାନୀୟ କିଛି ଲୋକ ରେଳ ଧାରଣା କଡ଼ରେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ । ତେବେ ମୃତଦେହଟି ଗତକାଲି ବିଳମ୍ବିତ ରାତିରୁ ପଡ଼ିଥିବା ଅନୁମାନ କରାଯାଉଛି । ମୃତ ଯୁବକ ଜଣଙ୍କ ଉତ୍ତର ତ୍ରିପୁରାର ଦୀଲବାର ହୁସେନ (୨୬) ବୋଲି ଜଣାପଡ଼ିଛି । ସେ ଗୌହାଟିରୁ ବେଙ୍ଗାଲୁରୁ ଯାଉଥିବା ବେଳେ କୌଣସି ଏକ୍ସପ୍ରେସ୍ ଟ୍ରେନ୍‌ରୁ ଖସି ପଡ଼ିଥିବା ଅନୁମାନ କରାଯାଉଛି । ରେଳବାଇ ପୁଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ପଠାଇଥିଲେ ।

ସୂଚନାଯୋଗ୍ୟ, କାଳିଯାଇ ଷ୍ଟେସନ ନିକଟରୁ ଗତ ୧୦ ମଧ୍ୟରେ ତିନୋଟି ମୃତଦେହ ଉଦ୍ଧାର ହେଲାଣି । ଗତ ୧୫ ତାରିଖରେ ପଥରା ଗ୍ରାମର ସନ୍ତୋଷ ବେହେରା (୨୭)ଙ୍କ ମୃତଦେହ ଉଦ୍ଧାର ହୋଇଥିବା ବେଳେ ୨୦ ତାରିଖରେ ସେହି ଷ୍ଟେସନ ଠାରୁ କିଛି ଦୂରରେ ଥିବା ଗୁରାପଲ୍ଲୀ ରେଳ ଫାଟକ ନିକଟରେ ଟ୍ରାକରେ ଚାଲୁଥିବା ବେଳେ ଜଣେ ଯୁବକଙ୍କ ଉପରେ ଏକ ଟ୍ରେନ୍ ମାଡ଼ିଯାଇଥିଲା । ଯୁବକଙ୍କ ପରିଚୟ ମିଳି ନଥିଲା ।

## ଲକ୍ଷାଧିକ ଟଙ୍କା ଲୁଟିନେଲେ ଦୁର୍ବୃତ୍ତ

କୁକୁଡାଖଣ୍ଡି,୨୫ ।୧୨(ସମିସ): ନିମଖଣ୍ଡି ଥାନା ଅନ୍ତର୍ଗତ ସାଇ ବିହାରରେ ରହୁଥିବା ସୁଧାଂଶୁ ଶେଖର ପାଣିଗ୍ରାହୀଙ୍କ ଘରୁ ବଡ଼ ଧରଣରେ ଚୋରି ହୋଇଥିବା ଅଭିଯୋଗ ହୋଇଛି । ଦୁର୍ବୃତ୍ତମାନେ ଘରର ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କା ଲୁଟି ନେଇଥିବା ସୂଚନା ମିଳିଛି । ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆଖ ପାଖରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରୁଛି । ଏନେଇ ଥାନା ଅଧିକାରୀ କୃଷ୍ଣଚନ୍ଦ୍ର ସାହା କହିଛନ୍ତି ଘଟଣା ସମ୍ପର୍କରେ ମାମଲା ରୁଜୁ ହୋଇଛି । ପୁଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଫେରିଛି ।

## ଦୁଇ ବାଇକ୍ ମୁହାଁମୁହିଁ; ଜଣେ ମୃତ

ଦିଗପହଣ୍ଡି,୨୫ ।୧୨(ସମିସ): ଦିଗପହଣ୍ଡି-ଘୋଡାହାଡ ଡ୍ୟାମ ମୁଖ୍ୟ ରାସ୍ତାର ଦ୍ୱାର ଗାଁ କ୍ରସର ନିକଟରେ ଗୁରୁବାର ମଧ୍ୟାହ୍ନରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ତିନି ଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି । ମୃତକ ହେଲେ ଦିଗପହଣ୍ଡି ଥାନା ଅନ୍ତର୍ଗତ ପନାଡ ଗ୍ରାମର କାଳିଆ ଗୌଡ଼ଙ୍କ ପୁଅ ସୁଶାନ୍ତ ଗୌଡ଼ (୨୪) । ଗୁରୁତର ମାନେ ସଦର ଥାନା ଅନ୍ତର୍ଗତ ଗୁଣ୍ଡବନ୍ଧ ଗ୍ରାମର ଶିବ ଶଙ୍କର ବେହେରା, ଲାଠୀ ଗ୍ରାମର ହୀନ ବେହେରା ଏବଂ ଦିଗପହଣ୍ଡି ଥାନା ପନାଡ ଗ୍ରାମର ସିଲୁ ଗୌଡ଼ ବୋଲି ଜଣାପଡିଛି । ସୁଶାନ୍ତ ଏବଂ ସିଲୁ ଦୁହେଁ ମିଶି ଏକ ନୂଆ ୟାମାହା ବାଇକ୍ ଯୋଗେ ଦିଗପହଣ୍ଡିରୁ ପନାଡ ଫେରୁଥିବା ବେଳେ ବୀପରିତ ଦିଗରୁ ଶିବ ଏବଂ ହୀନ ମିଶି ଆସୁଥିବା ଗ୍ଲେମର ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଖବର ପାଇ ଆମ୍ବୁଲାନ୍ସ ସେଠାରେ ପହଞ୍ଚି ଆହତ ମାନଙ୍କୁ ଦିଗପହଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା । ଅବସ୍ଥା ଗୁରୁତର ରହିଥିବା ଯୋଗୁଁ ସମସ୍ତ ଆହତଙ୍କୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା । ମେଡିକାଲରେ ପହଞ୍ଚିବା ପୂର୍ବରୁ ସୁଶାନ୍ତଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଥିବା ବେଳେ ଅନ୍ୟମାନେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି । ପୁଲିସ ଟିମ୍ ମେଡିକାଲରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ କରାଇବା ସହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି । ପୁଲିସ ଦୁର୍ଘଟଣାଗ୍ରସ୍ତ ଦୁଇଟି ବାଇକ୍ ଜବତ କରିତଦନ୍ତ ଚଳାଇଛନ୍ତି ।

## କୃଷ୍ଣସାର ମୃଗ ସୁରକ୍ଷା ସଚେତନତା

ଆସିକା,୨୫ ।୧୨(ସମିସ): ଦକ୍ଷିଣ ଘୁମୁସର ଅଧିନସ୍ଥ ଆସିକା ବନାଞ୍ଚଳ ପକ୍ଷରୁ କୃଷ୍ଣସାର ମୃଗଙ୍କ ସୁରକ୍ଷା ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା । ଆସିକା ବ୍ଲକ ଭେଟନଇ ଗ୍ରାମର ଭୀମସେନ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା । ଏହି ରାଲି ବିଦ୍ୟାଳୟରୁ ବାହାରି ବିଭିନ୍ନ ସାହିକୁ ସାହି ବୁଲି ଲୋକଙ୍କୁ ସଚେତନ କରିଥିଲା । ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ରାଲିରେ ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ପାଢ଼ୀ, ଫରେଷ୍ଟର ଶରତ ବେହେରା, ଲାଜୁ ଶବର, ରାଜେନ୍ଦ୍ର ଗୌଡ଼ ଓ ଫରେଷ୍ଟ ଗାର୍ଡ ରାଜେନ୍ଦ୍ର ରାଉତ, ବିଷ୍ଣୁପ୍ରିୟା ପ୍ରଧାନ, ଲକ୍ଷ୍ମୀ ଦଳବେହେରା, ରାକେଶ ପରିଡା ପ୍ରମୁଖ ଉପସ୍ଥିତ ଥିଲେ ।

## ବଡ଼ଦିନ ପାଇଁ ଉତ୍ସବ ମୁଖର ଚର୍ଚ୍ଚ

ଛତ୍ରପୁର,୨୫ ।୧୨(ସମିସ): ଆଜି ପବିତ୍ର ବଡ଼ଦିନ ଅର୍ଥାତ ଖ୍ରୀଷ୍ଟମାସ । ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କ ପାଇଁ ବର୍ଷସାରାର ଅନ୍ୟତମ ପବିତ୍ର ପର୍ବ । ଏଥିପାଇଁ ସବୁ ଚର୍ଚ୍ଚରେ ଚାରିଆଡ଼େ ବେଶ୍ ସାଜସଜ୍ଜା ହୋଇଛି । ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ଚର୍ଚ୍ଚରେ ପାଳିଛନ୍ତି ବଡ଼ ଦିନ । ପ୍ରାର୍ଥନା କରିଛନ୍ତି, ପରସ୍ପରକୁ ଶୁଭେଚ୍ଛା ଜଣାଇ କେକ୍ ଓ ମିଷ୍ଟାନ୍ନ ବାଣ୍ଟିଛନ୍ତି । ବନ୍ଧୁମିଳନରେ ସମସ୍ତେ ସମବେତ ହୋଇ ଖୁସି ମନାଇଥାନ୍ତି । ଗଞ୍ଜାମ ଜିଲ୍ଲାର ଛତ୍ରପୁର ଠାରେ ଥିବା ୟୁନିଅନ ବାପିଷ୍ଟ ଚର୍ଚ୍ଚରେ ମଧ୍ୟ ବଡ଼ ଧୁମ ଧାମ ରେ ପାଳନ ହୋଇଛି ବଡ଼ଦିନ, ସମାଜର ମଙ୍ଗଳ ପାଇଁ ଧରାପୃଷ୍ଠ ଆସିଥିଲେ ଯୀଶୁ ବୋଲି କୁହାଯାଉଛି । ଖ୍ରୀଷ୍ଟମାସ ପର୍ବ ବିଷୟରେ ବିଶ୍ୱାସ ରହିଛି ଯେ ଈଶ୍ୱର ତାଙ୍କ ପ୍ରିୟ ପୁତ୍ରଙ୍କୁ ସଂସାରକୁ ପଠାଇଥାନ୍ତି ଲୋକମାନଙ୍କୁ ପାପରୁ ମୁକ୍ତ କରିବା ପାଇଁ ଏବଂ ସେମାନଙ୍କ ନିକଟରେ ଈଶ୍ୱରଙ୍କ ବାର୍ତ୍ତା ପହଞ୍ଚାଇବା ପାଇଁ । ଖ୍ରୀଷ୍ଟ ସମ୍ପ୍ରଦାୟ ମାନେ ଏହି ଦିନକୁ ଅସତ୍ୟ ଉପରେ ସତ୍ୟର ବିଜୟ ବୋଲି ପାଳନ କରନ୍ତି । ଖ୍ରୀଷ୍ଟମାସ ପର୍ବ ଡିସେମ୍ବର ୨୫ରୁ ଆରମ୍ଭ ହୋଇ ଡିସେମ୍ବର ୩୧ ଯାଏ ପାଳନ କରାଯାଏ ଏବଂ ଏହା ପରଦିନ ନୂଆ ବର୍ଷ ପାଳନ କରାଯାଇଥାଏ ।

## ଲୋକଦେଖାଣିଆ ଚଢ଼ଉ, ଗାଁ ମଝିରେ ଚାଲିଛି ଦେଶୀ ମଦ କାରବାର

କୁକୁଡ଼ାଖଣ୍ଡି,୨୫ ।୧୨(ସମିସ): ଗ୍ରାମାଞ୍ଚଳରେ ଦେଶୀମଦ କାରବାର ରୋକିବା ଲାଗି ଅବକାରୀ ବିଭାଗ ଚଢ଼ଉ କରୁଛି । ହେଲେ ସେଗୁଡ଼ିକ କେବଳ ଲୋକ ଦେଖାଣିଆ ବୋଲି ଅଭିଯୋଗ ହେଉଛି । କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଜିନିଗୁଡ଼ା, ମହୁଡ଼ା ନିକଟସ୍ଥ ବୋରିଗାଁ, ଟାମଣା, କଙ୍କିଆ ଭଳି ଜଙ୍ଗଲ ଅଞ୍ଚଳରେ ଦୈନିକ ହଜାର ହଜାର ଚୋରା ଦେଶୀ ମଦ ରନ୍ଧା ହେଉଛି । ଏଗୁଡ଼ିକ ମଧ୍ୟରୁ ହାତ ଗଣତି କେତୋଟି ଲାଇସେନ୍ସପ୍ରାପ୍ତ ମଦ ଦୋକାନ ରହିଥିବାବେଳେ ଅଧିକାଂଶ ଗାଁ ମାନଙ୍କରେ ବିନା ଲାଇସେନ୍ସରେ ବେଧଡ଼କ ମଦ ବ୍ରିକୀ ହେଉଛି । ସରକାରୀ ଲାଇସେନ୍ସପ୍ରାପ୍ତ ମଦ ବେପାରୀ ନିୟମ ମୁତାବକ ମଦ ପ୍ରସ୍ତୁତ ସାମଗ୍ରୀ ବ୍ୟବହାର କରି ମଦ ପ୍ରସ୍ତୁତ କରିଥାନ୍ତି । କିନ୍ତୁ ଲାଇସେନ୍ସ ନଥିବା ବେପାରୀ ମାନେ ନିଜକୁ ସୁହାଇବା ଭଳି ତଥା ଅତ୍ୟଧିକ ନିଶା ନିମନ୍ତେ ବିଭିନ୍ନ କିଶସର ବିଷାକ୍ତ ସାମଗ୍ରୀ ମିଶାଇ ମଦ ରୋଷେଇ କରି ବିକ୍ରି କରୁଛନ୍ତି । ଫଳରେ ମଦମୃତ୍ୟୁ ହେବାର ଆଶଙ୍କା ରହିଛି । ସହର ଉପକଣ୍ଠ ଲାଠୀର ଶୁଣ୍ଡିସାହି, ବେନ୍ଦାଳିଆର ଦାସ ସାହି, କୁମାରପୁରର ସାଉଣ୍ଟିଆ ସାହି, ଶିହଳା ଗାଁର ମୁଖ୍ୟ ଛକରେ ବେଧଡ଼କ ମଦ ବିକ୍ରି ହେଉଛି । ଫଳରେ ବିଭିନ୍ନ ସମୟରେ ଗାଁ ମାନଙ୍କରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ସହ ଝିଅ ବୋହୂ ମାନେ ରାସ୍ତାରେ ଯିବା ଆସିବାକୁ ସୁରକ୍ଷିତ ମଣୁନାହାନ୍ତି । ତେଣୁ ଅବକାରୀ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

## ଆତ୍ମନିର୍ଭର ଭାରତ ଅଭିଯାନ



ରଙ୍ଗେଇଲୁଣ୍ଡା,୨୫ ।୧୨(ସମିସ): କନିଷି ହାଟ ସ୍ଥିତ ବାଲାଜୀ ବିଦ୍ୟାପୀଠ ଖେଳ ପଡ଼ିଆରେ ବିଧାନସଭାସ୍ତରୀୟ ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଖଣି, ଇସ୍ପାତ ଓ ସଡ଼କ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ରାଜ୍ୟ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ରାଜ୍ୟ ସଂଯୋଜକ ସାରଦା ପ୍ରସାଦ ଶତପଥୀ, ଅନ୍ୟ ମାନେ ଯୋଗ ଦେଇଥିବା ବେଳେ ଜିଲା ଉପସଭାପତି ଗଙ୍ଗାଧର ଶତପଥୀ ସଭା ପରିଚାଳନା କରିଥିଲେ । ମନ୍ତ୍ରୀ ଶ୍ରୀ ଜେନା ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରି ବାଜପେୟୀଙ୍କ ସ୍ମୃତିଚାରଣ କରିଥିଲେ । ଯୁବନେତା ସୁନୀଲ କୁମାର ପାତ୍ରଙ୍କ ନେତୃତ୍ୱରେ ଆମ୍ବପୁଆ କାଳି ମନ୍ଦିର ଠାରୁ ବିରାଟ ବାଇକ ରାଲି ବାହାରି ଖୋଡ଼ାସିଙ୍ଗି, ଲାଞ୍ଜିପଲ୍ଲୀ, ହଳଦିଆପଦର ପରିକ୍ରମା କରିବା ପରେ ସଭା ସ୍ଥଳ ନିକଟରେ ପହଞ୍ଚôଥିଲା । ଏହି ଅବସରରେ ମନ୍ତ୍ରୀଙ୍କ ପ୍ରତିନିଧି ବ୍ରଜମୋହନ ନାୟକ କୋଳଥିଗାଁ ସରପଞ୍ଚ ଜଗମୋହନ ମହାପାତ୍ର, ଗୌରୀ ସାମନ୍ତରାୟ, ରାଜେଶ ସାହୁ, ରଜତ ପଣ୍ଡିତ ଓ ଜିଲ୍ଲା ସଂଯୋଜକ ମଧୁସ୍ମିତା ଶତପଥୀ, ଅଟଳ ଯୁବ ବାହିନୀ ସଂଯୋଜକ ଗୋପୀନାଥ ମହାରଣା, ଅଜିତ କୁମାର ଦଳେଇ, ଅଶ୍ୱିନୀ ପାତ୍ର, କୈଳାଶ ମହାନ୍ତି, ମନୋଜ କୁମାର ପାତ୍ର, କାହ୍ନୁଚରଣ ପାତ୍ର, ସାନୁର୍ଯ୍ୟ ଗୌଡ଼, ପ୍ରବୀଣ ଦଳେଇ, କୁରେଶ ବେହେରା, ବୃନ୍ଦାବନ ସାହୁଙ୍କ ସମେତ ଶତାଧିକ ବିଜେପି କର୍ମୀ ଉପସ୍ଥିତ ଥିଲେ ।

## ୨୨ ପଞ୍ଚାୟତକୁ ୩ ଏମ୍‌ସିସି ସେଣ୍ଟର; ରାସ୍ତାକଡ଼ ସାଜିଛି ଡମ୍ପିଂୟାର୍ଡ

କୁକୁଡ଼ାଖଣ୍ଡି,୨୫ ।୧୨(ସମିସ): କୁକୁଡାଖଣ୍ଡି ବ୍ଲକରେ ୨୨ଟି ପଞ୍ଚାୟତ ରହଛି । ପଞ୍ଚାୟତ ଅଧିନସ୍ତ ବିଭିନ୍ନ ଗାଁରୁ ବାହାରୁଥିବା ଆବର୍ଜନା ପରିଚାଳନା କରିବା ପାଇଁ ବ୍ଲକ ଅନ୍ତର୍ଗତ କୁକୁଡାଖଣ୍ଡି ଓ ମହୁଡା ଏମସିସି ସେଣ୍ଟର ଚାଲୁ ରହିଥିବା ବେଳେ ଡେଙ୍ଗାପଦର, ବୋଉଳଖୋଲି, ଲାଠି, ଅଙ୍କୁଶପୁର ପଞ୍ଚାୟତରେ ଏମସିସି କାମ ଚାଲୁ ରହିଥିବା ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଛି । ତେବେ ପ୍ରତି ପଞ୍ଚାୟତରୁ ଦୈନିକ ଟନ୍ ଟନ୍ ଆବର୍ଜନା ବାହାରୁଛି । ସେଗୁଡ଼ିକୁ ପରିଚାଳନା କରିବା ପାଇଁ କୌଣସି ବ୍ୟବସ୍ଥା ନାହିଁ । ସେହିପରି ପ୍ରତି ପଞ୍ଚାୟତ ପକ୍ଷରୁ ଦୈନିକ ଅଳିଆ ବୁହା ଗାଡିରେ ଅଳିଆ ସବୁ ପ୍ରତିଘରୁ ସଂଗ୍ରହ କରାଯାଉଛି । ହେଲେ ଉପଯୁକ୍ତ ବ୍ୟବସ୍ଥା ନଥିବାରୁ ଗାଁ ଶେଷ ମୁଣ୍ଡ କିମ୍ବା ମୁଖ୍ୟରାସ୍ତା କଡ଼ରେ ଫୋପାଡ଼ି ଦେଇ ନିଜ ଦାୟିତ୍ୱ ସାରି ଦେଉଛି । ସେହି ଆବର୍ଜନା ଗୁଡ଼ିକୁ ଗାଇଗୋରୁ ଖାଉଥିବାବେଳେ ରାସ୍ତା ଦେଇ ଯାଉଥିବା ପଥଚାରି ଅସନ୍ତୋଷ ପ୍ରକାଶ କରୁଛନ୍ତି । କେନ୍ଦ୍ର ସରକାର ସ୍ୱଚ୍ଛ ଭାରତ ଅଭିଯାନ କରୁଥିବାବେଳେ ଗାଁ ନିର୍ମଳ ଧୋବା ତୁଠରୁ ଭଳି ଗାଁ ମୁହଁରୁ ହିଁ ଗାଁର ପରିବେଶ କିପରି ଥିବା ତାହା ଏହିଭଳି ରାସ୍ତାକଡ଼ ଡମ୍ପିଂୟାର୍ଡକୁ ଦେଖିଲେ ଜଣାପଡୁଛି । ତେବେ ପ୍ରତି ପଞ୍ଚାୟତରେ ଏମ୍‌ସିସି ସେଣ୍ଟର ନିର୍ମାଣ କରି ଆବର୍ଜନା ପରିଚାଳନା କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।



## ହୁମ୍ମା ଗ୍ରାମ ଝିଅର ସଫଳତା

ଗଞ୍ଜାମ,୨୫।୧୨(ସମିସ): ବିକଶିତ ଭାରତ ୟଙ୍ଗ ଲିଡର୍ସ ଡାଏଲଗ୍ ୨୦୨୬ର ଷ୍ଟେଟ ଚାମ୍ପିଅନ ଭାବେ ଗଞ୍ଜାମ ଜିଲ୍ଲା ହୁମ୍ମା ଗ୍ରାମର ଝିଅ ସଫଳତା ପାଇଛନ୍ତି । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି । ତାଙ୍କର ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଅଭିନନ୍ଦନର ସୁଅ ଛୁଟିଛି । ସେ ହେଉଛନ୍ତି ହୁମ୍ମା ଗ୍ରାମର କାମେଶ୍ୱର ବିଶ୍ୱାଳ ଏବଂ ସଂଗୀତା ବିଶ୍ୱାଳଙ୍କ ଝିଅ ପ୍ରିୟାଂଶୀ ବିଶ୍ୱାଳ । ସେ ଯାଜପୁରରେ କ୍ଲାସ ୧୧ରେ ଷ୍ଟେଟ ଜାଭିଆର ସ୍କୁଲରେ ପଢୁଛନ୍ତି । ଆଗାମୀ ଜାନୁଆରୀ ମାସ ୧୦ ରୁ ୧୨ ତାରିଖରେ ହେବାକୁ ଥିବା କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ଠାରୁ ନୂଆଦିଲ୍ଲୀର ଭାରତ ମଣ୍ଡପରେ ପୁରସ୍କାର ଗ୍ରହଣ କରିବେ । ସେହିପରି ଅନ୍ୟ ରାଜ୍ୟର ଚାମ୍ପିଅନ ମଧ୍ୟ ସେଠାରେ ଯୋଗ ଦେବେ । ସେହିପରି ପ୍ରିୟାଂଶୀ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ସଫଳତା ପାଇଛନ୍ତି । କୋଣାର୍କ ନୃତ୍ୟ ଉତ୍ସାବରେ ଓଡ଼ିଶୀ ନୃତ୍ୟରେରେ ଉକ୍ରଳ ଶ୍ରୀ ସମ୍ମାନ ପାଇଛି । ସ୍ୱଚ୍ଛ ଭାରତରେ ଅଲ୍ ଇଣ୍ଡିଆ ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରଥମ, ଓଡ଼ିଶା ସ୍କାଉଟ ଗାଇଡ୍‌ରେ ରାଜ୍ୟସ୍ତରରେ ପୁରସ୍କାର ପାଇଛନ୍ତି । ଆଗାମୀ ଦିନରେ ଆହୁରି ବିଭିନ୍ନ କ୍ଷେତ୍ରରେ ସେ ଆଗକୁ ଯିବେ ବୋଲି ତାଙ୍କ ପରିବାର ପକ୍ଷରୁ ଆଶା ରଖିଛନ୍ତି ବାପା ଓ ମା' ବୋଲି କହିଛନ୍ତି ।



## ଗ୍ୟାସ ସିଲିଣ୍ଡରରୁ ଅଗ୍ନିକାଣ୍ଡ

ସାନଖେମୁଣ୍ଡି,୨୫ ।୧୨(ସମିସ): ସାନଖେମୁଣ୍ଡି ବ୍ଲକ୍ ତୁଡ଼ଙ୍ଗପୁର ଗ୍ରାମରେ ଆର ଭିକାରୀ ପାତ୍ରଙ୍କ ଘରେ ରୋଷେଇ କରୁଥିବା ସମୟରେ ହଠାତ ଗ୍ୟାସ ସିଲିଣ୍ଡରରେ ନିଆ ଲାଗିଯାଇଥିଲା । ତେବେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ପରିବାର । ଗୁରୁବାର ସନ୍ଧ୍ୟାରେ ଭିକାରି ପାତ୍ରଙ୍କ ଘରେ ରୋଷେଇ କରୁଥିବା ବେଳେ ହଠାତ୍ ଗ୍ୟାସ୍ ପାଇପରେ ନିଆଁ ଲାଗି ଗ୍ୟାସ୍ ସିଲିଣ୍ଡରରେ ନିଆଁ ଲାଗିଯାଇଥିଲା । ଏହା ଦେଖି ପରିବାର ଲୋକ ବାହାରକୁ ଚାଲିଯାଇଥିଲେ କିଛି ଲୋକ ଗ୍ୟାସ୍ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସମ୍ଭବ ହୋଇପାରିଲା ନାହିଁ । ଖବର ପାଇ ଦିଗପହଣ୍ଡି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ଜଣାପଡିଛି ।

## ବାପି ଭାଇ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ



କୁକୁଡାଖଣ୍ଡି,୨୫ ।୧୨(ସମିସ): କୁକୁଡ଼ାଖଣ୍ଡି ମିନି ଷ୍ଟାଡିୟମରେ ବାପି ଭାଇ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଜାରି ରହିଛି । ୫ମ ଦିନରେ ବ୍ରହ୍ମପୁର ସାଂସଦ ଡ଼ଃ ପ୍ରଦୀପ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିସହ ସ୍ଥାନୀୟ ସରପଞ୍ଚ ବନ୍ଦନା ସେଠୀ, ସମିତି ସଭ୍ୟ ଅଶୋକ କୁମାର ଦାସ, ବ୍ଲକ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦିଲୀପ କୁମାର ପାତ୍ର, ସରପଞ୍ଚ ସଭାପତି ବଶିଷ୍ଠ ଜେନା, ଜଗଦଳପୁର ସରପଞ୍ଚ କ୍ରାନ୍ତିକୁମାରୀ, ଚଣ୍ଡୀଚରଣ ସାହୁ, ଝିଲି ସେଠୀ, ସୁରେଶ ସେଠୀ, କୁକୁଡାଖଣ୍ଡି ପଞ୍ଚାୟତର ପୂର୍ବତନ ସରପଞ୍ଚ ଚେନେୟା, ସମରଜିତ ମହାନ୍ତି, ବିଜେପି ନେତା ବିକ୍ରମ କୁମାରଙ୍କ ସମେତ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ସଭ୍ୟା ମାନେ ଉପସ୍ଥିତ ଥିଲେ । ସାଂସଦ ପ୍ରତିନିଧି ସନ୍ତୋଷ କୁମାର ଚୌଧୁରୀ ସଭା ପରିଚାଳନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଞ୍ଚଳର ଦିବଂଗତ ସାମ୍ବାଦିକ ଗୋବିନ୍ଦ ବେହେରାଙ୍କ ପ୍ରଚେଷ୍ଟାରେ ଏହି ମିନି ଷ୍ଟାଡିୟମ ନିର୍ମାଣ ହୋଇଥିଲା । ହେଲେ ଏହି ଷ୍ଟାଡିୟମ ଆଜି ଅବହେଳିତ ହୋଇ ପଡିରହିଛି । ତେଣୁ ଏହାର ଉନ୍ନତି ନିମନ୍ତେ ପୂର୍ବତନ ସରପଞ୍ଚ ଚେନେୟା ଓ ଖେଳ ପ୍ରେମୀ ମାନେ ସାଂସଦ ଶ୍ରୀ ପାଣିଗ୍ରାହୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଡ଼ଃ ପାଣିଗ୍ରାହୀ ବାପି ଜଣେ ଉତ୍ତମ ସଂଗଠକ, ମେଳାପୀ ବ୍ୟକ୍ତି ଥିଲେ ବୋଲି କହିଥିଲେ ।

## ହତ୍ୟା ଉଦ୍ୟମ ଅଭିଯୋଗରେ ଯୁବକ ଗିରଫ

ଦିଗପହଣ୍ଡି,୨୫ ।୧୨(ସମିସ): ଦିଗପହଣ୍ଡି ବ୍ଲକ ବମକୋଇ ପଞ୍ଚାୟତର ସିନ୍ଧୁଖାଳି ଗ୍ରାମରେ ମହିଳାଙ୍କୁ ଅସଦାଚରଣ ସହ ହତ୍ୟା ଉଦ୍ୟମ କରିବା ଅଭିଯୋଗରେ କେ. ନୂଆଗାଁ ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ସେ ହେଲେ ସିନ୍ଧୁଖାଳି ଗ୍ରାମର ତୋଫାନ ନାଇକ । ଗତ ମଙ୍ଗଳବାର ରାତିରେ ତୋଫାନ ନିଶାସକ୍ତ ଅବସ୍ଥାରେ ଭଉଣୀ ପୂର୍ଣ୍ଣବାସୀ ନାଇକଙ୍କୁ ଗାଳିଗୁଲଜ କରିଥିଲା । ସେ ଏବଂ ତାଙ୍କ ଝିଅ ପ୍ରତିବାଦ କରିବାରୁ ଅଭିଯୁକ୍ତ ଉଭୟଙ୍କୁ ମାଡମାରି ଲହୁଲୁହାଣ କରିଥିଲା । ଏଥିରେ ପୂର୍ଣ୍ଣବାସୀଙ୍କ ଝିଅର ଗୋଡ଼ ମଧ୍ୟ ଭାଙ୍ଗି ଯାଇଥିଲା । ଏହି ସମୟରେ ତୋଫାନଙ୍କ ଅନ୍ୟ ଏକ ଭଉଣୀ ସୁକାନ୍ତି ପ୍ରତିବାଦ କରି ଥିବାରୁ ଅଭିଯୁକ୍ତ ତାଙ୍କ ଘରର ଗ୍ରୀଲ ଭାଙ୍ଗି ସୁକାନ୍ତି ଓ ତାଙ୍କର ଦୁଇ ବର୍ଷର ଶିଶୁକୁ ମଧ୍ୟ ଆକ୍ରମଣ କରିଥିଲା । ସୁକାନ୍ତିଙ୍କ ଏତଲା ଭିତ୍ତିରେ ଆଇଆଇସି କିଶୋର କୁମାର ସାମଲ ମାମଲା ନଂ. ୪୩୮/୨୫ ପ୍ରକାରେ ମାମଲା ରୁଜୁ କରିଥିଲେ । ଏଏସଆଇ ସି. ତାରକେଶ୍ୱର ରାଓ ଅଭିଯୁକ୍ତ ତୋଫାନକୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିବା ପରେ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଦିଗପହଣ୍ଡି ଜେଲ୍‌ହାଜତକୁ ପଠାଇ ଦିଆଯାଇଛି ।

Best Wishes to 'The Sakala' for 5th Anniversary.
ADMISSIONS OPEN 2025–26
PRIYANKA DEVI GROUP OF INSTITUTION
Gadadhar Bihar, Baliguali, Puri – 752004
Affiliated to Odisha University of Health Science & Approved by INC, ONC, DMET, OSBP BBSR, Odisha
Clinical Training at DHH, Puri
• B.Sc Nursing
Eligibility: +2 Science (with 45% in PCB)
Qualification: Must qualify OJEE Entrance
Duration: 4 years
• Post Basic B.Sc Nursing
Eligibility: GNM Pass
Duration: 2 years
• GNM & ANM Nursing
Eligibility: +2 Pass (any stream with 40%)
Duration: 3 years / 2 years
• Diploma in Pharmacy (D.Pharm)
Eligibility: +2 Science Pass
Duration: 2 years
Assured Placement Assistance
Stipend available for SC/ST, OBC & SEBC

FOR ADMISSION CONTACT:
7991056177, 9556482657, 9348909319
Website: https://priyankadevi.in

# ମେଳି ବାନ୍ଧିଲେ ଚାଷୀ; ମହିଳା ଗ୍ରୁପକୁ ଧାନ ଦେବାକୁ ଅମଙ୍ଗ

ଆସିକା,୨୫ ।୧୨(ସମିସ):



ସରକାର ତରବରିଆ ଭାବେ ଖୋଲି ଦେଲେ ଧାନ ମଣ୍ଡି । ହେଲେ ଚାଷୀଙ୍କ ସମସ୍ୟା ବୁଝିଲେ ନାହିଁ । ପୂର୍ବ ସରକାରଙ୍କ ସମୟରେ ଚାଷୀଙ୍କ ଧାନ ସୋସାଇଟିକୁ ଯାଉଥିଲା ଆଉ ଚାଷୀ ସମସ୍ତ ପ୍ରକାର ସୁବିଧା ପାଉଥିଲେ । ସେପଟେ ସରକାର ବଦଳିବା ପରେ ଚାଷୀଙ୍କ ସମସ୍ୟା ବୁଝୁ ନାହାନ୍ତି । ଅମଳ ଧାନକୁ ମହିଳା ଗୋଷ୍ଠୀଙ୍କୁ ଦେବା ପାଇଁ ଅମଙ୍ଗ ହୋଇ ଆସିକା ବ୍ଲକ ପାଣ୍ଡିଆପଥର ପଞ୍ଚାୟତର ଚାଷୀ ମେଳି ବାନ୍ଧିଛନ୍ତି । ପୂର୍ବ ପରି ଗ୍ରାମରେ ଥିବା ସୋସାଇଟିକୁ ଧାନ ଦେବାକୁ ନିଷ୍ପତ୍ତି ନେଇଛନ୍ତି । ଯଦି ପ୍ରଶାସନ ଚାଷୀଙ୍କ ଏହି ଅଭିଯୋଗ ପ୍ରତି ଦୃଷ୍ଟି ନ ଦେବେ ବରଂ କ୍ଷତି ସହି ଦଲାଲକୁ ସିନା ଧାନ ଦେଇ ଦେବେ ହେଲେ ସମ୍ପୃକ୍ତ ଗ୍ରୁପକୁ ଦେବେ ନାହିଁ ବୋଲି ପଣ କରିଛନ୍ତି । ଜିଲ୍ଲାରେ ବିଧିବଦ୍ଧ ଭାବେ ମଣ୍ଡି ଉଦଘାଟନ ହୋଇସାରିଛି । ହେଲେ ପ୍ଲଟ ସର୍ଭେ ଏଯାଏ ସରିନି । ଚାଷୀଙ୍କୁ ଏଯାଏଁ ଟୋକେନ ମିଳିନି । ତେଣୁ ଅମଳ ଧାନକୁ ଚାଷୀ ଘର ପିଣ୍ଡାରେ, କୋଠ ଘରେ, ଖଳା ମୂଳେ ରଖିଛନ୍ତି । ହେଲେ ଚଳିତ ବର୍ଷ ଚାଷୀଙ୍କୁ ନିର୍ଦ୍ଦେଶ ଥିବାରୁ ଚାଷୀ ମାନେ ତାହାକୁ ବିରୋଧ କରି ଗ୍ରାମରେ ସଭା କରି ଏକାଠି ହୋଇଛନ୍ତି । ଏପରି ସମସ୍ୟା ଉପୁଜିଥିବା ବେଳେ ଚାଷୀଙ୍କ ଏକା ଜିଦ ପ୍ରଶାସନକୁ ପୂର୍ବରୁ ସୋସାଇଟିକୁ ଦେଉଥିଲୁ ଧାନ ଏବେ ମଧ୍ୟ ସେହି ସୋସାଇଟିକୁ ଦେବୁ । ପ୍ରଶାସନ ଏଥିରେ ଯଦି ସହଯୋଗ ନକରେ ତେବେ ଆନ୍ଦୋଳନ କରିବେ ବୋଲି ଚାଷୀ ଚେତାବନୀ ଦେଇଛନ୍ତି ।

# ଭୁବନେଶ୍ୱର ସିଟି



ଓଡ଼ିଆ ଖାଦ୍ୟ ମହୋତ୍ସବ

# ରାଜଧାନୀରେ 'ଶିମିଳିପାଳ' ସ୍ୱାଦ







ଭୁବନେଶ୍ୱର, ୨୫ ।୧୨(ସମିସ):ରାଜଧାନୀର ପ୍ରଦର୍ଶନୀ ପଡ଼ିଆରେ ଖାଦ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ପ୍ରାୟ ୧୦୦ ରୁ ଅଧିକ ଖାଦ୍ୟ ପ୍ରସ୍ତୁତି କାରୀ ସଂସ୍ଥାମାନେ ଖାଦ୍ୟ ପ୍ରଦର୍ଶନ କରୁଛନ୍ତି। ଏହି ସବୁ ଖାଦ୍ୟ ମଧ୍ୟରୁ ମୟୂରଭଞ୍ଜ, ବାରିପଦାର ଶିମିଳିପାଳରୁ ଆସିଥିବା ଷ୍ଟଲରେ ମାଂସ ପୋଡ଼ ପିଠା, ମାଂସ ପିଠା, ମାଂସ ପତୁଆ ସହ ଚୁନା ରୁଟି ସହିତ ଦେଶୀ ବରେହି ପାଣିକୁ ଅଧିକ ମାତ୍ରାରେ ଲୋକମାନେ ପସନ୍ଦ କରୁଛନ୍ତି। ବିଶେଷ କରି ଏହି ସବୁ ସନ୍ଧ୍ୟା ସମୟରେ ସରିଯାଉଛି। ଚାଉଳଚୁନାକୁ ଜନ୍ତି ଏଥିରେ ଚିକେନ ଦିଆଯାଇ ଏହାକୁ ପୋଡ଼ାଯାଇଥାଏ। ଆଉ କିଛି ଚାଉଳ ଚୁନା ଜନ୍ତି ମାଂସ ସହିତ ମିଶାଯାଇ ଗୋଲ ପିଠା ଆକାର ହୋଇ ସିଝା ଯାଇଥାଏ। ଏହିପରି ମଧ୍ୟ ଶାଳପତ୍ରରେ ମାଂସକୁ ଛୋଟ ଛୋଟ କାଟି ଏହାକୁ ବାନ୍ଧି ଦିଆଯାଇଥିବାରୁ ସହରୀ ଲୋକମାନେ ଏହାକୁ ବେଶ ପସନ୍ଦ କରୁଛନ୍ତି। ଏଥିସହିତ ନାଲି ଉଷୁନା ଭାତର ପେଜରେ ଅଦା, ଧନିଆ, ଲେମ୍ବୁ ଆଦି ପଡ଼ି ପ୍ରସ୍ତୁତ ହେଉଥିବା ଦେଶୀ ବରେହି ପାଣି ପିଇବାକୁ ମଧ୍ୟ ଲୋକମାନେ ବେଶ ଆଗ୍ରହ ପ୍ରକାଶ କରୁଛନ୍ତି। ଏହି ବରେହି ପାଣିର ଦାମ୍ ୨୦ ଟଙ୍କା ରହିଥିବା ବେଳେ ମାଂସ ପିଠା ଓ ମାଂସ ପୋଡ଼ପିଠା, ମାଂସ ପତୁଆର ଦାମ୍ ୧୦୦ ଟଙ୍କା ରହିଛି। ଏନେଇ ଷ୍ଟଲରେ ବୁଝାବୁଝି କରୁଥିବା ଦେବଶ୍ରୀ କୁହନ୍ତି ଏହାକୁ ତାଙ୍କ ଶଶୁର ଅଜୟ କୁମାର କବାଟ ଆରମ୍ଭ କରିଥିଲେ। ତାଙ୍କ ସହିତ ମିଶି ଲୋକମାନେ କିପରି ବିନା ତେଲ ମସଲାରେ ମାଂସର ସ୍ୱାଦକୁ ଉପଭୋଗ କରିପାରିବେ ତାହା ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ରହିଛି ବୋଲି କହିଛନ୍ତି।


### ଚାଟ୍ ପାଖରେ ମାଳମାଳ ମହିଳା

ଖାଦ୍ୟ ମହୋତ୍ସବର ତୃତୀୟ ଦିନ ଗୁରୁବାର ହୋଇଥିବାରୁ ଅନେକ ମହିଳା ଚାଟ୍ ଖାଉଥିବାର ଦେଖିବାକୁ ମିଳିଥିଲା। ବିଶେଷ କରି ବୃନ୍ଦାବନ ଚାର୍ଟକୁ ସମସ୍ତେ ଅଧିକ ପସନ୍ଦ କରୁଛନ୍ତି। ଏହି ଚାଟ୍ ଷ୍ଟଲରେ ରାଜ କଚୋରି, ପାପୁଡ଼ି ଚାର୍ଟ, ଗୁପଚୁପ୍ ଅଧିକ ବିକ୍ରି ହେଉଛି। ପାପୁଡ଼ି ଚାଟ୍‌ର ମୂଲ୍ୟ ୧୦୦ ଟଙ୍କା ରହିଥିବା ବେଳେ ପାନିପୁରୀ ୭୦ ଟଙ୍କା, ରାଜ କଚୋରି ୧୨୦ ଟଙ୍କା ରହିଛି। ଏଥିସହିତ ମୁମ୍ବଇ ଷ୍ଟାଇଲ ଚାଟ୍, ଲସି, ଦହି ଆଲୁ ଟିକି, ଦହି ପାପୁଡ଼ି ଚାଟ୍, ବୃନ୍ଦାବନ କଚୋରି ଚାଟ୍ ଆଦି ରହିଛି। ଏହା ମଧ୍ୟରୁ ଅଧା ଖାଦ୍ୟ ବିନା ପିଆଜ ରସୁଣରେ ପ୍ରସ୍ତୁତ ହେଉଥିବାରୁ ସମସ୍ତେ ଏହାକୁ ବେଶି ପସନ୍ଦ କରୁଛନ୍ତି ବୋଲି ବିକାଶ ମହୋତ କହିଛନ୍ତି।

### ଖାଦ୍ୟ ପରେ ଲୋକେ ଖୋଜୁଛନ୍ତି ବ୍ଲୁ ଲାଗୁନ୍

ଆମିଷ ହେଉକି ନିରାମିଶ ଖାଦ୍ୟ ଖାଇବା ପରେ ଲୋକମାନେ କିଛିଟିକେ ଥଣ୍ଡା ପାନୀୟ ପିଇବାକୁ ଇଚ୍ଛା କରୁଛନ୍ତି। ବିଶେଷକରି ବ୍ଲୁଲାଗୁନ୍ ମକ୍‌ଟେଲକୁ ପିଇବାକୁ ଅଧିକ ପସନ୍ଦ କରୁଛନ୍ତି। ଜୀରା ମ୍ୟାଙ୍ଗୋ, ପାଇନାପୁଲ୍, ମ୍ୟାଙ୍ଗୋପାନା, ଅରେଞ୍ଜ, ଲେମନ୍ ଆଦିର ମକ୍‌ଟେଲ ରହିଛି। ଏହି ସବୁର ମୂଲ୍ୟ ୧୦୦ ଟଙ୍କା ରହିଛି। ସବୁ ମକ୍‌ଟେଲ୍‌ରେ ପୁଦିନା ସହ ଥଣ୍ଡାର ମିଶ୍ରଣ ରହୁଥିବାରୁ ଖାଦ୍ୟ ପରେ ପେଟ ସଫା ରହିବା ସହିତ ଖାଦ୍ୟ ମଧ୍ୟ ଶୀଘ୍ର ହଜମ ହୋଇଥାଏ। ଏହି ଷ୍ଟଲପାଇଁ ୨୦ ହଜାର ଟଙ୍କାର ମାଲ୍ ଆସିଥିବା ବେଳେ ଦିନକୁ ୧୦୦ ପାଖାପାଖି ଗ୍ଲାସ୍ ବିକ୍ରି ହେଉଛି। ବ୍ଲୁ ଲାଗୁନ୍ ମକ୍‌ଟେଲକୁ ଲୋକମାନେ ଅଧିକ ପସନ୍ଦ କରୁଛନ୍ତି ବୋଲି ଷ୍ଟଲର ମୁଖ୍ୟ ରାଜେଶ କୁମାର ଦଳେଇ କହିଛନ୍ତି।

## ଓଡ଼ିଶାର ଖାଦ୍ୟ ପରମ୍ପରା ବିରଳ ଓ ନିଆରା



ଭୁବନେଶ୍ୱର, ୨୫ ।୧୨(ସମିସ): ଓଡ଼ିଆ ଖାଦ୍ୟ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗ ଦେଇଥିବା କହିଛନ୍ତି ଯେ, ଓଡ଼ିଆ ଖାଦ୍ୟ ହେଉଛି ଏକ ସଂସ୍କୃତିର ସମାହାର। ସେ ବିଭିନ୍ନ ରାଜ୍ୟ ବାହାରେ ଅନେକ ସ୍ଥାନରେ ଖାଦ୍ୟ ଚାଖୁଛନ୍ତି କିନ୍ତୁ ଓଡ଼ିଆ ଖାଦ୍ୟର ଗୁଣବ। ସବୁଠାରୁ ଅଧିକ ଓ ସମୃଦ୍ଧ। ତେବେ ପାଶ୍ଚାତ୍ୟ ଖାଦ୍ୟ ନିଶାରେ ଆମେ ପ୍ରଭାବିତ ହୋଇ ଓଡ଼ିଆର ମୌଳିକତାକୁ ଉପେକ୍ଷା କରୁଛୁ। ବାସ୍ତବରେ ଓଡ଼ିଶାର ଖାଦ୍ୟ ପରମ୍ପରା ବିରଳ ଓ ନିଆରା ଅଟେ। ତେଣୁ ବିଶ୍ୱ ଓଡ଼ିଆ ପରିବାର ଖାଦ୍ୟ ମହୋତ୍ସବ ଆଳରେ ଏପରି ଆୟୋଜନ କରିବା ନିଶ୍ଚିତ ଭାବରେ ପ୍ରଶଂସନୀୟ ଅଟେ ବୋଲି ମତବ୍ୟକ୍ତ କରିଛନ୍ତି। ସମ୍ମାନିତ ଅତିଥି ଭାବରେ ଲୋକ ସେବକ ମଣ୍ଡଳର ସମ୍ପାଦକ ତଥା ସମାଜ ଖବର କାଗଜର ପ୍ରକାଶକ ତଥା ମୁଦ୍ରକ ଦୀପକ ମାଲବ୍ୟ, ଅନ୍ୟତମ ଅତିଥି ଭାବରେ ସମାଜସେବୀ ଶଶୀ ଶେଖର ସାହୁ, ବିଶ୍ୱ ଓଡ଼ିଆ ପରିବାରର ଅଧ୍ୟକ୍ଷ ସଜନ ଶର୍ମା ଉପସ୍ଥିତ ରହିଥିଲେ। ବିଶିଷ୍ଟ କବୟିତ୍ରୀ ଡ. ପ୍ରୀତିପ୍ରତିଭା ଭୋଳ ଅତିଥିମାନଙ୍କର ପରିଚୟ ତଥା କାର୍ଯ୍ୟ ସଞ୍ଚାଳନ କରିଥିଲେ। ଏକ ପାଞ୍ଚଦିନିଆ ଆଲୋଚନାଚକ୍ରକୁ ବିଧାୟକ ଦୁର୍ଗାପ୍ରସାଦ ନାୟକ ଉଦ୍‌ଘାଟନ କରିଥିଲେ। ରାଷ୍ଟ୍ରୀୟ ସଙ୍ଘ ସେବକ ସଂଘର କେନ୍ଦ୍ରୀୟ ଅଧିକାରୀ ଗୋପାଳ ମହାପାତ୍ର ମୁଖ୍ୟବକ୍ତା ଭାବରେ ଭୂରିୟସୀ ପ୍ରଶଂସା କରିଥିଲେ। ଏଥିରେ ପ୍ରତିଶ୍ରୁତି ଜେନା, ସୁରେଖା ରାଉତରାୟ, ଡଃ ମନୋଜ ମିଶ୍ର, ଭକ୍ତ ତ୍ରିପାଠୀ, ଡଃ ପଦ୍ମଲୋଚନ ଦାସ, ଡଃ ଅନୀତା ସାବତ ଖାଦ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହାପରେ ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ। ସଙ୍ଗୀତ ପରିବେଷଣ କରିଥିଲେ।

ଏହି ଅବସରରେ ରାଜ୍ୟରେ ଚମ୍‌କାର ନିରାମିଷ ବ୍ୟଞ୍ଜନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରାଜ୍ୟ ମହିଳା କମିଶନର ସଭ୍ୟା ପ୍ରତିଭା ଶତପଥୀ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମହାକାଳପଡ଼ାର ବିଧାୟକ ଦୁର୍ଗାପ୍ରସନ୍ନ ନାୟକ ପ୍ରତିଯୋଗିତାର ବିଚାରକମାନଙ୍କୁ ସମ୍ମାନୀତ କରିଥିଲେ। ନିରାମିଷ ଖାଦ୍ୟ ପ୍ରତିଯୋଗିତାରେ ୬୦ ଜଣ ମହିଳା ଅଂଶଗ୍ରହଣ କରିଥିଲେ। ଏଥିରେ ଜଗନ୍ନାଥଙ୍କ ପ୍ରସାଦରୁ ଆରମ୍ଭ କରି ବେସର, ମହୁର, ପତ୍ରପୋଡା ଆଦି ବିଭିନ୍ନ ପ୍ରକାର ବ୍ୟଞ୍ଜନ ସ୍ଥାନ ପାଇଥିଲା। ବିଶିଷ୍ଟ ଖାଦ୍ୟ ବିଶେଜ୍ଞ ପ୍ରଫେସର ଆଶିଷ କୁମାର ସାଇଁ, ଡଃ ପୁଷ୍ପାଞ୍ଜଳି ମିଶ୍ର, ଶ୍ରୀ ବୃନ୍ଦାବନ ବେହେରା, ଡଃ ରାଜେଶ୍ୱରୀ ପାଇକରାୟ, ଡ଼କ୍ଟର ସପ୍ନ ମିଶ୍ର ବିଚାରକ ଭାବରେ ଯୋଗ ଦେଇଥିଲେ। ସଙ୍ଗୀତା ଦାସ ଓ ଡଃ ପ୍ରୀତିପ୍ରତିଭା ଭୋଳ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

## ଶାସ୍ତ୍ରୀୟ ସଙ୍ଗୀତ ସମାରୋହ




ଭୁବନେଶ୍ୱର, ୨୫ ।୧୨(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଓ ସ୍ୱରଗଙ୍ଗ ଅନୁଷ୍ଠାନର ମିଳିତ ସହଯୋଗରେ ଶାସ୍ତ୍ରୀୟ ସଙ୍ଗୀତଜ୍ଞ ପଣ୍ଡିତ ଡଃ ଦାମୋଦର ହୋତା (ସ୍ୱରଗଙ୍ଗ)ଙ୍କର ୯୦ତମ ଜୟନ୍ତୀ ଉତ୍ସବ ତଥା ଶାସ୍ତ୍ରୀୟ ସଙ୍ଗୀତ ସମାରୋହ ଗୁରୁବାର ରବୀନ୍ଦ୍ର ମଣ୍ଡପ ଠାରେ ପାଳିତ ହୋଇଯାଇଛି। ଉତ୍ସବରେ ବିଧାୟକ ବାବୁ ସିଂହ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଶ୍ରୀ ବିଶ୍ୱବିଦ୍ୟାଳୟର ଡ଼ିନ ରତିକାନ୍ତ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଗୁରୁ କୃଷ୍ଣଚନ୍ଦ୍ର ଦାଶଙ୍କର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅତିଥିବୃନ୍ଦ ଏବଂ ସ୍ୱରଗଙ୍ଗ ଅନୁଷ୍ଠାନର ଉପଦେଷ୍ଟାଦ୍ୱୟ ପଣ୍ଡିତ ଡ଼. ଦେବେନ୍ଦ୍ର ନାରାୟଣ ଶତପଥି ଓ ପଣ୍ଡିତ ଲକ୍ଷ୍ମୀକାନ୍ତ ପାଲିତ୍ ତଥା ସଭାପତି ବିଦୁଷୀ ପ୍ରିୟମ୍ବଦା ମିଶ୍ରଙ୍କ ଉପସ୍ଥିତିରେ ଏ ବର୍ଷର ପଣ୍ଡିତ ଡଃ ଦାମୋଦର ହୋତା ସ୍ମୃତି ସମ୍ମାନ ବର୍ଷିୟାନ ଓଡ଼ିଶା କଣ୍ଠ ସଙ୍ଗୀତଜ୍ଞ ପଣ୍ଡିତ ଅରୂପଲାଲ ଘୋଷଙ୍କୁ ପ୍ରଦାନ କରାଯାଇଥିଲା। ଏହି ଅବସରରର ପ୍ରିୟମ୍ବଦା ମିଶ୍ରଙ୍କର ପରିବେଷଣରେ ଥିଲା ରାଗ- ଯୋଗକୌଶ, ବିଲମ୍ବିତ ଏକତାଲରେ 'ସୁଘର ବର ପାୟୋ' ଏବଂ ଦୃତ ତ୍ରିତାଲରେ' କାହ୍ନା ଯାରେ ଯା' ଯାହା ପଣ୍ଡିତ ଡ. ଦାମୋଦର ହୋତାଙ୍କ ସଂଯୋଜନା ଥିଲା। ଅତିଥି ଶିଳ୍ପୀ ଭାବେ ଗୁରୁ ପ୍ରଦ୍ୟୁମ୍ନ କିଶୋର ନାୟକଙ୍କର ଏକକ ତବଲା ବାଦନା ପରିବେଷଣ କରାଯାଇଥିଲା। ଶେଷରେ ସମସ୍ତ ଶିଷ୍ୟ ଶିଷ୍ୟା ଓ ପ୍ରଶିଷ୍ୟ ପ୍ରଶିଷ୍ୟାମାନେ ସମବେତ ପରିବେଷଣ କରିଥିଲେ ରାଗ ବାଗେଶ୍ରୀରେ 'ଜୟତୀ ଜୟତୀ ଜୟ ବ୍ରହ୍ମନନ୍ଦିନୀ' ଯାହାକୁ ପଣ୍ଡିତ ଗୁରୁ ରଘୁନାଥ ସାହୁ ପରିଚଳନା କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଡ. ମୃତ୍ୟୁଞ୍ଜୟ ରଥ ଉପସ୍ଥାପନା କରିଥିଲେ। ମାନସୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ରାଜ୍ୟସ୍ତରୀୟ ଶାସ୍ତ୍ରୀୟ ସଂଗୀତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଏଥିରେ ପୁରସ୍କୃତ କରାଯାଇଥିଲା।

## ଇନ୍ଦିରା କଲୋନୀ କମ୍ୟୁନିଟି ସେଣ୍ଟରରେ ସ୍ୱାସ୍ଥ୍ୟ ଶିବିର

ଭୁବନେଶ୍ୱର, ୨୫ ।୧୨(ସମିସ): ଇନ୍ଦିରା କୋ-ହାଉସିଂ କଲୋନୀ ରେସିଡେନ୍ସ ଆସୋସିଏସନ୍ ଓ ସମ୍ ହସପିଟାଲର ମିଳିତ ସହଯୋଗରେ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିର ନୂଆଗାଁ ନିକଟସ୍ଥ ଇନ୍ଦିରା କଲୋନୀ କମ୍ୟୁନିଟି ସେଣ୍ଟରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୦ ଟି ବିଭାଗରୁ ଭିନ୍ନ ଭିନ୍ନ ବିଶେଷଜ୍ଞମାନେ ଆସି ସ୍ଥାନୀୟ ନାଗରିକଙ୍କ ଚିକିତ୍ସା ଓ ଟେଷ୍ଟ ଯଥା ବ୍ଲଡ, ଇସିଜି ଇତ୍ୟାଦି କରାଇଥିଲେ। ମେଡ଼ିସିନ୍ ମଧ୍ୟ ଫ୍ରିରେ ବଣ୍ଟନ କରାଯାଇଥିଲା। ଏହି ଶିବିରରେ କଲୋନୀ ତଥା ଆଖ ପାଖ ଅଞ୍ଚଳରୁ ୪୦୦ ରୁ ଅଧିକ ଲୋକ ଆସି ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ମହିଳା, ପୁରୁଷ ଏବଂ ଶିଶୁ ମାନଙ୍କ ନିମନ୍ତେ ପୃଥକ କାଉଣ୍ଟରରେ ଚିକିତ୍ସା ବ୍ୟବସ୍ଥା କରାଯାଇଥିଲା।

## 'ସଭ୍ୟତା ଓ ସଂସ୍କୃତି' ଶୀର୍ଷକ ଆଲୋଚନା

ଭୁବନେଶ୍ୱର, ୨୫।୧୨(ସମିସ): ମଙ୍ଗଳବାର ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ୯୦ତମ ସଂସ୍କୃତି ଚର୍ଚ୍ଚା ସମ୍ମାନ ସମାରୋହରେ 'ସଭ୍ୟତା ଓ ସଂସ୍କୃତି' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ତ୍ରିପୁରା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଦର୍ଶନ ବିଭାଗର ପ୍ରାକ୍ତନ ମୁଖ୍ୟ ପ୍ରଫେସର ମୁଖ୍ୟ ଡ. ଆଦିତ୍ୟ କୁମାର ମହାନ୍ତି ଯୋଗ ଦେଇ ଭାରତୀୟ ସଂସ୍କୃତି ଏକ ଗୁଢ଼ତର ସଭ୍ୟତାର ଗୁଣ ସୂତ୍ର, ତେଣୁ ସଂସ୍କୃତିର ଅର୍ଥହେଲା ଜ୍ଞାନଗତ ଉତ୍କର୍ଷ ସାଧନ ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ ଅନ୍ୟତମ ଅତିଥି ଭାବେ ମନୋରଞ୍ଜନ ପାଣିଗ୍ରାହୀ, ପ୍ରଦୋଷ ପଟ୍ଟନାୟକ, ବଂଶୀଧର ଭୋଇ, ନଟବର ମହାନ୍ତି ଉପସ୍ଥିତ ଥିଲେ। ପ୍ରାରମ୍ଭରେ ରାଜ୍ୟ ଅଭିଲେଖାଗାରର ଅଧୀକ୍ଷକ ଡ. ଶେଖ୍ ସୋଲେମାନ ଅଲ୍ଲୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ସଂସ୍କୃତି ବିଭାଗର ସ୍ୱତନ୍ତ୍ର କାର୍ଯ୍ୟ ନିର୍ବାହୀ ଅଧିକାରୀ ବନାନୀ ମହାପାତ୍ର। ଶେଷରେ ବିଷୟ ସମ୍ବନ୍ଧୀୟ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇଥିଲା।

## ଦିଲ୍ଲୀରେ ଉତ୍କଳିନୀର ବାର୍ଷିକ ପର୍ବ

ଭୁବନେଶ୍ୱର, ୨୫।୧୨(ସମିସ): ୧୯୮୦ ମସିହାରେ ଜାତୀୟ ରାଜଧାନୀ କ୍ଷେତ୍ରରେ ପ୍ରତିଷ୍ଠିତ ଓଡ଼ିଆ ନାରୀମାନଙ୍କର ଅଗ୍ରଣୀ ଅନୁଷ୍ଠାନ ଉତ୍କଳିନୀର ୪୫ ତମ ବାର୍ଷିକ ସାଂସ୍କୃତିକ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ କଥକ ନୃତ୍ୟଶିଳ୍ପୀ ଶୋଭନା ନାରାୟଣ, ସମ୍ମାନନୀୟ ଅତିଥି ଭାବେ ମହାତ୍ମା ଗାନ୍ଧୀ ଜାତୀୟ ସଂଗ୍ରହାଳୟର ପୂର୍ବତନ ଅଧ୍ୟକ୍ଷା ବର୍ଷା ଦାସ ଯୋଗ ଦେଇଥିଲେ। ସଭାକୁ ସମ୍ବୋଧନ କରି ଶୋଭନା ନାରାୟଣ। ଏହି ବାର୍ଷିକ ସାଂସ୍କୃତିକ ପର୍ବରେ ଉତ୍କଳିନୀର ସଦସ୍ୟା ମାନେ ନାରୀ ଶକ୍ତି ବିଷୟବସ୍ତୁ ଉପରେ ଆଧାରିତ ଓଡ଼ିଶାର ହସ୍ତଶିଳ୍ପ ଓ ତାର ସୌନ୍ଦର୍ଯ୍ୟକୁ ମଞ୍ଚ ଉପରେ ପ୍ରଦର୍ଶନ କରାଯାଇଥିଲା। କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କର ବୈଦେହୀଶ ବିଳାଶରେ ବର୍ଣ୍ଣିତ କୈବର୍ତ୍ତ୍ୟର ଭଗବାନ ରାମଚନ୍ଦ୍ରଙ୍କ ପାଦ ଧୋଇବା ପ୍ରସଙ୍ଗ ଉପରେ ଆଧାରିତ ଓଡିଶୀ ନୃତ୍ୟ ଦର୍ଶକଙ୍କୁ ଅଭିଭୂତ କରିଦେଇଥିଲା। ଶେଷରେ ଓଡ଼ିଆ ନାଟକ 'ବ୍ରେନ ଗାଆଁ ଡଟ କମ' ମଞ୍ଚସ୍ଥ କରାଯାଇଥିଲା। ଏହି ଉତ୍ସବରେ ଉତ୍କଳିନୀର ଅଧ୍ୟକ୍ଷା ସବିତା ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ ଓ ଅନ୍ୟକାର୍ଯ୍ୟନିର୍ବାହୀ ଅଧିକାରୀ ବୃନ୍ଦ ଯଥା ମଧୁମିତା ସାହୁ, ଶୁଭ୍ରଲୀନା ମହାନ୍ତି, ସ୍ନିଗ୍ଧା ଦାସ, ବନ୍ଦନା ମହାନ୍ତି ଏବଂ ଦୀପିକା ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ନିଗମ କଳ୍ପତରୁ ଆଶ୍ରମର ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୨୫।୧୨(ସମିସ): ସଦ୍‌ଗୁରୁ ଠାକୁର ସ୍ୱାମୀ ନିଗମାନନ୍ଦଙ୍କ ପ୍ରତି ସମର୍ପିତ ସନ୍ଥ, ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀଙ୍କ ଦ୍ୱାରା ଭୁବନେଶ୍ୱର ଉପକଣ୍ଠ ରୁଦ୍ର ବିହାରଠାରେ ପ୍ରତିଷ୍ଠିତ ନିଗମ କଳ୍ପତରୁ ଆଶ୍ରମର ବାର୍ଷିକ ଉତ୍ସବ ଓ ପୂଜ୍ୟ ସ୍ୱାମିଜୀଙ୍କ ସ୍ୱନକ୍ଷତ୍ର ଉତ୍ସବ ଆଶ୍ରମ ପରିସରରେ ପାଳିତ ହୋଇଯାଇଛି। ସ୍ୱାମୀ ବ୍ରହ୍ମାନନ୍ଦ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଦୈନିକ ପ୍ରଗତିବାଦୀର ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ ଯୋଗ ଦେଇଥିବା ବେଳେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପାଇଁ ଜୀବନବ୍ୟାପୀ କାର୍ଯ୍ୟ କରିଥିବା ଡଃ ନଟବର ଶତପଥୀ, ଐତିହାସିକ ତଥା ଆଚାର୍ଯ୍ୟ ଜୟଦେବଙ୍କ ପ୍ରତି ସମର୍ପିତ ପ୍ରାଣ ଡଃ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀଙ୍କୁ ମୁଖ୍ୟ ଅତିଥି ଉତ୍ତରୀୟ ଓ ସ୍ମାରକୀ ଫଳକ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରଫେସର ଡଃ ହରେକୃଷ୍ଣ ଶତପଥୀ, ସୁବାର୍ତ୍ତାର ସମ୍ପାଦକ ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥୀ, କମିଟିର ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଯୋଗ ଦେଇଥିଲେ।

## ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅବସରପ୍ରାପ୍ତ କର୍ମଚାରୀ ସମାରୋହ




ଭୁବନେଶ୍ୱର, ୨୫।୧୨(ସମିସ): ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ଅବସରପ୍ରାପ୍ତ କର୍ମଚାରୀ ସଂଘର ୫ମ ବାର୍ଷିକ ପ୍ରତିଷ୍ଠା ଦିବସ ହାଉସିଂବୋର୍ଡ ଛକ ନିକଟସ୍ଥ ବୁଦ୍ଧ ମନ୍ଦିର ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୟନ୍ତ କୁମାର ରଥ ସଭାପତିତ୍ୱ କରିଥିଲେ। ଐତିହାସିକ ପ୍ରଫେସର ଡକ୍ଟର ନିହାର ରଞ୍ଜନ ପଟ୍ଟନାୟକ, ରାଜ୍ୟ ବରିଷ୍ଠ ନାଗରିକ ମହାସଂଘର ସଭାପତି ମଧୁମାଧବ ଜେନା ରାଜ୍ୟ ବରିଷ୍ଠ ମହାସଂଘର ସାଧାରଣ ସମ୍ପାଦକ ଯୁଗଳ କିଶୋର ସାହୁ, ସଂଘର ଉପଦେଷ୍ଟା ରବୀନ୍ଦ୍ର ନାଥ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ସଂଘର ସମ୍ପାଦକ ରବୀନ୍ଦ୍ର କୁମାର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଧୀରେନ୍ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିସହିତ ବରିଷ୍ଠ ଉପଦେଷ୍ଟା ରମେଶ ଚନ୍ଦ୍ର ମିଶ୍ର, ଚକ୍ରଧର ସାହୁ, କୋଷାଧ୍ୟକ୍ଷ ଏବଂ ଚକ୍ରଧର ଦାସ, ସହସମ୍ପାଦକ ଉକ୍ତ ସଭାର ସମସ୍ତ ଆୟୋଜନ କରିଥିଲେ।

9th
Death Anniversary
In Loving Memory
"We remember you with Pride and Gratitude.
Your presence remains with us like a Blessing.
We miss your Love, Affection and Guidance.
Your path of Righteousness will continue to inspire us."



Gopal Chandra Mohanty
Ex- Principal Secretary to Govt. of Odisha, Law Department,
Ex- Chairman, State Law Revision Committee.

Fondly Remembered by
Kanak Mohanty
Manoj & Bharati Mohanty, Saroj & Amrapalli Mohanty
Sanjib & Ashru Mohanty
Samikhya & Tarun, Samyantaka, Anwesha
Staffs and Management of Xpose Advertising
BHUBANESWAR | RAIPUR KOLKATA | HYDERABAD · BALASORE · BALASORE

# ନୃତ୍ୟରେ ଝୁମିଲା 'ସଂଯୋଗ-୨୦୨୫'

ଧଉଳି, ୨୫।୧୨(ସମିସ): ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ନୃତ୍ୟ ଅନୁଷ୍ଠାନ 'ଜ୍ୟୋତି କଳା ମନ୍ଦିର ଦ୍ୱାରା ଆୟୋଜିତ ନୃତ୍ୟ ମହୋତ୍ସବ 'ସଂଯୋଗ-୨୦୨୫' ଭଞ୍ଜ କଳା ମଣ୍ଡପରେ ଅନୁଷ୍ଠିତ ହୋଇ ଯାଇଅଛି। ଉଦଘାଟନୀ ସନ୍ଧ୍ୟାରେ ମାନ୍ୟବର ମୁଖ୍ୟ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଡକ୍ଟର ଚନ୍ଦ୍ରଶେଖର ହୋତା, କାପୋକ୍‌ର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ, ବରିଷ୍ଠ ସାମ୍ବାଦିକ ଶ୍ୟାମାହରି ଚକ୍ର ଏବଂ ଗୁରୁ ରାମହରି ଦାସ (ସଭାପତି, ଜେଜେଏମ୍) ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।




ଉପସ୍ଥିତ ଥିବା ଦର୍ଶକମାନେ ବହୁ ସୁନାମ ଅର୍ଜନ କରିଥିବା ନୃତ୍ୟଶିଳ୍ପୀଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ବିଶେଷକରି ମୀରା ଦାସ, ପୁଷ୍ପିତା ମିଶ୍ର, ଡକ୍ଟର ଅତସୀ ମିଶ୍ର, ଗାୟତ୍ରୀ ଜୋଶୀ, ବିପଞ୍ଚି ଦାସ, ନୀଳାଞ୍ଜନା ରଏ, ତନ୍ମୟ ତ୍ରିପାଠୀ, ଅଶ୍ରୀ ପଣ୍ଡା, ଅନନ୍ୟା ଦାସ, ଅନନ୍ୟା ବାମିଧୂପତି ଏବଂ ଆଦ୍ୟାଶୀ ପତି ପ୍ରମୁଖ ନୃତ୍ୟ ପରିବେଷଣ କରିଥିଲେ। ଶୀତୁଆ ସନ୍ଧ୍ୟାର କାର୍ଯ୍ୟକ୍ରମ ଅନୁଷ୍ଠାନର ପ୍ରତିଷ୍ଠାତା ଏବଂ ନିର୍ଦ୍ଦେଶକ ଗୁରୁ ଶ୍ରୀମତୀ ଜ୍ୟୋତି ରାଉତଙ୍କ ଦ୍ୱାରା ପରିବେଷିତ 'ଗୀତା ମଙ୍ଗଳାଚରଣ' ସହିତ ଆରମ୍ଭ ହୋଇଥିଲା। ଏହା ପରେ ଜ୍ୟୋତି କଳା ମନ୍ଦିର, ଓଡ଼ିଶା ଶାଖାର ଛାତ୍ରଛାତ୍ରୀଙ୍କ ଦ୍ୱାରା 'ଗଙ୍ଗା ସ୍ତୁତି' ପରିବେଷଣ କରାଯାଇଥିଲା। ପରେ ଜ୍ୟୋତି କଳା ମନ୍ଦିର (ଆମେରିକା) ଏବଂ (ଓଡ଼ିଶା) ଶାଖାର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା 'ଭୈରବୀ ପଲ୍ଲବୀ' ଦକ୍ଷତାର ସହିତ ପରିବେଷଣ କରାଯାଇ ଶେଷରେ 'ମୋକ୍ଷ' ଉପସ୍ଥାପନା କରାଯାଇଥିଲା।





# ସାରାଦିନ ଲାଗିଛି ବଡ଼ଦିନ ଉତ୍ସାହ



## ଗୋଲାପ ଦର ଦୁଇଗୁଣା

ବଡ଼ଦିନରେ ଯୀଶୁଙ୍କ ଦର୍ଶନ କରିବାକୁ ଶ୍ରଦ୍ଧାଳୁମାନେ କ୍ୟାଣ୍ଡେଲ ଜାଳିବା ସହ ଗୋଲାପ ଦେଇଥାନ୍ତି। ତେବେ ବର୍ଷା ପାଇଁ କ୍ୟାଣ୍ଡଲ ଲାଗାଇବାରେ ସମସ୍ୟା ହୋଇଥିବା ବେଳେ ଗୋଲାପ ଦର ପୂର୍ବପେକ୍ଷା ଦ୍ୱିଗୁଣା ହୋଇଥିଲା। ପୂର୍ବରୁ ଗୋଲାପ ଗୋଟାକ ୧୦ଟଙ୍କା ରହିଥିବା ବେଳେ ଆଜି ତାହା ୨୦ରୁ ୨୫ ଟଙ୍କାରେ ପହଞ୍ଚିଥିଲା।

## ସାମାଜିକ ଗଣମାଧ୍ୟମରେ କୁନି ସାନ୍ତା

ବଡ଼ଦିନ ପର୍ବକୁ ସମସ୍ତ ବର୍ଗର ବ୍ୟକ୍ତି ପାଳନ କରିଥିବା ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳିଛି। ବିଶେଷ କରି ଛୋଟ ଶିଶୁ ମାନଙ୍କୁ ସାନ୍ତା ବେଶରେ ସଜ୍ଜାଯାଇଥିବାର ଫଟୋ ସୋସିଆଲ ମିଡ଼ିଆରେ ଦେଖିବାକୁ ମିଳିଛି। ଖ୍ରୀଷ୍ଟମାସ ଟ୍ରୀ ସାଙ୍ଗକୁ ଉପହାର ବାକ୍ସ ସାଙ୍ଗକୁ କୁନି ପିଲାର ଫଟୋଗୁଡ଼ିକ ଖ୍ରୀଷ୍ଟମାସ ଗୀତ ରହିଥିବା ଭିଡିଓ ମଧ୍ୟ ଦେଖିବାକୁ ମିଳିଛି।

ଭୁବନେଶ୍ୱର, ୨୫।୧୨(ସମିସ): ବଡ଼ଦିନ ପାଇଁ ରାଜଧାନୀର ବିଭିନ୍ନ ଚର୍ଚ୍ଚରେ ମଧ୍ୟ ବ୍ୟାପକ ପ୍ରସ୍ତୁତି ହୋଇଛି। ଗୁରୁବାର ସକାଳୁ ସକାଳୁ ଖ୍ରୀଷ୍ଟପ୍ରେମୀମାନେ ଚର୍ଚ୍ଚରେ ଗୋଲାପ ଫୁଲ ଦେଇ ଯୀଶୁଙ୍କ ପାଦ ଚୁମ୍ବନ କରିବା ସହ ପରସ୍ପରକୁ ବଡ଼ଦିନ ଶୁଭେଚ୍ଛା ଜଣାଇଥିଲେ। ସକାଳ ୮ଟାରୁ ରାଜଧାନୀର କ୍ୟାଥୋଲିକ୍, ୟୁନିୟନ୍ ଓ ଅନ୍ୟ ଚର୍ଚ୍ଚ ପରିସରରେ କାରୋଲ ଗାନ କରାଯାଇଥିଲା। ଚର୍ଚ୍ଚ ପରିସରରେ ନିର୍ମିତ ଯୀଶୁଙ୍କ ଜନ୍ମସ୍ଥଳ ଗୁହାଳର ଅବିକଳ ରୂପ କରାଯାଇ ସେଠାରେ ଶିଶୁ ଯୀଶୁଙ୍କୁ ସ୍ଥାପନ କରାଯାଇଥିଲା। ଏଥିସହ ଯୀଶୁଙ୍କ ଜନ୍ମଠାରୁ କ୍ରୁଶବିଦ୍ଧ ପର୍ଯ୍ୟନ୍ତ ସମସ୍ତ ଦୃଶ୍ୟକୁ ଚିତ୍ର ଆକାରରେ ଦର୍ଶାଯାଇଥିଲା। ସେଠାରେ ଶ୍ରଦ୍ଧାଳୁମାନେ ସେଲ୍‌ଫି ମଧ୍ୟ ନେଇଥିଲେ। ସତ୍ୟନଗର ସେଣ୍ଟ୍ ଭିନ୍‌ସେଣ୍ଟ୍ କ୍ୟାଥଲିକ୍ ଚର୍ଚ୍ଚରେ ସକାଳ ୮ଟାରେ ଖ୍ରୀଷ୍ଟ ଜୟନ୍ତୀ ମହା ଦିବ୍ୟଯଜ୍ଞ ଆୟୋଜନ ହୋଇଥିଲା। ପ୍ରଭୁଙ୍କ ଦର୍ଶନ ପରେ ଖ୍ରୀଷ୍ଟଧର୍ମାବଲମ୍ବୀଙ୍କ ଘରେ ମଧ୍ୟ ଉତ୍ସବର ପରିବେଶ ଜମିଥିଲା। ସେହିପରି ୟୁନିଅନ୍ ଚର୍ଚ୍ଚକୁ ରଙ୍ଗବେରଙ୍ଗର ଆଲୋକମାଳାରେ ସଜ୍ଜାଯିବା ସହିତ ଚର୍ଚ୍ଚ ପରିସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

ପ୍ରକାଶ ଥାଉ କି ପୂର୍ବଦିନ ସନ୍ଧ୍ୟାରୁ ରାତି ୧୨ଟା ଯାଏ ୱାଚ୍ ନାଇଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ୨୫ ତାରିଖ ସକାଳ ୯ଟା୪୫ରେ ଅଣଓଡ଼ିଆଙ୍କ ପାଇଁ ଇଂରାଜୀ ଭାଷାରେ ପ୍ରାର୍ଥନା ଏବଂ ସାଢ଼େ ୩ଟାରେ ଓଡ଼ିଆ ଭାଷାରେ ପ୍ରାର୍ଥନା କରାଯାଇଥିଲା। ଏହି ଉପଲକ୍ଷେ ନୂତନ ବସ୍ତ୍ର ପରିଧାନ କରିବା ସହ ସେମାନେ ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ ଓ କେକ୍ ପ୍ରସ୍ତୁତ କରିଥିଲେ। ଖ୍ରୀଷ୍ଟଧର୍ମାବଲମ୍ବୀ ମାନେ ନିଜ ଘରକୁ ବିଭିନ୍ନ ଲାଇଟ୍‌ରେ ବେଲ୍, ଘଣ୍ଟି ସହ ସଜାଇବା ସହ ଛୋଟ ପିଲାମାନେ ସାଣ୍ଟା ଡ୍ରେସ୍ ପିନ୍ଧି ସମସ୍ତଙ୍କୁ ଉପହାର ପ୍ରଦାନ କରିଥିଲେ। ଏହାସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ଖ୍ରୀଷ୍ଟମାସ ପାଇଁ ରାଜଧାନୀର ବିଭିନ୍ନ ହୋଟେଲମାନଙ୍କରେ ମଧ୍ୟ ସ୍ୱତନ୍ତ୍ର ପ୍ରସ୍ତୁତି ହୋଇଥିଲା।

# ପ୍ରବାସୀ ଶ୍ରମିକଙ୍କ ଉପରେ ହେଉଥିବା ଆକ୍ରମଣକୁ ନିନ୍ଦା

ଭୁବନେଶ୍ୱର, ୨୫।୧୨(ସମିସ): ରାଜ୍ୟରେ ବିଜେପି ସରକାର ଆସିବା ପରଠାରୁ ସାମ୍ପ୍ରଦାୟିକ ବିଷବାଷ୍ପ ଖେଳାଇ ବାଂଲାଦେଶୀ ହଟାଅ ନାଁରେ ଯେଉଁ ଅରାଜକତା ସୃଷ୍ଟି କରାଯାଉଛି। ତାହାକୁ ଅଲ୍ ଇଣ୍ଡିଆ ସେଣ୍ଟ୍ରାଲ କାଉନସିଲ୍ ଅଫ୍ ଟ୍ରେଡ୍ ୟୁନିୟନ (ଏଆଇସିସିଟିୟୁ) ଘୋର ନିନ୍ଦା କରୁଛି। ସମ୍ବଲପୁରରେ ଜଣେ ପ୍ରବାସୀ ଶ୍ରମିକଙ୍କୁ ପିଟି ପିଟି ହତ୍ୟା କରିବା ଏବଂ ଅନ୍ୟ ଦୁଇ ଜଣଙ୍କୁ ରକ୍ତାକ୍ତ କରିବା ଘଟଣା ସଭ୍ୟ ସମାଜରେ ଅତ୍ୟନ୍ତ ନିନ୍ଦନୀୟ। ଏହି ବର୍ବରକାଣ୍ଡ ବିରୋଧରେ ଏଆଇସିସିଟିୟୁ ରାଜ୍ୟ ସାଧାରଣ ସମ୍ପାଦକ ମହେନ୍ଦ୍ର ପରିଡ଼ା ଏବଂ ରାଜ୍ୟ ସଭାପତି ତଥା ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ ଦୃଢ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସମ୍ବଲପୁର ହତ୍ୟାକାଣ୍ଡ ଓ ଆକ୍ରମଣରେ ସମ୍ପୃକ୍ତ ଥିବା ସମସ୍ତ ଗୁଣ୍ଡା ଓ ଅସାମାଜିକ ବ୍ୟକ୍ତିଙ୍କୁ ପୋଲିସ ତୁରନ୍ତ ଗିରଫ କରିବା ସହ ରାଜ୍ୟରେ ଶାନ୍ତି ରକ୍ଷା ପାଇଁ ଏଭଳି ସାମ୍ପ୍ରଦାୟିକ ଶକ୍ତିଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସଂଘ ଦାବି କରାଯାଇଛି।

# ଗୀତମ କଲେଜରେ ବିପିୟୁଟିର ପ୍ରୋଜେକ୍ଟ ପ୍ରଦର୍ଶନୀ




ଭୁବନେଶ୍ୱର, ୨୫।୧୨(ସମିସ): ଗୀତମ ଯାନ୍ତ୍ରୀକ ଓ ବୈଷୟିକ କଲେଜରେ ବିପିୟୁଟିର ପ୍ରୋଜେକ୍ଟ ପ୍ରଦର୍ଶନୀ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓୟୁଟିରର କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ, ଆନା ୟୁନିଭରସିଟି ପ୍ରଫେସର ସଞ୍ଜୀବ କୁମାର ପଟ୍ଟନାୟକ, ଓଜେସିଏଲ୍‌ର ଏମ୍.ଡି ଡ. ମନୋରଞ୍ଜନ ପୋଥାଲ୍, ଭିପି ଏବଂ ସେଣ୍ଟର ହେଡ୍ କଗ୍ନିଜେଣ୍ଟ୍ ସଲ୍ୟୁସନ୍ସ ସତିଶ ପ୍ରଧାନ, ବିପିୟୁଟି କୁଳପତି ମୁଖ୍ୟ ସଂରକ୍ଷକ ପ୍ରଫେସର ଅମୀୟ କୁମାର ରଥ ଯୋଗ ଦେଇଥିଲେ। ବିପିୟୁଟି ଅଧୀନସ୍ଥ ୨୭ଟି କଲେଜର ୧୨୩ ପ୍ରୋଜେକ୍ଟ ସ୍ଥାନ ପାଇଥିଲା ଏବଂ ୪୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ଗୀତମ କଲେଜ୍ ପକ୍ଷରୁ ଅଧ୍ୟକ୍ଷା ଇତିଶ୍ରୀ ପାତ୍ର, ସିଇଓ ପ୍ରଫେସର୍ ତପନ କୁମାର ପଣ୍ଡା, ପ୍ରିନ୍‌ସିପାଲ ପ୍ରଫେସର ଅଜୟ କୁମାର ପ୍ରଧାନ ଏବଂ ବିପିୟୁଟି ପକ୍ଷରୁ ପ୍ରଫେସର ଶୁଭେନ୍ଦୁ ରଥ ପ୍ରଫେସର ପ୍ରକାଶ କୁମାର ପଣ୍ଡା ଉପସ୍ଥିତ ରହିଥିଲେ।

# ଜୟକୃଷ୍ଣ ସାହୁଙ୍କୁ ଝୁମୁକା ପୁରସ୍କାର

ଭୁବନେଶ୍ୱର, ୨୫।୧୨(ସମିସ): ଶିଶୁ-କିଶୋର ସାହିତ୍ୟ ପତ୍ରିକା ଝୁମୁକା ପକ୍ଷରୁ ଶିଶୁ ସାହିତ୍ୟକ ଜୟକୃଷ୍ଣ ସାହୁଙ୍କୁ ମର୍ଯ୍ୟାଦାପୂର୍ଣ୍ଣ ଝୁମୁକା ପୁରସ୍କାର ୨୦୨୫ ପ୍ରଦାନ ନିମନ୍ତେ ଘୋଷଣା କରାଯାଇଛି। ଏହା ବ୍ୟତୀତ ଝୁମୁକା ପୃଷ୍ଠାର ଲେଖିକା ଲହରିକା ପଟ୍ଟନାୟକ ଓ ଅଧ୍ୟାପିକା ଅପରାଜିତା ମହାରଣାଙ୍କୁ ଚଳିତବର୍ଷ ଝୁମୁକା ସାରସ୍ୱତ ସମ୍ମାନ, ସୁଶ୍ରୀ ଅନ୍ୱେଷା ମହାପାତ୍ର ଓ ଶୁଭ୍ରଜିତ୍ ଜେନାଙ୍କୁ 'ଝୁମୁକା ଶିଶୁ ଚିତ୍ରଶିଳ୍ପୀ ସମ୍ମାନ ୨୦୨୫' ପ୍ରଦାନ କରାଯିବ। ଆସନ୍ତା ଶନିବାର ସନ୍ଧ୍ୟାରେ ଭାରତୀୟ ରେଡକ୍ରସ ଭବନରେ ଅନୁଷ୍ଠିତ ଝୁମୁକାର ୩୯ତମ ସାମ୍ବତ୍ସରିକ ସାରସ୍ୱତ ସମାରୋହ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ମାନସ ରଞ୍ଜନ ସାମଲ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

# ହୀରାପୁର ପ୍ରିମିଅର ଲିଗ୍ ଉଦ୍‌ଘାଟିତ



ବାଲିଅନ୍ତା, ୨୫।୧୨(ସମିସ): ମହାମାୟା ଯୁବ ପରିଷଦ ଖେଳ ପଡ଼ିଆରେ ଅଷ୍ଟମ ହୀରାପୁର ପ୍ରିମିଅର ଲିଗ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ୮ଗୋଟି ଟିମ ଭାଗ ନେଇଥିଲେ।ବାଲକାଟି ଜିଓ ପେଟ୍ରୋଲ ଟାଙ୍କି ମାଲିକ ସଞ୍ଜୟ କୁମାର ମହାନ୍ତି ମୁଖ୍ୟ ଅତିଥି, ସିଦ୍ଧେଶ୍ୱର ମହାନ୍ତି, ମୁଖ୍ୟ ଉପଦେଷ୍ଟା ଚକ୍ରଧର ନାୟକ, ରବୀନ୍ଦ୍ର ନାଥ ନାୟକ, ସୁକାନ୍ତ କୁମାର ସାହୁ, କମିଟି ସଦସ୍ୟ ଅକ୍ଷୟ କୁମାର ଦାସ, ଧରଣୀଧର ଦାସ, ରବୀନ୍ଦ୍ର ନାଥ ସାହୁ, ଭାଗିରଥି ଜେନା, ଆଶିଷ କୁମାର ସାହୁ ଏବଂ ଶୁଭଙ୍କର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆଜିର ମ୍ୟାଚ ପରିଚାଳନା କରିଥିଲେ ବିକନ ଓ ସନ୍ତୋଷ। ଆଜି ୬ଟି ମ୍ୟାଚ ଖେଳା ଯାଇଥିଲା। ଶ୍ରୀକ୍ରିଷ୍ଣା ୱାରିଅର, ବିବି ରାଇଡ଼ର, ଜେବିଏଲ ୱାରିଅର, ଲିଓ ଲାନସର, ଗେମ ଚେଞ୍ଜର ଇଲେଭେନ ବିଜୟୀ ହୋଇଥିଲେ।

# 'ଥିଲେ ଦିଅ, ନ ଥିଲେ ନିଅ' ଶୁଭାରମ୍ଭ



ଭୁବନେଶ୍ୱର, ୨୫।୧୨(ସମିସ): 'ଉତ୍ର' ଚାରିଟେବୁଲ୍ ଟ୍ରଷ୍ଟ ତରଫରୁ ଚଳିତବର୍ଷ ପୁରୁଣା ବସ୍ତ୍ର ଏବଂ ନୂତନ ବସ୍ତ୍ର ସଂଗ୍ରହ ଅଭିଯାନ 'ଥିଲେ ଦିଅ, ନଥିଲେ ନିଅ' ପଳାଶପଲ୍ଲୀସ୍ଥିତ ଓଡ଼ିଶା ବଧିର ଆସୋସିଏସନ୍‌ଠାରେ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପୁରୁଣା ଓ ନୂତନ ବସ୍ତ୍ର ସଂଗ୍ରହ କରାଯାଇ ଗରିବ ଲୋକମାନଙ୍କ ମଧ୍ୟରେ ବଣ୍ଟନ କରାଯାଉଛି ବୋଲି ଟ୍ରଷ୍ଟର ସମ୍ପାଦିକା ଶୁଭ୍ରାଜ୍ୟୋତି ଦାସନାୟକ କହିଛନ୍ତି। କାର୍ଯ୍ୟକ୍ରମରେ ଓଡ଼ିଆ ଅଭିନେତ୍ରୀ ପୁନମ୍ ମିଶ୍ର, ଟ୍ରଷ୍ଟର ସମ୍ପାଦିକା ଶୁଭ୍ରାଜ୍ୟୋତି ଦାସନାୟକ, ଉପସଭାପତି ସୂର୍ଯ୍ୟପ୍ରକାଶ ଏସ୍. ଚୌଧୁରୀ, ଶୁଭଶ୍ରୀ ମଙ୍ଗରାଜ, ବୈଷ୍ଣବ ଭୋଳ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ୧୫ ଦେଶରୁ ଆସି ଏକାଠି ହେଲେ ପୁରାତନ ଛାତ୍ରଛାତ୍ରୀ




ଭୁବନେଶ୍ୱର, ୨୫।୧୨(ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟର ଏମ୍‌ସିଏ ବିଭାଗର ୨୦ତମ ବାର୍ଷିକ ପୁରାତନ ଛାତ୍ରଛାତ୍ରୀ ବୈଠକ ବିଭାଗ ପରିସରରେ ସଭାପତି ନୀଳମଣି ରୋହିଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆମେରିକା, କାନାଡ଼ା, ଇଉରୋପ, ଇଂଲଣ୍ଡ, ଜାପାନ, ସିଙ୍ଗାପୁର ଆଦି ବିଶ୍ୱର ୧୫ରୁ ଅଧିକ ଦେଶରେ କାର୍ଯ୍ୟରତ ଥିବା ପୁରାତନ ଛାତ୍ରଛାତ୍ରୀମାନେ ବହୁଳ ଭାବେ ଯୋଗଦାନ ଦେଇ ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଦିବସ ବ୍ୟାପୀ ଅନୁଷ୍ଠିତ ଏହି ସମ୍ମିଳନୀରେ ପ୍ରଥମ ବ୍ୟାଚ ୧୯୯୩ରୁ ୨୦୨୭ ମସିହା ଯାଏଁ ୩୨ଟି ବ୍ୟାଚର ୨ଶହରୁ ଅଧିକ ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀ ଉପସ୍ଥିତ ରହି ନିଜର ବିତିଯାଇଥିବା ଦିନର ସ୍ମରଣୀୟ ମୁହୂର୍ତ୍ତଗୁଡ଼ିକୁ ମନେ ପକାଇଥିଲେ। ଏହି କାର୍ଯ୍ୟକ୍ରମ ରେ କୁଳପତି ପ୍ରଫେସର ଡକ୍ଟର ଯଜ୍ଞେଶ୍ୱର ଦଣ୍ଡପଟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

ବିଭାଗୀୟ ମୁଖ୍ୟ ପ୍ରଫେସର ଡକ୍ଟର ମୃତ୍ୟୁଞ୍ଜୟ ପଣ୍ଡାଙ୍କ ଉଦବୋଧନ ପରେ ଅନ୍ୟ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ଦ୍ୱାରା କମ୍ପ୍ୟୁଟର ସାଇନ୍ସ ବିଭାଗର ଜର୍ଣ୍ଣାଲ ଉନ୍ମୋଚିତ ହୋଇଥିଲା। ମୁଖ୍ୟବକ୍ତା ତଥା ପୂର୍ବତନ ବିଭାଗୀୟ ମୁଖ୍ୟ ପ୍ରଫେସର ଅଜୟ କୁମାର ବିଶୋଇ, ପ୍ରଫେସର ନିବେଦିତା ଅଧିକାରୀ, ପ୍ରଫେସର ପ୍ରଫୁଲ୍ଲ କୁମାର ବେହେରା, ହରପ୍ରସାଦ ନାୟକ, ବିଶ୍ୱଜିତ୍ ନାୟକ, ସାଧାରଣ ସମ୍ପାଦକ ଅବିନାଶ ନାୟକ, ଅଭିଷେକ ସାହୁ, ପ୍ରଭୁଦତ୍ତ ରାଉତ, ଜ୍ଞାନ ରଞ୍ଜନ ମିଶ୍ର, ବିଶ୍ୱଜିତ୍ ସେନାପତି, ତୁଷାର ରଞ୍ଜନ ପଟ୍ଟନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ଭଗବାନପୁର କ୍ରିକେଟ୍ ମ୍ୟାଚ୍ ଉଦ୍‌ଯାପିତ

ଭୁବନେଶ୍ୱର, ୨୫।୧୨(ସମିସ): ରାଜଧାନୀ ଉପକଣ୍ଠ ଭଗବାନପୁର ସ୍ପୋର୍ଟସ ଆଣ୍ଡ କଲ୍‌ଚରାଲ ଆସୋସିଏସନ୍ ଆନୁକୂଲ୍ୟରେ ଆୟୋଜିତ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ସୁଆଙ୍ଗ ଓପିବିସିଏ (ପାତ୍ରପଡ଼ା ଭଗବାନପୁର କ୍ରିକେଟ୍ ଆସୋସିଏସନ୍) ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆଜିର ଫାଇନାଲ ମ୍ୟାଚ୍‌ରେ ପ୍ରଥମେ ଟସ୍ ଜିତି ପିସିବି ଏ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ ଓଭରରେ ୧୪୫ ରନ୍ କରିଥିଲା। ଦଳ ପକ୍ଷରୁ ସୁରେଶ ବଳିଆର ସିଂହ ସର୍ବାଧିକ ୪୪ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ଦେବାଶିଷ ନାୟକ ୧୭ରନ୍ ବିନିମୟରେ ୨ଟି ୱିକେଟ୍ ହାସଲ କରିଥିଲେ। ସୁଆଙ୍ଗ ୧୪୬ ବିଜୟ ଲକ୍ଷ୍ୟ ନେଇ ୧୮'୧ଓଭର ରେ ସମସ୍ତ ୱିକେଟ୍ ହରାଇ




୯୭ ରନ୍ କରି ମ୍ୟାଚ୍‌ଟିକୁ ହାରି ଯାଇଥିଲା। ଦଳ ପକ୍ଷରୁ ରଶ୍ମୀ ରଞ୍ଜନ ବଡ଼ଜେନା ସର୍ବାଧିକ ୩୯ ରନ୍ କରି ଥିବା ବେଳେ ରୋମିତ୍ ଶ୍ରୀଚନ୍ଦନ ୧୪ ରନ୍‌ରେ ୪ ୱିକେଟ୍ ନେଇ ଫାଇନାଲ ମ୍ୟାଚ୍‌ର ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଶୁଭମ୍ ମହାନ୍ତି ମ୍ୟାନ ଅଫ ଦି ସିରିଜ୍ ବିବେଚିତ ହୋଇଥିଲେ। ଫାଇନାଲ ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ, ସମ୍ମାନିତ ଅତିଥି ଭାବେ କର୍ପୋରେଟର ରଶ୍ମି ରଞ୍ଜନ ପାଟସାଣୀ, ଏମସିଏର ସଭାପତି ଜାନକୀ ବଲ୍ଲଭ ପଟ୍ଟନାୟକ, ଦୁଃଶାସନ ରଥ, ଅଭିମନ୍ୟୁ ଚମ୍ପତି, ରବୀନ୍ଦ୍ର ନାଥ ସାହୁ, ଇଂ ପ୍ରତାପ କୁମାର ସାହୁ ଓ ଶିଳ୍ପପତି ଶୁଭ୍ରାଂଶୁ ପଟ୍ଟନାୟକ ଯୋଗ ଦେଇଥିଲେ। ମ୍ୟାଚ୍‌ରେ ପିବିସିଏ ଚାମ୍ପିଅନ ଟିମ୍‌କୁ ନଗଦ ୨୦ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇ ଥିବା ସ୍ଥଳେ ସୁଆଙ୍ଗ ଦଳକୁ ଟ୍ରଫି ସହିତ ନଗଦ ୧୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଆଜିର ଫାଇନାଲ ମ୍ୟାଚ୍ କୁ ଲଳିତ କୁମାର ସାହୁ ଓ ଆଦିତ୍ୟ ପଟ୍ଟନାୟକ ପରିଚାଳନା କରି ଥିଲେ। ଏ ବର୍ଷ ଟୁର୍ଣ୍ଣାମେଣ୍ଟଟି ଶାନ୍ତି ଶୃଙ୍ଖଳା ସହିତ ସମାପ୍ତି ହୋଇଥିବାରୁ କମିଟି ପକ୍ଷରୁ ସମସ୍ତ ସଦସ୍ୟମାନେ ସନ୍ତୋଷ ପ୍ରକାଶ କରିଥିଲେ।

# ଅଟଳଜୀଙ୍କୁ ୧୦୦ କବିଙ୍କ ଶବ୍ଦଅର୍ଘ୍ୟ ଅର୍ପଣ



ଭୁବନେଶ୍ୱର, ୨୫।୧୨(ସମିସ): ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ସମାରୋହ ଓ ସୁଶାସନ ଦିବସ ଅବସରରେ ଗୁରୁବାର ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଟଳ ବିହାରୀ ବାଜପେୟୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସ୍ଥାନୀୟ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ 'ପୂଜ୍ୟ ଅଟଳ ଶତାବ୍ଦୀର ଶତଦଳ' ଶୀର୍ଷକରେ କବିତା ପାଠୋତ୍ସବରେ ୧୦୦ରୁ ଊର୍ଦ୍ଧ୍ୱ କବି ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ପ୍ରାବନ୍ଧିକ ହରପ୍ରସାଦ ଦାସ, ସଂସ୍କୃତି ବିଭାଗର ସଚିବ ଡ. ବିଜୟ କେତନ ଉପାଧ୍ୟାୟ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ର ଶେଖର ହୋତା ପ୍ରମୁଖ ଉପସ୍ଥିତ ଥିଲେ।

# ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ



ହଂସପାଳ, ୨୫।୧୨(ସମିସ): ସରକାରୀ ଉଚ୍ଚ ବିଦ୍ୟାଳୟ ବାଲିଅନ୍ତା ୨୦୦୨ ମସିହା ମାଟ୍ରିକ ବ୍ୟାଚର ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ସକାଳ ୧୦ଟାରୁ ପୁରାତନ ଛାତ୍ରଛାତ୍ରୀମାନେ ଏକତ୍ର ହୋଇ ପରସ୍ପର ମଧ୍ୟ ବିଦ୍ୟାଳୟର ବିକାଶ ଏବଂ ଅଞ୍ଚଳର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ନବବର୍ଷ ପାଇଁ ପରସ୍ପର ଆଗରୁ ଶୁଭେଚ୍ଛା ଜଣାଇଥିଲେ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ।

# ଲୋକ ଭବନରେ ସୁଶାସନ ଦିବସ



ଭୁବନେଶ୍ୱର, ୨୫।୧୨(ସମିସ): ଗୁରୁବାର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଉପଲକ୍ଷେ ଲୋକ ଭବନ ପରିସରସ୍ଥିତ ଅଭିଷେକ ହଲ୍‌ରେ ସୁଶାସନ ଦିବସ ପାଳିତ ହୋଇଯାଇଛି। ଏଥିରେ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି କହିଛନ୍ତି ଯେ, ଭାରତର ବିକାଶ ଯାତ୍ରାରେ ବିଶେଷକରି ଭିତ୍ତିଭୂମି, ସଂଯୋଗ ଏବଂ ସୁଶାସନ ପ୍ରତିଷ୍ଠା କ୍ଷେତ୍ରରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗୀୟ ବାଜପେୟୀଙ୍କ କାର୍ଯ୍ୟକାଳ ଏକ ରୂପାନ୍ତରକାରୀ ପର୍ଯ୍ୟାୟ ଥିଲା। ଏହି ଅବସରରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗୀୟ ବାଜପେୟୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ରାଜ୍ୟପାଳଙ୍କ ଶାସନ ସଚିବ ରୂପା ରୋଶନ ସାହୁଙ୍କ ସମେତ ଲୋକ ଭବନର ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଉନବିଂଶ ତମ ଚଉଷଠି ଯୋଗିନୀ ମହୋତ୍ସବ ଉଦ୍‌ଯାପିତ

ବାଲିଅନ୍ତା/ଭୁବନେଶ୍ୱର, ୨୫।୧୨(ସମିସ): ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସହାୟତାରେ ଉନବିଂଶ ତମ ଚଉଷଠି ଯୋଗିନୀ ମହୋତ୍ସବ ଭାରତୀୟ ବିଦ୍ୟାଭବନ ଠାରେ ଉଦଯାପିତ ହୋଇଯାଇଛି। ଦୁଇ ଦିନ ଧରି ଥିବା ଏହି କର୍ଯ୍ୟକ୍ରମରେ ଉଦଯାପନୀ ସଂଧ୍ୟାରେ ଅତିଥି ଭାବେ ପୂର୍ବତନ ଚଉଷଠି ଯୋଗିନୀ ମହୋତ୍ସବ କମିଟିର ଅଧ୍ୟକ୍ଷ ଡଃ ଅରବିନ୍ଦ ଢାଲି, ସାହିତ୍ୟିକ ପ୍ରଫେସର ଶାନ୍ତନୁ ଆଚାର୍ଯ୍ୟ, ଓଡଶୀ ଗୁରୁ ଗଜେନ୍ଦ୍ର ପଣ୍ଡା, ସଭାପତି ନୃତ୍ୟ ପ୍ରତିଭା ଡଃ ରଜନୀ ରଞ୍ଜନ ଦାଶ, ଉପସଭାପତି ବଙ୍କିମ୍ ନାୟକ, ନୃତ୍ୟପ୍ରତିଭାର ସମ୍ପାଦିକା ଗୁରୁ ପ୍ରତିଭା ପଣ୍ଡା, ସମାଜସେବୀ ଜଗନ୍ନାଥ ପ୍ରଧାନ, ସିନେ ଅଭିନେତ୍ରୀ ଉଷଶୀ ମିଶ୍ର, ସିନେ ତାରକା ଦେବଜାନୀ ଡେଗୁରିଆ ଯୋଗଦାନ କରି ଚଉଷଠି ଯୋଗାନୀଙ୍କ ତଥ୍ୟ ସମ୍ବଳିତ ଏକ ସ୍ମରଣିକା ଉନ୍ମୋଚନ କରିଥିଲେ। ଏହି ଅବସରରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତ ରତ୍ନ ଅଟଳ ବିହାରରୀ ବାଜପେୟୀଙ୍କ ୧୦୦ତମ ଜୟନ୍ତୀ ଉଦେଶ୍ୟରେ ଧୀରେନ୍ଦ୍ର ନାଥ ମଲ୍ଲିକଙ୍କ ନିର୍ଦ୍ଦେଶିତ 'ରାଷ୍ଟ୍ର ପୁରୁଷ ଅଟଳ' ନାମକ ଏକ ନାଟକ ଶତାବ୍ଦୀର କଳାକାର ଦ୍ୱାରା ପରିବେଷଣ କରାଯାଇଥିଲା। ଏହି ଅବସରରେ ଓଡିଶୀ ନୃତ୍ୟଙ୍ଗନା ପଦ୍ମଶ୍ରୀ ଇଲିୟାନା ସୀତାରୀଷ୍ଟିଙ୍କୁ ସମ୍ମାନ ଜନକ ଚଉଷଠୀ ଯୋଗିନୀ ନୃତ୍ୟ ପ୍ରତିଭା ସମ୍ମାନ ଓ ସୁଲେଖିକା ଶ୍ରୁତକୀର୍ତ୍ତି ତ୍ରୀପାଠୀଙ୍କୁ ଯୁବ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିବା ବେଳେ ଡ ଇତିରାଣୀ ସାମନ୍ତଙ୍କୁ ସୁରେଶ ବଳବନ୍ତରାୟଙ୍କ ସ୍ମୃତିରେ ଚଉଷଠି ଯୋଗିନୀ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଉଦଯାପନୀ ସଂଧ୍ୟାରେ ଇଲିଆନା ସୀତାରିଷ୍ଟଙ୍କ ଦ୍ୱାରା ଏକକ ଓଡିଶୀ ନୃତ୍ୟ, ପ୍ରଭାତ ସ୍ୱାଇଁ ଓ ଦଳଙ୍କ ଦ୍ୱାରା ଦଳଗତ ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା କାର୍ଯ୍ୟକ୍ରମଟିକୁ ଶ୍ରୀନିବାଶ ଘଟୁଆରୀ ପରିଚାଳନା କରିଥିଲେ।



ସକାଳ
THE SAKALA



## ପ୍ରାଣୀଧନ ସହାୟକ କେନ୍ଦ୍ରରେ ନାହାନ୍ତି ସ୍ଥାୟୀ ପ୍ରାଣୀ ନିରୀକ୍ଷକ

# ଗୋପାଳକଙ୍କ ରାସ୍ତା ଅବରୋଧ ଚେତାବନୀ

ବୌଦ୍ଧ,୨୫।୧୨(ସମିସ)

ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଜହ୍ନାପଙ୍କରେ ନାରାୟଣନଗର ପ୍ରାଣୀଧନ ସହାୟକ କେନ୍ଦ୍ରରେ ସ୍ଥାୟୀ ପ୍ରାଣୀ ନିରୀକ୍ଷକ ନିଯୁକ୍ତି ପାଇଁ ଦାବି ଜୋର ଧରିଛି। ଏନେଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ ସ୍ଥାନୀୟବାସିନ୍ଦା। କେଦାର ନାଥ ସାହୁ, ବିଷ୍ଣୁ ପ୍ରଧାନ, ନରେନ୍ଦ୍ର ସାହୁ, ସୁଧାଂଶୁ ଶେଖର ମିଶ୍ର, ଶ୍ରୀରାମ ପ୍ରଧାନ, ଚକ୍ରଧର ଅମାତ ପ୍ରମୁଖ ୪ମାସ ତଳେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ; କିନ୍ତୁ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଗୋପାଳକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ସ୍ଥାୟୀ ପ୍ରାଣୀ ନିରୀକ୍ଷକଙ୍କୁ ନିଯୁକ୍ତି ଦିଆ ନ ଗଲେ ଗୋପାଳକମାନେ ଜାତୀୟ ରାଜପଥ ଅବରୋଧ କରିବେ ବୋଲି ଚେତାବନୀ ଶୁଣାଇଛନ୍ତି।

୧୯୭୦ରେ ବୌଦ୍ଧ ବ୍ଲକ୍ ଖୁଣ୍ଟବନ୍ଧ ପଞ୍ଚାୟତ ଜହ୍ନାପଙ୍କରେ ନାରାୟଣ ନଗର ପ୍ରାଣୀଧନ ସହାୟକ କେନ୍ଦ୍ର ସ୍ଥାପନ କରାଯାଇଥିଲା। ପ୍ରଥମେ ଏହା ଚାଳ ଛପର ଘରେ ଚାଲିଥିଲା। ତେବେ ରକ୍ଷଣାବେକ୍ଷଣ ଅଭାବରୁ ଏହା ଭାଙ୍ଗି ଯିବାରୁ ୨୦୧୮ ମସିହାରେ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନୂତନ କୋଠା ନିର୍ମାଣ କରାଗଲା। ଏହି କେନ୍ଦ୍ର ଉପରେ ଆଖପାଖ ୪ଟି ପଞ୍ଚାୟତର ପ୍ରାୟ ୫୦ଟି ଗ୍ରାମର ଗୋପାଳକ ନିର୍ଭର କରୁଛନ୍ତି। ୨୦୨୨ ଜୁନ୍‌ରୁ ଏଠାରେ ଥିବା ପ୍ରାଣୀଧନ ନିରୀକ୍ଷକ ସୂର୍ଯ୍ୟକାନ୍ତ ମେହେର କାର୍ଯ୍ୟରେଅବହେଳା ଯୋଗୁଁ ଅନ୍ୟତ୍ର ବଦଳି ହୋଇଛନ୍ତି। ଏହାପରେ ସୌଭାଗ୍ୟ ପ୍ରଧାନ ଏହି କେନ୍ଦ୍ର ଦାୟିତ୍ୱରେ ଥିଲେ। ତେବେ ୨୦୨୪ ଅକ୍ଟୋବରରେ ଏଠାରେ ନୂତନ ପ୍ରାଣୀ ନିରୀକ୍ଷକ ଅଭିଲିପ୍ସା ଦାସ ଯୋଗ ଦେଇଥିଲେ। ତେବେ ସେ ଫେବୃଆରୀ ମାସରୁ ଅନ୍ୟ ଏକ ଚାକିରି ପାଇବାରୁ ଆଉ ଅଫିସ ଆସି ନ ଥିଲେ। ଏହାପରେ ୨୦୨୪ ମେ ମାସରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଗ୍ରାମବାସୀ ଅଭିଯୋଗ କରିଥିଲେ। ଫଳରେ ମୁଣ୍ଡାପଡା ଦାୟିତ୍ୱରେ ଥିବା ପ୍ରାଣୀ ନିରୀକ୍ଷକଙ୍କୁ ଏହି କେନ୍ଦ୍ରର ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା; ହେଲେ ସେ ୩ଟି କେନ୍ଦ୍ରର ଦାୟିତ୍ୱରେ ଅଛନ୍ତି। ଏହି ପ୍ରାଣୀଧନ ସହାୟକ କେନ୍ଦ୍ର ଖୋଲୁନି। ଏଣୁ ପ୍ରାଣୀପାଳକମାନେ ବିଭିନ୍ନ ସମୟରେ ଗୃହ ପାଳିତ ପ୍ରାଣୀଙ୍କୁ ଆଣି ଅପେକ୍ଷା କରି ହଇରାଣ ହେଉଛନ୍ତି। ବାଧ୍ୟ ହୋଇ ଘରୋଇ ଚିକିତ୍ସା କରି ଖର୍ଚ୍ଚାନ୍ତ ହେଉଛନ୍ତି। ଅନ୍ୟପକ୍ଷରେ ରବିବାର ଏହି ପ୍ରାଣୀ ସହାୟକ କେନ୍ଦ୍ର ବନ୍ଦ ରହୁଛି। ଏଣୁ ଗୋପାଳକମାନେ ଆସି ଘଣ୍ଟା ଘଣ୍ଟା ଅପେକ୍ଷା କରି ନିରାଶ ହୋଇ ଫେରୁଛନ୍ତି। ଏନେଇ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ରାମରାଓ ପାଲୋଙ୍କୁ ଯୋଗାଯୋଗ କରିବାରୁ ଜିଲ୍ଲାରେ ୩୮ଟି ପ୍ରାଣୀ ସହାୟକ କେନ୍ଦ୍ର ଅଛି। ୧୯ ଜଣ ପ୍ରାଣୀ ନିରୀକ୍ଷକ ଅଛନ୍ତି। ବର୍ତ୍ତମାନ ସେମାନେ ତାଲିମ ନେଉଛନ୍ତି। ଆସିଲେ ସମାଧାନ ହେବ ବୋଲି କହିଥିଲେ।

ତେବେ ଗତ ଅଗଷ୍ଟ ମାସରେ ଅଭିଯୋଗର ମାସେ, ଦୁଇ ମାସରେ ଏହାର ସମାଧାନ ହୋଇଯିବ ବୋଲି କୁହାଯାଇଥିଲା। ୪ ମାସ ବିତିଯାଇଥିଲେ ମଧ୍ୟ ଏହାର ସମାଧାନ ହୋଇନି। ଯଦି ଏହି କେନ୍ଦ୍ରରେ ନିୟମିତ ପ୍ରାଣୀ ନିରୀକ୍ଷକ ନିଯୁକ୍ତି ଦିଆ ନ ଯାଏ ତେବେ ଜାତୀୟ ରାଜପଥ ଅବରୋଧ କରିବାକୁ ଗୋପାଳକମାନେ ଚେତାବନୀ ଦେଇଛନ୍ତି।

## ଗୋଲ୍ଡେନ ହିଲ୍ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ




ବୀରମହାରାଜପୁର,୨୫।୧୨(ସମିସ): ସ୍ଥାନୀୟ ବଜାର ପ୍ରାଙ୍ଗଣରେ କେଉଁଟିପାଲିସ୍ଥିତ ଗୋଲ୍ଡେନ୍ ହିଲ୍ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂସ୍କୃତି ଗବେଷକ ଡକ୍ଟର ଅନିରୁଦ୍ଧ କୁରୁକୁରିଆ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡକ୍ଟର ଜ୍ୟୋତି ନାଏକ, ସଞ୍ଜୟ ସାହୁ, ଛନ୍ଦାଚରଣ ଦାସ, ଶିବଚରଣ ସାହୁ, ରାଜେନ୍ଦ୍ର ଶର୍ମା, ଗଜପତି ମୁଦୁଲି, ଏସ. ପତ୍ରାପାଲି ସରପଞ୍ଚ ସନାତନ ମହଲିଙ୍ଗ, ସିଂଢୋଲ ସରପଞ୍ଚ ପ୍ରଦୀପ ଦେହୁରୀ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ତନୁଶ୍ରୀ ଶର୍ମା ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ସୁମି ମହାଲିଙ୍ଗ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଜିତେନ୍ଦ୍ର ବଡ଼େଇ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ପ୍ରକାଶ ବଡ଼େଇ ଅଧ୍ୟକ୍ଷତା କରିଥିଲେ। ରାଜେନ୍ଦ୍ର ମୁଦୁଲି ଓ ଭରତ ମହାଲିକ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ଅର୍ପିତା ଗାଇଗରିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ବୌଦ୍ଧ ପୁଲିସର ଭୈରବୀ ସ୍କ୍ୱାଡ୍ ଉଦ୍‌ଘାଟିତ



ବୌଦ୍ଧ,୨୫ ।୧୨(ସମିସ): ବୌଦ୍ଧ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ମହିଳାଙ୍କ ସୁରକ୍ଷା ପାଇଁ ବୌଦ୍ଧ ପୋଲିସର ଭୈରବୀ ସ୍କ୍ୱାଡ୍ ଉଦ୍‌ଘାଟିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ ଓ ସମ୍ମାନୀତ ଅତିଥି ଭାବେ କଣ୍ଟାମାଳ ବିଧାୟକ କହ୍ନେଇଁ ଚରଣ ଡାଙ୍ଗ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ସମ୍ମାନୀତ ଅତିଥି ଭାବେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, କନ୍ଧମାଳ ସାଂସଦଙ୍କ ପ୍ରତିନିଧି ଯୁଗଳ କିଶୋର ସାମଲ ପ୍ରମୁଖ ମଞ୍ଚାସୀନ ଥିଲେ। ମହିଳାମାନଙ୍କ ସୁରକ୍ଷାରେ ନିୟୋଜିତ ହେବାକୁ ଥିବା ଏକ ଯାନକୁ ସବୁଜ ପତାକା ଦେଖାଇ ଅତିଥିମାନେ ଶୁଭାରମ୍ଭ କରିଥିଲେ। ଆରକ୍ଷୀ ଅଧୀକ୍ଷକ ରାହୁଲ୍ ଗୋୟଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସାର୍ଥକ ରାୟ ସଂଯୋଜନା କରିଥିଲେ।

## ଭୈରବୀ ସ୍ନାତକ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ପୁରୁଣାକଟକ,୨୫ ।୧୨(ସମିସ): ପୁରୁଣାକଟକ ଭୈରବୀ ସ୍ନାତକ ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ଉଦ୍‌ଯାପିତ ହୋଇଯାଇଛି। ବରିଷ୍ଠ ବିଜେପି ନେତା ସୁଶାନ୍ତ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ଶିକ୍ଷକ ମଧୁସୂଦନ ବେହେରାଙ୍କ ତତ୍ତ୍ୱାବଧାନରେ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଥିଲା। ବାଳକ ବିଭାଗରେ କରୁଣାକର ଦନାୟକ ଓ ବାଳିକା ବିଭାଗରେ ପ୍ରିୟଙ୍କା ଅମାତ ଚାମ୍ପିୟନ ହୋଇଥିଲେ। ୨୬ଟି ଇଭେଣ୍ଟରେ ୪୫୦ଜଣ ଖେଳାଳି ଭାଗ ନେଇଥିଲେ। ଉଦ୍‌ଯାପନୀ ଦିବସରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ରମେଶ ତାରେଣିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅଧ୍ୟାପକ ସୁରେଶ୍ୱର ଯୋଶୀ ମଞ୍ଚ ପରିଚାଳନା କରିଥିଲେ। କ୍ରୀଡ଼ା ଶିକ୍ଷକ ଉମାଶଙ୍କର ରାଉତ, ରଞ୍ଜନ ପାଣିଗ୍ରାହୀ, ସୁରେନ୍ଦ୍ର ପ୍ରଧାନ ପରିଚାଳନା କରିଥିଲେ।




## ଉଲୁଣ୍ଡା ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ବୀରମହାରାଜପୁର,୨୫।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୨୯ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ବିଜୟ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ବିଜୟଲକ୍ଷ୍ମୀ ତରାଇ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଯୁଗ୍ମ ସଂପାଦକ ଧମନିରଞ୍ଜନ ପଣ୍ଡା, ପୂର୍ବତନ ସଭାପତି ଗୋବିନ୍ଦ ଦାସ ତରାଇ, ଅତିରିକ୍ତ ଶିକ୍ଷା ଅଧିକାରୀ ଯୋଗେସ୍ୱର ଦାସ, ସିବରାମ ନାଏକ ଉପସ୍ଥିତ ଥିଲେ। ସହ ସଂପାଦକ ରାଜେନ୍ଦ୍ର ଦେହେରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଲବ ଭରାସାଗର ବାର୍ଷିକ ବିବରଣୀ ପାଠ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ସମୟରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜୟ ଲୁହା, ମୁଖ୍ୟବକ୍ତା ଭାବେ ଗବେଷକ ଡ. ଅନିରୁଦ୍ଧ କୁରୁକୁରିଆ ଯୋଗ ଦେଇଥିଲେ। ଜନାର୍ଦ୍ଦନ ସାହୁଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୁଗ୍ମ ସଂପାଦକ ଠାକୁର ରାଜହଂସ ଧନ୍ୟବାଦ ଦେଇଥିଲେ।

## ଲମ୍ବସରୀରେ ମାଁ ଚକରାପଥର ଦେବୀଙ୍କ ବଳିଯାତ୍ରା

ଶଗଡା,୨୫ ।୧୨(ସମିସ): କଣ୍ଟାମାଳ ବ୍ଲକ୍ ଲମ୍ବଶରୀ ପଞ୍ଚାୟତ ସେଲାମାଲରେ ଆରିମୂଳ ପ୍ରଗଣାର ମା’ ଚକରାପଥର ଦେବୀଙ୍କ ବଳିଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସେଲାମାଲ୍ ପୀଠରେ ଆଦିବାସୀଙ୍କ ପାରମ୍ପରିକ ଢୋଲ ବାଦ୍ୟ ସହ ରୀତିନୀତିରେ ପୂଜାର୍ଚ୍ଚନା କରାଯାଇଥିଲା। ମାଁ ଚକରା ପଥର ଦେବୀଙ୍କ ଏକ ବିରାଟ ଶୋଭାଯାତ୍ରାରେ ଶତାଧିକ ଆଦିବାସୀ ଶେଲାମାଲ୍ ପୀଠରୁ ବାହାରି ବିଭିନ୍ନ ଗାଁ ପରିକ୍ରମା କରିଥିଲେ। ଶ୍ରଦ୍ଧାଳୁ ପୂଜାର୍ଚ୍ଚନା ସହ ଧୂପ ଦୀପ ନୈବେଦ୍ୟ ଅର୍ପଣ କରିଥିଲେ। ମା’ ଚକରାପଥର ଦେବୀ ଡୋଳାପାଲି ଗ୍ରାମର ବରୁଆ ଦେହରେ ଆବିର୍ଭାବ ହୋଇଥିଲେ। ଡୋଳାପାଲି ଗ୍ରାମରୁ ବାହାରି ବେହେରାପଡା ଗ୍ରାମରେ ବନ୍ଦାପନା ସାରି ସେଲାମାଲସ୍ଥିତ ପୀଠକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ପୀଠ ଉପରକୁ ଯାଇ ଆରିମୂଳ ପ୍ରଗଣାର ସମସ୍ତ ଆଦିବାସୀ ମାଁଙ୍କୁ ଦର୍ଶନ କରିବା ସହ ମାଁଙ୍କ ଆଶୀର୍ବାଦ ନେଇଥାନ୍ତି।

## ପାତାଳି ମହୋତ୍ସବ ପାଇଁ ପ୍ରସ୍ତୁତି

ବୀରମହାରାଜପୁର,୨୫।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ୍ ପାତାଳୀ ଶ୍ରୀକ୍ଷେତ୍ର କୋଟସମଲାଇଠାରେ ଜାନୁୟାରୀ ୧୮ ରୁ ୨୬ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏକବିଂଶ ତମ ପାତାଳି ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ କଳସ ଓ ସାଂସ୍କୃତିକ ଶୋଭାଯାତ୍ରା, ଭାଗବତ ସପ୍ତାହ ପାରାୟଣ, ୫୬- ପ୍ରହର ନାମଯଜ୍ଞ, ଘୃତଯଜ୍ଞ, ରକ୍ତଦାନ ଶିବିର, ସାଂସ୍କୃତିକ କାର୍ଯ୍ୟକ୍ରମ, ସଙ୍କୀର୍ତ୍ତନ ବୈଠକ ଆଦି ହେବ ବୋଲି ଆଲୋଚନା କରାଯାଇଥିଲା। ଟ୍ରଷ୍ଟ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଥମେ ପୂର୍ବ ବୈଠକର ସମୀକ୍ଷା କରାଯାଇଥିଲା। ପରେ ଚଳିତ ବର୍ଷ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଓ ସରସ ସୁନ୍ଦର କରିବା ପାଇଁ ଉପକମିଟି ଗଠନ କରାଯାଇଥିଲା। ଭାଗବତ ସପ୍ତାହ ପାଇଁ ବ୍ୟାସ ଭାବରେ ସୁଧୀର ପୁରୋହିତଙ୍କୁ ଚୟନ କରାଯାଇଥିଲା। ସଂକୀର୍ତ୍ତନ ଦାୟିତ୍ୱ କୋଟସମଲାଇ ବାହାରିପଡା, ଗଡଭିତର, ଗୋଲାବନ୍ଧ, ସୁନାପାଲି, ରେଡମ୍, ଖୁଣ୍ଟୁଲାପାଲି ଓ କାଇଁଶପାଣି ଗ୍ରାମକୁ ପ୍ରଦାନ କରାଯାଇଥିଲା। ପୂର୍ଣ୍ଣାହୁତି ଦିବସ ତଥା ଜାନୁୟାରୀ ୨୬ରେ ପଣ୍ଡକିଟାଲ ଓ ପପଙ୍ଗା ମଧ୍ୟରେ ସଂକୀର୍ତ୍ତନ ବୈଠକ ଅନୁଷ୍ଠିତ ହେବ। ଜାନକୀରାମ ଦେହୁରୀ, ସେବାୟତ ସଂଘ ସଭାପତି ଗୋପାଳ ପଣ୍ଡା, ବିଜୟ ହୋତା, ଫକୀରମୋହନ ପୁରୋହିତ, ନରସିଂହ ପଧାନ, ମନୋରଞ୍ଜନ ପାଢୀ, ପର୍ଶୁରାମ ବାରିକ, ପଞ୍ଚାନନ ମିଶ୍ର, ଶରଦ ଚାନ୍ଦ, ଚିତ୍ତରଞ୍ଜନ ପାଢୀ, କର୍ଣ୍ଣଦାନୀ ଭୋଇ, ଭାଗୀରଥି ଚାନ୍ଦ, ସଂଜୟ ମେଣ୍ଡିଲିଙ୍କ ସମେତ ବିଭିନ୍ନ ଗ୍ରାମର ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## କପିଳେଶ୍ୱର ଟ୍ରଷ୍ଟ ବୋର୍ଡର ନୂତନ କମିଟି ଗଠିତ

ବିନିକା,୨୫ ।୧୨(ସମିସ): ବିନିକା ବ୍ଲକ୍‌ର ପ୍ରସିଦ୍ଧ ଶୈବପୀଠ ଚରଦାସ୍ଥିତ କପିଳେଶ୍ୱର ମନ୍ଦିର ଟ୍ରଷ୍ଟ ବୋର୍ଡର ନୂତନ କମିଟି ଗଠନ କରାଯାଇ ଦେବୋତ୍ତର କମିଶନଙ୍କ ସ୍ୱୀକୃତି ପାଇଁ ପଠାଯାଇଛି। ବୋର୍ଡର ପୂର୍ବତନ ସଭାପତି ଅଶୋକ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ମନ୍ଦିର ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବିନିକା ତହସିଲଦାର ରେଶ୍ମା ଭୋଇ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ସଦସ୍ୟମାନେ ପୁଣି ଥରେ ଟ୍ରଷ୍ଟ ବୋର୍ଡର ସଭାପତି ପଦ ପାଇଁ ଅଶୋକ ପୃଷ୍ଟିଙ୍କ ନାମ ଚୟନ କରିଥିଲେ। ସମ୍ପାଦକ ଭାବେ ପ୍ରଶାନ୍ତ ପୂଜାରୀ, କୋଷାଧ୍ୟକ୍ଷ ସଦାନନ୍ଦ ଥନାପତିଙ୍କୁ ଚୟନ କରାଯାଇଛି। ସଦସ୍ୟ ଭାବେ ଭୀମସେନ ସିଂଦେଓ, ଆଶିଷ ମଲ୍ଲିକ, ଉସତ କର, ନିମାଇ ଚୌଧୁରୀ, ଦେବରାଜ ଦିଶ୍ରି, ସୁଶିଲ ହୋତା ପ୍ରମୁଖ ରହିଛନ୍ତି। ବୈଠକରେ ବିନିକା ଥାନା ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ ଓ ମନ୍ଦିର ସେବାୟତ ଉପସ୍ଥିତ ଥିଲେ।

## କୃଷକ ଉତ୍ପାଦକ ସଂଗଠନ ଫେଡେରେସନର ନୀତି ନିର୍ଦ୍ଧାରଣ ବୈଠକ



ବୌଦ୍ଧ,୨୫।୧୨(ସମିସ): ବୌଦ୍ଧ ରାଜବାଟୀସ୍ଥିତ ମାହେଶ୍ୱରୀ ସଂସ୍କୃତି ଭବନଠାରେ ବୌଦ୍ଧ ଜିଲ୍ଲା କୃଷକ ଉତ୍ପାଦକ ସଂଗଠନ ଫେଡେରେସନର କୃଷକ ଉତ୍ପାଦକ ସଂଗଠନର ନୀତି ନିର୍ଦ୍ଧାରଣ ବୈଠକ ଫେଡେରେସନ ସଭାପତି ରାଜୁ ଭାଇଙ୍କ ସଭାପତିତ୍ୱ ଓ ସମ୍ପାଦକ କୃତ୍ତିବାସ ପଲିଆଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ଜିଲ୍ଲା ମହୋତ୍ସବ ଜାନୁୟାରୀ ୪ ତାରିଖରେ ହେବାକୁ ଥିବା କୃଷି ସମ୍ପର୍କିତ କର୍ମଶାଳାରେ ୨୫୦ରୁ ଅଧିକ ଗ୍ରାମାଞ୍ଚଳ ଚାଷୀଙ୍କୁ ନେଇ କୃଷି ଓ କୃଷି ସମ୍ପର୍କିତ ଆଲୋଚନାଚକ୍ର ଆୟୋଜନ ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇ ସମସ୍ତ ଏଫପିଓ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଶିଶିର ଘୋଷ, କୃଷକନେତା ସୂର୍ଯ୍ୟନାରାୟଣ ମହାପାତ୍ର, ବିଶିକେଶନ ପ୍ରଧାନ, କେଦାରନାଥ ସାହୁ, ବିଦ୍ୟାଧର ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ଗାଈଗୌରିଆ, ଦାମୋଦର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ମାହେଶ୍ୱରୀ ଗୋଶାଳା ଅଧ୍ୟକ୍ଷ ନିର୍ଗୁଣ ମହାକୁଡ଼, ଚାଷୀନେତା ଅନନ୍ତ ପ୍ରଧାନ, ସୁନିଲ କ୍ଷେତି, ହୃଦାନନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଦିବ୍ୟଲୋଚନ ପ୍ରଧାନ, ପ୍ରବୀର ମାହାର, ମାଟିମାରୁ ଶମ୍ଭୁ ମୁଣ୍ଡା, ଭଗବାନ ସାହୁ, ବାଣିଶ୍ରୀରୁ ଶ୍ୟାମ ସିଂ କଂହର, ଗନ୍ଧରାଡ଼ୀରୁ ଗଦାଧର ମହାକୁଡ଼, ମାତୃଶକ୍ତିରୁ ତୋଫାନ ମେହେର ପ୍ରମୁଖ ସହଯୋଗ କରିଥିଲେ।

## ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ ଶୈଳେନ୍ଦ୍ରୀ

ବୌଦ୍ଧ,୨୫ ।୧୨(ସମିସ): ହରଭଙ୍ଗା ବ୍ଲକ୍ କୁସଙ୍ଗ ପଞ୍ଚାୟତ କୁମାରୀ ଗ୍ରାମର ଶୈଳେନ୍ଦ୍ରୀ ଚଣ୍ଡ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଜନ୍ମରୁ ସେ ଅଜଣା ରୋଗରେ ଆକ୍ରାନ୍ତ। ଅନ୍ୟର ସାହା ଭରସାରେ ଚଳୁଛନ୍ତି। ତାଙ୍କର ଗୋଟିଏ ଗୋଡ଼ ସଂପୂର୍ଣ୍ଣ ଅଚଳ। ୮୫ପ୍ରତିଶତ ବିକଳାଙ୍ଗ ବୋଲି ପ୍ରମାଣପତ୍ର ମଧ୍ୟ ପାଇଛନ୍ତି। ଏ ନେଇ ସେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି; ହେଲେ ଆଜି ପର୍ଯ୍ୟନ୍ତ ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ। ତାଙ୍କଭଳି କୁମାରୀ ଗ୍ରାମର ଅକ୍ଷୟ ବେହେରା ଓ ଝୁନା ସେନାପତି ମଧ୍ୟ ୮୦ପ୍ରତିଶତ ବିକଳାଙ୍ଗ। ସେମାନଙ୍କୁ ୮୦ବର୍ଷରୁ ଅଧିକ। ସେମାନେ ମଧ୍ୟ ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ। ଅନ୍ୟପକ୍ଷେ ତୁଳସା ଖଟୁଆ, ଧୁବ୍ରୁଣି ଖଟୁଆ, ଛକେଇ ବେହେରା ଓ ଅତଲସରା ଗ୍ରାମର ପାଳ ବେହେରାଙ୍କ ମଧ୍ୟ ସମାନ ଅବସ୍ଥା। ବର୍ଦ୍ଧିତ ଭତ୍ତା ପାଇବାକୁ ଆବଶ୍ୟକ ଯୋଗ୍ୟତା ଅଛି; ହେଲେ ସେମାନେ ଏଥିରୁ ବଞ୍ଚିତ ହୋଇଛନ୍ତି।



## ଭାଙ୍ଗିରୁଜି ଗଲାଣି ୧୦୮ ଆମ୍ବୁଲାନ୍ସ

ଡୁଙ୍ଗୁରିପାଲି,୨୫।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ରୋଗୀ ନେଇ ଆସିଥିବା ଏକ ୧୦୮ ଆମ୍ବୁଲାନ୍ସର ଅବସ୍ଥା ଜରାଜୀର୍ଣ୍ଣ ହୋଇଥିବା ଦେଖିବାକୁ ମିଳିଛି। ଏହାଦ୍ୱାରା ଉକ୍ତ ଆମ୍ବୁଲାନ୍ସରେ ରୋଗୀ ପରିବହନ ସମୟରେ ଦୁର୍ଘଟଣାର ଆଶଙ୍କା ରହିଥିବାରୁ ତାହାକୁ ତୁରନ୍ତ ମରାମତି କରାଯିବାକୁ ସାଧାରଣରେ ଦାବି ହୋଇଛି। ଅତି ପୁରୁଣା ଆମ୍ବୁଲାନ୍ସ ଗାଡି ହୋଇଥିବାରୁ ଏହାର ବଡ଼ି ଚଦରରେ କଳଙ୍କି ଲାଗି ନଷ୍ଟ ହେବାକୁ ବସିଛି। ଗାଡ଼ିରେ ପେଟ୍ରୋଲ ଭରୁଥିବା ଟାଙ୍କି ଠିପିକୁ ଏକ ସୂତା ଦଉଡିରେ ବନ୍ଧା ଯାଇଛି। ଏପରି ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଆମ୍ବୁଲାନ୍ସରେ ଯିବା ଆସିବା କରିବାକୁ ରୋଗୀ ଭୟ କରୁଛନ୍ତି। ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଏହି ୧୦୮ ଆମ୍ବୁଲାନ୍ସରେ ରୋଗୀ ପରିବହନ ବେଳେ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏପରି ଜରାଜୀର୍ଣ୍ଣ ଆମ୍ବୁଲାନ୍ସ ଗାଡି (ଓଡି ୦୨ବିଜେ୧୪୮୬) ବରପାଲିର ଏକ ରୋଗୀଙ୍କୁ ଆଣି ଭର୍ତ୍ତି କରିଥିବା ନଜରକୁ ଆସିଥିଲା। ଅନ୍ୟପକ୍ଷରେ ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ ପଚାରିବାରୁ ଗାଡି ବହୁତ ଦିନରୁ ବ୍ୟବହାର ହେଉଛି। ବିଭିନ୍ନ ସମୟରେ ରାସ୍ତାରେ ଅଟକି ଯାଉଛି। ବିଭାଗୀୟ ଅଧିକାରୀଙ୍କ ଆଦେଶରେ ଗାଡ଼ି ଚାଲିଛି।




## ବୌଦ୍ଧରେ ସୁଶାସନ ସପ୍ତାହ




ବୌଦ୍ଧ,୨୫।୧୨(ସମିସ): ବୌଦ୍ଧ ଜିଲ୍ଲାର ଉପାନ୍ତ ଶଗଡା ପଞ୍ଚାୟତରେ ସୁଶାସନ ସପ୍ତାହ ପାଳନ କରାଯାଇଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା କିଭଳି ସମସ୍ତ ଯୋଗ୍ୟ ହିତାଧିକାରୀ ପାଇପାରିବେ ସେନେଇ ସଚେତନତା କାରାଯାଇଛି। ଏହି କାର୍ଯ୍ୟକ୍ରମରେ ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାଏକ, ସିଡିଓ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ବୌଦ୍ଧ ବିଡ଼ିଓ ଯୁଗଳ ବିଶ୍ୱାଳ, ଶଗଡା ସରପଞ୍ଚ ସନ୍ଧ୍ୟାରାଣୀ ମହାକୁଡ଼ ଓ ସମସ୍ତ ବିଭାଗୀୟ ଅଧିକାରୀ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସ୍ଥାନୀୟ ଅଧିବାସୀଙ୍କୁ ଅବଗତ କରିଥିଲେ।

## ବନ୍ଧ ଖନନରେ ଦୁର୍ନୀତି ନେଇ ଅଭିଯୋଗ

ହରଭଙ୍ଗା,୨୫ ।୧୨(ସମିସ): ହରଭଙ୍ଗା ବ୍ଲକ ପୁରୁଣାକଟକ ଫରେଷ୍ଟ ରେଞ୍ଜରେ କାମ୍ପା ଯୋଜନାରେ ୩୫ଲକ୍ଷ ଟଙ୍କା ଅଟକଳରେ ଏକ ଜଳାଶୟ ଖନନ ହୋଇଛି; ହେଲେ ଏଥିରେ ଦୁର୍ନୀତି ହୋଇଛି। ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ଅବକାଶ ସାହୁ ବୌଦ୍ଧ ଡିଏଫଓଙ୍କୁ ଏଭଳି ଗୁରୁତୁର ଅଭିଯୋଗ କରି ଏହାର ଭିଜିଲାନ୍ସ ତଦନ୍ତ ଦାବିରେ ସେ ଡିଏଫଓଙ୍କୁ ଅଭିଯୋଗପତ୍ର ଦେଇଛନ୍ତି। ପୁରୁଣାକଟକ ରେଞ୍ଜ ସାକୁଶିଙ୍ଗା ବିଟ୍ ଅଧୀନ ଅରାଗଡ ସଂରକ୍ଷିତ ଜଙ୍ଗଲର କମ୍ପାର୍ଟମେଣ୍ଟ -୫ରେ ଏକ ଜଳାଶୟ ଖନନ କରାଯାଇଛି। ଜୁନ୍‌ରେ ଖନନ ହୋଇଥିବା ଏହି ଜଳାଶୟ ଏବେ ଶୁଖିଲା ପଡିଛି। ସାଢେ ୩ ଫୁଟ ଗଭୀର ୧୨ଫୁଟ ଉଚ୍ଚତା ବିଶିଷ୍ଟ ଗାର୍ଡୱାଲ ନିର୍ମାଣ କରାଯିବା କଥା; ହେଲେ ୫/୬ଫୁଟ ଉଚ୍ଚତା ବିଶିଷ୍ଟ ନିମ୍ନମାନର ଗାର୍ଡୱାଲ ନିର୍ମାଣ କରାଯାଇଛି। ସେହିଭଳି ପଥର ପ୍ୟାକିଂ କାର୍ଯ୍ୟ ମଧ୍ୟ ଭୁଷୁଡିଗଲାଣି। ଏ ବିଷୟରେ ସେ ପିସିସିଏଫ ବ୍ରହ୍ମପୁର ଆରସିସିଏଫଙ୍କୁ ମଧ୍ୟ ଜଣାଇଛନ୍ତି।

## ଖୁଣ୍ଟିଗୋରା ମଣ୍ଡିରେ ଧାନକିଣା

କଣ୍ଟାମାଳ,୨୫।୧୨(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଉମା ପାକ୍ସ ଅଧୀନ ଖୁଣ୍ଟିଗୋରା ମଣ୍ଡିରେ ଚଳିତ ଖରିଫ ଋତୁର ଧାନ କ୍ରୟର ଶୁଭାରମ୍ଭ ହୋଇଛି। ପାକ୍ସ ସଂପାଦକ ସନ୍ତୋଷ ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଭାପତି କାହ୍ନୁଚରଣ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଧାନକ୍ରୟର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ରବିଚନ୍ଦ୍ର ମହାକୁଡ଼, ନୋଡାଲ ଅଫିସର କ୍ଷୀରୋଦ ତାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ। ପୂଜାର୍ଚ୍ଚନା ପରେ ଧାନ କିଣା ଆରମ୍ଭ ହୋଇଥିଲା। ପ୍ୟାକ୍ସରେ ସହ ସମ୍ପାଦକ ଯୁଧିଷ୍ଠିର ରଣା, ଡିଇଓ ସମୀର ରାଉତ, ପ୍ୟାକ୍ସର ନିର୍ଦ୍ଦେଶକ, ସଦସ୍ୟ, ମିଲର୍ସ କର୍ମଚାରୀ, ଆର୍‌ଏମ୍‌ସି କର୍ମଚାରୀ ଶଶୀଭୂଷଣ ରଣା, ଚାଷୀ ପୂର୍ଣ୍ଣଚନ୍ଦ୍ର ମେଣ୍ଡିଲି, ମୁଛ ଝାଙ୍କର, ଶତ୍ରୁଘନ ରଣା, ପବିତ୍ର ଭୋଇ ଏବଂ ଚାଷୀ ଉପସ୍ଥିତ ଥିଲେ। ପାକ୍ସ କର୍ମଚାରୀ ସହଯୋଗ କରିଥିଲେ।



## ମିଥ୍ୟା ବିଲ୍ କରି ଟଙ୍କା ଆତ୍ମସାତ୍ ଅଭିଯୋଗ

ବୌଦ୍ଧ,୨୫।୧୨(ସମିସ): କାମ ନ ହୋଇ ମିଥ୍ୟା ବିଲ୍ କରି ଟଙ୍କା ଅତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ଆସିଛି ବୌଦ୍ଧ ବ୍ଲକ୍ ଖୁଣ୍ଟବନ୍ଧ ପଞ୍ଚାୟତରୁ। ଏହାର ତଦନ୍ତ ପାଇଁ ସୁଧାଂଶୁ ଶେଖର ମିଶ୍ର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ୨୦୨୧ରେ ଖୁଣ୍ଟବନ୍ଧ ପଞ୍ଚାୟତର ଗୋବିନ୍ଦପୁର ମଙ୍ଗଳା ମନ୍ଦିରଠାରୁ ମହାନଦୀ ଫେରିଘାଟର ଉନ୍ନତି ପାଇଁ ତତ୍କାଳୀନ ପିଇଓ ୮୪ ହଜାର ୪୪୩ ଟଙ୍କା, ଖୁଣ୍ଟବନ୍ଧ-ଚରଦା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ରାସ୍ତାରୁ ବ୍ରହ୍ମଚାରୀ ରାସ୍ତାର ଉନ୍ନତି ପାଇଁ ୮୪ ହଜାର ୪୪୩ ଟଙ୍କା, ସେହିପରି ପୋଲାମ ଗାଁ ମୁଣ୍ଡରୁ ସାଲୁଙ୍କି ରାସ୍ତାର ଉନ୍ନତି ପାଇଁ ୮୪ ହଜାର ୪୪୩ ଟଙ୍କା ନିଜ ଏକାଉଣ୍ଟକୁ ୨୦୨୧ ଜାନୁୟାରୀ ୨୦, ନଭେମ୍ବର ୨୭ ଓ ୨୦୨୨ ଫେବୃୟାରୀ ୭ରେ ଟ୍ରାନ୍ସଫର କରିଥିଲେ। ଏହି କାମ କି ବିଲ ବାବଦରେ ତତ୍କାଳୀନ ସରପଞ୍ଚ ମିତ୍ରଭାନୁ ପ୍ରଧାନ କି କନିଷ୍ଠ ଯନ୍ତ୍ରୀ ଦେଶବନ୍ଧୁ ନାଏକ ଜାଣି ନ ଥିଲେ। ତେବେ ବର୍ତ୍ତମାନ ସୁଦ୍ଧା ଏହି ତିନିଟି ରାସ୍ତାର ମୁଠାଏ ମଧ୍ୟ ମାଟି ପଡ଼ିନାହିଁ। ଏ ସମ୍ପର୍କରେ ତତ୍କାଳୀନ ସରପଞ୍ଚ ଶ୍ରୀ ପ୍ରଧାନ ଜିଲ୍ଲାପାଳ, ବିଡ଼ିଓ, ପଞ୍ଚାୟତରାଜ ବିଭାଗକୁ ପଞ୍ଚାୟତ ପେଡରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା। ଶ୍ରୀ ମିଶ୍ର ଏହାର ତଦନ୍ତ କରି ସମ୍ପୃକ୍ତ ପିଇଓଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳ ତୁରନ୍ତ ଏହାର ତଦନ୍ତ କରି ରିପୋର୍ଟ ଦେବାକୁ ସହକାରୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ସହକାରୀ ଯନ୍ତ୍ରୀ ପ୍ରାଚୀ ପାରମିତା ସାବତଙ୍କୁ ଯୋଗାଯୋଗ କରିବାରୁ ଦୁଇଟି ରାସ୍ତା ଉପରେ କାମ ହୋଇଯାଇଛି। ଏ ସମ୍ପର୍କରେ କୌଣସି ଫାଇଲ ତତ୍କାଳୀନ ପିଇଓ ପଞ୍ଚାୟତକୁ ହସ୍ତାନ୍ତର କରି ନାହାନ୍ତି। ଏଣୁ ତଦନ୍ତ ରିପୋର୍ଟ ଦିଆଯାଇପାରୁନି ବୋଲି କହିଥିଲେ। ତେବେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଯଦି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ତେବେ ଶ୍ରୀ ମିଶ୍ର ଭିଜିଲାନ୍ସର ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି।

# ମିଶନ ଶକ୍ତି ମହିଳାଙ୍କୁ ଅଣଦେଖା

ବୌଦ୍ଧ,୨୫।୧୨(ସମିସ)

ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ଭିବି-ଜି-ରାମ୍-ଜି-୨୦୨୫ କାର୍ଯ୍ୟକ୍ରମରେ ମିଶନ ଶକ୍ତି ମହିଳାମାନଙ୍କୁ ଅଣଦେଖା ଓ ଅପମାନ କରାଯାଇଥିବା ବୌଦ୍ଧ ଜିଲ୍ଲାରେ ଚର୍ଚ୍ଚା ଜୋର୍ ଧରିଛି। ଏଭଳି ଘଟଣା ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ଧଳପୁର ପଞ୍ଚାୟତରେ ଦେଖିବାକୁ ମିଳିଛି। ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ବିଭିନ୍ନ ଅବ୍ୟବସ୍ଥା ଦେଖାଦେଇଥିଲା। ମିଶନ ଶକ୍ତି ମହିଳାଙ୍କ କହିବା ଅନୁଯାୟୀ, କାର୍ଯ୍ୟକ୍ରମର ପୂର୍ବ ପ୍ରସ୍ତୁତି ସମୟରେ ଅନ୍‌ଲାଇନ୍ ମିଟିଂ ମାଧ୍ୟମରେ ବିଡିଓ ସ୍ପଷ୍ଟଭାବେ ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କ ପାଇଁ ଜଳଖିଆ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁସାରେ ମହିଳାମାନେ ଜଳଖିଆ ଆଶାରେ ଥିଲେ; କିନ୍ତୁ କାର୍ଯ୍ୟକ୍ରମ ଆରମ୍ଭରୁ ହିଁ ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। ଏକାଧିକ ମହିଳାଙ୍କୁ ଯୋଗଦାନ ପାଇଁ ଡାକିଥିବା ବେଳେ ସେମାନେ ବସିବାକୁ କୌଣସି ବ୍ୟବସ୍ଥା କରାଯାଇ ନ ଥିଲା। କୌଣସି ପାଲ ନ ପକାଇ ତଳେ ମାଟିରେ ବସିବା ପାଇଁ କୁହାଯାଇଥିଲା; କିନ୍ତୁ କାର୍ଯ୍ୟକ୍ରମ ସମାପ୍ତି ସମୟରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ପଞ୍ଚାୟତ ତରଫରୁ ପ୍ରତି ମହିଳାଙ୍କୁ ଶୁଖିଲା ବିସ୍କୁଟ ଦେଇ ଦାୟିତ୍ୱ ସାରିଦେଇଥିଲେ ବୋଲି ଅଭିଯୋଗ ହୋଇଛି। ସବୁଠାରୁ ଦୁଃଖର ବିଷୟ ହେଉଛି ଯେ, ସମସ୍ତ ଉପସ୍ଥିତ ମିଶନ ଶକ୍ତି ମହିଳାଙ୍କୁ ମଧ୍ୟ ସେହି ବିସ୍କୁଟ ମିଳି ନ ଥିଲା। ଅନେକ ମହିଳା ଦିନଭରି କାର୍ଯ୍ୟକ୍ରମରେ ବସିଥିଲେ ମଧ୍ୟ କୌଣସି ପ୍ରକାର ଜଳଖିଆ ବା ସମ୍ମାନଜନକ ବ୍ୟବହାର ପାଇନଥିବା ଅଭିଯୋଗ କରିଛନ୍ତି। ମିଶନ ଶକ୍ତି ମହିଳାମାନେ କହିଛନ୍ତି, ସରକାର ଯେଉଁଠି ମହିଳା ସଶକ୍ତିକରଣକୁ ଗୁରୁତ୍ୱ ଦେଉଛନ୍ତି, ସେଠି ପଞ୍ଚାୟତସ୍ତରରେ ଏଭଳି ବ୍ୟବହାର ଗଭୀର ଚିନ୍ତାଜନକ। ଭିବି-ଜି-ରାମ-ଜି-୨୦୨୫ ପରି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ମହିଳାମାନଙ୍କୁ ଅଣଦେଖା କରାଯିବା ଓ ଖର୍ଚ୍ଚ ନାମରେ ଠକିବା ଘଟଣା ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟଶୈଳୀ ଓ ସରକାରୀ ନୀତି-ନିୟମକୁ ପ୍ରଶ୍ନର ସମ୍ମୁଖୀନ କରୁଛି। ମହିଳାମାନଙ୍କ ଅଭିଯୋଗ ଅନୁସାରେ, ପଞ୍ଚାୟତ ନିର୍ବାହୀ ଅଧିକାରୀ କେବଳ ଜଳଖିଆ ବିଷୟରେ ନୁହେଁ। କଥାବାର୍ତ୍ତାରେ ମଧ୍ୟ ଅଶିଷ୍ଟ ବ୍ୟବହାର କରିଥିଲେ। ସମସ୍ତ ଉପସ୍ଥିତ ମହିଳା ବିସ୍କୁଟ ପାଇବା ପୂର୍ବରୁ କିଭଳି ସରିଗଲା ବୋଲି ମହିଳାମାନେ ପ୍ରଶ୍ନ କରିବାରୁ ସେ କଣ କରିବେ ପୋଲି ପ୍ରଶ୍ନ କରିଛନ୍ତି। ଯାହା ଆସିଥିଲା ଦିଆଗଲା। ବର୍ତ୍ତମାନ ସେ କେଉଁଠାରୁ ବିସ୍କୁଟ ଆଣି ବାଣ୍ଟିବେ ବୋଲି ଓଲଟା ପ୍ରଶ୍ନ କରିଥିଲେ ବୋଲି ଉପସ୍ଥିତ ମହିଳାମାନେ ଅଭିଯୋଗ କରିଛନ୍ତି। ଏହି ଘଟଣା ପରେ ଧଳପୁର ପଞ୍ଚାୟତ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ମିଶନ ଶକ୍ତି ମହିଳାମାନେ ଏହାର ଉଚିତ ତଦନ୍ତ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

## ଘଣ୍ଟାପଡା ଡିଗ୍ରୀ କଲେଜ ବାର୍ଷିକ କ୍ରୀଡ଼ା




କଣ୍ଟାମାଳ,୨୫ ।୧୨(ସମିସ): କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ଡିଗ୍ରୀ କଲେଜର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଗିରିଧର ଦେହୁରୀଙ୍କ ନେତୃତ୍ୱ ଏବଂ କ୍ରୀଡ଼ା ସଂଯୋଜକ ମାନସ ବକୁଳଙ୍କ ତତ୍ତ୍ୱାବଧାନରେ ମା' ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ସେଠାରୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ଶୋଭାଯାତ୍ରାରେ କ୍ରୀଡା ମଶାଲ ବାହାରିଥିଲା। ଗାଁ ପରିକ୍ରମା ପରେ ଖେଳ ମଣ୍ଡପରେ କଲେଜ ପ୍ରତିଷ୍ଠାତା ସଦସ୍ୟ ପ୍ରଭାତ ସାହୁଙ୍କ ଦ୍ୱାରା ମଶାଲ ସ୍ଥାପନ କରାଯାଇଥିଲା। କଲେଜ ସଭାପତି କାର୍ତ୍ତିକେଶ୍ୱର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରି ଉତ୍ସବର ଶୁଭାରମ୍ଭ କରିଥିଲେ। ପ୍ରତିଯୋଗିତାରେ ଦୌଡ଼, ଉଚ୍ଚଡିଆଁ, ଲମ୍ବଡିଆଁ, କବାଡି, ଖୋ ଖୋ, କ୍ରିକେଟ ଆଦି ଖେଳ ଅନୁଷ୍ଠିତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ସାମ୍ବାଦିକ ପ୍ରଭାତ ସାହୁ, ବଂଶୀଧର ମାଝୀ ଏବଂ ଅଜିତ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଜରାସିଂହା ହାଇସ୍କୁଲର ଖେଳ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି କିଷାନ ଖେଳ ପରିଚାଳନା କରିଥିଲେ।

# ଜନବସତିଠୁ ଦୂରରେ ନଳକୂପ

**ବାରିକପୁର,୨୫ ।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନକୁ ମେଗା ପାନୀୟଜଳ ପ୍ରକଳ୍ପର ପାଇପ ବିଛା ଯାଇଥିଲେ ସୁଦ୍ଧା ଲୋକମାନେ ଏଥିରୁ ପାଣି ମୁନ୍ଦାଏ ପାଇ ପାରୁନାହାନ୍ତି । ବ୍ୟକ୍ତିଗତ ନଳକୂପ ସହିତ କେତେକ ସରକାରୀ ନଳକୂପ ଲୋକମାନଙ୍କ ପାଣିର ଆବଶ୍ୟକତାକୁ ପୂରଣ କରୁଛି । ସଂପ୍ରତି ମେଗା ପ୍ରକଳ୍ପ ଏକ ପ୍ରକାର ସ୍ଥାଣୁ ରହିଥିବାବେଳେ ସରକାରୀ ନଳକୂପ ଖନନ ପାଇଁ ପ୍ରଶାସନ ନିଷ୍ପତ୍ତି ନେଇଛି । ତଦନୁଯାୟୀ କେତେକ ଜାଗାରେ ବକ୍ସ ନଳକୂପ ଖୋଳାଯାଇଛି । ଆବଶ୍ୟକ ଅନୁଯାୟୀ ବ୍ଲକର ୨୩ଟି ପଞ୍ଚାୟତ ଅଞ୍ଚଳରେ କିଛିକିଛି ନଳକୂପ ଖୋଳାଯାଇଥିବାବେଳେ ଅନାବଶ୍ୟକ ସ୍ଥାନରେ ମଧ୍ୟ ଲକ୍ଷାଧିକ ଟଙ୍କାର ନଳକୂପ ଖନନ ହୋଇଥିବା ଜଣାଯାଇଛି । ଯାହା ବିଭାଗୀୟ ଯନ୍ତ୍ରୀଙ୍କ ଅପାରଗତାକୁ ପଦାରେ ପକାଇଥିବା ବେଳେ ଏଭଳି ନଳକୂପ ଖନନର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସୂଚନା ମୁତାବକ ରହଣିଆ -ବେଲଗଡ଼ିଆ ଗ୍ରାମ୍ୟ ଉନ୍ନୟନ ରାସ୍ତାର ନୂଆପୋଖରୀ ନିକଟ ଏକ ଜନଶୂନ୍ୟ ଜାଗାରେ ଗୋଟିଏ ବକ୍ସ ନଳକୂପ ଖୋଳାଯାଇଛି । ପ୍ରାୟ ଏକମାସ ପୂର୍ବରୁ ରାସ୍ତା ପାର୍ଶ୍ୱରେ ଏହା ଖନନ ହୋଇଥିବାବେଳେ ଆଖପାଖ ୫/୭ଶହ ମିଟର ଭିତରେ କୌଣସି ଜନବସତି ନାହିଁ । ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ଅର୍ଥ ବ୍ୟୟ ହୋଇ କାହା ସ୍ୱାର୍ଥ ହାସଲ ସକାଶେ ଏଭଳି କାମ ହୋଇଛି ତାହା ସ୍ପଷ୍ଟ ଜଣାପଡ଼ିନାହିଁ । ଏପଟେ ଖନନ କାର୍ଯ୍ୟ ସରିବାର ମାସାଧିକ କାଳ ବିତିଯାଇଥିଲେ ସୁଦ୍ଧା ନଳକୂପ ସୁରକ୍ଷା ପାଇଁ ଏଯାଏଁ ପ୍ଲାଟଫର୍ମ ନିର୍ମାଣ ହୋଇନାହିଁ । ଏହା ଉପରେ ପ୍ରଶାସନିକ ଉଚ୍ଚ ପଦସ୍ଥ ଅଧିକାରୀମାନେ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।



**ସଡ଼କ ସୁରକ୍ଷା ବୈଠକ**

# 'ସଚେତନତାକୁ ଅଧିକ ମାତ୍ରାରେ ତ୍ୱରାନ୍ୱିତ କରାଯାଉ'

**ଭଦ୍ରକ,୨୫ ।୧୨(ସମିସ):**

ଜିଲ୍ଲାରେ ସଡ଼କ ଦୁର୍ଘଟଣା ହ୍ରାସ୍ ଓ ସଡ଼କ ସୁରକ୍ଷାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧକ୍ଷତାରେ ସଦଭାବନା ଗୃହରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ଶ୍ରୀ ରାଉତରାଏ ସଡ଼କ ଦୁର୍ଘଟଣା ପ୍ରବଣ ସ୍ଥାନ(ବ୍ଲାକ ସ୍ପଟ୍) ଚିହ୍ନଟ, ସାଇନେଜ୍ ଓ ରୋଡ୍ ମାର୍କିଂ ସୁଧାର, ଗତି ନିୟନ୍ତ୍ରଣ, ହେଲମେଟ୍ ଓ ସିଟ୍‌ବେଲ୍ଟ ବ୍ୟବହାର ନିଶ୍ଚିତକରଣ, ମଦ୍ୟପାନ କରି ଯାନଚାଳନା ବିରୋଧରେ କଠୋର ପଦକ୍ଷେପ ନେବା ସହିତ ଜନସଚେତନତା କାର୍ଯ୍ୟକ୍ରମକୁ ଅଧିକ ଗତି ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁକୁ ରୋକିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନେବା ଉପରେ ଆଲୋକପାତ କରିଥିଲେ । ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ସମ୍ପ୍ରସାରଣ କାର୍ଯ୍ୟ ରେ ଅବହେଳା ନେଇ କ୍ଷୋଭ ପ୍ରକାଶ କରିଥିଲେ । ଯେଉଁ ଯାନବାହାନ ଗୁଡ଼ିକ ବେଆଇନ ପାର୍କିଂ କରୁଛନ୍ତି ତାଙ୍କ ବିରୋଧ ରେ କାର୍ଯ୍ୟାନୁଷ୍ଠାନ ନେବାକୁ ପୋଲିସ ଓ ଆଂଚଳିକ ପରିବହନ ବିଭାଗ କୁ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅଂଶୁମାନ ଦ୍ୱିବେଦୀ, ରୋଟାରିଆନ୍ ଅତିସ ବେହେରା, ସାମ୍ବାଦିକ ରବିନାରାୟଣ ଖିଲାରଙ୍କ ସମେତ ବୈଠକରେ ପୋଲିସ, ପରିବହନ, ଗ୍ରାମୀଣ ଉନ୍ନୟନ, ଆର.ଆଣ୍ଡ. ବି ଅଧୀକ୍ଷଣ ଯନ୍ତ୍ରୀ, ଆର.ଡି. ଅଧିକ୍ଷଣ ଯନ୍ତ୍ରୀ, ସ୍ୱାସ୍ଥ୍ୟ ବିଭାଗ ଟ୍ରକ୍, ବସ୍ ମାଲିକ ସଂଘର କର୍ମକର୍ତ୍ତା ଉପସ୍ଥିତ ରହି । ବୈଠକରେ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରଖି ସଡ଼କ ସୁରକ୍ଷା ସମ୍ପର୍କିତ କାର୍ଯ୍ୟକ୍ରମଗୁଡ଼ିକୁ ପ୍ରଭାବଶାଳୀ ଭାବରେ କାର୍ଯ୍ୟାନ୍ୱୟନ କରିବା ପାଇଁ ସମ୍ମତି ପ୍ରକାଶ ପାଇଥିଲା ।



# ନ୍ୟାୟ ପାଇଁ ମହିଳା ହାଇକୋର୍ଟଙ୍କ ଦ୍ୱାରସ୍ଥ

**ବନ୍ତ/ଆଗରପଡ଼ା,୨୫ ।୧୨(ସମିସ):** ଆଗରପଡ଼ା ଥାନା ଅଧୀନ ଆଡ଼ିଆ ଗ୍ରାମର ବସୁଦେବ ସେଠୀଙ୍କ ଝିଅ ଅନୁପମା ସିମୁଳିଆ ଥାନା ଅନ୍ତର୍ଗତ ଅନ୍ତରା, ଚୌଧୁରୀପୋଖରୀ ଗ୍ରାମର ବଳରାମ ସେଠୀଙ୍କୁ ବିବାହ କରିଥିଲେ । ତାଙ୍କର ଦେଢ଼ବର୍ଷର ଏକ କନ୍ୟା ରହିଛି । ତାଙ୍କୁ ଶ୍ୱଶୁରଘର ଲୋକେ ଯୌତୁକ ଜନିତ ନିର୍ଯାତନା ଦେଉଥିବାର ଅଭିଯୋଗ ହୋଇଛି । ଏହି ସମ୍ପର୍କରେ ସେ ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନାରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ପାଇପାରି ନ ଥିଲେ । ଶେଷରେ ବାଧ ହୋଇ ତାଙ୍କ ଅଭିଯୋଗପତ୍ରକୁ ଡ଼ାକ ମାଧ୍ୟମରେ ପଠାଇଥିଲେ । କିନ୍ତୁ ଉକ୍ତ ପତ୍ରକୁ ସିମୁଳିଆ ଥାନାଅଧିକାରୀ ଗ୍ରହଣ କରିବା ପରିବର୍ତ୍ତେ ଫେରାଇ ଦେଇଥିଲେ । ତେଣୁ ସେ ନ୍ୟାୟ ପାଇବା ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ସିଆରଏଲଏମପି ନଂ୧୩୮୨/୨୫ରେ ଅନୁପମାଙ୍କ ଅଭିଯୋଗକୁ ହାଇକୋର୍ଟ ଗ୍ରହଣ କରି ବିଚାର କରିବା ପରେ ତାଙ୍କ ରାୟରେ ଉକ୍ତ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ଏସପିଙ୍କୁ ନିର୍ଦ୍ଦେଶ ଦେବା ସହ ସିମୁଳିଆ ଥାନା ଅଧିକାରୀ ଅଭିଯୋଗକାରୀଙ୍କ ଅଭିଯୋଗ ପତ୍ରକୁ କାହିଁକି ଗ୍ରହଣ କଲେ ନାହିଁ ଏବଂ ଯଦି ଏସପି ତାଙ୍କ ତଦନ୍ତରେ ପତ୍ରକୁ ଫେରାଇ ଦିଆଯାଇଥିବା ପ୍ରମାଣ ପାଆନ୍ତି ତେବେ ଥାନାଧିôକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ମଧ୍ୟ ଦେଇଥିବା ଜଣାପଡ଼ିଛି ।

# ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



**ବାରିକପୁର,୨୫ ।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ୍ ଶାରଦା ବିଦ୍ୟାମନ୍ଦିର ଠାରେ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ପ୍ରଧାନ ଆଚାର୍ଯ୍ୟ ଶରତଚନ୍ଦ୍ର ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ବିଶ୍ୱମ୍ବର ନାଥ, ରାମଦୟା ପରିଷଦ ସଭାପତି ଅଲେଖ ଚନ୍ଦ୍ର ସେନାପତି, ବିଶିଷ୍ଟ ସମାଜସେବୀ ବଦ୍ରିନାରାୟଣ ଧଳ, ଶିକ୍ଷକ ପବନ ନାୟକ, ବରିଷ୍ଠ ଗୁରୁଜୀ ସୁଶାନ୍ତ ସେନାପତି ପ୍ରମୁଖ ଯୋଗଦେଇ କ୍ରୀଡା ସମ୍ପର୍କରେ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଦୁଇଦିନ ଧରି ଚାଲିଥିବା କ୍ରୀଡ଼ା ପ୍ରତିଯୋଗିତାରେ ସଫଳ ଅର୍ଜନ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମକୁ ସୁସ୍ମିତା ସ୍ୱାଇଁ ଓ ଅଜୟ କୁମାର ରାଉତଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମା ପରିଚାଳନା କରିଥିଲେ ।

# କପାଳି କଦମ୍ବ ସାଂସ୍କୃତିକ ପରିଷଦ ପକ୍ଷରୁ କବିତା ପାଠ ଉତ୍ସବ



**ଅସୁରାଳି,୨୫ ।୧୨(ସମିସ):** ଧାମନଗର ବ୍ଲକ୍ ଗୋବିନ୍ଦପୁର ପଞ୍ଚାୟତ ତନ୍ମୟ ତୀର୍ଥ, କୋରୁଆଠାରେ କପାଳି କଦମ୍ବ ସାଂସ୍କୃତିକ ପରିଷଦ ତରଫରୁ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରତିଷ୍ଠାତା ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କୃତ ବ୍ରଜ ଦାସ ଉଦେଶ୍ୟଜ୍ଞାପନ କରିଥିଲେ । ଭଦ୍ରକ ଆଗରପଡ଼ାସ୍ଥିତ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ସମ୍ପାଦକ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ନିର୍ମଳଚନ୍ଦ୍ର ସେଠୀ ମଞ୍ଚ ସଞ୍ଚାଳନ କରିଥିଲେ । କଳାକାର କାଳନ୍ଦୀ ଚରଣ ମଳିକ କବିଙ୍କର ପରିଚୟ ପ୍ରଦାନ କରିଥିଲେ । ନାଟ୍ୟ ସାଥୀ, କାବ୍ୟଚନ୍ଦ୍ର ସାରଥୀ ପଣ୍ଡା କବି ମାନଙ୍କର କବିତା ସମୀକ୍ଷା କରିଥିଲେ । ଏଥିରେ ଭଦ୍ରକ ଜିଲ୍ଲାର ୪୦ରୁ ଊର୍ଦ୍ଧ୍ୱ କବି ଯୋଗଦାନ କରି ତାଙ୍କର କବିତା ପାଠ କରିଥିଲେ । ବରିଷ୍ଠ ସଦସ୍ୟ ଶଙ୍କର୍ଷଣ ଦାସ, ରତ୍ନାକର ଜେନା ଓ ସୁଦାମ ଚରଣ ମହାକୁଡ଼ ତଦାରଖ କରିଥିଲେ । ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ଯଥା ଅନନ୍ୟା ମିଶ୍ର, ତମନ୍ନା ନାୟକ, ବର୍ଷାରାଣୀ ସାହୁ ଓ ଶୁଭମ ନାଥଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଧନ୍ୟବାଦ ଅର୍ପଣ କରିଥିଲେ ଦିଗାମ୍ବର ଜେନା ।

# ବିଭାଗର ଜାଣତରେ ବଢୁଛି ଚୋରା ଦେଶୀ ମଦ କାରବାର

**ଦୋଳସାହି,୨୫ ।୧୨(ସମିସ):** ତିହିଡ଼ି ଥାନା ଅଞ୍ଚଳରେ ବ୍ୟାପକ ଭାବରେ ଚୋରା ଦେଶୀ ମଦ ଚୋରା କାରବାର ବଢିବାରେ ଲାଗିଛି । ପୁଲିସ ଓ ଅବକାରୀ ବିଭାଗ ଜାଣତରେ ଚାଲିଥିବା ସାଧାରଣରେ ଅଭିଯୋଗ ହେଉଥିଲାବେଳେ ଚୋରା ଚାଲାଣକାରୀ ଖୁଲମଖୁଲା ବେପାର କରୁଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ପ୍ରକାଶ ଥାଉକି, ତିହିଡ଼ି ଥାନା ଅଧୀନ ତାଳପଦା କୁବେରା ଓ ଗୁଆମାଳ ପଞ୍ଚାୟତ ବ୍ୟାପକ ଭାବେ ଚୋରା ଦେଶୀମଦ ପ୍ରସ୍ତୁତ ସହ ଭଦ୍ରକ ଜିଲ୍ଲାର କୋଣ ଅନୁକୋଣକୁ ସରବରାହ ହେଉଥିଲା ବେଳେ ପୁଲିସ ଓ ଅବକାରୀ ବିଭାଗ ପକ୍ଷରୁ କାଆଁ ଭାଆଁ ମୋକଦ୍ଦମା କରାଯାଉଥିବା ସହ ଅଭିଯୁକ୍ତ ଫେରାର ହୋଇଯାଇଥୀବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ସେହିପରି ଏହି ଦେଶୀ ମଦ ପିଇ ତାଳପଦା, କୁବେରା ଓ ଗୁଆମାଳ ପଞ୍ଚାୟତର ବହୁ ଯୁବକ ମୃତ୍ୟୁବରଣ କରୁଥିବା ଓ ଘରେ ଘରେ ଶାନ୍ତିଭଙ୍ଗ ହେଉଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି ।



# କବିତା ପୁସ୍ତକ 'ତରାଟ ଫୁଲର ଗାଁ' ଲୋକାର୍ପିତ




**ଧାମନଗର,୨୫ ।୧୨(ସମିସ):** ଧାମନଗର କାନ୍ତ ସାହିତ୍ୟ ପରିଷଦରରେ ସଭାପତି ରାସାନନ୍ଦ ମହାପାତ୍ରଙ୍କ ରଚିତ କବିତା ସଂଙ୍କଳନ "ତରାଟ ଫୁଲର ଗାଁ' ବିଶିଷ୍ଟ କବି ହରପ୍ରସାଦ ଦାସଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି । ଧାମନଗର ହାଇସ୍କୁଲ ପରିସରରେ କାନ୍ତ ସାହିତ୍ୟ ପରିଷଦ ବାର୍ଷିକ ଓ କବିତା ପାଠ ଉତ୍ସବ ସମାରୋହରେ କବି ଶ୍ରୀଦାସ ଉକ୍ତ ପୁସ୍ତକକୁ ଉନ୍ମୋଚନ କରି କହିଲେ ରସାନନ୍ଦଙ୍କ "ତରାଟ ଫୁଲର ଗାଁ' ହେଉଛି ତାଙ୍କ ପ୍ରେମିକାର ଗାଁ । ଏଠାରେ କେବଳ ତରାଟ ଫୁଟେ ନାହିଁ ଦ୍ରୋଣ, ଦ୍ରୌପଦୀ, ମନ୍ଥରା ମଧ୍ୟ ଆତ ଯାତ ହୁଅନ୍ତି । ୪୭ ଟି କବିତା ସନ୍ନିବେସିତ ଏଇ ସଂଙ୍କଳନର ବହୁ କବିତା ଇତି ପୂର୍ବରୁ ଓଡ଼ିଶାର ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶ ପାଇ ପାଠକୀୟ ଶ୍ରଦ୍ଧା ଲାଭ କରୁଛି । ବନ ଫୁଲ ପ୍ରକାଶନୀ ଦ୍ୱାରା ଏହା ପ୍ରକାଶ ପାଇଥିବାର ଜଣାଯାଇଛି । ଏହି ଅବସରରେ କବି ଶଚିକାନ୍ତ ପଣ୍ଡା, ବିଜୟ ମହାପାତ୍ର, କିଶୋର ପାଣିଗ୍ରାହି, ଡ.ଆରତୀ କର, ଡ.ମମତା ସାହୁ, ଡ.ହରିପ୍ରିୟା ସେଠୀ, ଅରୁଣ ଖୁଲାର, ବାସୁଦେବ ତ୍ରିପାଠୀ, ଅନୀଲ କୁମାର ବାରିକ, ଦୟାନିଧି ମିଶ୍ର, ସାରଥୀ ପଣ୍ଡା, ପୁରୁଷୋତ୍ତମ ଧଳ, ଦେବାଶିଷ ସାମଲ, କୁଳମଣି ବେହେରା, ମନୋଜ କୁମାର ସିଂହ, ଅଭିମନ୍ୟୁ ମଲ୍ଲିକ, ସୁମତୀ ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ କବିତା ପାଠ ପ୍ରଦାନ କରି ରସାନନ୍ଦଙ୍କ ରଚିତ କବିତା ପୁସ୍ତକ ପାଠକଙ୍କ ମହଲରେ ଆଦୃତ ହେବ ବୋଲି ଶ୍ରୀ ମହାପାତ୍ର ଆଶାବ୍ୟକ୍ତ କରିଛନ୍ତି ।

# ଗାନ୍ଧୀଜିଙ୍କ ଶ୍ରାଦ୍ଧୋତ୍ସବ ପ୍ରସ୍ତୁତି ବୈଠକ

**ଅସୁରାଳି,୨୫ ।୧୨(ସମିସ):** ଜାନୁୟାରୀ ୩୦ ତାରିଖ ଧାମନଗର ବ୍ଲକ ପାଳସାହି ପଞ୍ଚାୟତର ଗାନ୍ଧିଘାଟ ଶାସନ ଗାନ୍ଧିଜୀଙ୍କ ସ୍ମୃତିପୀଠ ପରିସରରେ ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ ପାଳନ ହେବାପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ସାର୍ବଜନୀନ ଗାନ୍ଧୀମେଳା କମିଟି ସମ୍ପାଦକ ଶିକ୍ଷାବିତ୍ ଗୋବିନ୍ଦ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତା କରିଥିଲେ । ଉକ୍ତ ବୈଠକରେ ଯୋଗଦାନ କରି ମେଳାକୁ ସରସ ସୁନ୍ଦର କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଦିଆଯାଇଛି । ଏଥିରେ ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ନାୟକ, ପୂବତନ ସମିତିସଭ୍ୟ ଆଇନଜୀବୀ ରମେଶ ଚନ୍ଦ୍ର ବେହେରା, ସମାଜସେବୀ ରଞ୍ଜନ ମହାନ୍ତି, ଅନ୍ତର୍ଯ୍ୟାମୀ ଦାସ, ପୁରୁଷୋତ୍ତମ ପାଣିଗ୍ରାହୀ, ଭାଗୀରଥି ପତ୍ରୀ, ମାର୍କଣ୍ଡ ଯେନା, ବିଦ୍ୟାଧର ବାରିକ, ରଞ୍ଜନ ପାଣିଗ୍ରାହୀ, ନାଗେଶ୍ୱର ପତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଆଗରପଡ଼ା ଯୁବ ମହୋତ୍ସବ ପକ୍ଷରୁ ବିଶାଳ ମଶାଲ ଶୋଭାଯାତ୍ରା

**ବନ୍ତ/ଆଗରପଡ଼ା,୨୫ ।୧୨(ସମିସ):** ୪ର୍ଥ ବାର୍ଷିକ ଆଗରପଡ଼ା ଯୁବ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ଏକ ବିଶାଳ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଆଗରପଡ଼ା ଥାନା ଠାରୁ ଏହି ମଶାଲ ଶୋଭାଯାତ୍ରା ବାହାରି ଆଗରପଡ଼ା ବଜାର ପରିକ୍ରମା କରି ସ୍ଥାନୀୟ ହେମପଦ୍ମ ଗାଲାକ୍ସି ଠାରେ ପହଞ୍ଚି ଥିଲା । ଆଗରପଡ଼ା ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ସ୍କାଉଟ୍ସ ଗାଇଡ୍ସ,ଏନ୍‌ସିସି ଏବଂ ଶିଶୁ ମନ୍ଦିରର ଛାତ୍ରଛାତ୍ରୀଙ୍କ ଦ୍ୱାରା ଘୋଷ ବାଦ୍ୟ ଏହି ମଶାଲ ଶୋଭାଯାତ୍ରାର ମୁଖ୍ୟ ଆକର୍ଷଣ ଥିଲା । ଏହାକୁ ଆଗରପଡ଼ା ଥାନା ଏସ୍‌ଆଇ ଇଭାରାଣୀ ପରିଡା ଉଦ୍‌ଘାଟନ କରିଥିଲେ । ବହୁ ସଂଖ୍ୟାରେ ଜନସାଧାରଣ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ସମସ୍ତ କାର୍ଯ୍ୟକୁ କମିଟି ଉପଦେଷ୍ଟା ଚିତ୍ତରଞ୍ଜନ ସାମନ୍ତରାୟ, ଜୈନୁଲ ଆବେଦିନ, ପ୍ରଣୟ ସିଂହ, ନିରୋଜ ଆଇଚ, ପ୍ରଫୁଲ୍ଲ ବିଶ୍ୱାଳ, ସଭାପତି ଇଂ ଅମୀୟ ରାମ,ସଂପାଦକ ପ୍ରଦ୍ୟୁମ୍ନ ପୁହାଣ,ସଂଗଠନ ସମ୍ପାଦକ ଚିନ୍ମୟ ସିଂହ, କୋଷାଧକ୍ଷ ନୃସିଂହ ଖୁଣ୍ଟିଆ, ତପନ ପୃଷ୍ଟି, ଗୟାଧର ପତି, ବାବୁରାମ ବେହେରା, ଦିବ୍ୟ ଆକାଶ ପୁହାଣଙ୍କ ସମେତ ସମସ୍ତ ସଦସ୍ୟଙ୍କ ତତ୍ତ୍ୱାବଧାନରେ ସମ୍ପାଦନ କରାଯାଇଥିବା ବେଳେ ଆଗରପଡ଼ା ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ।



# ତୁଳସୀ ପୂଜନ ଉତ୍ସବ



**ଭଦ୍ରକ,୨୫ ।୧୨(ସମିସ):** ଆଜି ବିଭିନ୍ନ ସ୍ଥାନରେ ତୁଳସୀ ପୂଜନ ଉତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ଭଦ୍ରକ ଯୋଗ ବେଦାନ୍ତ ସେବା ସମିତି ପକ୍ଷରୁ ଭଦ୍ରକ ବ୍ଲକ କୋଡବରୁଆଁ ଆଶ୍ରମ ଠାରେ ମା'ତୁଳସୀ ଦେବୀଙ୍କ ପୂଜା ଆୟୋଜିତ ହୋଇଥିଲା । ସନ୍ଥ ଶ୍ରୀ ଆଶାରାମଜୀ ବାପୁ ଅନୁପ୍ରାଣିତ ସମିତି ସଭାପତି ଦୈତାରି ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ଶିକ୍ଷାବିତ ପବନ ନାୟକ, ବରିଷ୍ଠ ନାଗରିକ କୈଳାସ ଚନ୍ଦ୍ର ମହାନ୍ତି, ବରିଷ୍ଠ ଶିକ୍ଷକ କାଳିପଦ ଦାସ, ଅଧ୍ୟାପକ ତପନ ଝା, ସାମ୍ବାଦିକ ଦୁର୍ଯୋଧନ ଲେଙ୍କା ପ୍ରମୁଖ ଯୋଗ ଦେଇ ସନାତନ ହିନ୍ଦୁ ଧର୍ମରେ ବୃନ୍ଦାବତୀଙ୍କ ପୂଜା ମହିମା ସମ୍ପର୍କରେ ଆଲୋକପାତ କରିଥିଲେ । ଗଣପତି ଆବାହନ, ଗୁରୁବନ୍ଦନା, ଆଶା ରାମାୟଣ ପାଠ ସହିତ ପୁଷ୍ପ, ଧୂପ ଦୀପ, ନୈବେଦ୍ୟ ଅର୍ପଣ ପୂର୍ବକ ମା ତୁଳସୀ ଙ୍କୁ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିଥିଲେ । ଏଥିରେ ସମିତି ପକ୍ଷରୁ ଅଶୋକ ମିଶ୍ର, ସୁଷମା ମହାନ୍ତି, ଅନିତାରାଣୀ ମିଶ୍ର, ଜ୍ୟୋତିରଞ୍ଜନ ମହାନ୍ତି, ଚନ୍ଦନ ଦାସ, ଅମରିଶ ମହାନ୍ତି, ଓମ ପ୍ରଜ୍ଞାନ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ଅନୁରୂପ ଭାବେ ଭଣ୍ଡାରିପୋଖରୀ ୟୁକୋ ବ୍ୟାଙ୍କ ସମ୍ମୁଖରେ ଆକାଶ ଆଦିତ୍ୟ ବେହେରାଙ୍କ ସଂଯୋଜନାରେ ତୁଳସୀ ପୂଜା ଅନୁଷ୍ଠିତ ହୋଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ମାନସ ସାହୁ, ପ୍ରତାପ ନାୟକ, ସମୀର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ବୃନ୍ଦାବତୀଙ୍କୁ ପୂଜାର୍ଚ୍ଚନା କରିଥିଲେ ।

**ବାଲିମେଦ ସେବା ସମବାୟ ସମିତିର ବାର୍ଷିକ ସାଧାରଣ ସଭା**

# ତୁରନ୍ତ ଧାନ ମଣ୍ଡି ଖୋଲିବାକୁ ଦାବି

**ବାସୁଦେବପୁର,୨୫ ।୧୨(ସମିସ):**

ବାସୁଦେବପୁର ବ୍ଲକ ରାଜଘରପୋଖରୀ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ବାଲିମେଦ ସେବା ସମବାୟ ସମିତିର ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଏସ୍ଏଆରସିଏସ ବାବାଜୀ ମଳିକ, ମହେନ୍ଦ୍ର ପ୍ରସାଦ ନାୟକ, ବିବିସିସି ବ୍ୟାଙ୍କ ନିର୍ଦ୍ଦେଶକ ନିରଞ୍ଜନ ଦାସ, ବାଲିମେଦ ସୋସାଇଟିର ସଭାପତି ସଂଯୁକ୍ତା ନାୟକ, ଉପସଭାପତି ଲକ୍ଷ୍ମୀନାରାୟଣ ଶତପଥୀ, ସମ୍ପାଦକ ଶ୍ରୀଧର ପ୍ରସାଦ ନାୟକ, ସରପଞ୍ଚ ଅରୁଣ ମହାନ୍ତି, ସରପଞ୍ଚ କାମଦେବ ମଳିକ, ସରପଞ୍ଚ ସଂଯୁକ୍ତା ଦାସ, ଓ ଆଖପାଖ ଅଞ୍ଚଳର ଚାଷୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଆୟୋଜିତ ବୈଠକରେ ବାର୍ଷିକ ବିବରଣୀ, ଆୟବ୍ୟୟର ହିସାବ, ବଜେଟ ଉପସ୍ଥାପନ, ରାଜ୍ୟ ସରକାର ଦ୍ୱାରା ପ୍ରସ୍ତୁତ ହୋଇ ଥିବା ଧାନ କ୍ରୟ ନିତି ନିୟମ ସମ୍ପର୍କରେ ଆଲୋଚନା, ସମିତିର ସମସ୍ୟା, ଜାଗା ସମସ୍ୟା, ଗୋଦାମ ଘର ସମସ୍ୟା, କର୍ମଚାରୀଙ୍କ ଅଭାବ ସମ୍ପର୍କରେ ବିଷଦ ଭାବେ ଆଲୋଚନା କରାଯାଇ ଥିଲା । ମିଲର ଓ ଜିଲ୍ଲା ପ୍ରଶାସନ ସହିତ ସଂଯୋଗ ସ୍ଥାପନ କରି ନିର୍ଦ୍ଧାରିତ ସମୟରେ ଧାନ କିଣିବାକୁ ଚାଷୀ ପ୍ରସ୍ତାବ ଦେଇ ଥିଲେ । ଏଫସିଆଇ ମିଲରଙ୍କ ଠାରୁ ଚାଉଳ ଉଠାଇ ନଥିବାରୁ ମିଲ୍‌ରେ ଧାନ ରଖିବାକୁ ପର୍ଯ୍ୟାପ୍ତ ଜାଗା ନ ଥିବାରୁ ଧାନ କିଣାରେ ମୁଖ୍ୟ ସମସ୍ୟା ଦେଖାଦେବ । ଏଥର ଧାନ ଭଲ ହୋଇ ଥିବାରୁ କଟଣୀ ଛଟଣୀର କିଛି ପ୍ରସ୍ତାବ ସରକାର କିମ୍ବା ଜିଲ୍ଲା ପ୍ରଶାସନ ପକ୍ଷରୁ ନାହିଁ ବୋଲି ଏସଏଆରସିଏସ ବାବାଜୀ ମଳିକ ସୂଚନା ପ୍ରଦାନ କରିଛନ୍ତି । ଚାଷୀମାନେ ଅଖଣ୍ଡ ନାମଯଜ୍ଞ ମଣ୍ଡପ ପାର୍ଶ୍ୱରେ ପ୍ରସାଦ ସେବନ କରିଥିଲେ ।



## ଜିଲ୍ଲାସ୍ତରୀୟ ସୁଶାସନ ଦିବସ ପାଳିତ

# 'ଅଟଳଜୀ ଜଣେ ଯୁଗନାୟକ ଭାବେ ଚିରସ୍ମରଣୀୟ ହୋଇରହିବେ'

ଜଗତସିଂହପୁର,୨୫।୧୨(ସମିସ):



ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜୟନ୍ତୀ ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସଦଭାବନା ସଭାଗୃହରେ ଜିଲ୍ଲାସ୍ତରୀୟ ସୁଶାସନ ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ପ୍ରତିଚୀ ତନୟା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ ଜେନା, ପୌର ପରିଷଦ ନିର୍ବାହୀ ଅଧିକାରୀ ସାମା ଜେନା ଓ କବୟିତ୍ରୀ ମହାସ୍ମିତା ଓଝା ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଶ୍ରୀ ରାୟ କହିଥିଲେ, ଭାରତୀୟ ଇତିହାସରେ ସୁଶାସନର ଜଣେ ପ୍ରବୀଣ ବ୍ୟକ୍ତି ଭାବେ ଜଣାଶୁଣା ଥିଲେ ଅଟଳ ବିହାରୀ ବାଜପେୟୀ। କେବଳ ଜଣେ ଉଦାରବାଦୀ ରାଜନୀତିଜ୍ଞ ନୁହେଁ ଜଣେ କବି, ସମାଜସେବୀ ଓ ରାଷ୍ଟ୍ରନୀତିଜ୍ଞ ଭାବେ ସମସ୍ତେ ତାଙ୍କୁ ଜାଣନ୍ତି। ତାଙ୍କ ଜୟନ୍ତୀରେ ସୁଶାସନ ଦିବସ ପାଳନର ଉଦ୍ଦେଶ୍ୟ ହେଉଛି ସମାଜର ଶେଷ ଭାଗର ଲୋକଙ୍କ ପାଖେ ସୁବିଧା ପହଞ୍ଚାଇବା। ପ୍ରଶାସନିକ ଅଧିକାରୀ ଲୋକଙ୍କୁ ସେବା ଯୋଗାଇଦେବା ଦିଗରେ ସର୍ବଦା ସଚେତନ ରହିବା ଆବଶ୍ୟକ ବୋଲି କହିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ ଜେନା ସୁଶାସନ ଦିବସର ମହତ୍ତ୍ୱ ପ୍ରତିପାଦିତ କରି କହିଥିଲେ, ଶାସନ ବ୍ୟବସ୍ଥା ସଠିକ ରହିଲେ ସମସ୍ତ ନାଗରିକ ମଧ୍ୟ ସଚେତନ ରହିବେ। କୃତୀ ପ୍ରତିଯୋଗୀ ଆଦ୍ୟାଶା ସ୍ୱାଇଁ ଓ ଆଶୁତୋଷ ପରିଡ଼ା ଅଟଳଜୀଙ୍କ ଜୀବନୀ ଓ ଆଦର୍ଶ ବିଷୟରେ ବକ୍ତବ୍ୟ ରଖିଥିଲେ। ପରେ ହାଇସ୍କୁଲ ଓ କଲେଜ ସ୍ତରୀୟ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ପ୍ରତିଚୀ ତନୟା ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ନିର୍ବାହୀ ଅଧିକାରୀ ସାମା ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷାବିତ୍ ଶ୍ରୀଯୁକ୍ତ ସୁଭାଷ ଚନ୍ଦ୍ର ରାଉତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅନୁଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜଗତସିଂହପୁର ସାହିତ୍ୟ ପରିଷଦର ସାହିତ୍ୟପ୍ରେମୀ କବି ଡ ସୁରେନ୍ଦ୍ର ତ୍ରିପାଠୀ, ଶରତ ମହାପାତ୍ର, ବଂଶୀଧର ବେହେରା, ମହାସ୍ମିତା ଓଝା, ମନୋରମା ଦାସ, ଶେଷଦେବ ଛୋଟରାୟ, ଗଣେଶ ମହାନ୍ତି, ପଞ୍ଚାନନ ପଲାଇ, ନୀଳକଣ୍ଠ ମିଶ୍ର, ସୁଭାଷ ରାଉତ, ରବୀନ୍ଦ୍ର ମଲ୍ଲିକ, ରମେଶ ବହିରା, ମମତା ଦାସ ଓ ପୂର୍ଣ୍ଣ ମିଶ୍ର ବାଜପେୟୀଙ୍କ ସ୍ମୃତିରେ ସ୍ୱରଚିତ କବିତା ପାଠ କରିଥିଲେ। ତହସିଲଦାର ଓ ଜିଲ୍ଲାସ୍ତରୀୟ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର କର୍ମଚାରୀ, ସହରର ବୁଦ୍ଧିଜୀବୀ, ଆଇନଜୀବୀ, ମହିମା କଲେଜ୍ ଅଫ୍ ନର୍ସିଂର ଛାତ୍ରୀ, ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା, ପୌର ପରିଷଦ କର୍ମକର୍ତ୍ତା ଓ ସ୍ୱଚ୍ଛ ସାଥୀ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ବାର୍ଷିକ କ୍ରୀଡ଼ା



ଏରସମା,୨୫।୧୨(ସମିସ): ଏରସମା ବ୍ଲକ୍ ଅଧୀନ ପଦ୍ମପୁର (କିଆମୁଣ୍ଡି)ସ୍ଥ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମାଜକର୍ମୀ ରୋଦଚନ୍ଦ୍ର ସଭାପତିତ୍ୱ କରିଥିଲେ। ପ୍ରଧାନଶିକ୍ଷକ ନିରୋଜ କୁମାର ସାମନ୍ତରାୟ ଓ ପଦ୍ମପୁର ସମିତିସଭ୍ୟ ନାରାୟଣ ସେଠୀ ଉଦ୍ଘାଟନ କରିଥିଲେ। ଉକ୍ତ ଦିନିକିଆ କ୍ରୀଡ଼ା ପ୍ରତିଯୋଗିତାର ଉଦ୍ଯାପନୀ ଉତ୍ସବରେ ଓଲରା ସିଆରସିସି ଲକ୍ଷ୍ମୀଲତା ବେହେରା, ଗାଡିଆ ସିଆରସିସି ନିତ୍ୟଲାଲ ଜେନା, ପ୍ରଧାନଶିକ୍ଷକ ଆଲୋକ ବେହେରା, ଶଙ୍କର ବିଶ୍ୱଳ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବୃନ୍ଦାବନ ମଣ୍ଡଳ, ଅନୁକୂଳ ସାମନ୍ତ, ବାବାଜୀ ମାଇତି ପରିଚାଳନା କରିଥିଲେ। ସ୍ୱରାଜ ସେଠୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସ୍ୱର୍ଣ୍ଣ ଗୁଡ଼ିଆ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ସୁବାସ ସେଠୀ ଧନ୍ୟବାଦ ଦେଇଥିଲେ।

## ଟାଟା ପାୱାର ବିରୁଦ୍ଧରେ ନାଉଗାଁରେ ବିକ୍ଷୋଭ



ନାଉଗାଁ,୨୫।୧୨(ସମିସ): ଆଜି ନାଉଗାଁ ବଜାର ନିକଟରେ ଆଡଭୋକେଟ ତଥା ସଂଗ୍ରାମୀ ବାସୁଦେବ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ନବ ନିର୍ମାଣ କୃଷକ ସଂଗଠନର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବୀ ପ୍ରସାଦ ମହାରଣା, ରାଜ୍ୟ ସହସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ ଓ ଜିଲ୍ଲା ସଂଯୋଜକ ଅଶୋକ ସ୍ୱାଇଁଙ୍କ ସହଯୋଗରେ ଟାଟା ପାୱାରର ଶୋଷଣ ବିରୁଦ୍ଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଟାଟା ପାୱାରର ନୂଆ ଆଇନ ଅନୁଯାୟୀ ଜାନୁଆରୀ ୬ ତାରିଖ ମଧ୍ୟରେ ଯଦି ବିଦ୍ୟୁତ୍ ଉପଭୋକ୍ତା ଅତିରିକ୍ତ ସିକ୍ୟୁରିଟି ମନି ଡିପୋଜିଟ ନ କରନ୍ତି, ବିଦ୍ୟୁତ୍ ସଂଯୋଗ ବିଛିନ୍ନ କରାଯିବାକୁ ନିର୍ଦ୍ଦେଶ ଜାରି ହୋଇଥିବାବେଳେ ଏହାକୁ ବିରୋଧ କରାଯିବା ସହ ଏହି ସ୍ମାର୍ଟ ମିଟର ଲାଗିବା ଫଳରେ ଅତ୍ୟଧିକ ବିଦ୍ୟୁତ ଶୁଳ୍କ ବଢୁଛି। ଏହାକୁ ବିରୋଧ କରାଯିବା ବୋଲି କହିଛନ୍ତି ସଂଗ୍ରାମୀ ବାସୁଦେବ ଷଡ଼ଙ୍ଗୀ। ଅନ୍ୟପକ୍ଷରେ ବର୍ତ୍ତମାନର ବିଜେପି ସରକାର ବିରୋଧ ଦଳରେ ଥିବା ସମୟରେ ଟାଟା ପାୱାରକୁ ସ୍ୱତପ୍ରବୃତ୍ତ ଭାବେ ବିରୋଧ କରୁଥିଲା, ଏବେ କିପରି ଟାଟା ପାୱାରର ଏହି ମନମାନୀ ଓ ଶୋଷଣକୁ ସମର୍ଥନ ଜଣାଉଛି। ଏ ନେଇ ବିକ୍ଷୋଭକାରୀ କଡ଼ା ସମାଲୋଚନା କରିଛନ୍ତି। ଆଗାମୀ ଦିନରେ ଟାଟା ପାୱାରର ଶୋଷଣ ବିରୁଦ୍ଧରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଆନ୍ଦୋଳନ ଜାରି ବୋଲି ଚେତାବନୀ ଦିଆଯାଇଛି।

● ୩୫ତମ ରାଜ୍ୟସ୍ତରୀୟ ଯୁଗଜ୍ୟୋତି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ମୁକ୍ତେଶ୍ୱରକୁ ହରାଇ ହିନ୍ଦୁସ୍ଥାନ ସ୍ପୋର୍ଟିଂ ଫାଇନାଲକୁ ଉନ୍ନୀତ



ଜଗତସିଂହପୁର,୨୫।୧୨(ସମିସ): ନବାପାଟଣାଠାରେ ଚାଲିଥିବା ୩୫ତମ ରାଜ୍ୟସ୍ତରୀୟ ଯୁଗଜ୍ୟୋତି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲରେ ଭୁବନେଶ୍ୱରର ମୁକ୍ତେଶ୍ୱର କ୍ରିକେଟ୍ କ୍ଲବ୍‌କୁ ପରାସ୍ତ କରି ଜଗତସିଂହପୁରର ହିନ୍ଦୁସ୍ଥାନ ସ୍ପୋର୍ଟିଂ ଫାଇନାଲ୍‌ରେ ପ୍ରବେଶ କରିଛି। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରି ହିନ୍ଦୁସ୍ଥାନ ସ୍ପୋର୍ଟିଂ ନିର୍ଦ୍ଧାରିତ ୨୫ ଓଭରରେ ୯ ୱିକେଟ୍ ହରାଇ ୧୯୫ ରନ ସଂଗ୍ରହ କରିଥିଲା। ଜବାବରେ ମୁକ୍ତେଶ୍ୱର କ୍ରିକେଟ୍ କ୍ଲବ୍ ୭ ୱିକେଟ ହରାଇ ୧୮୮ ରନ କରିବାକୁ ସମର୍ଥ ହୋଇଥିଲା। ଖେଳକୁ ମନୋଜ ବେହେର ଓ ସୁମେନ୍ଦ୍ର ପାତ୍ର ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ସନ୍ ହସ୍ପିଟାଲ ଓ ସନ କ୍ଲିନିକ୍‌ର ମାନେଜିଂ ଡାଇରେକ୍ଟର ଚିତ୍ତରଞ୍ଜନ ରଥ ଯୋଗଦେଇ ଟୁଲାନନ୍ଦ ସାହୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଟ୍ରଫି ପୁରୁଷୋତ୍ତମ ପ୍ରଧାନଙ୍କୁ ପ୍ରଦାନ କରିଥିଲେ। କରନ ଖାନ୍ ଧାରା ବିବରଣୀ ପ୍ରଦାନ କରିଥିଲେ। ଆଶୁତୋଷ ବେହେରା ଓ ପ୍ରିତମ ପ୍ରିୟଦର୍ଶନ ସାହୁ ସ୍କୋରର ଥିଲେ। ସନ୍ତୋଷ ବାରିକଙ୍କ ତତ୍ତ୍ୱାବଧାନରେ ଖେଳ ପରିଚାଳିତ ହୋଇଥିଲା।

## ବାଲିକୁଦା ଶିଶୁମନ୍ଦିରର ବାର୍ଷିକ ଉତ୍ସବ



ବାଲିକୁଦା,୨୫।୧୨(ସମିସ): ବାଲିକୁଦା ଶିଶୁମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସାଂସଦ ବିଭୁପ୍ରସାଦ ତରାଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ରୂପେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ବାଲିକୁଦା ସଙ୍କୁଳ ପ୍ରମୁଖ ଶିଶିର କାନୁନଗୋ, ମୁଖ୍ୟବକ୍ତା ଭାବେ ଜଗତସିଂହପୁର ଜିଲ୍ଲା ବିଜେପି ସଭାପତି ପ୍ରତାପ ମିଶ୍ର ଯୋଗ ଦେଇଥିଲେ। ବିଦ୍ୟାଳୟର ସଭାପତି ରମେଶ ଚନ୍ଦ୍ର ପୃଷ୍ଟି ସଭା କାର୍ଯ୍ୟ ପରିଚାଳନା କରିଥିଲେ। ସମ୍ପାଦକ ନିକୁଞ୍ଜ କିଶୋର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାନଆଚାର୍ଯ୍ୟ ସସ୍ମିନ ସାହୁ ବାର୍ଷିକ ବିବରଣୀ ପଠନ କରିଥିଲେ। ଏ ଅବସରରେ ପ୍ରଶାସନିକ ସେବା ପରୀକ୍ଷାରେ କୃତିତ୍ୱ ଦୁଇ ପୂର୍ବତନ ଛାତ୍ର ସତ୍ୟସ୍ୱରୂପ ପଣ୍ଡା ଓ ସ୍ମୃତିରଞ୍ଜନ ଦାସ, ଗତ ମାଟ୍ରିକ ପରୀକ୍ଷାରେ ବାଲିକୁଦା ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପୁଣ୍ୟ ପୁସ୍ମିତା ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଧାୟକ ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ସହସମ୍ପାଦକ ଶରତ ଲେଙ୍କା ଧନ୍ୟବାଦ ପ୍ରଦାନ କରିଥିଲେ। ଶେଷରେ ଛାତ୍ରଛାତ୍ରୀ ଶାରୀରିକ ପ୍ରଦର୍ଶନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ନବମ ଓ ଦଶମ ଛାତ୍ରଛାତ୍ରୀ ନାଟକ ରଘୁ ଅରକ୍ଷିତ ମଞ୍ଚସ୍ଥ କରିଥିଲେ। ଗୁରୁଜୀ ସୁଦାମ ପରିଡ଼ା, ବିଜୟ ବେହେରା, ପ୍ରଦୀପ୍ତ ସ୍ୱାଇଁ, ନିତ୍ୟାନନ୍ଦ ଭାରତୀ, ଅର୍ଜୁନ ସାହୁ, ବିଜୟ ମୁଦୁଲି, ସୁବାସ୍ର ବିଶ୍ୱାଳ, ନିରଞ୍ଜନ ମହାନ୍ତି, ସୁଧୀର ସ୍ୱାଇଁ, ଗୁରୁମା ମମତାରାଣୀ ପରିଜା, ନିଳୀମା ପଣ୍ଡା, ସୁଖଦାରାଣୀ ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ।

## ବାଜପେୟୀଙ୍କ ଜୟନ୍ତୀ ପାଳିତ

ପାରାଦୀପ,୨୫।୧୨(ସମିସ): ପାରାଦୀପରେ ଦୁଇ ପୃଥକ ସ୍ଥାନରେ ସମାନ୍ତରାଳ ଭାବେ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜୟନ୍ତୀ ପାଳନ କରାଯାଇଛି। ଗୋଟିଏରେ ପାରାଦୀପ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ବାଜପେୟୀଙ୍କ ଜୟନ୍ତି ସହ ୭ ଦିନ ବ୍ୟାପି ପାରାଦୀପ ମହୋତ୍ସବ ଆୟୋଜିତ ହୋଇଥିବାବେଳେ ଅନ୍ୟଟି ପାରାଦୀପର ଜଣେ ପୁରୁଖା ତଥା ଜଣାଶୁଣା ବରିଷ୍ଠ ବିଜେପି ନେତା ଅଜିତ ଦାସଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା। ତେବେ ଦୁଇ ବିଜେପି ନେତାଙ୍କ ମଧ୍ୟରେ ରାଜନୈତିକ ଆକ୍ରୋଶ ଯୋଗୁଁ ଏଭଳି ଭାବେ ଦୁଇ ସମାନ୍ତରାଳ ସ୍ଥାନରେ ବଜପେୟୀଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ବରିଷ୍ଠ ବିଜେପି ନେତା ଶ୍ରୀ ଦାସ ଅଧ୍ୟକ୍ଷ ଥିବା ଅଟଳ ବିହାରୀ ବାଜପେୟୀ ଟ୍ରଷ୍ଟ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜୟନ୍ତୀ ମହାସାମରୋହରେ ପାଳିତ ହୋଇଥିଲା। ଏ ଅବସରରେ ସକାଳେ ବାଜପେୟୀ ପାର୍କରେ ଥିବା ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ସନ୍ଧ୍ୟାରେ ଟ୍ରଷ୍ଟଠାରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ସଭାର ପୂର୍ବରୁ ପାରାଦୀପର ବରିଷ୍ଠ କବି ଓ କବୟିତ୍ରୀଙ୍କୁ ନେଇ କବିତା ପାଠୋତ୍ସବର ଆୟୋଜନ କରାଯାଇଥିଲା। କବୟିତ୍ରୀ ତୁଳସୀ ବରାଳ ଧନ୍ୟବାଦ ଅର୍ପଣ କରିଥିଲେ। ଟ୍ରଷ୍ଟର ଅଧ୍ୟକ୍ଷ ଅଜିତ ଦାସଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ଶ୍ରମିକ ନେତା ଅନନ୍ତ ଦାସ, ସାମ୍ବାଦିକ ରାମଚନ୍ଦ୍ର ସ୍ୱାଇଁ, ଶରତ ରାଉତ, ବରିଷ୍ଠ ଆଇନଜୀବୀ ଗୋରାଚାନ୍ଦ ସିଂ, ପାରିଷଦ ବନୀତା ରାଉତ ଯୋଗ ଦେଇଥିଲେ। ସେହିପରି ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କ ନେତୃତ୍ୱାଧୀନ ଅଟଳ ମେମୋରିଆଲ୍ ଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ଜୟଦେବ ସଦନରେ ବାଜପେୟୀଙ୍କ ୧୦୧ତମ ଜୟନ୍ତୀ ପାଳିତ ହେବା ସହ ପାରାଦୀପ ମହୋତ୍ସବ ଉଦଘାଟିତ ହୋଇଥିଲା। ମନ୍ତ୍ରୀ ଶ୍ରୀ ସ୍ୱାଇଁ ବାଜପେୟୀ ପାର୍କରେ ଥିବା ବାଜପେୟୀଙ୍କ ପୂର୍ଣ୍ଣ ଅବୟବରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପରେ ସନ୍ଧ୍ୟାରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ପାରାଦୀପ ମହୋତ୍ସବର ଉଦଘାଟନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ବନ୍ଦର ଅଧ୍ୟକ୍ଷ ପି.ଏଲ. ହରନାଦ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବିଜେପି ବରିଷ୍ଠ ନେତା ସତ୍ୟବ୍ରତ ମହାପାତ୍ର, ବିଧାୟକଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂ, ତପନ ତ୍ରିପାଠୀ, ଭବେନ୍ଦ୍ର ଦାଶ ପ୍ରମୁଖ ଯୋଗ ଦେଇଥିଲେ।

## କଳିଙ୍ଗ କଚେରା ମହାସଂଘ ସମାବେଶ

କୁଜଙ୍ଗ,୨୫।୧୨(ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ରାହାମାରେ କଳିଙ୍ଗ କଚେରା ମହାସଂଘର ସମାବେଶ ଅନୁଷ୍ଠିତ ହୋଇଯାଇଛି। ରାହାମାସ୍ଥ ମହାଲକ୍ଷ୍ମୀ ମଣ୍ଡପରେ ଅନୁଷ୍ଠିତ ଏହି ସମାବେଶରେ ପୁରାତନ କମିଟିକୁ ଭଙ୍ଗା ଯାଇ ନୂତନ କମିଟି ଗଠନ କରାଯାଇଛି। ନୂତନ କମିଟି ସଭାପତି ବଂଶୀଧର କୁଣ୍ଡୁ, ଉପସଭାପତି ବିକ୍ରମ ନନ୍ଦୀ, ସମ୍ପାଦକ ରାଜକିଶୋର ନନ୍ଦୀ, ସହସମ୍ପାଦକ ଲୋକନାଥ ପ୍ରଧାନ ଓ କୋଷାଧ୍ୟକ୍ଷ ଭାବେ ଦିଲ୍ଲୀପ ମଣ୍ଡଳ ମନୋନୀତ ହୋଇଥିବାବେଳେ ଉପଦେଷ୍ଟା ରୂପେ ନୃସିଂହ ମଣ୍ଡଳ, ବୀରବର ରଣା, ଦେବେନ୍ଦ୍ର ସାହୁ, ବାବାଜୀ ମଣ୍ଡଳ, ନୃସିଂହ ରଣା, ସୁନାକର ପ୍ରଧାନ ପ୍ରମୁଖ ମନୋନୀତ ହୋଇଥିଲେ।

■ ବନ୍ଧା ସାରିଥିଲା ଟେଣ୍ଟ, ବଣ୍ଟା ସରିଥିଲା କାର୍ଡ

## ନାଉଗାଁ ଥାନା ନୂତନ ଗୃହ ଉଦ୍‌ଘାଟନ ଉତ୍ସବ ହଠାତ୍ ବାତିଲ

ନାଉଗାଁ,୨୫।୧୨(ସମିସ): ନାଉଗାଁ ଥାନାର ନୂତନ ଗୃହ ଉଦ୍‌ଘାଟନ ଉତ୍ସବକୁ ନେଇ ସମସ୍ତ ପ୍ରସ୍ତୁତି ସମାପ୍ତ ହୋଇଥିବାବେଳେ ହଠାତ ଏହି କାର୍ଯ୍ୟକ୍ରମ ବାତିଲ ହୋଇଯାଇଛି। ଆଜି ସକାଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭର୍ଚୁଆଲ ମାଧ୍ୟମରେ ନୂତନ ଥାନା ଗୃହର ଉଦ୍‌ଘାଟନ କରିବାକୁ ଥିବା ପ୍ରୋଗ୍ରାମ ନିର୍ଦ୍ଧାରିତ ଥିଲା। ଉତ୍ସବ ପାଇଁ ଟେଣ୍ଟ ବନ୍ଧା ସାରିଥିଲା ଓ ନିମନ୍ତ୍ରଣ କାର୍ଡ ମଧ୍ୟ ବଣ୍ଟା ସରିଥିଲା। ଉଦ୍‌ଘାଟନୀ ଉତ୍ସବକୁ ନେଇ ଥାନା ପରିସରରେ ଷ୍ଟେଜ, ଆଲୋକସଜ୍ଜା, ମାଇକ ଓ ଅନ୍ୟାନ୍ୟ ପ୍ରସ୍ତୁତି କାର୍ଯ୍ୟକ୍ରମ ହୋଇଥିବାରୁ ପୁଲିସ କାର୍ଯ୍ୟାଳୟରେ ବହୁ ଅସୁବିଧା ସୃଷ୍ଟି ହୋଇଥିଲା। ଏହାର ପ୍ରଭାବରେ ସାଧାରଣ ପୁଲିସ ସେବା ପ୍ରଦାନରେ ମଧ୍ୟ କିଛି ସମୟ ପାଇଁ ବାଧାପ୍ରାପ୍ତ ହୋଇଥିଲା। କିନ୍ତୁ ଗତ ରାତି ପ୍ରାୟ ୧୨ଟା ସମୟରେ ହଠାତ ଏହି କାର୍ଯ୍ୟକ୍ରମ ବାତିଲ ହେବା ସମ୍ବନ୍ଧୀୟ ସୂଚନା ଆସିଥିଲା। ପରେ ସମସ୍ତ ପ୍ରସ୍ତୁତି ଅକାରଣ ହୋଇଯାଇଥିଲା। ଏ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ଅଭିମନ୍ୟୁ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ବାଲିକୁଦା,୨୫।୧୨(ସମିସ): ନହରଣା ପଞ୍ଚାୟତର ଗଣ୍ଡକୂଳ ଖଣ୍ଡଗିରି ଗାଦିବ୍ରହ୍ମ କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ଅଭିମନ୍ୟୁ ସ୍ମାରକୀ ପଞ୍ଚମ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ମୁଖ୍ୟଅତିଥି ଭାବେ ଗ୍ରାମର ମୁରବୀ ଜଟାଧାରୀ ଜେନା, ସମ୍ମାନିତ ଅତିଥି ଭାବେ ପ୍ରଭାକର ପ୍ରଧାନ, କ୍ଷେତ୍ରବାସୀ ସ୍ୱାଇଁ, ଶୁକଦେବ ସାହୁ, ବାବାଜୀ ସ୍ୱାଇଁ, ଦିଲ୍ଲୀପ ପଡ଼ିଆରୀ, ବାବୁଲି ଶୁକ୍ଳା, ତପନ ସ୍ୱାଇଁ, କ୍ଷେତ୍ରମୋହନ ମୁଦୁଲି, ପଞ୍ଚାନନ ସ୍ୱାଇଁ, ଅକ୍ଷୟ ଜେନା, ରାକେଶ ନାୟକ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଛନ୍ତି। ମାତୃଶକ୍ତି କ୍ରିକେଟ୍ କ୍ଲବ ଦଶବାଟିଆ ଓ ମାଛଗାଁ କ୍ରିକେଟ ଟିମ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଆମନ୍ତ୍ରଣ ପାଇ ଦଶବାଟିଆ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ୱିକେଟ୍ ହରାଇ ୧୬୩ ରନ କରିଥିଲା। ଜବାବରେ ମାଛଗାଁ କ୍ରିକେଟ ଟିମ ୧୫ ଓଭରରେ ସମସ୍ତ ୱିକେଟ୍ ହରାଇ ପରାଜୟବରଣ କରିଥିଲା। ସରୋଜ ସ୍ୱାଇଁ ୪ ୱିକେଟ୍ ଅକ୍ତିଆର କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ନିହାର ବିଶ୍ୱାଳ ଓ ସୋମନାଥ ପଡ଼ିଆରୀ ଖେଳ ପରିଚାଳନା କରିଥିବାବେଳେ ଅନିତ୍ୟ ଜେନା, ସମ୍ପଦ ସ୍ୱାଇଁ, ରୁଦ୍ରନାରାୟଣ ପ୍ରଧାନ ଧାରା ବିବରଣୀ ପ୍ରଦାନ କରିଥିଲେ। ରାହୁଲ ସେଠ ଓ ଶୁଭକାନ୍ତ ସେଠ ସ୍କୋରର ଥିଲେ। ରାମଚନ୍ଦ୍ର ଜେନା, ଅଭିଜିତ ବିଶ୍ୱାଳ, ବାଦଲ ସ୍ୱାଇଁ, ସୁବ୍ରତ ନାୟକ, ଦିନେଶ ସ୍ୱାଇଁ, ମହେଶ ମଲ୍ଲିକ, ସବ୍ୟସାଚୀ ଜେନା, ଶିବୁଲ ଦାସ, ସଂଗ୍ରାମ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

## ମସ୍‌ଜିଦ କଡ଼ରେ ହିନ୍ଦୁସେନା ପତାକା ଲଗାଇବାକୁ ନେଇ ଉତ୍ତେଜନା

ବାଲିକୁଦା,୨୫।୧୨(ସମିସ): ଆଜି ହିନ୍ଦୁସେନା ପକ୍ଷରୁ ଗୋ-ସେବା ଦିବସ ପାଳନ ପାଇଁ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ହିନ୍ଦୁସେନାର କିଛି ସଦସ୍ୟ ହିନ୍ଦୁସେନା ପତାକା ମସଜିଦ କ୍ୟାମ୍ପସ କଡରେ ଲଗାଇଥିଲେ। ଯାହାକୁ ନେଇ ମୁସଲିମ ସଂଗଠନ ପକ୍ଷରୁ ଭାଇଚାରା ନଷ୍ଟ ହେଉଥିବା ଅଭିଯୋଗ କରି ସେମାନଙ୍କୁ ଗିରଫ କରିବା ଦାବିରେ ବାଲିକୁଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବାଲିକୁଦା ପୁଲିସ ପକ୍ଷରୁ ମସଜିଦ ନିକଟରେ ମୁତୟନ କରାଯିବା ସହ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଏସଡିପିଓ ଆଜିଙ୍କ୍ୟା ବାବୁରାଓ ମାଣେ ଘଟଣାସ୍ଥଳକୁ ଆସି ମୁସଲିମ ସଂଗଠନ ସହ ଆଲୋଚନା ଜାରି ରଖିଛନ୍ତି। କିନ୍ତୁ ପତାକା ଲଗାଇଥିବା ବ୍ୟକ୍ତିଙ୍କୁ ଗିରଫ କରିବା ଦାବିରେ ଅଡ଼ି ବସିଛି ସଂଗଠନ। ଆଲୋଚନା ଜରିଆରେ ସମସ୍ୟାର ସମାଧାନ ପାଇଁ ଉଦ୍ୟମ ହେଉଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍

## ଅଭୟଚାନ୍ଦପୁର ପୁଲିସକୁ ହରାଇଲା ଢିଙ୍କିଆ ପଞ୍ଚାୟତ ଦଳ



ପାରାଦୀପ, ୨୫।୧୨(ସମିସ): ପୁଲିସ ଓ ସାଧାରଣ ଲୋକଙ୍କ ମଧ୍ୟରେ ଦୂରତା କମାଇବା ପାଇଁ ଅଭୟଚାନ୍ଦପୁର ପୁଲିସ ପକ୍ଷରୁ ପ୍ରୟାସ କରାଯାଇଛି। ଆଜି ବଡ଼ଦିନ ଅବସରରେ ଢିଙ୍କିଆ ଗ୍ରାମର ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ମିନି ଷ୍ଟାଡିୟମରେ ଭାଇଚାରାର ବାର୍ତ୍ତା ନେଇ ପୁଲିସ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ସ୍ଥାପନ ନିମନ୍ତେ ଏକ କ୍ରିକେଟ ମ୍ୟାଚ୍‌ର ଆୟୋଜନ କରିଥିଲା। ଆମନ୍ତ୍ରଣ ପାଇ ଅଭୟଚାନ୍ଦପୁର ପୁଲିସ ଏକାଦଶ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୩ ୱିକେଟ୍ ହରାଇ ନିକୁଞ୍ଜ ବିହାରୀ ଦାସଙ୍କ ଦମଦାର ଶତକ ବଳରେ ୧୭୫ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ଢିକିଆ ପଞ୍ଚାୟତ ଏକାଦଶ ୧୪.୩ ଓଭରରେ ଦୀପକ ନାୟକଙ୍କ ଦମଦାର ଅର୍ଦ୍ଧଶତକ ବଳରେ ୬ ୱିକେଟ ବାକିଥାଇ ୧୭୯ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ହେମନ୍ତ ସ୍ୱାଇଁ ଓ ଟୁକୁନା ଲେଙ୍କା ଖେଳ ପରିଚାଳନା କରିଥିଲେ। ଅଭୟଚାନ୍ଦପୁର ପୁଲିସ ଏକାଦଶଳ ଦଳରେ ଥାନା ଅଧିକାରୀ ସମୀର ରଞ୍ଜନ ରାଉତ ଅଧିନାୟକ ଓ ମାନସିଂ ହେମ୍ବ୍ରମ କୋଚ୍, ନିରୋଦ କାନୁନଗୋ ମ୍ୟାନେଜର ଥିବାବେଳେ ଢିଙ୍କିଆ ପଞ୍ଚାୟତ ଏକାଦଶରେ ପ୍ରଶାନ୍ତ ଲେଙ୍କା ଅଧିନାୟକ ଥିଲେ। ଢିଙ୍କିଆ ଗ୍ରାମର ସୁଶୀଲ ସ୍ୱାଇଁ, ସୁଶାନ୍ତ ରାଉତ, ଲିପୁ ସାହୁ, କାହ୍ନୁ ଦାସ, ସୁନଜ ରାଉତ, ମନୋରଞ୍ଜନ ସ୍ୱାଇଁ, ସନ୍ତୋଷ ଦଳେଇ, ସଞ୍ଜୟ ମହାନ୍ତି, ସୁଜନ ମହାପାତ୍ର ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଶିଶିର ସେଠୀ ଓ ପ୍ରଦୀପ ସ୍ୱାଇଁ ଧାରା ବିବରଣୀ ପ୍ରଦାନ କରିଥିଲେ।

## ବାବା ଆଖଣ୍ଡଳମଣି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ତିର୍ତ୍ତୋଲ, ୨୫।୧୨(ସମିସ): ତିର୍ତ୍ତୋଲ ବ୍ଲକ୍ ଅର୍ନ୍ତଗତ ନାଉଶିରା ଗ୍ରାମ ପଡ଼ିଆରେ ବାବା ଆଖଣ୍ଡଳମଣି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଅତିଥି ଭାବେ ଆଖଣ୍ଡଳମଣି ମନ୍ଦିର କମିଟି ସଭାପତି ଅଧ୍ୟାପକ ଅଜିତ ସ୍ୱାଇଁ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌ରେ ହଦଳିଆର ଇଣ୍ଟରନେଟ ଏକାଦଶ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫ ଓଭରରେ ୬ ୱିକେଟ ହରାଇ ୨୩ ରନ ସଂଗ୍ରହ କରିଥିଲା। ଜବାବରେ ସାରଳାରୋଡ୍ ମା ଶାରଳା କ୍ରିକେଟ ଟିମ୍ ୫ ୱିକେଟରେ ୨୦ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ବ୍ରୋ ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫ ଓଭରରେ ୭ ୱିକେଟ ହରାଇ ୪୯ ରନ ସଂଗ୍ରହ କରିଥିଲା।



ଜବାବରେ ଅର୍ଜୁନ ୱାରିୟର୍ସ ଆବଶ୍ୟକ ରନ ସଂଗହ କରି ବିଜୟୀ ହୋଇଥିଲା। ଉଭୟ ଇଣ୍ଟରନେଟ ଏକାଦଶ ଓ ଅର୍ଜୁନ ୱାରିୟର୍ସ ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ବାବା ଆଖଣ୍ଡଳମଣି କ୍ରିକେଟ କ୍ଲବର ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ପୁସ୍ତକ ମେଳା ପାଇଁ ଭୂମିପୂଜା

ଜଗତସିଂହପୁର,୨୫।୧୨(ସମିସ): ଜଗତସିଂହପୁର ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ହେବାକୁ ଥିବା ୨୭ତମ ପୁସ୍ତକ ମେଳା ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡ଼ିଆରେ ଆଜି ଭୂମିପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସାଧାରଣ ସମ୍ପାଦକ ସାରଦା ପ୍ରସାଦ ଦାସ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଜଗତସିଂହପୁର ସାଂସ୍କୃତିକ ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀ, ଉପାଧ୍ୟକ୍ଷ ବିଜୟ ରାଉତ, ଉପାଧ୍ୟକ୍ଷ ଗଣେଶ୍ୱର ମାଣିଆ, କୋଷାଧ୍ୟକ୍ଷ ପ୍ରଶାନ୍ତ ମହାପାତ୍ର, ଯୁଗ୍ମସମ୍ପାଦକ ସୁଧୀର ମହାନ୍ତି, ଯୁଗ୍ମସମ୍ପାଦକ ନରେଶ ଦାସ, ପୂର୍ବତନ ସାଧାରଣ ସମ୍ପାଦକ ଗୋପାଳକୃଷ୍ଣ ମିଶ୍ର, ପୂର୍ବତନ ଉପାଧ୍ୟକ୍ଷ ପ୍ରଦୀପ୍ତ କିଶୋର ଚୌଧୁରୀ, ପୂର୍ବତନ ଉପାଧ୍ୟକ୍ଷ ମାନସ ରଥ, ସଦସ୍ୟ ନଟବର ବାରିକ, ମଧୁସୂଦନ ସାହୁ, ଲୋକନାଥ ଦାସ, ସୁଦର୍ଶନ ବେହେରା, ଡ କୈଳାସ ମଲ୍ଲିକ, ମନୋଜ ଦାଶ, ବିବୁଧ ମହାନ୍ତି, ଦେବୀ ପ୍ରସାଦ ଚୌଧୁରୀ, ପ୍ରଭାତ ଦାଶ, ରମାକାନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପୁସ୍ତକ ମେଳା ଜାନୁଆରୀ ୧୫ରୁ ୨୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ସ୍ଥିରୀକୃତ ହୋଇଛି।

## ମଦ ଜବତ, ଜଣେ ଗିରଫ

ପାରାଦୀପ, ୨୫।୧୨(ସମିସ): ପାରାଦୀପ ଲକଥାନା ଅଧୀନ କାର୍ବନ ଛକ ନିକଟରେ ଗତକାଲି ରାତିରେ ଏଏସଆଇ ସଞ୍ଜୟ ପାତ୍ରଙ୍କ ନେତୃତ୍ୱରେ ଏକ ଟିମ ଚଢ଼ଉ କରି ଜଣେ ମଦ ବେପାରୀକୁ ଗିରଫ କରିଥିଲା। ଗିରଫ ବ୍ୟକ୍ତି ପାରାଦୀପଗଡର ସୁବାସ ସ୍ୱାଇଁଙ୍କ ପୁଅ ଗୋପାଳ ସ୍ୱାଇଁ। ତା' ନିକଟରୁ ୫.୧୬୦ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରିଛି ପୁଲିସ। ଆଜି ତାକୁ କୋର୍ଟ ଚାଲାଣ କରାଯାଇଛି।

## ଆରଏସଏସର ତୁଳସୀ ପୂଜନ ଦିବସ

ତିର୍ତ୍ତୋଲ, ୨୫।୧୨(ସମିସ): ତିର୍ତ୍ତୋଲସ୍ଥ ବେଲମଣ ମହାପୁରୁଷଙ୍କ ପୀଠରେ ଗୁରୁବାର ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘ ତିର୍ତ୍ତୋଲ ଆନୁକୁଲ୍ୟରେ ତୁଳସୀ ପୂଜନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ବିଶ୍ୱହିନ୍ଦୁ ପରିଷଦର ପୂର୍ବତନ ଜିଲ୍ଲା ସଭାପତି ଆଇନଜୀବୀ ଆହ୍ଲାଦ ପରିଜା, ମୁଖ୍ୟବକ୍ତା ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘର ବିଭାଗ କୁଟୁମ୍ବ ପ୍ରବୋଧନ ପ୍ରମୁଖ ରବିନାରାୟଣ ମିଶ୍ର, ସମ୍ମାନିତ ଅତିଥି ପୂର୍ବତନ ପ୍ରଚାରକ ସ୍ମୃତିରଞ୍ଜନ ଦାସ ଯୋଗଦେଇ ତୁଳସୀ ପୂଜନର ମହତ୍ତ୍ୱ ଓ ସାଂପ୍ରତିକ ସମାଜରେ ମାତୃ ଶକ୍ତିର ଭୂମିକା ସଂପର୍କରେ ଆଲୋଚନା କରିଥିଲେ। ସଞ୍ଜୟ ମହାପାତ୍ର, ଅଶୋକ ଦାଶ, ବିରେନ୍ଦ୍ର ସ୍ୱାଇଁ, ଯଦୁମଣି ସାହୁ, ତିରୁପତି ଆଚାର୍ଯ୍ୟ, ପ୍ରଦୀପ ନାୟକ, ଅର୍ଦ୍ଧେନ୍ଦୁ ବିଶ୍ୱାଳ, ଦିବ୍ୟଜ୍ୟୋତି କରଶର୍ମା, ବିବି ବୈଜୟନ୍ତ, ଶକ୍ତିପ୍ରସାଦ ଲେଙ୍କା, ଯୋଗେନ୍ଦ୍ର ବେହେରା ପ୍ରମୁଖ ସହଯୋଗ କରିଥିଲେ। ଖଣ୍ଡ କାର୍ଯ୍ୟବାହ ଯୋଗ ଗୁରୁ ଡ ସ୍ମୃତିରଞ୍ଜନ ରାୟ ଧନ୍ୟବାଦ ଦେଇଥିଲେ।

# 'ଆମ ବେଳାଭୂମି ପାଇଁ କିଛି ସମୟ' ଅଭିଯାନରେ ଯୋଡ଼ି ହେଉଛନ୍ତି ଯୁବକ

ପାରାଦୀପ,୨୫।୧୨ (ସମିସ):



ମଣିଷର ଦୈନନ୍ଦିନ ଜୀବନକୁ ସହଜ, ସୁବିଧା ଓ ଶସ୍ତା ପାଇଁ ଯେଉଁ ପ୍ଲାଷ୍ଟିକ୍ ଦିନେ ଆଶୀର୍ବାଦ ଭାବେ ଦେଖାଦେଇଥିଲା, ଆଜି ତାହା ସମଗ୍ର ଜୀବଜଗତ ପାଇଁ ଅଭିଶାପ ପାଲଟିଛି। କୁଢ଼କୁଢ଼ ପ୍ଲାଷ୍ଟିକ୍ ଆବର୍ଜନା ନଦୀନାଳ, ରାସ୍ତାଘାଟ, ସମୁଦ୍ର ପର୍ଯ୍ୟନ୍ତ ସବୁଠି ଦୃଶ୍ୟମାନ। ଏହାର ଅବକ୍ଷୟକ୍ଷମତା ନ ଥିବାରୁ ଏହା ବର୍ଷବର୍ଷ ଧରି ବିଘଟିତ ହୋଇ ନ ପାରି ମାଟି, ପାଣି, ପବନକୁ ପ୍ରଦୂଷିତ କରୁଛି। ଗୃହପାଳିତ ପଶୁ, ସାମୁଦ୍ରିକ ଜୀବ ଓ ସାମୁଦ୍ରିକ ପକ୍ଷୀ ମଧ୍ୟ ଏହାଦ୍ୱାରା ପ୍ରଭାବିତ ହୋଇଥା'ନ୍ତି। ବର୍ଷକୁ ପ୍ରାୟ ୮ରୁ ୧୨ ମିଲିୟନ୍ ଟନ୍‌ର ପ୍ଲାଷ୍ଟିକ୍ ଅଳିଆ ସମୁଦ୍ର ତଟ ଓ ବନ୍ୟାଜଳ ଦେଇ ସିଧା ଯାଇ ମହାସାଗରରେ ମିଶିଥାଏ। ଯଦ୍ୱାରା ପ୍ରଶାନ୍ତ ମହାସାଗର ବର୍ତ୍ତମାନ ୧.୬ ମିଲିୟନ ବର୍ଗ କିଲୋମିଟର ପ୍ଲାଷ୍ଟିକ୍ ଅଳିଆରେ ପରିବ୍ୟାପ୍ତ ହେଲାଣି। ସାମୁଦ୍ରିକ ଆବର୍ଜନା ଭିତରୁ ପ୍ରାୟ ୮୦ ପ୍ରତିଶତ ଆବର୍ଜନା ଭୂପୃଷ୍ଠରୁ ଜଳଭାଗକୁ ଯାଇଥାଏ। ବର୍ଷକୁ ୧ ଲକ୍ଷ ସାମୁଦ୍ରିକ ଜୀବ ଓ ୧୦ ଲକ୍ଷ ସାମୁଦ୍ରିକ ପକ୍ଷୀ ପ୍ଲାଷ୍ଟିକ କବଳରେ କବଳିତ ହୋଇ ମୃତ୍ୟୁବରଣ କରିଥା'ନ୍ତି। ଏ ପରିପ୍ରେକ୍ଷାରେ ପାରାଦୀପର ପରିବେଶ କର୍ମୀ ବାପି ଗୋଚ୍ଛାୟତ ଆଜିକୁ ୫ ବର୍ଷ ହେବ ପାରାଦୀପ ବେଳାଭୂମି ଓ ଆଖପାଖ ଅଞ୍ଚଳକୁ ପ୍ରତିଦିନ ସଫେଇ କରି ପାଖାପାଖି ୬ ଟନ୍‌ର ପ୍ଲାଷ୍ଟିକ୍ ଅଳିଆ ପାରାଦୀପ ପୌରପରିଷଦକୁ ହସ୍ତାନ୍ତର କରିସାରିଛନ୍ତି। ବିଭିନ୍ନ ପୂଜାପର୍ବ ଓ ସ୍କୁଲରେ ପ୍ଲାଷ୍ଟିକର ଭୟାବହ ବିଷୟରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇବା ଓ ପ୍ଲାଷ୍ଟିକର ଦାୟିତ୍ୱସମ୍ପନ୍ନ ବ୍ୟବହାର କରି ପରିବେଶକୁ ସ୍ୱଚ୍ଛ ଓ ପ୍ଲାଷ୍ଟିକମୁକ୍ତ ରଖିବାକୁ ପ୍ରୟାସ କରିଆସୁଛନ୍ତି।

ଏହାରି ଭିତରେ ପାରାଦୀପର ସ୍ଥାନୀୟ ଲୋକେ ତଥା ସ୍କୁଲ୍ ଓ କଲେଜ୍ ଯୁବକଯୁବତୀ କେମିତି ପରିବେଶ ସୁରକ୍ଷା ପ୍ରତି ପାଦ ଆଗକୁ ବଢ଼ାଇବେ ଓ ସମସ୍ତଙ୍କ ଭିତରେ ଅଧିକରୁ ଅଧିକ ସଚେତନତା ସୃଷ୍ଟି କରିବା ପାଇଁ "ଆମ ବେଳାଭୂମି ପାଇଁ କିଛି ସମୟ' ଅଭିଯାନରେ ମାସକୁ ଅନ୍ତତଃପକ୍ଷେ ଗୋଟିଏ ଘଣ୍ଟା ସମୟ ଦେଇ ଆମ ବେଳାଭୂମିକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ଅଭିଯାନ ଚଳାଇଆସୁଛନ୍ତି ବାପି। ବର୍ତ୍ତମାନ ସୁଦ୍ଧା ଏହି ଅଭିଯାନରେ ୬୦ରୁ ଅଧିକ ସ୍କୁଲ୍ ଓ କଲେଜ୍ ଯୁବକ, ସ୍ଥାନୀୟ ଲୋକ ଯୋଡ଼ି ହୋଇ ପରିବେଶକୁ ସୁରକ୍ଷା ଦେବା ସହିତ ପାରାଦୀପକୁ ସ୍ୱଚ୍ଛତା କ୍ଷେତ୍ରରେ ଆଗକୁ ନେବାକୁ ସଙ୍କଳ୍ପ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଶ୍ୱଜିତ୍ ସ୍ୱାଇଁ, ସତ୍ୟଜିତ ସାହୁ, ଓମ୍ ପ୍ରକାଶ ପ୍ରଧାନ, ପ୍ରତୀକ ମଲ୍ଲ, ଲୋକନାଥ ଦାସ ଓ ଅନ୍ୟ ଯୁବକ ଉପସ୍ଥିତ ଥିଲେ।

## ସର୍ବଭାରତୀୟ ସଖା ସଂଘ ଫୁଟବଲ: ଝାଡ଼ଖଣ୍ଡ ବିଜୟୀ



**ନିରାକାରପୁର,୨୫।୧୨ (ସମିସ):** ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ସଖା ସଂଘ କ୍ରୀଡା ସଂସଦ ତରଫରୁ ଚାଲିଥିବା ୩୨ ତମ ସର୍ବଭାରତୀୟ ସଖାସଂଘ ଫୁଟବଲ ଟୁର୍ଣ୍ଣାମେଣ୍ଟର ଆଜିର ତୃତୀୟ ଦିବସ ମ୍ୟାଚରେ ସେଞ୍ଚୁରିଆନ ଫୁଟବଲ କ୍ଲବ, ନାଇଜେରିଆ ବନାମ ଧାନବାଦ ଫୁଟବଲ କ୍ଲବ, ଝାଡ଼ଖଣ୍ଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟାଇବ୍ରେକରରେ ସେଞ୍ଚୁରିଆନ ଫୁଟବଲ କ୍ଲବ, ନାଇଜେରିଆକୁ ୪-୨ ଗୋଲରେ ଧାନବାଦ ଫୁଟବଲ କ୍ଲବ ଝାଡ଼ଖଣ୍ଡ ହରାଇ ବିଜୟୀ ହୋଇଛି। ଆଜିର ଖେଳକୁ ମିକୁନ୍ ମହାନ୍ତି, ପ୍ରିୟବ୍ରତ ବାହିନୀପତି, ସାଇରାମ କିସ୍କୋ, ଅଭିନାଶ ପଟ୍ଟନାୟକ, ଅକ୍ଷୟ ପଟ୍ଟନାୟକ, ହୃଦାନନ୍ଦ ମହତରାୟ, ଓମ ପ୍ରକାଶ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ। ସଂଘ ସଭାପତି ବିପିନ କୁମାର ଜୟସିଂହଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଉଚ୍ଚ ଶିକ୍ଷା ବିଭାଗ ଅତିରିକ୍ତ ସଚିବ ଧରଣୀଧର ନନ୍ଦ, ମୁଖ୍ୟବକ୍ତା ଭାବେ ପ୍ରବକ୍ତା ପୂର୍ଣ୍ଣଚନ୍ଦ୍ର ଦାଶ, ଦେବରାଜ ବରିସଲ, ଅବସରପ୍ରାପ୍ତ ଅଧ୍ୟକ୍ଷ ସଞ୍ଜୟ କୁମାର ମହାପାତ୍ର, ସମ୍ମାନୀତ ଜ୍ୟୋତିର୍ବିଦ ଅଶୋକ କୁମାର ମହାପାତ୍ର, ଲଳିତ କବି ଆର୍ତ୍ତତ୍ରାଣ ସାହୁ, ରାମ ଦୟା ପରିଷଦ ସମ୍ପାଦକ ଗଙ୍ଗାଧର ତ୍ରିପାଠୀ, ଅଧ୍ୟକ୍ଷ ସୁଧାଂଶୁ ଶେଖର ମହାନ୍ତି, ମୟୂଖ ରଞ୍ଜନ ମହାପାତ୍ର, ଲକ୍ଷ୍ମୀଧର ସାମନ୍ତରାୟ, ରାଜେନ୍ଦ୍ର ମିଶ୍ର ଓ କ୍ରୀଡା ସଂସଦ ଉପଦେଷ୍ଟା ରବୀନ୍ଦ୍ର କୁମାର ରାଉତରାୟ ଯୋଗଦେଇଥିଲେ।

## ବାଣପୁର ସେଣ୍ଟ ଜାଭିୟର ହାଇସ୍କୁଲର ବାର୍ଷିକୋତ୍ସବ



**ବାଣପୁର,୨୫ ।୧୨(ସମିସ) :** ବାଣପୁର ସେଣ୍ଟ ଜାଭିଅର ହାଇସ୍କୁଲର ୧୬ତମ ବାର୍ଷିକୋତ୍ସବ ତଥା ପୁରସ୍କାର ବିତରଣ ଉତ୍ସବ ସ୍ଥାନୀୟ ଐତିହାସିକ ପଲଟଣ ପଡିଆରେ ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ନିର୍ଦ୍ଦେଶକ ଶକ୍ତି ପ୍ରସାଦ ମହାନ୍ତିଙ୍କ ସଭାପତିତ୍ୱରେ ଅତିଥି ଭାବେ ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ବାଣପୁର ଏନଏସି ନଗରପାଳ ମିଟୁ ନାୟକ, ଗୋଦାବରୀଶ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ସୁରପ୍ରତାପ ନରେନ୍ଦ୍ରସିଂହ ବର୍ମା, ସେଣ୍ଟ ଜାଭିୟର ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ହିମାଂଶୁ ଭୂଷଣ ତ୍ରିପାଠୀ, ବାଣପୁର ବିଇଓ ସନାତନ ଜାଲ୍ଲୀ ଓ ସାଲେପୁର ଜାଭିୟର ସ୍କୁଲର ଅଧ୍ୟକ୍ଷ ସତ୍ୟ ଶିବ ସୁନ୍ଦର ପଣ୍ଡା ପ୍ରମୁଖ ଯୋଗଦେଇ ଥିଲେ। ବରିଷ୍ଠ ଶିକ୍ଷକ ସତ୍ୟ ନାରାୟଣ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ବିଳାସ ଭାରତୀ କଳାକେନ୍ଦ୍ରର ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

**ଟାଙ୍ଗୀ,୨୫।୧୨(ସମିସ) :** ଟାଙ୍ଗୀ ସଦରମହକୁମାସ୍ଥିତ ଅଗ୍ରଣୀ କଳା ଅନୁଷ୍ଠାନ ବିଳାସ ଭାରତୀ କଳା କେନ୍ଦ୍ର ତରଫରୁ ସ୍ଥାନୀୟ ରଘୁନାଥ ଦେବ ମନ୍ଦିର ପରିସରରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହେଶ୍ୱର ସେନାପତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ରୂପେ ଅଧିବକ୍ତା ରମେଶ ଚନ୍ଦ୍ର ବେହେରା, ଜଗନ୍ନାଥ ସଂସ୍କୃତି ଗବେଷକ ପ୍ରାକ୍ତନ ପ୍ରାଧ୍ୟାପକ ଡ. ଚନ୍ଦ୍ରଶେଖର ଦାଶ, ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ



ଲକ୍ଷ୍ମୀଧର ବେହେରା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରସନ୍ନ ଶ୍ରୀଚନ୍ଦନ, ଅଧ୍ୟାପକ ସୁଶୀଳ ମହାପାତ୍ର, ଶେଷଦେବ ରାୟ ଗୌରବ, ଅସିତ ମହାପାତ୍ର, ସୂର୍ଯ୍ୟକାନ୍ତ ନାୟକ, କିଶୋର ମହାପାତ୍ର, ଗୋପାଳ ମହାରଣା ପ୍ରମୁଖ ଅତିଥି ରୂପେ ଯୋଗଦେଇ ଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ମାଧବ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଲଳିତ ନାରାୟଣ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଟାଙ୍ଗୀ, ଚିଲିକା ଏବଂ ରଣପୁର ବ୍ଲକ୍‌ରୁ ଆସିଥିବା ୧୫୬ ଜଣ ପ୍ରତିଯୋଗୀ ଗୀତ, ନୃତ୍ୟ, ବାଦ୍ୟ ଏବଂ ଚିତ୍ର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଆସନ୍ତା ଜାନୁଆରୀ ୨୩ ତାରିଖ ଶ୍ରୀପଞ୍ଚମୀ ଅନୁଷ୍ଠାନର ୨୬ ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ପୁରସ୍କୃତ କରାଯିବ ବୋଲି ପ୍ରତିଷ୍ଠାତା ଶ୍ରୀ ମହାରଣା ସୂଚନା ଦେଇଥିଲେ। ବିଚାରକ ଭାବେ ସନ୍ଧ୍ୟାରାଣୀ ମହାପାତ୍ର, ଦେବାଶିଷ ପ୍ରଧାନ, ପ୍ରକ୍ ସୀମା ପରିଡ଼ା, ଗୌରାଙ୍ଗ ମୁଦୁଲି, ଅଜିତ୍ ମିଶ୍ର, ପବିତ୍ର ସାହୁ, ରମେଶ ବେହେରା, ନିରଞ୍ଜନ ସାହୁ, ଦେବବ୍ରତ ମହାରଣା ଏବଂ ଭବାନୀଶଙ୍କର ମହାରଣା ପ୍ରମୁଖ ଯୋଗଦେଇଥିଲେ।

## ପିତାମାତାଙ୍କ କୁଇଜ୍ ପ୍ରତିଯୋଗିତା

**ଟାଙ୍ଗୀ,୨୫।୧୨(ସମିସ):** ଚାନ୍ଦପୁର ଶ୍ରୀସତ୍ୟସାଇ ବିଦ୍ୟାମନ୍ଦିର ପରିସରରେ ବିଦ୍ୟାଳୟରେ ଅଧ୍ୟୟନରତ ଥିବା ଛାତ୍ରଛାତ୍ରୀଙ୍କ ପିତାମାତାଙ୍କ ମଧ୍ୟରେ କୁଇଜ, ପୁରାଣ ଗାନ ଓ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତା (ପିତା)ରେ ବସନ୍ତ ସାହୁ ପ୍ରଥମ, ମାନସ ସାହୁ ଦ୍ୱିତୀୟ, ଏସ ତେଜେଶ୍ୱରୀ ଆଚାରୀ ତୃତୀୟ ସ୍ଥାନ ଓ ମାତା ମାନଙ୍କ ମଧ୍ୟରେ ମମତା ପ୍ରଧାନ ପ୍ରଥମ, ସୁକାନ୍ତି ବେହେରା ଦ୍ୱିତୀୟ, ସ୍ୱପ୍ନାରାଣି ପରିଡା ତୃତୀୟ ସ୍ଥାନ ହାସଲ କରିଥିଲେ। ରଙ୍ଗୋଲି ପ୍ରତିଯୋଗିତାରେ ଗୀତାଞ୍ଜଳି ବେହେରା ପ୍ରଥମ, ଏସ ପୁଷ୍ପଲତା ଆଚାରୀ ଦ୍ୱିତୀୟ, ଚିନ୍ମୟୀ ବଳିୟାରସିଂ ତୃତୀୟ ସ୍ଥାନ ହାସଲ କରିଥିଲେ। ପ୍ରତିଯୋଗିତାର ବିଚାରକ ଭାବେ ଖାଉଟି ସୁରକ୍ଷା ଅଦାଲତର ପ୍ରାକ୍ତନ ଅଧ୍ୟକ୍ଷ ନାରାୟଣ ମହାପାତ୍ର, ଅବସରପ୍ରାପ୍ତ ଅଧ୍ୟାପକ ବାଳକୃଷ୍ଣ ମିଶ୍ର, ପରିଚାଳନା କମିଟି ଉପଦେଷ୍ଟା ବିଜୟ କୁମାର ରାଉତ, ସହ ସଂପାଦକ ରବିନ୍ଦ୍ର କୁମାର ନାୟକ, ସଦସ୍ୟ ମନୋରଂଜନ ବେହେରା, ରାମଚନ୍ଦ୍ର ପରିଡା ପ୍ରମୁଖ ଯୋଗ ଦେଇଥିଲେ। ଗୁରୁ ମା ମାନଙ୍କ ମଧ୍ୟରେ ମ୍ୟୁଜିକ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଗୁରୁମା ନିଳିମା ମହାନ୍ତି, ରୀନାବାଳା ସାହୁ, ଭାରତୀ ବିଶ୍ୱାଳ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ହାସଲ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଅଜୟ କୁମାର ମଂଗରାଜ, ଗୁରୁମା କ୍ରିଷ୍ଣା ପରିଡା, ସୁମିତ୍ରା ମହାରଣା, କଲ୍ୟାଣି ମହାରଣା, କଳ୍ପନା ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**● ବାଂଲାଦେଶରେ ଦୀପୁ ଦାସ ହତ୍ୟାକାଣ୍ଡ ପ୍ରସଙ୍ଗ**

## ବିଏଚ୍‌ପି, ବଜରଙ୍ଗ ଦଳର ବିକ୍ଷୋଭ

**ଖୋର୍ଦ୍ଧା,୨୫।୧୨(ସମିସ):** ବାଂଲାଦେଶରେ ହିନ୍ଦୁ ଯୁବକ ଦିପୁ ଦାସଙ୍କୁ ବିନା ଦୋଷରେ ଇସଲାମ କଟ୍ଟରପନ୍ଥୀ ଅତି ନିର୍ମମ ଭାବେ ସର୍ବ ସମ୍ମୁଖରେ ଜିଅନ୍ତା ଅବସ୍ଥାରେ ଗଛରେ ଝୁଲାଇ ପୋଡି ହତ୍ୟା କରିଛନ୍ତି। ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ ଖୋର୍ଦ୍ଧା ଜିଲ୍ଲା ଏହାକୁ ନିନ୍ଦା କରିବା ସହ ଦିପୁ ଦାସ ହତ୍ୟାକାଣ୍ଡ ଘଟଣାରେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କୁ ଶୀଘ୍ର ଚିହ୍ନଟ କରାଯାଇ ବିଶ୍ୱ ସମୁଦାୟଆଗରେ ଦୋଷୀ ସାବ୍ୟସ୍ତ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି କରାଯାଇଛି। ଏଥିସହିତ ଭାରତ ସରକାର ହିନ୍ଦୁ ମାନଙ୍କ ସୁରକ୍ଷା ସୁନିଶ୍ଚିତ କରନ୍ତୁ ବୋଲି ଦାବି କରିଛନ୍ତି। ଗୁରୁବାର ଏହାର ପ୍ରତିବାଦରେ ଶତାଧିକ କର୍ମୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିଥିଲେ। ଖୋର୍ଦ୍ଧାରେ ରୋହିଙ୍ଗିଆ, ବାଙ୍ଗଲାଦେଶୀଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢି ଚାଲିଛି। ଜିଲ୍ଲାରେ ଏମାନଙ୍କୁ ଚିହ୍ନଟ କରି ହଟାଇବା ଦାବିରେ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ବାଙ୍ଗଲାଦେଶୀ ହଟାଅ, ଦେଶ ବଞ୍ଚାଅ ସ୍ଲୋଗାନ ଦେଇଥିଲେ। ଏଥିରେ ବିଶ୍ୱହିନ୍ଦୁ ପରିଷଦ ସହ ସମ୍ପାଦକ ସନ୍ତୋଷ କୁମାର ଶ୍ରୀଚନ୍ଦନ, କୋଷାଧ୍ୟକ୍ଷ ଅଭିମନ୍ୟୁ ଘଟୁଆଳ, ଆରଏସଏସ ସହ ନଗର ସଂଘଚାଳକ ସତ୍ୟବାନ ଶ୍ରୀଚନ୍ଦନ, ରାଷ୍ଟ୍ରୀୟ ସୁରକ୍ଷା ମଂଚ ଜିଲ୍ଲା ସଂଯୋଜକ ମିହିର ବିଧାର, ପ୍ରଖଣ୍ଡ ସଭାପତି ସୁଦର୍ଶନ ରଥ, ସମ୍ପାଦକ ଜିତେନ୍ଦ୍ର ବେହେରା, ବଜରଙ୍ଗ ଦଳ ବିଭାଗ ସଂଯୋଜକ ନୃତ୍ୟଜିତ ଚମ୍ପତି, ଜିଲ୍ଲା ସଂଯୋଜକ ଉଦିତ ପ୍ରହରାଜ, ସହ ଜିଲ୍ଲା ସଂଯୋଜକ ଏସ୍. ଏମ୍ ଦିବ୍ୟପ୍ରକାଶ, ପ୍ରଖଣ୍ଡ ସଂଯୋଜକ ସତ୍ୟଜିତ ବେହେରା, ସହ ସଂଯୋଜକ ଜ୍ୟୋତି ପ୍ରକାଶ ବାରିକ, ଶୁଭଙ୍କର ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଜଟଣୀର ସମସ୍ତ ଚର୍ଚ୍ଚରେ ବଡ଼ଦିନର ଉତ୍ସାହ

**ଜଟଣୀ,୨୫।୧୨(ସମିସ):** ଭାଇଚାରାର ସହର ଜଟଣୀରେ ଖ୍ରୀଷ୍ଟ ଧର୍ମ ପକ୍ଷରୁ ସମସ୍ତ ଚର୍ଚ୍ଚ ଗୁଡିକରେ ବଡ ଦିନ ପାଳନ ଅବସରରେ ଖ୍ରୀଷ୍ଟ ଧର୍ମାବଲମ୍ବୀ ମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଜଟଣୀ ସହରରେ ଥିବା ସେଣ୍ଟ ଜନ୍ ଚର୍ଚ୍ଚ, ଓଡ଼ିଆ ବାପିଷ୍ଟ ଚର୍ଚ୍ଚ, ଏଭାଞ୍ଜିକଲ୍ ୟୁନିୟନ୍ ବପିଷ୍ଟ ଚର୍ଚ୍ଚ, ପେଣ୍ଟିକୋଷ୍ଟଲ ଚର୍ଚ୍ଚ, ବ୍ୟାଥେଲ ଚାପେଲ ଚର୍ଚ୍ଚ ଓ ଲାଇଫ ଲାଇନ ଚର୍ଚ୍ଚ ଆଦିରେ ଏହି କାର୍ଯ୍ୟକ୍ରମ ଧୁମ ଧାମରେ ପାଳନ ହୋଇଛି। ଚର୍ଚ୍ଚ ଫାଦର୍ ମାନଙ୍କ ଦ୍ୱାରା ପ୍ରଭୁ ଯିଶୁଖ୍ରୀଷ୍ଟଙ୍କ ଜନ୍ମବିଧି ପାରମ୍ପରିକ ବିଧି ବିଧାନ ସହିତ ସମ୍ପନ୍ନ ହୋଇଥିଲା।

**ଜିଲ୍ଲାସ୍ତରୀୟ ସୁଶାସନ ଦିବସ**

# ଆଧୁନିକ ଭାରତର ସ୍ରଷ୍ଟା ବାଜପେୟୀ

**ଖୋର୍ଦ୍ଧା,୨୫।୧୨(ସମିସ):**



ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆଜି ଜିଲ୍ଲାସ୍ତରୀୟ ସୁଶାସନ ଦିବସ ତଥା ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ସମାରୋହ ପାଳିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଯୋଗଦେଇ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ ପ୍ରତିରକ୍ଷା, କୃଷି ଓ ବିଜ୍ଞାନର ସଫଳତାକୁ ଶୀର୍ଷରେ ରଖିବା ପାଇଁ ତାଙ୍କର ଉଦ୍ୟମ ସର୍ବଦା ପ୍ରଶଂସନୀୟ। ବିଜ୍ଞାନ କ୍ଷେତ୍ରରେ ସେ ଏ.ପି.ଜେ ଅବଦୁଲ କାଲାମ ଇଶ୍ରୋର ଶ୍ରେଷ୍ଠ ବୈଜ୍ଞାନିକଙ୍କ ଦ୍ୱାରା ପରମାଣୁ ଶକ୍ତି ପରୀକ୍ଷଣ କରି ସାରା ବିଶ୍ୱକୁ ଆଚମ୍ବିତ କରିଥିବା ସହ ଆଧୁନିକ ଭାରତର ସ୍ରଷ୍ଟା ବୋଲି କହିଥିଲେ। ସେ ଆହୁରୀ ମଧ କହିଥିଲେ, ସ୍ୱର୍ଗତ ବାଜପେୟୀଙ୍କ ଜନ୍ମ ଜୟନ୍ତୀକୁ ସମଗ୍ର ଦେଶ ୨୦୧୫ ମସିହାରୁ ସୁଶାସନ ଦିବସ ରୂପେ ପାଳନ କରିଆସୁଛି। ମାନବିକତା, ଅନୁଶାସନ, ସମର୍ପଣ ଭାବ, ସ୍ୱାର୍ଥ ଓ ଅହଙ୍କାର ଶୂନ୍ୟ ସେବା, ସକାରାତ୍ମକ ବିଚାରଧାରା ଓ ଚିନ୍ତାଧାରା ରେ ସରକାରୀ ଅଧିକାରୀ ଏବଂ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ସ୍ତରରେ ସେବା ମନୋଭାବ ରଖି ଏକ ଅଖଣ୍ଡ ଭାରତର ନୂଆ ଇତିହାସ, ସୁବର୍ଣ୍ଣ ରାମରାଜ୍ୟ ଗଢିତୋଳିବା ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ।

ମୁଖ୍ୟବକ୍ତା ଭାବେ ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ଅଧ୍ୟାପକ ସୁବୋଧ କୁମାର ଜଗଦ୍ଦେବ ଯୋଗଦେଇ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀ ଅଟଳ ନେତୃତ୍ୱ ଭାରତର ଗୌରବମୟ ଇତିହାସରେ ସବୁଦିନେ ଲିପିବଦ୍ଧ ହୋଇ ରହିବ। ସେ ଏକାଧାରରେ ଜଣେ ବିଚକ୍ଷଣ ରାଜନୀତିଜ୍ଞ, କବି ଦେଶ ସେବକ ଓ ନିଠିନିଷ୍ଠ ବ୍ୟକ୍ତିତ୍ୱ ଥିଲେ। ସମ୍ମାନିତ ଅତିଥିଭାବେ ଜିଲ୍ଲାପରିଷଦ ସଭାପତି ରୂପଶ୍ରୀରାଣୀ ଗୁମାନ ସିଂହ, ଜିଲ୍ଲାପରିଷଦ ଉପସଭାପତି ଗୋପୀନାଥ ମହାରଣା, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ ପ୍ରମୁଖ ଯୋଗଦେଇ ଥିଲେ। ସୁଶାସନ ଦିବସ ଉପଲକ୍ଷେ ଜିଲ୍ଲାସ୍ତରୀୟ ଉଚ୍ଚ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ।

ଏହି ଅବସରରେ ଜିଲ୍ଲାପରିଷଦ କାର୍ଯ୍ୟାଳୟରେ କାର୍ଯ୍ୟରତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀଙ୍କ ବ୍ୟକ୍ତିଗତ ସହାୟକ ହେମନ୍ତ କୁମାର ଭୋଇଙ୍କ ଅକାଳ ବିୟୋଗରେ ତାଙ୍କର ଆମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ସ୍ୱାଗତ ଭାଷଣ ଅତିଥିପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ଶରଧାପୁର କପ୍ : ଫାଇନାଲରେ କେରଙ୍ଗ

**ଖୋର୍ଦ୍ଧା,୨୫।୧୨(ସମିସ):** ଶରଧାପୁର ସ୍ପୋର୍ଟସ ଆସୋସିଏସନ(ଏସ୍‌ଏସ୍‌ଏ) ଆନୁକୂଲ୍ୟରେ ଚାଲିଛି ୧୬ତମ ଶରଧାପୁର କପ୍ ଫୁଟବଲ ଟୁର୍ଣ୍ଣାମେଟ। ଗୁରୁବାର ସ୍ଥାନୀୟ ଖେଳପଡିଆ ରେ କେରଙ୍ଗ ଏକାଦଶ ଏବଂ ବଜରଙ୍ଗବାଲି କ୍ଲବ ଘାଟିକିଆ ମଧ୍ୟରେ ପ୍ରଥମ ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥଲା। ପ୍ରଥମାର୍ଦ୍ଧର ୧୫ ମିନିଟ୍ ରେ କେରଙ୍ଗ ଦଳ ସୂର୍ଯ୍ୟ ନାୟକ ପ୍ରଥମ ଗୋଲ ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ କେରଙ୍ଗ ଖେଳାଳୀ କ୍ରମାଗତ ୨ଟି ଗୋଲ ଦେଇଥିବା ବେଳେ ବିପକ୍ଷ ଦଳର ଚେତନ ନାୟକ ଗୋଟିଏ ଗୋଲ ପରିଶୋଧ କରିଥିଲେ। କେରଙ୍ଗ ୩-୧ ବ୍ୟବଧାନରେ ବିଜୟୀ ହୋଇ ଫାଇନାଲ ପ୍ରବେଶ କରିଛି। ମ୍ୟାଚ୍‌କୁ ରେଫେରୀ ଶେଖାୱତ ଖାଁ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ସଗିର ଅହେମ୍ମଦ ଓ ଗିରିଶ ଚନ୍ଦ୍ର ଜାନି ସହାୟତା କରିଥିଲେ। ଅତିଥି ଭାବେ ମନିଷ ସାହୁ, ଦୟାନିଧି ପାତ୍ର, ଫିଟୁ ଠାକୁର, ମହମ୍ମଦ ଜମିଲୁର ରେହମାନ, ଲକ୍ଷ୍ମୀଧର ବଡଜେନା, ଜାପାନି ନାୟକ, ହାଜି ନସିମୁଦ୍ଦିନ ଖାଁ ପ୍ରମୁଖ ଉପସ୍ଥିତ ଥିଲେ।

## ବାଜପେୟୀଙ୍କ ଜୟନ୍ତୀ

**ନିରାକାରପୁର,୨୫।୧୨ (ସମିସ):** ବଡପୋଖରିଆ ଶକ୍ତି କେନ୍ଦ୍ର ସଭାପତି ମାଧବ ଭାଇଙ୍କ ନେତୃତ୍ୱରେ ବିଜେପିର ବରିଷ୍ଠ ନେତା କେଲୁ ଚରଣ ଜଗଦେବ, ପୂର୍ବତନ ଉପଜିଲ୍ଲାପାଳ ଦେବରାଜ ସେନାପତି, ବଡପୋଖରିଆ ସମିତି ସଭ୍ୟ ଜୋତ୍ସ୍ନାରାଣୀ ଜେନା, ଅଚ୍ୟୁତପୁର ସମିତି ସଭ୍ୟ ପୂର୍ଣ୍ଣଚନ୍ଦ୍ର ସିଂହ ଓ ପ୍ରତ୍ୟେକ ବୁଥ ସଭାପତିଙ୍କ ଉପସ୍ଥିତିରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ପାଳନ କରାଯାଇଛି।

# ବଡ଼ଦିନରେ ଚିଲିକାରେ ପର୍ଯ୍ୟଟକଙ୍କ ଭିଡ଼

**ବାଲୁଗାଁ,୨୫।୧୨(ସମିସ):** ପର୍ଯ୍ୟଟନ ଋତୁ ଚାଲିଥିବା ସ୍ଥଳେ ଗୁରୁବାର ବଡ଼ଦିନରେ ଚିଲିକା ଭ୍ରମଣରେ ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ମାନଙ୍କ ସମାଗମ ହୋଇଥିବା ପରିଲକ୍ଷିତ ହୋଇଛି। ପର୍ଯ୍ୟଟକଙ୍କ ଆଗମନ ହୋଇଥିବା ବେଳେ ମା କାଳୀଜାଈଙ୍କ ପୀଠରେ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ପର୍ଯ୍ୟଟନ ସ୍ଥଳ ଚିଲିକା ମଧ୍ୟରେ ଅବସ୍ଥିତ ମା' କାଳିଯାଇ ପୀଠ, ବଡ଼କୁଳ ପାନ୍ଥନିବାସ, ବାଲୁଗାଁ, ମା ନାରାୟଣୀ ପୀଠ, ମା ଭଗବତୀ ପୀଠ, ଶାଳିଆଡ଼୍ୟାମ, ମା ଡ଼ୋମଣୀ ପୀଠ ଆଦି ପର୍ଯ୍ୟଟନ ସ୍ଥଳ ପର୍ଯ୍ୟଟକ ମାନଙ୍କ ସମାଗମରେ ଚଳଚଞ୍ଚଳ ହୋଇପଡ଼ିଛି। ବଡ଼କୁଳ ପାନ୍ଥନିବାସ, ମା ନାରାୟଣୀ ପୀଠ ଓ ଶାଳିଆଡ଼୍ୟାମରେ ବଣଭୋଜିର ସମସ୍ତ ପ୍ରକାରର ସୁବିଧା ଥିବାରୁ ଏଠାରେ ପ୍ରବଳ ଜନସମାଗମ ସାଙ୍ଗକୁ



ବଣ ଭୋଜିର ଆଶାର ଖୁବ ଜମିଥିବା ଦେଖିବାକୁ ମିଳିଥିଲା। ଚିଲିକା ଜଳରାଶିର ମଧ୍ୟରେ ଥିବା ମା କାଳିଜାଇ ଦର୍ଶନରେ ଯିବା ସହ, ପକ୍ଷୀ ଅଭୟାରଣ୍ୟ ନଳବଣ ଓ ଚଢେଇହଗା ପରିଦର୍ଶନ ନିମନ୍ତେ ବାଲୁଗାଁ ଓ ବଡ଼କୁଳ ପାନ୍ଥନିବାସ ଠାରେ ମଟର ବୋଟରେ ଯାତାୟତ ପାଇଁ ଦିନ ତମାମ ହଜାର ହଜାର ପର୍ଯ୍ୟଟକ ମାନଙ୍କ ଭିଡ଼ ଲାଗି ରହିଥିଲା। ବାଣପୁରର ଆରାଧ୍ୟ ଦେବୀ ମା ଭଗବତୀଙ୍କ ପୀଠରେ ଦିନ ତମାମ ହଜାର ହଜାର ପର୍ଯ୍ୟଟକଙ୍କ ସୁଅ ଛୁଟି ଥିଲା। ପ୍ରବଳ ଜନସମାଗମ ନିୟନ୍ତ୍ରଣ କରିବାପାଇଁ ବିଭିନ୍ନ ପର୍ଯ୍ୟଟନ ସ୍ଥଳରେ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା। ପର୍ଯ୍ୟଟକଙ୍କ ଯାତାୟତ ନିମନ୍ତେ ବାଲୁଗାଁ ଚିଲିକା କୂଳ ସ୍ଥିତ ଘରୋଇ ମଟର ବୋଟ ସଂଘ ଓ ଆନ୍ତର୍ଦେଶୀୟ ଜଳପଥ ପରିବହନ ବିଭାଗ, ବଡକୂଳ ପାନ୍ଥନିବାସ ସ୍ଥିତ ସରକାରୀ ଓ ଘରୋଇ ବୋଟ ସଂଘ ତରଫରୁ ଡଙ୍ଗା ଓ ଲଞ୍ଚର ସୁବ୍ୟବସ୍ଥା କରାଯାଇଥିଲା।

## କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଜୟନ୍ତୀ



**ଖୋର୍ଦ୍ଧା,୨୫।୧୨(ସମିସ):** ସ୍ଥାନୀୟ ଗୀତାଭବନ ଠାରେ ଓଡିଶା ସାହିତ୍ୟ ଏକାଡେମୀ ଓ ଲେଖକ ସାମ୍ମୁଖ୍ୟର ମିଳିତ ଆନୁକୂଲ୍ୟରେ ନାଟ୍ୟକାର କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ୧୩୯ ତମ ଜୟନ୍ତୀ ପାଳିତ ହୋଇଛି। ଲେଖକ ସାମ୍ମୁଖ୍ୟର ସଭାପତି ଡ଼. ଅଲେଖ ଚନ୍ଦ୍ର ପଢିଆରୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ରୂପେ ପ୍ରଫେସର ଡ଼. ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ମୁଖ୍ୟବକ୍ତା ରୂପେ ସାହିତ୍ୟିକ ବିଜୟ ଦାସ ଏବଂ ସମ୍ମାନିତ ଅତିଥିରୂପେ ସତ୍ୟବାଦୀ ବଳିଆରସିଂହ, ନାଟ୍ୟକାର ବିଜୟ କୁମାର ମହାନ୍ତି ଓ ପ୍ରଫେସର ବୈରାଗୀ ଚରଣ ପଟ୍ଟନାୟକ ଯୋଗ ଦେଇ କବିଚନ୍ଦ୍ରଙ୍କ ଜୀବନର ବହୁ ଘଟଣା ଉପରେ ଆଲୋକପାତ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡ଼େମୀର ଉପ-ସଚିବ ସଞ୍ଜୟ କୁମାର ଛୁଆଳସିଂହ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେବା ପରେ ସମ୍ପାଦିକା ବିମଳା ସିଂ ବିବରଣୀ ପାଠ ଓ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶ୍ରୀ ଜଗନ୍ନାଥ ସାହିତ୍ୟ ପରିଷଦର ସଭାପତି ଶିବସୁନ୍ଦର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ମିନତି ମିଶ୍ର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ସିମୋର ର କବୟିତ୍ରୀ ଶାନ୍ତିଲତା ମହାନ୍ତିଙ୍କ କବିତା ପୁସ୍ତକ ଭାବ ତରଙ୍ଗ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସଭା ଆରମ୍ଭରେ ଗୋବିନ୍ଦ ଚନ୍ଦ୍ର ମହାରଣା, ବିକ୍ରମ କେଶରୀ ଚମ୍ପତି, ଡ଼.ବୃନ୍ଦାବନ ପଣ୍ଡା, ନିଳାଦ୍ରିନାଥ ଜଗଦେବଙ୍କ ସଂଯୋଜନାରେ ୫୬ଜଣ କବି କବୟିତ୍ରୀ କବିତା ପାଠ କରିଥିଲେ। ସୌଦାମିନୀ ସାମନ୍ତରାୟ ଓ କବିତା ପଟ୍ଟନାୟକ କାର୍ଯ୍ୟକ୍ରମ ପରି.ଳନା କରିଥିଲେ।

## କନ୍ତାଇଲୋ ଅନଙ୍ଗ ନରେନ୍ଦ୍ର ପ୍ରିମିୟର ଲିଗ୍ କ୍ରିକେଟ ଉଦ୍‌ଘାଟିତ

**ବୋଲଗଡ଼, ୨୫।୧୨(ସମିସ):** ବୋଲଗଡ଼ ବ୍ଲକ ବାଙ୍କୋଇଦେଶ ପଞ୍ଚାୟତ କନ୍ତାଇଲୋ ଖେଳ ପଡିଆରେ ଉଦଘାଟିତ ହୋଇଯାଇଛି ଅନଙ୍ଗ ନରେନ୍ଦ୍ର ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ । ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ବିଜେପି ର ପାଞ୍ଚଗଡ଼ ମଣ୍ଡଳର ପୂର୍ବତନ ସଭାପତି ସୁବାସ ଚନ୍ଦ୍ର ମିଶ୍ର ଏବଂ ସମ୍ମାନିତ ଅତିଥି ରୂପେ ସତ୍ୟବାଦୀ ଆଚାର୍ଯ୍ୟ ଯୋଗଦେଇ ଥିଲେ। ଉଦଘାଟନୀ ଲିଗ ମ୍ୟାଚରେ ବୟାପଲ୍ଲୀ କ୍ରିକେଟ ଟିମ୍‌କୁ ହରାଇ ନରେନ୍ଦ୍ର ପୁର କ୍ରିକେଟ ଟିମ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ଲିଗ ମ୍ୟାଚ ରେ ଅରିକମା କ୍ରିକେଟ ଟିମ୍‌କୁ ହରାଇ ଗୌଡିଆପଡା ଟିମ ବିଜୟୀ ହୋଇଥିଲା ବେଳେ ତୃତୀୟ ଲିଗ ମ୍ୟାଚରେ କାନ୍ତାଇଲୋ (ବି) ଟିମ ହରାଇ ଲୋଧାଚୁଆ କ୍ରିକେଟ ଟିମ ବିଜୟୀ ହୋଇଥିଲା। ଚତୁର୍ଥ ଲିଗ ମ୍ୟାଚରେ ପିତୁକୁଳି ଟିମ କୁ ହରାଇ କାନ୍ତାଇଲୋ (ଏ) ଟିମ ୩ ଉଇକେଟରେ ବିଜୟୀ ହୋଇଛି । ଚତୁର୍ଥ ଲିଗ ମ୍ୟାଚରେ ପିତୁକୁଳି ଟିମ ପ୍ରଥମେ ବ୍ୟାଟିଂ କରି ୧୭.୨ଓଭର ରେ ୯୨ରନ କରିଥିଲେ । ଜବାବରେ କାନ୍ତାଇଲୋ(ଏ) ଟିମ ୧୮.୪ଓଭରରେ ୭ଉଇକେଟ ହରାଇ ୯୩ରନ କରି ଲକ୍ଷ୍ୟ ହାସଲ କରିଥିଲେ । ସୁଶାନ୍ତ ନିଶଙ୍କ, ଅର୍ଜୁନ ପ୍ରଧାନ, ପପୁ ନାୟକ, ଦୀପକ ପ୍ରଧାନ, ତପନ ସାମନ୍ତରାୟ, ଲିଟୁ ନାୟକ, ଓ ଚନ୍ଦନ କୁମାର ପ୍ରମୁଖ ମ୍ୟାଚ ଗୁଡିକରେ ଖେଳ ପରିଚାଳନା କରିଥିଲେ।

# ଆଜିଠୁ ବୋଲଗଡ଼ ମହୋତ୍ସବ

**ବୋଲଗଡ, ୨୫।୧୨ (ସମିସ):** ବୋଲଗଡ ମହୋତ୍ସବ ୨୦୨୫ ଶୁକ୍ରବାର ୨୬ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ବୋଲଗଡ ବାମନ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଆୟୋଜିତ ହେଉଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ମହୋତ୍ସବ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହୋତ୍ସବ କମିଟି ବରିଷ୍ଠ ଉପଦେଷ୍ଟା ରବୀନ୍ଦ୍ର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ସାଧାରଣ ସମ୍ପାଦକ ବୀର କିଶୋର ଦାସ, ବରିଷ୍ଠ ଉପଦେଷ୍ଟା ପ୍ୟାରୀମୋହନ ଦାସ, ଲଲାଟେନ୍ଦୁ କେଶରୀ ସିଂହ ଓ ସଂପାଦକ ନାରାୟଣ ମାର୍ଥା ମହୋତ୍ସବ ସମ୍ପର୍କିତ ବିଭିନ୍ନ ତଥ୍ୟ ପ୍ରଦାନ କରିଥିଲେ। ଚଳିତ ବର୍ଷ ଏହି ମହୋତ୍ସବ ୨୨ ବର୍ଷରେ ପଦାର୍ପଣ କରିଛି । ଏଥିସହ ବିଗତ ବର୍ଷ ଗୁଡ଼ିକ ତୁଳନାରେ ଏବର୍ଷ ମହୋତ୍ସବକୁ ଅଧିକ ଆକର୍ଷଣୀୟ କରାଯିବାକୁ ଗୁରୁତ୍ୱ ଦିଆଯାଇଛି। ମହୋତ୍ସବର ପ୍ରଚାର ଓ ପ୍ରସାର ଦିଗରେ ସହଯୋଗ କାମନା କରି ସାଧାରଣ ସମ୍ପାଦକ ବୀର କିଶୋର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ

**ବାଣପୁର,୨୫।୧୨(ସମିସ) :** ବାଣପୁର ବ୍ଲକ ଗମ୍ଭରୀମୁଣ୍ଡା ସ୍ଥିତ ପର୍ଶୁରାମ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଓ ମହାବିଦ୍ୟାଳୟର ପ୍ରତିଷ୍ଠାତା ସମାଜ ସେବୀ ଶଶିଭୂଷଣ ହରିଚନ୍ଦନଙ୍କ ୨୬ତମ ଶ୍ରାଦ୍ଧ ଦିବସ ବିଦ୍ୟାଳୟ ପରିସରରେ ବୁଧବାର ସଂଧ୍ୟାରେ ପାଳିତ ହୋଇଯାଇଛି। ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରେମରାଜ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଡ଼ାକ୍ତର ବିଭୂତି ଭୁଷଣ ହରିଚନ୍ଦନ, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥ, ସମ୍ମାନିତ ଅତିଥି ଭାବେ ପ୍ରଫେସର ଶଶାଙ୍କ ଶେଖର ଚୂଡ଼ାମଣୀ, ଡ. ସୁରେନ୍ଦ୍ର ନାଥ ଦାସ, ଓ ପ୍ରାକ୍ତନ ଚିଲିକା ବ୍ଲକ ଅଧ୍ୟକ୍ଷ ଲଳିତ ମୋହନ ପଟ୍ଟନାୟକ ଯୋଗଦେଇ ଶିକ୍ଷା ସଂସ୍କୃତି ଓ ଓଡ଼ିଆ ଜାତିର ଅସ୍ମିତା ସମ୍ପର୍କରେ ଆଲୋକପାତ କରିଥିଲେ।

## ତ୍ରିଧାରା ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ



**ବେଗୁନିଆ,୨୫।୧୨(ସମିସ):** ବେଗୁନିଆ ବ୍ଲକ ବାଘମାରି ଗ୍ରାମସ୍ଥିତ ତୃପ୍ତି କଲ୍ୟାଣ ମଣ୍ଡପ ପରିସରରେ ତ୍ରିଧାରା ସାଂସ୍କୃତିକ ପରିଷଦର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ କବିରାଜ କିଶୋର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତା ଓ କବି ଜଗଦୀଶ ପାତ୍ରଙ୍କ ସଂଯୋଜନାରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ପୂର୍ବତନ ସହକାରୀ ପରିଚାଳକ ସୁନିଲ କୁମାର ପଟ୍ଟନାୟକ ମୁଖ୍ୟଅତିଥି, ସନ୍ଦିପ୍ତ ଦାସ ମୁଖ୍ୟବକ୍ତା ଓ ଶିକ୍ଷକ ଅଖିଳ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ସଭାର ପ୍ରାରମ୍ଭରେ ସଦସ୍ୟ ଜଗନ୍ନାଥ ପରିଡ଼ା, ଦୟାନିଧି ପରିଡ଼ା ଓ ଦାଶରଥି ବେହେରା ସ୍ୱାଗତ ସଙ୍ଗୀତ ପରିବେଷଣ ଓ ଯୁବଶିଳ୍ପୀ କଳ୍ପତରୁ ପଣ୍ଡା ସଂପାଦକୀୟ ବିବରଣୀ ପାଠ କରିଥିଲେ। ଏତଦ ବ୍ୟତୀତ କବି କବୟିତ୍ରୀ ମାନେ ସ୍ୱ ରଚିତ କବିତା ପାଠ କରିବା ପରେ ଅତିଥି ମାନଙ୍କ ଦ୍ୱାରା ଗାଳ୍ପିକ ବିଭୁହୋତାଙ୍କ ଲିଖିତ 'ରଙ୍ଗ ଛୁଆଁ ' ଓ ପଣ୍ଡିତ ରଘୁନାଥ ବିଶିଙ୍କ 'ଉପନିଷଦ ' ଓ ମଳୟ ଜୟସିଂହଙ୍କ ଲିଖିତ 'ଅନନ୍ୟ ସେବକ' ଓ 'ଏଇତ ଜୀବନ' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଗାୟକ ପ୍ରଫୁଲ୍ଲ ସାମନ୍ତରାୟଙ୍କୁ ଗାୟକ ସମ୍ରାଟ ବିଶ୍ୱନାଥ ପଟ ଯୋଶୀ ସମ୍ମାନ, ଶିଳ୍ପୀ ଉପେନ୍ ସାହୁଙ୍କୁ 'ଶିଳ୍ପୀ ଗୁରୁ କଳିଙ୍ଗ ମହାରଣା ସମ୍ମାନ', ପାହାନ୍ତି ଆକାଶ ବହି ପାଇଁ ମହାଦେବ ପ୍ରଧାନଙ୍କୁ 'ବିଭୁ ହୋତା ସମ୍ମାନ' ସ୍ଥାପତି ସନାତନ ଦାସଙ୍କୁ ପୂଜ୍ୟ ପୂଜା ସମ୍ମାନ, ଜଗନ୍ନାଥ ପରିଡ଼ାଙ୍କୁ ସଙ୍ଗୀତ ଶ୍ରୀ ସମ୍ମାନ ଓ ସରୋଜିନୀ ପାଟଶାଣୀଙ୍କୁ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। ଶେଷରେ ବାପିନା ମହାପାତ୍ର ଉଦଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ଯୁବ ଜ୍ୟୋତିର୍ବିଦ ରଜନୀ କାନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍କାଉଟ୍ସ, ଗାଇଡ୍ସର ରାଜ୍ୟସ୍ତରୀୟ ଜାମ୍ବୋରେଟ୍ ଉଦ୍‌ଯାପିତ

**ଖୋର୍ଦ୍ଧା,୨୫।୧୨(ସମିସ):**



ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡସ୍ ଆନୁକୂଲ୍ୟରେ ବରୁଣେଇ ପାହାଡ ପାଦଦେଶରେ ଥିବା ରାଜ୍ୟ ତାଲିମ କେନ୍ଦ୍ର ପରିସରରେ ଚାଲିଥିବା ୨୦ତମ ରାଜ୍ୟସ୍ତରୀୟ ଜାମ୍ବୋରେଟ୍ ଏବଂ ସ୍ୱତନ୍ତ୍ର ଟ୍ରାଇବାଲ୍ ଜାମ୍ବୋରେଟ୍ ଆଜି ଉଦ୍‌ଯାପିତ ହୋଇଛି।

ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡ. କାଳିପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀଉତ୍ସବରେମୁଖ୍ୟଅତିଥିଭାବେ ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ସଭାପତି ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ଥିଲେ।

ପ୍ରାରମ୍ଭରେ ରାଜ୍ୟ ମୁଖ୍ୟ କମିଶନର ଡ. ମିଶ୍ରଙ୍କ ସ୍ୱାଗତ ଭାଷଣରେ ଶିବିରର ଉଦ୍ଦେଶ୍ୟ ଏବଂ ଉପାଦେୟତା ତଥା ସ୍କାଉଟ ଓ ଗାଇଡ୍ ସଂଗଠନ ଦ୍ୱାରା କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟଅତିଥି ଶ୍ରୀ ନାୟକ ୨୦ତମ ରାଜ୍ୟସ୍ତରୀୟ ଜାମ୍ବୋରେଟ୍ ଆୟୋଜନ ଯାହାକି ସ୍କାଉଟ ଓ ଗାଇଡ୍ ମାନଙ୍କ ପାଇଁ ଏକ ପ୍ରେରଣା ଦାୟକ ଏବଂ ସମ୍ପର୍କର ସେତୁ ନିର୍ମାଣ କରିବାରେ ସହାୟକ, ସେଭଳି ଆୟୋଜନ କରିବା ପରେ ସଂଗଠନର ଭୂମିକାକୁ ଉଚ୍ଚପ୍ରଶଂସା କରିବା ସହିତ ଶିବିରର ସଫଳତା କାମନା କରିଥିଲେ। ସମାଜ ସେବୀ (ଗୋରକ୍ଷଣ ସମିତି), ଅଶୁରେଶ୍ୱର ବିଷ୍ଣୁଚରଣ ନାୟକ, ଶାରୀରିକ ଶିକ୍ଷାର ସହ ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ପରିଡ଼ା ଏବଂ ସହକାରୀ ରାଜ୍ୟ କମିଶନର ଦୁଃଶାସନ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ସ୍କାଉଟ ଓ ଗାଇଡ୍‌ମାନେ ଚିତାକର୍ଷଣ ନୃତ୍ୟ ଅତିଥିଙ୍କ ସମ୍ମୁଖରେ ପରିବେଷଣ କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ଜିଲ୍ଲା ଓ ସ୍କାଉଟ ଗାଇଡ୍‌ମାନଙ୍କୁ ଫଳକ, ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

ଅନ୍ୟପକ୍ଷରେ ସ୍କାଉଟ ଗାଇଡ୍‌ମାନଙ୍କ ମଧ୍ୟରେ ଶାରୀରିକ କଳା କୌଶଳ ପ୍ରତିଯୋଗିତା, ପିଜାଂଟ ଶୋ ସହ ପରିବେଶ ଅସନ୍ତୁଳନ କାର୍ଯ୍ୟକ୍ରମ, କ୍ୱିଜ୍ ଇତ୍ୟାଦି ଅନୁଷ୍ଠିତ ହୋଇଥିଲା।

## ସାନପଦରକୁ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ଅନ୍ତର୍ଭୁକ୍ତ ଦାବି

**ବେଗୁନିଆ,୨୫।୧୨(ସମିସ):** ବରପୁତ୍ର ମାନଙ୍କର ସୁରକ୍ଷା ପାଇଁ ଐତିହ୍ୟ ଗ୍ରାମ୍ୟ ଯୋଜନାରେ କ୍ୟାବିନେଟରେ ପ୍ରସ୍ତାବ ଗୃହୀତ ହୋଇ ଥିବାରୁ ବୋଲଗଡ ବ୍ଲକ ଅନ୍ତର୍ଗତ କବିତୀର୍ଥ ସାନପଦର ଗ୍ରାମକୁ ଅନ୍ତର୍ଭୁକ୍ତ କରିବା ପାଇଁ ବରିଷ୍ଠ ସିପିଆଇ କମ୍ରେଡ ବସନ୍ତ କୁମାର ପାଇକରାୟ ଗଣମାଧ୍ୟମ ଜରିଆରେ ଜଣାଇଛନ୍ତି। ଯାହା କି, ଏହି ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ବରପୁତ୍ର ମାନଙ୍କ ମଧ୍ୟରେ ସ୍ୱାଧିନତା ସଂଗ୍ରାମୀ ତଥା ପୂର୍ବତନ ବିଧାୟକ ଗଙ୍ଗାଧର ପାଇକରାୟ, ଫକୀର ଚରଣ ମହାନ୍ତି, ବାଞ୍ଛାନିଧି ସୁବୁଦ୍ଧି, ଅନନ୍ତ ପାତାଳସିଂହ, ଲକ୍ଷ୍ମଣ ମହାପାତ୍ର, କବି ଭକ୍ତଚରଣ ଦାସ, ଦନେଇ ଦାସ ଓ ପିଣ୍ଡିକି ଶ୍ରୀଚନ୍ଦନଙ୍କ ସମେତ ଦେଶ ଓ ଜାତିର ଟେକ ପାଇଁ ଅହରହ ଉଦ୍ୟମ ଜାରି ରଖି ଜୀବନ ଉତ୍ସର୍ଗ କରି ଆଗାମୀ ପୀଢ଼ି ପାଇଁ ମାଇଲ ଖୁଣ୍ଟି ସଦୃଶ ହୋଇଥିବାରୁ ଚିର ଅମର ହୋଇ ଟହିଛନ୍ତି। ଏଠାରେ ବିଗତ ଦିନରେ କୃଷକ, ଦିନମଜୁରିଆ, ବୁଣାକାର, ଶିକ୍ଷକ ଓ ଗଡ଼ଜାତ ପ୍ରଜା ଆନ୍ଦୋଳନ ଆଦି ସଙ୍ଗଠନର କେନ୍ଦ୍ରବିନ୍ଦୁ କହିଲେ ଅତ୍ୟୁକ୍ତି ହେବନାହିଁ।

# ବରଗଡ଼ ଧନୁଯାତ୍ରା ଉପଲକ୍ଷେ ନବୀନଙ୍କ ଶୁଭକାମନା

**ଭୁବନେଶ୍ୱର, ୨୫।୧୨ (ସମିସ):** ବିଶ୍ୱର ସର୍ବବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ଅବସରରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି। ଏକ ଭିଡିଓ ବାର୍ତ୍ତାରେ ନବୀନ କହିଛନ୍ତି ଯେ ଆପଣ ମାନ୍‌କେ ସମସ୍ତଙ୍କେ ମୋର୍ ଜୁହାର। ପରମ୍ପରା, ସଂସ୍କୃତି ଓ ଧର୍ମୀୟ ଚେତନାର ମହାନ ଉତ୍ସବ ବରଗଡ଼ ଧନୁଯାତ୍ରା ଅଟେ। ଘରେ ଘରେ ଆଜି ଉତ୍ସବର ପରିବେଶ। ସାରା ବିଶ୍ୱରେ ଆମ ବରଗଡ଼ ଧନୁଯାତ୍ରାର ତୁଳନା ନାହିଁ। ବିଶ୍ୱର ସବୁଠାରୁ ବଡ଼ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ଅଟେ। ଏହି ଯାତ୍ରାରେ ସବୁ ଦର୍ଶକ ଜଣେ ଜଣେ କଳାକାର। ଧନୁଯାତ୍ରା ସାରା ବରଗଡ଼ରେ କୃଷ୍ଣଭକ୍ତିର ଏକ ସୁନ୍ଦର ପରିବେଶ ସୃଷ୍ଟି କରିଛି। ଏହି ଅବସରରେ ଆପଣମାନଙ୍କୁ ସମସ୍ତଙ୍କୁ ମୋର ବହୁତ ବହୁତ ଶୁଭକାମନା। କୃଷ୍ଣ ଭଗବାନଙ୍କର ଆଶୀର୍ବାଦ ସମସ୍ତଙ୍କ ଜୀବନରେ ଖୁସି ଭରିଦେଉ ବୋଲି ନବୀନ ଶୁଭକାମନା ଜଣାଇଛନ୍ତି।



# ଜିଲ୍ଲା ପ୍ରଶାସନ ଓ ଶିକ୍ଷା ବିଭାଗ ପକ୍ଷରୁ ବାଲ୍ ଧନୁଯାତ୍ରା ଶୁଭାରମ୍ଭ

ବରଗଡ଼(ମଥୁରା), ୨୫।୧୨(ସମିସ)



ବରଗଡ଼ ଧନୁଯାତ୍ରା ଗୁରୁବାର ଶୁଭାରମ୍ଭ ହୋଇଛି। ଏହି ଅବସରରେ ସ୍ଥାନୀୟ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ 'ବାଲ ଧନୁଯାତ୍ରା' ଶୁଭାରମ୍ଭ ହୋଇଛି। ୨୫ରୁ ୨୭ ତିନି ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଯାତ୍ରାରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ମାନେ ଅଭିନୟ କରିଥିଲେ। ଏହି ଯାତ୍ରାକୁ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ନକୁଳ ବାଦି, ଅବସରପ୍ରାପ୍ତ ଶିକ୍ଷକ ସୁଗ୍ରୀବ ବିଶି, ନୃତ୍ୟ ନିର୍ଦ୍ଦେଶକ ଶଙ୍କର ପଟ୍ଟନାୟକ ନିର୍ଦ୍ଦେଶନା ଦେଇଛନ୍ତି। ଜିଲ୍ଲାପାଳ ଆଦିତ୍ୟ ଗୋୟଲ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ବିଜେପୁର ବିଧାୟକ ସନତ ଗଡ଼ତିଆ, ଅତାବିରା ବିଧାୟକ ନିହାର ମହାନନ୍ଦ, ପୌର ଅଧ୍ୟକ୍ଷା କଳ୍ପନା ମାଝୀ ବାଲ ଧନୁଯାତ୍ରାର ଆବାହକ ଡିଇଓ ଜ୍ୟୋତିକାନ୍ତ ସାହୁ, ଏଡିଇଓ ସରୋଜ ଭୁଏ, ପିଏମଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଶାନ୍ତି ସୁନା, ପ୍ରମୁଖ ରାଜ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ତାହିର୍ ହୁସେନ ଧନ୍ୟବାଦ ଅର୍ପଣ କରିଥିଲେ।

# ଧନୁଯାତ୍ରାରେ ବିଭିନ୍ନ ସଂଗଠନ ପକ୍ଷରୁ ସେବା



**ବରଗଡ଼, ୨୫।୧୨(ସମିସ):** ୭୮ ତମ ବରଗଡ଼ ଧନୁଯାତ୍ରା ମହୋତ୍ସବର ସାଂସ୍କୃତିକ ଶୋଭାଯାତ୍ରା ଉଦ୍‌ଘାଟନୀ ଉତ୍ସବରେ ବରଗଡ଼ ଜିଲ୍ଲାର ବିଭିନ୍ନ ସଙ୍ଗଠନ ସାଂସ୍କୃତିକ ଶୋଭାଯାତ୍ରାରେ ନିଃସ୍ୱାର୍ଥପର ସେବା ଯୋଗାଇ ଦେଉଛନ୍ତି। ଆମ୍ବେଦକର ବାଦୀ ସଂଗଠନ, ଭୀମ ଆର୍ମି ବରଗଡ଼, ସମ୍ବିଧାନ ସୁରକ୍ଷା ମଞ୍ଚ ବରଗଡ଼, ଆମ୍ବେଦକର ଯୁବା ସଂଘ ବରଗଡ଼, ଏସିଏସଟି ମିଳିତ ମଞ୍ଚ ବରଗଡ଼, ଜିଲ୍ଲା ଆଦିବାସୀ ସଂଘ ବରଗଡ଼, ବିର୍ସା ମୁଣ୍ଡା ସଂଘର୍ଷ ବାହିନୀ ଯୋଗ ଦେଇଥିଲେ। ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ଜିଲ୍ଲାର ସମସ୍ତ ଧାର୍ମିକ ସଂଗଠନ, ଜାତି ସଂଗଠନ, ସାମାଜିକ ସଂଗଠନ ତଥା ବିଭିନ୍ନ ସଂଗଠନ ମାନଙ୍କୁ ନିମନ୍ତ୍ରଣ ଦେଇଥିଲେ। ବରଗଡ଼ ଧନୁଯାତ୍ରା କୌଣସି ଗୋଟିଏ ଜାତି, ଧର୍ମ, ଦଳର ନୁହେଁ ସମସ୍ତ ବରଗଡ଼ ବାସୀଙ୍କର ଯାତ୍ରା। ସମସ୍ତେ ଏକ ହୋଇ ଧନୁଯାତ୍ରାର ମାନସମ୍ମାନ ବଢ଼ାଇବା ଦରକାର ବୋଲି ସଂଗଠନର କର୍ମକର୍ତ୍ତା ମାନେ ପ୍ରକାଶ କରିଥିଲେ।

# ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା ଉଦ୍‌ଘାଟିତ

**ବରଗଡ଼, ୨୫।୧୨(ସମିସ):** ବିଶ୍ୱ ଧନୁଯାତ୍ରା ଉପଲକ୍ଷେ ଦିଲ୍ଲୀ ସୁଜାତା ହସ୍ତତନ୍ତ ଓ ହସ୍ତଶିଳ୍ପ ଦ୍ୱାରା ଲେଙ୍ଗୁମିଶ୍ର ମିନି ଷ୍ଟାଡିୟମରେ ଜାତୀୟସ୍ତରର ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା ଆୟୋଜିତ ହୋଇଯାଇଛି। ମେଳାରେ ୧୨୦ଟି ଷ୍ଟଲରେ ହରିୟଣା, ଦିଲ୍ଲୀ, ପଞ୍ଜାବ, ଆସାମ, ପଶ୍ଚିମବଙ୍ଗ, ତେଲେଙ୍ଗାନା, ପଣ୍ଡିଚେରୀ, ମଧ୍ୟପ୍ରଦେଶ, ଓଡ଼ିଶା ତଥା ୧୫ଟି ରାଜ୍ୟରୁ ଆସିଥିବା କୁଶଳୀ କାରିଗର ମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀ ଉପଲବ୍ଧ ହେବ। ଏହାସହ ଗ୍ରାହକଙ୍କ ମାନଙ୍କ ପାଇଁ ସୁସ୍ୱାଦୁ ଖାଦ୍ୟ ଷ୍ଟଲ ମଧ୍ୟ ଖୋଲାଯିବ ବୋଲି ରାଜେନ୍ଦ୍ର ଚୌଧୁରୀ କହିଛନ୍ତି। ପୂର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ହସ୍ତତନ୍ତ ବୟନ ଶିଳ୍ପମନ୍ତ୍ରୀ ଥିବା ସମୟରେ ପ୍ରଥମ କରି ଏହି ଜାଗାରେ ବୟନିକା ତରଫରୁ ହସ୍ତତନ୍ତ ମେଳା ଅନୁଷ୍ଠିତ ହୋଇ ଆସୁଥିଲା। ପ୍ରତିଦିନ ହଜାର ହଜାର ଲୋକ ଆସି ବିଭିନ୍ନ ପ୍ରକାର ସମ୍ବଲପୁରୀ ଶାଢ଼ୀ, ବେଡସିଟ୍, ପାଟ ଶାଢ଼ୀ ଇତ୍ୟାଦି କୋଟି କୋଟିର ବିକ୍ରି ହୋଇ ଆସୁଥିଲା। ହେଲେ ବୟନିକା ଚଳିତ ବର୍ଷ ଏଠାରେ ଆଉ ହସ୍ତତନ୍ତ ମେଳା କରୁନାହିଁ। ଦିଲ୍ଲୀ ସୁଜାତା ହସ୍ତତନ୍ତ ଓ ହସ୍ତ ଶିଳ୍ପ ମେଳା ପ୍ରଥମ କରି ଆରମ୍ଭ ହୋଇଛି। ସମସ୍ତ ଗ୍ରାହକ ମାନଙ୍କୁ ସ୍ୱତନ୍ତ୍ର ଭାବେ ରିହାତି ଦରରେ ନୂଆ ନୂଆ ଡିଜାଇନ୍ ଯୋଗାଇ ଦିଆଯିବ ବୋଲି ରାଜେନ୍ଦ୍ର ଚୌଧୁରୀ କହିଛନ୍ତି।











କଂସଙ୍କ ନଗର ପରିକ୍ରମା, ମଥୁରା କାରାଗାରରେ କୃଷ୍ଣ ଜନ୍ମ

# ଧନୁଯାତ୍ରା ଅବସରରେ ରକ୍ତଦାନ ଶିବିର

**ବରଗଡ଼, ୨୫।୧୨(ସମିସ):** ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ଅବସରରେ ଜର୍ଜ ହାଇସ୍କୁଲ, ମୀନାବଜାର ପଡ଼ିଆ ଠାରେ ନିଷ୍ଠା ପରିବାର ତରଫରୁ ପ୍ରଥମ ଦିନ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ସମ୍ମାନିତ ଅତିଥି ଭାବେ ଉପ ଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ, ଠିକାଦାର ସଂଘର ସଭାପତି ସୁଧାଂଶୁ ଗଡ଼ତିଆ, ଲକ୍ଷ୍ମୀରଥ, ସଞ୍ଜୀବ ମହାପାତ୍ର ପ୍ରମୁଖ ଶିବିରର ଶୁଭାରମ୍ଭ କରିଥିଲେ। ପ୍ରଥମ ଦିନରେ ବରଗଡ଼ ରକ୍ତଭଣ୍ଡାର ଦ୍ୱାରା ସର୍ବମୋଟ ୫୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏହି ଶିବିରକୁ ନିଷ୍ଠା ପରିବାରର ସମସ୍ତ ସଦସ୍ୟ ସଦସ୍ୟା ସୁପରିଚାଳନା କରିଥିଲେ। ରକ୍ତଦାନ ଶିବିରକୁ ସଂଲଗ୍ନ ନିଷ୍ଠା ପରିବାର ତରଫରୁ ଏକ ସ୍ତନ୍ୟପାନ କେନ୍ଦ୍ରର ମଧ୍ୟ ବ୍ୟବସ୍ଥା କରାଯାଇଛି।



**ପ୍ରଥମ ଦିନରେ ୫୧ ୟୁନିଟ୍ ରକ୍ତ ସଂଗ୍ରହ**

# ଜିଲ୍ଲାସ୍ତରୀୟ ସୁଶାସନ ଦିବସ

**ବରଗଡ଼, ୨୫।୧୨(ସମିସ):** ବରଗଡ଼ ଟାଉନ୍ ହଲ୍ ପରିସରରେ ଗୁରୁବାର ଜିଲ୍ଲାସ୍ତରୀୟ ସୁଶାସନ ଦିବସ ପାଳିତ ହୋଇଯାଇଛି। ୨୦୧୪ ମସିହାରୁ ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମଦିନକୁ ସୁଶାସନ ଦିବସ ଭାବେ ସମଗ୍ର ଦେଶରେ ପାଳନ କରାଯାଉଛି। ଏହି ଦିନଟି ସୁଶାସନ, ପାରଦର୍ଶିତା, ଲୋକମୁଖୀ ପ୍ରଶାସନ ଓ ଲୋକସେବାର ମୂଲ୍ୟବୋଧକୁ ସ୍ମରଣ କରାଇବାର ଗୁରୁତ୍ୱପୂର୍ଣ୍ଣ ଅବସର ଭାବେ ଗଣ୍ୟ। ଚଳିତ ବର୍ଷ ଶ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜନ୍ମବାର୍ଷିକୀ ଅବସରରେ ବରଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଦିବସକୁ ସ୍ମରଣୀୟ କରିବା ନିମିତ୍ତେ କବିତା ପଠନ କାର୍ଯ୍ୟକ୍ରମ ସହ ଏକ ସଭାର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ଯୋଗଦେଇ ସୁଶାସନର ଗୁରୁତ୍ୱ, ପ୍ରଶାସନର ଦାୟିତ୍ୱ ଓ ସାଧାରଣ ଜନତାଙ୍କ ପ୍ରତି ସରକାରୀ ସେବାର ପ୍ରଭାବ ବିଷୟରେ ମତବ୍ୟକ୍ତ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ପୌରପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲା, ପଦ୍ମପୁର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନତ ପାଢ଼ୀ ଓ ବିଶିଷ୍ଟ ଶିକ୍ଷାବିତ୍ ଡ.ଯଶ୍ୱୀର ସିଂହ ସୈନି ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ କବିତା ପଠନ ସମ୍ମିଳନୀ ହୋଇଥିଲା। ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ସର୍ବମୋଟ ୧୦ ଜଣ କବି ଏହି ସମ୍ମିଳନୀରେ ଯୋଗଦେଇ ଓଡିଆ ସହିତ ଅନ୍ୟାନ୍ୟ ଭାଷାରେ ସୁଶାସନ, ଦେଶପ୍ରେମ, ନୀତିମୂଲ୍ୟ ଓ ମାନବିକତା ଭିତ୍ତିକ କବିତା ପାଠ କରିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ କବିଙ୍କୁ ସମ୍ମାନ ପତ୍ର ସହ ପୁରସ୍କାର ଦେଇ ସମ୍ମାନିତ କରାଯାଇଥିଲା।



## ବାଜପେୟୀ ବିଚାର ମଞ୍ଚ ପକ୍ଷରୁ ବାଜପେୟୀ ଜୟନ୍ତୀ ପାଳିତ

**ବରଗଡ଼:** ବାଜପେୟୀ ବିଚାର ମଞ୍ଚ ବରଗଡ଼ ତରଫରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ ତମ ଜନ୍ମଜୟନ୍ତୀ ପାଳନ କରାଯାଇଛି। ସ୍ଥାନୀୟ ବାଜପେୟୀ ଛକଠାରେ ବାଜପେୟୀଜୀଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ଅର୍ପଣ ଓ ଦୀପ ପ୍ରଜ୍ୱଳନ କରି ସ୍ମୃତିଚାରଣ କରାଯାଇଥିଲା। ଅଗ୍ରଗାମୀ ଯୁବକ ସଂଘଠାରେ ସ୍କୁଲ ଛାତ୍ରଛାତ୍ରୀଙ୍କ ଦ୍ୱାରା ବାଜପେୟୀଙ୍କ ଜୀବନୀ ଉପରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। କୃତୀ ଛାତ୍ରଛାତ୍ରୀ ଭାବେ ପ୍ରଥମ ସ୍ଥାନ ସାଲିନି ସା, ରାଣା ପ୍ରତାପ ହାଇସ୍କୁଲ, ଦ୍ୱିତୀୟ ସ୍ଥାନ ସୁପ୍ରିତି ଭୋବୋଟାରି ପବ୍ଲିକ ସ୍କୁଲ ଓ ତୃତୀୟ ସ୍ଥାନ ଅଦିତି ପ୍ରଧାନ ସରକାରୀ ବାଳିକା ବିଦ୍ୟାଳୟ ବରଗଡ଼ ଅଧିକାର କରିଥିଲେ। ସଭାରେ ମୁଖ୍ୟ ଅତିଥି ଭାବେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ସମ୍ମାନୀୟ ଅତିଥି ଡ.ଅର୍ଜୁନ ମେହେର, ମୁଖ୍ୟବକ୍ତା ଭାବେ ଡ.ସତ୍ୟସାଇଁ ନାଏକ ଯୋଗ ଦେଇଥିଲେ। ସଭାପତି ପ୍ରଫେସର ଅମରେନ୍ଦ୍ର ନାରାୟଣ ଯାଦବ ସଭା ପରିଚାଳନା କରିଥିବା ବେଳେ ସଂଯୋଜକ ମାନସରଞ୍ଜନ ଚାନ୍ଦ ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଡ.ସଞ୍ଜିତ ମିଶ୍ର ଧନ୍ୟବାଦ ଅର୍ପଣ କଲେ। ବିଚାର ମଞ୍ଚ ସଂଗଠନର ଉପସଭାପତି ଆସୁତୋଷ ଦାଶ, ପ୍ରଶାନ୍ତ ପ୍ରଧାନ, ସଞ୍ଜୀବ ପଣ୍ଡା, ପ୍ରମୋଦ ମହାରଣା, ବୃନ୍ଦାବନ ଷଡଙ୍ଗୀ, ନାରାୟଣ ମେହେର, ପ୍ରମୋଦ ମହାପାତ୍ର, ପ୍ରତାପ ପଟ୍ଟନାୟକ, ମନୋରଞ୍ଜନ ପାତ୍ର, ସୁଜିତ ଦାଶ, ବିବେକ ଶର୍ମା, ସୋଭାରାମ ଦାସ, ଗୋପାଳ ଷଡଙ୍ଗୀ, ହିରାରାମ ଭୋଇ, ସଞ୍ଜୟ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ଓ ପଦକ୍ଷେପ ପାଇଁ ଉପଜିଲ୍ଲାପାଳଙ୍କୁ ଦାବି



**ପଦ୍ମପୁର, ୨୫।୧୨(ସମିସ):** ପଦ୍ମପୁର ଉପଖଣ୍ଡ ଛତିଶଗଡ଼ ଓ ଓଡ଼ିଶା ସିମାବର୍ତ୍ତୀ ଅଞ୍ଚଳ। ତେବେ ଅଞ୍ଚଳରେ ଧିରେ ଧିରେ ଜନସଂଖ୍ୟା ବଢ଼ିବା ସହିତ ଲୋକଙ୍କ ବିଭିନ୍ନ ସାମଗ୍ରୀର ଚାହିଦା ମଧ୍ୟ ବଢୁଛି। ଏନେଇ ଧିରେ ଧିରେ ବେଆଇନ ଅନୁପ୍ରବେଶକାରୀ ମାନଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ଗତ କିଛି ଦିନ ଭିତରେ ପଦ୍ମପୁରର ବିଭିନ୍ନ ଗୃହ ନିର୍ମାଣ, ସାଜସଜା ଆଦି କାର୍ଯ୍ୟ ପାଇଁ ଶ୍ରମିକ ଅଭାବ ହେଉଛି। ସେହି ସ୍ଥାନରେ କାମ କରିବା ବାହାରନାରେ ବେଆଇନ ଅନୁପ୍ରବେଶକାରୀ ପଶୁଛନ୍ତି। ତେବେ ଦେଶ ସହ ପଦ୍ମପୁର ଅଞ୍ଚଳର ସାମାଜିକ, ଆର୍ଥିକ ଏବଂ ସୁରକ୍ଷା ସହ ଆଇନ ଗତ ବ୍ୟବସ୍ଥା ପ୍ରତି ଏହା ବିପଦ ପୂର୍ଣ୍ଣ ବୋଲି ମନେ କରି ପଦ୍ମପୁର ବିଶ୍ୱ ହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳ ତରଫରୁ ପଦ୍ମପୁର ଉପଜିଲ୍ଲାପାଳ ସ୍ନେହା ଅରୁଗୁଲା ଓ ଥାନା ଅଧିକାରୀ ମମତା ନାଏକଙ୍କୁ ଭେଟି ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବାକୁ କହିଛନ୍ତି। ସେମାନଙ୍କର ଉଚିତ୍ ପରିଚୟ ପତ୍ର ଯାଞ୍ଚ କରି ବେଆଇନ ଅନୁପ୍ରବେଶକାରୀଙ୍କ ବିରୁଦ୍ଧରେ ବିହିତ ପଦକ୍ଷେପ ନେବା ପାଇଁ ଦାବି ଜଣାଇଥିଲେ। ଦାବି ଦେବା ସମୟରେ ବିଶ୍ୱହିନ୍ଦୁ ପରିଷଦ ସଦସ୍ୟ ଜୟନାରାୟଣ ତ୍ରିପାଠୀ, ସୁରେଶରାମ ଚନ୍ଦାନି, ଶାନ୍ତାନୁ ପାଣିଗ୍ରାହୀ, ପୃଥ୍ୱୀରାଜ ସାହୁ, ଆଡଭୋକେଟ ଚିନ୍ମୟ ପଣ୍ଡା, ବଜରଙ୍ଗ ଦଳ ସଦସ୍ୟ ଅଖିଳ ପଟ୍ଟନାୟକ, ଅଙ୍କିତ ରାମଚନ୍ଦାନି, ଶୁଭମ ପଟ୍ଟନାୟକ, ଆଶିଷ ସାହୁ, ଆଡଭୋକେଟ ସୋମେଶ ମହାନ୍ତି, ସ୍ୱରୂପ କାନୁନଗୋ, ଦେବାଶିଷ ସାହୁ, ଜଗଦୀଶ ହାତୀ, ଅଜୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

**ବରଗଡ଼, ୨୫।୧୨(ସମିସ):** ବରଗଡ଼ ବ୍ଲକ ଅଧୀନ ଗୋବିନ୍ଦପୁର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଦ୍ୱାରା ଅନୁଷ୍ଠିତ ବାର୍ଷିକ କ୍ରୀଡା ଉତ୍ସବ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗୋବିନ୍ଦପୁର ସରପଞ୍ଚ ପ୍ରଫୁଲ୍ଲ ନାଏକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନଶିକ୍ଷକ ମଳୟ ବାରିକ କ୍ରୀଡା ବିଷୟରେ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଛାତ୍ରଛତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। କ୍ରୀଡା ଶିକ୍ଷକ ଅଙ୍ଗରୋଜ ତନସନା ପ୍ରତିଯୋଗିତା ପରିଚାଳନା କରିଥିଲେ। ଶିକ୍ଷକ ରୁକ୍ମଣ ବାରିକ, କିଶୋର ମଲ୍ଲିକ୍, ପ୍ରତିକ୍ଷା ଭୋଇ, ଅହଲ୍ୟା ପଧାନ, ରଜନୀକାନ୍ତ ଭୋଇ, ସନାତନ ଖମାରୀ, ଅଞ୍ଜନା ପାତ୍ର, ମନବୋଧ ଲୁହୁରା, ଟିକେଶ୍ୱରୀ ହୋତା ପ୍ରମୁଖ ସହଯୋଗ କରିଥିଲେ।

# ମିଲର୍ସ ଜିଦ୍ ଆଗରେ ପ୍ରଶାସନ ଅସହାୟ

ପଦ୍ମପୁର, ୨୫।୧୨(ସମିସ)

ପଦ୍ମପୁର ଉପଖଣ୍ଡରେ ମଣ୍ଡି ଖୋଲିବାର ୨୮ ଦିନ ବିତିଯାଇଛି। ମାତ୍ର ଅଧିକାଂଶ ଚାଷୀଙ୍କ ପାଖରେ ଟୋକନ ପହଞ୍ଚି ପାରିନାହିଁ। ଯେଉଁ ଚାଷୀଙ୍କ ପାଖକୁ ଟୋକନ ପହଞ୍ଚିଛି ସେମାନେ ମଣ୍ଡିରେ ଧାନ ପକାଇଛନ୍ତି ମାତ୍ର ମିଲର୍ସ ମାନଙ୍କ ଜୁଲୁମରେ ଚାଷୀ ଅତିଷ୍ଠ ହୋଇଛନ୍ତି। ଏ ସମ୍ପର୍କରେ ପ୍ରଶାସନ ଠାରୁ ଆରମ୍ଭ କରି ଯୋଗାଣ ବିଭାଗ ମଧ୍ୟ ହାତ ଟେକି ଦେଇଥିବା ଚାଷୀ ଅଭିଯୋଗ କରିଛନ୍ତି। ପଦ୍ମପୁର ବ୍ଲକ ଉପାନ୍ତ ମଣ୍ଡି ଦହିତା ଦହିଗାଁ, ବୁଡେନ ଅଞ୍ଚଳରେ ଦୁଇଦିନ ହେବ ଧାନ ବିକ୍ରି ହେଉ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ଯଦି ଚାଷୀ ୩/୪କେଜି କଟଣି ନ ଦେବେ ତା ହେଲେ ସେମାନେ ଧାନ ଉଠାଇବେ ନାହିଁ ବୋଲି କହିଥିବା ଚାଷୀ ଅଭିଯୋଗ କରିଥିଲେ। ଆଜି ଶୁଦ୍ଧା ପଦ୍ମପୁର ଉପଖଣ୍ଡ ୯୨ ମଣ୍ଡିରେ ୭ଲକ୍ଷ ୪୦ହଜାର ୯୨୮ ପେକେଟ ଧାନ ପଡ଼ିରହିଛି। ଏ ସମ୍ପର୍କରେ ପଦ୍ମପୁର ଉପଖଣ୍ଡ ସହକାରୀ ଯୋଗାଣ ଅଧିକାରୀ ସନ୍ତୋଷ ପଧାନ, ବ୍ଲକ ଯୋଗାଣ ଅଧିକାରୀ ଶୁଭେନ୍ଦୁ ପାଣିଗ୍ରାହୀଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ କୌଣସି ସନ୍ତୋଷଜନକ ଉତ୍ତର ମିଳି ନଥିଲା। ପଦ୍ମପୁର ଉପଜିଲ୍ଲାପାଳ ସ୍ନେହା ଆରଗୁଳାଙ୍କୁ ପଚରାଯିବାରୁ ଆସନ୍ତା କାଲି ଯେଉଁ ମଣ୍ଡିରୁ ଧାନ ନ ଉଠିବ ମୁଁ ନିରୀକ୍ଷଣ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବି ବୋଲି କହିଥିଲେ। ଅପରପକ୍ଷରେ ଧାନ ଅଭାବୀ ବିକ୍ରି ସହିତ କଟଣି ଛଟଣି ଓ ଟୋକନ ସମସ୍ୟା ନେଇ ଶୁକ୍ରବାର ରାଜବୋଡାସମ୍ବର କୃଷକ ସଙ୍ଗଠନ ପଦ୍ମପୁର ବନ୍ଦ ଡାକରା ଦେଇଛି।



**ଓରୁ ୪ କେଜି କଟଣି ମାଗୁଛନ୍ତି**

**ବିଭିନ୍ନ ମଣ୍ଡିରେ ୭ଲକ୍ଷ ୪୧ହଜାର ପାକେଟ ଧାନ**

# ନିମ୍ନମାନର ରାସ୍ତା କାମ
# ଗ୍ରାମବାସୀଙ୍କ ଜିଲ୍ଲାପାଳଙ୍କୁ ଅଭିଯୋଗ

**ଭେଡେନ, ୨୫।୧୨(ସମିସ):** ଭେଡେନ ବ୍ଲକ ଅଧୀନ ରକ୍ଷୁଡା ପଞ୍ଚାୟତ ସ୍ଥିତ ଧାତୁକପାଲିର ଗ୍ରାମବାସୀ ଗାଁରେ କଙ୍କ୍ରିଟ କାମ ଅତି ନିମ୍ନମାନ ହେଉଥିବା ବରଗଡ଼ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିବା ସହ ଏହାର ତଦନ୍ତ କରିବାକୁ ଦାବି କରିଛନ୍ତି। ଡବ୍ଲ୍ୟୁଓଡିସି ୨୦୨୪-୨୫ ତରଫରୁ ଧାତୁକପାଲି ରାସ୍ତା କଙ୍କ୍ରିଟ କରଣ ପାଇଁ ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। କଙ୍କ୍ରିଟରାସ୍ତା ନିର୍ମାଣ ସମୟରେ ପାଣି ନିଷ୍କାସନ ପାଇଁ ଗାଁରେ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ବିଡିଓ କର୍ଣ୍ଣ ସୁନା ସେତେବେଳେ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ସମାଧାନ କରିଥିଲେ। ଗାଁରେ ଥିବା ପୁରୁଣା ଡ୍ରେନକୁ ଭାଙ୍ଗି ନୂତନ ଡ୍ରେନ ହରିଜନ ପଡ଼ା ଠାରୁ ଗାଁ ମୁଣ୍ଡ ଯାଏଁ କରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅବଶିଷ୍ଟ ଟଙ୍କାରେ କଙ୍କ୍ରିଟରାସ୍ତା ନିର୍ମାଣ ପାଇଁ କହିଥିଲେ। ହେଲେ ଠିକାଦାର ବିଡିଓଙ୍କ ନିର୍ଦ୍ଦେଶକୁ ନ ମାନି ମନମୁଖୀ ଭାବେ ତରବରିଆ ଭାବେ ବ୍ଲକ ସରକାରୀ ନିର୍ବାହୀ ଯନ୍ତ୍ରୀ, ଜେଇଙ୍କ ଅନୁପସ୍ଥିତରେ ରାସ୍ତା କାମ ନିର୍ମାଣ କରିବା ସହିତ ରାସ୍ତା ତିଆରି କରିବାର ନୀତିନିୟମ ପାଳନ ନକରି ମନମୁଖୀ ରାସ୍ତା ନିର୍ମାଣ କରିଥିଲେ। ଫଳରେ ଗାଁର ଡୋଳାମଣି ରଣା, ନଗେଶ୍ୱର ବେହେରା, ଡିୟୁମତସେନ ରଣାଙ୍କ ସମେତ ଗ୍ରାମବାସୀ ମାନେ ଉପସ୍ଥିତ ରହି ଅଭିଯୋଗ ଥିଲେ।